ରାଜକନ୍ୟାର ଦୁଃଖ

ବିଭୂତି ପଟ୍ଟନାୟକ

Digitized by srujanika@gmail.com

ରାଜକନ୍ୟାର ଦୁଃଖ

ବିଭୂତି ପଟ୍ଟନାୟକ

Lark Books
ଲାର୍କ ବୁକ୍ସ

Digitized by srujanika@gmail.com

ରାଜକନ୍ୟାର ଦୁଃଖ

ବିଭୂତି ପଟ୍ଟନାୟକ

ପ୍ରକାଶକ

ଲାର୍କ ବୁକ୍ସ
ସୁବର୍ଣ୍ଣରେଖା ଚାମ୍ବର୍ସ
ଭୌମ ନଗର
ଭୁବନେଶ୍ୱର ୭୫୧ ୦୦୧

ପ୍ରଥମ ପ୍ରକାଶ

୧୯୯୫

ସ୍ୱତ୍ୱାଧିକାରୀ

ସୁରପ୍ରଭା ପଟ୍ଟନାୟକ

ପ୍ରଚ୍ଛଦ

ସଂପଦ ମହାପାତ୍ର

ଟାଇପସେଟିଂ

ଓଁକାର ଡିଟିପି ସେଣ୍ଟର୍
ଆଚାର୍ଯ୍ୟ ବିହାର
ଭୁବନେଶ୍ୱର ୭୫୧ ୦୧୩

ମୁଦ୍ରଣ

ଶୋଭନ
ଆଚାର୍ଯ୍ୟ ବିହାର
ଭୁବନେଶ୍ୱର ୭୫୧ ୦୧୩

ମୂଲ୍ୟ

ପଞ୍ଚଷଠି ଟଙ୍କା

RAJAKANYARA DUHKHA

Bibhuti Pattanayak

Publisher

LARK BOOKS
Subarnarekha Chambers
Bhauma Nagar
Bhubaneswar 751 001

First Edition

1995

Copyright

Suraprava Pattanayak

Cover

Sampad Mohapatra

Typesetting

Omkar DTP Centre
Acharya Vihar
Bhubaneswar 751 013

Printed at

SHOVAN
Acharya Vihar
Bhubaneswar 751 013

Price

Rs. 65.00

ISBN : 81-7375-009-2

Digitized by srujanika@gmail.com

ସୂଚୀ

ରାଜକନ୍ୟାର ଦୁଃଖ	୧
ଶୂନ୍ୟ ସେତୁ	୮
ଭଗ୍ନ ଭାବମୂର୍ତ୍ତୀ	୧୬
ସେ ଦିନେ ମନ୍ତ୍ରୀ ଥିଲେ	୨୩
ଜତୁ ଗୃହ	୩୨
ତଳେ ମାଟି ଉପରେ ଆକାଶ	୪୦
ହଳଦି ବର୍ଣ୍ଣର ଦୁଃଖ	୪୮
କଣ୍ଟା କୁସୁମ	୫୭
ଅଳୀକ ସ୍ୱପ୍ନ	୬୫
ସ୍ୱାମୀ-ସ୍ତ୍ରୀ	୭୧
ସୁଧାକରର ସଂସାର	୮୩
ମୋତି ନାନୀ	୯୦
ଅନେକ ଚାପା ଦୀର୍ଘଶ୍ୱାସ	୯୬
ବନବାସ	୧୦୪
ରାସପୂର୍ଣ୍ଣମୀର ରାତି	୧୧୪
ମଧ୍ୟବର୍ତ୍ତୀ ଶୂନ୍ୟତା	୧୨୧
ସତ୍ୟ ନ ହେଲେ ବି ଗଳ୍ପ ନୁହେଁ	୧୨୯
ଦୁଇ ସଂଗାତ	୧୩୫
ବିପନ୍ନ ବିବେକର ବର୍ଣ୍ଣମାଳା	୧୪୨

Digitized by srujanika@gmail.com

ଏହି ଲେଖକଙ୍କର

ଉପନ୍ୟାସ

ନାୟିକାର ନାମ ଶ୍ରାବଣୀ
ଚପଳଛନ୍ଦା
ବଧୂ ନିରୂପମା
ଅଶ୍ୱମେଧର ଘୋଡା
ଏଇ ଗାଁ ଏଇ ମାଟି
ସୁଲତାନା
ଦୀପ ତଳର ଦୃଶ୍ୟ
ପ୍ରେମିକା
ଅସବର୍ଣ୍ଣ
ଧୂଳି ଘର
ଅଶ୍ରୁମୁଖୀ
ଓଦା ମାଟିର ସ୍ୱର୍ଗ

ଗଳ୍ପ ସଂକଳନ

ଆଖି ବୁଜିଦେଲେ ସତ୍ୟ ଯୁଗ
ଶ୍ରେଷ୍ଠ ଗଳ୍ପ
ମନ ଭଲ ନାହିଁ

ସାହିତ୍ୟ ସମାଲୋଚନା

ଓଡିଆ ଉପନ୍ୟାସର ସମାଜତାତ୍ତ୍ୱିକ ରୂପରେଖ
ବିଶ୍ୱ ସାହିତ୍ୟର ବିଶ୍ୱକର୍ମା
ସାହିତ୍ୟର ସୂଚୀପତ୍ର

Digitized by srujanika@gmail.com

ରାଜକନ୍ୟାର ଦୁଃଖ

ପ୍ରଥମ ଦେଖାରେ ତାକୁ ଚିହ୍ନିପାରି ନଥିଲି। ଚିହ୍ନିବା ସହଜ ନ ଥିଲା। ସାତ-ଆଠ ବର୍ଷର ବିସ୍ମୃତିର ଧୂଳି ମାଟି ଜମିଯାଇ ସବୁ ଅସଷ୍ଟ, ଅଦୃଶ୍ୟ କରି ଦେଇଥିଲା।

ସେ ଖୁବ୍ ଲମ୍ବା ହୋଇ ଯାଇଥିଲା। ତରଙ୍ଗିତ ଯୌବନର ମାଂସଳ ଲାବଣ୍ୟ ତାକୁ ପରିପୂର୍ଣ୍ଣ ଯୁବତୀ କରିଦେଇଥିଲା। ଈଷତ୍ ନୀଳ ଆଖି ତୋଳା ଆଉ ଗହଳ ଭ୍ରୂଲତାର ଅସ୍ଥିର ଆଲୋଡ଼ନରେ ଏପରି ଏକ ବନ୍ୟହରିଣୀର ଚଞ୍ଚଳତା ଫୁଟି ଉଠୁଥିଲା ଯେ ମୁଁ ସ୍ଥିର ଭାବରେ କିଛି ସମୟ ତା' ମୁହଁକୁ ଚାହିଁ ଚିହ୍ନିବାର ଚେଷ୍ଟା ମଧ କରିପାରୁ ନଥିଲି।

ବର୍ଣ୍ଣାସ୍ୟରେଣା ଭଳି ଥିଲା ତା'ର ହସ। ମୁଁ ଯେ ତାକୁ ଚିହ୍ନପାରୁ ନାହିଁ, ଏଇଟା ଯେପରି ଥିଲା ତା' ପାଇଁ ଖୁବ୍ ବିସ୍ମୟ ଆଉ କୌତୂହଳର କଥା !

ତା'ପଛପଟେ ଠିଆହୋଇଥିବା ଲଜ୍ଜା-କୁଣ୍ଠିତ, ଅପ୍ରତିଭ ତରୁଣଟି ଆଡକୁ ମୁହଁ ବୁଲାଇ ସେ ମୋତେ ତା'ର ଗଭାରେ ଖୋସି ଥିବା ଲାଲ୍ ଫୁଲ ଗୁଚ୍ଛର ସୌନ୍ଦର୍ଯ୍ୟ ଦେଖାଇଲା।

ତା'ପରେ ସେଇ ଯୁବକକୁ ଲକ୍ଷ୍ୟ କରି କହିଲା-ଦେଖ୍, ବାବୁ ମତେ ଚିହ୍ନିପାରୁ ନାଇଁ, କି ମଜା !

ତା' ପଛରେ ଠିଆ ହୋଇଥିବା ଯୁବକକୁ ମଧ ମୁଁ କେବେ ଆଗରୁ ଦେଖିଥିବା ଭଳି ମନେ ପଡୁ ନଥିଲା।

ମୁଁ କହିଲି-ଚିହ୍ନା ଅଚିହ୍ନାରେ କ'ଣ ଅଛି ? ମତେ କହ- ମୋ ପାଖରେ ତୋର କ'ଣ କାମ ?

ଏଥର ସେଇ ଶ୍ୟାମାଙ୍ଗୀ ଯୁବତୀ ଅର୍ଦ୍ଧ-ମୁକୁଳିତ ହସର ଗୋଟିଏ ସ୍ତବକ ତା' ତଳଓଠରେ ଧରିରଖି ଚୁପ୍ ହୋଇ ଠିଆ ହୋଇ ରହିଲା।

ଯୁବକଟି ଗଳାସଫା କହିଲା- ସାର୍ ! ମାଳ ମୋର ସ୍ତ୍ରୀ। ତା'ର ମାଆ କୁଆଡେ ଆପଣଙ୍କ ଘରେ ବାସନ ମାଜୁଥିଲା। ତା' ବାହାଘରକୁ ଆପଣ ଗୋଟାଏ ଶାଢ଼ୀ ଦେଇଥିଲେ....କାଳେ ଆପଣ ତାକୁ ଚିହ୍ନି ପାରିବେ ନାଇଁ ବୋଲି ସେ ସେଇ ଶାଢ଼ୀ ପିନ୍ଧି ଆସିଛି।

Digitized by srujanika@gmail.com

ମାଇ !
ଏଇ ଅପର୍ଣ୍ଣି ମାଝିର ଝିଅ ମାଇ !

ମୁଁ ଏକ ମୃଦୁ ଧକ୍କା ଖାଇଲା ଭଳି ଚମକି ଉଠି ତା' ପରେ ନିଜକୁ ସମ୍ଭାଳି ନେଲି। ମୋ ମୁହଁର ଭାବାନ୍ତର ଦେଖି ମାଇର ଓଠରେ ସ୍ଥିର ବିଦ୍ୟୁତ୍ ରେଖା ଭଳି ଅଟକି ରହିଥିବା ସେଇ ଅର୍ଦ୍ଧ-ମୁକୁଳିତ ହସ ଧୀରେ ଧୀରେ ତ'ର ସାରା ମୁହଁକୁ ସଂପ୍ରସାରିତ ହୋଇଗଲା।

ସେ ଚଟକିନା ମୋ ପାଦତଳେ ଗୋଟିଏ ମୁଣ୍ଡିଆ ମାରି ତା' ବରକୁ କହିଲା:

- ଗଛ ଭଳି ଠିଆହୋଇ ରହିଲୁ କ'ଣ ? ବାବୁଙ୍କୁ ପ୍ରଣାମ କର।

ମୁଁ ଥାଉ ଥାଉ ବୋଲି କହୁ କହୁ ଟିପା ପ୍ୟାଣ୍ଟ୍ ପିନ୍ଧିଥିବା ସେଇ ରୋଗା ଚେହେରାର ଯୁବକ ମୋ ପାଦ ଛୁଇଁ ପ୍ରଣାମ କଲା।

ସେତେବେଳକୁ ବୋଉ ଆସି ମୋ ପଛପଟେ ଠିଆ ହୋଇଥିଲା।

ମୁଁ ତାକୁ କିଛି କହିବା ଆଗରୁ ସେ କହିଲା-

- କିଏ ? ସାବୀର ଝିଅ ନା ! କେଡ଼ୁଟାଏ ହୋଇ ଗଲୁଣି ଲୋ ! ତୋ ପାଖରେ କିଏ / ତୋ' ବର ? ପାଖକୁ ଆଇଲୁ-ମୋ ଆଖିକୁ ଭଲ କରି ଦେଖାଯାଉନି।

- ଦେଖିଲ ବାବୁ ! ମାଆ ଆଖିକୁ ଦେଖାଯାଉନି- ତଥାପି ସେ ମୋ ଗଳାର ସ୍ୱର ବାରି ଚିହ୍ନିପାରିଲା- ଆଉ ତୁମେ ?

ତା' କଣ୍ଠରେ କିଛି ପରିମାଣରେ ଅଭିମାନ, କିଛି ପରିମାଣରେ ଦୁଃଖର ଅବଶୋଷ।

ମୁଁ ଅପ୍ରତିଭ ହୋଇ କହିଲି-

- ତୋର ସାତ ଆଠ ବର୍ଷ ହେଲା ଦେଖାନାହିଁ - ଚିହ୍ନିବି କେମିତି ?

- ବୋଉ ତ ଚାଲିଗଲା ଦୁଇ ବର୍ଷ ତଳେ। ଆମେ ନୂଆପଲ୍ଲୀରେ ରହୁଛୁ। ସେ ପାଖରେ ଗୋଟାଏ ବଡ଼ ହୋଟେଲ ହୋଇଛି। ସେମାନେ ଯା'କୁ କାମରେ ରଖିବେ। ଇଲେକ୍ଟ୍ରି ମିସ୍ତ୍ରୀ କାମ। ତମେ ଗୋଟାଏ ସାର୍ଟିଫିକେଟ ଲେଖିଦିଅ।

ମାଇ କଥା କହିସାରି ଚକାମାଡ଼ି ସିମେଣ୍ଟ ଖୁଣ୍ଟକୁ ଆଉଜି ବସିପଡ଼ିଲା।

- କି ସାର୍ଟିଫିକେଟ୍ ? ମୋ ସାର୍ଟିଫିକେଟ୍ ହୋଟେଲ ଚାକିରୀ ପାଇଁ କ'ଣ ଦରକାର ?

- ଆମକୁ ତ କେହି ଚିହ୍ନି ନାହାନ୍ତି। ଅଜଣା ଲୋକଙ୍କୁ ଚାକିରୀ ଦେବ କିଏ ? ଯା'ର ଚରିତ୍ର ଯେ ଭଲ ତମେ ତାକୁ ଚିହ୍ନିଛ.... ଯା'ର ସ୍ୱଭାବ ଚରିତ୍ର ସମ୍ପର୍କରେ ସୁପାରିଶ କରି ଗୋଟାଏ କାଗଜ ଲେଖିଦିଅ-

ତା'ପରେ ତା'ର ବରକୁ ଲକ୍ଷ୍ୟ କରି କହିଲା - ଖୁଣ୍ଟ ଭଳିଆ ଠିଆ ହୋଇ ରହିଲୁ କାହିଁକି ? ବାବୁଙ୍କୁ କହୁନୁ....

ମୋର ଧାରଣା ହୋଇଥିଲା, ସମ୍ଭବତଃ ସେ ଇଲେକ୍ଟ୍ରି ମିସ୍ତ୍ରୀ ଭାବରେ

Digitized by srujanika@gmail.com

ତା'ର କର୍ମ-ଦକ୍ଷତା ସମ୍ପର୍କରେ ଗୋଟାଏ ସୁପାରିଶପତ୍ର ଚାହୁଁଛି। ଇଲେକ୍ଟ୍ରିସିଆନ୍ ଭାବରେ ସେ ଭଲ କାମ ଜାଣେ କି ନାହିଁ; ତା' ମୋର ଜାଣିବାର କଥା ନୁହେଁ। ତେଣୁ ସେଭଳି ସାର୍ଟିଫିକେଟ ଦେବା ମୋ ପକ୍ଷରେ ସମ୍ଭବ ନ ଥିଲା। କିନ୍ତୁ ମାଳର କଥାରୁ ବୁଝିଲି ସେ ତା'ର ସ୍ୱାମୀ ସମ୍ପର୍କରେ ଗୋଟାଏ କ୍ୟାରେକ୍ଟର ସାର୍ଟିଫିକେଟ ଚାହୁଁଛି।

ମୋର ଦ୍ୱିଧାଭାବ କଟିଗଲା।

ତଥାପି ତା'ର ଚରିତ୍ର ସମ୍ପର୍କରେ ସୁପାରିଶପତ୍ର ଲେଖିବା ଆଗରୁ ମୁଁ ତାକୁ ଲଘୁ ପରିହାସରେ କହିଥିଲି- ତୋ' ବର ଯାଦବର ସ୍ୱଭାବ ଚରିତ୍ର ଭଲ କି ନୁହେଁ; ଏକଥା ମୁଁ କେମିତି ଜାଣିବି ? ମଦ ତ ନିଶ୍ଚୟ ପିଉଥିବ- ଆଉ ଚୋରୀ-ନାରୀ....

ଜିଭ କାମୁଡ଼ି ପକାଇ ମାଳ କହିଲା- ନାହିଁ ବାବୁ! ଆଖି ଛୁଉଁଛି, ସେ ମଦପିଆ ବି ଛାଡିଦେଇଛି ଥରେ ପିଇ କରି ଆସିଥିଲା ଯେ, ମୁଁ ତାକୁ ଘରେ ପୂରାଇଲି ନାହିଁ- ଭିତରପଟୁ ତାଟି ଦେଇ ଦେଲି....

ତା'ର ଜିଭ କାମୁଡ଼ା ଆଉ ଆଖି ଛୁଆଁର ଭଙ୍ଗୀ ଭିତରେ ସାତ ଆଠ ବର୍ଷର ତଳର କିଶୋରୀ ମୂର୍ତ୍ତି ମତେ ଦିଶିଗଲା।

ବାସନମଜା, ଘରପୋଛା, ଲୁଗାକଚା କାମ କରିବାକୁ ଆସୁଥିବା ତା'ର ମାଆର ଶାଢ଼ୀ କାନି ଧରି ସେ ଯେମିତି ଡରି ଡରି ଆମ ଘର ଭିତରକୁ ପଶୁଛି- ମୁଣ୍ଡରେ ଝାମ୍ପୁରା ବାଳ- ଆଖିର ଡୋଳା କଳା ରଙ୍ଗ ବଦଳରେ ଈଷତ୍ ନୀଳ - ବାମ ହାତରେ ଚିତାକୁଟା - ମାଆ ତା'ର ବାସୀକାମ କଲାବେଳେ ସେ ବୋଉ ପାଖରେ ବସି ରୁଟି କି ପାଉଁରୁଟି ଖାଉଛି....ଗଲାବେଳେ ପଚାରୁଛି, ମତେ ତ ରୁଟି ଦେଲ - ଆଉ ମୋ ବୋଉ ପାଇଁ ?

ଅପର୍ତ୍ତି ମାଝି ଫୁଲବାଣୀର ଆଉ ଦଶଜଣ ଆଦିବାସୀଙ୍କ ଭଳି ଜୀବିକା ଅନ୍ୱେଷଣରେ କ୍ୟାପିଟାଲ୍ ଆସିଥିଲା। ସେତେବେଳକୁ ସାବୀର କୋଳ ଖାଲି। ମାଳ ଜନ୍ମ ହୋଇନି। ତା' ସାଙ୍ଗରେ ଆସିଥିବା ଆଉ ଅନ୍ୟ ଧାଂଡ଼ାଙ୍କ ଭଳି ସେ ରିକ୍ସା ଟାଣିବାକୁ କି ମାଟିକାମ କରିବାକୁ କ୍ୟାପିଟାଲ ଆସି ନଥିଲା। ଫୁଲବାଣୀରେ ସେ କିଛିଦିନ ବସ୍‌ର କଣ୍ଡକ୍ଟର ଥିଲା। ଅଳ୍ପ ଅଳ୍ପ ଡ୍ରାଇଭିଂ ଶିଖିଥିଲା। ଭୁବନେଶ୍ୱରରେ ସେ ହୋଇଥିଲା ଗୁପ୍ତା ଟ୍ରାନ୍ସପୋର୍ଟ କମ୍ପାନୀ ମାଲିକ ସତୀଶ ଗୁପ୍ତାଙ୍କ ଜିପ୍ ଚାଳକ!

ସତୀଶ ଗୁପ୍ତା ଅପର୍ତ୍ତିକୁ ମୋଟା ଟଙ୍କାରି ଦରମାରେ ଜିପ୍ ଡ୍ରାଇଭର ଭାବରେ ନିଯୁକ୍ତି ଦେଇଥିଲେ; କାରଣ ସେ ଥିଲା ଏକାନ୍ତ ବିଶ୍ୱାସୀ ଏବଂ ପ୍ରଭୁଭକ୍ତ। ତାର ଚରିତ୍ରର ଏହି ସୁଗୁଣ ପାଇଁ ତାକୁ ଯଥେଷ୍ଟ ମୂଲ୍ୟ ଦେବାକୁ ପଡ଼ିଥିଲା। ମିଷ୍ଟର ଗୁପ୍ତା ଥିଲେ ଜଣେ କୁଶଳୀ ଚୋରା ବ୍ୟବସାୟୀ। ଥରେ ଜିପ୍‌ରେ ବେଆଇନ୍ ଅଫିମ ଆଉ ଗଞ୍ଜେଇ ପ୍ୟାକେଟ ଭର୍ତ୍ତି କରି ସେ ତାକୁ ଡ୍ରାଇଟିଯର ପଠାଇଥିଲେ।

Digitized by srujanika@gmail.com

ଚୋରା ଅଫିମ କଥା ହୁଏତ ଅପରିଁକୁ ଜଣା ନଥିଲା; କିନ୍ତୁ ତା'ର ମାଲିକର କଡ଼ା ନିର୍ଦ୍ଦେଶ କଥା ମନେଥିଲା। ଯେ କୌଣସି ମତେ ଜିପ୍‌ରେ ଥିବା ପ୍ୟାକେଟ୍ ଓଡ଼ିଶା ସୀମାନ୍ତ ଅତିକ୍ରମ କରି ଡ୍ରାଇଟିଯର ପହଞ୍ଚାଇ ଦେବାକୁ ହିଁ ହେବ। ପୋଲିସ୍ ବାଧା ଦେଲେ ମଧ୍ୟ ସେ ଯେପରି ଅଟକି ନ ରହେ!

ପଲାଶାରେ ପହଞ୍ଚିବା ପୂର୍ବରୁ ହିଁ ସନ୍ଦେହ କରି ସଶସ୍ତ୍ର ପୋଲିସ ସର୍ଚ୍ଚ କରିବା ପାଇଁ ଜିପ୍ ଅଟକାଇବାକୁ କହିଥିଲେ। ମାଲିକର ଆଦେଶ ସ୍ମରଣ ରଖି ସେ ପୋଲିସ ଆଦେଶ ଅମାନ୍ୟ କରି ଜିପ୍ ଚଳାଇନେବାକୁ ଚେଷ୍ଟା କରିଥିଲା। ଫଳରେ ପୋଲିସ ଗୁଳିରେ ପ୍ରାଣ ହରାଇଥିଲା ଅପରିଁ ମାଝି।

ସେତେବେଳକୁ ବ୍ରାଉନ୍ ସୁଗାର କିମ୍ବା ସେହିଭଳି ଅନ୍ୟ ମାଦକଦ୍ରବ୍ୟ ଓଡ଼ିଶାକୁ ଆସି ନ ଥିଲା। ଅଫିମ, ଗଞ୍ଜାଇ ଥିଲା ବେଆଇନ ଅବକାରୀ ନିଶା ଦ୍ରବ୍ୟ। ମାଳର ବୟସ ସେତେବେଳେ ପାଞ୍ଚ କି ଛଅ!

ସେଇ ମାଳ ତା'ର ସ୍ୱାମୀ ପାଇଁ ଗୋଟାଏ କ୍ୟାରେକ୍ଟର ସାର୍ଟିଫିକେଟ ଚାହୁଁଛି।

ଯାଦବକୁ ଜାଣି ନ ଥିଲେ ମଧ୍ୟ ମୁଁ ତାକୁ ଗତ ପାଞ୍ଚବର୍ଷ ଧରି ଜାଣେ ଏବଂ ସେ ଜଣେ ସତ୍, କର୍ମନିଷ୍ଠ, ସଚ୍ଚରିତ୍ର ଯୁବକ ବୋଲି ଉଲ୍ଲେଖ କରି ମୁଁ ଗୋଟାଏ ସୁପାରିଶ ପତ୍ର ଲେଖି ଦେଇଥିଲି।

ଆନନ୍ଦରେ ସେ କାଗଜ ନିଜ ବର ହାତକୁ ବଢ଼ାଇ ଦେଇ ମାଳ କହିଥିଲା- ଦେଖିଲୁ; ମୁଁ କ'ଣ କହୁଥିଲି! ବାବୁ ମୋ କଥା ଭାଙ୍ଗିଦେବେ ନାହିଁ। ଯା, ବାବୁଙ୍କ ପାଦତଳେ ଆଉ ଗୋଟିଏ ମୁଣ୍ଡିଆ ମାର୍।

ମାଳ ଆଉ ତା'ର ସ୍ୱାମୀ ଚାଲିଗଲା ପରେ କେଜାଣି କାହିଁକି ଅପରିଁ ଆଉ ସାବୀ କଥା ମୋର ବାରମ୍ବାର ମନେ ପଡ଼ିଥିଲା। ଅନ୍ୟ କାମରେ ମନ ଦେବାକୁ ଚେଷ୍ଟା କରି ମଧ୍ୟ ମୁଁ ପାରି ନଥିଲି।

ବୋଉ କହିଲା- ମାଳ ତା' ମାଆର ଠିକ୍ ଓଲଟା ଗୁଣ ପାଇଛି। ସାବୀ ଯେତିକି ଶାନ୍ତ ଥିଲା, ମାଳ ସେତିକି ତେଜୀୟାନ୍। ବରକୁ କାନ ଧରି ବସ୍ ଉଠ୍ କରାଉଛି! ଆଦିବାସୀ ଝିଅ ବୋଲି ମୋତେ ଜାଣି ହେଉନି।

ବୋଉର ଅନୁମାନ ଅନେକାଂଶରେ ସତ୍ୟ। ସାବୀ ଥିଲା ଅପରିଁର ସେବା ଦାସୀ ଭଳି। ସ୍ୱାମୀକୁ ବୁଝାଇଥିଲା, କ'ଣ ଦରକାର ଜାତିଭାଇଙ୍କୁ ଛାଡ଼ି କମ୍ପାନୀରେ ଚାକିରୀ କରିବା! ଅନ୍ୟମାନେ ମାଟିକାମ କରି ଭଲରେ ଚଳି ଯାଉଛନ୍ତି। ଯଦି ନିହାତି ଡ୍ରାଇଭର ଚାକିରି କରିବା କଥା - ସରକାରୀ ବସ୍‌ରେ ଡ୍ରାଇଭର ହଅ। ମଟର କମ୍ପାନୀ ବାବୁ ମତେ ଭଲ ମଣିଷ ଭଳି ଜଣାପଡୁନି।

ଅପରିଁ ସ୍ତ୍ରୀର କଥା ଶୁଣି ନଥିଲା। ସତୀଶବାବୁ କେବଳ ତାକୁ ଭଲ ଦରମା ଦେଇ ନଥିଲେ, ରହିବା ପାଇଁ ଘର ଆଉ ପିଇବା ପାଇଁ ମଦ ନିୟମିତ

Digitized by srujanika@gmail.com

ଯୋଗାଉ ଥିଲେ। ଲୋଭରେ ପଡ଼ି ଯାଇଥିଲା ଅପର୍ଣ୍ଣି। ସ୍ତ୍ରୀର କଥାରେ କାନ ଦେଉନଥିଲା। ତା'ର ଫଳ ତାକୁ ହିଁ ଭୋଗ କରିବାକୁ ହେଲା।

ଜାଣି ନଥିବା ଲୋକ ମାଙ୍କର ବେଶପୋଷାକ ଦେଖି ଆଦିବାସୀ ଝିଅ ବୋଲି ଅନୁମାନ କରିବା କଷ୍ଟ। ପ୍ରିଣ୍ଟ୍ ଶାଢ଼ୀ, ଶାୟା, ବ୍ଲାଉଜ୍, ବ୍ରେସିୟାର ପିନ୍ଧି ସେ କଲେଜ ଛାତ୍ରୀ ଭଳି ଦେଖାଯାଉଛି। ସେଥିପାଇଁ ତାକୁ ଏତେ ବର୍ଷ ପରେ ଦେଖି ମୁଁ ଆଦୌ ଚିହ୍ନି ପାରି ନଥିଲି।

କିନ୍ତୁ ମୁଁ ଲକ୍ଷ୍ୟ କରିଥିଲି, ବାପ ଝିଅଙ୍କ ଭିତରେ ଗୋଟିଏ କଥାରେ ଖୁବ୍ ମେଳ ଅଛି- ଅତିରିକ୍ତ ଉଚ୍ଚାକାଂକ୍ଷା ! ଅପର୍ଣ୍ଣି ଚାହିଁଥିଲା, ଫୁଲବାଣୀରୁ ଆସିଥିବା ଅନ୍ୟ ଆଦିବାସୀ ଯୁବକଙ୍କୁ ପଛରେ ପକାଇ ବେଶୀ ବେଶୀ ଟଙ୍କା ରୋଜଗାର କରି ସେ କ୍ୟାପିଟାଲର ବାବୁ ହୋଇଯିବ; ମାଙ୍କ ମଧ ଚାହୁଁଛି ତା'ର ବର ପଞ୍ଚତାରକା ଚିହ୍ନିତ ହୋଟେଲରେ ମିସ୍ତ୍ରୀ ଚାକିରୀ କରି ବେଶୀ ଟଙ୍କା ରୋଜଗାର କଲେ ସେ ରାଜଧାନୀର ରାଜକନ୍ୟା ହୋଇଯିବ !

ସାବୀ କିନ୍ତୁ ଥିଲା ଅଲଗା ଉପାଦାନରେ ଗଢ଼ା ମଣିଷ। କାମ ଥିଲା ତା'ର ଖୁବ୍ ପରିଚ୍ଛନ୍ନ, ଅଭାବ ତା'ର ସ୍ୱଭାବ ନଷ୍ଟ କରି ପାରି ନ ଥିଲା। ଆମ ଘରେ ଯେତେ ଦିନ ସେ କାମ କରିଥିଲା, କୌଣସି ଦିନ ଛୋଟ ଜିନିଷଟିଏ ସୁଦ୍ଧା ଆମ ଘରୁ ଏପାଖ ସେପାଖ ହୋଇ ନଥିଲା। ସେଥିପାଇଁ ଝିଅ ବାହାଘର ବେଳେ ଆମ ଘରକାମ ଛାଡ଼ି ଦେଇଥିଲେ ମଧ ଯେତେବେଳେ ଶାଢ଼ୀ ଖଣ୍ଡେ ମାଗିବାକୁ ଆସିଥିଲା, ବୋଉ ବିନା ଦ୍ୱିଧାରେ ଖଣ୍ଡେ ପ୍ରିଣ୍ଟ୍ ସିଲ୍କ ଶାଢ଼ୀ କିଣି ଦେଇଥିଲା।

ବର ହୋଟେଲରେ ଚାକିରୀ ପାଇଲା ପରେ ଥରେ ଖବର ଦେବାକୁ ଆସିଥିଲା ମାଙ୍କ। ମୁଁ ଘରେ ନଥିଲି। ଦେଖା ହୋଇ ନଥିଲା ତା' ସହିତ।

ବୋଉ କହିଲା- ଜାଣୁ, ତୋ' ସୁପାରିଶ ଯୋଗୁଁ ତା' ବର ଚାକିରୀ ପାଇଛି ବୋଲି ମାଙ୍କ ଖୁବ୍ ଖୁସି। ବାରମ୍ବାର ରାଣ ନିୟମ ପକାଇ କହି ଯାଇଛି- ମତେ ନେଇ ତୁ ଥରେ ସେ ହୋଟେଲକୁ ଯିବୁ। ସେ ଆମ ଦୁହିଁଙ୍କୁ ନିଜ ଖର୍ଚ୍ଚରେ ଖୁଆଇବ। କେବେ ଯିବା କହିଲେ ସେ ଆସି ଆମକୁ ନେଇ ଯିବ।

ପ୍ରସ୍ତାବକୁ ହସି ହସି ମୁଁ ଏଡ଼ାଇ ଯାଇଥିଲି। ତା'ର ସାଙ୍ଗ ସାଥୀମାନେ ବାହାଚୋରା ହୋଇ କାହାଘରେ ବାସନ ମାଜି, ଲୁଗା କାଚି ନିଜର ଗୁଜୁରାଣ ମେଣ୍ଟାଉଥିବାବେଳେ ସେ ଯେ ଆମକୁ ପଞ୍ଚତାରକା ହୋଟେଲରେ ଲଞ୍ଚ୍-ଡ଼ିନର ଖାଇବାକୁ ନିମନ୍ତ୍ରଣ କରିବା ଅବସ୍ଥାରେ ପହଞ୍ଚିସାରିଛି; ସେ କଥା ଜାଣି ମୁଁ ଖୁବ୍ ଉଲ୍ଲସିତ ହୋଇଥିଲି।

ତା'ପରେ ଅପର୍ଣ୍ଣି ଆଉ ସାବୀ ଭଳି ମାଙ୍କ ଆଉ ଯାଦବର କଥା ଧୀରେ ଧୀରେ ମୁଁ ଭୁଲି ଗଲି। ଆମ ଘରେ ଯେଉଁ ନୂଆ ସ୍ତ୍ରୀ ଲୋକଟି ବାସୀ କାମ

Digitized by srujanika@gmail.com

କରେ ସେ ଥରେ ଥରେ କହେ- ତାଙ୍କ ସହରତଳି ଅଞ୍ଚଳକୁ ମଝିରେ ମଝିରେ ବୁଲି ଆସେ ମାଳ। ରାସ୍ତା ଉପର ଦୋକାନରୁ ଲଜେନ୍ସ କିଣି ବସ୍ତିର ପିଲାମାନଙ୍କୁ ଖୁଆଏ। ସାଙ୍ଗସାଥିମାନଙ୍କ ସହ ଗପ କରି ଫେରିଯାଏ। ରାସ୍ତାରୁ ଓହ୍ଲାଇ କାହାରି ଝାଟିମାଟି ଘରର ଟାଟି ଖୋଲି ଭିତରକୁ ଯାଏ ନାହିଁ।

ବୋଉ ପଚାରେ- ହଇଲୋ ଶାରି! ବାହାଘର ତ ଚାରି ପାଞ୍ଚ ବରଷ ହୋଇଗଲାଣି। ମାଳର ପିଲାପିଲି କଅଣ ?

ଆମ ଘରର ନୂଆ କାମବାଲୀ ଶାରୀ ଆକାଶରୁ ପଡ଼ିଲା ଭଳି ବିସ୍ମିତ ହୋଇ କହେ - ଛୁଆପିଲା! ମାଳ ତ ରାସ୍ତାରେ ଚାଲିଗଲେ ଚାରିଆଡ଼ ମହମହ ବାସୁଛି - ପିଲାଛୁଆଙ୍କ ଘୁଅ ମୂତରେ ସେ ଘାଣ୍ଟି ହେବ କାହିଁକି ?

ବୋଉ ଶାରୀର କଥାର ରହସ୍ୟ ବୁଝିପାରେ ନାହିଁ। ମୁଁ ବୁଝେ। ମାଳର ସୌଭାଗ୍ୟରେ ସହରତଳି ଅଞ୍ଚଳର ତା'ର ପୂର୍ବତନ ପଡ଼ୋଶିନୀମାନେ ଈର୍ଷାର ନୀଳ ଅନଳରେ ଜଳୁଛନ୍ତି!

ଆଉ ଦିନେ ମୁଁ ସକାଳୁ ବସି ଚା' ପିଉଛି, ଖବରକାଗଜ ଉପରେ ଆଖି ବୁଲାଉଛି, ବୋଉ ଆସି କହିଲା - ତତେ କାହିଁକି ମାଳ ଖୋଜୁଛି।

ମାଳ ମତେ କାହିଁକି ଖୋଜୁଛି ? ପଞ୍ଚତାରକା ହୋଟେଲରେ ମଧ୍ୟାହ୍ନ ଭୋଜନର ନିମନ୍ତ୍ରଣ!

ମୁଁ ଖବରକାଗଜ ଓ ଚା' କପ୍ ହାତରେ ଧରି ଉଠିଗଲି।

ଆମ ଘର ବାରଣ୍ଡାରେ ଆଣ୍ଠୁମାଡ଼ି ବସିଥିଲା ମାଳ। ସକାଳର ହଳଦୀରଙ୍ଗର ଖରା ତା'ର ଘନ ମୁକୁଳା କେଶ ଆଉ ମୁହଁର ଗୋଟିଏ ଅଂଶରେ ବିଛାଡ଼ି ହୋଇ ପଡ଼ିଥିଲା। ଭାରି ବିଷଣ୍ଣ, କରୁଣ ଦେଖାଯାଉଥିଲା ତା'ର ମୁହଁ। ଆଖି ତଳେ ଲୁହର ଦାଗ।

-ତୋର କ'ଣ ହୋଇଛି ? କାନ୍ଦୁଛୁ କାହିଁକି ?

ମୋ କଥା ଶୁଣି ସୁଦ୍ଧା ସେ ଦୃଷ୍ଟି ଟେକି ମତେ ଚାହିଁଲା ନାହିଁ। ମୋ ମୁହଁକୁ ଚାହିଁଦେଲେ ସେ କାନ୍ଦି ପକାଇବ - ଏହିପରି ଥିଲା ତା'ର ଚାହାଣୀର ଭଙ୍ଗୀ।

କିଛି ସମୟ ଚୁପ୍ ଚାପ୍ ବସି ରହିବା ପରେ ନିଜକୁ ସମ୍ଭାଳି ନେଇ ସେ କହିଲା- ବାବୁ! ମତେ ଆଉ ଗୋଟାଏ କାଗଜ ଲେଖିଦିଅ-

-କ'ଣ ଲେଖିବି ?

-ଲେଖିଦିଅ ତା'ର ଚରିତ୍ର ଭଲ ନୁହେଁ। ବାରଶ ଟଙ୍କା ଦରମା ତାକୁ ଅଣ୍ଟୁ ନାହିଁ। ମତେ ହୋଟେଲ ବାବୁମାନଙ୍କ ପାଖରେ ଭଡ଼ା ଲଗାଇ ସେ ଆହୁରି ବେଶୀ ଟଙ୍କା ରୋଜଗାର କରିବାକୁ ଚାହୁଁଛି। ମଦ ପିଇ ମାତାଲ ହେଉଛି। କାଲି ରାତିରେ ଜଣେ ବାବୁଙ୍କ ରୁମ୍‌କୁ ଯୋର୍ କରି ମତେ ପଠାଉଥିଲା- ମୁଁ ଗଲି ନାହିଁ ବୋଲି ମତେ ମାରିଛି- ଦେଖ-

Digitized by srujanika@gmail.com

ମାଳ ବୁଲିପଡ଼ି ଶାଢ଼ୀ ଘୁଞ୍ଚାଇ ମତେ ତା' ପିଠିର ମାଡ଼ର ଦାଗ ଦେଖାଇଲା।

ଏ କ'ଣ କହୁଛି ମାଳ?

ପଞ୍ଚତାରକା ହୋଟେଲରେ ରହୁଥିବା ବାବୁମାନଙ୍କ ପାଖରେ ନିଜର ସ୍ତ୍ରୀର ଦେହକୁ ବିକ୍ରିକରି ତା' ବର ଟଙ୍କା ରୋଜଗାର କରିବାକୁ ଚାହୁଁଛି! ସ୍ତ୍ରୀ ରାଜି ହେଉନି ବୋଲି ତାକୁ ଏମିତି ଅମଣିଷଙ୍କ ଭଳି ମାଡ଼ ଦେଉଛି!

ମୁଁ ତା' ପିଠିକୁ ଆଉ ଚାହିଁ ନ ପାରି ଆଖି ବୁଜିଦେଲି। ସକାଳର ଉଜ୍ଜ୍ୱଳ, ହଳଦି ରଙ୍ଗର ଖରା ହଠାତ୍ ମଳିନ ପଡ଼ିଗଲା। ଚା' କପ୍ ଥଣ୍ଡା ହୋଇଗଲା। ଖବରକାଗଜ ହାତରୁ ଖସିପଡ଼ି ପବନରେ ଏଣେତେଣେ ଉଡ଼ିବାକୁ ଲାଗିଲା।

ମାଳ ରହି ରହି ସକେଇ ସକେଇ କାନ୍ଦି କାନ୍ଦି କହୁଥିଲା- ବାବୁ! ତମେ ଲେଖିଦିଅ- ସେ ଭଲଲୋକ ନୁହଁ। ତା'ର ସ୍ୱଭାବ ଚରିତ୍ର ଖରାପ। ସେଇଟା ପୁରୁଷ ନୁହଁ, ପାଷାଣ। ସ୍ୱାମୀ ନୁହଁ- ଶଇତାନ୍। ଯଦି ତମେ କାଗଜ ନେଖି ନ ଦବ- ତା' ଚାକିରୀ ନ ଯିବ- ମୁଁ ଏଇଠି ରହିବି-ବାସନ ମାଜିବି- ଘର ପୋଛିବି- ଲୁଗା କାଚିବି- ମୁଁ ଆଉ ତା' ପାଖକୁ ଯିବି ନାଇଁ-

ଚିକ୍‌ଚିକ୍ ଛାପା ଶାଢୀ, ବ୍ଲାଉଜ୍, ବ୍ରେସିୟାର୍ ପିନ୍ଧି, ମୁହଁରେ ପାଉଡ଼ର ଲାଗାଇ ରାଜଧାନୀର ରାଜକନ୍ୟା ସାଜିଥିବା ମାଳ ଭିତରୁ ତା'ର ଆଦିବାସୀ ଆତ୍ମା ହଠାତ୍ ପଦାକୁ ବାହାରି ଆସିଲା।

ଚିହ୍ନି ହୋଇଗଲା ସେ ସାବୀର ଝିଅ; ସରଳତା, ପବିତ୍ରତାର ଆଦିମ ପ୍ରତିମୂର୍ତ୍ତି!

ଅନେକଦିନ ଧରି ମୁଁ ରାଜଧାନୀର ରାଜକନ୍ୟାମାନଙ୍କ ମୁହଁର ହସ ଦେଖିଥିଲି; ସେ କୃତ୍ରିମ ହସର ଅନ୍ତରାଳରେ ଥିବା ଦୁଃଖର ଲୁହ ମତେ ଏଇ ପ୍ରଥମ ଦେଖାଇଦେଲା ମାଳ।

Digitized by srujanika@gmail.com

ଶୂନ୍ୟ ସେତୁ

ମାଷ୍ଟ୍ରମାନଙ୍କର ଗୋଟାଏ ଜନ୍ମଗତ ଭ୍ରାନ୍ତଧାରଣା ଯେ ତାଙ୍କର ଏକଦା ଛାତ୍ର ଯଦି କୌଣସି ଉଚ୍ଚ ପଦପଦବୀରେ ଆଜି ଅବସ୍ଥାପିତ ହୋଇଛି, ତାହାହେଲେ ତା' ହେଉଛି ତାଙ୍କର ଯତ୍ନରେ ପ୍ରଦତ୍ତ ଶିକ୍ଷାର ଫଳ! ଆଉ ସେ ଯଦି ବହ୍ମପୁର ହାଇସ୍କୁଲର ବ୍ରହ୍ମାନନ୍ଦବାବୁ ହୋଇଥାଆନ୍ତି, ତା'ହେଲେ ତ କଥା ସରିଲା!

ସେଦିନ ସଦ୍ୟ ଆଇ.ଏ.ଏସ୍ ପ୍ରାପ୍ତ, ପୂର୍ବତନ ଛାତ୍ର ଦିନନାଥର ହାତକୁ ଉଷ୍ମ ଆବେଗରେ ନିଜର ଶୀର୍ଣ୍ଣ, ଦୁର୍ବଳ ହାତମୁଠାରେ ଚାପିଧରି ସେ ଖୁବ୍ ଆବେଗ - ସନ୍ଦିତ କଣ୍ଠରେ କହିଲେ - ମୁଁ ଜାଣିଥିଲି - ତୁ ଦିନେ ଖୁବ୍ ଉପରକୁ ଉଠିବୁ - ଖୁବ୍ ବଡ଼ ମଣିଷ ହେବୁ - କ୍ଲାସରେ ତୁ ସବୁ ପିଲାଙ୍କ ଭିତରୁ ଅଲଗା ବାରି ହୋଇଯାଉଥିଲୁ....ମୁଁ ଖୁବ୍ ଖୁସି......ତୁ ଆହୁରି ଉପରକୁ ଉଠିବୁ.....ଆଜି ଆସିଷ୍ଟାଣ୍ଟ କଲେକ୍ଟର ହୋଇଛୁ.......କାଲି କଲେକ୍ଟର.......ପଅର ଦିନ ସେକ୍ରେଟେରୀ.....ଦେଖିବୁ ଚିଫ୍ ସେକ୍ରେଟେରୀ ନ ହୋଇ କେବେ ରିଟାୟାର କରିବୁ ନାହିଁ - ମୁଁ ବଞ୍ଚିଥାଏ କି ନ ଥାଏ!

ବ୍ରହ୍ମାନନ୍ଦ ସାର୍‌ଙ୍କର ଇଏ ଗୋଟିଏ ବଦଭ୍ୟାସ; ଥରେ କଥା କହିବା ଆରମ୍ଭ କଲେ ତା'ର ଆଉ ସହଜରେ ସମାପ୍ତି ନାହିଁ। ଅଥଚ ଏକଦା ହାଇସ୍କୁଲ ହେଡ୍‌ମାଷ୍ଟ୍ରଙ୍କର ଏ ପ୍ରଶସ୍ତିବାଣୀ ଶୁଣିବା ପାଇଁ ଦିନନାଥଙ୍କର ଆଜି ଆଉ କିଛି ଆଗ୍ରହ ନାହିଁ। ସମୟ ମଧ୍ୟ ନାହିଁ।

ଆସିଷ୍ଟାଣ୍ଟ କଲେକ୍ଟରରୁ ଚିଫ୍ ସେକ୍ରେଟେରୀ!

ବ୍ରହ୍ମାନନ୍ଦ ସାର୍ ଅମଲାତାନ୍ତ୍ରିକ ପଦୋନ୍ନତିର ଭାଗମାପ କ'ଣ ଜାଣନ୍ତି! ଏଇ କଟକ ସହରରେ ପୋଷ୍ଟିଂ ପାଇଁ ତାକୁ କେତେ ସମୁଦ୍ରରେ ସନ୍ତରଣ କରିବାକୁ ହୋଇଛି, କେତେଥର ନାକରେ କାନରେ ପାଣି ପଶିଯାଇଛି, ବୁଡ଼ିଯାଇ ତଳେ ଲାଗି ଯାଉ ଯାଉ ସେ ପୁଣି ଉପରକୁ ଭାସି ଉଠିଛି, ସେ କଥା କ'ଣ ବୁଝିବେ ବହ୍ମପୁରର ବ୍ରହ୍ମାନନ୍ଦ ସାର୍!

ତା'ର ତ ଫୁଲବାଣୀ ଜିଲ୍ଲାର କେଉଁ ଅପନ୍ତରା ମଫସଲି ସବ୍‌ଡ଼ିଭିଜନାଲ ହେଡ୍ କ୍ୱାର୍ଟରରେ ପୋଷ୍ଟିଂ ପାଇଁ ଫାଇଲ ଉପରକୁ ଚାଲି ଯାଇଥିଲା। ମୁଖ୍ୟମନ୍ତ୍ରୀ

Digitized by srujanika@gmail.com

ଦସ୍ତଖତ୍ କରିଦେବା ଆଗରୁ ସେ ମନ୍ତ୍ରୀ କାମପାଳ ବାବୁଙ୍କୁ ଧରି ଫୁଲବାଣୀରୁ କଟକ ଫେରି ଆସିଲା ! ବ୍ରହ୍ମାନନ୍ଦ ସାର ବୋଧହୁଏ ଆଇ.ଏ.ଏସ୍ ଚାକିରୀକୁ ବ୍ରିଟିଶ ଶାସନ କାଳର ଆଇ.ସି.ଏସ ଚାକିରୀ ବୋଲି ଭାବିଛନ୍ତି ! କାହିଁ ରାଣୀ, କାହିଁ ଚନ୍ଦରକାଣୀ !

କିନ୍ତୁ ଯାହାହେଲେ ବି ତ ସେ ଜଣେ ଆଇ.ଏ.ଏସ୍.ଅଫିସର ! ସେଥିରେ ଯଦି ବ୍ରହ୍ମାନନ୍ଦ ସାର୍ ତାଙ୍କ ପୂର୍ବତନ ଛାତ୍ର ପାଇଁ କିଛି ଗର୍ବ, ଗୌରବ ଅନୁଭବ କରୁଥାଆନ୍ତି, ସେଥିରେ ତ ତା'ର ଖୁସି ହେବାର କଥା ! ଆଉ ଅଧଘଣ୍ଟାଏ ପରେ କଲେକ୍ଟରଙ୍କ ରୁମ୍‌ରେ ଗୋଟାଏ ଜରୁରୀ ମିଟିଂ ଅଛି ବୋଲି କହି ସେ ମୁହେଁ ମୁହେଁ ତାଙ୍କୁ କୁଶଳ ଜିଜ୍ଞାସା କରି ବିଦା କରିଦେବା କଣ ଠିକ୍ ହୋଇ ଥାଆନ୍ତା !

ସେ ଜୋର୍ କରି ମୁହଁରେ ହସର ଏକ ଆଲେଖ୍ୟ ଅଙ୍କନ କରି ପଚାରିଲା- ସାର୍ ! ମୋ ପାଖରେ କିଛି କାମ ଥିଲା ? ଥଣ୍ଡା ମଗାଇବି ନା ଗରମ ? କୋଲ୍ଡ୍ ଡ୍ରିଙ୍କ୍ସ....ଚା...କଫି-

ବ୍ରହ୍ମାନନ୍ଦ ସାରଙ୍କ ମୁହଁଭର୍ତ୍ତି ଦାଢ଼ି। ସବୁ ବାଳ ପାଚିଯାଇ ଝୋଟ। ମୁହଁର ମାଂସପେଶି ଶିଥିଳ। ରେଖାଙ୍କିତ। କିନ୍ତୁ ଆଖିର ଡ଼ୋଳା ଦୁଇଟା ଚଷମା କାଚ ଭିତରୁ ଆଗ ପରି ଉଡ଼ ନିଆଁ ଭଳି ଜଳୁଛି।

ଦିନନାଥଙ୍କର କଥା ଶୁଣି ସେଇ ଜ୍ୱଳନ୍ତ ଆଖି ଡ଼ୋଳା ଦୁଇଟା ଏକ ସ୍ନିଗ୍ଧ ମମତାରେ କୋମଳ ହୋଇଆସିଲା। ସେ ନିଜ ପ୍ରିୟ ଛାତ୍ରର ମୁଣ୍ଡରେ ହାତ ବୁଲାଇ ଦେଇ କହିଲେ - ନା, ନା, ତମ ପାଖରେ ଆଉ କି କାମ ? କଚେରୀକୁ ଆସିଥିଲି। ଶୁଣିଲି ତମେ ଏଠାରେ ଆସିଷ୍ଟାଣ୍ଟ କଲେକ୍ଟର ଭାବରେ ଜଏନ କରିଛ। ଭାବିଲି - ଯାଇ ଦେଖା କରିଆସେ।

ତା'ପରେ କିଛି ସମୟ ଆପେ ଆପେ ଚୁପ୍ ହୋଇଗଲେ ବ୍ରହ୍ମାନନ୍ଦ ମାଷ୍ଟ୍ରେ। ମନେ ମନେ କ'ଣ ଭାବିଲେ। ତା'ପରେ ସ୍ୱଗତୋକ୍ତି କଲାଭଳି କହିଲେ - ମୋର ଥଣ୍ଡା, ଗରମ କିଛି ଲୋଡ଼ା ନାହିଁ। ଆଜିକାଲି ସରକାରୀ ସ୍ତରରେ ଦୁର୍ନୀତି ବ୍ୟାପୀ ଯାଇଥିବା କଥା ଖୁବ୍ ଶୁଣାଯାଏ। ଅବଶ୍ୟ ମୁଁ ସେସବୁ ବିଶ୍ୱାସ କରେ ନାହିଁ। ଆମ ସମାଜରେ ଯେ ଦୁର୍ନୀତି କର୍କଟ ବ୍ୟାଧି ଭଳି ବ୍ୟାପି ଯାଇ ସମାଜକୁ ଅନ୍ତଃସାରଶୂନ୍ୟ କରିଦେଇଛି, ତା'ର କାରଣ ରାଜନୈତିକ ଟାଉଟରମାନେ ଏ ଦେଶକୁ ହରିଲୁଟ୍ କରିନେବାକୁ ଚାହାନ୍ତି। ଦକ୍ଷ ପ୍ରଶାସକ ଭାବରେ ସେ ହରିଲୁଟ ବନ୍ଦ କରିବା ତମର କର୍ତ୍ତବ୍ୟ। ତମେ ସର୍ବଭାରତୀୟ ସ୍ତରର ପ୍ରଶାସକ। ଜନସାଧାରଣଙ୍କ ରାଜକୋଷର ଜଗୁଆଳ। ଯେଉଁମାନେ ସେ ରାଜକୋଷ ଲୁଟିକରି ନିଜ ଧନଭଣ୍ଡାର ବଢ଼ାଇବାକୁ ଚାହାନ୍ତି - ସେମାନଙ୍କ ମୁହଁରେ ତୁଣ୍ଡି ବାନ୍ଧିବା ତୁମର କାମ। ମୁଁ ଜାଣେ, ତମେ ମୋର ଛାତ୍ର। ଭୟ, ପ୍ରଲୋଭନରେ ପଡ଼ି ତମେ କେବେହେଲେ ନିଜ କର୍ତ୍ତବ୍ୟରେ ଅବହେଳା କରିବ ନାହିଁ। ଏହା କରିପାରିଲେ, ତାହା ହିଁ ହେବ ମୋର

Digitized by srujanika@gmail.com

ଉପଯୁକ୍ତ ଗୁରୁଦକ୍ଷିଣା - ମୋର ଥଣ୍ଡା, ଗରମ କିଛି ଲୋଡ଼ା ନାହିଁ-

ବ୍ରହ୍ମାନନ୍ଦମାଷ୍ଟ୍ରେ ତା'ପରେ ବାଡ଼ି ଠକ ଠକ କରି ଅଫିସ ଛାଡ଼ି ବାହାରକୁ ଚାଲିଆସିଲେ ।

ଦିନନାଥଙ୍କ ପାଖରେ ବସିଥିଲେ ପି.ଏ. ବିଶ୍ୱନାଥବାବୁ । ବ୍ରହ୍ମାନନ୍ଦବାବୁଙ୍କ ବାଡ଼ି ଠକ ଠକ ଶବ୍ଦ ଶୂନ୍ୟରେ ମିଳାଇଯିବା ଆଗରୁ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ଖୁସି କରିବା ପାଇଁ ସେ କହିଲେ-

-ସୁବିଧା ପାଇଲେ ଉପଦେଶ ବର୍ଷଣ କରି ଯିବା ମାଷ୍ଟ୍ରମାନଙ୍କର ଏକ ମୁଦ୍ରାଦୋଷ । କେତେ ଧାନରେ କେତେ ଚାଉଳ ହୁଏ, ତାଙ୍କୁ କ'ଣ ଜଣା ?

ଦିନନାଥଙ୍କୁ ପି.ଏଙ୍କ ଏ ମନ୍ତବ୍ୟ ମଧୁର ଶୁଣାଗଲା ନାହିଁ। ସେ ତାଙ୍କୁ ଏପରି କଟମଟ କରି ଚାହିଁଲେ ଯେ ପି.ଏ.ବାବୁଙ୍କ ପାଟିରୁ ଆଉ କଥା ବାହାରିଲା ନଥିଲା ।

ପ୍ରାଇମେରୀ ସ୍କୁଲରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ- ନିଜର ସୁଦୀର୍ଘ ଛାତ୍ରଜୀବନରେ କେତେ ଶିକ୍ଷକ, ଅଧ୍ୟାପକ ଦେଖିଛନ୍ତି ଦିନନାଥ । କିନ୍ତୁ ସେ ସମସ୍ତଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ସାର ଭିନ୍ନ ଓ ଅନନ୍ୟ । ପାଠ ନ ଆସିଲେ ରାଗରେ ସେ ଯେପରି ଦୁର୍ବାସା, ମନ ଦେଇ ପାଠ ପଢୁଥିବା ଛାତ୍ରଙ୍କ ପାଇଁ ସେ ସେହିପରି ଦୟା, କରୁଣାର ଅବତାର ।

ତାଙ୍କ ଭଳି ସତ୍ ଶିକ୍ଷକ ଆଜି କେତେଜଣ ଅବା ଅଛନ୍ତି !

କଟକ ସହରଠାରୁ ଛବିଶ ମାଇଲ ଦୂରରେ ପୁଅଖାଇ ନଈ ଆରପଟେ ବହୁଳପୁର ଗାଁ । ସେଦିନ କଟକରୁ ଫେରି ବ୍ରହ୍ମାନନ୍ଦ ମାଷ୍ଟ୍ରେ ଗାଁରେ ଯାହାକୁ ଦେଖିଲେ, ତା'ଆଗରେ ଦିନନାଥଙ୍କ ପ୍ରଶଂସା ।

ଜାଣ, କାଲି ମୋର ପୂର୍ବତନ ଛାତ୍ର ଦିନନାଥ ସହ ଦେଖାହେଲା । ଆଇ.ଏ.ଏସ. ପାଇ କଟକରେ ଆସିଷ୍ଟାଣ୍ଟ କଲେକ୍ଟର ହୋଇଛି । ମତେ ଦେଖି କି ଖୁସି ! କୋଲଡ୍ରିଙ୍କ୍, ଚା', କଫି ଯାଚିଲା । ମୁଁ ମନା କଲି । କ'ଣ ଦରକାର ? ସେ ଯେ ଏତେବଡ଼ ଅଫିସର୍ ହୋଇ ବୁଢ଼ା ମାଷ୍ଟ୍ରକୁ ଭୁଲି ନାହିଁ - ଏ କ'ଣ କମ କଥା ! ସେଇଥିରେ ତ ପେଟ ପୂରିଗଲା ।

ବ୍ରହ୍ମାନନ୍ଦମାଷ୍ଟ୍ରେ ଦିନନାଥର ଏପରି ପ୍ରଶଂସା କରୁଥିଲେ, ତା'ର କୃତିତ୍ୱରେ ଏପରି ଆତ୍ମହରା ହୋଇ ଯାଉଥିଲେ, ସତେ ଯେପରି ସେ ତାଙ୍କର ଅଗଣିତ ପୂର୍ବତନ ଛାତ୍ରମାନଙ୍କ ମଧ୍ୟରୁ ଜଣେ ନୁହେଁ, ନିଜର ପୁଅ କି ପୁତୁରା !

ତା'ର କିଛିଦିନ ପରେ ବହୁଳପୁର ଗ୍ରାମରେ ଖବର ପହଞ୍ଚିଲା, ଗତ ସାଧାରଣ ନିର୍ବାଚନ ଆଗରୁ ପୁଅଖାଇ ନଈ ଉପରେ ଯେଉଁ ସେତୁ ହେବାର ଥିଲା, ତା' ଆଉ ହେବ ନାହିଁ । କାରଣ ସେଥିପାଇଁ ଯେଉଁ ଦୁଇଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା, ତାହା ଖର୍ଚ୍ଚ ହୋଇ ଯାଇଛି ।

Digitized by srujanika@gmail.com

ଠାକୁର ଘର ପିଣ୍ଡାରେ ବସି ଗ୍ରାମର ଯେଉଁ ଦୁଇଦଳ ପ୍ରୌଢ଼ ତାସ ଖେଳରେ ମାତିଥିଲେ, ଏ ଖବର ଶୁଣି ସେମାନଙ୍କ ହାତରୁ ତାସ ଖସିପଡ଼ିଲା।

ପୁଅଖାଇ ନଈ ଉପରେ ସେତୁ ନିର୍ମାଣ ବହ୍ଲଭପୁର ଗ୍ରାମବାସୀମାନଙ୍କର ଦୀର୍ଘଦିନର ଦାବି। ସରକାର ଗତ ନିର୍ବାଚନ ଆଗରୁ ଗ୍ରାମବାସୀଙ୍କ ଦାବି ମାନି ନେଇ ଦୁଇଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ବର୍ଷାଦିନ ଆଗରୁ ଠିକାଦାର ସେତୁ କାମ ଆରମ୍ଭ କରିବାକୁ ଯାଉଥିଲା। ବର୍ଷାଦିନ ପରେ ପୁଣି ସେତୁ ତିଆରି କାମ ଆରମ୍ଭ ହେବା କଥା। ଆଉ ଆଦିତ୍ୟ କ'ଣ କହୁଛି - ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବା ଆଗରୁ ମଞ୍ଜୁର ହୋଇଥିବା ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଗଲା !

ଆଦିତ୍ୟ ପ୍ରଧାନ ବହ୍ଲଭପୁର ଗ୍ରାମପଞ୍ଚାୟତର ସରପଞ୍ଚ। ସେ'ତ ମିଛ କହିବା ଲୋକ ନୁହେଁ।

ତାସ ମୁଠା ଦୂରକୁ ଫିଙ୍ଗି ଦେଇ ଅଗଣିବାବୁ ସରପଞ୍ଚଙ୍କୁ ପଚାରିଲେ-ସେତୁ ତିଆରି କାମ ଆରମ୍ଭ ହେବା ଆଗରୁ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଗଲା କିପରି ?

ଗାମୁଛାରେ ମୁହଁରୁ ଝାଳ ପୋଛୁ ପୋଛୁ ଆଦିତ୍ୟ କହିଲା - ଆମେ ସିନା କହୁଛୁ, ସେତୁ ନିର୍ମାଣ କାମ ଆରମ୍ଭ ହୋଇ ନ ଥିଲା ବୋଲି, କଣ୍ଟ୍ରାକ୍ଟର ସରକାରଙ୍କୁ ଲେଖି ଜଣାଇ ଦେଇଛି, ସେ ସେତୁ ତିଆରି କରି ସାରିଥିଲା। ବନ୍ୟାଜଳ ସେ ସେତୁକୁ ଭସାଇ ନେଇ ସମୁଦ୍ରରେ ପକାଇ ଦେଇଛି। ତା'ର ଦୁଇ ଲକ୍ଷ ଟଙ୍କାର ବିଲ୍ ମଧ ପାଶ ହୋଇ ଯାଇଥିଲା। ଖବର ପାଇ ମୁଁ କଲେକ୍ଟର ସାହେବଙ୍କୁ ଦେଖା କଲି। ମୂଳରୁ ପୋଲ ତିଆରି ହୋଇ ନ ଥିଲା ବୋଲି ଦରଖାସ୍ତ କଲି। କଲେକ୍ଟର କଣ୍ଟ୍ରାକ୍ଟରଙ୍କ ବିଲ୍ ଟଙ୍କା ଇନ୍‌କ୍ୱାରୀ ଶେଷ ହେବା ପର୍ଯ୍ୟନ୍ତ ଅଟକାଇ ରଖିଛନ୍ତି। ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ପୋଲ ତିଆରି ସମ୍ପର୍କରେ ଅନୁସନ୍ଧାନ କରି ରିପୋର୍ଟ ଦେବାକୁ ଆଦେଶ ଦେଇଛନ୍ତି। କିନ୍ତୁ ଆସିଷ୍ଟାଣ୍ଟ କଲେକ୍ଟର କ'ଣ କରିବେ ? କଣ୍ଟ୍ରାକ୍ଟର ନରସିଂହବାବୁ ତ ମନ୍ତ୍ରୀ କାମପାଳବାବୁଙ୍କ ନିଜ ଲୋକ.......ତାଙ୍କ ନିର୍ବାଚନ ବେଳେ ଗାଁ ଗାଁ ବୁଲି ଭୋଟ ପ୍ରଚାର କରୁଥିଲେ।

ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ଅନୁସନ୍ଧାନ ଦାୟିତ୍ୱ ଦିଆଯାଇଛି ଶୁଣି ଅଗଣିବାବୁଙ୍କ ଆଖିରେ ଆଶାର ବିଦ୍ୟୁତ ଝଲସି ଉଠିଲା।

ସେ କହିଲେ- କଣ୍ଟ୍ରାକ୍ଟର ମନ୍ତ୍ରୀଙ୍କ ଲୋକ ହେଲେ କ'ଣ ହେବ, ଆସିଷ୍ଟାଣ୍ଟ କଲେକ୍ଟର ତ ଆମ ବ୍ରହ୍ମାନନ୍ଦ ମାଷ୍ଟ୍ରଙ୍କ ପୂର୍ବତନ ଛାତ୍ର! ଆମେ ଗାଁବାଲା ସମସ୍ତେ ଦସ୍ତଖତ କରି ଦରଖାସ୍ତ ଦେବା-ଚାଲ-ଆଗ ମାଷ୍ଟ୍ରଙ୍କୁ କହିବା-

ଗ୍ରାମବାସୀମାନଙ୍କ ସବୁ କଥା ଶୁଣି ସାରି ବ୍ରହ୍ମାନନ୍ଦ ମାଷ୍ଟ୍ରେ ତାଳିଟାଏ ମାରି ଦେଇ କହିଲେ-

-ଦିନନାଥକୁ ଯଦି କଲେକ୍ଟର ଇନ୍‌କ୍ୱାରୀ ଦାୟିତ୍ୱ ଦେଇଛନ୍ତି, ତମେ ସବୁ ନିଶ୍ଚିତ ଥାଅ ଯେ କଣ୍ଟ୍ରାକ୍ଟରର ଦାବି ନିଶ୍ଚୟ ମିଥ୍ୟା ପ୍ରମାଣିତ ହେବ- ଦରଖାସ୍ତ

Digitized by srujanika@gmail.com

ଲେଖ-ମୁଁ ନିଜେ ଦସ୍ତଖତ କରିଦେବି-ଦିନନାଥ ମୋର ଛାତ୍ର-ତା'ଭଳି ସାଧୁ, ସଚ୍ଚୋଟ, ଦକ୍ଷ ଅଫିସର ଏଭଳି ଜାଲିଆତି କାମକୁ ପ୍ରଶୟ ଦେବ ନାହିଁ- ସେ ମନ୍ତ୍ରୀଙ୍କ ଲୋକ ହେଉ କି ସ୍ୱୟଂ ଈଶ୍ୱରଙ୍କ ଦୂତ ହେଉ-

କିନ୍ତୁ ବ୍ରହ୍ମାନନ୍ଦ ମାଷ୍ଟ୍ରଙ୍କ ଏ ଅଭୟବାଣୀରେ ଗ୍ରାମର ଯୁବକମାନେ ନିଶ୍ଚିତ ହୋଇ ପାରିଲେ ନାହିଁ। ସେମାନଙ୍କ ଭିତରୁ ଜଣେ ପଚାରିଲା-

-ଯଦି ମନ୍ତ୍ରୀଙ୍କ ତରଫରୁ ଚାପ ପଡ଼େ, ଆଉ ଆସିଷ୍ଟାଣ୍ଟ କଲେକ୍ଟର ଠିକାଦାର ସପକ୍ଷରେ ରିପୋର୍ଟ ଦିଅନ୍ତି, ତା'ହେଲେ ?

ବ୍ରହ୍ମାନନ୍ଦ ମାଷ୍ଟ୍ରେ ଚିଡ଼ିଯାଇ କହିଲେ-

-ତମେ ଦିନନାଥକୁ ଜାଣିନାହିଁ। ସେ ମୋ' ଛାତ୍ର। ଥରେ ଗୋଟାଏ ଅଙ୍କ ଭୁଲ୍ କରିଥିଲା ବୋଲି ମୁଁ ତା'ର କାନମୋଡ଼ି ଶକ୍ତ ଚଟକଣା ଦେଇଥିଲି। ଯଦି ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ସେ ନ ହୋଇଥିବା କାମ ହୋଇଛି ବୋଲି ରିପୋର୍ଟ ଦିଏ-ମୁଁ କହି ରଖୁଛି-ତମ ସମସ୍ତଙ୍କ ସାମ୍ନାରେ ମୁଁ ଯଦି ତା' ଗାଲରେ ବ୍ରହ୍ମଚାପୁଡ଼ା ନ ଦେଇଛି, ତା'ହେଲେ ମୋ' ନାମ ବ୍ରହ୍ମାନନ୍ଦ ମିଶ୍ର ନୁହଁ !

ତା'ର କିଛି ଦିନ ପରେ ପୁଅଖାଇ ନଈରେ ସେତୁ ନିର୍ମାଣ ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ଦିନନାଥ ଯିବାକୁ ଗାଡ଼ି ବାହାର କରୁଛନ୍ତି, ପି.ଏ. ବିଶ୍ୱନାଥବାବୁ ଆସି ଖବର ଦେଲେ - ସାର୍ ! ମନ୍ତ୍ରୀ କାମପାଳ ବାବୁଙ୍କ ଫୋନ୍-

ଅଗତ୍ୟା ଦିନନାଥ ଗାଡ଼ି ଛାଡ଼ି ଦେଇ ମନ୍ତ୍ରୀଙ୍କ ଫୋନ୍ ଧରିଲେ,

- କୁଆଡ଼େ ବାହାରିଥିଲ ?

- ପୁଅଖାଇ ନଈ ଉପରେ ସେତୁ ନିର୍ମାଣ ସମ୍ପର୍କରେ ସରଜମିନ୍ ତଦନ୍ତ କରିବାକୁ ବାହାରିଥିଲି ସାର୍ !

ଆରପଟୁ ଟେଲିଫୋନ୍ ବିଦ୍ୟୁତ ତରଙ୍ଗରେ ମନ୍ତ୍ରୀଙ୍କ ପ୍ରାଣଖୋଲା ହସର ଆବାଜ୍ ଭାସି ଆସିଲା। ତା'ପରେ କଣ୍ଠସ୍ୱର--

- ପ୍ରଳୟଙ୍କରୀ ବନ୍ୟା ସ୍ରୋତ ନବନିର୍ମିତ ସେତୁକୁ ଟାଣି ନେଇ ସମୁଦ୍ରରେ ପକାଇ ଦେଇଛି; ଆଉ ସଟ୍ ଇନ୍କ୍ୱାରୀରେ ଯାଇ କି ସାକ୍ଷୀ ପ୍ରମାଣ ପାଇବ ? ମୁଁ ସେ କଣ୍ଟ୍ରାକ୍ଟରକୁ ତମ ପାଖକୁ ପଠାଉଛି। ତା'ର କାଗଜପତ୍ର ହିଁ ଅସଲ ପ୍ରମାଣ। ଅନୁସନ୍ଧାନ କରି ଦେଖ କାଗଜପତ୍ର ଠିକ୍ ଅଛି କି ନାହିଁ!

ତା'ପରେ ମନ୍ତ୍ରୀ ଫୋନ୍ ଥୋଇ ଦେବାର ଶବ୍ଦ ଶୁଣାଗଲା ଏବଂ ତା'ର ଅଳ୍ପ ସମୟ ପରେ କଣ୍ଟ୍ରାକ୍ଟର ନରସିଂହବାବୁଙ୍କ ଗାଡ଼ି ତାଙ୍କ ଅଫିସ ପରିସର ମଧ୍ୟରେ ପ୍ରବେଶ କରୁଥିବା ଲକ୍ଷ୍ୟ କଲେ ଦିନନାଥ।

କାଗଜପତ୍ରରେ କିଛି ଗୋଳମାଳ ନ ଥିଲା। ହିସାବପତ୍ର ସବୁ ଠିକ୍ ଥିଲା। ସେତୁ ନିର୍ମାଣରେ କାମ କରିଥିବା କୁଲି, ମିସ୍ତ୍ରୀଙ୍କ ମଜୁରୀର ହିସାବଠାରୁ ଆରମ୍ଭ କରି ସିମେଣ୍ଟ, ଲୁହାରଡ୍, ଚିପ୍ସ, ବାଲିର ପକ୍କା ରସିଦ୍ ଓ କ୍ୟାଶ୍‌ମେମୋ

Digitized by srujanika@gmail.com

ସବୁ ଠିକାଦାର ସଞ୍ଚାଇ ରଖିଥିଲେ, କାମ ତଦାରଖ କରୁଥିବା ଇଞ୍ଜିନିୟର ଓ ଓଭରସିଅର୍‌ମାନଙ୍କ କାର୍ଯ୍ୟର ଅଗ୍ରଗତି ସମ୍ପର୍କୀୟ ସୁପାରିଶ ପତ୍ର ମଧ୍ୟ ଠିକ୍ ଥିଲା।

ତା'ପରେ ଆଉ କ'ଣ ଅନୁସନ୍ଧାନ କରି ରିପୋର୍ଟ ଦେବେ ଦିନନାଥ? ଖାଲି ଗୋଟିଏ ସନ୍ଦେହ ଥିଲା - ସେତୁ ତ ଗୋଟିଏ ରାତିରେ ସଂପୂର୍ଣ୍ଣ ହୋଇ ନଥିବ; ବଲ୍ଲଭପୁର ଲୋକେ ପ୍ରବଳ ବନ୍ୟା ସେତୁ ଭସାଇ ନେବା ଆଗରୁ ନିଶ୍ଚୟ ଦେଖିଥିବେ। ତଥାପି ସେମାନେ କିପରି ଦରଖାସ୍ତରେ ଦସ୍ତଖତ କରି ଲେଖିଛନ୍ତି ଯେ, ସେତୁ ମୋଟେ ତିଆରି ହୋଇନାହିଁ! ସେଥିରେ ପୁଣି ବ୍ରହ୍ମାନନ୍ଦ ସାର୍‌ଙ୍କ ଦସ୍ତଖତ ମଧ୍ୟ ଅଛି।

ବ୍ରହ୍ମାନନ୍ଦ ସାର୍‌ଙ୍କ କଥା ମନେ ପଡ଼ିଯିବା ମାତ୍ରେ ଦିନନାଥଙ୍କ ସରକାରୀ ବିବେକ ହଠାତ୍ କ୍ଷତାକ୍ତ ହୋଇଗଲା।

ସେ ନରସିଂହ ବାବୁଙ୍କୁ ପଚାରିଲେ -

- କାଗଜପତ୍ରରେ ସେତୁ ନିର୍ମାଣ ହିସାବ ଠିକ୍ ଅଛି। କିନ୍ତୁ ବଲ୍ଲଭପୁର ଗ୍ରାମବାସୀମାନେ ଦରଖାସ୍ତରେ ଦସ୍ତଖତ କରି ପ୍ରତିବାଦ କରିଛନ୍ତି ଯେ, ଏ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ସୁଦ୍ଧା ହୋଇ ନ ଥିଲା!

ଏଭଳି ଏକ ପ୍ରଶ୍ନର ସମ୍ମୁଖୀନ ହେବେ ବୋଲି ଜାଣି ନରସିଂହବାବୁ ଆଗରୁ ଉତ୍ତର ମୁଖସ୍ଥ କରି ଆସିଥିଲେ।

ସେ ଉତ୍ତର ଦେଲେ - ସାର୍! ଏ ଦରଖାସ୍ତ ଥିବା ସବୁ ଦସ୍ତଖତ ଜାଲ। ସରପଞ୍ଚ ଆଦିତ୍ୟ ପ୍ରଧାନର ହାତସଫେଇ। ଲୋକଟା ବିରୋଧୀଦଳ ଲୋକ। ମନ୍ତ୍ରୀ କାମପାଳବାବୁଙ୍କ ଶତ୍ରୁ। ରାଜନୈତିକ ଅଭିସନ୍ଧି ରଖି ସେ ଏ ଦରଖାସ୍ତ ଦେଇଛି। ଆପଣ ଦେଖନ୍ତୁ - ସେ ଦସ୍ତଖତ ଭିତରେ ନବୀନ ପ୍ରଧାନଙ୍କ ନାମ ଅଛି। ନବୀନ ବାବୁ ମୋ ସାଙ୍ଗରେ ଆସିଛନ୍ତି। ସେ ଏ ଦରଖାସ୍ତରେ ଦସ୍ତଖତ କରିଛନ୍ତି କି ନାହିଁ - ଆପଣ ନିଜେ ପଚାରନ୍ତୁ। ଏ ନବୀନବାବୁ କୁଆଡ଼େ ଗଲ!

ଧୋତି ଫତେଇ ପିନ୍ଧିଥିବା ମଫସଲି ଲୋକ ଜଣେ ଧଇଁସଇଁ ହୋଇ ଅଫିସ ଭିତରକୁ ପଶି ଆସିଲା।

ନରସିଂହବାବୁ କହିଲେ - ସାର୍ ପଚାରୁଛନ୍ତି, ତମେ ଏ ଦରଖାସ୍ତରେ ଦସ୍ତଖତ ଦେଇଛ?

ନବୀନ ପ୍ରଧାନ ସାଙ୍ଗେ ସାଙ୍ଗେ ଉତ୍ତର ଦେଲା -

- ନା, ସାର! ମୁଁ ଏ ମିଛ ଦରଖାସ୍ତରେ ଦସ୍ତଖତ କରି ଅଧର୍ମରେ ଭାଗୀ ହେବି କାହିଁକି?

ଦିନନାଥ ତଥାପି ନିଜେ ନିଃସନ୍ଦେହ ହେବା ପାଇଁ ଖଣ୍ଡେ ସାଦା କାଗଜ ବଢ଼ାଇଦେଇ କହିଲେ - ମୋ ଆଗରେ ନିଜର ଦସ୍ତଖତ କର।

ନବୀନ ପ୍ରଧାନ ସେ ସାଦା କାଗଜରେ ନିଜ ନାମ ଲେଖିଦେଲା।

Digitized by srujanika@gmail.com

ଦରଖାସ୍ତରେ ଥିବା ଦସ୍ତଖତ ସହିତ ଏ ଦସ୍ତଖତ କୌଣସି ସାଦୃଶ୍ୟ ମଧ୍ୟ ନ ଥିଲା। ଠିକାଦାରଙ୍କ କଥାକୁ ସନ୍ଦେହ କରିବା ପାଇଁ ଆଉ ସାହସ କରିପାରିଲେ ନାହିଁ ଦିନନାଥ। ସେ କେବଳ ଜାଣି ପାରିଲେ ନାହିଁ ଯେ, ତାଙ୍କ ସାମ୍ନାରେ ସାଦା କାଗଜରେ ଦସ୍ତଖତ କରିଥିବା ନବୀନ ପ୍ରଧାନ ବହ୍ଲଭପୁର ଲୋକ ନୁହେଁ, ତା'ର ଘର ପୁଅଖାଇ ନଈଠାରୁ ଆଠମାଇଲ ଦୂର ଅଥଙ୍ଗା।

ତା'ର ଗୋଟିଏ ସପ୍ତାହ ପରେ ବହ୍ଲଭପୁରର ଗ୍ରାମବାସୀମାନେ ବ୍ରହ୍ମାନନ୍ଦ ମାଷ୍ଟ୍ରଙ୍କୁ ଘେରିଗଲେ। କ୍ରୁଦ୍ଧକଣ୍ଠରେ ପ୍ରଶ୍ନ କଲେ- ଏ କ'ଣ ହେଲା ମାଷ୍ଟ୍ରେ, ତମର ପ୍ରିୟ ଛାତ୍ର ସରଜମିନ ତଦନ୍ତ ନ କରି ଠିକାଦାର ସପକ୍ଷରେ ରିପୋର୍ଟ ଦେଇଦେଲେ ? ସେ ଦୁଇ ଲକ୍ଷ ଟଙ୍କା ଧରି ପାର୍ !

ସରଜମିନ ତଦନ୍ତ ନ କରି ମୂଳରୁ ତିଆରି ହୋଇ ନଥିବା ସେତୁ ତିଆରି ହୋଇଛି ବୋଲି ଦିନନାଥ ରିପୋର୍ଟ ଦେଇଥିବ, ଏକଥା ବ୍ରହ୍ମାନନ୍ଦ ମାଷ୍ଟ୍ରେ ତଥାପି ବିଶ୍ୱାସ କରିପାରୁ ନ ଥିଲେ।

- ଏକଥା ହୋଇପାରେନା। ଦିନନାଥ ମୋର ଛାତ୍ର। ଏଭଳି ଅଜବ, ଅବିଶ୍ୱାସ୍ୟ ରିପୋର୍ଟ ସେ କେବେ ଦେଇ ନଥିବ। ତମେ ସବୁ ମୋ ସାଙ୍ଗରେ ଚାଲ। ମୁଁ ତାକୁ ମୁହେଁ ମୁହେଁ ପଚାରିବି। ସେ ଯଦି ଏଭଳି ରିପୋର୍ଟ ଦେଇଥାଏ - ତମ ସମସ୍ତଙ୍କ ସାମ୍ନାରେ ମୁଁ ତା' ଗାଲରେ ବ୍ରହ୍ମାଚାପୁଡ଼ା ଦେବି - ଚାଲ - ଦେଖିବ -

ତା' ଆରଦିନ ଆସିଷ୍ଟାଣ୍ଟ କଲେକ୍ଟରଙ୍କ ଅଫିସ କୋଠରୀରେ ଅଭିନୀତ ହେଲା ସେଇ ନାଟକୀୟ ଦୃଶ୍ୟ। ମାଷ୍ଟ୍ରଙ୍କ ସହିତ ଯେଉଁମାନେ ଯାଇଥିଲେ, ସେମାନେ ଧରିନେଇଥିଲେ, ଆସିଷ୍ଟାଣ୍ଟ କଲେକ୍ଟର ସରଜମିନ ତଦନ୍ତ ନ କରି ରିପୋର୍ଟ ଦେଇଥିବା କଥା କେବେ ମାନିବେ ନାହିଁ, କିନ୍ତୁ ସେ ମାନିଲେ ମଧ୍ୟ ବ୍ରହ୍ମାନନ୍ଦ ମାଷ୍ଟ୍ରେ ତାଙ୍କ କଥା ରଖି ନିଜ ପ୍ରିୟ ଛାତ୍ର ଗାଲ ପାଖକୁ ହାତ କେବେ ନେବେ ନାହିଁ।

ବ୍ରହ୍ମାନନ୍ଦ ସାର୍‌ଙ୍କୁ ଏତେ ଲୋକଙ୍କ ସହିତ ଦେଖି ଦୀନନାଥ ପ୍ରଶ୍ନ କଲା - ସାର୍ ! ମୋ ପାଖରେ କିଛି କାମ ଅଛି ?

ବ୍ରହ୍ମାନନ୍ଦ ମାଷ୍ଟ୍ରେ ଖୁବ ଉତ୍ତେଜିତ କଣ୍ଠରେ କହିଲେ - ତମଠାରୁ ଗୋଟିଏ ପଦ କଥା ଶୁଣିବାକୁ ଆସିଛି। ଏମାନେ କହୁଛନ୍ତି ଘଟଣାସ୍ଥଳକୁ ନ ଯାଇ ପୁଅଖାଇ ନଈରେ କଣ୍ଟ୍ରାକ୍ଟର ଦୁଇ ଲକ୍ଷ ଟଙ୍କା ବ୍ୟୟରେ ସେତୁ ନିର୍ମାଣ କରିଥିଲେ ବୋଲି ତମେ ରିପୋର୍ଟ ଦେଇଛ, ଏକଥା କ'ଣ ସତ୍ୟ ?

ପାଖରେ ପି.ଏ., ବିଶ୍ୱନାଥବାବୁ ନ ଥିଲେ। ବିବେକ ଜାଗ୍ରତ ଥିଲା। ସାର୍‌ଙ୍କ ସମ୍ମୁଖରେ ମିଥ୍ୟା କହିବାର ସାହସ ସଂଗ୍ରହ କରି ପାରି ନଥିଲେ ଦିନନାଥ।

ସେ ମାନି ଯାଇଥିଲେ ? ହଁ, ସାର୍ ! ଆପଣ ଯାହା ଶୁଣିଛନ୍ତି ସତ୍ୟ -

ବହ୍ଲଭପୁର ଗ୍ରାମବାସୀମାନେ ଲକ୍ଷ୍ୟ କଲେ ବ୍ରହ୍ମାନନ୍ଦବାବୁଙ୍କ ଶିରା ଗଣି ହୋଇଯାଉଥିବା ଡାହାଣ ହାତ କୋଷମୁକ୍ତ ତରବାରୀଭଳି ହଠାତ ଉତ୍ତୋଳିତ ହେଲା।

Digitized by srujanika@gmail.com

ଆସିଷ୍ଟାଣ୍ଟ କଲେକ୍ଟରଙ୍କ ଗୋରା ଗାଲରେ ସେ ହାତର ପାଞ୍ଚ ଆଙ୍ଗୁଠିର ଦାଗ ଅଙ୍କିତ ହୋଇଯିବା ଭୟରେ ଗ୍ରାମବାସୀମାନେ ଆଖି ବୁଜି ଦେଲେ।

-ସାର୍! ଏ କ'ଣ କରୁଛନ୍ତି ବୋଲି ଯେତେବେଳେ ଦିନନାଥ ଚିତ୍କାର କରି ଉଠିଲେ, ସେମାନେ ସମବେତ ନୟନ ଉନ୍ମୁଚିତ କରି ଦେଖିଲେ, ଆସିଷ୍ଟାଣ୍ଟ କଲେକ୍ଟରଙ୍କ ଗାଲରେ ନୁହେଁ, ନିଜ ଗାଲରେ ହିଁ ଗୋଟାକ ପରେ ଗୋଟାଏ ବ୍ରହ୍ମ ଚାପୁଡ଼ା ବସାଇ ଚାଲିଛନ୍ତି ବ୍ରହ୍ମାନନ୍ଦ ମାଷ୍ଟ୍ରେ ଏବଂ କାନ୍ଦ କାନ୍ଦ ହୋଇ କହୁଛନ୍ତି - ଏଇଟା ତମର ଭୁଲ ନୁହେଁ ଦିନନାଥ। ଏଇଟା ମୋ' ପାଠ ପଢ଼େଇବାର ଦୋଷ। ମୁଁ ତମକୁ ଠିକ ଭାବରେ ଶିକ୍ଷା ଦେଇ ପାରି ନ ଥିଲି; ତେଣୁ ଏ ଶାସ୍ତି ମୋର ହିଁ ପ୍ରାପ୍ୟ!

Digitized by srujanika@gmail.com

ଭଗ୍ନ ଭାବମୂର୍ତ୍ତି

ଗୋଟିଏ ପରେ ଗୋଟିଏ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବାପରେ ମଧ୍ୟ ଧନୀ ଅଧିକ ଧନୀ ହେଉଛନ୍ତି, ଦରିଦ୍ର ଦରିଦ୍ରତର ହେଉଛି ବୋଲି ଯେଉଁମାନେ ଅପବାଦ ରଚନା କରନ୍ତି, ଗୋପାଳବାବୁଙ୍କ ତ୍ରିତଳ ପ୍ରାସାଦଟି ଦେଖାଇଦେଲେ ସେମାନେ ଥ' ହୋଇ ରହିଯାଆନ୍ତି। ସେମାନଙ୍କ ପାଟିରୁ କଥା ବାହାରେ ନାହିଁ, ଦେହରୁ ଝାଳ ବୋହିଯାଏ। ପଞ୍ଚବାର୍ଷିକ ଯୋଜନାର ବ୍ୟର୍ଥତା ସଂପର୍କରେ ସଯତ୍ନରେ ସଂଗ୍ରହ କରିଥିବା ସେମାନଙ୍କର ସମସ୍ତ ହିସାବପତ୍ର ଭୁଲ ପ୍ରମାଣିତ ହୋଇଯାଏ।

ସେ ଅନେକ ଦିନ ତଳର କଥା। ଗୋପାଳବାବୁ ସେଦିନ ଥିଲେ ଖାଲି ଗୋପାଳିଆ। ତାଂକ ବାପା ଭରତ ଦାସ ଥିଲେ ମାର୍ତ୍ତଣ୍ଡପୁରର ଗାୟକ। ପାଲା କିମ୍ବା ଦାସକାଠିଆ ଗାୟକ ନୁହଁନ୍ତି - କେବଳ ଗୀତ ଗାୟକ। "ଦୁଇ ସଉତୁଣୀ କଳି" ଠାରୁ ଆରମ୍ଭ କରି "ବାବାରେ ଆଳୁଅ" ପର୍ଯ୍ୟନ୍ତ ବହୁ ଦୁଇପଇସିଆ ଗୀତ ବହି ଧରି, ବେକରେ ଗୋଟିଏ ପୁରୁଣା ହାରମୋନିୟମ ଝୁଲାଇ ସେ ମଧୁର କଣ୍ଠରେ ସ୍ୱର ବସାଇ ଗୀତ ବୋଲୁଥିଲେ। ଗୀତ ଶୁଣିବା ପାଇଁ ସ୍ତ୍ରୀ, ପିଲା, ବୃଦ୍ଧ, ଯୁବକମାନେ ତାଙ୍କ ଚାରିପଟେ ଘେରି ଯାଉଥିଲେ। ନିଜ ନିଜ ଶକ୍ତି ଅନୁସାରେ ପଇସା, ଅଧଲା ଯିଏ ଯାହା ପାଉଥିଲା ତାଙ୍କୁ ଭିକ ଦେଉଥିଲା।

ଗୀତ ବୋଲି ପଇସା ମାଗି ଚଳିବା ଥିଲା ଗୋପାଳ ବାପାର ଜୀବିକା।

ଥରେ ସେ ଗାଁ ଦାଣ୍ଡରେ ବୁଲି ଗୀତ ବୋଲି ପଇସା ମାଗୁଥିବାବେଳେ ଗୋଟିଏ ଚଗଲା ପିଲା ଆସି କହିଲା -

- ଦାସ ମଉସା! ଆଜିକାଲି ଗାନ୍ଧୀ ଗୀତର ଖୁବ୍ ଡିମାଣ୍ଡ। ମୁଁ ଗୋଟିଏ ଅଣିକିଆ ଗାନ୍ଧୀ ଗୀତ ବହି କଟକରୁ କିଣି ଆଣିଛି। ତମେ ଯଦି ସେ ବହିର ଗୀତ ମାର୍ତ୍ତଣ୍ଡପୁର ହାଟରେ ବୋଲ, ତା'ହେଲେ ପଇସା, ଅଧଲା ନୁହଁ, ତମ ଉପରେ ଅଣି ଦୋଅଣି ବୃଷ୍ଟି ହୋଇଯିବ।

ବଡ଼ ଲୋଭରେ ପଡ଼ିଯାଇଥିଲେ ଗୋପାଳର ବାପା ଭରତ ଦାସ। ନୂଆ ସ୍ୱର ବାନ୍ଧି ହାରମୋନିୟମ ବଜାଇ ପ୍ରତି ହାଟ ପାଳିରେ ସେ ଯେତେବେଳେ ଗାନ୍ଧୀ - ଗୀତ ବୋଲିବାକୁ ଲାଗିଲେ, ଗୀତ ଶୁଣିବା ପାଇଁ ତାଙ୍କ ଚାରିପଟେ ଭିଡ଼

Digitized by srujanika@gmail.com

ବଢ଼ିଗଲା । ଅଣି - ଦୋଅଣି ନୁହଁ, ସୁଉକି ଅଧୁଲି ମଧ୍ୟ ଲୋକେ ତାଙ୍କ ଅଣ୍ଟିରେ ଜମା କରିଦେଲେ ।

ସେସବୁ ଦିନ ଥିଲା ସେମିତି ।

ଗାନ୍ଧୀ ସତ୍ୟାଗ୍ରହ, ଗାନ୍ଧୀ ଅନଶନ ଗୀତ ଶୁଣିଲେ ଲୋକଙ୍କ ରକ୍ତରେ ନିଆଁ ଲାଗି ଯାଉଥିଲା । ଶ୍ରୋତାମାନେ ସେ ଗୀତ ଶୁଣି ତାଳି ମାଡ଼ରେ ଯେପରି କାନ ଅତଡ଼ା ପକାଇ ଦେଉଥିଲେ, ବ୍ରିଟିଶ ପୋଲିସ୍ ସେହିପରି ବନ୍ଧୁକ ଉଞ୍ଚାଇ ଉତ୍‌କ୍ଷିପ୍ତ ହୋଇ ଉଠୁଥିଲା ।

ଦିନେ ରାଷ୍ଟ୍ରଦ୍ରୋହ ଅପରାଧରେ ପୋଲିସ ଭରତ ଦାସଙ୍କୁ ହାଟରୁ ଧରିନେଇ ଫାଣ୍ଡିରେ ଭର୍ତ୍ତି କରିଦେଲା । ସେତେବେଳେ ବିଚାର ବିଭାଗରୁ ଶାସନ ବିଭାଗ ଅଲଗା ହୋଇ ନଥିଲା । ମାଜିଷ୍ଟ୍ରେଟଙ୍କ ସାମ୍‌ନାରେ ଭରତ ଦାସଙ୍କ ବିରୁଦ୍ଧରେ ଅଭିଯୋଗ ଅଣାଗଲା । ସେ ସରକାରୀ ବିରୋଧୀ ଗୀତ ଲେଖି ଲୋକଙ୍କୁ ଇଂରେଜ ସରକାରଙ୍କ ବିରୁଦ୍ଧରେ ମତାଉଥିବା ଅଭିଯୋଗରେ ମାଜିଷ୍ଟ୍ରେଟ ତାଙ୍କୁ ଛଅମାସ ସଶ୍ରମ କାରାଦଣ୍ଡ ଆଦେଶ ଦେଲେ । ସେ ଏ ଗୀତ ଲେଖି ନାହାନ୍ତି, ଏ ଗୀତର ମର୍ମ ବୁଝି ନାହାନ୍ତି ବୋଲି ଯେତେ ବଡ଼ ପାଟିରେ ଚିତ୍କାର କଲେ ବି ତାଙ୍କ କଥାରେ ବିଚାରପତି କାନ ସୁଦ୍ଧା ଦେଲେ ନାହିଁ ।

ଛଅମାସ ଘଣା ପେଲି ଜେଲରୁ ଫେରିଲା ପରେ ଭରତ ଦାସଙ୍କ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଥିଲା, ପେଟ ଭିତରେ ଘାଆ ହୋଇଯାଇଥିଲା । ସେଇ ରୋଗରେ ତାଙ୍କର ମୃତ୍ୟୁ ହୋଇଗଲା ।

ଗୋପାଳବାବୁଙ୍କର ମନେ ଅଛି, ବାର ବର୍ଷ ବୟସରେ ବାପାଙ୍କୁ ହରାଇ ତାଙ୍କୁ ଚାରିଆଡ଼ ଅନ୍ଧାର ଦେଖା ଯାଉଥିଲା । ଘରେ କଂସାବାସନ ଯାହା ଥିଲା, ବାପା ଜେଲରେ ଥିଲାବେଳେ ତାହା ବିକ୍ରି ହୋଇଯାଇଥିଲା । ବାକି ଥିଲା ତାଙ୍କର ସେଇ ପୁରୁଣା ହାରମୋନିୟମ ।

ଗୋପାଳ ସେଇ ହାରମୋନିୟମ ଧରି ଦିନେ ପଣ୍ଡିତ ପଢ଼ିଆରୀଙ୍କ ପାଖରେ ପହଞ୍ଚିଲା ।

ବାପାଙ୍କୁ ଗାନ୍ଧୀ - ଗୀତ ବୋଲା ଅପରାଧରେ ଧରି ନିଆଗଲାବେଳେ ଏଇ ପଣ୍ଡିତ ପଢ଼ିଆରୀ ତା' ଆଖିରୁ ସେଦିନ ଲୁହ ପୋଛି ଦେଇଥିଲେ । ତା' ପାଇଁ ଏଇ ପଢ଼ିଆରୀ ଥିଲେ ତାଙ୍କ ଅଞ୍ଚଳର ଗାନ୍ଧୀ ମହାତ୍ମା !

ହାରମୋନିୟମ ଦେଖି ପଣ୍ଡିତ ପଢ଼ିଆରୀ କହିଲେ -

- ଏ ହାରମୋନିୟମ ନେଇ ମୁଁ କ'ଣ କରିବି ଗୋପାଳ ! ବରଂ ବାପା ଭଳି ତୁ ଯଦି ଗୀତ ବୋଲିପାରୁ ଲୋକେ ତୋର ଗୀତ ଶୁଣି କିଛି ପଇସା ଦେବେ । ତୋର ତ ଗୋଟିଏ ବୋଲି ପେଟ -

ଗୋପାଳ କାନ ମୂଳ କୁଣ୍ଡାଇ କୁଣ୍ଡାଇ କହିଥିଲା -

Digitized by srujanika@gmail.com

-ମତେ ଗୀତ ବୋଲି ଆସେ ନାହିଁ। ଏ ହାରମୋନିୟମ ଛଡ଼ା ଘରେ ଆଉ କିଛି ନାହିଁ। ବଡ଼ ଆଶା ନେଇ ଆପଣଙ୍କ ପାଖକୁ ଆସିଛି। ଏ ହାରମୋନିୟମ ରଖି ମତେ କିଛି ଟଙ୍କା ଦିଅନ୍ତୁ-

ପଣ୍ଡିତଜୀ ଦ୍ବନ୍ଦ୍ବରେ ପଡ଼ିଯାଇଥିଲେ।

ପଚାରିଥିଲେ- ତତେ ଗୀତ ବୋଲି ଆସେ ନାହିଁ। ଆଉ ତତେ କ'ଣ ଆସେ ?

ଗୋପାଳ ସେଦିନ ଉତ୍ତର ଦେଇଥିଲା -

-ବାପା ଗୀତ ବୋଲିବାକୁ ବାହାରିଗଲେ ମୁଁ ଘରେ ରୋଷେଇ କରେ। ପିଲାଦିନୁ ବୋଉ ମରିଯାଇଥିଲା। ମତେ ରନ୍ଧାବଢ଼ା କରିବାକୁ ପଡୁଥିଲା, ମୁଁ ଭଲ ଆଳୁ ସାରୁ କଖାରୁ ଡାଲମା ରାନ୍ଧି ଜାଣେ -

ପଣ୍ଡିତଜୀ ମନେ ମନେ କ'ଣ ଭାବିଲେ କେଜାଣି, ତାକୁ ସାଂଗରେ ଧରି କଟକ ସ୍ୱରାଜ୍ୟାଶ୍ରମକୁ ନେଇ ଯାଇଥିଲେ। ସେଠାରେ ତା'ର ରହିବା ବ୍ୟବସ୍ଥା କରି ଦେଇଥିଲେ। ସୂତା କଟା, ପାଠପଢ଼ା ସାଂଗକୁ ଆଳୁ-ସାରୁ-କଖାରୁ ଡାଲମା କରିବାରେ ସେ ଆଶ୍ରମ ପୂଝାରୀକୁ ସାହାଯ୍ୟ କରୁଥିଲା।

ସେଦିନର ସ୍ୱରାଜ୍ୟଶ୍ରମ ଥିଲା ମନ୍ତ୍ରୀ ତିଆରି କାରଖାନା। ଯେଉଁ ଖଦଡ଼ିଆମାନେ ତା' ହାତରନ୍ଧା ଡାଲମା ଖାଇ ଗେଲରା ଫୁଟାଇ ତାରିଫ୍ କରିଥିଲେ, ସେଇମାନଙ୍କ ଭିତରୁ ଅନେକ ସ୍ୱାଧୀନତା ପରେ ହେଲେ ଓଡ଼ିଶାର ମନ୍ତ୍ରୀ। ଗତ ଛଅଟି ପାଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲାବେଳେ ଓଡ଼ିଶାରେ ଯେତେ ମନ୍ତ୍ରୀମଣ୍ଡଳ ଗଢ଼ାଯାଇଥିଲା; ସବୁ ମନ୍ତ୍ରୀମଣ୍ଡଳରେ ଗୋପାଳ ହାତରନ୍ଧା ଡାଲମା ଖାଇଥିବା ତିନି ଚାରି ଜଣ ମନ୍ତ୍ରୀ ନିଶ୍ଚୟ ରହିଥିଲେ।

ଲାଇସେନ୍‌ସ, ପରମିଟ୍ ଦେବାଠାରୁ ଆରମ୍ଭ କରି ସରକାରୀ କର୍ମଚାରୀମାନଙ୍କ ବଦଳି-ନିଯୁକ୍ତି-ଯେତେବେଳେ ଯାହା ଗୋପାଳ କହୁଥିଲା-କୌଣସି ମନ୍ତ୍ରୀ ତା' କଥାକୁ ତଳେ ପକାଉ ନ ଥିଲେ।

ଗୋପାଳ ଦାସ ବୁଝିଥିଲେ ସ୍ୱାଧୀନତା ପରବର୍ତ୍ତୀ କାଳରେ ଯଦି ବିନା ଶ୍ରମ ଆଉ ମୂଳ ଧନରେ ବ୍ୟବସାୟ କରି ବଡ଼ ଲୋକ ହେବାକୁ କେହି ଚାହେଁ; ତା' ହେଲେ ତା'ର ଘନିଷ୍ଠ ରାଜନୈତିକ ସମ୍ପର୍କର ପୁଞ୍ଜି ଥିବା ଦରକାର।

ସେଇ ରାଜନୈତିକ ପରିଚୟର ପୁଞ୍ଜିକୁ ବିନିଯୋଗ କରି ରାଜଧାନୀରେ ତ୍ରିତଳ ପ୍ରାସାଦ ତୋଳିଛନ୍ତି ଗୋପାଳ ଦାସ। ଗାଡ଼ି କିଣିଛନ୍ତି। ଅନ୍ୟମାନଙ୍କୁ ଏମ୍.ଏଲ୍.ଏ. ହେବା ପାଇଁ ଦଳର ଟିକେଟ ଯୋଗାଡ଼ କରି ଦେଇଛନ୍ତି। ସେମାନଙ୍କୁ ନିର୍ବାଚନରେ ଜିଣିବା ପାଇଁ ଆର୍ଥିକ ସମ୍ବଳ ମଧ୍ୟ ଯୋଗାଇ ଦେଇଛନ୍ତି। ସେମାନେ ଏମ୍.ଏଲ୍.ଏ. କିମ୍ବା ମନ୍ତ୍ରୀ ହେଲା ପରେ ଗୋପାଳ ଦାସଙ୍କୁ ବଡ଼ ଲୋକ ହେବାରେ ଅକୁଣ୍ଠିତ ଭାବରେ ସାହାଯ୍ୟ କରିଛନ୍ତି।

Digitized by srujanika@gmail.com

କିନ୍ତୁ ତାଙ୍କର ଏହିସବୁ ଥିବା ଭିତରେ ଗୋଟିଏ ଅଭାବ ରହିଯାଇଥିଲା, ସେ କେବେ ନିଜେ ନିର୍ବାଚନରେ ଠିଆ ହେବା ପାଇଁ ଟିକେଟ ଚାହିଁ ନାହାନ୍ତି। ଏମ୍.ଏଲ୍.ଏ. ହୋଇପାରି ନାହାନ୍ତି କି ମନ୍ତ୍ରୀ ହେବାର ସ୍ୱପ୍ନ ଦେଖିନାହାନ୍ତି। କାରଣ ନିର୍ବାଚନରେ ଠିଆ ହେବା କଥା ଭାବିଲେ ତାଙ୍କର ମାର୍ତ୍ତଣ୍ଡପୁର ନିର୍ବାଚନମଣ୍ଡଳୀ କଥା ମନେ ପଡ଼ିଯାଏ। ରାଜଧାନୀରେ ସେ ତ୍ରିତଳ ପ୍ରାସାଦବାସୀ, ପରୋପକାରୀ ବିଶିଷ୍ଟ ବ୍ୟକ୍ତି ହେଲେ ହେଁ ତାଙ୍କ ନିଜ ନିର୍ବାଚନମଣ୍ଡଳୀ ମାର୍ତ୍ତଣ୍ଡପୁରବାସୀ ଲୋକଙ୍କ ପାଖରେ ଏବେ ସୁଦ୍ଧା ସେ ଗୀତ ବୋଲିଭିକ ମାଗୁଥିବା ଭରତ ଦାସର ପୁଅ ଗୋପାଳିଆ। ଲୋକଙ୍କର ସ୍ୱାଧୀନତାର ଏତେଗୁଡ଼ାଏ ବର୍ଷ ପରେ ମଧ୍ୟ ପାରିବାରିକ ଅଭିଜାତ୍ୟ, ବଂଶ - କୌଳିନ୍ୟ ପ୍ରତି ମୋହ ତୁଟି ନାହିଁ। ତେଣୁ ଟିକେଟ ପାଇ ନିର୍ବାଚନରେ ଠିଆ ହେଲେ ସୁଦ୍ଧା ତାଙ୍କୁ ଭୋଟ ଦେବେ କିଏ ?

ଜୀବନରେ ସବୁ ଆଶା କାହାର ପୂରଣ ହୁଏ ନାହିଁ। ମିଷ୍ଟାନ୍ନ - ପ୍ରିୟ ବ୍ୟକ୍ତିକୁ ହିଁ ଡାଇବେଟିସ୍ ରୋଗ ହୁଏ। ପାଖରେ ସୁସ୍ୱାଦୁ ମିଠେଇ ଥୁଆ ହୋଇଥିଲେ ସୁଦ୍ଧା ସେ ତାକୁ ପାଟିକୁ ଦେଇପାରେ ନାହିଁ। ମନ୍ତ୍ରୀତ୍ୱ ଗୋପାଳ ଦାସଙ୍କ ପାଇଁ ଠିକ୍ ପାଖରେ ଥୁଆ ହୋଇଥିବା ମିଷ୍ଟାନ୍ନ ଭଳି, ଆଉ ସେ ଯେପରି ଅଭିଶପ୍ତ ଡାଇବେଟିସ୍ ରୋଗୀ !

ନିଜକୁ ଏଇଭଳି ସାନ୍ତ୍ୱନା ଦେଇ ବାବୁ ଗୋପାଳ ଦାସ ଦିନେ ତାଙ୍କ ତ୍ରିତଳ ପ୍ରାସାଦର ଉପର ମହଲା ଶୀତତାପ ନିୟନ୍ତ୍ରିତ କୋଠରୀରେ ଗୋଟିଏ ସଚିତ୍ର ସିନେମା ପତ୍ରିକାର ପୃଷ୍ଠା ଓଲଟାଉଥିବା ବେଳେ ଦୟାମୟବାବୁଙ୍କ ପାଖରୁ ଟେଲିଫୋନ ଆସିଗଲା।

ଆଜିକାଲି ସେ କାହାରି ସିଧାସଳଖ ଉପକାର କରନ୍ତି ନାହିଁ। ପରୋପକାର କରିସାରି ଉପକୃତ ଲୋକ ପାଖରୁ କମିଶନ ପାଇଁ ହାତ ପତାଇବାକୁ ତାଙ୍କ ଆତ୍ମସମ୍ମାନକୁ ବାଧେ। ସେଥିପାଇଁ ସେ ଦୟାମୟ ଚୌଧୁରୀଙ୍କୁ ନିଜର ଏଜେଣ୍ଟ ନିଯୁକ୍ତ କରିଛନ୍ତି। ଯେଉଁମାନେ ତାଙ୍କର ସାହାଯ୍ୟ ଚାହାନ୍ତି, ସେମାନଙ୍କୁ ଦୟାମୟଙ୍କ ଜରିଆରେ ତାଙ୍କ ପାଖକୁ ଆସିବାକୁ ହୁଏ। ପରୋପକାରର କମିଶନ ସେ ମଧ୍ୟ ଆଦାୟ କରି ନିଜର ପ୍ରାପ୍ୟ ଅଂଶ କାଟିରଖି ଅବଶିଷ୍ଟ ତାଙ୍କ ଆକାଉଣ୍ଟରେ ବ୍ୟାଙ୍କରେ ଜମା କରିଦିଅନ୍ତି।

ଟେଲିଫୋନ ରିସିଭର ବାଁ ହାତରେ ଉଠାଇ ନେଇ ଗୋପାଳବାବୁ ପଚାରିଲେ - ଏଥର କାହାର କି ଉପକାର କରିବାକୁ ହେବ ଦୟାମୟ !

- ଜଣେ ଅଧ୍ୟାପକ ଭବାନୀପାଟଣାରୁ କଟକ ବଦଳି ହୋଇ ଆସିବାକୁ ଚାହୁଁଛନ୍ତି ସାର୍ !

ଅଧ୍ୟାପକ ବଦଳି କଥା ଶୁଣି ମନେ ମନେ ଚିଡ଼ି ଗଲେ ଗୋପାଳ ଦାସ।

କହିଲେ - ଆଜିକାଲି ମୁଁ ଏସବୁ ଛୋଟ ଛୋଟ କାମରେ ମନ୍ତ୍ରୀଙ୍କ ପାଖରେ

Digitized by srujanika@gmail.com

ମୁହଁ ହରାଇବାକୁ ଚାହେଁ ନାହିଁ ଦୟାମୟ ! ସମସ୍ତେ ଯଦି କଟକ - କ୍ୟାପିଟାଲରେ ଚାକିରୀ କରିବାକୁ ଚାହିଁବେ, ତାହାଲେ ଓଡ଼ିଶାରେ ଶିକ୍ଷାର ପ୍ରସାର ହେବ କେମିତି ? ଭବାନୀପାଟଣା କ'ଣ ଓଡ଼ିଶା ମଧ୍ୟରେ ନୁହେଁ ?

ଦୟାମୟ ଚୌଧୁରୀ ଖୁବ୍ ଅଭିଜ୍ଞ ଲୋକ। ଗୋପାଳବାବୁଙ୍କ ମନ କଥା ସେ ବେଶ୍ ବୁଝି ପାରୁଥିଲେ। ଇଞ୍ଜିନିୟର, ଡାକ୍ତର ବଦଳି କଥା ହୋଇଥିଲେ ସେ ଅଣ୍ଟାଏ ପଙ୍କରେ ପଶିଯିବା ଲୋକ। ସେମାନେ ଖାଇ ଜାଣନ୍ତି, ଖୁଆଇ ଜାଣନ୍ତି। ଅଧ୍ୟାପକ ବଦଳିରେ କେବଳ ଛାତି ଯିବ, କିନ୍ତୁ ପେଟ ପୂରିବ ନାହିଁ। ସେଥିପାଇଁ ଗୋପାଳ ଦାସଙ୍କ ଓଡ଼ିଶା - ପ୍ରୀତି; ଅନୁନ୍ନତ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ଯୁକ୍ତି।

ସେ କିନ୍ତୁ ଛାଡ଼ିବା ଲୋକ ନୁହନ୍ତି। ଛାଡ଼ିପାରିବେ ଅବା କିପରି ? ଭବାନୀପାଟଣା କଲେଜର ଓଡ଼ିଆ ଅଧ୍ୟାପକ ଶୁକଦେବ ସ୍ୱାଇଁ ତାଙ୍କ ବେକକୁ ଧରି ଓହଳିଛି। ତା'ଙ୍କ ସାଙ୍ଗରେ ଦିନରାତି ଲଗାଇଛି - ଆପଣ ଚାହିଁଲେ ପଙ୍ଗୁ ଗିରି ଲଂଘିପାରେ। ମୁଁ ତ କେବଳ କଳାହାଣ୍ଡିରୁ କଟକ ଆସିବାକୁ ଚାହେଁ !

ଫୋନ୍‌ରେ ଦୟାମୟଙ୍କ କଣ୍ଠ ସ୍ୱର ଭାସି ଆସିଲା - ସାର୍। ଶୁକ ଆପଣଙ୍କ ବାପାଙ୍କ ସାହିତ୍ୟ କୀର୍ତ୍ତି ଉପରେ ଗବେଷଣା କରୁଛି। ଦୁର୍ଲ୍ଲଭ ପ୍ରାଚୀନ ଗ୍ରନ୍ଥ ସଂଗ୍ରହ କରୁଛି। ଆପଣଙ୍କ ବାପା ଜଣେ ଜାତୀୟବାଦୀ ଗଣକବି ଥିଲେ - ଏ ତଥ୍ୟ ଉପରେ ସେ ପି.ଏଚ୍.ଡି. ଥିସିସ୍ କରୁଛି। ଏସବୁ ତଥ୍ୟ ପ୍ରମାଣ ସଂଗ୍ରହ କରିବା ପାଇଁ କଟକ ଆସିବା ତା'ର ନିହାତି ଦରକାର, ଆପଣ ଥରେ ଭାବି ଦେଖନ୍ତୁ ସାର୍।

ତାଙ୍କ ବାପା ଜଣେ ଜାତୀୟବାଦୀ ଗଣକବି ଥିଲେ ?

ଦୟାମୟ କ'ଣ ତାଙ୍କ ସାଙ୍ଗରେ ପରିହାସ କରୁଛି ?

ଗୋପାଳବାବୁ ସତରେ ବଡ଼ ବିଷମ ଭାବନାର ଆବର୍ତ୍ତରେ ପଡ଼ିଗଲେ। ତାଙ୍କ ଅପେକ୍ଷା ତାଙ୍କ ବାପାଙ୍କ କୀର୍ତ୍ତି କ'ଣ ଆଉ କେହି ଅଧିକା ଜାଣେ ?

ସେ ହତ-ଚକିତ ଭାବରେ କହିଲେ-ମୁଁ ଠିକ୍ କିଛି ବୁଝିପାରୁ ନାହିଁ ଦୟାମୟ ! ତମେ ସେ ଶୁକ କି ଶାରୀ ଯାହା କଥା କହୁଛ-ତାକୁ ସାଙ୍ଗରେ ଧରି ଏଠାକୁ ଚାଲିଆସ।

ମାତ୍ର ଘଣ୍ଟାକ ମଧ୍ୟରେ ଦୟାମୟ ଅଧ୍ୟାପକ ଶୁକଦେବ ସ୍ୱାଇଁଙ୍କୁ ସାଙ୍ଗରେ ଧରି ପହଞ୍ଚି ଯାଇଥିଲେ।

ଶୁକଦେବ ନିଜ ଫାଇଲ ଭିତରୁ "ବାବାରେ ଆଲୁଅ," 'ଦୁଇ ସଉତୁଣୀ କଳି', 'ଗାନ୍ଧୀ ଗୀତ' ଓ "ମୃତ ନାରୀର ନବୀନ ଜୀବନ ଲାଭ" ଇତ୍ୟାଦି ଅଧା ପୋଷ୍ଟକାର୍ଡ଼ ସାଇଜର ଅଣିକିଆ ପ୍ରାଚୀନ ଗ୍ରନ୍ଥମାନ କାଢ଼ି ଗୋପାଳବାବୁଙ୍କ ସାମ୍ନାରେ ଥୋଇ ଦେଲେ।

Digitized by srujanika@gmail.com

କହିଲେ-ଏହିସବୁ ଗ୍ରନ୍ଥର ପ୍ରଣେତା ଚାରଣ କବି ଭରତ ଦାସଙ୍କ ସାହିତ୍ୟ-କୀର୍ତ୍ତି ଉପରେ ମୁଁ ଗବେଷଣା କରୁଛି ସାର୍! ଆହୁରି ଅନେକ ଗ୍ରନ୍ଥ ମିଳୁନାହିଁ। ସମୟକ୍ରମେ ଗ୍ରନ୍ଥକୀଟ ସେସବୁ ଆତ୍ମସାତ୍ କରି ବସିଛି, କିନ୍ତୁ ଆପଣଙ୍କ ବାବା ସେସବୁ ସ୍ୱରଚିତ ପଦ୍ୟ ସଙ୍ଗୀତ ଆକାରରେ ଗାନ କଲା ବେଳେ ଶ୍ରୋତାମାନେ ଶୁଣି ଶୁଣି ତାକୁ ସ୍ମରଣ ରଖିଛନ୍ତି। ମତେ ସେହିସବୁ ବୟସ୍କ ଲୋକଙ୍କ ପାଖରୁ ଟେପ୍ ରେକର୍ଡ଼ ଧରି ତାକୁ ଉଦ୍ଧାର କରିବାକୁ ହେବ। ସେଥିପାଇଁ ମତେ କଟକ ବଦଳି ହୋଇ ଆସିବାକୁ ପଡ଼ିବ।

-କିନ୍ତୁ ମୋ ବାପା ଏସବୁ ବେନାମୀ ଗୀତ ବହିର ପ୍ରଣେତା ବୋଲି ପ୍ରମାଣ କ'ଣ ଅଛି? ଲୋକେ ଆପଣଙ୍କ ଅନୁମାନକୁ ସତ୍ୟ ବୋଲି ଗ୍ରହଣ କରିବେ କାହିଁକି?

ଗୋପାଳବାବୁଙ୍କ କଥା ଶୁଣି ଦୟାମୟ ବାବୁ ଉତ୍ତର ଦେଲେ-ସେଥିପାଇଁ ଆପଣଙ୍କୁ ଚିନ୍ତା କରିବାକୁ ପଡ଼ିବ ନାହିଁ ସାର୍! "ଗାନ୍ଧୀ ଗୀତ" ବହିରେ ପ୍ରଣେତାଙ୍କ ନାମ ନଥିଲେ ମଧ ବ୍ରିଟିଶ ସରକାରଙ୍କ ଗୋଏନ୍ଦା ପୋଲିସ ତାହା ଆପଣଙ୍କ ବାପାଙ୍କ ରଚନା ବୋଲି କୋର୍ଟରେ ପ୍ରମାଣିତ କରି ତାଙ୍କୁ ଜେଲଦଣ୍ଡ ଦେଇଛି। ତେଣୁ ଗୋଟିଏ ବେନାମୀ ବହିର ପ୍ରଣେତା ସେ ବୋଲି କଚେରୀରେ ପ୍ରମାଣିତ ହୋଇଗଲା ପରେ, ଅନ୍ୟ ପଦ୍ୟ ଗ୍ରନ୍ଥର ରଚୟିତା ସେ ନୁହନ୍ତି ବୋଲି କେଉଁ ବାପର ପୁଅ ଛାତିରେ ହାତ ଦେଇ କହିପାରିବ?

ଦୟାମୟବାବୁଙ୍କ ଯୁକ୍ତିର ସାରବତ୍ତା ଶ୍ରବଣ କରିବା ମାତ୍ରେ ଗୋପାଳବାବୁଙ୍କ ଆଖିରେ ଏକ ନୂତନ ଅନାବିଷ୍କୃତ ମହାଦେଶର ମାନଚିତ୍ର ଉନ୍ମୋଚିତ ହୋଇଗଲା। ଏତେଦିନ ପର୍ଯ୍ୟନ୍ତ ସେ ଭାବି ଆସିଥିଲେ ତାଙ୍କ ବାପା ସାମାନ୍ୟ ଜଣେ ଭାଟଭିକାରୀ। ଅନ୍ୟର ଗୀତ ବୋଲି ସେ ଭିକ ମାଗି ଚଳୁଥିଲେ। ସେହି ଗ୍ଲାନିରେ ସେ ମାର୍ତ୍ତଣ୍ଡପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚନରେ ଠିଆ ହେବାକୁ ଭରସି ପାରୁ ନଥିଲେ। ଦୟାମୟବାବୁଙ୍କ ଯୁକ୍ତି ଶୁଣି ତାଙ୍କର ସେ ହୀନମନ୍ୟତା ଦୂର ହୋଇଗଲା।

ମାର୍ତ୍ତଣ୍ଡପୁର ନିର୍ବାଚନମଣ୍ଡଳୀରୁ ଜିଣି ମନ୍ତ୍ରୀ ହେବାର ଗୋଟାଏ ସିଧା ରାସ୍ତା ତାଙ୍କ ଆଖି ସାମ୍ନାରେ ଖୋଲିଗଲା।

ଅଧ୍ୟାପକ ସ୍ୱାଇଁଙ୍କୁ କଳାହାଣ୍ଡିରୁ କଟକ ବଦଳି କରି ଆଣିବା ସଙ୍ଗେ ସଙ୍ଗେ ଗୋପାଳବାବୁ ତାଙ୍କୁ ଗବେଷଣାର ସୁବିଧା ପାଇଁ ଗୋଟିଏ ଜାପାନୀ ଟେପ୍‌ରେକର୍ଡ଼ର ଏବଂ କୋଡ଼ିଏ ହଜାର ଟଙ୍କା ଦାନ କରିଦେଲେ।

ସ୍ଥିରହେଲା ଯେଉଁ ମାର୍ତ୍ତଣ୍ଡପୁର ହାଟରେ ଗାନ୍ଧୀଗୀତ ବୋଲି ଭରତ ଦାସ ଗିରଫ ହୋଇଥିଲେ, ସେଠାରେ ତାଙ୍କର ଏକ ଆବକ୍ଷ ମାର୍ବଲ ମୂର୍ତ୍ତି ସ୍ଥାପିତ ହେବ। ମନ୍ତ୍ରୀ ଫୁଲମାଳ ଦେଇ ଉଦ୍‌ଘାଟନ କଲାପରେ ଅଧ୍ୟାପକ ସ୍ୱାଇଁ ତାଙ୍କର ଗବେଷଣାତ୍ମକ ପ୍ରବନ୍ଧ ପାଠକରି ମାର୍ତ୍ତଣ୍ଡପୁର ଅଧିବାସୀମାନଙ୍କୁ ବୁଝାଇ ଦେବେ

Digitized by srujanika@gmail.com

ଯେ ଭରତ ଦାସ ଥିଲେ ଜଣେ ବିପ୍ଳବୀ ଚାରଣ କବି।

ଫଳରେ ସ୍ୱତଃ ଆଗାମୀ ନିର୍ବାଚନରେ ଗୋପାଳବାବୁଙ୍କର ସେଠାରୁ ବିଧାନସଭାକୁ ପ୍ରାର୍ଥୀ ହେବା କଥା ଚୂଡ଼ାନ୍ତ ହୋଇଯିବ। ଆଉଥରେ ଏମ୍.ଏଲ୍.ଏ. ହେଲାପରେ ମନ୍ତ୍ରୀ ହେବାକୁ କେତେ ଅବା ବିଳମ୍ବ ?

ସବୁ ଠିକ୍ ଚାଲିଥିଲା।

ଓଡ଼ିଶାର ଦୁଇଜଣ ଖ୍ୟାତନାମା ଭାସ୍କର ମାର୍ବଲ ପଥରରେ ଭରତ ଦାସଙ୍କ ଆବକ୍ଷ ମୂର୍ତ୍ତି ବେକରେ ବ୍ରୋଞ୍ଜର ତିଆରି ଏକ ହାରମାନିୟମ ମଧ୍ୟ ଝୁଲାଇ ଦେଇଥିଲେ। ମୂର୍ତ୍ତି ଉଦ୍‌ଘାଟନ କରିବା ପାଇଁ ମନ୍ତ୍ରୀ ଭବାନୀଶଙ୍କର ମଧ୍ୟ ଠିକ୍ ସମୟରେ ଆସି ପହଞ୍ଚିଥିଲେ। ଟ୍ରକ, ବସ୍‌ରେ ବୁହା ହୋଇ ଆସିଥିବା ଦର୍ଶକମାନଙ୍କ ରାତ୍ରିଭୋଜନ ପାଇଁ ମଧ୍ୟ ସୁବ୍ୟବସ୍ଥା କରି ସାରିଥିଲେ ଗୋପାଳ ଦାସ।

ସବୁ ଠିକ୍ ଚାଲିଥିଲା।

କିନ୍ତୁ ଗବେଷକ ଅଧ୍ୟାପକ ସ୍ୱାଇଁ ଭରତ ଦାସଙ୍କ ବିରଚିତ ‘‘ଗାନ୍ଧୀଗୀତ’’ରେ ଗଭୀର ଦେଶପ୍ରେମ ବିଷୟରେ ବୁଝାଇବାମାତ୍ରେ ଆରମ୍ଭ ହୋଇଗଲ ହୋ’ହଲ୍ଲା। ଯେଉଁ ଟଗଲା ଛାତ୍ର ଦିନେ କଟକରୁ ‘ଗାନ୍ଧୀଗୀତ’ କିଣି ଆଣି ଭରତ ଦାସଙ୍କୁ ଦେଇଥିଲା; ସେ ପ୍ରତିବାଦ କଲା-

- ମିଛ, ତାହା ମିଛ। ଏସବୁ ଭଣ୍ଡାମୀ। ମୁଁ ଏ ଗୀତ ବହି ଭରତ ମଉସାଙ୍କୁ କିଣି ଆଣି ଦେଇଥିଲି। ସେ ଏ ପଦ୍ୟ ଲେଖି ନାହାନ୍ତି-

ତା’ପରେ ଶ୍ରୋତାମାନଙ୍କ ମଧ୍ୟରୁ ଅଧେ ଲୋକ ଠିଆ ହୋଇପଡ଼ି ଚିତ୍କାର କରିବାକୁ ଲାଗିଲେ-

‘‘ଆବେ ଗୋପାଳିଆ ! ଟଙ୍କା ଦେଇ ଶାଗ, ମାଛ କିଣିହୁଏ। କବି-କୀର୍ତ୍ତି କିଣାଯାଏ ନାହିଁ। ତୋ ବାପା ଗୋଟାଏ ଭିକମଗା ଭାଟ ଥିଲା-କବି ନୁହେଁ।’’

ରାଗରେ ଗୋପାଳ ଦାସ, ଦୟାମୟ ଚୌଧୁରୀ ଏବଂ ଶୁକଦେବ ସ୍ୱାଇଁ ପ୍ରତିବାଦୀ ଲୋକମାନଙ୍କୁ ଠିକଣା ଜବାବ ଦେବା ପାଇଁ ଆଗକୁ ମାଡ଼ିଗଲେ। ବାହୁର ମାଂସପେଶି ଦେଖାଇ ଅନ୍ୟମାନେ ମଧ୍ୟ ମାଡ଼ି ଆସିଲେ। ଚାଲିଲା ଧସ୍ତାଧସ୍ତି। ଉଚ୍ଛୃଙ୍ଖଳ, ଉତ୍‌କ୍ଷିପ୍ତ ଲୋକମାନଙ୍କୁ ସମ୍ଭାଳିବା ପାଇଁ ପୋଲିସ ବାହିନୀ ଆସି ପହଞ୍ଚିଗଲେ। ଚାଲିଲା ଲାଠିଚାଳନା, ଲୁହବୁହା ବାଷର ବିସ୍ଫୋରଣ।

ତା’ଆରଦିନ ମାର୍ତ୍ତଣ୍ଡପୁର ଅଧିବାସୀମାନେ ଦେଖିଲେ, ଭରତ ଦାସଙ୍କ ମାର୍ବଲ ମୂର୍ତ୍ତି ଭାଙ୍ଗି ପଡ଼ିଛି। ବ୍ରୋଞ୍ଜରେ ତିଆରି ହାରମୋନିୟମର ଚିହ୍ନବର୍ଣ୍ଣ ନାହିଁ। ଏତେ ଶ୍ରମ, ଏତେ ଅର୍ଥବ୍ୟୟରେ ଗଢ଼ା ଯାଇଥିବା ଗୋପାଳ ଦାସଙ୍କ ରାଜନୈତିକ ଭାବମୂର୍ତ୍ତି ମଧ୍ୟ ଭାଙ୍ଗି ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଯାଇଛି !

Digitized by srujanika@gmail.com

ସେ ଦିନେ ମନ୍ତ୍ରୀ ଥିଲେ

ଘନବାବୁ ଯେ ଦିନେ ଜଣେ ଖୁବ୍ ପ୍ରଭାବଶାଳୀ ମନ୍ତ୍ରୀ ଥିଲେ, ଏକଥା ଅନ୍ୟମାନଙ୍କ କଥା ଛାଡ଼, ତାଙ୍କ ସ୍ତ୍ରୀ ମଣିମାଳା ମଧ୍ୟ ସ୍ୱୟଂ ଭୁଲିଯିବାକୁ ବସିଛନ୍ତି। ସେଥିପାଇଁ ସେ ଯେତେବେଳେ ଖୁବ୍ ଉତ୍ତେଜିତ କଣ୍ଠରେ କହିଲେ :

-ଦେଖୁଛ, ଦେଖୁଛ ମଣି! ସ୍ଥାନ ସଂରକ୍ଷଣ ଅଧ୍ୟାଦେଶ ବିରୁଦ୍ଧରେ ଏତେବଡ଼ ଛାତ୍ର ଆନ୍ଦୋଳନ ହୋଇଗଲା, ସେ ସମ୍ପର୍କରେ ମୋର ମତାମତ ଜାଣିବା ପାଇଁ ଜଣେ କେହି ସାମ୍ବାଦିକ ଆମ ଘର ଦରଜା ଠକ ଠକ କଲେନାହିଁ?

ମଣିମାଳା ସେତେବେଳେ ତରକାରୀ ପାଇଁ ବେସର ବାଟୁଥିଲେ। ସ୍ୱାମୀଙ୍କ କଥା ଶୁଣି ତାଙ୍କ ଝାଳ ସରସର ମୁହଁରେ ଟିକିଏ ହସ ଦୁଧଫେଣ ଭଳି ଉତୁରି ପଡ଼ିଲା।

ସେ ନିଜ ମୁହଁର ହସ ଓଠରେ ଚାପି ଅଟକାଇ ପାରିଲେ ନାହିଁ, ହସିଦେଇ କହିଲେ-ସେଦିନୁ କଲିଂବେଲ୍ ଅସଜ ହୋଇପଡିଛି। କହି କହି ଥକିଗଲିଣି। ଇଲେକ୍ଟ୍ରି ମିସ୍ତ୍ରୀକୁ ଡ଼ାକି ମରାମତି କରୁନାହଁ। ସାମ୍ବାଦିକମାନେ ତମକୁ ଭେଟିବାକୁ ଆସି ଯଦି ଅସଜ କଲିଂବେଲର ବୋତାମ ଚିପି ଚିପି ନିରାଶ ହୋଇ ଫେରି ଯାଉଥିବେ, ସେଇଟା କ'ଣ ସେମାନଙ୍କର ଦୋଷ? ବାହାରେ କଲିଂବେଲ ସୁଇଚ୍ ଥିବାବେଳେ ସେମାନେ କବାଟ ଠକଠକ କରନ୍ତେ କାହିଁକି?

ଏଥର ଉତ୍ତେଜିତ ଘନଶ୍ୟାମଙ୍କ ମୁହଁରୁ ଉତ୍ତେଜନାର ଉତ୍ତାପ ଓହ୍ଲାଇଗଲା। ହସ ଢେଉ ଭାଙ୍ଗି ଲୋଟି ପଡ଼ିଲା; ଫେନାୟିତ ସାମୁଦ୍ରିକ ହସର ଉଦ୍‌ବେଳିତ ତରଙ୍ଗ। ନିଜେ ନିଜକୁ ଉପହାସ କଲା ଭଳି ମନ୍ତବ୍ୟ କଲେ-

-ମୁଁ ନିଜେ ଗୋଟାଏ ବାଜୁ ନଥିବା କଲିଂବେଲ୍ ମଣି! ମନ୍ତ୍ରୀ ଥିବାବେଳେ ସାହିତ୍ୟ, ସଙ୍ଗୀତ, କୁସ୍ତି କସରତଠାରୁ ଆରମ୍ଭ କରି ସୁଲଭ ଶୌଚାଳୟ ପର୍ଯ୍ୟନ୍ତ-ସବୁପ୍ରକାର ସଭାସମିତି, ଉଦ୍‌ଘାଟନ ଉନ୍ମୋଚନ ଉତ୍ସବକୁ ଯିବା ପାଇଁ ମତେ ବାଧ୍ୟ କରା ଯାଉଥିଲା। ଗୋଟାଏ ଧର୍ମସଭାକୁ ବରେଣ୍ୟ ଅତିଥି ହୋଇ ଯିବିନାହିଁ ବୋଲି ମନା କରିଦେଇଥିବା ହେତୁ ଗେରୁଆପିନ୍ଧା ଧର୍ମାତ୍ମାମାନେ ଆମ କୋଠି ସାମ୍ନାରେ କିପରି ଚକାମାଡି ବସି ଅନଶନ ସତ୍ୟାଗ୍ରହ ଆରମ୍ଭ କରି ଦେଇଥିଲେ,

Digitized by srujanika@gmail.com

ତମର ମନେ ନାହିଁ? ତମେ ତ ନିଜେ ଆସି ଜିଦ୍ କଲ-ଆଉ କେଉଁଠିକି ଯାଅ କି ନ ଯାଅ-ଧର୍ମସଭାକୁ ଯେପରି ହେଉ ତମକୁ ଯିବାକୁ ପଡ଼ିବ। ସନ୍ନ୍ୟାସୀମାନେ କୋଠି ବାହାରେ ଅନଶନରେ ବସିଥିବେ ଆଉ ଆମେ ଘରେ ଅନ୍ନବ୍ୟଞ୍ଜନ ଭୋଜନ କରିବା ? ଛି-ଛି-

ଅତୀତର ସେଇ ସୁନେଲି ଦିନର କଥା ହଠାତ୍ ମଣିମାଳାଙ୍କର ସ୍ମରଣ ହୋଇଯିବା ମାତ୍ରେ, ବର୍ତ୍ତମାନର ଅବସ୍ଥା କଥା ଭାବି ତାଙ୍କ ଆଖିପତା ଓଦା ହୋଇଗଲା।

ଘନବାବୁ ସାନ୍ତ୍ୱନା ଦେଲେ-ଏଇଟା କୌଣସି ବ୍ୟକ୍ତିର ଅପରାଧ ନୁହେଁ, ଆମ ଜାତୀୟ ଚରିତ୍ରର ଦୋଷ। କ୍ଷମତାରେ ଥିଲାବେଳେ ଯୋଗୀ, ଭୋଗୀ,-ସମସ୍ତେ ତମର ସ୍ତବ କରୁଥିବେ, କ୍ଷମତାରୁ ଗଲା‌ମାତ୍ରେ ଦେଖାହେଲେ ଚିହ୍ନି ପାରିବେ ନାହିଁ।

ମଣିମାଳାଙ୍କ ବେସରବଟା ଶେଷ ହୋଇ ଯାଇଥିଲା। ସେ ଶିଳ୍ପୁଆ ଧୋଇନେଇ ଚୂଲିମୁଣ୍ଡକୁ ଯିବା ଆଗରୁ ସ୍ୱାମୀଙ୍କୁ କହିଗଲେ:

-ତମର ଜ୍ଞାନଗର୍ଭକ, ଓଜସ୍ୱିନୀ ଭାଷଣ ଶୁଣିବା ପାଇଁ ସେମାନେ ତମକୁ ସଭାର ସଭାପତି, ଉଦ୍‌ଘାଟନ ଉତ୍ସବର ପ୍ରଧାନ ଅତିଥି କିମ୍ବା ବରେଣ୍ୟ ବକ୍ତା ଭାବରେ ଡ଼ାକୁ ନ ଥିଲେ। ତମେ ଗଲେ ଟି.ଭି. କ୍ୟାମେରା ଯିବ; ଦୂରଦର୍ଶନ ପରଦାରେ ତମ ସହିତ ସେମାନଙ୍କର ମୁହଁ ମଧ ଦେଖାଯିବ, ସେଥିପାଇଁ ସବୁ ଯାଗାକୁ ଯିବା ପାଇଁ ତମକୁ ଡ଼ାକରା ଆସୁଥିଲା। ଟି.ଭି.ରେ ପ୍ରତିଦିନ ତମ ମୁହଁ ଦେଖି ଦେଖି ଲୋକେ ଖୁବ୍ ରାଗି ଯାଇଥିଲେ। ଗତଥର ତମ ପାଇଁ ନିର୍ବାଚନ ପ୍ରଚାରରେ ଯାଇଥିବାବେଳେ ଜଣେ ମହିଳା ଭୋଟର ତ ମୋ ମୁହଁ ଉପରେ କହିଦେଲେ-ଗତଥର ତମ ବାବୁଙ୍କୁ ଭୋଟ ଦେଇଥିଲୁ ବୋଲି ମନ୍ତ୍ରୀ ହୋଇ ପ୍ରତିଦିନ ସେ ଟି.ଭି.ରେ ବାହାରିଲେ। ନିର୍ବାଚନମଣ୍ଡଳୀରେ ଦେଖା ଦର୍ଶନ ମିଳିଲା ନାହିଁ। ନିତି ଦୂରଦର୍ଶନ ପରଦାରେ ତାଙ୍କ ମୁହଁ ଦେଖି ଦେଖି ଆଖି ଚଳକା ହୋଇଯାଇଛି, ଆଉଥରେ ଭୋଟ ଦେଲେ ସେ ପୁଣି ବାହାରିବେ-ନା, ବାବା! ଏଥର ଆଉ ସେ ଭୁଲ କରିବୁ ନାହିଁ।

ମଣିମାଳା ହୁଏତ ଗତ ନିର୍ବାଚନ ବେଳର ଆଉ କିଛି ଅଭିଜ୍ଞତା ବର୍ଣ୍ଣନା କରିଥାଆନ୍ତେ, କିନ୍ତୁ ପ୍ରେସର କୁକରର ସାଁ ସାଁ ଶବ୍ଦ ଶୁଣି ତାଙ୍କୁ ରୋଷେଇଘରକୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଲା। ଆଜିକାଲି ତ ଆଉ ଖାନ୍‌ସାମା ନାହିଁ, କିମ୍ବା ଗେଷ୍ଟହାଉସ୍‌କୁ ଫୋନ୍ କରିଦେଲେ ସୁସ୍ୱାଦୁ ଖାଦ୍ୟ ମାଗଣା ଆସିଯିବ ନାହିଁ! ନିଜ ହାତରେ ନ ରାନ୍ଧିଲେ ଉପାସ!

ପତ୍ନୀ ଚାଲିଗଲା ପରେ ଘନବାବୁ ନିଜ ଭିତରେ ପ୍ରଚଣ୍ଡ ଅସ୍ଥିରତା ଅନୁଭବ କଲେ। ମନ୍ତ୍ରୀତ୍ୱର ସ୍ମୃତି ରୋମନ୍ଥନ କଲେ ସେ ଆଜିକାଲି ଅସ୍ୱସ୍ତି ଅନୁଭବ କରନ୍ତି।

ସମ୍ଭବତଃ ସେ ଓଡ଼ିଶା ରାଜନୀତିରେ ଶେଷ ସ୍ୱାଧୀନତା ସଂଗ୍ରାମୀ ପ୍ରଜନ୍ମର

Digitized by srujanika@gmail.com

ରାଜନୀତିଜ୍ଞ। ୧୯୪୨ ଅଗଷ୍ଟ ଆନ୍ଦୋଳନରେ ଝାସ ଦେଇ ଜେଲ୍‌ବରଣ କଲାବେଳେ ତାଙ୍କର ବୟସ ଥିଲା ଅଠର ବର୍ଷ। କଲେଜର ପ୍ରଥମ ବାର୍ଷିକ ଶ୍ରେଣୀର ଛାତ୍ର। ମଫସଲ ଅଞ୍ଚଳର ପିଲା। ଦୂରଦର୍ଶନ ତ ଦୂରର କଥା, ରେଡ଼ିଓ ମଧ୍ୟ ସେ ପର୍ଯ୍ୟନ୍ତ ସେ ଦେଖି ନଥିଲେ। ଜେଲରେ ଥିଲା ବେଳେ ତାଙ୍କର ଜଣେ ସହପାଠୀ ଆଉ ସହବନ୍ଦୀ ରତ୍ନାକର ଦିନେ ଆସି ଖବର ଦେଲା-ବ୍ରିଟିଶ ପୋଲିସ ପହରାକୁ ଫାଙ୍କିଦେଇ ସୁବାସ ବୋଷ କଲିକତା ଛାଡ଼ି ଜାପାନ ପଳାଇଛନ୍ତି।

ସେ ବିସ୍ମୟରେ ପ୍ରଶ୍ନ କରିଥିଲେ-ତୁ ତ ମୋ'ଭଳି ଜେଲ୍‌ର ଚାରିକାନ୍ଥ ମଧ୍ୟରେ ବନ୍ଦୀ ହୋଇ ରହିଛୁ। ସୁବାସ ଇଂରେଜ ସରକାରଙ୍କ ନଜର ଏଡ଼ାଇ ଜାପାନ୍ କି ଜର୍ମାନ ଚାଲି ଯାଇଛନ୍ତି ବୋଲି ଜାଣିଲୁ କିପରି ?

ରତ୍ନାକର ତାଙ୍କ ମନରେ ପ୍ରତ୍ୟୟ ସୃଷ୍ଟି କରିବା ପାଇଁ ଚାପା କଣ୍ଠରେ ତାଙ୍କ କାନ ପାଖରେ ମୁହଁ ଲଗାଇ କହିଥିଲା-ରହେମାନ ଚାଚାଙ୍କଠାରୁ ଶୁଣି ଆସିଲି। ତାଙ୍କ ପାଖରେ ଗୋଟାଏ ସିଗାରେଟ ଖୋଳ ମାପର ରେଡିଓ ଅଛି। ସେଇ ଟ୍ରାନ୍‌ଜିଷ୍ଟର ରେଡ଼ିଓରେ ଏ ଖବର ପ୍ରଚାରିତ ହୋଇଛି। ମୁଁ ନିଜେ ଶୁଣିଛି-ତୁ ଚାଲ୍, ରେଡ଼ିଓ ଶୁଣିବୁ-

ରହେମାନ ଚାଚାଙ୍କ ସହିତ ମିଳାମିଶା ନ କରିବା ପାଇଁ ତାଙ୍କ ଦଳର ନେତା ବାରଣ କରିଥିଲେ। କାରଣ ରହେମାନ୍ ଅଲ୍ଲି ସେମାନଙ୍କ ଭଳି ଗାନ୍ଧିବାଦୀ ଅହିଂସ ସଂଗ୍ରାମୀ ନ ଥିଲେ। ସେ ଥିଲେ ମାର୍କସବାଦୀ। ଉଗ୍ରପନ୍ଥୀ ବିପ୍ଳବୀ। ସରକାରୀ ଅସ୍ତ୍ରାଗାର ଲୁଣ୍ଠନ କରିବା ଅପରାଧରେ ସେ ଜେଲଦଣ୍ଡ ଭୋଗ କରୁଥିଲେ। ତାଙ୍କ ସହିତ ରତ୍ନାକର ମିଳାମିଶା କରୁଥିବା ଜାଣି ସେ ତା'ଉପରେ ରାଗ କରିବା କଥା। କିନ୍ତୁ ସିଗାରେଟ ଖୋଳ ମାପର ଏକ ରେଡ଼ିଓ ଟ୍ରାନ୍‌ଜିଷ୍ଟର ଦେଶ ବିଦେଶର ଖବର ଦେଉଛି-ଏକଥା ଶୁଣିବା ମାତ୍ରେ ସବୁ ବାରଣ ଅମାନ୍ୟ କରି ସେ ତାଙ୍କ ପାଖକୁ ଛୁଟି ଯାଇଥିଲେ।

ସେଇ ପ୍ରଥମ ରହେମନ୍ ଅଲ୍ଲିଙ୍କ ନିର୍ଜନ ସେଲ୍‌ରେ ଟ୍ରାନ୍‌ଜିଷ୍ଟର ରେଡ଼ିଓରୁ ଗୀତ ଆଉ ଖବର ଶୁଣିଥିଲେ ଘନବାବୁ। ସେ ପ୍ରାୟ ଚାଳିଶି ବର୍ଷ ତଳର ଘଟଣା! ଏବେ ଘରେ ଘରେ ଟେଲିଭିଜନ୍, ଭିସିଆର। ରେଡ଼ିଓ ଏକ ପୁରୁଣା ଭଙ୍ଗା ଖେଳନା ଭଳି ପରିତ୍ୟକ୍ତ, ଅବହେଳିତ!

ରେଡ଼ିଓରୁ ଟେଲିଭିଜନ--ଦେଶ ଅଗ୍ରଗତି କରୁଥିବାର ପ୍ରତ୍ୟକ୍ଷ ପ୍ରମାଣ। କିନ୍ତୁ ସେ ଦୂରଦର୍ଶନ ପରଦାରେ ଚେହେରା ଦେଖାଇବା ପାଇଁ ମନ୍ତ୍ରୀ ହୋଇଥିଲେ-ଏକଥା ତାଙ୍କ ନିର୍ବାଚନମଣ୍ଡଳୀର ଲୋକେ ବିଶ୍ୱାସ କରି ତାଙ୍କୁ ହରାଇଦେଲେ- ଏକଥା ଭାବିଲା ବେଳକୁ ତାଙ୍କୁ କଷ୍ଟ ଲାଗୁଥିଲା। କିଛି ପରିମାଣରେ କ୍ରୋଧ ମଧ୍ୟ!

ଘନ ବାବୁଙ୍କର ହଠାତ୍ ମନେ ପଡ଼ିଗଲା କାଲି ଦିଲ୍ଲୀରୁ ଫେରିଥିବ କୁନାକ। ତା'ସହିତ ଜରୁରୀ କଥାବାର୍ତ୍ତା ଥିଲା, ସେ ଟେଲିଫୋନ୍ ରିସିଭର୍ ଉଠାଇ ନମ୍ବର

Digitized by srujanika@gmail.com

ଡାଏଲ୍ କରିବା ମାତ୍ରେ ପଛରୁ ମଣିମାଳାଙ୍କ କଣ୍ଠସ୍ୱର ଶୁଣାଗଲା-ମଲା, ଟେଲିଫୋନ୍‌ରେ କାହାକୁ ଡାକୁଛ ? ମାସେ ହେଲା ପରା ସେମାନେ ଲାଇନ୍ କାଟି ଦେଇଛନ୍ତି ।

ଦୁଇମାସରେ ସାତହଜାର ଚାରିଶହ ଏକଷଠି ଟଙ୍କାର ଫୋନ୍ ବିଲ୍ ।

ଜୁଲରେ ଆଉ କେଉଁ ଗ୍ରାହକ ଈଶ୍ୱରଙ୍କ ବିଲ୍ ତାଙ୍କ ନାମରେ ଚଢ଼ିଯାଇଛି ବୋଲି ଅଭିଯୋଗ କଲାବେଳେ ଆକାଉଣ୍ଟାଟ୍ ରାଓବାବୁ ଉତ୍ତର ଦେଇଥିଲେ-ନାଇଁ ସାର୍ ! ଘନଶ୍ୟାମ ଦାସ-ଏକ୍ସ ମିନିଷ୍ଟର ଅଫ୍ କଲଚର୍...ଆପଣଙ୍କ ନିଜ ଟେଲିଫୋନ୍ ବିଲ୍-

ଘନ ବାବୁ ପ୍ରତିବାଦ କରିଥିଲେ-

-ମନ୍ତ୍ରୀତ୍ୱ ଗଲା ପରେ ମୁଁ କଦବା କ୍ୱଚିତ୍ ଆତ୍ମୀୟ ସ୍ୱଜନଙ୍କୁ ଫୋନ୍ କରେ ! ସର୍ବନିମ୍ନ ଦେୟ ଚାର୍ଜ ହେବା କଥା-

ଏଥର ରାଓ ବାବୁ ତାଚ୍ଛଲ୍ୟ କଲାଭଳି ଉତ୍ତର ଦେଇଥିଲେ-ମନ୍ତ୍ରୀତ୍ୱ ଯାଇଥିଲେ ମଧ୍ୟ ହୁଏତ ଅଭ୍ୟାସ ଯାଇ ନାହିଁ, ସରକାରୀ ଫୋନ୍ ଭାବି ବୋଧହୁଏ ଘରେ ଅନ୍ୟମାନେ-

ଘନବାବୁଙ୍କ ମୁହଁ ରାଗରେ ଲାଲ୍ ନୁହେଁ; ଅପମାନରେ କଳା ପଡ଼ି ଯାଇଥିଲା । ସେ ଆପତ୍ତି ଆବେଦନ ପତ୍ର ଫେରସ୍ତ ଆଣି ଚିକି ଚିକି ଚିରି ପବନରେ ଉଡ଼ାଇ ଦେଇଥିଲେ ।

ସେମାନେ ବିଲ୍ ଦିଆଯାଇ ନ ଥିବାରୁ ଲାଇନ୍ କାଟି ଦେଇଛନ୍ତି- ଏକଥା ସେ ସଂପୂର୍ଣ୍ଣ ଭୁଲି ଯାଇଥିଲେ । କଲିଂବେଲ୍ ସୁଇଚ୍ ଆସଳ । ଟେଲିଫୋନ ସଂଯୋଗ ବିଚ୍ଛିନ୍ନ । ଭାବ ଆଦାନ ପ୍ରଦାନ କରିବାର ସବୁ ଯନ୍ତ୍ର ଅଚଳ । ସେ ଆଉ ରାଜନୀତି କରିବେ କିପରି ?

ମନ୍ତ୍ରୀ ହେବା ଆଗରୁ ସେ ବେଶ୍ ଥିଲେ । ଅତୃପ୍ତି ଥିଲା, ଉତ୍ତେଜନା, ଉଦ୍‌ବେଗ ନ ଥିଲା । କିଛି କରିବାର ଆଗ୍ରହ ଥିଲା; କିଛି କରି ନ ପାରୁଥିବାର ଅସହାୟତା ନ ଥିଲା ।

ଅନ୍ୟ ଭୂତପୂର୍ବମାନେ କିପରି ଅଛନ୍ତି ?

ମଣିମାଳା ତାଙ୍କୁ ମନେପକାଇ ଦିଅନ୍ତି:

-ସେମାନେ ସମସ୍ତେ ଚାଲାକ୍, ଚତୁର ଲୋକ । ତମ ଭଳି ସାଧୁସନ୍ଥ ନୁହନ୍ତି । ଘରଟା ସେମାନଙ୍କର ମଠ କି ମନ୍ଦିର ନୁହେଁ । ଏଇ କୃପାସିନ୍ଧୁ ବାବୁଙ୍କୁ ଦେଖ । ଶୀତ-ବସନ୍ତ ଗଲେ, ଖରାଦିନ, ବର୍ଷାଦିନ ଆସିବ ବୋଲି ଆଗପଛ ଭାବି ବର୍ଷା ଦିନ ପାଇଁ ସଞ୍ଚି ରଖିଛନ୍ତି । ପାଞ୍ଚନମ୍ବର ଜାତୀୟ ରାଜପଥ କଡ଼ରେ ଯେଉଁ ହିନ୍ଦ୍ ପେଟ୍ରୋଲ୍ ପମ୍ପ୍ ସେଇଟା ତାଙ୍କ ଶଳା ନାମରେ- ପୁଅ ନାମରେ କୁକିଙ୍ଗ୍ ଗ୍ୟାସ୍-ଏଇ ସହର ମଝିରେ ଯେଉଁ 'ନାଗରିକ' ସିନେମା ହଲ୍- ସେଇଟା ସାନଭାଇ କରୁଣାସିନ୍ଧୁ ନାମରେ-ମହାନଦୀ କୂଳରେ ସେ ଯେଉଁ ତିନିମହଲା କୋଠା-ଦଶହଜାର

Digitized by srujanika@gmail.com

ଟଙ୍କାକୁ ଭଡ଼ା ଲାଗିଛି-

-ସେଇଟା ତାଙ୍କ ସ୍ତ୍ରୀ ମାୟାବତୀଙ୍କ ନାମରେ, ଏଇଆ ତ ! ସ୍ତ୍ରୀଙ୍କ କଥାରେ ପୂର୍ଣ୍ଣଚ୍ଛେଦ ଟାଣିଦେବା ପାଇଁ ଘନବାବୁ ମାୟାବତୀଙ୍କ ନାମ ନିଜେ ଯୋଡ଼ି ଦେଲେ।

ମଣିମାଳା କିନ୍ତୁ ହାରିଯିବାର ପାତ୍ରୀ ନୁହନ୍ତି। ସେ କହିଲେ - କହିବ ନାହିଁ କାହିଁକି ? ଦୁଇଦିନ ତଳେ ତାଙ୍କ ବୋହୂ ଆସିଥିଲେ ନୂଆ ମାରୁତି ଗାଡ଼ି ଚଢ଼ି। ସେମାନଙ୍କ ବିବାହ ବାର୍ଷିକ ଉପଲକ୍ଷ୍ୟେ କୃପାସିନ୍ଧୁ ବାବୁ କୁଆଡେ ସେଇଟା ପ୍ରେଜେଣ୍ଟ୍ କରିଛନ୍ତି। କଳାଧନ ନ ଥିଲେ.... !

କୃପାସିନ୍ଧୁ ବାବୁଙ୍କ ବିରୁଦ୍ଧରେ ନିଜ ସ୍ତ୍ରୀଙ୍କ ମୁହଁରୁ ଏଇ ଅଭିଯୋଗ ପ୍ରଥମ ଶୁଣୁନାହାନ୍ତି ଘନବାବୁ। ସେ ମନ୍ତ୍ରୀ ଥିବାବେଳେ ଖବର କାଗଜରେ ଏ ସବୁ ଖବର ଛପା ହୋଇଥିଲା, ବିଧାନସଭାରେ ମଧ୍ୟ ଏ ପ୍ରସଙ୍ଗ ଉତ୍‌ଥାପିତ ହୋଇଥିଲା। ଜଣେ ମନ୍ତ୍ରୀ ହେଲେ ତାଙ୍କ ଶଳା ପେଟ୍ରୋଲ ପମ୍ପ କିମ୍ବା ପୁଅ କୁକିଙ୍ଗ ଗ୍ୟାସ ପାଇଁ ଲାଇସେନ୍‌ସ ପାଇବ ନାହିଁ; କିମ୍ବା ତା'ର ସାନଭାଇ ସିନେମା ହଲ ଖୋଲି ପାରିବ ନାହିଁ ବୋଲି କୌଣସି ଆଇନ୍ ଏ ପର୍ଯ୍ୟନ୍ତ ପାଶ୍ ହୋଇ ନାହିଁ-ଏହା ହିଁ ଥିଲା କୃପାସିନ୍ଧୁ ବାବୁଙ୍କର ଯୁକ୍ତି। ଅବଶ୍ୟ ତାଙ୍କ ନିର୍ବାଚନ ମଣ୍ଡଳୀର ଲୋକେ ତାଙ୍କୁ ହରାଇଦେଲେ ସେ ଭିନ୍ନ କଥା କିନ୍ତୁ ସେ ନିଜେ କଳାଧନର ପାଖମାଡ଼ି ନ ଥିଲେ ମଧ୍ୟ ସେ ଅବା କେଉଁ ଜିଣିଗଲେ !

ଭୋଟ ରାଜନୀତିରେ ଟଙ୍କାର କୌଣସି ରଙ୍ଗ ନାହିଁ। କଳାଟଙ୍କା ଅପେକ୍ଷା ଧଳା ଟଙ୍କାରେ ବେଶୀ ଭୋଟ କିଣି ହେବ; ଏଥିରେ କୌଣସି ସତ୍ୟତା ନାହିଁ। ଅର୍ଥ ଅନର୍ଥର ମୂଳ ହୋଇପାରେ, କିନ୍ତୁ ଅର୍ଥହୀନ ଲୋକର ମୂଳ ନ ଥାଏ କି ଚୂଳ ନ ଥାଏ। ଆଜିର ରାଜନୀତିରେ ଅର୍ଥହୀନ ବ୍ୟକ୍ତି ଅଚଳ ଟଙ୍କା !

କୁନାଇ ବିଶ୍ୱାଳ କହୁଥିଲା-ଜନ ଅସନ୍ତୋଷ ଯୋଗୁଁ ବର୍ତ୍ତମାନ ସରକାରଙ୍କ ସିଂହାସନ କୁଆଡେ ଟଳମଳେ। ଲୋକେ ପୁଣି ତାଙ୍କ ପାର୍ଟି ଆଡ଼କୁ ଢଳିଲେଣି। କୁନାଇ ଏ ଅଞ୍ଚଳ ପଞ୍ଚାୟତ ସମିତିର ଚେୟାରମ୍ୟାନ୍। ଲୋକଙ୍କ ନାଡ଼ି ନକ୍ଷତ୍ର ତାଙ୍କୁ ଭଲ କରି ଜଣା। ତା'ର ଧାରଣା ସେ ଆଉ ତାଙ୍କର ଦଳ ବର୍ତ୍ତମାନ ଗାଦିକୁ ଫେରିବା ମଝି ରାସ୍ତାରେ-

କୃପାସିନ୍ଧୁ ବାବୁଙ୍କ ସହିତ ସେ ମଧ୍ୟ ଭୋଟରେ ଜିଣିଯାଇ ପାରନ୍ତି। ମନ୍ତ୍ରୀତ୍ୱ ଫେରସ୍ତ ଆସିପାରେ। ଅସଜ କଲିଂ ବେଲ୍ ଠିକ୍ ହୋଇ ଯାଇପାରେ। ମୃତ ଟେଲିଫୋନ ତାରରେ ପୁଣି ଥରେ ବିଦ୍ୟୁତ୍ ପ୍ରବାହ ସଂଚାରିତ ହୋଇପାରେ।

ଏଇ 'ହୋଇପାରେ'ର ସମ୍ଭାବନା ବିଶଲ୍ୟକରଣୀ ଭଳି ଘନବାବୁଙ୍କ ସବୁ କ୍ଷତର ଜ୍ୱାଳା ଯନ୍ତ୍ରଣା ଲିଭାଇ ଦେଲା। ଶୁଖିଗଲା ମୁହଁରେ ଝଳି ଉଠିଥିବା ବିନ୍ଦୁ ବିନ୍ଦୁ ଝାଳ !

ଆଉ ଦିନେ କୁନାଇ ପାଖରୁ ଫେରି ମୁହଁ ହାତ ଧୋଇ ସେ ଖାଇ

Digitized by srujanika@gmail.com

ବସିଛନ୍ତି। ମଣିମାଳା କହିଲେ --

- ଶୁଣୁଛ ? ଆଜି ଉପରଓଳି କୃପାସିନ୍ଧୁ ବାବୁଙ୍କ ବୋହୂ ଆସିଥିଲା-

- କାହିଁକି ? ସେଦିନ ତ' କହୁଥିଲ ନୂଆ ମାରୁତି ଗାଡ଼ି ଦେଖାଇବା ପାଇଁ ଆସିଥିଲା। ଆଜି କ'ଣ ଉଡ଼ାଜାହାଜ-

ସ୍ୱାମୀଙ୍କ କଥା ଶୁଣି ମଣିମାଳା ଚିଡ଼ିଗଲେ।

ମୁହଁ ଛିଞ୍ଚାଡ଼ି କହିଲେ- ତମର ସବୁ କଥାରେ ଥଟ୍ଟା। ଯାହା ହେଲେ ବି ଦିନେ ସେ ତମର ମନ୍ତ୍ରୀଭାଇ ଥିଲେ। ଆଜି ବିପଦରେ ପଡ଼ିଛନ୍ତି-

ବିପଦ କଥା ଶୁଣି ଘନବାବୁଙ୍କ ଛାତି ଭିତରୁ ଅତଡ଼ା ଖସି ପଡ଼ିଲା।

ସେ ଉଦ୍‌ବିଗ୍ନ କଣ୍ଠରେ ପଚାରିଲେ- କୃପାସିନ୍ଧୁ ବାବୁଙ୍କର କ'ଣ ହୋଇଛି ? କରୋନାରି ଆଟାକ୍ ? ଇନ୍‌କମ୍‌ଟ୍ୟାକ୍ସ ରେଡ୍-

- ନା, ସେପରି କିଛି ନୁହେଁ। ତାଙ୍କ 'ନାଗରିକା' ସିନେମା ହଲ୍‌ରେ ଅଶ୍ଳୀଳ ବ୍ଲୁ ଫିଲ୍ମ ଦେଖାହେଉଛି ବୋଲି ଅଭିଯୋଗ କରି କେଉଁ ଟେରରିଷ୍ଟ ଗୋଷ୍ଠୀ ଡିନାମାଇଟ୍ ଖଞ୍ଜି ସିନେମା ଘର ଉଡ଼ାଇ ଦେବେ ବୋଲି ଧମକ ଦେଇଛନ୍ତି। ସେଥିପାଇଁ ତାଙ୍କ ଘରେ କାହାରି ମନ ଭଲ ନାହିଁ-

ଖବରଟା ଶୁଣି ଘନବାବୁଙ୍କ ହାତରୁ ଭାତ ଗୁଣ୍ଡା ଖସିପଡ଼ିଲା। ସିନେମାର ଫ୍ଲାସ୍‌ବ୍ୟାକ୍ ଭଳି ଭାସିଉଠିଲା ରତ୍ନାକରର ମୁହଁ। ସେ ସଂସ୍କୃତି ମନ୍ତ୍ରୀ ଥିବାବେଳେ ରତ୍ନାକର ତାଙ୍କୁ ଦିନେ ଫୋନ୍ କରିଥିଲି। ପ୍ରଥମେ ସ୍ୱର ଚିହ୍ନିପାରି ନ ଥିଲେ ଘନବାବୁ। ଚିହ୍ନିବା ଅସମ୍ଭବ ଥିଲା। ସ୍ୱାଧୀନତା ପ୍ରାକ୍‌କାଳରେ ସେମାନେ ସାଙ୍ଗ ହୋଇ ଜେଲ୍‌ରୁ ଖଲାସ ହୋଇଥିଲେ। ସେ ଭାରତୀୟ ରାଜନୀତିର ମୂଳସ୍ରୋତରେ ସାମିଲ ହୋଇ ନିର୍ବାଚନ ରାଜନୀତିରେ ଭାଗନେଲା ବେଳେ ରତ୍ନାକର ଭୋଟତାନ୍ତ୍ରିକ ରାଜନୀତି ଭାରତର ଦଳିତ, ଉପେକ୍ଷିତ ଜନତାର ମୁକ୍ତିର ମାର୍ଗ ନୁହେଁ ବୋଲି ଅନ୍ୟ ରାସ୍ତାରେ ଚାଲି ଯାଇଥିଲା। ଜେଲ୍‌ଖାନା ଭିତରେ ରହେମାନ୍ ଅଲ୍ଲୀ ତା'ର ମସ୍ତିଷ୍କ ଧୂଲେଇ ଦ୍ୱାରା ତାକୁ ସନ୍ତ୍ରାସବାଦୀ କରି ଦେଇଥିଲେ। ଆତ୍ମଗୋପନ କରି ସେ ଏକ ଉଗ୍ରପନ୍ଥୀ ରାଜନୈତିକ ଗୋଷ୍ଠୀର ନେତୃତ୍ୱ ନେଇଥିଲା। ଦୁର୍ଭିକ୍ଷପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟାଙ୍କ୍ ଲୁଟ୍ କରିବାକୁ ଯାଇ ଜଣେ ଗୁର୍ଖା ଦରଓ୍ୱାନ୍‌କୁ ଖୁନ୍ କରିଥିବା ଅପରାଧରେ ତା' ନାମରେ ହୁଲିଆ ଜାରି କରାଯାଇଥିଲା। ତାକୁ ମୃତ ବା ଜୀବିତ ଧରାଇ ଦେଇପାରିଲେ ଦଶ ହଜାର ଟଙ୍କା ପୁରସ୍କାର ମିଳିବ ବୋଲି ମଧ ଘୋଷଣା କରାଯାଇଥିଲା।

ସେଇ ଜେଲ୍‌ରୁ ଫେରିଲା ପରେ ତାଙ୍କ ସହିତ ଆଉ ରତ୍ନାକରର ଦେଖାହୋଇ ନ ଥିଲା। ତେଣୁ ସେଦିନ ଆକସ୍ମିକ ଭାବରେ ତା'ର କଣ୍ଠସ୍ୱର ଶୁଣି ଚିହ୍ନିବା ତାଙ୍କ ପକ୍ଷରେ ସହଜ ନ ଥିଲା।

ରତ୍ନାକର ଅଭିଯୋଗ କରିଥିଲା- 'ନାଗରିକା' ସିନେମା ହଲ୍‌ରେ ବ୍ଲୁ ଫିଲ୍ମ

Digitized by srujanika@gmail.com

ଦେଖାଯାଉଛି। ମନ୍ତ୍ରୀଙ୍କ ସିନେମା ଘର ବୋଲି ପୋଲିସ ସେଥିରେ ବାଧା ଦେଉନାହିଁ। କଳାବଜାରୀଙ୍କଠାରୁ ଅଧିକ ମୂଲ୍ୟରେ ଟିକେଟ କିଣି ଅପରିଣତ ବୟସ୍କ କିଶୋର କିଶୋରୀମାନେ ସେ ସବୁ ଲଙ୍ଗଳା ଛବି ଦେଖୁଛନ୍ତି। ତମେ ରାଜ୍ୟର ସଂସ୍କୃତି ମନ୍ତ୍ରୀ। ବ୍ଲୁ ଫିଲ୍ମ ପ୍ରଦର୍ଶନ ଆତ୍ମଘାତୀ ଅପସଂସ୍କୃତି। ତମେ ତୁରନ୍ତ ଏହା ବନ୍ଦ କର।

ତାଙ୍କଠାରୁ କିଛି ଉତ୍ତର ଶୁଣିବା ଆଗରୁ ରିସିଭର ଥୋଇ ଦେଇଥିଲା ରତ୍ନାକର। ତା'ର ନାମ ଉଲ୍ଲେଖ ନ କରି ମୁଖ୍ୟମନ୍ତ୍ରୀଙ୍କ ପାଖରେ ସେ ନିଜେ ଏ ଅଭିଯୋଗ ଉତ୍‌ଥାପନ କରିଥିଲେ।

ବୟୋଜ୍ୟେଷ୍ଠ ମୁଖ୍ୟମନ୍ତ୍ରୀ ପୋଲିସ ଅଫିସରଙ୍କ ସହାୟତାରେ ଘଟଣାର ଅନୁସନ୍ଧାନ କରିସାରି ତାଙ୍କୁ କହିଥିଲେ - ଘନବାବୁ! ଆପଣଙ୍କ ପାଖରେ ପହଞ୍ଚିଥିବା ଅଭିଯୋଗ ସଂପୂର୍ଣ୍ଣ ନୁହେଁ, ଆଂଶିକ ସତ୍ୟ ମାତ୍ର। 'ନାଗରିକା' ସିନେମା ହଲରେ ସେନ୍‌ସର ବୋର୍ଡ ଅନୁମୋଦିତ ହିନ୍ଦି ଫିଲ୍ମ ହିଁ ପ୍ରଦର୍ଶିତ ହୁଏ। ଆଜିକାଲି ଘରେ ଘରେ ଟିଭି ସେଟ୍, ଭିଡିଓ କ୍ୟାସେଟ୍। ହଲରେ ସିନେମା ଦେଖିବାକୁ ଆସୁଛି କିଏ? ସେଥିପାଇଁ ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ କୌଣସି କୌଣସି ହଲରେ ଫିଲ୍ମରେ ରାଗ ମସଲା ମିଶାଇ ସ୍ୱାଦିଷ୍ଟ କରିବା ଲାଗି ବ୍ଲୁ ଫିଲ୍ମର ଗୋଟାଏ ଦୁଇଟା ସ୍ନାୟୁ ଉତ୍ତେଜକ ଦୃଶ୍ୟ ଯୋଡ଼ି ଦିଅନ୍ତି-

ସେଦିନ ମୁଖ୍ୟ ମନ୍ତ୍ରୀଙ୍କ ମନ୍ତବ୍ୟର ମର୍ମ ନ ପାରି ଘନବାବୁ ତାଙ୍କ ମୁହଁକୁ ଅବୁଝା ଚାହାଣୀରେ ଅନେଇ ରହିଥିଲେ।

ମୁଖ୍ୟମନ୍ତ୍ରୀ ରସିକ ଲୋକ। ବୟସ ହୋଇଯାଇଥିଲେ ବି ରସବୋଧ ଅତୁଟ, ଅକ୍ଷୁଣ୍ଣ। ସେ ନିଜର ସଂସ୍କୃତି ମନ୍ତ୍ରୀଙ୍କୁ ସେ ଦିନ ଜ୍ଞାନ ଦାନ କରିବା ପାଇଁ ବୁଝାଇଥିଲେ-

- ଦେଖ ଘନବାବୁ! ହିନ୍ଦି ଫିଲ୍ମ ନିର୍ମାତାମାନେ ସେନ୍‌ସର ବୋର୍ଡର ବୋଲ ମାନି ନାରୀ ପୁରୁଷର ଶାରୀରିକ ମିଳନକୁ ଦୁଇଟି ଚଢ଼େଇ ଥଣ୍ଟରେ ଖୁମ୍ପାଖୁମ୍ପି ହେବା, ପବନରେ ଦୁଇଟି ଫୁଲ ପରସ୍ପର ସହିତ ବାଡ଼େଇ ହୋଇଯିବା କିମ୍ବା ବୁଦା ଗଛର ଅଗ ସବୁ ହଲୁଥିବା ଦୃଶ୍ୟ ମାଧ୍ୟମରେ ଦେଖାନ୍ତି। ଏସବୁ ପ୍ରତୀକାତ୍ମକ ମିଳନ ରହସ୍ୟ ଆମର କେତେ ଜଣ ଦର୍ଶକ ବୁଝିପାରିବେ? ସେଥିପାଇଁ ସେଇସବୁ ଦୃଶ୍ୟ ବଦଳରେ 'ନାଗରିକା' ଭଳି କୌଣସି କୌଣସି ହଲ୍‌ର ବୁଦ୍ଧିମାନ ମାଲିକମାନେ ନୀଳ ଛବିର କିଛି ଖୋଲାଖୋଲି ଦୃଶ୍ୟ ଯୋଡ଼ି ଦେଉଛନ୍ତି। ଏଇଟା ଏପରି କିଛି ଧର୍ତ୍ତବ୍ୟ ଅପରାଧ ନୁହେଁ। ଫରାସୀ, ମାର୍କିନ୍ ଫିଲ୍ମରେ ଏହାଠାରୁ ବଳି ଆହୁରି ରମଣୀୟ ନଗ୍ନ ଦୃଶ୍ୟ ଦେଖାଯାଏ। ଆମ ଛବିଘରର ମାଲିକମାନେ ଆମ ଦେଶର ଚଳଚ୍ଚିତ୍ରକୁ ସେଇସବୁ ଉନ୍ନତ ଦେଶର ସମାନସ୍ତରକୁ ନେବା ପାଇଁ ଚେଷ୍ଟା କରୁଛନ୍ତି। ଏଇଭଳି ଛବି ନ ହେଲେ ହଲ୍‌ରେ ଦର୍ଶକ ହେଉ ନାହାନ୍ତି। ହଲ୍

Digitized by srujanika@gmail.com

ତିଆରି କରିବା ପାଇଁ ସେମାନେ ଲକ୍ଷ ଲକ୍ଷ ଟଙ୍କା ଲୋନ୍ ନେଉଛନ୍ତି, ବ୍ୟାଙ୍କକୁ ଅଠର ଶତାଂଶ ସୁଧ ଦେଉଛନ୍ତି। ସିନେମା ହଲ୍‌ର ଟିକେଟ ବିକ୍ରୀ ଉପରେ ଆମ ରାଜ୍ୟର ପ୍ରମୋଦକର, ରାଜସ୍ୱ ବୃଦ୍ଧି ମଧ୍ୟ ନିର୍ଭର କରୁଛି-

ସେଦିନ ବ୍ୟାଙ୍କ୍‌ର ଋଣଶୁଝା ଆଉ ରାଜ୍ୟ ସରକାରଙ୍କ ପ୍ରମୋଦକର ଆୟ ସପକ୍ଷରେ ଯୁକ୍ତି ସହିତ ସେ ଆଉ ଲଢ଼େଇ କରିପାରି ନଥିଲେ। ତା' ପରେ ନିର୍ବାଚନ ଆସିଗଲା। ସେ ହାରିଗଲେ। ତାଙ୍କ ଦଳ କ୍ଷମତାଚ୍ୟୁତ ହେଲା। ତା'ପରେ 'ନାଗରିକା' ସିନେମା ହଲ୍‌ରେ ବ୍ଲୁ ଫିଲ୍ମ ପ୍ରଦର୍ଶିତ ହେଉଛି କି ନାହିଁ, ସେ ଖବର ରଖିବା ତାଙ୍କର ଜରୁରୀ ନ ଥିଲା। ଆଜି ହଠାତ୍ ସ୍ତ୍ରୀଙ୍କ ମୁହଁରୁ ଦୁଃସମ୍ବାଦଟି ଶୁଣି ତାଙ୍କ ହାତ ଆଉ ପାଟି ପାଖକୁ ଗଲା ନାହିଁ।

ମଣିମାଳା ତାଙ୍କୁ ଖୁଣ୍ଟା ଦେଇ କହିଲେ :

- ତାଙ୍କ ସିନେମା ଘର ପାଇଁ ତମର କାହିଁକି ଏତେ ଚିନ୍ତା ? ତମର କ'ଣ ସେ ସିନେମା ହଲ୍‌ରେ ସେୟାର ଅଛି କି ? ସେମାନେ ତ ପୋଲିସ୍‌କୁ ଖବର ଦେଇ ସାରିଛନ୍ତି। ପୋଲିସ ସିନେମା ଘର ଜଗି ରହିଛି- ତମର କାହିଁକି ପାଟିକୁ ଭାତ ଯାଉ ନାହିଁ! ନିଅ ଖାଅ-ରାତି ଏତେ ହେଲାଣି, ମତେ ନିଦ ମାଡୁଛି।

ସେମାନେ ନିଘୋଡ଼ ନିଦରେ ଶୋଇ ଯାଇଥିଲେ। ଶୀତଦିନର ରାତି। ନୀରବ, ନିଶ୍ଚଳ, ଶୀତଳ। ମଧ୍ୟରାତ୍ରିରେ ହଠାତ୍ ଏକ ପ୍ରଚଣ୍ଡ ବିସ୍ଫୋରଣର ଶବ୍ଦରେ ସେମାନଙ୍କ ଶୋଇବା ପଲଙ୍କ ହଲିଗଲା। ନିଦ ଭାଙ୍ଗିଗଲା।

ମଣିମାଳା ନିଦ ମଳ ମଳ କଣ୍ଠରେ ପଚାରିଲେ- କ'ଣ ହେଲା ? ଭୂମିକମ୍ପ ?

- ନା, ବୋମା ଫୁଟିବାର ପ୍ରଚଣ୍ଡ ଶବ୍ଦ। କୃପାସିନ୍ଧୁବାବୁଙ୍କ ସିନେମା ହଲ୍...

ଏହି ସମୟରେ ତାଙ୍କ ଦରଜାରେ ଠକ୍ ଠକ୍ ଶବ୍ଦ। ସାମ୍ବାଦିକମାନେ କ'ଣ ବୋମା ବିସ୍ଫୋରଣ ସମ୍ପର୍କରେ ତାଙ୍କର ମତାମତ ଜାଣିବାକୁ ଏତେ ରାତିରେ ଛୁଟି ଆସିଛନ୍ତି ? ସେମାନେ କ'ଣ ଜାଣିଯାଇଛନ୍ତି ତାଙ୍କର କଲିଂବେଲ୍‌ର ସୁଇଚ୍ ଖରାପ ହୋଇଯାଇଛି !

ସ୍ଲିପ୍ ୱାକର୍ ଭଳି ସେ ଅନ୍ଧାରରେ ଅଣ୍ଡାଳି ଶାର୍ଟଟା ଦେହରେ ଗଳାଇ ଦେଇ ସେ କବାଟ ଆଡ଼କୁ ଆଗେଇ ଗଲେ। ପଛେ ପଛେ ମଣିମାଳା।

- କିଏ ?

- ମୁଁ ରତ୍ନାକର, ଦରଜା ଖୋଲ। ପୋଲିସ ମୋର ଅନୁସରଣ କରିଆସୁଛି। ତମ ଘର ଆଜିର ପାଇଁ ମୋର ନିରାପଦ ଆଶ୍ରୟ। କୃପାସିନ୍ଧୁ ଆଚାର୍ଯ୍ୟ ତମର ମନ୍ତ୍ରୀଭାଇ। ଏକା ଦଳର ଲୋକ। ତାଙ୍କ ସିନେମା ଘର ବିସ୍ଫୋରଣରେ ଉଡ଼ାଇ ଦେଇ ଆସିଥିବା ଅପରାଧୀକୁ ତମେ ଆଶ୍ରୟ ଦେଇଛ ବୋଲି ପୋଲିସ ସନ୍ଦେହ କରିବ ନାହିଁ। ଅପସଂସ୍କୃତିର ଦୁର୍ଗଭାଙ୍ଗି ମୁଁ ଆସିଛି, ଦରଜା ଖୋଲ।

Digitized by srujanika@gmail.com

ଗ୍ରିଲ ଗେଟ୍ ଖୋଲିବାକୁ ଗଲାବେଳେ ସ୍ତ୍ରୀ ପଛପଟୁ ତାଙ୍କ ଶାର୍ଟ ଟାଣି ଧରିଲେ। ସାବଧାନ! ଆଗକୁ ପାଦ ବଢ଼ାଅ ନାହିଁ।

ରାସ୍ତାରେ ପୋଲିସ୍ ଜିପ୍ ଦୌଡ଼ୁଥିବାର ଆବାଜ୍। ଶୁଭିଲା। ଚାରିଆଡ଼େ ବିସ୍ଫୋରଣର ଶବ୍ଦ। ପଳାତକ ଆଉ ଅନୁସରଣକାରୀମାନଙ୍କ ପଦାଘାତରେ ପ୍ରକମ୍ପିତ ମେଦିନୀ। ଅପ-ସଂସ୍କୃତିର ଦୁର୍ଗ ଭାଙ୍ଗି ପଡୁଥିବାର ଲକ୍ଷ୍ମ।

ସଂସ୍କୃତି ମନ୍ତ୍ରୀ ଥିବାବେଳେ ସେ ଯେଉଁ ଅପ-ସଂସ୍କୃତିର କଣ୍ଠରୋଧ କରିପାରି ନଥିଲେ; ନିଜ ଜୀବନକୁ ବିପନ୍ନ କରି ତାହା କରି ପାରିଛି ରତ୍ନାକର।

ସେ ଗୋଟିଏ ରାତି ପାଇଁ ଆଶ୍ରୟ ଚାହୁଁଛି। ସେ ମନା କରି ଦେବେ?

ରାସ୍ତାରେ ପୋଲିସର ଜୋତା ମଚ ମଚ ଶବ୍ଦ। ତୀବ୍ର ଶୁଭିଲା।

ରତ୍ନାକର ଚାପା କଣ୍ଠରେ ଆର୍ତ୍ତନାଦ କରୁଛି- ଘନବାବୁ! କବାଟ ଖୋଲ....

ପତ୍ନୀଙ୍କ କବ୍‌ଜାରୁ ନିଜକୁ ମୁକ୍ତ କରି ଗ୍ରିଲ୍ ଗେଟ୍ ଆଡ଼କୁ ଆଗେଇଗଲେ ଘନବାବୁ।

Digitized by srujanika@gmail.com

ଜତୁ ଗୃହ

କନ୍‌ଭେଣ୍ଟ୍ ସ୍କୁଲର ପୁଅକୁ ନେବା ପାଇଁ ଆସି ଗୀର୍ଜା ପାଖରେ, ଅଧବାଟରେ ସ୍ତବ୍ଧ ହୋଇ ଠିଆ ହୋଇଗଲା ଲେଖା।

ସାମ୍ନାରେ ମିସେସ୍ ରାଉତରାୟଙ୍କ ଗାଡ଼ି। ଗାଡ଼ିକୁ ରାସ୍ତା ମଝିରେ ଠିଆ କରିଦେଇ କାହା ସହିତ ଗପ କରୁଛନ୍ତି ଲାବଣ୍ୟରେଖା।

ମିସେସ୍ ରାଉତରାୟଙ୍କୁ ଏଡ଼ାଇ ଯିବା ପାଇଁ ସେ ସାଙ୍ଗେ ସାଙ୍ଗେ ଘୂରିପଡ଼ି ପାଖ ଉପଗଳି ଭିତରେ ପଶିଗଲା। ଆତ୍ମ-ଗୋପନ କରିବା ପାଇଁ ଏହା ବ୍ୟତୀତ ତା'ର ଅନ୍ୟ ଉପାୟ ନଥିଲା।

ମିସେସ୍ ରାଉତରାୟ ତାକୁ ଲକ୍ଷ୍ୟ କରିଛନ୍ତି? କରିଥିଲେ ବି ଆଜି ତା'ର କିଛି ଯାଏ ଆସେ ନାହିଁ। କାଲି ରାତିରେ ପାର୍ଥଙ୍କ ମୁହଁରୁ ସେକଥା ଶୁଣିଲା ପରେ ସେ ଆଉ ତାଙ୍କର ସାମ୍ନାସାମ୍ନି ହେବାକୁ ଚାହେଁ ନାହିଁ। ଅଥଚ ବାଲେଶ୍ୱରରୁ ବଦଳି ହୋଇ ଏ ସହରକୁ ଆସିଲା ପରେ ମିସେସ୍ ଲାବଣ୍ୟରେଖାଙ୍କ ସହ....।

ଗୀର୍ଜାର ଘଣ୍ଟା ଶବ୍ଦ ଶୁଣାଗଲା।

ଲେଖାର ନିଜ ହାତଘଣ୍ଟା ସମୟ ସହିତ ଗୀର୍ଜା ଘଣ୍ଟା ଶବ୍ଦର ଅପୂର୍ବ ମେଳ। କୁନୁର ସ୍କୁଲ ବନ୍ଦ ହେବା ପାଇଁ ଆଉ ମାତ୍ର ପଚିଶ ମିନିଟ୍ ବାକି।

ମିସେସ୍ ରାଉତରାୟଙ୍କ ଗାଡ଼ି ରାସ୍ତା ଅବରୋଧ କରି ତଥାପି ସେମିତି ଠିଆ ହୋଇଛି। ଗଳି ରାସ୍ତାକୁ ମୁହଁ ଗଳାଇ ଲେଖା ଲକ୍ଷ୍ୟ କଲା, ଗୋରା ହୋଇ ସେ ଲମ୍ବା ଲୋକଟା ସହିତ ଖୁବ୍ ହସି ହସି କଥା କହୁଛନ୍ତି ଲାବଣ୍ୟରେଖା ରାଉତରାୟ। ହାତରେ କ'ଣ ଗୋଟାଏ ଧରିଛନ୍ତି- ବୋଧହୁଏ ଏ ସପ୍ତାହର ଇଲୁଷ୍ଟ୍ରେଟେଡ୍ ୱିକ୍ଲି'।

'ୱିକ୍ଲି' କଥା ଭାବିବା ମାତ୍ରେ ଲେଖା ଖୁବ୍ ଉତ୍ତେଜିତ ହୋଇ ଉଠୁଥିଲା। ତା'ର ବେକ ତଳ, ନାକ ଅଗରେ ଝାଳ କଣ୍ଟି ଆସୁଥିଲା, ସେ ଅଣ୍ଟାରେ ଖୋସିଥିବା ଛୋଟ ଚିତ୍ରିତ ରୁମାଲ କାଢ଼ି ଝାଳ ପୋଛି ରାସ୍ତାକୁ ଚାହିଁଲା।

ଏ ଅପରିଚିତ ସହରକୁ ସ୍ୱାମୀ ବଦଳି ହୋଇ ଆସିଲା ପରେ ଭଡାଘରକୁ ବସାଘରରେ ପରିଣତ କରିବାର ପ୍ରଥମଦିନ ହିଁ ଏଇ ମିସେସ୍ ରାଉତରାୟ ତାକୁ

Digitized by srujanika@gmail.com

ରାତ୍ରିଭୋଜନ ପାଇଁ ଆମନ୍ତ୍ରଣ କରି ଯାଇଥିଲେ।

ଟ୍ରକ୍‌ଲୋଡ଼ ଜିନିଷପତ୍ର ସେତେବେଳେ ସଜାଡ଼ି ରଖୁଥିଲା ଲେଖା। ମିସେସ୍ ରାଉତରାୟଙ୍କୁ ରାତ୍ରିଭୋଜନ କଥା ଶୁଣି ସେ ମୃଦୁ କଣ୍ଠରେ ପ୍ରତିବାଦ କରିଥିଲା - ନା, ନା, ମୁଁ ରାତିରେ ରାନ୍ଧି ନେବି। ଗ୍ୟାସ୍‌ଚୁଲି ତ ଅଛି, ଅଯଥା ଆମ ପାଇଁ ହଇରାଣ ହେବେ କାହିଁକି ?

ସେମାନଙ୍କ ଭଡ଼ାଘର ଠାରୁ ପାଞ୍ଚୋଟି ଘର ପରେ ମିସେସ୍ ଲାବଣ୍ୟରେଖା ରାଉତ୍‌ରାୟଙ୍କ ଘର। ସାହିକୁ ନୂଆ ଭଡ଼ାଟିଆ ଆସିଛନ୍ତି ବୋଲି ଖବର ପାଇ ଆପେ ଆପେ ଛୁଟି ଆସିଥିଲେ, ଭଲ ମନ୍ଦ ଖବର ପଚାରି ବୁଝିଥିଲେ। ଭଡ଼ାଘରେ ରହିବା ଲେଖାର ଏଇ ପ୍ରଥମ ନୁହେଁ। ଆଗରୁ ରାଉରକେଲା, ବାଲେଶ୍ୱରରେ ସେ ମଧ୍ୟ ଭଡ଼ାଘରେ ଥିଲା। ସେ ଦୁଇଟି ଜାଗାରେ ପ୍ରତିବେଶିନୀମାନଙ୍କ ସହ ସମ୍ପର୍କ ଖୁବ୍ ସୁଖମୟ ନ ଥିଲା। ସେଥିପାଇଁ କଟକ ସହରରେ ଭଡ଼ାଘରେ ପାଦ ଦେଉ ଦେଉ ନୂତନ ପ୍ରତିବେଶିନୀ ମିସେସ୍ ରାଉତରାୟଙ୍କ ଉପରେ ପଡ଼ି ସାହାଯ୍ୟ କରିବା ମନୋବୃତ୍ତି ତାକୁ ଖୁବ୍ ଭଲ ଲାଗି ନଥିଲା। ସେଥିପାଇଁ ହଠାତ୍ ସେ ରାତ୍ରିଭୋଜନ ପାଇଁ ଆମନ୍ତ୍ରଣ କରିବା ପ୍ରସ୍ତାବ ସେ ସାଙ୍ଗେ ସାଙ୍ଗେ ପ୍ରତ୍ୟାଖ୍ୟାନ କରିବାକୁ ତାକୁ ଗୋଟିଏ ମିନିଟ୍ ସୁଦ୍ଧା ଭାବିବାକୁ ହୋଇ ନଥିଲା।

ମିସେସ୍ ରାଉତରାୟ ଛାଡିବା ପାତ୍ରୀ ନଥିଲେ।

ସେ ମୁହଁରେ ଏକ ଅଭିଭାବକସୁଲଭ ହସର ମୁଦ୍ରାଙ୍କନ କରି କହିଲେ-ହଇରାଣ କ'ଣ ? ପୂଝାରୀ ତ ଆମ ପାଇଁ ରୋଷେଇ କରିବ। ଆଉ ତମ ଦୁଇଜଣଙ୍କ ପାଇଁ ତାକୁ ଅଧିକ କଷ୍ଟ କରିବାକୁ ପଡ଼ିବ କାହିଁକି ?

ମିସେସ୍ ରାଉତରାୟ ନିଜ ହାତରେ ରୋଷେଇ କରନ୍ତି ନାହିଁ। ତାଙ୍କ ପୂଝାରୀ ଅଛି। ଲେଖା ଦେହରେ କଥାଟା ଛୁଞ୍ଚିର ମୂନ ଭଳି ଫୋଡି ହୋଇଗଲା। କିନ୍ତୁ ସେ ଓଠକୁ ଦାନ୍ତରେ ଚାପି ଧରି ନିଜକୁ ସମ୍ଭାଳି ନେଲା। କିଛି କହିଲା ନାହିଁ। କହିଲେ ତା'ର ସ୍ୱାମୀ।

- ଠିକ୍ ଅଛି। ଆପଣ କିଛି ଭାବନ୍ତୁ ନାହିଁ ମାଡାମ୍! ଆମେ ଆଜି ରାତିରେ ଯାଇ ଖାଇଆସିବୁ। କିନ୍ତୁ ଆମ ପାଇଁ ଅଧିକ କିଛି କରିବେ ନାହିଁ। ଏଇ ଗୋଟିଏ ସର୍ତ୍ତ-

ତା'ର ଅନିଚ୍ଛା ସତ୍ତ୍ୱେ ସ୍ୱାମୀ ମିସେସ୍ ରାଉତରାୟଙ୍କ ନିମନ୍ତ୍ରଣ ଗ୍ରହଣ କରିନେବେ, ଏକଥା ଭଲ ଲାଗି ନ ଥିଲେ ମଧ୍ୟ ଲେଖା ଆଉ ପ୍ରତିବାଦ କରି ନଥିଲା।

କିନ୍ତୁ ରାତ୍ରିଭୋଜନ ପାଇଁ ବାହାରିବା ଆଗରୁ ସେ ସ୍ୱାମୀଙ୍କୁ କହିଥିଲା - ଖାଲି ହାତରେ କାହା ଘରକୁ ନିମନ୍ତ୍ରଣ ରକ୍ଷା କରିବାକୁ ଗଲେ ମୋର ଆତ୍ମ - ସମ୍ମାନକୁ ବାଧେ-ତମେ ମିସେସ୍ ରାଉତରାୟଙ୍କ ପିଲାମାନଙ୍କ ପାଇଁ ଅନ୍ତତଃ ଗୋଟାଏ ମିଠା

Digitized by srujanika@gmail.com

ପ୍ୟାକେଟ କିଣିଆଣ।

କିନ୍ତୁ ସେମାନଙ୍କ ହାତରେ କିଣା ସନ୍ଦେଶ ପ୍ୟାକେଟ ଦେଖି ମିଷ୍ଟର ରାଉତରାୟ ପ୍ରଥମେ ବିସ୍ମୟ-ଚକିତ କଣ୍ଠରେ ପ୍ରଶ୍ନ କରିଥିଲେ-ଏତେ ସନ୍ଦେଶ କାହାପାଇଁ? ମୋର ତ ଡାଇବେଟିସ, ଆଉ ମୋ ସ୍ତ୍ରୀ ମିଠା ଅପେକ୍ଷା ବେଶୀ ଆଚାର ପ୍ରିୟ। କୋଳି, କରମଙ୍ଗା, ଆମ୍ବ, ଲେମ୍ବୁ ଆଚାରର ଗୋଟିଏ ଛୋଟ ପ୍ରଦର୍ଶନୀ ଆମ ଡାଇନିଂ ଟେବୁଲ ଉପରେ ଦେଖି ପାରିବେ।

ଲେଖା ମୃଦୁ ହସି ଉତ୍ତର ଦେଇଥିଲା- ଆପଣଙ୍କ ପାଇଁ କିଏ ମିଠା ଆଣିଛି? ଏ ସବୁ ପିଲାଙ୍କ ଲାଗି-

ତା'ପରେ ଶୁଣାଯାଇଥିଲା ଲାବଣ୍ୟରେଖା ରାଉତରାୟଙ୍କ ହସର କଳଧ୍ୱନି। ପାହାଡ଼ ଉପରୁ ଝରି ପଡୁଥିବା ଝରଣାର କଳ-ମନ୍ଦ୍ରିତ ଜଳଧାରା ଭଳି ସେଇ ହସର ଉଲ୍ଲାସ ମିସେସ୍ ରାଉତରାୟଙ୍କ ଯୌବନ-ପଲ୍ଲବିତ ସୁଦୀର୍ଘ ଅଙ୍ଗରେଖାକୁ ଆହୁରି ତୀକ୍ଷ୍ଣ ଭାବରେ ପ୍ରକଟିତ କରି ଦେଉଥିଲା।

ମିଷ୍ଟର ରାଉତରାୟ ଖର୍ବକାୟ, ଶରୀର ପୃଥୁଳ, ମସ୍ତକର କେଶ ଅର୍ଦ୍ଧେକ ତୁଷାର-ଶୁଭ୍ର। ତାଙ୍କ ତୁଳନାରେ ଲାବଣ୍ୟରେଖା ଅନେକ ଲମ୍ବ, ବୟସ ଚାଳିଶି ପାଖାପାଖି ହେଲେ ବି ସାରା ଦେହରେ ଯୌବନର ଅମଳିନ ଦୀପ୍ତି।

ସେ ହସି ହସି କହିଥିଲେ-ପିଲା? ଆମେ ଦୁହେଁତ ଏ ପର୍ଯ୍ୟନ୍ତ ବୟସ୍କ ହୋଇନାହୁଁ; ଆମର ପୁଣି ପିଲାଛୁଆ!

ପିଲାଙ୍କ ପ୍ରସଙ୍ଗ ଉତ୍ଥାପନ କରି ସେମାନେ ଯେପରି ଏକ ଅକ୍ଷମଣୀୟ ଅପରାଧ କରିଛନ୍ତି ସେଇଭଳି ମୁଖଭଙ୍ଗୀ କରି ପାର୍ଥ କହିଥିଲେ-ଆପଣ ଦୁହେଁ ସତରେ ଭାରି ଭାଗ୍ୟବାନ। ପିଲାଛୁଆଙ୍କ ଜଞ୍ଜାଳ ନାହିଁ- ମୁକ୍ତ ଜୀବନ।

ଲେଖାର ମନେ ଅଛି ସ୍ୱାମୀଙ୍କ କଥା ଶୁଣି ମିସେସ୍ ରାଉତରାୟଙ୍କ ଓଠରେ ଦୁଧ ଫେଣ ଭଳି ହସର ଦାଗ ଲାଗି ରହିଥିଲେ ବି ମିଷ୍ଟର ରାଉତରାୟଙ୍କ ମୁହଁ ରକ୍ତହୀନ, ବିବର୍ଣ୍ଣ ହୋଇ ଉଠିଥିଲା।

ମିସେସ ରାଉତରାୟ ସେଦିନ ସେମାନଙ୍କୁ ଖୁବ୍ ଆଦରଯତ୍ନ କରି ଖୁଆଇଥିଲେ। ତାଙ୍କ ଆଦର ଯତ୍ନରେ କୌଣସି କୃତ୍ରିମତା ନ ଥିଲା। କଥା ପ୍ରସଙ୍ଗରେ ପାର୍ଥଙ୍କୁ ନିଜ ସ୍ୱାମୀଙ୍କ ସହିତ ପରିଚୟ କରାଇ ଦେଇଥିଲେ।

-ଜାଣ! ପାର୍ଥବାବୁ ଖାଲି କଲେଜର ଇଂରେଜି ଅଧ୍ୟାପକ ନୁହନ୍ତି, ସେ ଜଣେ ଏକାଡେମୀ ପୁରସ୍କାରପ୍ରାପ୍ତ କବି।

ସ୍ତ୍ରୀଙ୍କ କଥା ଶୁଣି ମିଷ୍ଟର ରାଉତରାୟଙ୍କ ଆଖିଡୋଳା ତାଳୁ ଉପରକୁ ଉଠିଯାଇଥିଲା। ପ୍ରଗାଢ଼ ବିସ୍ମୟରେ। ସାରା ମୁହଁରେ ଆଲୋକ ବିଚ୍ଛୁରିତ ହୋଇ ପଡିଥିଲା। ଆନ୍ତରିକ ଆନନ୍ଦରେ।

-କବି! ଭଲ ହେଲା। ଏ ସାହିରେ ଡାକ୍ତର, ଇଞ୍ଜିନିୟର, ଜଜ୍,

Digitized by srujanika@gmail.com

କିରାଣୀ-ସବ୍‌ଶ୍ରେଣୀର ଲୋକ ଥିଲେ। ଆପଣ ପ୍ରଥମ କବି- ଏ ସାହିର ଆଭିଜାତ୍ୟ ବଢ଼ିଗଲା। ମୋ ସ୍ତ୍ରୀ ମଧ ଅନେକ କବିତା ଲେଖନ୍ତି- ଅବଶ୍ୟ ଖୁବ୍ କମ୍ ଛପା ହୋଇଛି।

ଲଜାରେ ଅପ୍ରତିଭ ହୋଇ ମିସେସ ରାଉତରାୟ ସ୍ୱାମୀଙ୍କୁ ବାଧା ଦେଇଥିଲେ-ନା, ନା, ମୁଁ ଏମିତି କିଛି ଭଲ କବିତା ଲେଖେନାହିଁ-ଆପଣ ତାଙ୍କ କଥାରେ କାନ ଦିଅନ୍ତୁ ନାହିଁ-

ତା'ପରେ ପ୍ରସଙ୍ଗ ପରିବର୍ତ୍ତନ କରିବା ପାଇଁ ତା'ଆଡ଼କୁ ଚାହିଁ ପଚାରିଥିଲେ-ବାହାଘର କେତେବର୍ଷ ହେଲା ? ପିଲାଛୁଆ-

-ପୁଅକୁ ଭାଇ ଭାଉଜଙ୍କ ପାଖରେ କ୍ୟାପିଟାଲରେ ଛାଡ଼ି ଦେଇ ଆସିଛୁ। ନୂଆଘର ସଜଡ଼ା ସରିଲେ ଯାଇ ଏଇ ରବିବାର ନେଇ ଆସିବୁ-

-ରବିବାର କାହିଁକି ? ଘର ତ ସଜଡ଼ା ସରିଲା। କାଲି ନେଇ ଆସ। ଇଏ ତ କାଲି ଗାଡ଼ି ନେଇ ଭୁବନେଶ୍ୱର ଯିବେ- ମୋ ସାଙ୍ଗରେ ଚାଲ- କାଲି ପୁଅକୁ ନେଇଆସିବା-

ଖୁବ୍ ଭଲ ଲାଗିଥିଲା ସେଦିନ ମିସେସ୍ ରାଉତରାୟଙ୍କ ଆତ୍ମୀୟତା। ସ୍ୱାମୀଙ୍କର ଇମ୍ପୋର୍ଟ-ଏକ୍ସପୋର୍ଟ ବିଜିନେସ। ପ୍ରତିବର୍ଷ ଯେତିକି ଇନ୍‌କମ ଟ୍ୟାକ୍ସ ଦିଅନ୍ତି; ତା'ର ପରିମାଣ ପାର୍ଥଙ୍କ ବାର୍ଷିକ ବେତନଠାରୁ ଅଧିକ। ନିଜର ଦ୍ୱିତଳ-ପ୍ରାସାଦୋପମ ଘର। ତାଙ୍କ ଭଳି ଭଡ଼ା ଘରର ଭଡ଼ା ଚଢ଼େଇ ନୁହନ୍ତି। ଏତେ ଅତୁଳ ଐଶ୍ୱର୍ଯ୍ୟ ସତ୍ତ୍ୱେ ଅହଂକାରକୁ ଅଙ୍ଗୀକାର କରି ପିନ୍ଧି ଜାଣି ନାହାନ୍ତି-ଏଇଟା ଥିଲା ପାର୍ଥଙ୍କ ପାଇଁ ଖୁସିର କାରଣ।

କିନ୍ତୁ ଲେଖାର ଆନନ୍ଦିତ ହେବାର କାରଣ ଥିଲା ଅଲଗା। ରାଉରକେଲା ଆଉ ବାଲେଶ୍ୱର ପ୍ରତିବେଶିନୀମାନଙ୍କ ପାଖରେ ସେ ଯେଉଁ ହୀନମନ୍ୟତା ଭୋଗ କରୁଥିଲା, ମିସେସ୍ ରାଉତରାୟଙ୍କ ପାଖରେ ସେ ଇନ୍‌ଫିରିଅରଟି କମ୍ପ୍ଲେକ୍ସ ତା'ର ନ ଥିଲା। ମିସେସ୍ ରାଉତରାୟଙ୍କ ଐଶ୍ୱର୍ଯ୍ୟ ଅଛି- କିନ୍ତୁ କେହି ଉତ୍ତରାଧିକାରୀ ନାହାନ୍ତି। ସେ ନିରପତ୍ୟା। ତା'ର କୁନୁ ଅଛି। ମିଷ୍ଟର ରାଉତରାୟଙ୍କର ବ୍ୟବସାୟ ବୁଦ୍ଧି ଅଛି, କିନ୍ତୁ ପାର୍ଥଙ୍କ ଭଳି କବି-ପ୍ରତିଭା ନାହିଁ! ନିଜର ମାତୃତ୍ୱ ଏବଂ ସ୍ୱାମୀଙ୍କ କବିତ୍ୱ ପାଖରେ ମିସେସ୍ ରାଉତରାୟ ଆଉ ମିଷ୍ଟର ରାଉତରାୟ ନିଷ୍ପ୍ରଭ, ମଳିନ!

ସେଦିନ ମିସେସ୍ ରାଉତରାୟଙ୍କ ଘରକୁ ଡ଼ିନ୍‌ର ଖାଇବାକୁ ଗଲାବେଳେ ସେ ମୁହଁ ତଳକୁ କରି ଯାଇଥିଲା; କିନ୍ତୁ ଖାଇସାରି ଫେରିଲାବେଳେ ସେ ମୁଣ୍ଡ ଉପରକୁ କରି ଫେରିଥିଲା !

ତା'ପରେ ନିୟମିତ ଅଭ୍ୟାସ କରି ତା'ର ବସା ଘରକୁ ଆସୁଥିଲେ ଲାବଣ୍ୟରେଖା। ପାର୍ଥ କଲେଜକୁ ଚାଲିଗଲା ପରେ ସାରା ନିର୍ଜନ, ଉଦାସ ଅପରାହ୍ନ ସେ ମିସେସ୍ ରାଉତରାୟଙ୍କ ସହ ଗପ କରି କଟାଇ ଦେଉଥିଲା। ଚମତ୍କାର କଥା କହି ସେ

Digitized by srujanika@gmail.com

ଗପ ଜମାଇ ପାରୁଥିଲେ। ମିଷ୍ଟର ରାଉତରାୟ ମାସକେ କୋଡ଼ିଏ ଦିନ ଦେଶ ବିଦେଶକୁ ଟୁର୍‌ରେ ବାହାରି ଯାଆନ୍ତି। ଘରେ ଥିବା ଦିନଗୁଡ଼ିକରେ ଅଧିକାଂଶ ସମୟ ମଦ ବୋତଲ ଆଉ ଟେଲିଫୋନ୍ ଧରି ବସି ଥାଆନ୍ତି। ଘରେ ଏକୁଟିଆ ବୋର୍ ହୋଇ ଯାଆନ୍ତି ମିସେସ୍ ରାଉତରାୟ। ଏ ସାହିରେ ତାଙ୍କର ଐଶ୍ୱର୍ଯ୍ୟକୁ ସମସ୍ତେ ଈର୍ଷା କରନ୍ତି ବୋଲି ସେ ଅନ୍ୟ କୌଣସି ପ୍ରତିବେଶୀଙ୍କ ଘରକୁ ଯାଆନ୍ତି ନାହିଁ। ତାକୁ ପ୍ରତିବେଶିନୀ ଭାବରେ ପାଇ ସେ ବଞ୍ଚିଯାଇଛନ୍ତି-ଏ କଥା କହିଲାବେଳେ ତାଙ୍କ ମୁହଁରେ ପରିତୃପ୍ତିର ହସ ଫୁଟି ଉଠେ।

କୌଣସି ଦିନ ଖାଲି ହାତରେ ମଧ୍ୟ ସେ ତା' ପାଖକୁ ଆସନ୍ତି ନାହିଁ। କେବେ କୁନୁ ପାଇଁ ଚକୋଲେଟ୍ ବାକ୍ସ, ଆଉ କେବେ ତା' ପାଇଁ ଆଚାର ଜାର୍ !

ମିସେସ୍ ରାଉତରାୟଙ୍କ କଥା ଶୁଣି ଲେଖାର ରାଉରକେଲା, ବାଲେଶ୍ୱରର ଆତ୍ମଗର୍ବୀ, ଅହଂକାରୀ ପ୍ରତିବେଶିନୀଙ୍କ କଥା ମନେ ପଡ଼ିଯାଏ। ରାଉରକେଲାରେ ଥିଲାବେଳେ ମିସେସ୍ ନାୟକ ନିୟମିତ ତାଙ୍କ ଘରକୁ ଆସୁଥିଲେ। କଥାରେ କଥାରେ ଷ୍ଟିଲପ୍ଲାଣ୍ଟରେ କାମ କରୁଥିବା ନିଜ ଇଂଜିନିୟର ସ୍ୱାମୀ, ଆଉ ଷ୍ଟାଣ୍ଡାର୍ଡ୍ ଥ୍ରି'ରେ ପଢୁଥିବା ଝିଅର ପ୍ରଶଂସା। ସ୍ୱାମୀ କିପରି ତାଙ୍କର ଦିନେ ଅଧେ ଛୁଟିରେ ରହିଗଲେ ଷ୍ଟିଲପ୍ଲାଣ୍ଟର ଗୋଟିଏ ଅଙ୍ଗ ପକ୍ଷାଘାତଗ୍ରସ୍ତ ହୋଇପଡ଼େ, ଝିଅ କିପରି ତାଙ୍କର ଅସାମାନ୍ୟା ବୁଦ୍ଧିମତୀ - କ୍ଲାସ୍‌ରେ ଫାଷ୍ଟ ହୁଏ-ମିସେସ୍ ନାୟକଙ୍କ ସେଇ କଥାର ବାରମ୍ବାର ପୁନରାବୃତ୍ତି ଶୁଣି ଶୁଣି ତା'ର କାନ ବଧିରା ହୋଇଯାଉଥିଲା।

ବାଲେଶ୍ୱରରେ ଏ.ଡ଼ି.ଏମ୍.ଙ୍କ ମିସେସ୍ ମିଶ୍ର ଥିଲେ ତା'ର ଜବରଦସ୍ତ ପ୍ରତିବେଶିନୀ। ଜୋର୍ କରି ତାକୁ ନିଜ ଘରକୁ ଡ଼ାକିନେଇ ନିଜ ଶାଢ଼ୀ, ଗହଣାର ପ୍ରଦର୍ଶନୀ ଦେଖାଉଥିଲେ। ଖାଲି ଶାଢ଼ୀ, ଗହଣା ଦେଖାଇବାରେ ତାଙ୍କର ତୃପ୍ତି ନ ଥିଲା, ସେ ସବୁର ପ୍ରଶଂସା ନ କଲେ ରାଗରେ ତାଙ୍କର ନାସାଗ୍ରସ୍ଫୁରିତ ହୋଇ ଉଠୁଥିଲା। ପାର୍ଥଙ୍କ କବିତା ଲେଖା, ଏକାଡ଼େମୀ ପୁରସ୍କାର ଥିଲା ତାଙ୍କ ପାଇଁ ସାମାନ୍ୟ ତୁଚ୍ଛ କଥା। ଥରେ ତ କହୁ କହୁ ଅନ୍ୟ ପାଞ୍ଚ ଜଣ ସାହିର ସ୍ତ୍ରୀ ଲୋକଙ୍କ ଆଗରେ ସେ କହିପକାଇଲେ- ଆଜିକାଲି ଧରାଧରି ନ କଲେ ଏକାଡ଼େମୀ ପୁରସ୍କାର ମିଳିବା ଭାରି କଷ୍ଟ। ତମର ସ୍ୱାମୀ ନିଶ୍ଚୟ ଖୁବ୍ ଭଲ ଅଏଲିଂ କରି ଜାଣନ୍ତି-

ସେଦିନ ତାଙ୍କର ସେ ନିଷ୍ଠୁର ମନ୍ତବ୍ୟ ଶୁଣି ଲେଖା ଆଖିକୁ ଲୁହ ଆସି ଯାଇଥିଲା। ଅପମାନରେ ମୁହଁ କଳା ପଡ଼ିଯାଇଥିଲା। କିନ୍ତୁ ସେ ପ୍ରତିବାଦ କରିପାରି ନ ଥିଲା। ଯାହାହେଲେ ବି ମିସେସ୍ ମିଶ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ୱାଇଫ୍, ସେ ତ ଜଣେ ସାମାନ୍ୟ କଲେଜ ଟିଚରଙ୍କ ପତ୍ନୀ !

ସଂସାରରେ ସବୁ ନାରୀ ମିସେସ୍ ନାୟକ କିମ୍ବା ମିସେସ୍ ମିଶ୍ରଙ୍କ ଭଳି ନୁହନ୍ତି, କେହି କେହି ମିସେସ୍ ରାଉତରାୟଙ୍କ ଭଳି ଭଲ ବୋଲି ଏ ପୃଥିବୀ

Digitized by srujanika@gmail.com

ଏତେ ସୁନ୍ଦର, ଏତେ ଆକର୍ଷଣୀୟ !

ମିସେସ୍ ରାଉତରାୟଙ୍କୁ ପ୍ରତିବେଶିନୀ ଭାବରେ ପାଇ ଲେଖା ସେଦିନ ରାଉରକେଲା-ବାଲେଶ୍ୱରର ଶ୍ୱାସରୋଧୀ ଯନ୍ତ୍ରଣା କଥା ଭୁଲି ଯାଇଥିଲା। ଆତ୍ମୀୟ ସ୍ୱଜନମାନଙ୍କ ଠାରୁ ଦୂରରେ ରହିଥିବାର ଦୁଃଖ ତା'ର ପାଶୋର ହୋଇ ଯାଇଥିଲା।

ଆଉ ଦିନେ ଚକୋଲେଟ୍ ବାକ୍ସ, ଆଚାର ଜାର୍ ବଦଳରେ ମିସେସ୍ ରାଉତରାୟ ତା' ହାତକୁ ବଢ଼ାଇ ଦେଇଥିଲେ ଗୋଟିଏ ମୋଟା ବନ୍ଧେଇ ଖାତା।

ମଧ୍ୟ-ଯୌବନା ଲାବଣ୍ୟରେଖା ମୁହଁରେ ଏକ ସଲ୍ଲଜ ହସର ରେଖାଙ୍କନ କରି ଉତ୍ତର ଦେଇଥିଲେ-ମୋ କବିତାର ପାଣ୍ଡୁଲିପି। ନିରୋଛା ସମୟ କଟାଇବା ପାଇଁ ଏସବୁ କବିତା ଲେଖିଛି। ମିଷ୍ଟର ରାଉତରାୟ ଆଧୁନିକ କବିତା ବୁଝିପାରନ୍ତି ନାହିଁ କି ସହ୍ୟ କରି ଜାଣନ୍ତି ନାହିଁ। ସେଥିପାଇଁ ଛାପିବା ପାଇଁ ଏସବୁ କବିତା ପତ୍ରପତ୍ରିକାକୁ ମଧ୍ୟ ପଠାଇ ନାହିଁ। ଯଦି ପାର୍ଥବାବୁଙ୍କ ମନକୁ ପାଏ-

ଲେଖାର ହଠାତ୍ ମନେ ପଡ଼ିଯାଇଥିଲା ରାତ୍ରିଭୋଜନ ଆସରରେ ମିଷ୍ଟର ରାଉତରାୟଙ୍କ ସେଇ କଥା ପଦକ- ମୋ ସ୍ତ୍ରୀ ମଧ୍ୟ କବିତା ଲେଖନ୍ତି !

ସେ କବିତା ଖାତା ସେଇଦିନ ରାତିରେ ସେ ସ୍ୱାମୀଙ୍କୁ ଦେଇଥିଲା।

ପାର୍ଥ କବିତାଗୁଡ଼ିକ ଉପରେ ଆଖି ବୁଲାଇ ନେଇ କହିଥିଲେ, ଭଦ୍ରମହିଳାଙ୍କୁ କହିଦେବ, ଶବ୍ଦକୁ ତଳ ଉପର କରି ସଜାଇ ଦେଲେ ତାହା କବିତା ହୋଇଯାଏ ନାହିଁ। ସେ ସମୟ କଟାଇବା ପାଇଁ ଅଯଥା କବିତା ଲେଖି କାଗଜ ନଷ୍ଟ କରିବେ ନାହିଁ।

ମିସେସ୍ ରାଉତରାୟଙ୍କୁ ଭଲ କବିତା ଲେଖି ଆସେ ନାହିଁ; ଏକଥା ସ୍ୱାମୀଙ୍କ ମୁହଁରୁ ଶୁଣି ସେଦିନ ମନେ ମନେ ଖୁବ୍ ଉଲ୍ଲସିତ ହୋଇଥିଲା ଲେଖା। କିନ୍ତୁ ମନର କଥା ଗୋପନ କରି ସେ ମୁହଁରେ କହିଥିଲା- ସେ ହୁଏତ ତମ ଭଳି ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ନୁହନ୍ତି-କିନ୍ତୁ କବିତା ଲେଖି ସେ ଅଯଥା କାଗଜ ନଷ୍ଟ କରୁଛନ୍ତି, ଏକଥା କହିବା କ'ଣ ଠିକ୍?

ପ୍ରତି ଲେଖକର ଗୋଟିଏ ବାଲ୍ୟ କୈଶୋର ଥାଏ। ସମସ୍ତେ କିଛି କିଛି କାଗଜ କଲମରେ ଶବ୍ଦର ବାଲିଘର ତୋଳନ୍ତି, ଭାଙ୍ଗନ୍ତି। ଏଇ ଭଙ୍ଗା ଗଢ଼ା ଭିତରୁ ସୃଜନଶୀଳତାର ସୌଧ ଗଢ଼ିଉଠେ।

ପାର୍ଥ ତା'ର କଥା ଶୁଣି ସେଦିନ ଭାବନାରେ ପଡ଼ିଯାଇଥିଲେ। ତା'ପରେ ମୃଦୁ କଣ୍ଠରେ ନିଜର ଭ୍ରମ ସଂଶୋଧନ କଲା ଭଳି କହିଥିଲେ-

-ସମ୍ଭବତଃ ତମେ ଠିକ୍ କହିଛ। ମିସେସ୍ ରାଉତରାୟ ଏମିତି ଆଉ କିଛିଦିନ କାଗଜ କଲମରେ ଶବ୍ଦ ସଜଡ଼ାସଜଡ଼ି କରୁ କରୁ ହୁଏତ ଭଲ କବିତା ଲେଖିପାରିବେ-

ଲେଖା ଚୁପ୍‌ଚାପ୍ ଝିଅ। ସହଜରେ କାହା ସହିତ ମିଶିପାରେ ନାହିଁ। ଛାତ୍ରୀ ଜୀବନରେ ତା'ର କୌଣସି ଅନ୍ତରଙ୍ଗ ବନ୍ଧୁ ନ ଥିଲେ କି ବାହା ହେଲାପରେ

Digitized by srujanika@gmail.com

ପରିବାର ବାହାରେ ଅନ୍ୟ କୌଣସି ଅନାତ୍ମୀୟା ନାରୀଙ୍କ ସହିତ ତା'ର ଅନ୍ତରଙ୍ଗ ସମ୍ପର୍କ ଗଢ଼ି ଉଠି ନାହିଁ।

ବ୍ୟତିକ୍ରମ ଏଇ ମିସେସ୍ ରାଉତରାୟ। ତାଙ୍କର ଜନନୀ ହେବାର ଅକ୍ଷମତା, କବିତା ଲେଖିବାର ଅସାମର୍ଥ୍ୟ ତାକୁ ତାଙ୍କ ପ୍ରତି ଅଧିକ ଆକୃଷ୍ଟ କରିଥିଲା। ଅତୁଳ ଐଶ୍ୱର୍ଯ୍ୟ ମଧ୍ୟରେ ତାଙ୍କର ଏହି ଦୁଇଟି ଅଭାବ ଲେଖାର ମନ ଭିତରେ ଆଣି ଦେଇଥିଲା ଗଭୀର ସମବେଦନା। ସେଥିପାଇଁ ସ୍ୱତଃ ସେ ଲାବଣ୍ୟରେଖାଙ୍କର ଖୁବ୍ ନିକଟବର୍ତ୍ତୀ ହୋଇ ଯାଇଥିଲା। ପ୍ରତିବେଶିନୀରୁ ପ୍ରିୟ-ସଙ୍ଗିନୀ!

କିନ୍ତୁ କାଲି ରାତିରେ ସେଇ ଗୋଟିଏ ଘଟଣା ସବୁ ଓଲଟ ପାଲଟ କରିଦେଲା। ନିଜ ପାଖରେ ନିଜେ ଧରାପଡ଼ିଗଲା ଲେଖା।

ସନ୍ଧ୍ୟା ଯାଇ ରାତ୍ରି ହେଲା। ପାର୍ଥ ତଥାପି ଫେରି ନ ଥିଲେ। ବାଲେଶ୍ୱରରେ ଥିଲାବେଳେ ସେ କଲେଜରୁ ସିଧା ଘରକୁ ଫେରି ଆସୁଥିଲେ। କୌଣସି ଫଙ୍କସନ୍ ଥିଲେ ଆଗରୁ ଡ଼େରିରେ ଫେରିବେ ବୋଲି କହି ଯାଉଥିଲେ। କିନ୍ତୁ କଟକ ବଦଳି ହୋଇ ଆସିଲା ପରେ ତାଙ୍କର ନିୟମିତ ଫେରିବା ଅନିୟମିତ ହୋଇଗଲା। ସଭାସମିତି, କବି-ସମ୍ମିଳନୀ, ପୁରୁଣା ବନ୍ଧୁମାନଙ୍କ ସହ ଆଡ୍ଡ଼ା....ଏସବୁ କ୍ରମଶଃ ତା'ର ଦେହସୁହା ହୋଇ ଆସୁଥିଲା।

କିନ୍ତୁ କାଲି ରାତ୍ରି ନଅଟା ଅତିକ୍ରମ କରି ଗଲାପରେ ସ୍ୱାମୀଙ୍କ ପାଇଁ ନିଜ ଭିତରେ ଏକ ପ୍ରଚଣ୍ଡ ବ୍ୟାକୁଳତା ଅନୁଭବ କରିଥିଲା ଲେଖା। ଉଦ୍‌ବେଗ, ଉତ୍କଣ୍ଠାରେ ସେ ଅସ୍ଥିର ହୋଇଉଠିଥିଲା। କିନ୍ତୁ ନଅଟା ପଇଁଚାଳିଶିରେ ଘରେ ପହଞ୍ଚି ପାର୍ଥ ତାକୁ ଚମକାଇ ଦେଇଥିଲେ।

-ଏତେ ରାତିଯାଏ କେଉଁଠି ଥିଲ ?

-ମିସେସ୍ ରାଉତରାୟଙ୍କ ଘରେ। ନ ଖୁଆଇ ଛାଡ଼ିଲେ ନାହିଁ। ଜାଣ, ତାଙ୍କର ଗୋଟିଏ କବିତା ଅନୁବାଦ କରି ଉଇକ୍‌ଲିକୁ ପଠାଇଥିଲି। ଏଇ ସପ୍ତାହରେ ସେ ଅନୁଦିତ କବିତାଟି ଛପା ହୋଇଛି। ଆଉ ଇଂରାଜୀ ସାପ୍ତାହିକୀରେ ନିଜ କବିତାର ମୁଦ୍ରିତ ରୂପ ଦେଖି ତାଙ୍କର କି ଆନନ୍ଦ! କାଲି ମିଷ୍ଟର ରାଉତରାୟ ଦିଲ୍ଲୀରୁ ଫେରି ଆସିଲେ ଆମ ସମସ୍ତଙ୍କୁ ପଞ୍ଚତାରକା ହୋଟେଲରେ ପାର୍ଟି ଦେବେ।

ମିସେସ୍ ରାଉତରାୟ କବିତା "ଇଲଷ୍ଟ୍ରେଟେଡ୍ ଉଇକ୍‌ଲି"ରେ ଛପା ହୋଇଛି। ତାଙ୍କର ସେ କବିତାକୁ ଅନୁବାଦ କରିଛନ୍ତି ସ୍ୱୟଂ ତାଙ୍କର ସ୍ୱାମୀ! ମିଷ୍ଟର ରାଉତରାୟ ଦିଲ୍ଲୀରେ ଅଛନ୍ତି। ଏତେ ରାତି ଯାଏ ଲାବଣ୍ୟରେଖାଙ୍କ ସହ ହସ ଖୁସିରେ ଖାଇପିଇ ଘରକୁ ଫେରୁଛନ୍ତି ପାର୍ଥ! ଆଉ ସେ ତାଙ୍କ ପାଇଁ ଅଖିଆ ଅପିଆ ଉଦ୍‌ବିଗ୍ନ, ଉତ୍କଣ୍ଠିତ ଭାବରେ ଅପେକ୍ଷା କରି ବସି ରହିଛି ?

ଲେଖାର ଦୁଇ ଆଖି ଲୁହରେ ଅନ୍ଧ ହୋଇଯାଉଥିଲା; କାରଣ ତା' ଆଖିରୁ ଧୀରେ ଧୀରେ ଅନ୍ଧପୁଟୁଳି ଖୋଲି ଯାଉଥିଲା। ସେ ଜଳ ଜଳ କରି ଦେଖିପାରୁଥିଲା-

Digitized by srujanika@gmail.com

ପାର୍ଥଙ୍କ ଚେଷ୍ଟାରେ ଅପାଠ୍ୟ କବିତାର ଲେଖିକା ପ୍ରସିଦ୍ଧ କବୟତ୍ରୀ ହୋଇଯାଉଛନ୍ତି; ଆଉ ଦିନେ ହୁଏତ ସନ୍ତାନର ଜନନୀ ହେବେ। ସବୁ ଅସାମର୍ଥ୍ୟ, ଅକ୍ଷମତାକୁ ଅତିକ୍ରମ କରିଯିବେ। ଆଉ ତା'ର ସଜ୍ଜିତ ସଂସାର ଜଉଘର ଭଳି ଜଳିଯିବ!

କୁନୁ ଖାଇ ଶୋଇଯାଇଥିଲା। ସ୍ୱାମୀଙ୍କ ସହ ଏକାଠି ବସି, ଖାଇବ ବୋଲି ଅପେକ୍ଷା କରିଥିଲା ଲେଖା। କିନ୍ତୁ ସେ ମିସେସ୍ ରାଉତରାୟଙ୍କ ସହ ରାତ୍ରିଭୋଜନ ଶେଷ କରିଥିଲେ। ନିଜର ରନ୍ଧା ଏକାକିନୀ ନିଜେ ଖାଇ ବସିଲାବେଳେ ତାକୁ କାନ୍ଦ ମାଡୁଥିଲା। କିନ୍ତୁ ସେ କାନ୍ଦି ନ ଥିଲା।

କଲେଜରୁ ସିଧା ଘରକୁ ନ ଫେରି ପାର୍ଥ ମିସେସ୍ ରାଉତରାୟଙ୍କ ପାଖକୁ ଯାଆନ୍ତି; ମିଷ୍ଟର ରାଉତରାୟଙ୍କ ଅନୁପସ୍ଥିତିରେ ସେ ଦୁହିଁଙ୍କ ଭିତରେ କାବ୍ୟଚର୍ଚ୍ଚା ହୁଏ; ଅଥଚ ପାଞ୍ଚୋଟି ଘର ଦୂରରେ ଥାଇ ଲେଖା ସେ କଥା ଜାଣେ ନାହିଁ-ତାକୁ ସେ କଥା ପାର୍ଥ କିମ୍ବା ଅପରାହ୍ଣରେ ଗପ କରି ଯାଉଥିବା ମିସେସ୍ ରାଉତରାୟ କେହି କିଛି ସୂଚନା ସୁଦ୍ଧା ଦିଅନ୍ତି ନାହିଁ; ଏକଥା ଭାବିବା ମାତ୍ରେ ତା' ତଣ୍ଟିରେ ଭାତ ଗୁଣ୍ଡା ଅଟକି ଯାଇଥିଲା।

କୁନୁକୁ ଚକୋଲେଟ ଆଉ ତାକୁ ଆଚାର ଉପହାର ଦେଇ ମିସେସ୍ ରାଉତରାୟ ନିଜର ଅଭାବ ପୂରଣ କରି ନେଇଛନ୍ତି। ତାଙ୍କ ପାଖରେ ବଡ଼ ଅସହାୟ ଶୋଚନୀୟ ଭାବରେ ହାରି ଯାଇଛି ଲେଖା।

* * *

ନିଜ ହାତ ଘଣ୍ଟାକୁ ଚାହିଁ ଚମକି ଉଠିଲା ଲେଖା। କୁନୁର ସ୍କୁଲ ଛୁଟି ହେବାର ସମୟ ଅତୀତ ହୋଇଗଲାଣି। ସେ ତାକୁ ଅପେକ୍ଷା କରି ଅସ୍ଥିର ହେଉଥିବ। ଅଥଚ ମିସେସ୍ ରାଉତରାୟଙ୍କ ଗାଡ଼ି ରାସ୍ତା ଅବରୋଧ କରି ସେମିତି ଠିଆହୋଇଛି।

କିନ୍ତୁ ତାକୁ ତ ଯିବାକୁ ହେବ। ସେ ଆଉ ବିଳମ୍ବ ନ କରି ଦେଖି ନ ଦେଖିଲା ଭଳି ମିସେସ୍ ରାଉତରାୟ ଏବଂ ତାଙ୍କ ଗାଡ଼ିକୁ ଅତିକ୍ରମ କରି ରାସ୍ତା ପାର ହୋଇଗଲା।

Digitized by srujanika@gmail.com

ତଳେ ମାଟି ଉପରେ ଆକାଶ

ଗାନ୍ଧି ନଗର ଆଖଡ଼ାଘର ସାମ୍ନାରେ ପ୍ରଥମେ ଯେଉଁଦିନ ହଠାତ୍ ଗୋଟାଏ ମହିଳା ମହାବିଦ୍ୟାଳୟର ସାଇନବୋର୍ଡ଼ ସକାଳର ଖରାରେ ଝଲସି ଉଠିଲା, ସାରା ବସ୍ତିର ନିସ୍ତେଜ ସ୍ନାୟୁ ଗ୍ରନ୍ଥିରେ ଚହଟିଗଲା ଅପୂର୍ବ ଏକ ଶିହରଣ।

ଏଇ ଅବହେଳିତ ସହର ତଳି ବସ୍ତିରେ ଗହଣା ଭିତରେ ନିମକାଠି ଭଳି ଥିଲା ଏଇ ଦୁଇ ବଖୁରିଆ ଆଖଡ଼ାଘର। ଦିନବେଳା ସାହିର ପ୍ରୌଢ଼ମାନେ ଏଇ ଆଖଡ଼ା ଘରେ ତାସ୍ ଖେଳନ୍ତି, ପଶାପାଲିରେ କାଠି ଗଡ଼ାନ୍ତି। ସନ୍ଧ୍ୟାହେଲେ କୋମଳ ଅନ୍ଧକାରରେ ଚୁପ୍‌ଚାପ୍ ବସି ବେକାର ଯୁବକମାନେ ଗଞ୍ଜେଇ ଟାଣନ୍ତି। କଦବା କ୍ବଚିତ୍ ମାସରେ ଥରେ ଅଧେ ଟୋକା ବୁଢ଼ା ମିଶି ଭୀମଭୋଇଙ୍କ ଭଜନ ବୋଲନ୍ତି। କେବଳ ଜାନୁୟାରୀ ଛବିଶ, ଅଗଷ୍ଟ ପନ୍ଦରଦିନ ଏ ଆଖଡ଼ା ଘର ସଜାସଜି ହୁଏ, ମନ୍ତ୍ରୀ କି ଏମ୍.ଏଲ୍.ଏ. କେହି ଆସି ଏଠାରେ ଜାତୀୟ ପତାକା ଉତ୍ତୋଳନ କରନ୍ତି। ତା ନ ହେଲେ ବର୍ଷର ଅବଶିଷ୍ଟ ଦିନ ଗୁଡ଼ିକ ଗାନ୍ଧୀନଗରର ଏ ଦୁଇବଖୁରିଆ ଟାଇଲ ଛପର ଆଖଡ଼ା ଘର ପରିତ୍ୟକ୍ତ ପାନ୍ଥଶାଳା, ଅପୂଜା ଦିଅଁଙ୍କ ଜୀର୍ଣ୍ଣ ମନ୍ଦିର ଭଳି ଉପେକ୍ଷିତ ହୋଇ ପଡ଼ିଥାଏ।

ଆଜି ହଠାତ୍ ସେଇ ବସ୍ତିର ଆଖଡ଼ା ଘର ସାମ୍ନାରେ ମହିଳା ମହା ବିଦ୍ୟାଳୟ!

ଏ ଆଖଡ଼ାଘର ଭଳି ଏ ସହରତଳି ଗାନ୍ଧିନଗରର ଏକ ଏଗାର ବର୍ଷର ପୁରୁଣା ଇତିହାସ ଅଛି। ରାଜଧାନୀ ସହରର ଛାତି ଉପରେ କୁଲି, ମଜୁରିଆ, ରିକ୍‌ସାବାଲା, ଫେରିବାଲାଙ୍କୁ ନେଇ ଯେଉଁ ବସ୍ତି ଅଞ୍ଚଳ ଗଢ଼ି ଉଠିଥିଲା, ସହରର ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ରକ୍ଷା ପାଇଁ ସେ ବସ୍ତିବାସୀଙ୍କୁ ବାସ୍ତୁହରା କରିବା ଖୁବ୍ ଜରୁରୀ ହୋଇ ପଡ଼ିଥିଲା।

ଏ ରାଜଧାନୀ ସହର ଗଢ଼ା ହେଲାବେଳେ କନ୍‌ଷ୍ଟ୍ରକ୍‌ସନ୍ କଣ୍ଟ୍ରାକ୍ଟରମାନେ ଏମାନଙ୍କୁ ଟ୍ରକ୍‌ରେ ଲଦି ଫୁଲବାଣୀ, ସୁନ୍ଦରଗଡ଼, ଗଞ୍ଜାମ ଜିଲ୍ଲାର ବହୁ ଦୂର ଦୂରାନ୍ତରୁ ଏଠାକୁ ବୋହି ଆଣିଥିଲେ। ସେଇମାନଙ୍କ ଦେହ ମିହନତରେ ଏ ଟାଙ୍ଗରା, ପାହାଡ଼ିଆ ନୁଖୁରା ମାଟିରେ ଆଖି ଝଲସା ବହୁତଳ ପ୍ରାସାଦମାନ ଗଢ଼ି ଉଠିଲା। କିନ୍ତୁ ଘରତୋଳା କାମ ସରିଗଲା ପରେ ଘର ତୋଳାରେ କାନ୍ଧଭିଡ଼ିଥିବା ରେଜା,

Digitized by srujanika@gmail.com

ମୂଲିଆମାନଙ୍କର ଆଉ ଦରକାର ହେଲା ନାହିଁ। ସେମାନଙ୍କ ଭିତରୁ କେହି ରିକ୍ସା ଟାଣିଲା, ଟ୍ରଲି ବହିଲା, କିଏ ଛୋଟ ଦୋକାନ କରି କୌଣସି ମତେ ନିଜ ନିଜ ଗୁଜୁରାଣ ମେଣ୍ଟାଉଥିଲେ। କେହି କେହି ପାଠ ପଢ଼ି ଖବର କାଗଜ ବିକୁଥିଲେ ନ ହେଲେ ଅଫିସରେ ପିଅନ୍ କାମ କରୁଥିଲେ।

କିନ୍ତୁ ହଠାତ୍ ଦିନେ ଆସିଗଲା ସେମାନଙ୍କର ବସ୍ତି ଉଚ୍ଛେଦ ଆଦେଶନାମା। ସେମାନେ ବେଆଇନ ଭାବରେ ଜବର ଦଖଲ କରି ରଖିଥିବା ଜମି ମନ୍ତ୍ରୀ ଏମ୍.ଏଲ.ଏ. ମାନଙ୍କୁ ଘର କରିବା ପାଇଁ ବରାଦ କରା ସରିଛି। ସେମାନଙ୍କୁ ସେମାନଙ୍କର ଝାଟିମାଟି କୁଡ଼ିଆ ଘର ଭାଙ୍ଗିଦେଇ ଚାଲିଯିବାକୁ ହେବ।

କିନ୍ତୁ ସେମାନେ ଯିବେ ଅବା କୁଆଡ଼େ? ଏ ରାଜଧାନୀ ସହର କିମିଆଁ ଜାଣିଥିଲା। ଯେଉଁ ଆଦିବାସୀ, ହରିଜନ, ଖଟିଖିଆ ଲୋକେ କେଉଁ ବଣଜଙ୍ଗଲ ଘେରା ସୁଦୂର ପଲ୍ଲୀ ଭୂଇଁରୁ ଛେଳି ମେଣ୍ଢାଙ୍କ ଭଳି ଟ୍ରକରେ ବୁହାହୋଇ ନୂତନ ରାଜଧାନୀ ନିର୍ମାଣ ଯଜ୍ଞରେ ବଳି ପଡ଼ିବା ପାଇଁ ଏ ଶିବ କ୍ଷେତ୍ରକୁ ଆସିଥିଲେ, ଯୂପକାଠରୁ ମୁକ୍ତି ପାଇଲା ପରେ ମଧ୍ୟ ସେମାନେ ଆଉ ନିଜ ଭିଟାମାଟିକୁ ଫେରିଯିବା ପାଇଁ ମନ କଲେ ନାହିଁ। ଏ ରାଜଧାନୀ ସହରର ଜଳପାଣି, ବିଜୁଳି ଆଲୁଅ ସେମାନଙ୍କ ଆଖିକୁ ଝଲବା କରି ଦେଇଥିଲା। ନିଜ ଗାଁ ମାଟିର ରାସ୍ତା ସେମାନେ ପାଶୋରି ଦେଇଥିଲେ। ନିଜ ଆଦିମ ଜୀବନଧାରା ସହିତ ସକଳ ସମ୍ପର୍କ ଛିନ୍ନ କରି ସାରିଥିଲେ।

ସେଥିପାଇଁ ଏଗାର ବର୍ଷ ତଳେ ସେମାନେ ଘରଛାଡ଼ ନୋଟିସ ପାଇ ଛାନିଆ ହୋଇ ଯାଇଥିଲେ। ସାରା ବେଆଇନ ବସ୍ତିର ତିର୍ଲା, ମର୍ଦ୍ଦ ଛୁଟି ଯାଇଥିଲେ ପ୍ରାଣବାବୁଙ୍କ ପାଖକୁ।

ପ୍ରାଣେଶ୍ୱର ବାବୁ ପାର୍ଟଟାଇମ୍ ପଲିଟିସିଆନ୍, ପାର୍ଟଟାଇମ ଓକିଲ, ରାଜନୈତିକ ଠିକାଦାର ଭାବରେ ସେ ରାଜଧାନୀ ସହରରେ ଖ୍ୟାତିମାନ ପୁରୁଷ। ବେଆଇନ ବସ୍ତିବାସିନ୍ଦାଙ୍କଠାରୁ ନିୟମିତ ବିନା ରସିଦରେ ଘର ଭଡ଼ା ଆଦାୟ କରନ୍ତି, ପ୍ରତି ଇଲେକ୍ସନରେ ଏ ବସ୍ତିବାସୀଙ୍କୁ ନେଇ ଜାଲିଭୋଟ୍ ଦିଅନ୍ତି। ତାଙ୍କର ବରାଦ ଅନୁସାରେ ରାଜଧାନୀରେ ବିଭିନ୍ନ ରାଜନୈତିକ ଦଳରେ ଜନସମାବେଶରେ ଏଇମାନେ ହିଁ ଭିଡ଼ ଜମାନ୍ତି।

ପ୍ରାଣବାବୁତ ସେମାନଙ୍କର ରାଜନୈତିକ ଅଭିଭାବକ!

ସବୁକଥା ଶୁଣି ସେଦିନ ପ୍ରାଣେଶ୍ୱର ବାବୁ ଉଚ୍ଚ କଣ୍ଠରେ ହସି ଉଠିଥିଲେ।

ମନ୍ତବ୍ୟ କରିଥିଲେ-ପରବାୟ ଲେଦୁ। ତମେ ସବୁ ନିଜର ଦୁଇଦିନର ମଜୁରି ମତେ ଚାନ୍ଦା ଆକାରରେ ଦିଅ। ମୁଁ ମକଦ୍ଦମା ଲଢ଼ିବି-ଏଭଳି ବସ୍ତି ଉଚ୍ଛେଦ ସ୍ୱାଧୀନ ରାଷ୍ଟ୍ରରେ ବେଆଇନ।

ମକଦ୍ଦମା ଲଢ଼ିଥିଲେ ପ୍ରାଣେଶ୍ୱର ଆଚାର୍ଯ୍ୟ।

Digitized by srujanika@gmail.com

କୋର୍ଟ ରାୟ ଦେଇଥିଲେ-ବିକଳ୍ପ ବାସ ସ୍ଥାନ ଯୋଗାଇ ନ ଦେଇ ବେଆଇନ୍ ବସ୍ତି ଉଚ୍ଛେଦ ବେଆଇନ୍ କାର୍ଯ୍ୟ !

ସେଇ ବେଆଇନ୍ ବସ୍ତିବାସୀଙ୍କ ବିକଳ୍ପ ବାସଭୂମି ହୋଇଥିଲା ଏଇ ସହରତଳି ପାହାଡ଼ିଆ ଆରଣ୍ୟକ ଭୂମି-ଯେଉଁଠି ଗଢ଼ି ଉଠିଥିଲା ଏଇ ଗାନ୍ଧି ନଗର ।

କ୍ୟାପିଟାଲ ସହର ଠାରୁ ଅନେକ ଦୂରରେ ଜଙ୍ଗଲ ପାଖରେ ଦିନେ ପୋଲିସ ଟ୍ରକରେ ଆଣି ସେମାନଙ୍କୁ ଓହ୍ଲାଇ ଦେଇଗଲା । ସେମାନେ ଦେହ ମେହନତ୍ କରି ଏଠାରେ ଗଢ଼ିତୋଳିଲେ ଏକ ନୂତନ ବସ୍ତି-ଯାହାର ନାମ ଦେଇଥିଲେ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ "ଗାନ୍ଧି ନଗର" । ଜଙ୍ଗଲ କାଟି, ପାହାଡ଼ିଆ ମାଟିତାଡ଼ି ସେମାନେ ଅପନ୍ତରା ଟାଙ୍ଗରା ଭୂଇଁକୁ ବାସ ଯୋଗ୍ୟ କରି ସାରିଲା ପରେ ପ୍ରାଣେଶ୍ବର ବାବୁଙ୍କ ଚେଷ୍ଟାରେ ସରକାର ତୋଳି ଦେଇଥିଲେ ନିଜ ଖର୍ଚ୍ଚରେ ଏଇ ଦୁଇବଖରା ଆଖଡ଼ା ଘର । ଦିନ ବେଳା ତାସ୍, ପଶାଖେଳ, ସଞ୍ଜ ପହରରେ ଭଜନ କୀର୍ତ୍ତନରେ କଲ୍ଲୋଳିତ ହେଉଥିଲା ଏଇ ଆଖଡ଼ା ଘର । ବର୍ଷାଦିନେ ଝଡ଼ତୋଫାନରେ ଝାଟିମାଟି ମାଟି କୁଡ଼ିଆ ଘର ଭାଙ୍ଗି ପଡ଼ିଲେ ପିଲାଛୁଆମାନେ ଏଇ ଆଖଡ଼ା ଘରେ ଆଶ୍ରା ନେଉଥିଲେ ।

କିନ୍ତୁ ବର୍ଷ କେତୋଟି ପରେ ଦେଖାଗଲା, କ୍ୟାପିଟାଲ ସହରର ଧୋବଧାଉଳିଆ ବାବୁମାନଙ୍କ ଧାଉଡ଼ି ଏ ଗାନ୍ଧିନଗର ଅନ୍ତ୍ୟଜ ଶ୍ରେଣୀର ବସ୍ତି ଆଡ଼କୁ ଧୀରେ ଧୀରେ ଲମ୍ବି ଆସୁଛି । ପ୍ରଥମେ ହାଉସିଂବୋର୍ଡ଼ ଯୋଜନା ଅନୁସାରେ ଏ ବସ୍ତି ପାଖରେ ଫ୍ଲାଟ୍ ଘର ତୋଳା ହେଲା ପରେ ସହରରୁ ପିଚୁରାସ୍ତା ପଡ଼ିଗଲା । ପାଣିକଳର ଲାଇନ୍ ଆସିଗଲା । ବିଜୁଳିବତୀ ଜଳି ଉଠିଲା । ସହର ଘୁଞ୍ଚି ଆସିଲା ପୁଣିଥରେ ଗାନ୍ଧି ନଗର ବସ୍ତି ଅଞ୍ଚଳ ପର୍ଯ୍ୟନ୍ତ ।

ମୁଣ୍ଡା, ମାଝି, ଭୋଇ, ଜେନା, ନାୟକ ଘରର କାମିକା ପୁରୁଷମାନେ ରିକ୍‌ସା, ଟ୍ରଲି, ଧରି ସହର ଭିତରକୁ ଜୀବିକା ଅର୍ଜନ ପାଇଁ ଚାଲିଗଲା ପରେ ସେମାନଙ୍କ ସ୍ତ୍ରୀ, ଝିଅମାନେ ହାଉସିଂ ବୋର୍ଡ଼ କଲୋନୀର ବାବୁମାନଙ୍କ ଘରେ ବାସନ ମଜା, ଲୁଗା କଚା କାମ କରିବାକୁ ବାହାରି ଯାଆନ୍ତି । ସହରଠାରୁ ଛିନ୍ନ ହୋଇଯାଇଥିବା ଯୋଗସୂତ୍ର ପୁଣି ଥରେ ଏହିପରି ଭାବରେ ଯୋଡ଼ି ହୋଇଯାଏ ।

ସବୁ ଠିକ୍ ଚାଲିଥିଲା ।

କିନ୍ତୁ ଆଖଡ଼ା ଘର ସାମ୍ନାରେ ମହିଳା ମହାବିଦ୍ୟାଳୟର ସାଇନ୍‌ବୋର୍ଡ଼ ଲାଗିଗଲା ପରେ ବସ୍ତିବାସୀଙ୍କ ମନରେ ପୁଣି ଥରେ ସଞ୍ଚରିଗଲା ଭୟ ଓ ଆତଙ୍କ । ସେମାନଙ୍କର ଆଖଡ଼ା ଘରକୁ ଦଖଲ କରିଗଲା ପରେ ସହରର ବାବୁମାନେ ସେମାନଙ୍କ ବସ୍ତିକୁ ମଧ ଗ୍ରାସ କରିଯିବେ-ଏହାହିଁ ଥିଲା ସେମାନଙ୍କର ଭୟର କାରଣ- ପୂର୍ବ ଅଭିଜ୍ଞତାର ଅଭିଜ୍ଞାନ ।

ସେମାନେ ମ୍ୟୁନିସିପାଲିଟି ଚେୟାରମ୍ୟାନ୍‌ଙ୍କ ପାଖରେ ଆପତ୍ତି

Digitized by srujanika@gmail.com

ଜଣାଇଥିଲେ-ସେମାନଙ୍କ ବସ୍ତିର ଝିଅମାନେ ଚାଟଶାଳୀ ମାଡ଼ନ୍ତି ନାହିଁ-ସେମାନଙ୍କ ବସ୍ତିରେ ମହିଳା କଲେଜ ଦରକାର ନାହିଁ।

ଚେୟାରମ୍ୟାନ୍ ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆଖି ଆଗରେ ରଖି ସେଠାରେ ଏକ ବେସରକାରୀ ମହିଳାମହାବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ସଂପର୍କରେ ଏକ ସାରଗର୍ଭକ ଭାଷଣ ଶୁଣାଇଥିଲେ ଏବଂ କଲେଜ ଚାଲୁହେଲା ପରେ ଚତୁର୍ଥଶ୍ରେଣୀ କର୍ମଚାରୀ ନିଯୁକ୍ତିରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଘୋଷଣା କରିଥିଲେ।

ତାଙ୍କର ପ୍ରତିଶ୍ରୁତି ଅନୁସାରେ ବସ୍ତି ମୁଖିଆ ଝରି ଜେନାର ବିଧବା ଭାଉଜ ହାରାକୁ ନୂତନ ମହିଳା ମହାବିଦ୍ୟାଳୟର ବେହେରାଣୀ ଭାବରେ ନିଯୁକ୍ତି ମିଳି ଯାଇଥିଲା।

ବଞ୍ଚି ରହିବାର ଦୈନନ୍ଦିନ ଲଢ଼େଇ ଭିତରେ ସେମାନେ ପ୍ରତିବାଦର ଭାଷା ଭୁଲି ଯାଇଥିଲେ। ଦାବି ନୁହେଁ, ଭିକ୍ଷା ହିଁ ଥିଲା ସେମାନଙ୍କର ଜୀବନ ଦର୍ଶନ। ସେମାନେ ଗୁଳ୍ମ ଆଚ୍ଛାଦିତ ଏହି ପାହାଡ଼ିଆ ଭୂମିକୁ ଲହୁ ଲୁହ, ଶ୍ରମ ଘର୍ମ ଦେଇ ସୁରମ୍ୟ ନଗରୀରେ ପରିଣତ କରିଥିଲେ ସତ୍ୟ, କିନ୍ତୁ ସେମାନେ ସେହି ନଗରର ନାଗରିକ ହେବାର ସୌଭାଗ୍ୟରୁ ବଞ୍ଚିତ ହୋଇଥିଲେ, ସେଥିପାଇଁ ସହରଠାରୁ ଅନେକ ଦୂରରେ ଏହି ଅରଣ୍ୟ ଅଞ୍ଚଳକୁ ସେମାନଙ୍କୁ ତଡ଼ିଦିଆ ଗଲାପରେ ସେମାନେ ଯେପରି ପ୍ରତିବାଦ କରି ପାରିନଥିଲେ, ସେମାନଙ୍କ ଆଖଡ଼ାଘରକୁ ବେସରକାରୀ ମହିଳା କଲେଜରେ ରୂପାନ୍ତରିତ କରି ଦିଆଗଲା ବେଳେ ସେମାନେ ମଧ୍ୟ ପ୍ରତିରୋଧ କରିପାରିଲେ ନାହିଁ। କୌଣସି ରାଜନୈତିକ ଧର୍ମ-ପିତା ଏଥିପାଇଁ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ମଧ୍ୟ ବାହାରିଲେ ନାହିଁ।

ଦିନେ ପ୍ରାଣବାବୁ ଦେଖିଲେ ଭଙ୍ଗୀ ବସ୍ତିର କିଷ୍ଟୁ ମୁଣ୍ଡା, ହରି ନାଇକ, ମାଧବ ମାଝି ଆଉ ଅନ୍ୟମାନେ ତାଙ୍କ ପାରାପେଟ୍ ତଳେ ହାତ ଯୋଡ଼ି ଶୁଖିଲା ମୁହଁ, ନୁଖୁରା ବେଶରେ ଠିଆ ହୋଇଛନ୍ତି।

ପ୍ରାଣେଶ୍ୱରବାବୁ ଓକିଲ, ବ୍ୟସ୍ତଲୋକ। ଭଙ୍ଗୀ ବସ୍ତିର ଏତେ ଲୋକଙ୍କୁ ଦେଖି ସେ ପ୍ରଥମେ ବିରକ୍ତ ହୋଇଗଲେ। ବସ୍ତି ଭାଙ୍ଗିଗଲା ପରେ ସେମାନେ ନୂଆ ଇଲାକାକୁ ଉଠିଯାଇଛନ୍ତି। ତାଙ୍କ ସହିତ ତାଙ୍କର ସମ୍ପର୍କ ତୁଟିଯାଇଛି। ଯେଉଁଠୁ ତାଙ୍କର କିଛି ପାଇବାର ନାହିଁ, ସେଠାରେ ମଧ୍ୟ ତାଙ୍କର କିଛି କରିବାର ନାହିଁ। ବିନା ପଇସାରେ ଦେଶସେବା, ଲୋକ ସେବାରେ ସେ ବିଶ୍ୱାସ କରନ୍ତି ନାହିଁ। ହଠାତ୍ ଏମାନେ କାହିଁକି ?

କିନ୍ତୁ କିଷ୍ଟୁ ମୁଣ୍ଡା, ହରି ନାଇକ ତାଙ୍କ ପାଦ ଧରି ପଡ଼ିଗଲା ପରେ ତାଙ୍କର ହୃଦୟ ତରଳିଗଲା।

-ଆମ ଆଖଡ଼ାଘର ଆମକୁ ଫେରାଇ ଦିଅ ବାବୁ! ସେ ଚିରିଲା କଳିଜି

Digitized by srujanika@gmail.com

ଉଠାଇ ଆଣ !

ପ୍ରାଣବାବୁ ଗୋଟାଏ ପ୍ରାଣ ଖୋଲା ହସ ହସି କହିଲେ-ମୁଁ ସରକାରକୁ କହି ଆଖଡ଼ା ଘରଟା ଗଢ଼େଇ ଦେଇଥିଲି, ହେଲେ ଛଡ଼େଇ ଆଣି ପାରିବି ନାହିଁ, ସେଇଟା ମୋ ପ୍ରଭାବାଧୀନ ଇଲାକା ନୁହେଁ। ଏ କ୍ୟାପିଟାଲ ସହର ଅଲଗା ଅଲଗା ରାଜନୈତିକ ଦାଦାଙ୍କ ଭିତରେ ବଣ୍ଟା ହୋଇଯାଇଛି। ଗାନ୍ଧି ନଗର ଇଲାକା ପଡ଼ିଛି ଠିକାଦାର ଶଙ୍କର ସିଂ ଭାଗରେ। ତା ଇଲାକାରେ ମୁଁ ନାକ ଗଳାଇଲେ ମୋ କାନ କଟିଯିବ। ଗାନ୍ଧିନଗରରେ ମହିଳା କଲେଜ ହେବ ହିଁ ହେବ। ସେ କଲେଜର ସେକ୍ରେଟେରୀ ସ୍ୱୟଂ ଶଙ୍କର ସିଂ। ପ୍ରତି ଅଧ୍ୟାପିକା ନିଯୁକ୍ତି ପାଇଁ ସେ ଦଶ ହଜାର ଲେଖାଁଏ ଚାନ୍ଦା ନେଇ ପାରିଲାଣି। ଆଜିକାଲି କଲେଜ ଖୋଲିବା ଠାରୁ ବଳି ବଡ଼ ଲାଭଜନକ ବ୍ୟବସାୟ ଆଉ କିଛି ନାହିଁ-

ହରି ନାଇକ ନେହୁରା ହୋଇ କହିଲା- ବାବୁ ! ନୂଆ ରାସ୍ତା ତିଆରି ହେଉଛି ଯେ ଆମର ଆଠଘର କୁଡ଼ିଆଘର ଭଙ୍ଗା ହେଲା-ମଦନା ମାଝିର ସାନ ଝିଅ ରାସ୍ତାରେ ଖେଳୁଥିଲା- ତା'ଉପରେ ଇଟା ଟ୍ରକ ଚଢ଼ିଗଲା-

ପ୍ରାଣେଶ୍ୱରବାବୁ ଓଠ ଚୁ'ଚୁ କରି କହିଲେ-

-ଦେଶ ଉନ୍ନତି କରୁଛି ହରି ! ଉନ୍ନୟନମୂଳକ କାମହେଲେ କିଛି ଲୋକଙ୍କର ଲୋକସାନ ହେବ-ଏଇଟା ସୃଷ୍ଟିର ନିୟମ। ମୋ କଥା ମାନ। ବିରୋଧ ନକରି ତମେ ସବୁ ସେଇ ଉନ୍ନୟନମୂଳକ କାମରେ ଲାଗି ଯାଅ। ମହିଳା କଲେଜ ହେଲେ ସେଠାରେ ଦୋକାନ ବଜାର ଖୋଲିବ-ତମେ ସବୁ କଲେଜ ସାମ୍ନାର ଭଲ ଭଲ ଯାଗାରେ କ୍ୟାବିନ ପକାଇ ଯାଅ-

-ଦୋକାନ ଖୋଲିବାକୁ ଟଙ୍କା ?

ମଦନାମାଝିର ପ୍ରଶ୍ନଶୁଣି ପ୍ରାଣବାବୁ ସେମାନଙ୍କୁ ଭରସା ଦେଲେ- ମୁଁ ସେଥିପାଇଁ ଋଣ କରାଇ ଦେବି। ଯାହା ମୁନାଫା ହେବ- ତମର ଅଧକୁ ମୋର ଅଧେ-

ସେମାନଙ୍କୁ ବଞ୍ଚିବାର ଏକ ନୂଆ ରାସ୍ତା ଦିଶିଗଲା। ଝରି ଜେନା ବିଧବା ଭାଉଜକୁ ବେହେରାଣୀ ଚାକିରୀ ଦେଲା ପରେ ଶଙ୍କର ସିଂ ଗାନ୍ଧିନଗର ବସ୍ତିର ଆଉ କାହାକୁ ଚାକିରୀରେ ରଖୁ ନାହିଁ। ଦରୱାନ ଚାକିରୀ ପାଇଁ କିଷ୍ଟୁ ମୁଣ୍ଡାର ପୁଅ ଭୁକା ତାଙ୍କ ପାଖରେ କେତେ କାକୁତି ମିନତି କଲା। ଶଙ୍କର ସିଂର ସେଇ ଗୋଟିଏ କଥା- ତମ ବସ୍ତିର ସବୁଲୋକ ଚୋର। ତମକୁ ଜଗୁଆଳି କଲେ ତମେ ଶଳା, ଶଶୁର ପୁଅ ସବୁ ମାରି ଖାଇଯିବ- ମୁଁ ନେପାଳ ଗୁର୍ଖା ରଖିବି-ସେଇଦିନୁ ଖାକି ପୋଷାକ ପିନ୍ଧି ଦୁଇଟା ଗୁର୍ଖା ଦରୱାନ୍ ମହିଳା କଲେଜ ଫାଟକ ଜଗି ରହିଛନ୍ତି। ଗାନ୍ଧି ନଗର ବସ୍ତିର କାହାକୁ ଭିତରକୁ ଯିବାପାଇଁ ମନା !

ପ୍ରାଣବାବୁ ଓକିଲ ଶଙ୍କର ସିଂ ଇଲାକାରେ ନାକ ନ ଗଳାଇ ଗାନ୍ଧି ନଗର ବସ୍ତିବାସୀଙ୍କ ଜରିଆରେ ଅଙ୍ଗୁଳି ପ୍ରବେଶ କରାଇଦେଲେ। ବସ୍ତିର ଯେଉଁ ପୁରୁଷ

Digitized by srujanika@gmail.com

ଲୋକମାନେ କୋଡ଼ି, କୋଦାଳ ଧରି ମାଟି କାମ କରିବାକୁ ସହର ଭିତରକୁ ଆଉ ଛୋଟ ଛୋଟ ପିଲା, ନିପାରୁ ବୁଢ଼ୀ ପାଖ ଜଙ୍ଗଲରୁ ଶୁଖିଲା କାଠ ଡାଙ୍ଗ, ପତର ସାଉଁଟିବାକୁ ଯାଉଥିଲେ ସେମାନଙ୍କୁ ଟାଣିଦେଇ କଲେଜ ପାଖରେ ଦୋକାନ ଖୋଲିଦେଲେ। କିଙ୍କୁ ମୁଣ୍ଡାର ପୁଅ ଭୁକା କଲେଜ ଫାଟକ ସାମ୍ନାରେ ଗୋଟାଏ ମନୋହାରୀ ଦୋକାନ ଖୋଲି ଆସ୍ଥାନ ଜମାଇ ବସିଲା। ପ୍ରାଣବାବୁଙ୍କ ମୋହରୀର ତା'ପାଖକୁ ଲାଗି ଯେଉଁ ବହି ଦୋକାନ, ଜଳଖିଆ ଦୋକାନ ଖୋଲିଥିଲେ, ସେଥିରେ ମଧ ଜଗୁଆଳି, ପ୍ଲେଟସେଫା କାମ କରିବା ପାଇଁ ବସ୍ତିର କେତେଜଣ କିଶୋର କିଶୋରୀ ନିଯୁକ୍ତି ପାଇଗଲେ।

ମହିଳା ମହାବିଦ୍ୟାଳୟକୁ ଲାଗି ଗାନ୍ଧିନଗର କୁଡ଼ିଆ ଘରର ବସ୍ତି ଅଞ୍ଚଳ। ତା ପଛକୁ ହାଉସିଂ ବୋର୍ଡ଼ କଲୋନୀ। ଆଉ ଦକ୍ଷିଣ-ଉତ୍ତରପଟେ ବୁଦୁବୁଦିକିଆ ଜଙ୍ଗଲ। ଛୋଟ ଛୋଟ ମୁଣ୍ଡା ପାହାଡ଼। ତା'ପରେ ବଡ଼ ବଡ଼ ଗଛର ଅରଣ୍ୟ।

ନୂଆ ନାଲି ରାସ୍ତାରେ ବସରେ ବସି ନାନା ପ୍ରକାର ଆଖି ଝଲସା ରଙ୍ଗିନ ପୋଷାକ ପିନ୍ଧି ଯାଆ ଆସ କରୁଥିବା ଅଧାପିକା, ଛାତ୍ରୀମାନଙ୍କୁ ଦେଖି ଗାନ୍ଧିନଗରର ମଳିଆ ମସିଆ ବସ୍ତିବାସୀମାନେ ନୟନ ପବିତ୍ର କରୁଥିଲେ। ସେଇ ଦେଖାରେ ସେମାନେ ଭୁଲି ଯାଉଥିଲେ ଏଗାର ବର୍ଷ ତଳେ ସହର ମଝିରୁ ଟ୍ରକରେ ଉଠାଇ ଆଣି ଆବର୍ଜନା ଭଳି ପୋଲିସ ସେମାନଙ୍କୁ ଏଠାରେ ଫିଙ୍ଗିଦେଇ ଯାଉଥିବାର ଦୁଃଖ।

ବେଶ୍ ଚାଲିଥିଲା ଗାନ୍ଧିନଗରର ମହିଳା ମହାବିଦ୍ୟାଳୟ ଏବଂ ବସ୍ତିବାସୀମାନଙ୍କ ରଙ୍ଗହୀନ ଜୀବନଯାପନ। କିନ୍ତୁ ଦିନେ ଏକ ଆକସ୍ମିକ ଘଟଣାରେ ହଠାତ୍ ଗାନ୍ଧିନଗର ନିସ୍ତରଙ୍ଗ ଜୀବନଯାତ୍ରା ଉତ୍ତେଜିତ ଓ କୋଳାହଳମୟ ହୋଇ ଉଠିଲା।

ସେଦିନ ଥିଲା ମହିଳା ମହାବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ। ଲିଟୁ ଲାଇଟ୍‌ରେ କଲେଜର କାନ୍ଥ, ଛାତ, ଫାଟକ ଚିରୁଗୁଣୀ ଆଲୁଅ ଭଳି ଦପ୍ ଦପ୍ ଜଳୁଥିଲା ଲିଭୁଥିଲା। ମାଇକ୍‌ରେ ଲୋକପ୍ରିୟ ହିନ୍ଦି ସିନେମା ଗୀତର ସ୍ୱର ଅନୁରଣିତ ହେଉଥିଲା।

ସେତେବେଳକୁ ରାତି ଆଠଟା।

କିଙ୍କୁ ମୁଣ୍ଡାର ସାନପୁଅ ଭୁକା ଦୋକାନ ବନ୍ଦ କରି ଘରକୁ ଫେରୁଥିଲା। ବୁଦୁବୁଦିକିଆ ଗଛ ଭର୍ତ୍ତି ପଡ଼ିଆ ପାର ହେଲା ବେଳେ ସେ ଦେଖିଲା, ଛାଇ ଛାଇଆ ଅନ୍ଧାରରେ ଗୋଟାଏ ଝଙ୍କା ଗଛ ତଳେ ଜଣେ କଲେଜ ଝିଅକୁ ଗୋଟାଏ ଖଣ୍ଡମାର୍କା ମର୍ଦ୍ଦ ମାଡ଼ି ବସିଛି ଆଉ ଝିଅଟା ପଳାଇଯିବାକୁ ଛାଟିପିଟି ହେଉଛି, କିନ୍ତୁ ପାରୁନାହିଁ। ମରଦ ଲୋକଟାର ପିଠି କେବଳ ତାକୁ ଦେଖାଯାଉଥିଲା- ସେ କିଏ, ତାକୁ ଚିହ୍ନି ପାରୁ ନଥିଲା ଭୁକା।

ଝିଅର ମୁହଁଟା କିନ୍ତୁ ଚିହ୍ନା ଚିହ୍ନା। ଅନେକ ଥର ସେ ତା' ଦୋକାନରୁ

Digitized by srujanika@gmail.com

କାଡ଼ବରି ଚକୋଲେଟ କିଣେ। ତା'ର ଜଣେ ଚିହ୍ନା ବାବୁଘର ଝିଅକୁ ଲୋକଟା ବଳାତ୍କାର କରୁଛି, ଏହା ସହ୍ୟ କରିପାରିଲା ନାହିଁ ଭୁକା। ଡ଼ାହାଳ କୁକୁର ଭଳି ସେ ମର୍ଦ ଲୋକଟା ଉପରକୁ କୁଦିପଡ଼ି 'ଦୌଡ଼ିଆସ ଦୌଡ଼ିଆସ' ବୋଲି ଚିତ୍କାର କରି ଉଠିଲା, ବାର୍ଷିକ ଉତ୍ସବ ଦେଖିବାକୁ ଆସିଥିବା କିଛି ଦେଖଣାହାରୀ ଆଉ ବସ୍ତିର ଅଧିବାସୀମାନେ ଛୁଟି ଆସିଲେ।

ଭୟରେ ଗୋଟି ସୁଧା ଥରୁଥିଲା ସେ ଉଭିନ୍ନ ଯୌବନା କଲେଜ କିଶୋରୀ। ଆଉ ଭୁକା ଯେଉଁ ବଳାତ୍କାର କରୁଥିବା ଲୋକଟାକୁ ମାଡ଼ିବସି ପଡ଼ିଆରେ ଗଡ଼ାପଡ଼ା ହେଉଥିଲା ତାର ମୁହଁ ଦେଖି ସମସ୍ତେ ଚମକି ଉଠିଲେ-ଏ'ଯେ ମହିଳା କଲେଜ ପରିଚାଳନା କମିଟି ସେକ୍ରେଟାରୀ ଶଙ୍କର ସିଂର ବଡ଼ପୁଅ ସନ୍ତୋଷ!

କଲେଜ ବାର୍ଷିକ ଉତ୍ସବରେ ଯୋଗଦେବା ପାଇଁ ଜଣେ ମାନ୍ୟବର ମନ୍ତ୍ରୀ ପ୍ରଧାନ ଅତିଥି ଭାବରେ ଆସିଥିବାରୁ ଦୁଇଟା ଜିପ୍‌ଭର୍ତ୍ତି ପୋଲିସ ମଧ୍ୟ କଲେଜ ସାମ୍ନାରେ ମହଜୁଦ୍ ଥିଲେ, ଅପରାଧୀକୁ ଶାସ୍ତି ଦେବା ପାଇଁ ବସ୍ତିର ଲୋକମାନେ ଦାବି କରିବାମାତ୍ରେ ଜଣେ ପୋଲିସ ସବ୍‌ଇନ୍‌ସ୍‌ପେକ୍ଟର ଅପରାଧୀ ସନ୍ତୋଷ ସିଂ, ସେଇ କଲେଜ ଛାତ୍ରୀ ଓ ସାକ୍ଷୀ ସ୍ୱରୂପ ଭୁକା ମୁଣ୍ଡାକୁ ଜିପ୍‌ରେ ବସାଇ ଥାନାକୁ ନେଇଗଲେ।

ତାପରେ ଯଥାରୀତି ଚାଲିଲା ଗାନ୍ଧି ନଗର ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ। ପ୍ରାରମ୍ଭିକ ସଙ୍ଗୀତ ଗାନ, ସମ୍ପାଦକ ଶଙ୍କର ସିଂଙ୍କ ବାର୍ଷିକ ବିବରଣୀ ପଠନ, ମନ୍ତ୍ରୀଙ୍କ ଅଭିଭାଷଣ, କୃତୀଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ, କଲେଜ ଅଧ୍ୟକ୍ଷାଙ୍କ ଧନ୍ୟବାଦ ଅର୍ପଣ- କେଉଁଥିରେ କିଛି ବ୍ୟତିକ୍ରମ ଘଟି ନ‌ଥିଲା।

ଯେଉଁମାନେ ଉତ୍ସବରେ ଯୋଗ ଦେବାକୁ ଆସିଥିଲେ ସେମାନେ ନିଜ ନିଜ ଘରକୁ ଫେରିଗଲେ।

ଫେରିଲା ନାହିଁ କେବଳ ଜଣେ।

କିସ୍ନୁ ମୁଣ୍ଡାର ପୁଅ ଭୁକା।

ତା ଆରଦିନ ସକାଳୁ ଗାନ୍ଧିନଗର ବସ୍ତିବାସୀ ପ୍ରକୃତ ସତ୍ୟ ଜାଣିବାକୁ ପାଇଲେ, ଥାନାରେ ସେ ଝିଅଟି ଏଜେହାର ଦେଇଛି ଯେ ମହିଳା କଲେଜ ସେକ୍ରେଟେରୀ ଶଙ୍କର ସିଂଙ୍କ ପୁଅ ସନ୍ତୋଷ ସିଂ ନୁହେଁ, ଏଇ ଭୁକା ମୁଣ୍ଡା ହିଁ ତାର ଶ୍ଳୀଳତାହାନୀ କରିବାକୁ ଚେଷ୍ଟା କରୁଥିଲା। ସନ୍ତୋଷ ସିଂ ପହଞ୍ଚି ଯାଇନଥିଲେ ସେ ଆଦିବାସୀ ଟୋକା ତାର ସର୍ବନାଶ କରିଥାଆନ୍ତା। ଅନ୍ୟ ଦେଖଣାହାରୀମାନେ ସାକ୍ଷୀ ଦେଇଛନ୍ତି-ଭୁକା ଆଉ ସନ୍ତୋଷ ସିଂ ଅନ୍ଧାରରେ ପଡ଼ିଆରେ ଗଡ଼ାଗଡ଼ି ହେଉଥିବା ସେମାନେ ଦେଖିଛନ୍ତି-ସେମାନଙ୍କ ଭିତରୁ କିଏ ଆକ୍ରମଣକାରୀ; କିଏ ଉଦ୍ଧାରକର୍ତ୍ତା, ସେକଥା କେବଳ ସେଇ କଲେଜ କିଶୋରୀ କହିପାରିବ। ପୋଲିସ କର୍ତ୍ତୃପକ୍ଷ ଛାତ୍ରୀର ସ୍ୱୀକାରୋକ୍ତି ବିଶ୍ୱାସ କରି ସନ୍ତୋଷ ସିଂଙ୍କୁ ଛାଡ଼ି ଦେଇ ଭୁକା ମୁଣ୍ଡାକୁ ହାଜତକୁ ପଠାଇ

Digitized by srujanika@gmail.com

ଦେଇଛି। ତା ବିରୁଦ୍ଧରେ ବିଚାରାଳୟରେ ଏକ ନିରୀହା କଲେଜ ଛାତ୍ରୀ ଉପରେ ବଳାତ୍କାର କରୁଥିବା ଅପରାଧରେ ମୋକଦ୍ଦମା ଦାୟର୍ କରାଯାଇଛି।

କିନ୍ତୁ ମୁଣ୍ଡା ପ୍ରାଣବାବୁ ଓକିଲଙ୍କ ପାଖକୁ ଯାଇଥିଲା-ନିରପରାଧ ପୁଅକୁ ମୁକୁଳାଇ ଆଣିବାକୁ ପ୍ରାର୍ଥନା କରିବା ଲାଗି।

ପ୍ରାଣେଶ୍ୱର ବାବୁ ବିରକ୍ତ ହୋଇ ନିଜର ଶେଷକଥା ଶୁଣା ଦେଇଥିଲେ-ଗାନ୍ଧିନଗର ଶଙ୍କର ଦାଦା ଏରିଆ-ମୁଁ ସେଥିରେ ମୁଣ୍ଡ ପୂରାଇଲେ ରାସ୍ତାରେ ଲାଶ୍ ପଡ଼ିଯିବ-

ତା ଆରଦିନ ସବୁ ଓଡ଼ିଆ ଖବର କାଗଜରେ ଭୁକା ମୁଣ୍ଡାର ଛାତ୍ରୀ ଧର୍ଷଣ ସମ୍ବାଦ ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଛପା ହୋଇଥିଲା। ଏକ ମହିଳା ମହାବିଦ୍ୟାଳୟ ପାଖରେ ଏଭଳି ଅସାମାଜିକ ଲୋକଙ୍କ ବସ୍ତି ଅଞ୍ଚଳ ରହିବା ଘୋର ନିନ୍ଦାର କଥା ବୋଲି ମନ୍ତବ୍ୟ କରି ସମ୍ପାଦକୀୟ ଟିପ୍ପଣୀ ମଧ ପ୍ରକାଶିତ ହୋଇଥିଲା।

ଜଣେ ସରଳା, ନିରୀହା ଛାତ୍ରୀ ପ୍ରତି ବସ୍ତି ଅଧିବାସୀ ଆଦିବାସୀ ଯୁବକର ପାଶବିକ ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ କରି ଗାନ୍ଧିନଗର ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଧର୍ମଘଟ ଆରମ୍ଭ କରିଦେଲେ। ସେମାନଙ୍କୁ ସମର୍ଥନ କରି ଅନ୍ୟ ସ୍କୁଲ କଲେଜରେ ମଧ ଧର୍ମଘଟ, ରାସ୍ତା ଅବରୋଧ, ସଭା, ଶୋଭାଯାତ୍ରା ଆରମ୍ଭ ହୋଇଗଲା। ସେମାନଙ୍କର ସମବେତ ଦାବି ଥିଲା ଯେ - କଲେଜ ନିକଟରେ ଥିବା କୁଡ଼ିଆଘର ବସ୍ତି ଉଚ୍ଛେଦ ଏବଂ ସେଠାରେ ଏକ ଗୋଲାପ ଉଦ୍ୟାନ ସ୍ଥାପନ।

ଛାତ୍ର ଛାତ୍ରୀମାନଙ୍କ ଦାବି ପୂରଣ ବ୍ୟତୀତ ସରକାରଙ୍କର ଅନ୍ୟ କୌଣସି ବିକଳ୍ପ ଉପାୟ ନଥିଲା।

ଦିନେ ଦେଖାଗଲା, ବୁଲଡୋଜର ଗାନ୍ଧିନଗରର କୁଡ଼ିଆ ଘର ସବୁ ଭାଙ୍ଗି ମାଟି ସମତଳ କରୁଛି। ଭୁକାର ବାପା, ଅଜା, ମାଆ, ଭଉଣୀମାନେ ମୁଣ୍ଡରେ ନିଜ ନିଜ ଜିନିଷପତ୍ର ଲଦି ବାସସ୍ଥାନ ପାଇଁ ଏକ ନୂତନ ଜନପଦର ଅନ୍ୱେଷଣରେ ଧାଡ଼ିବାନ୍ଧି ଚାଲିଛନ୍ତି।

ସେମାନେ ଚିର ଯାଯାବର।

ସେମାନଙ୍କ ପାଦତଳେ ମାଟି, ଉପରେ ଅନନ୍ତ ଆକାଶ। ସେମାନଙ୍କ ଘରରେ କାନ୍ଥ ନାହିଁ, ଝରକା କବାଟ ତ ଦୂରର କଥା! ମଣିଷ ସମାଜ ଇତିହାସର ଆରମ୍ଭ କାଳରୁ ସେମାନେ ଚାଲିଛନ୍ତି ଯେ ଚାଲିଛନ୍ତି!!

Digitized by srujanika@gmail.com

ହଳଦୀ ବର୍ଣ୍ଣର ଦୁଃଖ

ସେମାନେ ସମବେତ ଭାବରେ ଗୋଟିଏ ସ୍ୱପ୍ନ ଦେଖିଥିଲେ। ଜୀବନରେ ସୁଖୀ ହେବେ। ଝାପ୍‌ସା ଝାପ୍‌ସା ସ୍ୱପ୍ନ, ବାସ୍ତବ ସୁଖର ଆକାର ପ୍ରକାର ସେମାନଙ୍କୁ ଜଣା ନଥିଲା। ଜଣା ନଥିଲା ମଧ୍ୟ ସେମାନଙ୍କୁ କେଉଁ ରଙ୍ଗର ଜୀବନ ମଣିଷକୁ ସୁଖୀ କରେ !

ସେଦିନ କେତେ ଅବା ଥିଲା ସେମାନଙ୍କର ବୟସ !

ସେ ଚାରିଜଣ ଥିଲେ ହାଇସ୍କୁଲର ହାପ୍‌ପ୍ୟାଣ୍ଟ, ଫ୍ରକ୍‌ପିନ୍ଧା ଚାରି କିଶୋର, କିଶୋରୀ - ଅବିନାଶ, ଅରୁଣ, ଅନିମେଷ ଆଉ ଅରୁନ୍ଧତୀ। ସ୍କୁଲରେ ପଢୁଥିବା ଏତେ ପୁଅ ଝିଅଙ୍କ ଭିତରୁ ଏଇ ଚାରିଜଣଙ୍କ ଭିତରେ କିପରି ଯେ ଏକ ଅଚ୍ଛେଦ୍ୟ ବନ୍ଧନର ସେତୁ ଗଢ଼ି ଉଠିଥିଲା- ଆଜି ଯେତେ ମନେ ପକାଇଲେ ମଧ୍ୟ ସଠିକ କାରଣ ସେମାନେ ଖୋଜି ପାଆନ୍ତି ନାହିଁ।''

ମାଟ୍ରିକ୍ ପରୀକ୍ଷା ଫଳ ବାହାରିଗଲା ପରେ ସେମାନଙ୍କର ସଂଘ ଭାଙ୍ଗି ଯାଇଥିଲା। ନୃଶଂସ ଶିକାରୀର ବନ୍ଧୁକ ଆବାଜରେ ଗଛରେ ବସିଥିବା ଚଢ଼େଇ ସବୁ ଜୀବନ ବିକଳରେ ଏଣେ ତେଣେ ଉଡ଼ିଗଲା ଭଳି ସେ ଚାରିଜଣ କିଏ କୁଆଡ଼େ ଛିନ୍ନଛତ୍ର ହୋଇ ଯାଇଥିଲେ। ଏକ ହାଲ୍‌କା ହଳଦିଆ ରଙ୍ଗର ଦୁଃଖର ପ୍ରଜାପତି ସେ ଚାରିଜଣଙ୍କ ମନର ଫୁଲ ବନରେ ଉଡ଼ି ବୁଲିଥିଲା। ମିଳନର ସୁଖ କ'ଣ ଭଲ କରି ବୁଝିବା ଆଗରୁ ହିଁ ବିରହ-ବିଚ୍ଛେଦର ଗାଢ଼ବେଦନା ସେମାନଙ୍କ କଅଁଳିଆ ଆମ୍ରପତ୍ର ଭଳି ଈଷତ୍ ଲାଲ୍ ରଙ୍ଗର ହୃଦୟ ମନକୁ ରକ୍ତର ରଙ୍ଗରେ କ୍ଷତାକ୍ତ କରି ଦେଇଥିଲା।

ମହାନଦୀର ପଠାବାଲିରେ ବସି ପରସ୍ପରର ହାତ ପାପୁଲି ଉପରେ ହାତ ରଖି ସେମାନେ ସତ୍ୟ କରିଥିଲେ - ଯିଏ ଯେଉଁଠି ଥିଲେ ବି କେହି କାହାକୁ ଭୁଲିଯିବେ ନାହିଁ। ଚାରିଜଣଯାକ ଜୀବନରେ ସୁଖୀ ହେବା ପାଇଁ ପରସ୍ପରକୁ ସାହାଯ୍ୟ କରିବେ।

ବିଚ୍ଛେଦର ଲଗ୍ନ ପାଖ ହୋଇ ଆସିଲାବେଳେ ସେମାନେ ଆଉ କେହି କାହାରି ମୁହଁକୁ ପିଧାସଲଖ ଚାହିଁ ପାରି ନଥିଲେ। କ୍ଷୀଣକଟି ମହାନଦୀର ଜଳ ଦର୍ପଣରେ ଜଣେ ଅନ୍ୟ ଜଣଙ୍କର ମୁହଁର ପ୍ରତିଛବି ଦେଖୁଥିଲା।

Digitized by srujanika@gmail.com

ଅବିନାଶ, ଅରୁଣ ଆଉ ଅନିମେଷଙ୍କ ଆଖିରେ ଲୁହ ଛଳ ଛଳ ହେଉଥିଲା। ଲୁଣି ଲୁହର ଦାଗ ଅରୁନ୍ଧତୀର ଆଖିରେ ଲାଗି ନ ଥିଲେ ମଧ୍ୟ ତା'ର ମୁହଁ ଭାରି କରୁଣ ଦେଖା ଯାଉଥିଲା।

ଅବିନାଶ ନିଜକୁ ସମ୍ଭାଳି ନେଇ କହିଥିଲା:

-ଏଥରକ ଆମର ଖେଳଘର ଭାଙ୍ଗିଗଲା। ବାଲିଯାତ୍ରାରେ ଅରୁକୁ ନ ଦେଖିଲେ ଆମେ ତିନିଜଣ ମାଇକ୍‌ରେ ଯାଇ ଘୋଷଣା କରିବାରିବା ନାହିଁ-ଅରୁନ୍ଧତୀ ଦାସ! ତମର ବାପା ଏ ସ୍ୱେଚ୍ଛାସେବୀ ଶିବିର ପାଖରେ ଅପେକ୍ଷା କରିଛନ୍ତି- ତମେ ଯେଉଁଠି ଥାଅ-ଚାଲିଆସ!

ଅରୁନ୍ଧତୀର ବାପା କେଉଁଦିନୁ ସ୍ୱର୍ଗରେ, ସେ ବଡ଼ ଭଉଣୀ-ଭିଣୋଇଙ୍କ ପାଖରେ ରହି କଟକରେ ପାଠ ପଢୁଥିଲା। ତା'ର ସ୍ୱର୍ଗତଃ ବାପା ବାଲିଯାତ୍ରା ପଡ଼ିଆ ସ୍ୱେଚ୍ଛାସେବୀ ଶିବିର ପାଖରେ ତା'ପାଇଁ ଅପେକ୍ଷା କରିଛନ୍ତି-ଏଭଳି ଘୋଷଣା ମାଇକ୍‌ରେ ଶୁଣି ସେଦିନ ସେ କାନ୍ଦି ପକାଇଥିଲା। ଜାଣିଶୁଣି ସେମାନେ ତାକୁ ଅପମାନିତ, ଆହତ କରିଛନ୍ତି ବୋଲି ଗୋଡ଼ କଚାଡ଼ି ରାଗରେ ଅସ୍ଥିର ହୋଇ ଅଭିଯୋଗ କରିଥିଲା। ଆଉ କେବେ ସେ ସେମାନଙ୍କ ସହିତ ମିଶିବ ନାହିଁ ବୋଲି ରୁମାଲ୍‌ରେ ଗଣ୍ଠି ପକାଇଥିଲା।

ଅବିନାଶ, ଅରୁଣ, ଅନିମେଷ ନିଜର ଭୁଲ ପାଇଁ କ୍ଷମା ମାଗିଥିଲେ। ନାକ, କାନ ଧରି ଦୁଇଥର ଲେଖାଏଁ ବସ୍ ଉଠ୍ ହୋଇଥିଲେ। ବରଫ ତରଳିଲା ଭଳି ତାଙ୍କର ସେ ଅଭିନୟରେ ଅରୁନ୍ଧତୀର ରାଗ ଜଳ ଭଳି ଉଡ଼ି ହୋଇ ଯାଇଥିଲା।

ଅନିମେଷ ମୁଣ୍ଡ ତଳକୁ ପୋତି କହିଥିଲା-

-ଏଥର ଆମେ ସତକୁ ସତ ଚାରିଜଣଯାକ କିଏ କୁଆଡ଼େ ହଜିଯିବା। ଡ୍ୟାଡ଼ିଙ୍କର ବଦଳି ହୋଇଛି ବାଲେଶ୍ୱର। ମତେ ଏଇ ସାତ ଆଠଦିନ ଭିତରେ କଟକ ଛାଡ଼ିବାକୁ ହେବ।

ଅବିନାଶ ପାଇଁ ତା'ର ଇଞ୍ଜିନିୟର ବାପା ଦିଲ୍ଲୀରେ ପଢ଼ାଇବାର ପକ୍କା ବ୍ୟବସ୍ଥା କରିସାରିଛନ୍ତି। ତାକୁ କେବଳ କଟକ ନୁହେଁ - ଓଡ଼ିଶା ଛାଡ଼ି ଦୂରକୁ ଚାଲିଯିବାକୁ ପଡ଼ିବ।

ଅରୁଣର ବାପା ମଫସଲର ହୋମିଓପାଥି ଡ଼ାକ୍ତର, କଲେଜରେ ପଢ଼ାଇବା ପାଇଁ ସମ୍ବଳ ନାହିଁ। ସେ ହୁଏତ ଏଇ ମାଟ୍ରିକ ପରେ ଗାଁ ସ୍କୁଲରେ ମାଷ୍ଟର ହେବ।

ଆଉ ଅରୁନ୍ଧତୀ!

ସେ ନିଜର ତିନି ବନ୍ଧୁଙ୍କ ମୁହଁକୁ ଚାହିଁ କହିଥିଲା-ତମେ ସବୁ ଯିଏ ଯେଉଁଠି ଥିଲେ ବି ତମର ଶୁଭ ମନାସୀ ମୁଁ ପ୍ରତି ସୋମବାର ଚଣ୍ଡୀମନ୍ଦିରରେ ଦୀପ ଜଳାଇବି। ତମର ସୁଖରେ ତ ମୋର ଖୁସି!

Digitized by srujanika@gmail.com

ସେଦିନ ଆକାଶରେ ଜହ୍ନ ଥିଲା। ସେଇ ନୀଳ ଜହ୍ନର ଆଲୁଅରେ ଦୂର ଖରୀବଣ ଭଳି ଅରୁନ୍ଧତୀର କଥା ଶୁଣି ଅନ୍ୟ ତିନିଜଣଙ୍କ ମୁହଁଫର୍ଦ୍ଦା ଦେଖା ଯାଉଥିଲା।

ଶେଷ ପର୍ଯ୍ୟନ୍ତ ଅରୁଣ-ଅରୁନ୍ଧତୀ ସେଇ ଗୋଟିଏ ସହରରେ ରହିଗଲେ। ଅରୁଣ ସ୍କଲାରସିପ୍ ପାଇ ପଢ଼ିଲା ରେଭେନ୍‌ସାରେ। ଅରୁନ୍ଧତୀ ଶୈଳବାଳାରେ, ଗୋଟିଏ ସହରରେ ରହୁଥିଲେ ମଧ୍ୟ ସେ ଦୁଇଜଣଙ୍କ ମଧ୍ୟରେ ଯୋଗସୂତ୍ର ଥିଲା ଖୁବ୍ କ୍ଷୀଣ। କଦବା କ୍ୱଚିତ୍ ରାସ୍ତାଘାଟରେ ଦେଖାହେଲେ ଅରୁଣକୁ ସେ ଅବିନାଶ ଆଉ ଅନିମେଷ କଥା ପଚାରେ। ତା'ନିଜ ବିଷୟରେ କୌଣସି ଆଗ୍ରହ ଦେଖାଏ ନାହିଁ ବୋଲି ଅରୁଣର ଦୁଃଖ ବଢ଼ିଯାଏ। ତା'ର ସନ୍ଦେହ ହୁଏ-ତା'ଅପେକ୍ଷା ଅରୁନ୍ଧତୀ ଅନ୍ୟ ଦୁଇଜଣଙ୍କୁ ବେଶୀ ଭଲପାଏ। ସେ ଗରିବ ହୋମିଓପାଥ୍ ଡ଼ାକ୍ତରର ପୁଅ ବୋଲି ତାକୁ ଖାତିର କରେ ନାହିଁ। ସେଥିପାଇଁ ସେ ଜାଣି ଜାଣି ମିଛ କହେ। ଅବିନାଶ-ଅନିମେଷଙ୍କଠାରୁ ନିୟମିତ ଚିଠି ପାଉଥିଲେ ମଧ୍ୟ ସେ କିଛି ଜାଣେନାହିଁ ବୋଲି ମନା କରିଦିଏ।

ଗୋଟିଏ ବୟସରେ ସବୁ ଝିଅ ଯେମିତି ସୁନ୍ଦରୀ ଦେଖାଯାଆନ୍ତି, ସବୁ ପୁଅ ମଧ୍ୟ ସେହିପରି ଗୋଟିଏ ଝିଅର ଭଲପାଇବା ପାଇଁ କାଙ୍ଗାଳ ହୋଇଉଠନ୍ତି। ରେଭେନ୍‌ସାର ଶହ ଶହ ଝିଅଙ୍କ ଭିତରେ ଅରୁଣ କାହାରି ସହିତ ଘନିଷ୍ଠ ହେବା ତ ଦୂରର କଥା, ବନ୍ଧୁତ୍ୱ ମଧ୍ୟ କରିପାରି ନ ଥିଲା। ଅରୁନ୍ଧତୀ ହିଁ ଥିଲା ତା'ର ଏକମାତ୍ର ଝିଅ-ବନ୍ଧୁ। ତେଣୁ ତା' ପ୍ରତି ତା'ର ଉଦାସୀନତା ତାକୁ ବଡ଼ ଆହତ କରିଥିଲା ଏବଂ ଗୋଟିଏ ସହରରେ ରହୁଥିଲେ ମଧ୍ୟ ଅରୁଣ ଜାଣିଶୁଣି ଅରୁନ୍ଧତୀକୁ ଏଡ଼ାଇ ଯାଉଥିଲା।

ପ୍ରଥମେ ସମ୍ପର୍କ ଶିଥିଳ ହୋଇଆସିଥିଲା; ପରେ ସମୟର କ୍ଷୟକାରୀ ପ୍ରଭାବରେ ସ୍ମୃତି ଧୀରେ ଧୀରେ ଫିକା ପଡ଼ିଆସିଲା। ସେମାନେ ବଡ଼ ହୋଇଗଲେ। ବାପ, ମାଆ, ଭଉଣୀ, ଭିଣୋଇଙ୍କ ନିରାପଦ ଆଶ୍ରୟ ଛାଡ଼ି ନିଜେ ନିଜ ଗୋଡ଼ରେ ଛିଡ଼ା ହେବା ପାଇଁ ପାଦତଳେ ମାଟି ଖୋଜିଲେ।

ଅରୁଣ ଦେଖିଲା ସେ ଯେଉଁ ମାଟି ଉପରେ ପାଦ ରଖୁଛି, ସେ ମାଟି ନୁହେଁ, ଚୋରା ବାଲି। ପାଦ ତଳୁ ବାଲି ଖସି ଯାଉଛି; ପଡ଼ି ଯାଉ ଯାଉ ଅଟକି ରହିବାକୁ ଧରିବା ପାଇଁ କୌଣସି ଆଶ୍ରୟ ନାହିଁ।

ବି.ଏ. ପାଶ୍ କରି ଚାକିରୀ ପାଇଁ ଦରଖାସ୍ତ କରି କରି ସେ କ୍ଳାନ୍ତ। ଚାକିରୀ ମିଳୁ ନାହିଁ।

ଭଉଣୀ-ଭିଣୋଇଙ୍କ ସଂସାରରେ ଅରୁନ୍ଧତୀ ଗୋଟାଏ ଅତିରିକ୍ତ ବୋଝ, ବୋଉ ବୁଢ଼ୀ ହୋଇଗଲା ପରେ ଗାଁରୁ ଆସି ତା' ପାଖରେ ରହୁଛି। ଆଖିକୁ ଭଲ ଦେଖାଯାଉ ନାହିଁ। ଶାଶୁ ଆଉ ଶାଳୀ-ଦୁଇ ଜଣଙ୍କ ବୋଝ ବୋହିବାର ସାମର୍ଥ୍ୟ ନାହିଁ ବିକାଶର। କିନ୍ତୁ ସେମାନଙ୍କୁ ତଡ଼ି ଦେବା ପାଇଁ ମଧ୍ୟ ଉପାୟ ନାହିଁ।

Digitized by srujanika@gmail.com

ସେଥିପାଇଁ ସ୍ତ୍ରୀ ସହିତ ନିତି ଝଗଡ଼ା।

ତଥାପି ଓଠ କାମୁଡ଼ି ଭଉଣୀ-ଭିଣୋଇଙ୍କ ସଂସାରରେ ପଡ଼ିରହିଛି ଅରୁନ୍ଧତୀ। ମୁକ୍ତିର ବାଟ ଖୋଜି ପାଉନାହିଁ। ଚାକିରୀ ନାହିଁ। ପାଠପଢ଼ା ନାହିଁ। କଲେଜରେ ପଢ଼ିଲାବେଳେ କଲେଜ ଡ୍ରାମାରେ ହିରୋଇନ ହୋଇ କିଛି ସୁନାମ ଅର୍ଜନ କରିଥିଲା। ସେଇ ସୁନାମର ପୁଞ୍ଜିକୁ ମୂଳଧନ କରି ରେଡ଼ିଓ-ଟି.ଭି.ରେ ଅଭିନୟ କରି ଅଳ୍ପ ଯାହା କିଛି ଆୟ- ସେଥିରେ ଢାଡି ଯାଏ, ପେଟ ପୂରେ ନାଇଁ।

ସେଦିନ ରେଡ଼ିଓ ଷ୍ଟେସନରୁ ଫେରୁଥିବା ବେଳେ ମଙ୍ଗଳାବାଗ ଛକରେ ଅରୁଣ ସହିତ ଦେଖା ହୋଇଗଲା ଅନେକ ଦିନ ପରେ, ଅକସ୍ମାତ।

ତାକୁ ଦେଖି ନ ଦେଖିଲା ଭଳି ବାଟ କାଟି ଚାଲି ଯାଉଥିଲା ଅରୁଣ।

ଅରୁନ୍ଧତୀ ତା'ର ନାମ ଧରି ଡ଼ାକିଲା।

-ଆରେ! ଅରୁଣ ଯେ!

ତାକୁ ଦେଖି ମଧ ନ ଦେଖିଲା ଭଳି ଚାଲି ଯାଉଥିଲା-ଏଇଟା ପ୍ରଥମେ ବୁଝିପାରି ନ ଥିଲା ଅରୁନ୍ଧତୀ। ତା'ର ରାଗ ହୋଇଯାଇଥିଲା।

ସେ କହିଲା- ମତେ ଦେଖି ସୁଦ୍ଧା ମୁହଁ ବୁଲାଇ ଚାଲିଯାଉଥିଲୁ କାହିଁକି ?

-ନା-ହୁଏତ ଦେଖିଛି, ଲକ୍ଷ୍ୟ କରିନାଇଁ। ଦୂରରୁ ରିକ୍ସାରେ ଆସୁଥିବା ସବୁ ଝିଅ ଏକା ପରି ଦେଖାଯାଆନ୍ତି। -ଅରୁଣ ଏକ ବିଶ୍ୱାସଯୋଗ୍ୟ କୈଫିୟତ ଦେଇ ହସିଲା।

ରିକ୍ସାର ଭଡ଼ା ତୁଟାଇ ଦେଇ ଓହ୍ଲାଇପଡ଼ିଲା ଅରୁନ୍ଧତୀ।

-ଆଜିକାଲି କାହାରି ସହିତ ଦେଖାହୁଏନା। ସମସ୍ତଙ୍କ ପାଇଁ ମୁଁ ଅଚିହ୍ନା ହୋଇଯାଇଛି।- ସ୍ୱଗତୋକ୍ତି କଲାଭଳି କଥା ଦୁଇପଦ କହିସାରି ସେ ଗୋଟାଏ ଦୀର୍ଘଶ୍ୱାସ ପକାଇଲା।

ସନ୍ଧ୍ୟା ହୋଇ ଆସୁଥିଲା। ରାସ୍ତାର ବିଜୁଳିବତୀ ସବୁ ଗୋଟିକ ପରେ ଗୋଟିଏ ଜଳି ଉଠୁଥିଲା। ଶେଷ ଚୈତ୍ରର ସାନ୍ଧ୍ୟ ସମୀରଣ ଦେହକୁ ଛୁଇଁ ଯାଉଥିଲା ମାଆର ହାତ ଆଉଁସା ଭଳି।

-ଏଣେ କୁଆଡ଼େ ଯାଉଥିଲୁ ?

-ଟିଉସନରୁ ଫେରୁଥିଲି। ସକାଳେ-ଅପରଓଳି ଦୁଇଟା ଟିଉସନ୍। ଚାକିରୀ ପାଇଁ ଚେଷ୍ଟା କରୁଛି।

କଥା କହିଲା ବେଳେ ଅରୁଣର କଣ୍ଠସ୍ୱର ବେଦନାରେ ଭାରାକ୍ରାନ୍ତ ହୋଇଉଠିଲା।

ପାଖରେ ଗୋଟାଏ ଜଳଖିଆ ଦୋକାନ। ଟିଉସନରୁ ଫେରୁଛି; ନିଶ୍ଚୟ ଭୋକ ହେଉଥିବ ଅରୁଣକୁ। ରେଡ଼ିଓ ଷ୍ଟେସନରୁ ଆଣିଥିବା ଚେକ୍ ଭଙ୍ଗା ଟଙ୍କା ବର୍ତ୍ତମାନ ସୁଦ୍ଧା ବ୍ୟାଗ୍‌ରେ ଅଛି। ଅରୁନ୍ଧତୀ ଚଟ୍‌କିନି ତା'ର ହାତ ଧରି ଜଳଖିଆ ଦୋକାନକୁ ଟାଣିନେଲା।

Digitized by srujanika@gmail.com

ଖାଇ ବସିଲାବେଳେ ସେ ଅରୁଣକୁ କହିଲା-ମୋର ମଧ ଚାକିରୀ ନାହିଁ। ବିକାଶ ଭାଇଙ୍କ ଅଫିସ୍‌ରେ ଗୋଟାଏ ଲିଭ୍ ଭାକାନ୍‌ସିରେ ଦୁଇମାସ ଥିଲି। ତା'ପରେ ଟି.ଭି, ରେଡ଼ିଓ ନାଟକରେ ଅଭିନୟ ଭଳି- ମଝିରେ ମଝିରେ ଶହେ ଦୁଇଶହ।

ଅରୁଣ ପାଣି ଗ୍ଲାସଟାଏ ଢ଼କ ଢ଼କ କରି ପିଇଯାଇ କହିଲା-ଝିଅମାନଙ୍କର ଚାକିରୀ ଦରକାର କ'ଣ? ବାହା ହୋଇଗଲେ ସ୍ୱାମୀର ପଇସାରେ ସେମାନଙ୍କର ବଜାର ସଉଦା କରିବା କଥା-

-ବାହାଘର? ପୁଅମାନଙ୍କ ଚାକିରୀ ଅପେକ୍ଷା ଝିଅମାନଙ୍କ ବାହାଘର ଆହୁରି କଷ୍ଟ। ମୋର ଯେଉଁ ଚେହେରା- ସେଥିରେ ପୁଣି ଯୌତୁକ......ଛାଡ଼ ସେ କଥା। ବିକାଶ ଭାଇ ଯେ ଆମ ମାଆ ଝିଅଙ୍କ ବୋଝ ଦାନ୍ତ ଚିପି ବହନ କରିଯାଉଛନ୍ତି-ସେଇଟା ଭାଗ୍ୟ।

ଅରୁନ୍ଧତୀ ଢଳଢ଼ଥିଆ ପରେ ଚା'ର ବରାଦ ଦେଲା।

ତା'ର କଥା ଶୁଣି ଅରୁଣର ମନେ ହେଲା, ତା'ଠାରୁ ଆହୁରି ବେଶୀ ଦୁଃଖରେ ଅଛି ଅରୁନ୍ଧତୀ। ଅଥଚ ଜୀବନରେ ସେମାନେ ସୁଖୀ ହେବେ ବୋଲି କେତେ ସ୍ୱପ୍ନ ଦେଖି ନ ଥିଲେ!

ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ନ ହେଲେ ମଧ ଅରୁନ୍ଧତୀ ବେଶ୍ ସୁନ୍ଦରୀ। ତା'ର ସୁନା ଜରିଲଗା ମନ, ହସ ହସ ମୁହଁ- ଯାହା ଘରକୁ ଗଲେ ଘର ହସି ଉଠିବ। ତଥାପି ଯୌତୁକ ଯୋଗୁଁ ତା'ର ବାହାଘର ହୋଇପାରୁନି?

-ଜାଣୁ, ଇଞ୍ଜିନିୟରିଂ ପାସ୍ କରି ମଧ ଅବିନାଶ ବେକାର ବସିଛି। ଆମେ ତ ସାଧାରଣ ଅନର୍ସ ଆର୍ଟସ୍ ଗ୍ରାଜୁଏଟ୍!

-ଅବିନାଶ ସହିତ ତୋର ଦେଖାହୁଏ? ଚାକିରୀ ନ ପାଇଲେ ବି ତା'ର ଚିନ୍ତା କ'ଣ? ତା' ବାପା ତ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର। ତୋ ଭଳି, ମୋ'ଭଳି ନିମ୍ନ ମଧ୍ୟବିତ୍ତ ସେମାନେ ନୁହନ୍ତି ତ!

ଅରୁନ୍ଧତୀର କଥା ଶୁଣି ଅରୁଣର ମୁହଁ ହସରେ ହସରେ ଆଲୋକିତ ହୋଇଗଲା। ସେ ଯେ ଅବିନାଶ, ଅନିମେଷ ଅପେକ୍ଷା ତା' ସହିତ ଅଧିକ ଆତ୍ମୀୟତାବୋଧ କରୁଛି, ଏକଥା ଭାବିବାମାତ୍ରେ ଚା'କପଟା ମଧ ତାକୁ ଅଧିକ ସୁସ୍ୱାଦୁ ମନେ ହେଲା।

ସେ ଅବିନାଶର ପକ୍ଷ ନେଇ କହିଲା-

-ତା'ର ବାପା କିନ୍ତୁ ଖୁବ୍ ସଚ୍ଚୋଟ ଲୋକ। ଲାଞ୍ଚମିନି ପ୍ରତି ଆକଣ୍ଠ ଘୃଣା। ଯାହା ସଞ୍ଚୟ ଥିଲା ଝିଅ ବାହାଘରରେ ଖର୍ଚ୍ଚ କରି ଦେଇଛନ୍ତି। ଦିଲ୍ଲୀରେ ଅବିନାଶକୁ ପଢ଼ାଇବାରେ ମଧ ବହୁ ଅର୍ଥ ବ୍ୟୟ କରିଥିଲେ। ଏବେ ଚାକିରୀରୁ ଅବସର ନେଇ ଘରେ ବସିଛନ୍ତି। ଚାକିରୀ ପାଇନି ବୋଲି ଅବିନାଶ ଖୁବ୍ ଦୁଃଖ କରୁଥିଲା।

Digitized by srujanika@gmail.com

ଏ ସମୟର ଦୁଃଖ ଯେପରି ସର୍ବବ୍ୟାପୀ। ମଧ୍ୟବିତ୍ତ, ଉଚ୍ଚବିତ୍ତ- ସବୁ ଶ୍ରେଣୀର ମଣିଷଙ୍କୁ ଦୁଃଖର ସେଇ ଅଶୁଭ ଶକୁନ ଯେପରି ପକ୍ଷ ଘୋଡ଼ାଇ ରଖିଛି!

ଅବିନାଶର କଥା ଭାବି ଅନ୍ୟମନସ୍କ ହୋଇଗଲା ଅରୁନ୍ଧତୀ। ତା'ର କିପରି ଧାରଣା ଥିଲା ସେ କେବଳ ମାତୃଗର୍ଭରୁ ଦୁଃଖକୁ ସାଙ୍ଗରେ ନେଇ ଜନ୍ମ ହୋଇଛି। ତା'ର ଅନ୍ୟ ତିନିଜଣ ପୁରୁଷ ବନ୍ଧୁ ସୁଖୀ। କିନ୍ତୁ ଅବିନାଶର କଥା ଶୁଣି ତା'ର ସେ ମୋହଭଙ୍ଗ ହେଲା।

ଶୂନ୍ୟ ଚା'କପ୍‌ଟା ଦୂରକୁ ଠେଲି ଦେଇ ଅରୁଣ ସଲ୍ଲଜ କଣ୍ଠରେ ଚା-ଜଳଖିଆ ପାଇଁ ଅରୁନ୍ଧତୀକୁ ଧନ୍ୟବାଦ ଦେଲାବେଳେ ଟେବୁଲ ତଳେ ହାତ ଗଳାଇ ତା'ଗୋଡ଼ ଭଣ୍ଡାକୁ ସେ ଚୁମୁଟି ଦେଲା।

ଟିକିଏ ରଗେଇ ଦେଲେ ଚୁମୁଟି ଦେବା ଥିଲା ଅରୁନ୍ଧତୀର ସ୍କୁଲ ଜୀବନର ପ୍ରଧାନ ବଦଭ୍ୟାସ। ବଡ଼ ହୋଇ ରେଡ଼ିଓ-ଟି.ଭି. ନାଟକରେ ହିରୋଇନ୍ ହେଲାପରେ ମଧ୍ୟ ସେ ଅଭ୍ୟାସ ତା'ର ଯାଇ ନାହିଁ ବୋଲି ଦେଖି ଅରୁଣ ହସି ଦେଲା।

-ଚୁମୁଟା ଖାଇ ହସୁଛୁ-ଲାଜ ଲାଗୁ ନାଇଁ?

-ଆଗ ଭଳି ତୋ' ଚୁମୁଟାରେ ଆଉ ଧାର ନାହିଁ, ନଖ ନ ଥିବା ଚିମୁଟା ଆଉ ଦାନ୍ତ ନ ଥିବା କାମୁଡ଼ା କାହାକୁ କାଟେ?

ଅନେକ ଦିନ ହେଲା ଦେଖାହୋଇ ନ ଥିବାର ଦୁଃଖ ପାଣି ଫାଟିଗଲା ଅରୁଣର କଥା ଶୁଣି। ବୟସ ହୋଇ ଯାଇଥିଲେ ବି ସେମାନେ କେହି ଖୁବ୍ ବେଶୀ ବଦଳି ଯାଇ ନାହାନ୍ତି- ଏଇ ଉପଲବ୍ଧ ଭିତରେ ନିଜକୁ ଆଉ ଥରେ ଖୋଜି ପାଇଲା ଅରୁନ୍ଧତୀ।

ସନ୍ଧ୍ୟା ଧୀରେ ଧୀରେ ଗାଢ଼ ହୋଇ ଆସୁଥିଲା। ପର୍ସରୁ ଟଙ୍କା କାଢ଼ି ଚା-ଜଳଖିଆର ମୂଲ୍ୟ ପରିଶୋଧ କରି ସେମାନେ ବାହାରକୁ ଆସିଲେ। ଏଥର ରିକ୍‌ସା ନେଇ ତାକୁ ଅନ୍ୟ ରାସ୍ତାରେ ଗଙ୍ଗାମନ୍ଦିର ଫେରିବାକୁ ହେବ। ଅରୁଣ ଯିବ ମହତାବ ରୋଡ଼।

ରିକ୍‌ସାରେ ଉଠିବା ଆଗରୁ ହଠାତ୍ ପଛକୁ ମୁହଁ ବୁଲାଇ ଅରୁନ୍ଧତୀ ପଚାରିଲା- ଆଉ କେବେ ଦେଖା ହେବ?

-ଦେଖା? ଅବିନାଶ ତୋ' କଥା ପଚାରୁଥିଲା- ସେ'ତ ତା' ବାପାଙ୍କ ପାଖରେ ଭୁବନେଶ୍ୱରରେ ରହି ଚାକିରୀ ପାଇଁ ଚେଷ୍ଟା କରୁଛି। ଅନିମେଷର ବାପା ମଧ୍ୟ କ୍ୟାପିଟାଲ୍ ବଦଳି ହୋଇ ଆସୁଛନ୍ତି ବୋଲି ଶୁଣୁଥିଲି- ମୁଁ ଟିଉସନ୍ ଟଙ୍କା ପାଇଲେ ତମ ସମସ୍ତଙ୍କୁ ଷ୍ଟାଡ଼ିୟମ୍ ସାମ୍ନା ପଡ଼ିଆରେ ଦହିବରା-ଆଳୁଦମ୍ ଖୁଆଇବି। ତା'ପରେ ନଈ ପଠାରେ ଆଡ୍‌ଡ଼ା ଦେବା। ତୁ କିନ୍ତୁ ମାନସିଂହଙ୍କ "ମହାନଦୀରେ ଜ୍ୟୋସ୍ନା ବିହାର" ଆବୃତ୍ତି କରି ଶୁଣାଇବୁ। ଡ୍ରାମାରେ ଏତେ ସୁନ୍ଦର ଡ଼ାଏଲଗ୍ କହୁଛୁ- କବିତା ଆବୃତ୍ତି କରିପାରିବୁ ନାହିଁ?

Digitized by srujanika@gmail.com

-ପାରିବି ନାହିଁ ବୋଲି କେତେବେଳେ କହିଲି ? ନିଶ୍ଚୟ ପାରିବି।

ଅରୁନ୍ଧତୀ ରିକ୍ସାରେ ଉଠିପଡ଼ିଲା।

ତା'ର ତିନି-ପୁଅ-ବନ୍ଧୁଙ୍କ ଭିତରେ ଏଇ ଅରୁଣ ଥିଲା ସବୁଠାରୁ ବେଶୀ ମୁହଁଚୋରା। କମ୍ କଥା କହେ; ବେଶି ଶୁଣିଯାଏ। ରୋଗା ରୋଗା ଚେହେରା। ପ୍ରଥମେ ପ୍ରଥମେ ଅନିମେଷ ତାକୁ ଦେଖିଲେ ମୁହଁରେ ରୁମାଲ ଚାପି ଧରୁଥିଲା ଥଟ୍ଟାରେ।

ଅବିନାଶ ଆଖି ମିଟି ମିଟି କରି ପଚାରୁଥିଲା,

-ଅରୁଣକୁ ଦେଖି ନାକରେ ରୁମାଲ ଦେଉଛୁ କାହିଁକି ?

-ମଫସଲର ଗନ୍ଧ ଛାଡ଼ି ନାହିଁ। ଖରାଦିନେ ହଠାତ୍ ଅସରାଏ ବର୍ଷା ହୋଇଗଲେ ମାଟିରୁ ଯେମିତି ଗୋଟାଏ ଗନ୍ଧ ବାହାରେ, ଅରୁଣ ଦେହରୁ ସେମିତି......

ଅନିମେଷର କଥା ଶୁଣି ଅନ୍ୟମାନେ ହସି ଉଠୁଥିଲେ ଆଉ ଅରୁଣ ଲଜ୍ଜାରେ ମାଟିରେ ମିଶି ଯାଉଥିଲା।

ସେଇ ଅରୁଣ ଆଜି କେତେ କଥା କହିଗଲା। ଏପରିକି ବାହାଘର କଥା ! ରୋଗା ଦେହରେ ପ୍ରତିକୂଳ ପରିବେଶ ସହିତ ବୀରତ୍ୱର ସହିତ ଲଢ଼ି ଯାଉଛି। ଦୁଇ ଦୁଇଟା ଟିଉସନ ! ଚାକିରୀ ନାହିଁ।

ହେ ଭଗବାନ !

ନିଜର ଦୂରବସ୍ଥା କଥା ଭୁଲି ଯାଇ ଅରୁନ୍ଧତୀ ସେଦିନ ରାତିସାରା ଅରୁଣ ପାଇଁ ସମବେଦନାରେ ମନ ଓଦା କରିଥିଲା। ଆଉ କେବେ ସୁବିଧା ପାଇଲେ ଆଉ ଥରେ ମନ ଭରି ନିଜ ପଇସାରେ ତାକୁ ଗୋଟାଏ ଷ୍ଟାର ହୋଟେଲରେ ଲଞ୍ଚ୍ କି ଡିନର୍ ଖୁଆଇବ ବୋଲି କଳ୍ପନା କରିଥିଲା। କାରଣ ସେଦିନ କାହିଁକି ଅରୁଣ ତା' ଆଖିକୁ ବେଶୀ ବେଶୀ କ୍ଷୁଧିତ ଦେଖାଯାଉଥିଲା।

ବାଲିଯାତ୍ରା ପଡ଼ିଆରେ ଦହିବରା-ଆଳୁଦମ୍ ଖାଇ ନଈ ପଠାରେ ଜ୍ୟୋତ୍ସ୍ନାବିହାର କରିବା ଆଗରୁ ଆଉ ଦିନେ ଏକ ଦୁଃସମ୍ବାଦ ନେଇ ପହଞ୍ଚିଥିଲା ଅରୁଣ।

ଗୋଟାଏ ମଟର ସାଇକେଲ ଆକ୍ସିଡ଼େଣ୍ଟରେ ଆହତ ହୋଇ କ୍ୟାପିଟାଲ ହସପିଟାଲରେ ଚିକିତ୍ସିତ ହେଉଛି ଅନିମେଷ। ତାକୁ ଦେଖିବାକୁ ଯିବାକୁ ହେବ।

ଖବର ଶୁଣି ଅରୁନ୍ଧତୀର ଗୋଡ଼ହାତ ଥରି ଉଠିଥିଲା। ପାଟିରୁ କଥା ବାହାରି ନ ଥିଲା।

ଶାଢ଼ି ନ ବଦଳାଇ ସାଙ୍ଗେ ସାଙ୍ଗେ ଅରୁଣ ସହିତ ସେ ଭୁବନେଶ୍ୱର ବାହାରି ଯାଇଥିଲା।

ଆଘାତଟା ବେଶି ଲାଗିଥିଲା ଅରୁଣର ଡ଼ାହାଣ ପଟ ଗୋଡ଼ରେ। ଅସ୍ତ୍ରୋପଚାର ପରେ ଗୋଡ଼ ପ୍ଲାଷ୍ଟର କରାଯାଇଥିଲା।

ଅରୁନ୍ଧତୀକୁ ଦେଖି କାନ୍ଦି ପକାଇଥିଲା ଅନିମେଷ।

Digitized by srujanika@gmail.com

ବଡ଼ କରୁଣ କଣ୍ଠରେ କହିଲା- ସାରା ଜୀବନ ପାଇଁ ବୋଧହୁଏ ମୁଁ ପଙ୍ଗୁ ହୋଇଗଲି ଅରୁ !

ତା'ର କଥାର କାରୁଣ୍ୟରେ ଅରୁନ୍ଧତୀର ଆଖିରୁ ମଧ ଲୁହ ଆସି ଯାଇଥିଲା ।

ପରେ ଅବିନାଶଠାରୁ ଶୁଣିଥିଲା-ଆଜିକାଲି ଖୁବ୍ ଡ୍ରିଙ୍କସ କରୁଥିଲା ଅନିମେଷ । ମଦ ପିଇ ଗାଡ଼ି ଚଲାଉଥିଲା । ସାମ୍ନାରେ ଗୋଟାଏ ଟ୍ରକ୍ ଦେଖି ରାସ୍ତା କଟାଇ କଟାଉ ଗଛ ଦେହରେ ମଟର ସାଇକେଲ ଧକ୍କା ଲାଗିଲା । ଭାଗ୍ୟ ଭଲ, ବଞ୍ଚି ଯାଇଛି ।

- ଅନିମେଷ ମଦ ପିଆ ଆରମ୍ଭ କରିଥିଲା ?

- ହଁ, ଏଇ ମଦ୍ୟପାନ ହେଲା ତା'ର କାଳ । ରୁନୁ ବୋଲି ଗୋଟାଏ ଝିଅକୁ ଭଲ ପାଉଥିଲା । ସେ ଅନ୍ୟତ୍ର ବାହା ହୋଇଗଲା ପରେ ଦେବ ଦାସ ହୋଇଯାଇଥିଲା ଅନିମେଷ । ମଦ ବୋତଲକୁ ଆଶ୍ରା କରି ରୁନୁକୁ ଭୁଲିବାକୁ ଚେଷ୍ଟା କରୁଥିଲା । ମନ୍ଦ ଭାଗ୍ୟ !

ଅବିନାଶ ଗୋଟାଏ ଲମ୍ବ ଦୀର୍ଘଶ୍ୱାସ ପକାଇ ନିଜର ପ୍ରିୟବନ୍ଧୁ ପାଇଁ ଦୁଃଖ ପ୍ରକାଶ କଲା ।

ସେମାନେ ଦିନେ କିଶୋର ବୟସରେ ସମବେତ ଭାବରେ ସୁଖୀ ହେବାର ସ୍ୱପ୍ନ ଦେଖିଥିଲେ । ସେସବୁ ସ୍ୱପ୍ନ, ଦୁଃସ୍ୱପ୍ନରେ ପରିଣତ ହୋଇଗଲା । ସବୁ ହିସାବ ପତ୍ର ଗୋଳମାଳ ହୋଇଗଲା । ସୁନ୍ଦର, ସୁଠାମ, ସୁପୁରୁଷ ଅନିମେଷକୁ କ୍ରଚ୍ ଧରି ବାଟ ଚାଲିବାକୁ ହେଲା । ସେ ତିନିଜଣଙ୍କର ଚାକିରୀ ନ ଥିଲା । ଚତୁର୍ଥ ଜଣକର ହୁଏତ ଚାକିରୀ ଦରକାର ନ ଥିଲା । ରୁନୁ ବୋଲି କେଉଁ ଅଦେଖା ସୁନ୍ଦରୀ ତାକୁ ଅକର୍ମଣ୍ୟ କରିଦେଲା ।

ଆଜିକାଲି କୌଣସି ପୁରୁଷ କେଉଁ ଝିଅର ପ୍ରେମ ପାଇଁ ଦେବଦାସ ହୁଏ ?

ଅରୁନ୍ଧତୀ ବିଶ୍ୱାସ କରିପାରେ ନାହିଁ । ଜୀବନରେ କୌଣସି ପୁରୁଷକୁ ସେ ପ୍ରେମ କରିନାହିଁ । ତା'ର ପ୍ରେମ ନାଟକର ଅଭିନୟ ଭିତରେ ସୀମିତ । ସେଥିପାଇଁ ଅନିମେଷର ଅଲଗା ପ୍ରକାର ଦୁଃଖ ସେ ଠିକ୍ ବୁଝିପାରେ ନାହିଁ ।

ସେମାନେ ପାଖାପାଖି ଦୁଇଟି ସହରରେ ରହୁଥିଲେ । କିନ୍ତୁ ନିଜ ନିଜର ଦୁଃଖ ସେମାନଙ୍କ ମଧ୍ୟରେ ଦୂରତ୍ୱର ପାଚେରୀ ଠିଆ କରି ଦେଇଥିଲା । ଚାହିଁଲେ ମଧ କେହି କାହାରି ମୁହଁ ଦେଖିପାରୁ ନଥିଲେ । ମଝିରେ ମଝିରେ ଅରୁଣ ଅରୁନ୍ଧତୀ ପାଖକୁ ଆସୁଥିଲା । କିନ୍ତୁ ଆଗଭଳି ମନଖୋଲା ଗପ ଜମୁ ନ ଥିଲା । ଅନିମେଷର ଗୋଡ଼ଭଙ୍ଗା ଟ୍ରାଜେଡ଼ି ପରେ ଏକ ଅପ୍ରକାଶ୍ୟ ଦୁଃଖ ସେମାନଙ୍କ ତଣ୍ଟିରେ ମାଛ କଣ୍ଟା ଭଳି ଲାଖି ରହୁଥିଲା । କ'ଣ କହିବ କହିବ ହୋଇ ଅରୁଣ ଅରୁନ୍ଧତୀ ମୁହଁକୁ ଚାହୁଁଥିଲା-କିନ୍ତୁ ଶେଷରେ କିଛି କଥା କହି ନ ପାରି ଢୋକ ଗିଳି ଦେଉଥିଲା ।

କ'ଣ କହିବାକୁ ଚାହୁଁଥିଲା ଅରୁଣ-ଠିକ୍ ଅନୁମାନ କରିପାରୁନଥିଲା ଅରୁନ୍ଧତୀ ।

Digitized by srujanika@gmail.com

ସାହସ କରି ପଚାରି ମଧ୍ୟ ପାରୁନଥିଲା। ଜୀବନର ଜଟିଳତା ସେମାନଙ୍କ ଭାବନାକୁ ଦୁର୍ବୋଧ କରିଦେଉଥିଲା।

ଦିନେ ନିରୋଳାରେ ଶେଷଥର ପାଇଁ ସାହସ ସଞ୍ଚୟ କରି ଅରୁଣ କହିଲା-ଅରୁ! ତତେ ଗୋଟାଏ କଥା କହିବି। ମୋ କଥା ରଖିବୁ? ଅରୁନ୍ଧତୀ ଚମକି ଗଲା। କ'ଣ କହିବ ଅରୁଣ? ସେ'ତ ଭଉଣୀ-ଭିଣୋଇଙ୍କ ଗଳଗ୍ରହ ଏକ ସାମାନ୍ୟ ନାରୀ। ତା'ଠାରୁ କ'ଣ ଆଶା କରେ ଅରୁଣ?

ତା'ର ଜଣନଳୀ ଶୁଖି ଆସୁଥିଲା। ସତେ ଯେମିତି ଅରୁଣ ଏକ କ୍ଷୁଧିତ ପୁରୁଷ, ଆଉ ସେ ତା' ପାଖରେ ସୁସ୍ୱାଦୁ ଭୋଜ୍ୟ ସାମଗ୍ରୀ!

-କ'ଣ କହ।

ମୁହଁ ତଳକୁ ପୋତି ଅରୁଣ କହିଲା-ଆମେ ସମସ୍ତେ ସୁଖୀ ହେଉ ବୋଲି ତୁ ଦିନେ ଚଣ୍ଡି ମନ୍ଦିରରେ ଘିଅଦୀପ ଜାଳୁଥିଲୁ। ଆମେ ସମସ୍ତେ ସୁଖୀ ହେବାର ସମ୍ଭାବନା କମ୍। ସୁଖୀ ହେବା ଅପେକ୍ଷା କୌଣସିମତେ ବଞ୍ଚିରହିବାଟା ଆଜି ବଡ଼କଥା। ରୁନୁ ବୋଲି ସେ ହୃଦୟହୀନା ଝିଅଟା ଅନିମେଷର ଛାତିର କଲିଜାରେ ଛୁରୀ ଚଲାଇ ଦେଇ ଯାଇଛି। ପଙ୍ଗୁ, ଅଥର୍ବ ଅନିମେଷ ଛାତିରୁ ରକ୍ତ କ୍ଷରଣ ହେଉଛି। ତୁ ତାକୁ ବାହାହେଲେ ସେ ରକ୍ତ କ୍ଷରଣ ହୁଏତ ବନ୍ଦ ହେବ। ବଞ୍ଚିଯିବ ଅନିମେଷ। ତୁ ତାକୁ ବଞ୍ଚାଇବା ପାଇଁ.......

ଅରୁଣର କଥା ଶୁଣି ପ୍ରଚଣ୍ଡ କ୍ଷୋଭରେ ବିସ୍ଫୋରିତ ହୋଇଗଲା ଅରୁନ୍ଧତୀ।

ଜଣେ ଝିଅ ଯେ ଆଉ ଜଣକର ବିକଳ୍ପ ହୋଇପାରେ ନାହିଁ, ଜଣେ ଶହୀଦ ହେଲେ ଆଉ ଜଣେ ଯେ ସୁଖୀ ହୁଏ ନାହିଁ, ଏକଥା ଅରୁଣ ଭଳି ଏକ କାପୁରୁଷକୁ ବୁଝାଇବା ପାଇଁ ସେ ଶ୍ରାବଣର ବର୍ଷାରାତି ଭଳି ଲୁହରେ ମୁହଁକୁ ଭିଜାଇଦେଲା।

Digitized by srujanika@gmail.com

କଣ୍ଟା-କୁସୁମ

ମନ୍ତ୍ରୀ ହେବାର ଆନନ୍ଦ, ଉତ୍ତେଜନା ମାତ୍ର ମାସ କେତୋଟି ସ୍ଥାୟୀ ହୋଇଥିଲା; ତାପରେ ପୁଣି ଅନିଶ୍ଚିତତା, ଉଦ୍‌ବେଗ, ଉତ୍କଣ୍ଠା !

ଅଥଚ ଏଇ ମନ୍ତ୍ରୀ ହେବା ପାଇଁ କେତେ ସ୍ୱପ୍ନ ଦେଖି ନ ଥିଲେ; କେତେ କୃଚ୍ଛ୍ର ସାଧନା କରି ନାହାନ୍ତି ନଟବର !

ଏଇଟା ପ୍ରଥମ ନୁହେଁ, ଦ୍ୱିତୀୟ ଥର ପାଇଁ ମନ୍ତ୍ରୀ । କୋଡ଼ିଏ ବର୍ଷ ତଳେ ସେ ରିପବ୍ଲିକାନ୍ ପାର୍ଟିର ବିଜୟ ପରେ ସେ କଳିଙ୍ଗୋତ୍କଳ ପ୍ରଦେଶର ମତ୍ସ୍ୟ ବିଭାଗର ମନ୍ତ୍ରୀ ହୋଇଥିଲେ । ତାଙ୍କରି ମନ୍ତ୍ରୀତ୍ୱ ସମୟରେ ହିଁ ହଠାତ୍ ନଈ, ପୋଖରୀରେ ମାଛମାନେ ଭେଳା ଭେଳା ହୋଇ ମରି ଭାସିଲେ । ଯେଉଁମାନେ ହଜାର ହଜାର ଟଙ୍କା ଦେଇ ନଈ ନିଲାମ ଧରିଥିଲେ ମତ୍ସ୍ୟମଡ଼କ ପରେ ସେମାନେ ନିଲାମ ଟଙ୍କା ଫେରସ୍ତ ଦାବି କରି ରାସ୍ତାରେ ଶୋଭାଯାତ୍ରା ବାହାର କଲେ । ଯେଉଁ ମତ୍ସ୍ୟଚାଷୀମାନେ ସରକାରଙ୍କ ଠାରୁ ଋଣ ନେଇ ପୋଖରୀରେ ମାଛ ଛାଡ଼ିଥିଲେ; ମାଛମାନଙ୍କ ଅକାଳ ମୃତ୍ୟୁ ପାଇଁ ଯାମିନ ଯୋଗାଇ ଥିବା ସରକାରଙ୍କୁ ଋଣ ଶୁଝିବା ତ ଦୂରର କଥା କ୍ଷତିପୂରଣ ଦାବି କରି ସେମାନେ ତାଙ୍କ ଘର ସାମ୍ନାରେ ରିଲେ ଅନଶନ ଧର୍ମଘଟ ଆରମ୍ଭ କରି ଦେଇଥିଲେ । ଆଉ ମତ୍ସ୍ୟଭୋଜୀ ଭୋଟରମାନେ-
"ଜଳ ବିହୁନେ ଯେହ୍ନେ ମୀନ
ମତ୍ସ୍ୟ ବିହୁନେ ତେହ୍ନେ ଜନ" ବୋଲି ପ୍ଲାକାର୍ଡ଼ରେ ସ୍ଲୋଗାନ ଲେଖି ତାଙ୍କର ଇସ୍ତଫା ଦାବି କରି ଶୋଭାଯାତ୍ରା ଆରମ୍ଭ କରିଦେଲେ । ଏପରିକି ଦଳର ମତ୍ସ୍ୟ-ପ୍ରିୟ ଏମ.ଏଲ.ଏ. ମଧ୍ୟ ମତ୍ସ୍ୟ-ସଂକଟ ପାଇଁ ତାଙ୍କୁ ଦାୟୀ କରିବାକୁ ଲାଗିଲେ ।

ପାର୍ଟି ଓ ମନ୍ତ୍ରୀମଣ୍ଡଳରେ ସଙ୍କଟ ସୃଷ୍ଟି ହେଲା ।

ଅନ୍ୟ ଉପାୟ ନ ଦେଖି କେବଳ ମନ୍ତ୍ରୀମଣ୍ଡଳରୁ ନୁହେଁ ନଟବର ବାବୁ ବିରକ୍ତ ହୋଇ ରିପବ୍ଲିକାନ୍ ପାର୍ଟି ପ୍ରାଥମିକ ସଭ୍ୟପଦରୁ ମଧ୍ୟ ଇସ୍ତଫା ଦେଇ ଦେଇଥିଲେ ।

ଏହା ପ୍ରାୟ କୋଡ଼ିଏ ବର୍ଷ ତଳର କଥା ।

ଏଥି ମଧ୍ୟରେ ଦଳ ବଦଳ କରି ସେ ଡେମୋକ୍ରାଟିକ୍ ପାର୍ଟିରେ ଯୋଗଦେଇ

Digitized by srujanika@gmail.com

ଦୁଇ ଦୁଇଥର ନିର୍ବାଚନରେ ଠିଆ ହୋଇ ହାରି ଯାଇଥିଲେ। ଥରେ ନୁହେଁ ଦୁଇଥର ଦଳ ବଦଳ ଅପରାଧ ପାଇଁ ଭୋଟରମାନେ ତାଙ୍କୁ ଶାସ୍ତି ଦେଇଥିଲେ। ଦ୍ୱିତୀୟ ଥର ହାରିଗଲା ପରେ ସେ ଏକ ପ୍ରକାର ରାଜନୀତିରୁ ସନ୍ୟାସ ନେଇ ଅନ୍ୟ ଧନ୍ଦା କରିବେ ବୋଲି ସଂକଳ୍ପ ମଧ କରି ସାରିଥିଲେ। କିନ୍ତୁ ତାଙ୍କର ସେ ସଂକଳ୍ପ ଉପରେ ବାଦ ସାଧିଲେ ତାଙ୍କର ପତ୍ନୀ ମନୋରମା।

-ଏତେ ଶୀଘ୍ର ତମେ ଭାଙ୍ଗି ପଡ଼ିଲେ ହାରିଯିବ। ରାଜନୀତିରେ ଧୈର୍ଯ୍ୟ ଧରିବାକୁ ହୁଏ। ତମେ ରାଜନୀତି ଛାଡ଼ିଦେବ କାହିଁକି? ରାଜନୀତି ଠାରୁ ବଳି ଆଉ ଲାଭ-ଜନକ ଧନ୍ଦା କ'ଣ ଅଛି?

ମନୋରମାଙ୍କ ଯୁକ୍ତିକୁ ଖଣ୍ଡନ କରି ନଟବର ବୁଝାଇ ଥିଲେ-ଏମ୍.ଏଲ.ଏ ହୋଇ ମନ୍ତ୍ରୀ ନ ହୋଇ ପାରିଲେ ଯେଉଁ ଦୁଃଖ; ରାଜନୀତି କରି ଏମ୍.ଏଲ.ଏ ହୋଇ ନ ପାରିଲେ ଠିକ୍ ସେଇ ଯନ୍ତ୍ରଣା। ଲୋକେ ତ ମତେ ଦୁଇ ଦୁଇଥର ହରାଇ ଦେଲେ। ଆଉ କଣ ପାଇଁ ମୁଁ ରାଜନୀତିର ଗୋଳିଆ ପାଣିରେ ଗୋଡ଼ ବୁଡ଼ାଇ ବସିଥିବି!

ଥରେ ମନ୍ତ୍ରୀ-ପତ୍ନୀ ହେବାର ମଧୁ ଚାଖିଥିବା ମନୋରମା ସହଜରେ ସ୍ୱାମୀଙ୍କୁ ଅନ୍ୟ ଧନ୍ଦା କରିବାକୁ ଦେବା ଅବସ୍ଥାରେ ନ ଥିଲେ। ସ୍ୱାମୀଙ୍କ ମନ୍ତ୍ରୀତ୍ୱ ଚାଲି ଯିବାର କୋଡ଼ିଏ ବର୍ଷ ପରେ ମଧ ଲୋକେ ତାଙ୍କୁ ଭୂତପୂର୍ବ ମନ୍ତ୍ରୀଙ୍କ ପତ୍ନୀ ଭାବରେ ସମ୍ମାନ କରନ୍ତି। ସ୍ୱାମୀ ଭବିଷ୍ୟତରେ ମନ୍ତ୍ରୀ ହେବାର ସମ୍ଭାବନା ଥିବା ଯୋଗୁଁ ଧାର ଦେଇଥିବା ଲୋକେ ଟଙ୍କା ଫେରସ୍ତ ମାଗନ୍ତି ନାହିଁ; ନବ ବର୍ଷ, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସରେ ଅତୀତରେ ଉପକୃତ ହୋଇଥିବା ଏବଂ ଭବିଷ୍ୟତରେ ଲାଭବାନ ହେବାର ଆଶା ରଖିଥିବା ଲୋକେ ତାଙ୍କ ଘରକୁ ନାନା ପ୍ରକାର ଉପହାର ପଠାନ୍ତି। ବେକାର ରାଜନୈତିକ ଲୋକକୁ ଭଲପାଇ ବାହା ହୋଇଥିବାର ନିର୍ବୋଧତା ଯୋଗୁଁ ତାଙ୍କର ଯେଉଁ ଆତ୍ମୀୟ ସ୍ୱଜନ ବାହାଘର ପରେ ତାଙ୍କ ସହିତ ସମସ୍ତ ସମ୍ପର୍କ ତୁଟାଇ ଦେଇଥିଲେ; ଦେଖା ହେଲେ ବାଟ ଭାଙ୍ଗି ଚାଲି ଯାଉଥିଲେ; ସ୍ୱାମୀ ମନ୍ତ୍ରୀ ହେଲାପରେ ସେମାନେ କିପରି ଉପରେ ପଡ଼ି ତାଙ୍କ ସହିତ ଘନିଷ୍ଠ ସମ୍ପର୍କ ପ୍ରତିଷ୍ଠା କରିଥିଲେ ସେକଥା ଭୁଲି ଯାଇ ନାହାନ୍ତି ମନୋରମା। ସ୍ୱାମୀ ରାଜନୀତି ଛାଡ଼ି ଦେଇଛନ୍ତି ବୋଲି ଜାଣିଲା ପରେ ସେମାନେ ପୁଣି କିପରି ମୁହଁ ବୁଲାଇ ଚାଲିଯିବେ; ସେକଥା ଅନୁମାନ କରି ସେ ଖୁବ୍ ବିଚଳିତ ହୋଇ ପଡ଼ିଥିଲେ।

ସେ ସ୍ୱାମୀଙ୍କୁ ବୁଝାଇଥିଲେ-

-ଦେଖ, ଲୋକମାନେ ଯେ ତମ ପ୍ରତି ନିଷ୍ଠୁର ଆଚରଣ କରିଛନ୍ତି ଏଥିପାଇଁ ସେମାନେ ଏକା ଦାୟୀ ନୁହନ୍ତି। ତମେ ମଧ ଦାୟୀ। ରିପବ୍ଲିକାନ୍ ଓ ଡେମୋକ୍ରାଟିକ ଦଳ ନାମରେ ଦୁଇଟି ଅଲଗା ପାର୍ଟି ହେଲେ ମଧ କାମରେ ଯେ ଏକ, ଏକଥା

Digitized by srujanika@gmail.com

ଲୋକଙ୍କୁ ତମେ ଠିକ୍ ବୁଝାଇ ପାରିନାହଁ। ଆଉ ଅନ୍ନତ ଦେଶରେ ଦଳ ବଦଳ ଯେ କୌଣସି ପାପଙ୍କାର୍ଯ୍ୟ ନୁହେଁ; ଏକଥା ତମେ ସେମାନଙ୍କୁ ଥରେ ହେଲେ ସୁଦ୍ଧା କହି ନାହଁ। ତମେ ଲୋକଙ୍କ ଉପରେ ଆସ୍ଥା ରଖ।

ଅଗତ୍ୟା ନଟବର ସ୍ତ୍ରୀଙ୍କ କଥାମାନି ତୃତୀୟ ଥର ଡେମୋକ୍ରାଟିକ ପାର୍ଟି ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିଥିଲେ ଏବଂ ସତକୁ ସତ ଲୋକେ ତାଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିଥିଲେ।

ଏଥର ନିର୍ବାଚନର ଫଳାଫଳ ନଟବରଙ୍କ ପାଇଁ ମଧ୍ୟ ଥିଲା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ। ଦୁଇ ଦୁଇ ଥର ହାରିଯିବା ପରେ ତାଙ୍କୁ ୩ୟ ଥର କେହି ଟଙ୍କା ଦେଇ ନ ଥିଲେ ନିର୍ବାଚନ ଲଢ଼ିବାପାଇଁ। ନା ନିଜର ଦଳ, ନା କୌଣସି ବ୍ୟବସାୟୀ ବନ୍ଧୁ! ଅନେକ ବୁଥ୍‌ରେ ତାଙ୍କର ନିର୍ବାଚନ ଏଜେଣ୍ଟ୍ ମଧ୍ୟ ନ ଥିଲେ କିନ୍ତୁ ଭାରତ ବର୍ଷର ଭୋଟଦାତାମାନଙ୍କ ମତି ଗତି ଅଦ୍ଭୁତ। ଦୁଇ ଦୁଇ ଥର ହରାଇ ଦେଇଥିବାରୁ ନଟବରଙ୍କ ପ୍ରତି ଅନୁକମ୍ପା ଯୋଗୁଁ ହେଉ ଅଥବା ଗତ ଦୁଇଥର ରିପବ୍ଲିକାନ ପାର୍ଟିକୁ ଭୋଟ ଦେଇ ବିରକ୍ତ ହୋଇଥିବା ପାଇଁ ହେଉ ସେମାନେ ୩ୟ ଥର ନଟବରଙ୍କ କଣ୍ଟା ଚିହ୍ନରେ ଯିଦ୍ କଲାଭଳି ଧାଡ଼ି ବାନ୍ଧି ମୋହର ମାରିଗଲେ।

ଅଟଳ ଅଧୁଲି ଭଳି କୋଡ଼ିଏ ବର୍ଷ ଅବ୍ୟବହୃତ, ଅବହେଳିତ ହୋଇ ପଡ଼ିଥିବା 'ନଟବର' ହଠାତ୍ ନିର୍ବାଚନରେ ଜିଣି 'ପ୍ରିୟନେତା ନଟବରବାବୁ' ହୋଇଗଲେ। ତାଙ୍କ ବାସଭବନ ଚାରିପଟେ ଲାଗିଗଲା ଲୋକଙ୍କ ମେଳା। ସକାଳ ହେବା ମାତ୍ରେ ତାଙ୍କ ବାରଣ୍ଡା, ବଗିଚାର ଗଛମୂଳ, କୂଅ ପଥ ଉପରେ ଶହ ଶହ ଲୋକ ବସି ରହିଲେ, ନଟବାବୁଙ୍କ ଦର୍ଶନ ପାଇଁ। କାହାର ବଦଳି-ବନ୍ଦ ହେବା ଦରକାର, କାହାର ଚାକିରୀ ଲୋଡ଼ା, କିଏ ଚାହେଁ ବସ୍ ରୁଟ୍ ପରମିଟ୍-ଆଉ ଏ ସମସ୍ତେ ଚାହାନ୍ତି ନଟବାବୁ ମନ୍ତ୍ରୀ ହୁଅନ୍ତୁ!

ଗତ କୋଡ଼ିଏ ବର୍ଷ ମଧ୍ୟରେ ସୁବିଧାବାଦୀ ଲୋକଙ୍କ ସଂଖ୍ୟା ଯେ ଶହେ ଗୁଣ ବଢ଼ିଯାଇଛି; ଏହା ଲକ୍ଷ୍ୟ କରି ନଟବର ବିଶ୍ୱାଳଙ୍କ ମନରେ ମନ୍ତ୍ରୀତ୍ୱ ପ୍ରତି ଏକ ପ୍ରକାର ଅନାସ୍ଥା ଭାବ ଆସି ଯାଇଥିଲା। କିନ୍ତୁ ଦାଉ ସାଧିଲେ ପତ୍ନୀ ମନୋରମା।

-କଣ କହିଲ? ମନ୍ତ୍ରୀ ହେବା ପାଇଁ ଲବି କରିବ ନାହିଁ? ଏମ୍.ଏଲ.ଏ. ମାନଙ୍କୁ ପଞ୍ଚତାରକା ହୋଟେଲରେ ନୈଶ୍ୟ-ଭୋଜନ, କକ୍‌ଟେଲ ପାର୍ଟି ଦେବ ନାହିଁ? ମନ୍ତ୍ରୀ ହେଲେ ଲାଭଖୋର ବ୍ୟବସାୟୀ, କଳା-ବଜାରୀମାନଙ୍କୁ ପ୍ରଶୟ ଦେବାର ପ୍ରତିଶ୍ରୁତି ଦେଇ ପାରିବ ନାହିଁ? ତାହା ହେଲେ ଏମ୍.ଏଲ.ଏ. ହେବା ପାଇଁ ଠିଆ ହୋଇଥିଲ କାହିଁକି? ତମକୁ ଆପେ ଆପେ ଯେଉଁମାନେ ଏତେ ସଂଖ୍ୟାରେ ଭୋଟ ଦେଇ ଜିତାଇଲେ ସେମାନଙ୍କ ଆଶା ଆକାଙ୍କ୍ଷା ପୂରଣ କରିବ ନାହିଁ? ମନ୍ତ୍ରୀ ନ ହେଲେ ସେମାନଙ୍କ ଦାବି ପୂରଣ କରିବ କିପରି?

Digitized by srujanika@gmail.com

ପତ୍ନୀଙ୍କ ପ୍ରଶ୍ନ ମୃତ ସଂଜୀବନୀ ସୁଧା ଭଳି କାର୍ଯ୍ୟ କରିଥିଲା। ନଟବାବୁ ବିଭିନ୍ନ ବ୍ୟବସାୟୀ ଗୋଷ୍ଠୀର ଆର୍ଥିକ ସହାୟତାରେ ନିର୍ବାଚନ ଜିଣିଥିବା ଏମ୍.ଏଲ.ଏ. ମାନଙ୍କୁ ସେହି ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନଙ୍କ ଜରିଆରେ ଏକଯୁଟ କରି ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜର ମନ୍ତ୍ରୀତ୍ୱ ପାଇଁ ଦାବି ଉପସ୍ଥାପିତ କରିଥିଲେ।

କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରେ ନଟବାବୁଙ୍କୁ ମନ୍ତ୍ରୀ କରିବା ସହଜ ନ ଥିଲା। ଡେମୋକ୍ରାଟିକ୍ ପାର୍ଟି ଟିକେଟରେ ମନ୍ତ୍ରୀ ହେବା ଭଳି ବହୁ ଯୋଗ୍ୟବ୍ୟକ୍ତି ନିର୍ବାଚିତ ହୋଇ ଆସିଥିଲେ। ଯୋଗ୍ୟତମ ବ୍ୟକ୍ତିଙ୍କ ଦାବିକୁ ଉପେକ୍ଷା କରି କେବଳ ଯୋଗ୍ୟ ବ୍ୟକ୍ତିଙ୍କୁ ମନ୍ତ୍ରୀକଲେ ଦଳ ଭିତରେ ଓ ବାହାରେ ଅଶାନ୍ତି ଅସନ୍ତୋଷ ସଂକ୍ରାମକ ବ୍ୟାଧିଭଳି ସଂକ୍ରମିତ ହୋଇ ଯିବାର ଭୟ ଥିଲା।

ବହୁ ଭାବି ଚିନ୍ତି ଉଣା ଅଧିକେ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗଦାଧରବାବୁ କେତୋଟି ନୂଆ ବିଭାଗ ସୃଷ୍ଟି କଲେ ଏବଂ ସେହି ନବଗଠିତ ବିଭାଗରୁ ଗୋଟିଏ ନଟବାବୁଙ୍କ ଭାଗରେ ପଡ଼ିଥିଲା।

ସେ ଯେଉଁ ବିଭାଗର ମନ୍ତ୍ରୀ ହେଲେ, ତାର ନାମ ଥିଲା ମଧୁ-ସଂଗ୍ରହ ବିଭାଗ।

ମୁଖ୍ୟମନ୍ତ୍ରୀ କହିଲେ- ଆପଣ ଆଗରୁ ଥିଲେ ମତ୍ସ୍ୟ ବିଭାଗର ମନ୍ତ୍ରୀ। ସେ ଆମିଷ ବିଭାଗରେ ବିଭ୍ରାଟ ସୃଷ୍ଟି ହେଲା ବୋଲି ଆପଣଙ୍କୁ ମନ୍ତ୍ରୀପଦ ହରାଇବାକୁ ପଡ଼ିଥିଲା। ତେଣୁ ଏଥର ଆପଣଙ୍କୁ ମଧୁ ସଂଗ୍ରହ ଭଳି ନିରାମିଷ ବିଭାଗ ଦେଉଛି।

ବିସ୍ମୟ-ବିମୂଢ଼ ଭାବରେ ନଟବର ପ୍ରଶ୍ନ କରିଥିଲେ-

-ସାର୍! ଏ ବିଭାଗର ଗୁରୁତ୍ୱ କଣ? ମୋର କାମ କଣ ହେବ?

ମୁଖ୍ୟମନ୍ତ୍ରୀ ଗଦାଧରବାବୁ ମୃଦୁ ହସି ଉତ୍ତର ଦେଇଥିଲେ- ଆମ ଦଳର ନିର୍ବାଚନ ଇସ୍ତାହାରରେ ମଧୁ-ସଂଗ୍ରହ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଥିଲା। କାରଣ ଆମେ ଶାସନ କ୍ଷମତାକୁ ଆସିଲେ ଦେଶକୁ ଘିଅ ମହୁରେ ଭସାଇ ଦେବୁ ବୋଲି ପ୍ରତିଶ୍ରୁତି ଦେଇଥିଲୁ। ମଧୁ ଉତ୍ପାଦନ ନ ବଢ଼ିଲେ ଦେଶ ମହୁରେ ଭାସିବ କିପରି?

ନିର୍ବାଚନରେ ସର୍ବାଧିକ ଭୋଟ ପାଇ ନିର୍ବାଚିତ ହୋଇଥିଲେ ସୁଦ୍ଧା ନଟବାବୁ ନିଜ ଦଳର ନିର୍ବାଚନ ଇସ୍ତାହାର ଥରେ ସୁଦ୍ଧା ପଢ଼ି ନଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ କଥା ଶୁଣି ତାଙ୍କର ସ୍ମରଣ ହୋଇଗଲା ଯେ ସେ ମଧ୍ୟ କେତୋଟି ନିର୍ବାଚନ ସଭାରେ ଡେମୋକ୍ରାଟିକ ଦଳ ଜିଣି ସରକାର ଗଢ଼ିଲେ ଦେଶ ଘିଅ ମହୁରେ ଭାସିବ ବୋଲି ନିଜ ଭାଷଣରେ ଉଲ୍ଲେଖ କରିଥିଲେ।

ମଧୁ ଉତ୍ପାଦନ ନ ବଢ଼ିଲେ ଦେଶରେ ମଧୁର ମନ୍ଦାକିନୀ ପ୍ରବାହିତ ହେବ କିପରି?

ନଟବାବୁଙ୍କ ମୁହଁର ଭାବାନ୍ତର ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ମଧୁ-ବିଭାଗର ମନ୍ତ୍ରୀତ୍ୱର

Digitized by srujanika@gmail.com

ଗୁରୁତ୍ୱ ବ୍ୟାଖ୍ୟା କରିବାରେ ଲାଗିଲେ-

-ଚିନି ସଂକଟ ଫଳରେ ଦେଶ ବର୍ତ୍ତମାନ ଘୋର ବିପର୍ଯ୍ୟୟର ସମ୍ମୁଖୀନ। ଆଖୁ ଚାଷୀମାନେ ନିଜ ଉତ୍ପାଦିତ ପଦାର୍ଥର ଲାଭଜନକ ମୂଲ୍ୟ ନ ପାଇଲେ ଆଖୁଗଛ ପୋଡ଼ିଦେବେ ପଛେ; ଚିନି କାରଖାନାକୁ ଦେବେ ନାହିଁ ବୋଲି ଜିଦ୍ ଧରିବା ଫଳରେ ସରକାର ଆଖୁର ଦର ବଢ଼ାଇଲେ। ତେଣେ ଚିନି କଳର ମିସ୍ତ୍ରୀ, ମୂଲିଆ ଦରମା, ମହଙ୍ଗାଭତ୍ତା, ବୋନସ୍ ବୃଦ୍ଧି ଦାବିକରି ଧର୍ମଘଟ ଧମକ ଦେବା ଫଳରେ ଚିନିକଳର ମାଲିକମାନେ ସେମାନଙ୍କ ଦରମା ବଢ଼ାଇ ଦେଲେ, ଫଳରେ ଚିନିଦର ବୃଦ୍ଧି ପାଇଲା। ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ିଲା। ଦରବୃଦ୍ଧି ସତ୍ତ୍ୱେ ମଧ୍ୟ ଆବଶ୍ୟକ ପରିମାଣର ଚିନି ଉତ୍ପାଦନ ଆମ ଦେଶରେ ହେଲା ନାହିଁ। ଫଳରେ ମହାର୍ଘ ବୈଦେଶିକ ମୁଦ୍ରା ବ୍ୟୟ କରି ସରକାରଙ୍କୁ ବିଦେଶରୁ ଚିନି ଆମଦାନୀ କରିବାକୁ ହେଲା। ଏ ଅବସ୍ଥାର ପରିବର୍ତ୍ତନ କରିବାକୁ ହେଲେ ଚିନି ବଦଳରେ ଆମକୁ ମହୁର ମହତ୍ତ୍ୱ ଲୋକଙ୍କୁ ବୁଝାଇବାକୁ ପଡ଼ିବ।

ମୁଖ୍ୟମନ୍ତ୍ରୀ ଗାନ୍ଧି ଯୁଗର ଲୋକ। ଗାନ୍ଧିଜୀଙ୍କ ସାଙ୍ଗରେ ଦାଣ୍ଡି ମାର୍ଚ୍ଚ କରିଥିଲେ। ନେହେରୁଙ୍କ ସହିତ ଏକା ଜେଲରେ ଥିଲେ। ଶାସ୍ତ୍ରୀଜୀଙ୍କ ଭଳି ପିଲାଦିନେ ପହଁରି ପହଁରି ନଦୀ ପାର ହୋଇ ସ୍କୁଲକୁ ଯାଉଥିଲେ। ସେଥିପାଇଁ ବୟାଅଶି ବର୍ଷ ବୟସ ହୋଇ ଯାଇଥିଲେ ମଧ୍ୟ ଘଣ୍ଟା ଘଣ୍ଟା ଭାଷଣ ଦେଇ ନଟବାବୁଙ୍କ ଭଳି କ୍ଳାନ୍ତ ହୋଇ ଯାଆନ୍ତି ନାହିଁ। ତାଙ୍କ ତଣ୍ଟିରେ ଲାଖେ ନାହିଁ କି କଥା କହିବା ମଝିରେ କଣ୍ଠ ଓଦା କରିନେବା ପାଇଁ ସେ ପାଣି ଗ୍ଲାସ ଓଠ ପାଖକୁ ଉଠାଇ ନିଅନ୍ତି ନାହିଁ।

ମୁଖ୍ୟମନ୍ତ୍ରୀ ଗଦାଧର କହି ଯାଉଥିଲେ ଆଉ ଅମୃତ ପାନ କଲାଭଳି ତାଙ୍କ କଥା ଶୁଣି ଯାଉଥିଲେ ନଟବାବୁ।

-ରାସାୟନିକ ପ୍ରକ୍ରିୟାରେ ତିଆରି ହେଉଥିବା ଚିନି ହେଲା ପ୍ରକୃତରେ ବିଷ.....ମଧୁମେହ ରୋଗର ଜନନୀ। କିନ୍ତୁ ମହୁ ହେଲା କଫ କାଶ ନାଶକ.....ସ୍ୱାସ୍ଥ୍ୟ ପ୍ରତି ପରମ ଉପକାରୀ। ସେଥିପାଇଁ ଆଖୁଚାଷ ବଦଳରେ ଆମକୁ ମହୁଚାଷ ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ....ମହୁ ଉତ୍ପାଦନରେ ଏକ ଅର୍ଥନୈତିକ ଦିଗ ମଧ୍ୟ ଅଛି.......

ମହୁର ଅର୍ଥନୈତିକ ଦିଗ ବିଷୟରେ ଜ୍ଞାନ ଅର୍ଜନ କରିବା ପାଇଁ ଉତ୍କର୍ଣ୍ଣ ହୋଇ ରହିଲେ ନଟବର ବିଶ୍ୱାଳ।

-ଆଖୁ କ୍ଷେତର କୃଷକ, ଚିନିକଳର ଶ୍ରମିକ ମଜୁରି ବଢ଼ାଇବା ପାଇଁ ଜୁଲୁମ କରନ୍ତି; କିନ୍ତୁ ମହୁ ସଂଗ୍ରହ କରୁଥିବା ମହୁମାଛିମାନେ ମଣିଷଙ୍କ ଭଳି ନିଜ ଶ୍ରମପାଇଁ ମଜୁରି ବୃଦ୍ଧି ଦାବି କରନ୍ତି ନାହିଁ। ସେଥିପାଇଁ ମହୁଫେଣାର ଶ୍ରମିକ ମହୁମାଛିମାନଙ୍କୁ ଶୋଷଣ କଲେ କାହାରିକୁ ଶୋଷକ, ଅତ୍ୟାଚାରୀ ବୋଲି ଅପବାଦ ଶୁଣିବାକୁ

Digitized by srujanika@gmail.com

ହୁଏନାହିଁ। ଆପଣଙ୍କୁ ଏଥିପାଇଁ ଏ ଝଞ୍ଝଟ-ହୀନ ଗୁରୁତ୍ୱପୂର୍ଣ୍ଣ ଦପ୍ତରର ମନ୍ତ୍ରୀତ୍ୱ ଅର୍ପଣ କରୁଛି-ଉଇସ୍ ୟୁ ବେଷ୍ଟ ଅଫ୍ ଲକ୍।

ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଶୁଣିଲା ପରେ ନଟବାବୁଙ୍କର ନିଜ ଦପ୍ତରର ଗୁରୁତ୍ୱ ସମ୍ପର୍କରେ ଆଉ କିଛି ସନ୍ଦେହ ରହିଲା ନାହିଁ। ସେ ନିଜ ଦପ୍ତରର ଆଇ.ଏ.ଏସ୍. ସେକ୍ରେଟେରୀଙ୍କୁ ଡ଼ାକି ମହୁ ଉତ୍ପାଦନ ସମ୍ପର୍କରେ ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ଆଦେଶ ଦେଇ ଦେଲେ।

କ୍ଷୁଦ୍ର ଶିଳ୍ପ ବିଭାଗକୁ ମହୁବାକ୍ସ ତିଆରି କରିବାକୁ ବରାଦ ଦିଆଗଲା। ମହୁମାଛିମାନେ ତ ଶୂନ୍ୟରୁ ମହୁ ସଂଗ୍ରହ କରିବେ ନାହିଁ। ସେଥିପାଇଁ ଆଖୁ ଚାଷ ବଦଳରେ ଏକର ଏକର ଜମିରେ ଫୁଲ ଚାଷ ପାଇଁ ବ୍ୟବସ୍ଥା କରାଗଲା।

ମାସ ଦୁଇଟା ମଧ୍ୟରେ କଳିଙ୍ଗୋତ୍କଳ ରାଜ୍ୟର ଚେହେରା ବଦଳିଗଲା। ମହୁମାଛିମାନଙ୍କ ଗୁଣୁ ଗୁଣୁ ଗୁଣୁ ଆଉ ଫୁଲର ବାସ୍ନାରେ ମହକି ଉଠିଲା ସାରା ରାଜ୍ୟ! ଯୁଆଡ଼େ ଚାହିଁବ ମାଇଲ ମାଇଲ ବ୍ୟାପୀ ଫୁଟା ଫୁଲର ଆଖି ଝଲସା ରଙ୍ଗ.....ମନ-ମହକା ସୁବାସ......ଶ୍ରମିକମାନଙ୍କ କୋଳାହଳ ନାହିଁ.......ପରିବେଶ ଦୂଷିତ କରୁଥିବା ଚିମିନି ଧୂଆଁର ଚିହ୍ନବର୍ଣ୍ଣ ନାହିଁ.......

ମାଠିଆ ମାଠିଆ ମହୁ ସହର ମଫସଲର ଦୋକାନୀମାନଙ୍କରେ ଭର୍ତ୍ତି ହୋଇଗଲା। ମହୁର ସ୍ୱାଦ ଆସ୍ୱାଦନ କରି ଲୋକେ ଚିନିର ମିଠା କଥା ଭୁଲିଗଲେ। ଚିନି ସରବତ୍ ବଦଳରେ ମହୁପଣା, ପିଠାରେ ଚିନି ବଦଳରେ ମହୁ ଲଗାଇ ଖାଇଲାବେଳେ ପିଲାଙ୍କ ମୁହଁରେ ଉଙ୍କୁଟି ଉଠୁଥିବା ହସର ଛବି ବିଜ୍ଞାପନ ଆକାରରେ ବିଭିନ୍ନ ଖବର କାଗଜରେ ଛପା ହେଲା.....ଦୂରଦର୍ଶନରେ ସଂପ୍ରସାରିତ ହେଲା।

ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ-ସମସ୍ତେ ମଧୁଚାଷ ବିଭାଗର ମନ୍ତ୍ରୀ ନଟବର ବାବୁଙ୍କର ପ୍ରଶଂସାରେ ଶତମୁଖ ହୋଇ ଉଠିଲେ।

ସବୁ ଠିକ୍ ଚାଲିଥିଲା।

ହଠାତ୍ ଦିନେ ମଧୁଚାଷ ବିଭାଗର ଡ଼ାଇରେକ୍ଟର ମନ୍ତ୍ରୀଙ୍କ ପାଖରେ ଫେରାଦ୍ ହେଲେ-

-ସାର୍ ମହୁମାଛିମାନେ ଆଉ ମହୁବାକ୍ସ ପାଖକୁ ଆସୁ ନାହାନ୍ତି।

ନଟବାବୁ ଚମକି ପଡ଼ି ପଚାରିଲେ- ସେମାନେ କଣ ଧର୍ମଘଟ କରିଛନ୍ତି? କାମକୁ ଆସୁ ନାହାନ୍ତି କାହିଁକି? ଉତ୍ପାଦନ କମିଗଲେ ମୋ ଚାକିରୀ ଗୋଲ ହୋଇଯିବ ଯେ!

ଡ଼ାଇରେକ୍ଟର ଗମ୍ଭୀର ହୋଇ କହିଲେ-

-ସାର୍! ଫୁଲ ଗଛରେ ଆଉ ଫୁଲ ରହୁନାହିଁ। ମହୁମାଛିମାନେ ଫୁଲରୁ ମହୁ ସଂଗ୍ରହ ନ କଲେ ମହୁବାକ୍ସ ପାଖକୁ କଅଣ ପାଇଁ ଅବା ଯିବେ?

ନଟବାବୁ ରାଗିଯାଇ କହିଲେ- ଫୁଲଚାଷ ପାଇଁ ଚାଳିଶି ଲକ୍ଷ ଟଙ୍କାର

Digitized by srujanika@gmail.com

ବଜେଟ ହେଲା । ଫୁଲ ଗଛରେ ଫୁଲ ଫୁଟୁ ନାହିଁ କାହିଁକି ?

-ଫୁଲ ଠିକ୍ ଫୁଟୁଛି ସାର୍ । ହେଲେ ଫୁଟା ଫୁଲ ଲୁଟି ହୋଇ ଯାଉଛି ।

ଚୋରାରେ ଟ୍ରକ୍ ଟ୍ରକ୍ ଫୁଲ ଆନ୍ଧ୍ର ଆଉ ତାମିଲନାଡୁ ଚାଲିଯାଉଛି । ତାମିଲ ତନୟା, ତେଲିଙ୍ଗୀ-ଲଳନାଙ୍କର ପ୍ରଧାନ ଅଳଙ୍କାର ହେଲା ଫୁଲ । ଆନ୍ଧ୍ର, ମାନ୍ଦ୍ରାଜର ଚୋରା ବେପାରୀମାନେ ଫୁଲ ଚାଲାଣ କରି ହଜାର ହଜାର ଟଙ୍କା ଲଫା କରୁଛନ୍ତି । ଆମର ଏଣେ ମହୁବାକ୍ସ ଖାଲି ! ଫୁଲ ସିମେଣ୍ଟ, ସାର ଭଳି ଧର୍ତ୍ତବ୍ୟ ପଦାର୍ଥ ହୋଇ ନ ଥିବାରୁ ଚେକ୍‌ପୋଷ୍ଟରେ କେହି ଫୁଲ ଟ୍ରକ୍ ଅଟକାଉ ନାହାଁନ୍ତି -

-ଆପଣ ଫୁଲର ଏ ଚୋରା କାରବାର ବନ୍ଦ କରିବା ପାଇଁ ତୁରନ୍ତ ଏକ ଅର୍ଡ଼ିନାନ୍‌ସ ଜାରୀ କରନ୍ତୁ । ସବୁ ସୀମାନ୍ତବର୍ତ୍ତୀ ଚେକ୍‌ପୋଷ୍ଟକୁ ନିର୍ଦ୍ଦେଶ ପଠାନ୍ତୁ । ଫୁଲ ଟ୍ରକ ସବୁ ଜବତ୍ ହେଉ -

-କିନ୍ତୁ ସାର୍ ! ବାହାରକୁ ଫୁଲ ରପ୍ତାନୀ ବନ୍ଦ କଲେ ସୁଦ୍ଧା ପ୍ରଦେଶ ମଧ୍ୟରେ ଫୁଲ ଚୋରୀକୁ ବନ୍ଦ କରି ହେବ କିପରି ?

-ଆମ ଦେଶରେ କିଏ କାହିଁକି ଫୁଲ ଚୋରୀ କରୁଛି ? - ନଟ ବାବୁ ଚକିତ କଣ୍ଠରେ ପ୍ରଶ୍ନ କଲେ ।

-ସାର୍, ଫୁଲ ହେଲ ଏ ଦେଶରେ ସବୁଠାରୁ ବଡ଼ ଇଣ୍ଡଷ୍ଟ୍ରି । ସମ୍ବର୍ଦ୍ଧନା ସଭାଠାରୁ ମୃତ ବ୍ୟକ୍ତିଙ୍କ ଶବାଧାର ପର୍ଯ୍ୟନ୍ତ ସର୍ବତ୍ର ଫୁଲର ପ୍ରୟୋଜନ । ତା ବ୍ୟତୀତ ଗଣେଶ ପୂଜା, ସରସ୍ୱତୀ ପୂଜା, ଦୁର୍ଗା ପୂଜା, ଲକ୍ଷ୍ମୀପୂଜା, ଖୁଦୁରୁକୁଣୀ ଓଷା, ନାଗଲ ଚଉଠି ଓଷା.....ସବୁଥିରେ ଫୁଲ ଦରକାର । ସମସ୍ତଙ୍କର ଘରେ ଠାକୁର ଅଛନ୍ତି; ସମସ୍ତଙ୍କର ବଗିଚା ନାହିଁ କି ବଗିଚାରେ ଫୁଲଗଛ ନାହିଁ । ଏମାନେ ସମସ୍ତେ-

ମନ୍ତ୍ରୀ ନଟବର ବିଶ୍ୱାଳ ଆଉ ସମ୍ଭାଳି ପାରିଲେ ନାହିଁ । ସେ ଏକ ପ୍ରକାର ଚିତ୍କାର କରି ଉଠିଲେ-

-ଏ ସବୁ ଫୁଲ- ଅପଚୟ ବନ୍ଦ ନ କଲେ ମଧୁ-ଶିଳ୍ପ ମାଡ଼ ଖାଇ ଯିବ । ମୂଲ୍ୟବାନ ବୈଦେଶିକ ମୁଦ୍ରା ଖର୍ଚ୍ଚ କରି ପୁଣି ବିଦେଶରୁ ଚିନି ଆମଦାନୀ କରିବାକୁ ହେବ । ଆପଣ ଆଜି ଆଉ ଗୋଟିଏ ଅର୍ଡ଼ିନାନ୍‌ସ ଜାରୀ କରି ଦିଅନ୍ତୁ ଯେ କେହି ସମ୍ବର୍ଦ୍ଧନା, ଶବ ଶୋଭାଯାତ୍ରା, ପୂଜା ପାର୍ବଣରେ ଗଛର ଫୁଲ ବ୍ୟବହାର କରି ପାରିବେ ନାହିଁ । କଲେ ଏହା ଏକ ଦଣ୍ଡନୀୟ ଅପରାଧ ଭାବରେ ଗଣ୍ୟ ହେବ । ଗଛର ଫୁଲ ବଦଳରେ ଗଛର ଡ଼ାଳ ପତ୍ର, କାଗଜ ଫୁଲ କିମ୍ବା ପ୍ଲାଷ୍ଟିକ୍ ଫୁଲ ଏ ସବୁ କାମରେ ବ୍ୟବହୃତ ହେଉ..........ଅର୍ଡ଼ିନାନ୍‌ସକୁ ଆଇନ୍‌ରେ ପରିଣତ କରିବା ପାଇଁ ଆସନ୍ତା ବିଧାନ ସଭାରେ ମୁଁ ବିଧିବଦ୍ଧ ବିଲ୍ ଆଣିବି ।

ମନ୍ତ୍ରୀଙ୍କ ବୁଦ୍ଧିର ବିଚକ୍ଷଣତା ଲକ୍ଷ୍ୟ କରି ଆଇ.ଏ.ଏସ୍ ସେକ୍ରେଟେରୀଙ୍କ ମୁଣ୍ଡ ଲଜ୍ଜାରେ ତଳକୁ ହୋଇଗଲା । ସେଇଦିନ ବାହାରକୁ ଫୁଲ ନେବା ଉପରେ

Digitized by srujanika@gmail.com

କଟକଣା ଏବଂ ସମ୍ବର୍ଦ୍ଧନା-ଶୋଭାଯାତ୍ରା, ପୂଜାପାର୍ବଣରେ ଗଛର ଫୁଲ ବଦଳରେ କାଗଜ, ପ୍ଲାଷ୍ଟିକ୍ ତିଆରି ଫୁଲ ବ୍ୟବହାର କରିବା ସଂପର୍କରେ ଆଦେଶନାମା ଜାରି ହୋଇଗଲା ।

ପୁଣି ଚାରିଆଡେ ଶୁଣାଗଲା ମହୁ ମାଛିମାନଙ୍କ ଗୁଣୁ ଗୁଣୁ ଗୁଣୁ.... ଚାରିଆଡ଼ ଭରିଗଲା ଫୁଲର ବାସ୍ନାରେ.... କଳିଙ୍ଗୋତ୍କଳ ପ୍ରଦେଶର ଚାରିଆଡେ ଲାଗିଗଲା ମହୁର ଉତ୍ସବ ।

ସବୁ ଠିକ୍ ଚାଲିଥିଲା । ନଟବର ବାବୁଙ୍କ ପତ୍ନୀ ମହୁବାକ୍ସ ତିଆରି କରିବାର କନ୍‌ଟ୍ରାକ୍ଟ ନିଜ ସାନ ଭାଇ ନାମରେ ନେଇ ଅନେକ ଦିନୁ ଅଧାତୋଳା ଘରକୁ ପୂରା କରିବା କାମରେ ମନୋନିବେଶ କରିଥିଲେ ।

ହଠାତ୍ ବିନାମେଘରେ ବଜ୍ରପାତ ।

ମଧୁମେହ ରୋଗ ଚିକିତ୍ସକ ସଂଘର ବାର୍ଷିକ ଅଧିବେଶନ ଉଦ୍‌ଘାଟନ କରିବାକୁ ଯାଇଥିଲେ ମୁଖ୍ୟମନ୍ତ୍ରୀ ଗଦାଧରବାବୁ । ତାଙ୍କୁ ଫୁଲମାଳ ବଦଳରେ ପତ୍ରମାଳ ଉଦ୍ୟୋକ୍ତାମାନେ ପିନ୍ଧାଇ ଦେବାମାତ୍ରେ ସେ ଅପମାନିତ ହୋଇ ଶକ୍ତିଶାଳୀ ଚଷମା କାଚ ଉତୁଆଳରୁ ମଧୁମେହ ଚିକିତ୍ସକମାନଙ୍କୁ କର୍କଶ ଦୃଷ୍ଟିରେ ଅନେଇ ରହିଲେ ।

ସଂଘର ସଭାପତି ଡକ୍ଟର ସାସମଲ ବାବୁ ବଡ଼ ଅପରାଧୀଟି ଭଳି ମୁଖ୍ୟମନ୍ତ୍ରୀଙ୍କ କାନପାଖରେ କହିଲେ - ସମ୍ବର୍ଦ୍ଧନା ସଭାରେ ଫୁଲ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ମନ୍ତ୍ରୀ ନଟବର ବାବୁ ଫତୁଆ ଜାରି କରିଛନ୍ତି । ତେଣୁ ଫୁଲମାଳ ବଦଳରେ ଗଛତାଳ ଦେଇ ସମ୍ବର୍ଦ୍ଧନା କାର୍ଯ୍ୟ ସମ୍ପାଦନ କରାଯାଉଛି ସାର୍ ।

ଫୁଲମାଳ ବଦଳରେ ଗଛତାଳ ।

ସେ ନର ନା ବାନର !

ସମ୍ବର୍ଦ୍ଧନା ସଭାରୁ ଫେରି ମନ୍ତ୍ରୀ ମଣ୍ଡଳରୁ ନଟବର ବାବୁଙ୍କୁ ବରଖାସ୍ତ କରାଯାଇଥିବା ସୁପାରିଶ ପତ୍ର ରାଜଭବନକୁ ପଠାଇ ଦେଲେ ମୁଖ୍ୟମନ୍ତ୍ରୀ ।

ମନୋରମାଙ୍କ ଅଧାତୋଳା ଘର ତିଆରି ଅସଂପୂର୍ଣ୍ଣ ରହିଗଲା । ବନ୍ଦ ହୋଇଗଲା ମହୁମାଛିମାନଙ୍କ ମଧୁଗୁଞ୍ଜନ !

Digitized by srujanika@gmail.com

ଅଳୀକ ସ୍ୱପ୍ନ

ଆଜିକାଲି ସୁଧାମୟ ଖୁବ୍ ମିଠା ମିଠା ସ୍ୱପ୍ନ ଦେଖେ; ଦିବା ସ୍ୱପ୍ନ ନୁହେଁ; ଗହନ ନିଦରେ ନିଦ୍ରା ଅଚେତନ ଅବସ୍ଥାରେ ସ୍ୱପ୍ନର ସେଇ ପରୀ କନ୍ୟାମାନେ ଝରିର ଜର୍ଜେଟ୍ ପିନ୍ଧି ତାର ସ୍ୱପ୍ନର ଇଲାକାକୁ ଓହ୍ଲାଇ ଆସନ୍ତି।

କିନ୍ତୁ ସ୍ୱପ୍ନର ସମାପ୍ତି ନାହିଁ।

ଅସମାପ୍ତ ଅବସ୍ଥାରେ ହିଁ ସ୍ୱପ୍ନ ଶେଷ ହୋଇଯାଏ। ନିଦ ଭାଙ୍ଗିଯାଏ। ଦେହରେ ଶିହରଣ ଖେଳିଯାଏ। ଅବଶୋଷରେ ମନ ହାହାକାର କରିଉଠେ। ଆହା! ସ୍ୱପ୍ନର ଶେଷ କଥାଟା ଜାଣିବା ଆଗରୁ ନିଦ ଭାଙ୍ଗିଗଲା!

ସେ ଆଉଥରେ ଆଖିବୁଜି ଅସମାପ୍ତ ସ୍ୱପ୍ନକୁ ଦେଖିବାକୁ ଚେଷ୍ଟା କରେ। ଆଖି ବୁଜି ହୋଇଥାଏ; କିନ୍ତୁ ସ୍ୱପ୍ନର ପୁନରାବୃତ୍ତି ଘଟେ ନାହିଁ।

ଭାଇ, ଭାଉଜ, ମାଆ କିମ୍ବା ମମତାକୁ ସେ ସ୍ୱପ୍ନର ବିବରଣୀ ଦିଏ ନାହିଁ। ସେମାନେ କେହି ସେ ସବୁ ବିଶ୍ୱାସ କରନ୍ତେ ନାହିଁ। ସାନ ଭଉଣୀ ମମତା ତ ତାକୁ ପରିହାସ କରି କହେ - ବେକାର ଇଞ୍ଜିନିୟରର ସ୍ୱପ୍ନ ଦେଖିବା ବ୍ୟତୀତ ସାନ୍ତ୍ୱନା ପାଇଁ ଆଉ ଅବା ଅଧିକ ଉପାଦେୟ ଜିନିଷ କଣ ଥାଇ ପାରେ?

ମମତାର ପରିହାସ ତାକୁ ବାଧେ ନାହିଁ। କାରଣ ସେ ଜାଣେ, ଇଂଜିନିୟରିଂ ପାଶ୍ କରି ଦୁଇବର୍ଷ ହେଲା ଚାକିରୀ ପାଇ ନଥିଲେ ମଧ୍ୟ ସବୁଦିନେ ସେ ବେକାର ନଥିବ। ତାଙ୍କ ଆଗ ବ୍ୟାଚ୍‌ର ପିଲାମାନେ ଏ ବର୍ଷ ଚାକିରୀ ପାଇ ଯାଇଛନ୍ତି। ଆସନ୍ତା ବର୍ଷ ସେମାନଙ୍କ ପାଳି।

ସେ ମମତାକୁ ଚିଡ଼ାଇବାକୁ କହେ - ମତେ ଚାକିରି ମିଳି ନାହିଁ; ଆଉ ତତେ କଣ ବର ମିଳୁଛି? କେତେ ବୟସ ହେଲା? ଏକୋଇଶି! ଝିଅମାନେ ତ କୋଡ଼ିଏ ବର୍ଷରେ ବୁଢ଼ୀ!

ମମତା ମଧ୍ୟ କାଉଁରିଆ କାଠି, ଭାଙ୍ଗି ଯିବ ପଛେ ନଇଁବ ନାହିଁ।

ସେ ତାକୁ ମୁହେଁ ମୁହେଁ ଶୁଣାଇ ଦିଏ -

- ବର ମିଳୁନାହାନ୍ତି ମାନେ! ବାବା ରିଟାୟାର୍ଡ କଲାପରେ ବଡ଼ ଭାଇଙ୍କ

Digitized by srujanika@gmail.com

ଚାକିରୀ ଟଙ୍କାରେ ସଂସାର ଚଳୁଛି। ତୁ ଚାକିରୀ କଲେ ମୋ' ବାହାଘର ହେବ ବୋଲି ବାବା କହି ରଖିଛନ୍ତି। ପାତ୍ରମାନେ ବରବେଶ ହୋଇ ଅପେକ୍ଷା କରି ବସିଛନ୍ତି। ତୁ ବାହାଘର ପାଇଁ ଟଙ୍କା ଦେଉନୁ ?

ସୁଧାମୟ ହାର୍ ମାନି ଯାଏ।

କହେ - ଠିକ୍ ଅଛି। ସବୁ ଠିକ୍ ହୋଇଯିବ। ମୋର ଚାକିରୀ, ତୋର ବାହାଘର ସବୁ ଆରବର୍ଷ ଏକାଥରେ -

ତାର ଚାକିରୀ ଉପରେ କେବଳ ମମତାର ବାହାଘର ନୁହେଁ; ତାର ନିଜର ବିବାହ ମଧ୍ୟ ନିର୍ଭର କରୁଛି।

ସୁଦୀପ୍ତା ସହିତ ତାର ବହାଘର ହେବା କଥା ସେ ଥାର୍ଡ ଇୟରରେ ପଢୁଥିବା ବେଳୁ ହିଁ ଠିକ୍ ହୋଇ ରହିଛି। ସେ ଇଞ୍ଜିନିୟରିଂ ପାଶ୍ କଲାପରେ ସୁଦୀପ୍ତାର ବାପା ଶୁଭକାମ ସାରି ଦେବା ପାଇଁ ଜିଦ୍ ଧରିଥିଲେ।

ସୁଧାମୟ ନିଜେ ରାଜି ହୋଇ ନାହିଁ।

ବେକାର ଥାଇ ବାହାହେଲେ, ସ୍ତ୍ରୀକୁ ସିନେମା ଦେଖାଇ ନେବାଲାଗି ଭାଉଜଙ୍କ ପାଖରେ ହାତ ପାତିବାକୁ ହେବ; ଏକଥା ଭାବିବା ମାତ୍ରେ ବିବାହ ବଦଳରେ ବୈରାଗ୍ୟ ତାର ମନକୁ ଏକ ଗେରୁଆ ରଂଗରେ ରଂଜିତ କରି ଦିଏ। ତାର ନୀଳ ନୀଳ ସ୍ୱପ୍ନ ସବୁ ସୋରିଷ ଫୁଲଭଳି ହଳଦିଆ ଦେଖାଯାଏ।

ଅନ୍ୟମାନଙ୍କ ଭଳି ଚାକିରୀ ପାଇନାହିଁ ବୋଲି ସେ ନିଜକୁ ଅସୁସ୍ଥ ମନେ କରେ ନାହିଁ। ସରକାରଙ୍କୁ ଦାୟୀ କରି ଗାଳି ଦିଏ ନାହିଁ। ତାର ଧାରଣା ଆଜି ନହେଲେ ବି କାଲି ତାକୁ ଚାକିରୀ ମିଳିଯିବ। ଭାରତବର୍ଷ ଭଳି ଅନୁନ୍ନତ ଦେଶରେ ଇଂଜିନିୟରମାନେ ବେଶୀ ଦିନ ବେକାର ରହନ୍ତି ନାହିଁ।

ସେଥିପାଇଁ ସେ ନିୟମିତ ସ୍ୱପ୍ନ ଦେଖିଯାଏ। ଅନ୍ୟମାନଙ୍କ ଭଳି ସ୍ୱପ୍ନ ସବୁ ତାର ଅଳୀକ ମନେ ହୁଅନ୍ତି ନାହିଁ। ପ୍ରତି ସ୍ୱପ୍ନର ତାତ୍ପର୍ଯ୍ୟ ବୁଝିବା ପାଇଁ ସେ ଅନ୍ୟମାନଙ୍କୁ ସ୍ୱପ୍ନର ଧାରା ବିବରଣୀ ଶୁଣାଏ।

ଦିନେ କଲେଜ କାଣ୍ଟିନ୍‌ରେ ସୁଦୀପ୍ତା ସହିତ ଚା' ଖାଉଥିବାବେଳେ ସେ କହିଲା - ଜାଣ, କାଲି ରାତିରେ ସୁନୀଲ ଗାଭାସ୍କରଙ୍କ ସହ ମୋର ଦେଖା ହେଲା। କେଉଁଠି କହନା ! ହାଁ - କଲିକତା ଇଡ଼େନ୍ ଗାର୍ଡ଼ନ୍‌ରେ....ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ୍ ଟିମ୍ ବିରୁଦ୍ଧରେ ଦିନିକିଆ ମ୍ୟାଚ୍ ଆରମ୍ଭ ହେବାର ଠିକ୍ ପୂର୍ବଦିନ। ମ୍ୟାଚ୍ ଦେଖିବାକୁ ମୁଁ କଲିକତା ଯାଇଥିଲି। କିନ୍ତୁ ଠୋରେ ପହଞ୍ଚି ଶୁଣିଲି ସବୁ ଟିକେଟ୍ ବିକ୍ରୀ ହୋଇଯାଇଛି। ବ୍ଲାକ୍‌ରେ ମଧ୍ୟ ଟିକେଟ ମିଳିବା ଅସମ୍ଭବ। କ'ଣ କରାଯାଇ ପାରିବ ?

ମୋର ଯେଉଁ ସାଂଗ ମତେ ନିଶ୍ଚୟ ଟିକେଟ୍ କିଣିଦେବେ ବୋଲି କହିଥିଲେ, ସେ ଟିକେଟ ନ ପାଇ ଲଜ୍ଜାରେ ମୋ ମୁହଁକୁ ଚାହିଁପାରୁ ନ ଥାନ୍ତି। ମୁଁ ତାଙ୍କୁ ସାନ୍ତ୍ୱନା ଦେବାପାଇଁ କହିଲି - କାଲି ତ ଟି.ଭି.ରେ କ୍ରିକେଟ୍ ମ୍ୟାଚ୍ ଦେବ...ତମ

Digitized by srujanika@gmail.com

ଡ୍ରଇଂ ରୁମ୍‌ରେ ବସି ଆରାମ୍‌ରେ ମ୍ୟାଚ୍ ଦେଖିବା...ଆଜି ଚାଲ୍ - ଇଣ୍ଡିଆନ୍ ଟିମ୍‌ର ହିରୋମାନଙ୍କୁ ଗ୍ରାଣ୍ଡ ହୋଟେଲ୍‌ରେ ସ୍ୱଚକ୍ଷୁରେ ଦେଖି ଆସିବା।

କିନ୍ତୁ ଆମେ ଚୌରଙ୍ଗୀର ଗ୍ରାଣ୍ଡ୍‌ରେ ପହଞ୍ଚିଲା ବେଳକୁ ନେଟ୍ ପ୍ରାକ୍‌ଟିସ୍ କରିବା ପାଇଁ ଇଣ୍ଡିଆନ୍ ଟିମ୍ ଇଡେନ୍‌ରେ...ପୁଣି ଗୋଟାଏ ଟାକ୍ସି କରି ଛୁଟିଲୁ କ୍ରିକେଟ୍ ପ୍ରେମୀମାନଙ୍କ ମକ୍କା ମଦିନା ଇଡେନ୍ ଗାର୍ଡେନ୍‌କୁ....

ସୁଦୀପ୍ତା ମଝିରେ ବାଧାଦେଇ କହିଲା -

- ଇଡେନ୍‌ରେ ପହଞ୍ଚିବା ଆଗରୁ ଚା’ ପିଇନିଅ। ଥଣ୍ଡା ହୋଇଯାଉଛି। ଥଣ୍ଡା ଚା’ଠାରୁ ବଳି ଅରୁଚିକର ପାନୀୟ ଆଉ କିଛି ନାହିଁ।

ଧୀରେ ଧୀରେ ଢୋକେ ଢୋକେ ନୁହେଁ; ଏକାଦମ୍‌ରେ ଚା’-କପ୍ ଖାଲି କରିଦେଲା ସୁଧାମୟ।

ତା’ପରେ ଖୁବ୍ ଉଲ୍ଲସିତ କଣ୍ଠରେ କହିଲା -

- ଶୁଣ, ତା’ପରେ ଏକ ଅବିଶ୍ୱାସ୍ୟ ଘଟଣା ଘଟିଲା। ମୋ ବଙ୍ଗାଳୀ ବନ୍ଧୁ ସୁନୀଲ ଗାଭାସ୍କରଙ୍କ ସହ ମୋର ପରିଚୟ କରାଇ ଦେଲାମାତ୍ରେ ସେ ମୋ ହାତକୁ ଚାପି ଧରିଲେ - କହିଲେ - ଆପଣ ଓଡ଼ିଶାର ସୁଧାମୟ ଦାସ! ମୁଁ ଆପଣଙ୍କୁ ମନେ ମନେ ଖୋଜୁଥିଲି। ଆଜି ନେଟ୍ ପ୍ରାକ୍ଟିସ୍ ଚାଲିବେଳେ କପିଳଦେବଙ୍କ ଡାହାଣ ହାତ ଆଙ୍ଗୁଠିରେ ଚୋଟ ଲାଗିଛି.... କାଲି ସକାଳ ସାଢ଼େ ନଅରେ ୱାନ୍ ଡେ ମ୍ୟାଚ୍ ଆରମ୍ଭ..... ଆପଣଙ୍କୁ କାଲି କପିଳଙ୍କ ବଦଳରେ ବୋଲିଂ କରିବାକୁ ହେବ... ମୁଁ ଫାଇନାଲ୍ ଇଲେଭନ୍‌ରେ ଆପଣଙ୍କ ନାମ....

ସୁଧାମୟ କଥା ଶେଷ ନ କରି ସୁଦୀପ୍ତା ମୁହଁକୁ ଅନେଇଲା।

ସୁଦୀପ୍ତା ହସୁଥିଲା।

- ତମେ ବର୍ତ୍ତମାନ ହସୁଛ...କିନ୍ତୁ ସୁନୀଲଙ୍କ କଥା ଶୁଣି ସେତେବେଳକୁ ମୋ ପାଦତଳୁ ମାଟି ଖସି ଯାଉଥିଲା। ମୋର ସେ ବଙ୍ଗାଳୀ ବନ୍ଧୁ ପଛରୁ ଧରିପକାଇ ନ ଥିଲେ ମୁଁ ପଡ଼ିଯାଇ ଥାଆନ୍ତି।

- ଶେଷରେ କ’ଣ ତମେ ରାଜି ହେଲ?

ସୁଦୀପ୍ତାର ପ୍ରଶ୍ନ ଶୁଣି ସୁଧାମୟ ମଧ୍ୟ ହସି ଉଠିଲା।

ଚାପା କଣ୍ଠରେ କହିଲା - ମୁଁ ରାଜି ହେଉ ନ ଥିଲି। ମୋର ବଙ୍ଗାଳୀବନ୍ଧୁ ମତେ ରାଜି କରାଇ ଦେଲେ। ବ୍ଲାକ୍‌ରେ ସୁଦ୍ଧା ମ୍ୟାଚ୍ ଦେଖିବା ପାଇଁ ଟିକେଟ୍ ମିଳୁ ନ ଥିଲା। ଯଦି କପିଳଦେବଙ୍କ ବଦଳରେ ମୁଁ ବୋଲିଂ କରିବାକୁ ରାଜି ହୋଇଯାଏ, ବିନା ଟିକେଟ୍‌ରେ ତା’ହେଲେ...

କ୍ୟାଣ୍ଟିନ୍‌ର ବିଅରର ଆଦି ସେତିକିବେଳେ ପ୍ରଶ୍ନ କଲା - ସାର୍! ଆଉ କିଛି?

ସୁଦୀପ୍ତା ଦୁଇଟା ମାଂସ କଟଲେଟ୍‌ର ବରାଦ ଦେଲା। ପ୍ରଶ୍ନ କଲା - ତା’ପରେ କ’ଣ ହେଲା?

Digitized by srujanika@gmail.com

- ତା'ପରେ କ୍ୟାପ୍ଟେନ୍ ଗାଭାସ୍କର ମୋ ହାତକୁ ସେ ଲାଲ୍ ରଂଗର ବଲ୍ ବଢ଼ାଇ ଦେଇ କହିଲେ - ଉଇସ୍ ୟୁ ଗୁଡ୍ ଲକ୍... ବଲ୍ ହାତରେ ଧରିବା ମାତ୍ରେ ମୋ ଦେହ ଝାଳେଇବାକୁ ଲାଗିଲା.... ଇଡେନ୍ ଭର୍ତ୍ତି ଦର୍ଶକ...ସତୁରି, ଅଶି ହଜାର ଲୋକ.... ସମସ୍ତଙ୍କ ଆଖି ମୋ ଉପରେ... ମୁଁ ସାମ୍ନାକୁ ଚାହିଁଲି...ଦୈତ୍ୟ ଭଳି ଦୁଇଜଣ ଓ୍ୱେଷ୍ଟ ଇଣ୍ଡିଆନ୍ ଓପନିଂ ବ୍ୟାଟ୍ସମ୍ୟାନ୍ ବ୍ୟାଟ୍ ଧରି ଠିଆ ହୋଇଛନ୍ତି....ବ୍ୟାଟ୍ ତ ନୁହେଁ ବନ୍ଧୁକ !

ସୁଧାମୟ ସ୍ୱପ୍ନ ବିବରଣୀକୁ ଖୁବ୍ ଉପଭୋଗ କରୁଥିବା ଭଳି ଉତ୍ସାହିତ ହୋଇ ସୁଦୀପ୍ତା ପଚାରିଲା -

- ତା'ପରେ ?

- ତା'ପରେ ? ସତୁରି ହଜାର ଉତ୍କଣ୍ଠିତ ଦର୍ଶକମାନଙ୍କ କଳରୋଳ..ଶଙ୍ଖ, କାହାଳୀ ଧ୍ୱନି...,ସବୁ ଭିତରେ ମୁଁ କେବଳ ବଲ୍‌କୁ ଝାଳ ଲଗାଇ ପାଲିସ୍ କରୁଥାଏ, ଆଉ ଅନୁଭବ କରୁଥାଏ ମତେ ଜ୍ୱର ଆସି ଯାଇଛି....୧୦୪ ଡିଗ୍ରୀ ଉତ୍ତାପ ମୋ ଦେହରେ...ମୁଁ ସେଇ ଅବସ୍ଥାରେ ଦୌଡ଼ ଆରମ୍ଭ କରିଦେଲି -

- ତା'ପରେ ?

- ତା'ପରେ ଆଉ କ'ଣ ? ନିଦ ଭାଙ୍ଗିଗଲା। ମୁଁ ବଞ୍ଚିଗଲି। ସ୍ୱପ୍ନ ଅଧା ରହିଗଲା।

ବିଅରର ମାଂସ କଟଲେଟ୍ ନେଇ ଆସିଲା। କଣ୍ଟା ସାହାଯ୍ୟରେ କଟଲେଟ୍‌ରୁ ଗୋଟିଏ ଖଣ୍ଡ ଉଠାଇ ନେଲା ବେଳେ ସୁଧାମୟ ପଚାରିଲା - ଏଭଳି ଏକ ଅସମ୍ଭବ ସ୍ୱପ୍ନ ଦେଖିବାର ମାନେ କ'ଣ ଦୀପା ! ମୁଁ ତ କେବେ କପିଳଦେବଙ୍କ ଭଳି ଫାଷ୍ଟ ବୋଲର୍ ହେବାର କଳ୍ପନାକୁ ମନରେ ସ୍ଥାନ ସୁଦ୍ଧା ଦେଇ ନାହିଁ।

ସୁଦୀପ୍ତା କହିଲା - ସଂସାରରେ ଅସମ୍ଭବ କିଛି ନାହିଁ - ତମର ଏ ଗଭୀର ଆତ୍ମ ପ୍ରତ୍ୟୟ ଭିତରୁ ଏ ସ୍ୱପ୍ନର ଜନ୍ମ...ତମଠାରୁ କେତେ ଅଯୋଗ୍ୟ ଅକ୍ଷମ ଲୋକ ଚାକିରୀ ପାଇ ଯାଉଛନ୍ତି। ତମେ ପାଉନାହଁ କାହିଁକି ?

ସୁଦୀପ୍ତାର ହାତ ଉପରେ ହାତ ରଖି ସୁଧାମୟ କହିଲା - ପାଇବି, ପାଇବି ଦୀପା ! ମତେ କିଛି ଦିନ ସମୟ ଦିଅ।

- କେତେ ଦିନ ? ବାବା ଅଥୟ ହେଲେଣି। ପ୍ରତିଦିନ ଗୋଟାକ ପରେ ଗୋଟାଏ ପ୍ରସ୍ତାବ ଆସିବାରେ ଲାଗିଛି। ତମେ ମୋର ଦୟନୀୟ ଅବସ୍ଥା ବୁଝୁନାହଁ କାହିଁକି ?

- ସବୁ ବୁଝୁଛି, ମତେ ଆଉ ଗୋଟାଏ ବର୍ଷ ସମୟ ଦିଅ - ଆଉ ମାତ୍ର ଗୋଟାଏ ବର୍ଷ -

ସୁଧାମୟର କଥା ସୁଦୀପ୍ତାକୁ ଶୁଣା ଯାଉଥିଲା କୌଣସି କ୍ରନ୍ଦନ ଅଭିନେତାର ଉଚ୍ଚାରିତ ସଂଳାପ ଭଳି।

Digitized by srujanika@gmail.com

ତା'ପରେ ଆଉ ଗୋଟାଏ ବର୍ଷ ମଧ୍ୟ ବିତିଗଲା । ଇଣ୍ଟରଭ୍ୟୁ ପରେ ଇଣ୍ଟରଭ୍ୟୁ ଦେଇ କ୍ଲାନ୍ତ ହୋଇଗଲା ସୁଧାମୟ । କିନ୍ତୁ ସ୍ୱପ୍ନ ଦେଖା ତା'ର ଶେଷ ହେଲା ନାହିଁ ।

ସେ ସ୍ୱପ୍ନ ଦେଖିଲା - ପୃଥିବୀର ଶ୍ରେଷ୍ଠ ଚିତ୍ରକର ଭାବରେ ତା'ର ଛବି ଛପା ହୋଇଛି ଆମେରିକାନ୍ ନିଉଜ୍ ମାଗାଜିନ୍ ସାପ୍ତାହିକ 'ଟାଇମ୍'ର ପ୍ରଚ୍ଛଦ ପୃଷ୍ଠାରେ । ତା'ର ଆନ୍ତର୍ଜାତିକ ଖ୍ୟାତି ପାଇଁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ତାକୁ ଅଭିନନ୍ଦନ ଜଣାଉଛନ୍ତି । ଆଉ କେବେ ସ୍ୱପ୍ନ ଦେଖିଲା -

ସୁଦୀପ୍ତା ଦିନେ ତା'ର ସ୍ୱପ୍ନର ଧାରାବିବରଣୀ ଶୁଣୁ ଶୁଣୁ ପ୍ରଶ୍ନ କଲା - ଆଚ୍ଛା, ତମେ ଏତେ ପ୍ରକାର ସ୍ୱପ୍ନ ଦେଖ - ମୁଁ କେବେ ତମର ସ୍ୱପ୍ନର ସୀମା ସ୍ପର୍ଶ କରେ ନାହିଁ କାହିଁକି ?

ଲଜ୍ଜାରେ ଅଧୋବଦନ ହୋଇ ସୁଧାମୟ ଉତ୍ତର ଦେଇଥିଲା - ତମକୁ ନେଇ ମୁଁ ଯେଉଁ ସ୍ୱପ୍ନ ଦେଖେ, ସେ କଥା ମୁହଁ ଖୋଲି କହିପାରେ ନାହିଁ । ଲଜ୍ଜା ଲାଗେ । ତମେ ଯଦି ଚାହଁ - ଏଇ ମୁହୂର୍ତ୍ତରେ ମୁଁ ତାହା କହିପାରେ -

ସୁଧାମୟର ବାହୁ ମୂଳକୁ ଚିମୁଟି ଦେଇ ସୁଦୀପ୍ତା ମନ୍ତବ୍ୟ କଲା - ଥାଉ ଥାଉ । ତମେ ନ କହିଲେ ବି ମୁଁ ତମ ସ୍ୱପ୍ନର ବିଷୟବସ୍ତୁ ଅନୁମାନ କରିପାରୁଛି । ସ୍ୱପ୍ନ କେବେ ବାସ୍ତବ ହେବ - ସେ'କଥା ମତେ କୁହ ।

ସ୍ୱପ୍ନ ଦେଖିବାକୁ ଟ୍ୟାକ୍ସ ଲାଗେ ନାହିଁ । କିନ୍ତୁ ସ୍ୱପ୍ନ ସଫଳ କରିବାକୁ ହେଲେ ହାଡ଼ରୁ ମାଂସ ଝରିପଡ଼େ ।

ନୀରବ ରହେ ସୁଧାମୟ ।

ସୁଦୀପ୍ତା ଜିଜ୍ଞାସର ସଠିକ୍ ଉତ୍ତର ସେ ଦେଇପାରେ ନାହିଁ ।

କ୍ୟାଲେଣ୍ଡରର ପୃଷ୍ଠା ଓଲଟିଯାଏ ।

ଚାକିରୀ ପାଇବାର ସ୍ୱପ୍ନ ଗୋଟାକ ପରେ ଗୋଟାଏ ଇଣ୍ଟରଭ୍ୟୁରେ ଫେଲ୍ ମାରିବା ପରେ ସୁଧାମୟ ନିଜକୁ ବଡ଼ ଅପଦାର୍ଥ ବୋଲି ସନ୍ଦେହ କରେ ।

ସେ ଅନୁଭବ କରେ ସୁଦୀପ୍ତା କ୍ରମେ କ୍ରମେ ତା' ପ୍ରତି ଆକର୍ଷଣ ହରାଇ ବସୁଛି । ତା ସହିତ ଦେଖା କରିବାକୁ ଆଗଭଳି ବାରମ୍ବାର ଆଗ୍ରହ ପ୍ରକାଶ କରୁନାହିଁ । ଦେଖା ହେଲେ କେମିତି ଅନ୍ୟମନସ୍କ ରହୁଛି ।

ତାର ସ୍ୱପ୍ନର କାହାଣୀ ଶୁଣିବା ପାଇଁ ଆଗଭଳି ଉତ୍କଣ୍ଠ ହୋଇ ରହୁ ନାହିଁ ।

ଦିନେ ଗୋଟାଏ ଅଶୁଭ ସ୍ୱପ୍ନ ଦେଖି ସୁଧାମୟ ଚମକି ଉଠିଲା ।

ନିଦ ଭାଙ୍ଗିଗଲା ପରେ ସେ ସ୍ୱପ୍ନ କଥା ଭାବି ସେ ଆଉ ଶୋଇ ପାରିଲା ନାହିଁ ।

ତା' ଆରଦିନ ସକାଳୁ ସକାଳୁ ସୁଦୀପ୍ତା ସହିତ ଦେଖା କରିବା ପାଇଁ

Digitized by srujanika@gmail.com

ସେ ଛୁଟିଗଲା।

-ଦୀପା ! କାଲି ରାତିରେ ଗୋଟାଏ ବାଜେ ସ୍ୱପ୍ନ ଦେଖିଲି।

ଦୀପା ନିର୍ଲିପ୍ତ ଭାବରେ ପଚାରିଲା - କି ସ୍ୱପ୍ନ ?

ମୁହଁରୁ ଝାଳ ପୋଛି ସୁଧାମୟ କହିଲା -

-ସ୍ୱପ୍ନଟା ତମକୁ ନେଇ। ତମ ସହିତ ମୁଁ କାଶ୍ମୀର ବୁଲି ଯାଇଛି। ମୋଗଲ ଗାର୍ଡେନ୍‌ରେ ବୁଲିଲାବେଳେ ହଠାତ୍ ଜଣେ ପାକିସ୍ତାନୀ ଉପଗ୍ରବାଦୀ ତମକୁ ଜୋର୍‌କରି ଟାଣି ନେଇଗଲା। ମୁଁ ବାଧା ଦେଲାବେଳେ ସେ ବନ୍ଧୁକ ନଳୀ ଦେଖାଇ ହି - ହି - ହି ହସି ଉଠିଲା -

-ତାପରେ ?

-ତାପରେ ମୁଁ ଛାତି ଦେଖାଇ ସେ ଉଗ୍ରପନ୍ଥୀକୁ କହିଲି, ମତେ ଗୁଳି ମାରିଦିଅ, କିନ୍ତୁ ଦୀପାକୁ ଛାଡ଼ିଦିଅ -

-ତାପରେ ସେ ଲୋକଟା ଶୂନ୍ୟକୁ ଗୋଟାଏ ରାଉଣ୍ଡ ଗୁଳି ଫାୟାର କରି ତମକୁ ନେଇ ଭାରତ ସୀମାନ୍ତ ପାର ହୋଇଗଲା -

କଥା ମଝିରେ ହଠାତ୍ ଅଟକି ଗଲା ସୁଧାମୟ। ସୁଦୀପ୍ତାର ମୁହଁ ଶୁଖିଯାଇଛି। ଆଖିରେ ଟଳ ମଳ ଲୁହ।

ସେ ସୁଦୀପ୍ତାର କାନ୍ଧ ଉପରେ ହାତ ରଖି କହିଲା - ଏଇଟା ସ୍ୱପ୍ନର କଥା ଦୀପା ! ସ୍ୱପ୍ନର କଥା ସତ୍ୟ ହୁଏ ନାହିଁ। ତମେ ଅଯଥା ମନ ଖରାପ କରୁଛ କାହିଁକି ?

ସୁଦୀପ୍ତା ଧୀରେ ଧୀରେ ସୁଧାମୟର ହାତ ନିଜ କାନ୍ଧରୁ ଖସାଇ ଦେଲା। ତା' ପାଖରୁ ସାମାନ୍ୟ ଦୂରକୁ ଘୁଞ୍ଚିଯାଇ କହିଲା - ଏ ସ୍ୱପ୍ନର କଥା କିନ୍ତୁ ଅଳୀକ ନୁହେଁ; ସତ୍ୟ। କୌଣସି ଉଗ୍ରପନ୍ଥୀ ନୁହେଁ, ଜଣେ ସିରମତି ଡାକ୍ତରଙ୍କ ସହ ମୋର ବାହାଘର ସ୍ଥିର ହୋଇ ଯାଇଚି। ଏଇ ଦେଖ - ମତେ ସେମାନେ କାଲି ମୁଦି ପିନ୍ଧାଇ ଦେଇ ଯାଇଛନ୍ତି -

ସୁଦୀପ୍ତା ମୁଦି ଦେଖାଇଲା।

ତାର ସରୁ ସରୁ ଚମ୍ପାକଳି ଭଳି ଆଙ୍ଗୁଠିରେ ଚିକ୍ ଚିକ୍ କରୁଥିଲା ଗୋଟିଏ ପଥର ବସା ସୁନା ମୁଦି !

ମୁଦିଟି ମନେ ହେଉଥିଲା ସ୍ୱପ୍ନରେ ଦେଖା ଉଗ୍ରପନ୍ଥୀର ଜ୍ୱଳନ୍ତ ଆଖି ଭଳି !

ସୁଧାମୟ କଥା କହିବାକୁ ଚେଷ୍ଟା କଲା। ପାରିଲା ନାହିଁ। ଶୋଷରେ ତଣ୍ଟି ତାର ଅଠା ଅଠା ହୋଇ ଯାଉଥିଲା; ଜିହ୍ୱା ଜଡ଼ !

ଭୟଙ୍କର କୌଣସି ସ୍ୱପ୍ନ ଦେଖି ନିଦ ଭାଙ୍ଗିଗଲା ପରର ଅବସ୍ଥା ଭଳି !

Digitized by srujanika@gmail.com

ସ୍ୱାମୀ - ସ୍ତ୍ରୀ

ସ୍ୱାମୀଙ୍କ ଶାର୍ଟ ଲଣ୍ଡ୍ରିକୁ ପଠାଇବା ଆଗରୁ ଶାର୍ଟ ପକେଟ ତନ୍ନ ତନ୍ନ କରି ଦେଖି ନିଏ ଶ୍ରୀମୟୀ। କାଳେ ପକେଟରେ କୌଣସି ଦରକାରୀ କାଗଜ ପତ୍ର କିମ୍ବା ଟଙ୍କା ରହି ଯାଇଥିବ - ଏଇ ଆଶଙ୍କାରେ। ଏ ସବୁ ବିଷୟରେ ଖୁବ୍ ଖାମଖିଆଲି ସଦାନନ୍ଦ। ଥରେ ଅସାବଧାନତା ଯୋଗୁଁ ଗୋଟାଏ ଶହେ ଟଙ୍କିଆ ନୋଟ୍ ଶାର୍ଟ ସହିତ କଚ୍ଚା ହୋଇ ଯାଇଥିଲା।

ସେ ଦିନ କିନ୍ତୁ ସ୍ୱାମୀଙ୍କ ପକେଟରେ ଟଙ୍କା ନ ଥିଲା। ଥିଲା ଛୋଟ ଖଣ୍ଡେ ଭଙ୍ଗା ଭଙ୍ଗି ହୋଇଥିବା କାଗଜ। ସେ କାଗଜରେ ସବୁଜ ରଂଗର ସ୍ୟାହିରେ ଲେଖା ହୋଇଥିଲା - ତିନି ଦିନ ହେଲା ଆମ ଘରକୁ ଆସି ନାହାଁନ୍ତି। ମନ ଛଟପଟ ହେଉଛି। ମୋ ଉପରେ ରାଗିଛନ୍ତି? ଆପଣଙ୍କ ବନ୍ଧୁ ଗତ କାଲିଠାରୁ ବ୍ୟବସାୟ କାମରେ କଲିକତା ଚାଲି ଯାଇଛନ୍ତି। ମୁଁ ଏକାକିନୀ ଘରେ ବସି ବୋର୍ ହେଉଛି। ପ୍ଲିଜ୍, ଆଜି ରାତିରେ ନିଶ୍ଚୟ ଆସିବେ, ମୁଁ ଅପେକ୍ଷା କରି ରହିଥିବି। ରାତ୍ରି ଭୋଜନ ଶେଷ କରି ଘରକୁ ଫେରିବେ। - ଗୀତା।

ଚିଠି ପଢ଼ି ସାରିଲାବେଳକୁ ଦୁଃଖ, ଲଜ୍ଜା ଓ ଅପମାନରେ ଗୋଟି ସୁନ୍ଧା ଥରୁ ଥିଲା ଶ୍ରୀମୟୀ। ଏକ ଅସହ୍ୟ ଜ୍ୱାଳାରେ ତାର ସ୍ନାୟୁଗ୍ରନ୍ଥି ସବୁ ଲୋଟାକୋଟା ହୋଇ ଯାଉଥିଲା।

କାଲି ରାତିରେ ଅନେକ ବିଳମ୍ବରେ ଫେରିଥିଲେ ସଦାନନ୍ଦ। ଅଫିସ୍‌ରେ ଗୋଟାଏ ପାର୍ଟି ଥିଲା - ଖାଇକରି ଆସିଛନ୍ତି ବୋଲି କହି ସିଧା ବେଡ୍ ରୁମ୍‌ରେ ପଶିଥିଲେ। ସେ କାମ ସାରି ଶୋଇବାକୁ ଗଲାବେଳକୁ ସ୍ୱାମୀ ନିଦ୍ରାରେ ଅଚେତନ।

ଗୀତା, ମାନେ ସଂଗୀତା ଚୌଧୁରୀ। ଶାସ୍ତ୍ରୀୟ ସଂଗୀତ ଶିଳ୍ପୀ। ତାଙ୍କର ସ୍ୱାମୀ ଅନୁପମ ଚୌଧୁରୀ ସଦାନନ୍ଦଙ୍କ ବନ୍ଧୁ। ବନ୍ଧୁ ପତ୍ନୀଙ୍କ ସହିତ ତାର ସ୍ୱାମୀ ଯେ ଏଥି ମଧ୍ୟରେ ଘନିଷ୍ଠ ଭାବରେ ଜଡ଼ିତ ହୋଇ ପଡ଼ିଛନ୍ତି, ଏକଥା ଥରେ ନୁହେଁ ଅନେକ ଥର ତାକୁ କହିଛି ସଦ୍ୟ ବିଲାତ ଫେରନ୍ତା ଇକନମିକ୍ସ ଅଧ୍ୟାପକ ପାର୍ଥ ବଳବନ୍ତରାୟ। ଏ ଅଭିଯୋଗ ତାର ବିଶ୍ୱାସ ଯୋଗ୍ୟ ମନେ ହୋଇ ନଥିଲା। ନାଗପୁର ଘଟଣା ପରେ ସଦାନନ୍ଦ ଆମୂଳ ହୋଇଛନ୍ତି ବୋଲି ତାର ଖୁବ୍ ପ୍ରତ୍ୟୟ

Digitized by srujanika@gmail.com

ହୋଇଥିଲା। କିନ୍ତୁ ସ୍ୱାମୀଙ୍କ ପକେଟ୍‌ରୁ ଏ ଚିଠି ଆବିଷ୍କାର କଲାପରେ ତାର ସେ ଧାରଣା ଭ୍ରାନ୍ତ ପ୍ରମାଣିତ ହୋଇଗଲା। ନିଜର ସରଳତା ଆଉ ନିର୍ବୋଧତା ପାଇଁ ତା ନିଜ ଉପରେ ତାର ଭୀଷଣ ରାଗ ହେଲା।

ଗତ ରାତ୍ରିରେ ତାହାହେଲେ ଅଫିସ୍‌ରେ ପାର୍ଟି ନ ଥିଲା। ଅନୁପମ ବାବୁଙ୍କ ଅନୁପସ୍ଥିତିରେ ତାଙ୍କ ପତ୍ନୀଙ୍କ ସହିତ ରାତ୍ରି ଭୋଜନ ସାରି ସେ ଘରକୁ ଫେରିଥିଲେ।ତାଙ୍କ ପାଇଁ ଅପେକ୍ଷା କରି ନିଜେ ରାତ୍ରି ବାରଟା ପର୍ଯ୍ୟନ୍ତ ଉପାସ ବସିଥିଲା !

ଏଇ ପ୍ରଥମ ନୁହେଁ - ଆଗରୁ ଅନେକ ଥର ଏମିତି ଘଟିଛି। ପାରିବାରିକ ଜୀବନର ପରିପୂର୍ଣ୍ଣ ସୁଖ ମଧ୍ୟରେ ତାର ଏଇ ଗୋଟିଏ ବ୍ୟକ୍ତିଗତ ଦୁଃଖ - ସ୍ୱାମୀଙ୍କର ଅନ୍ୟ ନାରୀଙ୍କ ପ୍ରତି ଅନ୍ଧ ଆସକ୍ତି !

ସ୍ୱାମୀଙ୍କର ଏ ଚରିତ୍ର ଦୋଷ କଥା ବାହାଘର ଆଗରୁ ମଧ୍ୟ ସେ ଅନେକଙ୍କ ମୁହଁରୁ ଶୁଣିଥିଲା। ତାର ଅନେକ ସଂଗିନୀ ସଦାନନ୍ଦଙ୍କ ପର - ନାରୀ - ପ୍ରୀତି କାହାଣୀ ତା କାନ ପାଖରେ ପହଞ୍ଚାଇ ଦେଇଥିଲେ।ଏହା ସଂଗିନୀମାନଙ୍କ ନାରୀ- ସୁଲଭ ଈର୍ଷା ବୋଲି ସେଦିନ ସେ ହସି ହସି ଉଡ଼ାଇ ଦେଇଥିଲେ। ଏପରିକି ସେମାନଙ୍କ କଥା ଶୁଣି ବୋଉ ବି ଯେତେବେଳେ ବାପାଙ୍କ ପାଖରେ କଂପିତ କଣ୍ଠ, ଲୁହ ଛଳ ଛଳ ଆଖିରେ କହିଲା - ପିଲାଟି ବିଷୟରେ ଏତେ ବାଜେ କଥା ଶୁଣା ଯାଉଛି - ମତେ କେମିତି ଭୟ ଲାଗୁଛି - ସେତେବେଳେ ଅଦମ୍ୟ ଉତ୍ସାହରେ ବାହାଘର ଆୟୋଜନରେ ଲାଗିଥିବା ବାପା ମଧ୍ୟ ଶଙ୍କି ଯାଇଥିଲେ।

ବୋଉକୁ ସେ ଓଲଟି ପରାମର୍ଶ ଦେଇଥିଲେ- ନିର୍ବନ୍ଧ ସିନା ସରିଛି, ବେଦୀ ଉପରେ ହାତ ଗଣ୍ଠିତ ପଡ଼ି ନାହିଁ! - ବର୍ତ୍ତମାନ ବି ବେଳ ଅଛି। ସ୍ତ୍ରୀକୁ ପଚାର। ସବୁ କଥା ଜାଣିଲା ପରେ ସେ ଯଦି ମନା କରିଦିଏ ମୁଁ ଏ ବାହାଘର ଭାଙ୍ଗି ଦେବି।

ବୋଉ ତାକୁ ଏକାନ୍ତରେ ଡ଼ାକି ପଚାରି ଥିଲା - ବୃନ୍ଦାବନ ବାବୁଙ୍କ ପୁଅ ଚରିତ୍ର ସଂପର୍କରେ ନାନା କଥା ଶୁଣା ଯାଉଛି। ତୋ ବାପାଙ୍କ ପାଖକୁ ବି ଦୁଇ ଖଣ୍ଡ ଉଡା ଚିଠି ଆସିଲାଣି। ଆମକୁ ଡ଼ର ଲାଗୁଛି। ତୁ କଣ କହୁଛୁ ?

ବୋଉର କଥା ଶୁଣି ଭୟ ପାଇବା ବଦଳରେ ସେ ଚିଡ଼ି ଯାଇଥିଲା। ସେ କିଛି ନିଜ ଇଚ୍ଛାରେ ବୃନ୍ଦାବନ ସାମନ୍ତରାୟଙ୍କ ପୁଅ ସଦାନନ୍ଦଙ୍କୁ ବାହା ହେବା ପାଇଁ ଚାହିଁ ନ ଥିଲା। ବାପା ନିଜେ ସମ୍ବନ୍ଧ ଆଣିଥିଲେ। ଇନକମ୍ ଟ୍ୟାକ୍ସ୍ ଅଫିସର ଯୋଇଁ ବୋଲି ଗୋଡ଼ ମାଟିରେ ଲାଗୁ ନ ଥିଲା। ନିର୍ବନ୍ଧରେ ସାତ ଆଠ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ହଠାତ୍ ଅନ୍ୟମାନଙ୍କ ଶୁଣା କଥାରେ କାନ ଦେଇ, ବେନାମୀ ଚିଠି ପଢ଼ି ବାହାଘର ବାତିଲ କରି ଦେବା ପାଇଁ ତା'ର ମତାମତ ଲୋଡୁଛନ୍ତି ?

ସେ ରାଗିଯାଇ କହିଥିଲା - ତୋ ଝିଅନାମରେ ଯଦି ଏମିତି କୁତ୍ସା ପ୍ରଚାର

Digitized by srujanika@gmail.com

ଶୁଣି ବରପକ୍ଷ ନିର୍ବନ୍ଧ ପରେ ବାହାଘର ଭାଙ୍ଗି ଦିଅନ୍ତେ, ତତେ କେମିତି ଲାଗନ୍ତା ?

ଝିଅ ଠାରୁ ଏଭଳି ଉତ୍ତର ଶୁଣିବେ ବୋଲି ହୁଏତ ହେମମାଳା ଆଶା କରି ନ ଥିଲେ। କାରଣ ତାର କଥା ଶୁଣି ସେ ଚମକି ପଡ଼ିଲା ଭଳି ଶ୍ରୀମୟୀର ମନେ ହୋଇଥିଲା।

ବୋଉ ଗାଢ଼ ଦୃଷ୍ଟିରେ ତା ଆଡ଼କୁ ଚାହିଁ ଆଉ ଥରେ ପଚାରି ଥିଲା- ସବୁ କଥା ଜାଣିଲା ପରେ ତୋର ସେଠାରେ ବାହା ହେବାରେ ଆପତ୍ତି ନାହିଁ? ପଛନ୍ତେ ଆମକୁ ଦୋଷ ଦେବୁ ନାହିଁ।

ସଂଗିନୀମାନଙ୍କ ଅଭିଯୋଗ, ବାପା ବୋଉଙ୍କ ସଂଦେହ ଲକ୍ଷ୍ୟ କରି ସେଦିନ ଶ୍ରୀମୟୀର ଜିଦ୍ ବଢ଼ି ଯାଇଥିଲା, ସେ ସଦାନନ୍ଦଙ୍କୁ ହିଁ ବାହାହେବ।ଯାହାକୁ ଥରେ ବାହାହେବ ବୋଲି ମନକୁ ବୁଝାଇ ସାରିଛି, ସେ ସମସ୍ତଙ୍କ ଈର୍ଷା ଓ ସଂଦେହର ଶିକାର ହେଉଥିବା ବେଳେ ତାକୁ ବାସୀ ଫୁଲ ଭଳି ଦୂରକୁ ଫିଙ୍ଗି ଦେବ ନାହିଁ।

ଶ୍ରୀମୟୀ ଉତ୍ତର ଦେଇଥିଲା - ସଦାନନ୍ଦ ସାମନ୍ତରାୟଙ୍କ ଚରିତ୍ର ଦୋଷ ଯୋଗୁଁ ବାହାଘର ଭାଙ୍ଗି ଦେଲେ, ଆଉ ଯାହା ସହିତ ସମ୍ବନ୍ଧ କରିବୁ, ତା ଚରିତ୍ରରେ କଳଙ୍କର କାଳି ଦାଗ ଲାଗି ନ ଥିବ ବୋଲି କିଏ ଗ୍ୟାରେଣ୍ଟି ଦେବ? ଏ ସଂସାରରେ ଏମିତି ଅବା କେଉଁ ସୁପୁରୁଷ ଅଛି, ଯେ ପର ନାରୀକୁ ନିଜର କରି ପାଇବାକୁ ଚାହିଁ ନାହିଁ....ଏକୁଟିଆ ଗଛଟିରେ ଫୁଟିଥିବା ସୁନ୍ଦର, ସୁବାସିତ ଫୁଲଟିଏ ଫୁଟି ଥିବାର ଦେଖିଲେ ତୋଳି ନେବାକୁ ହାତ ବଢ଼ାଇ ନାହିଁ!

କୀଶା ଗୌତମୀଙ୍କ ମୃତ ସନ୍ତାନକୁ ଜୀବନ୍ୟାସ ଦେବା ପାଇଁ ଗୌତମ ବୁଦ୍ଧ ତାକୁ ଏପରି ଏକ ଘରୁ ସୋରିଷ ମୁଠାଏ ଆଣିବାକୁ କହିଥିଲେ, ଯାହା ଘରେ ଆଗରୁ କେହି ଜଣେ ହେଲେ ମରି ନ ଥିବେ !କୀଶା ଗୌତମୀ ସେଭଳି ଗୋଟିଏ ହେଲେ ଘର ଏତେ ବଡ଼ ସଂସାରେ ଖୋଜି ପାଇ ନ ଥିଲା। ଝିଅର କଥା ମାନି ଏପରି ଏକ ନିଷ୍କଳଙ୍କ ପୁରୁଷ ଅବା କେଉଁଠୁ ଖୋଜି ପାଇଥାଆନ୍ତେ ହେମମାଳା !

ଶେଷକୁ ସଦାନନ୍ଦଙ୍କ ସହିତ ହିଁ ତାର ବାହାଘର ହୋଇ ଯାଇଥିଲା। କିନ୍ତୁ ସଂଗିନୀମାନଙ୍କ ଅପବାଦ, ବାପା ବୋଉଙ୍କ ସଂଦେହକୁ ଉପେକ୍ଷା କରି ସଦାନନ୍ଦଙ୍କୁ ବିବାହ କରିବା ଲାଗି ଶେଷ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ଶ୍ରୀମୟୀକୁ ନିଜ ସହିତ ମଧ୍ୟ କମ୍ ଲଢେଇ କରିବାକୁ ପଡ଼ି ନ ଥିଲା। ଯେଉଁ ପୁରୁଷ ପ୍ରତି ଏତେ ନାରୀ ଆସକ୍ତ, ତାକୁ ଏକାନ୍ତ ନିଜର କରି ପାଇବା ଲାଗି ଏକ ନିଷିଦ୍ଧ ଉତ୍ତେଜନା ତାର ଦେହ ମନକୁ ମୋହଗ୍ରସ୍ତ କରି ଦେଇଥିଲା। ସେ ମନେ ମନେ ନିଜକୁ ବୁଝାଇ ଦେଇଥିଲା, ଅବିବାହିତ ବୟସରେ ଜଣେ ପୁରୁଷ ଅନ୍ୟ ସୁନ୍ଦରୀ ନାରୀଙ୍କ ପ୍ରତି ଆକୃଷ୍ଟ ହେବାରେ କିଛି ଅସ୍ୱାଭାବିକତା ନାହିଁ। ବରଂ ସଦାନନ୍ଦଙ୍କ ଭଳି ଜଣେ ସୁଦର୍ଶନ, ବ୍ୟକ୍ତିତ୍ୱସଂପନ୍ନ ବ୍ୟକ୍ତିର ଅବିବାହିତ ବୟସରେ କେହି ପ୍ରେମିକା

Digitized by srujanika@gmail.com

ନଥିଲେ, ତାଙ୍କର ପୌରୁଷ ପ୍ରତି ତାର ସଂଦେହ ହେବାର କଥା। ନିଜର ରୂପ, ଗୁଣ ଆଉ ସ୍ୱାସ୍ଥ୍ୟ ଉପରେ ଶ୍ରୀମୟୀର ଥିଲା ପ୍ରଗାଢ଼ ଆସ୍ଥା। ବାହାଘର ପରେ ଏକ ଅଶାନ୍ତ, ବିକ୍ଷୁବ୍ଧ, ପ୍ରଲୁବ୍ଧ, ପୁରୁଷକୁ ସଂଯମର ଶିକୁଳିରେ ବାନ୍ଧି ପାରିବାର ଶକ୍ତି ଉପରେ ଥିଲା ପ୍ରଚଣ୍ଡ ଆତ୍ମବିଶ୍ୱାସ। ଆଉ ଏକଥା ମଧ୍ୟ ସେ ମନେ ମନେ ସ୍ଥିର କରି ନେଇଥିଲା, ଯଦି ସେ ସଦାନନ୍ଦଙ୍କୁ ନିଜ ଶାଢ଼ି କାନିରେ ଚାବିକେଣ୍ଛା ଭଳି ବାନ୍ଧି ରଖି ନପାରିବ, ତାହା ହେଲେ ଇବସନ୍‌ଙ୍କ "କଣ୍ଢେଇ ଘର" ନାଟକରେ ନାୟିକା ନୋରା ହେଲିମ୍‌ଙ୍କ ଭଳି ସ୍ୱାମୀଙ୍କୁ ଛାଡ଼ି ଚାଲି ଆସିବାକୁ ସେ ତିଳେ ହେଲେ ଦ୍ୱିଧା କରିବ ନାହିଁ।

ସେଥିପାଇଁ ବାହାଘର ପରେ ମଧ୍ୟ ସେ ଅଧ୍ୟାପିକା ଚାକିରୀ ଛାଡ଼ିବ ନାହିଁ ବୋଲି ମନେ ମନେ ସିଦ୍ଧାନ୍ତ କରି ସାରିଥିଲା। ୟୁନିଭରସିଟିର ଅଧ୍ୟାପିକା ଚାକିରୀ ତାର ପ୍ରଥମ, ସ୍ୱାମୀ ସଦାନନ୍ଦ ଦ୍ୱିତୀୟ।

ବାହାଘର ପରେ ସଦାନନ୍ଦ ଏପରି ଅନୁଗତ ସ୍ୱାମୀ ଭଳି ଆଚରଣ କରି ଥିଲେ ଯେ ତାଙ୍କ ଚରିତ୍ରକୁ ଆଗରୁ ସଂଦେହ କରିଥିବାରୁ ମନେ ମନେ ଅନୁତାପ କରି ଥିଲା ଶ୍ରୀମୟୀ। ପାଖରେ ଥିଲେ ଅଫିସରୁ ଦୁଇଘଣ୍ଟା, ତିନିଘଣ୍ଟାରେ ଥରେ ଫୋନ୍ କରନ୍ତି। ରୋଷେଇ ଘରେ ସୁଦ୍ଧା ତାର ପାଖ ଛାଡନ୍ତି ନାହିଁ। ସନ୍ତାନ ହେଲା ପରେ ତା ସ୍ୱାସ୍ଥ୍ୟ ପାଇଁ ତାଙ୍କର ଉତ୍କଣ୍ଠା, ଉଦ୍‌ବେଗ ଏଭଳି ଏକ ଶୀର୍ଷ ବିନ୍ଦୁରେ ପହଞ୍ଚି ଯାଇଥିଲା ଯେ ନିଜେ ଲଜ୍ଜାରେ ମରି ଯାଉଥିଲା ଶ୍ରୀମୟୀ। ତାର ଜନ୍ମଦିନ, ସେମାନେ ବିବାହ ବାର୍ଷିକ ଉତ୍ସବ ଯାକଜମକରେ ପାଳନ କରିବାରେ ଏ ତେର ବର୍ଷ ବିବାହିତ ଜୀବନରେ କେବେ ହେଲେ କାର୍ପଣ୍ୟ କରି ନାହାନ୍ତି ସଦାନନ୍ଦ।

ତାଙ୍କୁ ସ୍ୱାମୀ ଭାବରେ ପାଇଥିବାର ଅହଂକାରରେ ସେଦିନ ବନ୍ୟାଜଳ ଭଳି ମନ, ହୃଦୟ ତାର ସ୍ଫୀତ ହୋଇ ଯାଇଥିଲା। ପାରସ୍ପରିକ ଏଇ ବୁଝାମଣାରେ ପ୍ରଥମ ଭଟା ଆସିଲା - ସଦାନନ୍ଦ ନାଗପୁର ବଦଳି ହୋଇ ଯିବା ପରେ।

ସ୍ୱାମୀ ଇନ୍‌କମ୍ ଟ୍ୟାକ୍ସ ଅଫିସର୍। ସର୍ବ ଭାରତୀୟ ଚାକିରୀ। ଇଚ୍ଛା କଲେ ମଧ୍ୟ ସବୁ ଦିନେ ସେ ତା ପାଖରେ ରହି ପାରନ୍ତେ ନାହିଁ। ବଦଳି ବେଳେ ମଧ୍ୟ ସେ ଜିଦ୍ ଧରି ଥିଲେ - ଅନେକ ଦିନ ଧରି ମାଷ୍ଟରାଣୀ ହେଲ, ଏଥର ପାଟରାଣୀ ହୁଅ। ବିଶ୍ୱବିଦ୍ୟାଳୟ ଚାକିରୀରୁ ଇସ୍ତଫା ଦେଇ ଚାଲ ମୋ ସାଙ୍ଗରେ ନାଗପୁର। ତମକୁ ଆଉ ପୁଅକୁ ଛାଡ଼ି ମୁଁ ସେଠାରେ ମନ ଲଗାଇ କାମ କରି ପାରିବି ନାହିଁ। ଆଉ ତମେ ଅବା ଇର୍ଦ୍ଦୁକୁ ନେଇ ଏଠାରେ ଏକାକିନୀ ରହିବ କେମିତି ?

ଇର୍ଦ୍ଦୁକୁ ସେତେବେଳେ ବୟସ ମାତ୍ର ସାତ। ପିଲାଦିନୁ ସେ ବାପ - ଅନୁରକ୍ତ। ବାପାଙ୍କୁ ଛାଡ଼ି ରହିବା ତା ପକ୍ଷରେ ନିଶ୍ଚୟ କଷ୍ଟକର ହେବ। ତାକୁ ସମ୍ଭାଳିବା

Digitized by srujanika@gmail.com

ସହଜ ହେବ ନାହିଁ। କିନ୍ତୁ ତା ବୋଲି ସେ ଏଭଳି ଏକ ଲୋଭନୀୟ ଚାକିରୀ ଛାଡ଼ି ଦେବ ?

ସେ ଶୁଣିଛି ମଦ ପୁରୁଣା ହେଲେ କୁଆଡ଼େ ତାର ନିଶା ଗାଢ଼ ହୁଏ; ଠିକ୍ ସେଇଭଳି ଚାକିରୀ ପୁରୁଣା ହେଲେ ତାପ୍ରତି ଆସକ୍ତି ପ୍ରଗାଢ଼ ହୋଇ ଯାଏ। ଅଧ୍ୟାପକ ଚାକିରୀରେ ବୟସ ଯେତେ ବଢ଼େ, କାମର ଭାର ସେତେ ଲାଘବ ହୋଇଯାଏ, ଦରମାର ଅଙ୍କ ସେତେ ବୃଦ୍ଧି ପାଏ। ଏତେ ଦିନର ଚାକିରୀ ଏପରି କେହି ଛାଡ଼ି ପାରେ ନାହିଁ; ସେ ମଧ୍ୟ ପାରି ନ ଥିଲା।

ସ୍ୱାମୀଙ୍କୁ ବୁଝାଇ ଦେଇଥିଲା - ବିଶ୍ୱ ବିଦ୍ୟାଳୟ ଚାକିରୀରେ ଅନେକ ଛୁଟି। ଛୁଟି ହେବା ମାତ୍ରେ ଇର୍ଦ୍ଦକୁ ସାଙ୍ଗରେ ଧରି ମୁଁ ତମ ପାଖକୁ ଛୁଟିଯିବି। ପୁନାଟି ପରା ! ଅବଶିଷ୍ଟ କେଇ ଦିନ ନିଜ କଥା ନିଜେ ବୁଝି ଚଳିଯାଅ। ନିହାତି ଯଦି ଅସୁବିଧା ହୁଏ - ଚାକିରୀରୁ ଇସ୍ତଫା ଦେଇ ମୁଁ ତମ ପାଖକୁ ନିଶ୍ଚୟ ଚାଲିଯିବି।

ନାଗପୁର ଚାଲିଗଲା ପରେ ପ୍ରାୟ ପ୍ରତିଦିନ ରାତିରେ ତାକୁ ଫୋନ କରୁଥିଲେ ସଦାନନ୍ଦ। ତା କଥା, ଇର୍ଦ୍ଦ କଥା ପଚାରି ବୁଝୁଥିବଲେ। ଟେଲିଫୋନରେ ନିର୍ଲ୍ଲଜ ଭାବରେ ପ୍ରେମ ନିବେଦନ କରୁଥିଲେ।

ଥରେ ଛାତ୍ର ଧର୍ମଘଟ ଯୋଗୁଁ ହଠାତ ୟୁନିଭରସିଟି ଛୁଟି ହୋଇଗଲା। ଇର୍ଦ୍ଦକୁ ସାଙ୍ଗରେ ଧରି ନାଗପୁର ବାହାରି ଯାଇଥିଲା ଶ୍ରୀମୟୀ। ସ୍ୱାମୀଙ୍କୁ ଆଗରୁ ଖବର ଦେବା ପାଇଁ ସମୟ ପାଇ ନ ଥିଲା।

ଦୀର୍ଘ ଚାରିମାସ ପରେ ସ୍ୱାମୀଙ୍କ ସହିତ ମିଳିତ ହେବାର ଆନନ୍ଦ ଓ ଉତ୍ତେଜନାରେ ତାର ଦେହ ମନ ଛଟପଟ ହେଉଥିଲା। ଜୀବନରେ ଏଇ ପ୍ରଥମ ବିରହ ପରେ ମିଳନ। ଆବେଗ ଓ ଉତ୍କଣ୍ଠାରେ ସେ ବ୍ୟଗ୍ର ବ୍ୟାକୁଳ। କିନ୍ତୁ ସ୍ୱାମୀଙ୍କ କ୍ୱାର୍ଟର୍ସରେ ପହଞ୍ଚି ସେ ସ୍ତବ୍ଧ ହୋଇ ଗଲା।

ରାତି ପ୍ରାୟ ନଅଟା। ଭିତରପଟୁ ଦରଜା ବନ୍ଦ ଥିଲା। କଲିଂବେଲ୍ ଚିପିବା ପରେ ଅନେକ ବିଳମ୍ବରେ ଦ୍ୱାର ଖୋଲିଲେ ସଦାନନ୍ଦ। ତାକୁ ଦେଖି ତାଙ୍କ ମୁହଁ ଶୁଖିଗଲା।

- ଖବର ନଦେଇ ହଠାତ୍ ! - ସଦାନନ୍ଦଙ୍କ ତଣ୍ଟି ଅଠା ଅଠା ହୋଇ ଯାଉଥିଲା।

- ଷ୍ଟୁଡେଣ୍ଟସ୍ ଷ୍ଟ୍ରାଇକ୍। ୟୁନିଭରସିଟି ଛୁଟି। ଟେଲିଫୋନ୍ କରିବାକୁ ଚେଷ୍ଟା କରୁଥିଲି, ଲାଇନ୍ ପାଇଲି ନାହିଁ। ନା, କିଛି ଅସୁବିଧା ହୋଇନି ବାଟରେ। ବାଟ ଓଗାଳି ଠିଆ ହେଇ କାହିଁକି ? ଭିତରକୁ ଚାଲ।

କିନ୍ତୁ ଭିତରେ ପଶି ନିଜେ ଅପଦସ୍ତ ହୋଇ ଯାଇଥିଲା ଶ୍ରୀମୟୀ। ସଦାନନ୍ଦଙ୍କ ବେଡ୍‌ରୁମ୍‌ରେ ଜଣେ ଅର୍ଦ୍ଧଉଲଗ୍ନା ନାରୀ। ଦେହରେ ଶାଢ଼ି ଗୁଡ଼ାଇ ନେଇଛି; କିନ୍ତୁ ଅନ୍ତର୍ବାସ ତଥାପି ଝୁଲୁଛି ପଲଙ୍କ ବାଡ଼ରେ।

ଇର୍ଦ୍ଦକୁ ଟାଣି ଆଣି ସେଇ ରାତିରେ ସ୍ୱାମୀଙ୍କ କ୍ୱାର୍ଟର୍ସ ଛାଡ଼ି ସେ ଗୋଟାଏ

Digitized by srujanika@gmail.com

ହୋଟେଲରେ ରାତ୍ରିଯାପନ କରିଥିଲା । ତା ଆରଦିନ ଫେରି ଆସିଥିଲା ଭୁବନେଶ୍ୱର ।

ସେଦିନ ରାତିରେ, ସେଇ ହୋଟେଲ ରୁମ୍‌ରେ ଜୀବନରେ ପ୍ରଥମ ଥର ଆତ୍ମହତ୍ୟା କରିବା କଥା ଭାବିଥିଲା ଶ୍ରୀମୟୀ । ଲଜ୍ଜାରେ, ଅପମାନରେ, ଆତ୍ମବିଶ୍ୱାସର ଜତୁଗୃହ ଜଳିଯାଇ ଥିଲା । ଭାଙ୍ଗି ପଡ଼ିଥିଲା ଆତ୍ମ ପ୍ରତ୍ୟୟର ସୁଦୃଢ଼, ସମୁଚ୍ଚ ଦୁର୍ଗ । କାଦୁଅ ମେଞ୍ଚାଏ ଭଳି ସେ ନୋସଡ଼ି ପଡ଼ିଥିଲା । ଭାଙ୍ଗି ଚୂର୍ଣ୍ଣ, ବିଚୂର୍ଣ୍ଣ ହୋଇ ଯାଇଥିଲା ।

କିନ୍ତୁ ସେ ଆତ୍ମହତ୍ୟା କରି ପାରି ନ ଥିଲା, ପୁଅର ମୁହଁକୁ ଚାହିଁ । ତାର ଅସହାୟତା କଥା ଭାବି ଭାବି । ଗର୍ଭଯନ୍ତ୍ରଣା ସହି ଯାହାକୁ ପୃଥିବୀର ଆଲୋକକୁ ଆଣିଛି; ସ୍ୱାର୍ଥପର ଭାବରେ ତାକୁ ଗୋଟାଏ ଅଜ୍ଞାତ, ଅପରିଚିତ ହୋଟେଲରେ ଛାଡ଼ି ଆତ୍ମହତ୍ୟା କରିଥିଲେ ଆତ୍ମା ତାର ଅମୋକ୍ଷ ରହି ଯାଇ ଥାଆନ୍ତା ।

ଭୁବନେଶ୍ୱରକୁ ଫେରି ଆସି ବିନା ଦର୍ପଣରେ ସୁଦ୍ଧା ସେ ନିଜ ମୁହଁର ପ୍ରତିକୃତି ଦେଖି ପାରିଲା । ମଲା ମଣିଷର ମୁହଁ ଠାରୁ ବଳି ଆହୁରି ବିବର୍ଣ୍ଣ, ରକ୍ତହୀନ । ଏମିତି ଭାବରେ ସେ ନିଜ ପାଖରେ ନିଜେ ହାରିଯିବ, ଏକଥା କୌଣସି ଦିନ ସେ ଭାବି ନ ଥିଲା ।

କିନ୍ତୁ ସ୍ୱାମୀଙ୍କ ଚରିତ୍ରହୀନତା କଥା କାହା ଆଗରେ ଅବା କହି ସେ ନିଜର ଦୁଃଖ ଭାର ଲାଘବ କରିବ ? ବାପା, ବୋଉ ଆଉ ନାହାନ୍ତି । ସେମାନେ ସ୍ୱର୍ଗତଃ । ଥିଲେ ମଧ ସେମାନଙ୍କୁ କହିବା ପାଇଁ ତାର ମୁହଁ ନ ଥିଲା । ଆଉ ଅନ୍ୟମାନଙ୍କୁ କହିଲେ ତ କେହି ସେ କଥା ବିଶ୍ୱାସ ସୁଦ୍ଧା କରିବେ ନାହିଁ ।

ପ୍ରଥମ କେତେଦିନ ରାତିରେ ତାର ସୁନିଦ୍ରା ହୋଇ ନ ଥିଲା । ମୁଣ୍ଡ ବିନ୍ଧୁ ଥିଲା । ମନେ ମନେ ସ୍ଥିର କରିଥବଲା, ନା - ଆଉ ନୁହେଁ, ଏ ଲୋକ ସହିତ ସେ ଆଉ ଗୋଟିଏ ଦିନ ସୁଦ୍ଧା ଏକାଠି ରହି ପାରିବ ନାହିଁ । ଛାଡ଼ପତ୍ର ଦେବା ପାଇଁ ଓକିଲଙ୍କ ସହ ପରାମର୍ଶ କରିବ ।

କିନ୍ତୁ ସେଭଳି କାମ କରିବା ଆଗରୁ ହଠାତ୍ ଦିନେ ସଦାନନ୍ଦ ଆସି ପହଞ୍ଚିଗଲେ । ଅନୁତପ୍ତ କଣ୍ଠରେ କହିଲେ - ଏଇ ଥରକ ମତେ କ୍ଷମା କରି ଦିଅ । ସେ ଝିଅଟା କଣ ମନ୍ତ୍ର ଜାଣେ - ମତେ ବଶୀଭୂତ କରି ଦେଇ ଥିଲା - ମୁଁ ଆଉ ତମ ଠାରୁ ଦୂରରେ ରହି ପାରିବି ନାହିଁ - ଚାକିରୀରୁ ଇସ୍ତଫା ଦେବି ବୋଲି ମନ ସ୍ଥିର କରି ଆସିଛି ।

ସେ ଛାଡ଼ପତ୍ର ଦେବା ଆଗରୁ ତାର ସ୍ୱାମୀ ତା ପାଖରେ ରହିବା ଲାଗି ଏଭଳି ଏକ ଲୋଭନୀୟ ଚାକିରୀ ଛାଡ଼ି ଦେବା ପାଇଁ ପ୍ରସ୍ତୁତ ହୋଇ ଆସିଛନ୍ତି - ଏକଥା ଶୁଣି ଚମକି ଯାଇଥିଲା ଶ୍ରୀମୟୀ । ଅତୁଆ ସୂତା ଭଳି ତାର ସବୁ ଭାବନା ଗୋଳମାଳିଆ ହୋଇ ଯାଇଥିଲା । ତା'ପରେ ସବୁ ଯେମିତି ଠିକ୍ ଠାକ ହୋଇଗଲା । ସେ ସ୍ୱାମୀକୁ ଛାଡ଼ପତ୍ର ଦେଲା ନାହିଁ, ସ୍ୱାମୀ ଚାକିରୀରୁ ଇସ୍ତଫା ଦେଲେ ନାହିଁ ।

Digitized by srujanika@gmail.com

ସେହିବର୍ଷ ତାଙ୍କର ଡେପୁଟି କମିଶନର ପଦକୁ ପଦୋନ୍ନତି ହୋଇଗଲା। ସେ ପୁଣି ବଦଳି ହୋଇ ଆସିଲେ ଓଡ଼ିଶା।

ପଦୋନ୍ନତି ପାଇଥିବା ସ୍ୱାମୀଙ୍କୁ ଉଣେଇ-ତିରିଶ ବୟସରେ ଛାଡ଼ପତ୍ର ଦେବାର କିଛି ମାନେ ହୁଏ ନାହିଁ। ସବୁ ପୁରୁଷ ପ୍ରାୟ ଏମିତି। ଲୋଭୀ, କାଙ୍ଗାଳ। ନିଜ ସ୍ତ୍ରୀ ବ୍ୟତୀତ ଆଉ ସବୁ ସ୍ତ୍ରୀ ଲୋକ ସେମାନଙ୍କୁ ଅନନ୍ତ - ଯୌବନା ଉର୍ବଶୀ ଭଳି ଦେଖାଯାନ୍ତି। ସେମାନଙ୍କ ପ୍ରକୃତି ସହଜରେ ବଦଳେ ନାହିଁ। ଆଉ ସେଇ କଥାକୁ ଗଣ୍ଠି ପକାଇ ଧରି ବସିଲେ ଘର ସଂସାର କରି ହୁଏ ନାହିଁ।

ଏମିତି ସବୁ ଏଣୁ ତେଣୁ ବହି ପଢ଼ା କଥା ମନେ ମନେ ଭାବି ସଦାନନ୍ଦଙ୍କୁ କ୍ଷମା କରି ଦେଇଥିଲା ଶ୍ରୀମୟୀ, ଏବଂ ତା ଉଦାର ହୃଦୟ ପାଇଁ କୃତଜ୍ଞତାର ଚିହ୍ନ ସ୍ୱରୂପ ତା ନାମରେ ଗୋଟାଏ ଆମ୍ବସଡ଼ର କିଣି ଦେଇଥିଲେ ସ୍ୱାମୀ ସଦାନନ୍ଦ।

ପ୍ରଥମେ ଗାଡ଼ି। ତାପରେ କ୍ୟାପିଟାଲରେ ନୂଆ ଡିଜାଇନର ଘର। ସ୍ୱାମୀଙ୍କ ବ୍ୟକ୍ତିତ୍ୱର ଉଚ୍ଚତା ହଠାତ୍ ଏତେ ଉପରକୁ ବଢ଼ି ଯାଇଥିଲା ଯେ ସେ ଉଚ୍ଚତା ଉତ୍ତୁଆଳରେ ରହି ଯାଇଥିବା ଅନ୍ୟ ସବୁ ଦୃଶ୍ୟ ଦେଖିବାକୁ ଫୁରୁସତ୍ ପାଇ ନ ଥିଲା ଶ୍ରୀମୟୀ।

ହଠାତ୍ ଦିନେ ପାର୍ଥ ଆସି କହିଲା - ଅପା ! ଆଜି ସଂଗୀତା ଚୌଧୁରୀଙ୍କ ସହିତ ସଦାନନ୍ଦ ବାବୁଙ୍କୁ ଏକାମ୍ର କାନନ ଗୋଲାପ ବଗିଚାରେ ଗୋଟାଏ ଗଛ ମୂଳେ ବସି ଥିବାର ଦେଖିଲି। ଖୁବ୍ ଲଗାଲଗି ହୋଇ ବସିଥିଲେ। ମିସେସ୍ ଚୌଧୁରୀଙ୍କ ସ୍ୱାମୀ ନ ଥିଲେ। ତମେ ନ ଥିଲ। ମତେ କେମିତି ଖରାପ ଲାଗିଲା -

ଇକନମିକ୍ସରେ ଲଣ୍ଡନ ୟୁନିଭରସିଟିରୁ କ'ଣ ଗୋଟାଏ ଡିଗ୍ରୀ ଆଣି ଏବେ ଫେରିଛି ପାର୍ଥ। ତାର ସମବୟସୀ ହେଲେ ମଧ୍ୟ ତାକୁ ଅପା, ଅପା ଡ଼ାକେ। ସମୟ ପାଇଲେ କ୍ୟାମ୍ପସ ଭିତରେ ତା ସହିତ ଗପ କରେ। ଘରକୁ ଅନେକ ଥର ଆସିଛି। ସଦାନନ୍ଦ ତାକୁ ଖୁବ୍ ପ୍ରଶଂସା କରନ୍ତି। ଷ୍ଟେଟସ୍‌ମ୍ୟାନ କାଗଜରେ ବେଳେବେଳେ ତାର ଲେଖା ଛପା ହୁଏ। ବୟସ ହୋଇ ଯାଇଥିଲେ ବି ବାହା ହୋଇନାହିଁ। ୟୁନିଭରସିଟିରେ ଚାପା ଗୁଞ୍ଜନ ଶୁଣା ଯାଏ - ଲଣ୍ଡନରେ ତାର କେହି ପ୍ରେମିକା ଅଛି। ସେଥିପାଇଁ ବାହା ହେଉନାହିଁ। ଆଉଥରେ ଡି.ଲିଟ କରିବା ପାଇଁ ଲଣ୍ଡନ ଯିବାକୁ ଚେଷ୍ଟା କରୁଛି।

ସେହି ପାର୍ଥ ଚକ୍ରବର୍ତ୍ତୀ ରାୟ। ହଠାତ୍ ତା ମୁହଁରୁ ସଂଗୀତା - ସଦାନନ୍ଦ ସମ୍ବାଦ ଶୁଣି ଢ଼ୋକ ଗିଳିଥିଲା ଶ୍ରୀମୟୀ। ତା'ପରେ ନିଜକୁ ସମ୍ଭାଳି ନେଇ, ମୁହଁରେ ଜୋର କରି ହସର ଏକ ଆଲେଖ୍ୟ ଅଙ୍କନ କରି କହିଥିଲା - ଏକାମ୍ର କାନନ ଗୋଲାପ ବଗିଚା ସବୁବେଳେ ଲୋକାରଣ୍ୟ। ସେଠାରେ ଜଣେ ମଧ୍ୟ-ବୟସ୍କ ପ୍ରୌଢ଼ ଆଉଜଣେ ବିବାହିତା ମହିଳା ସହିତ କ୍ଲାନ୍ତ ହୋଇ ଗଛ ମୂଳେ ବସିଥିଲେ ଆତଙ୍କିତ ହେବାର କଣ ଅଛି ? ତମେ ସଦ୍ୟଲଣ୍ଡନରୁ ଫେରିଛ, ଅଥଚ ତମର

Digitized by srujanika@gmail.com

ସେ ମଧ୍ୟଯୁଗୀୟ ମଧ୍ୟବିତ୍ତ ମାନସିକତା ଯାଇନାହିଁ?

ଅପ୍ରତିଭ ହୋଇ ପଡ଼ିଲା ପାର୍ଥ। ମୁହଁ ତଳକୁ କରି କହିଥିଲା-ତମଭଳି ସୁନ୍ଦରୀ, ବ୍ୟକ୍ତିତ୍ୱମୟୀ ପତ୍ନୀଙ୍କୁ ଛାଡ଼ି ସଦାନନ୍ଦ ବାବୁ ଗୋଲାପ ବଗିଚାରେ ଆଉ କେଉଁ ପ୍ରଜାପତି ସହ ବୁଲିବେ; ଏକଥା ମୋର ସହ୍ୟ ହୋଇ ନଥିଲା। ସେଥିପାଇଁ କହୁ କହୁ କଥାଟା କହି ଦେଲି। ମନରେ କିଛି ଭାବିବ ନାହିଁ।

ମନେ ମନେ କିନ୍ତୁ ଅନେକ କଥା ଭାବିଥିଲା ଶ୍ରୀମୟୀ। ସଂଗୀତା ଚୌଧୁରୀର ସ୍ୱାମୀ ଏ ସହରର ବଡ଼ ବିଦେଶୀ ମଦ ବ୍ୟବସାୟୀ। ଅନ୍ୟ ବ୍ୟବସାୟ ମଧ୍ୟ ଅଛି। ଆୟକର ଝଞ୍ଜାଳରୁ ମୁକ୍ତ ହେବା ପାଇଁ ସମ୍ଭବତଃ ମିଷ୍ଟର ଚୌଧୁରୀ ସଂଗୀତାକୁ ଦାୟିତ୍ୱ ଦେଇଛନ୍ତି।

ଏସହରରେ ସବୁ କିଛି ସମ୍ଭବ। ସଂଗୀତା କେବଳ ସୁନ୍ଦରୀ ନୁହନ୍ତି, ଶାସ୍ତ୍ରୀୟ ସଂଗୀତରେ ଭାରତ ବିଖ୍ୟାତ ଶିଳ୍ପୀ। ସେ ଶାସ୍ତ୍ରୀୟ ସଂଗୀତର ବ୍ୟାକରଣ କିଛି ବୁଝେ ନାହିଁ। ସଦାନନ୍ଦଙ୍କର କିନ୍ତୁ ସେ ବିଷୟରେ ଖୁବ୍ ଆଗ୍ରହ। ଘରକୁ ଡ଼ାକି ଥରେ ଦୁଇଥର ମିଷ୍ଟର ଓ ମିସେସ୍ ଚୌଧୁରୀଙ୍କୁ ପାର୍ଟି ଦେଇଛନ୍ତି। ସତକୁ ସତ ଯଦି ସେ ଦୁହିଁଙ୍କ ଭିତରେ କୌଣସି ପ୍ରକାର ଘନିଷ୍ଠତା ଗଢ଼ି ଉଠିଥାଏ!

ସେଦିନ ରାତିରେ ସେ ସ୍ୱାମୀଙ୍କୁ ମୁଖ-ଲଜ୍ଜା ତ୍ୟାଗ କରି କହିଥିଲା- ସଂଗୀତା ସହିତ ତମେ ଆଜି ଗୋଲାପ ବଗିଚା ବୁଲି ଯାଇଥିଲ? ତୁମ ଦୁହିଁଙ୍କୁ ଦେଖି ପାର୍ଥ ଖୁବ୍ ଅପଦସ୍ଥ ହୋଇ ଗଲା ବୋଲି କହୁଥିଲା।

ସଦାନନ୍ଦ ହସି ଦେଇଥିଲେ ତା କଥା ଶୁଣି। କହିଥିଲେ- ଅନେକ ଲୋକ ଯାଇଥିଲେ, ଆମେ ଦୁଇଜଣ ଏକା କାହିଁକି? ଗୋଲାପ ଫୁଲ ତୋଳିବାକୁ ଗଲେ ସିନା କଣ୍ଟା ଫୁଟିବାର ଭୟ, ବୁଲି ଦେଖିବାରେ ଅପରାଧ କ'ଣ? ତମେ ପାର୍ଥ କଥାକୁ ଏତେ ସିରିୟସ କରି ନେଉଛ କାହିଁକି?

ଆଉ କିଛି ପ୍ରତିବାଦ କରି ପାରି ନଥିଲା ଶ୍ରୀମୟୀ। ସେ କେବଳ ସ୍ୱାମୀଙ୍କ ଆଡ଼କୁ ତୀର୍ଯ୍ୟକ ଦୃଷ୍ଟିରେ ଥରେ ଚାହିଁ ରହିଥିଲା। କାନ ପାଖର କଳିର କେଶ କେତୋଟି ଧଳା ପଡ଼ିଗଲାଣି। ବୟାଳିଶି ପୂରି ତେୟାଳିଶି ଚାଲିଛି। ତାଠାରୁ ପାଞ୍ଚବର୍ଷ ବଡ଼। ଏଭଳି ବୟସ୍କ ମଣିଷକୁ ସେ ବା କି ଉପଦେଶ ଦେଇ ପାରିବ?

ହୁଏତ ପାର୍ଥ ଯାହା ସଂଦେହ କରୁଛି ତା ସତ୍ୟ ହୋଇ ନପାରେ। କୌଣସି ନର ନାରୀର କାନ୍ଧ ଉପରେ ହାତ ରଖିଦେଲେ, ପାଦ ଖସିଯିବ-ସ୍ୱାମୀଙ୍କୁ ଏଭଳି ଏକ ଦୁର୍ବଳ ପୁରୁଷ ବୋଲି ଭାବିବାକୁ ତାକୁ କଷ୍ଟ ଲାଗିଥିଲା।

କିନ୍ତୁ ସେଇ ଥରେ ନୁହେଁ; ଅନେକ ଥର ଏକାନ୍ତରେ ସଦାନନ୍ଦଙ୍କୁ ସଂଗୀତା ସହିତ ଦେଖି ଥିବା ସମ୍ବାଦ ତା କାନ ପାଖରେ ପହଞ୍ଚାଇ ଦେଇଥିଲା ପାର୍ଥ। କିନ୍ତୁ ସେଥର ଭଳି ଆଉ କେବେ ସଂଗୀତା ପ୍ରସଙ୍ଗ ସ୍ୱାମୀଙ୍କ ପାଖରେ ଉତ୍ଥାପନ କରି ପରିବେଶକୁ ଜଟିଳ କରିବାକୁ ଚାହିଁ ନଥିଲା ଶ୍ରୀମୟୀ।

Digitized by srujanika@gmail.com

ସଂସାରରେ ସୁଖୀ ହେବାକୁ ହେଲେ ନିଜ ସହିତ ସାଲିସ୍ କରିବାକୁ ହୁଏ। ସଂଘର୍ଷର ପଥ ଛାଡି ସାଲିସ୍‌ର ଗଳି ରାସ୍ତାରେ ସୁଖର ସେ ଅନ୍ୱେଷଣ କରି ଚାଲିଥିଲା। କିନ୍ତୁ ଆଜି ସ୍ୱାମୀଙ୍କ ମଇଳା ଶାର୍ଟ ପକେଟରୁ ସଂଗୀତା ଚୌଧୁରୀର ସେ କାଗଜ ଟୁକୁରା ଆବିଷ୍କାର କରି ସେ ନିଜର ସାମ୍ନାସାମ୍ନି ହୋଇ ଗଲା ନିଜେ। ପରାଜୟର ଗ୍ଲାନି, ଆହତ ଅଭିମାନରେ ତାର ସାରା ଦେହ ଅସୁସ୍ଥ ହୋଇ ପଡ଼ିଲା। ତାର ସୁଖର କାଚ ଘର ଝଣ ଝଣ ହୋଇ କାହାର ଟେକା ମାଡରେ ଭାଙ୍ଗିଗଲା ଭଳି ତାକୁ ଜଣା ଗଲା।

ନା, ସେ ଏକାକୀ ଏ ଯୁଦ୍ଧରେ କେବେ ହେଲେ ବିଜୟିନୀ ହୋଇ ପାରିବ ନାହିଁ। ଏଥି ପାଇଁ ତାକୁ ଅନ୍ୟ ଜଣଙ୍କର ସାହାଯ୍ୟ ନେବାକୁ ହେବ। ଏ ଯୁଦ୍ଧରେ କିଏ ହେବ ତାର ସେନାପତି? ପାର୍ଥ!

ଏଇ କେତେଦିନ ଧରି ସେ ଲକ୍ଷ୍ୟ କରିଛି, ସଦାନନ୍ଦଙ୍କ ସହିତ ସଂଗୀତା ଚୌଧୁରୀଙ୍କ ଘନିଷ୍ଠତା କଥା ବର୍ଣ୍ଣନା କରିବା ଅବସରରେ ତା ପାଖକୁ ଆସ୍ତେ ଆସ୍ତେ ଘୁଞ୍ଚି ଆସିବାକୁ ଚେଷ୍ଟା କରୁଛି ପାର୍ଥ। ତାର ଆଖିର ଭାଷା ନିଃଶ୍ୱାସର ବେଗ, କଥା କହିବାର ଭଙ୍ଗୀରେ ଫୁଟି ଉଠିଛି ତାର ମନର ଅପ୍ରକାଶ୍ୟ ଅନୁରାଗ।

ସେ ତାକୁ ପ୍ରଶ୍ରୟ ଦେଇ ନାହିଁ। ସେ ସୁନ୍ଦରୀ, ସେ ବ୍ୟକ୍ତିତ୍ୱମୟୀ- ଏସବୁ ଚାଟୁବାଣୀ ଶୁଣି ସେ ନିଜକୁ ସଂଯତ କରି ନେଉଛି। ଆଉ ପ୍ରଶ୍ରୟ ନ ପାଇଲେ କୌଣସି ପୁରୁଷ ଯେ ନାରୀର ପାଖ ମାଡିବାକୁ ସାହସ କରନ୍ତି ନାହିଁ- ଏକଥା ତାକୁ ଭଲ ଭାବରେ ଜଣା ଅଛି।

ଦ୍ୱାରବନ୍ଧର ଆରପଟେ ଅନୁମତି ଅପେକ୍ଷା କରି ଠିଆ ହୋଇଛି ପାର୍ଥ। ସେ ତାକୁ ଦ୍ୱାରବନ୍ଧ ଡେଇଁ ଆସିବାକୁ ପ୍ରଶ୍ରୟ ଦେବ?

ଏ ପ୍ରଶ୍ନର ସମ୍ମୁଖୀନ ହେବା ମାତ୍ରେ ଅଧ୍ୟାପିକା ଶ୍ରୀମୟୀ ସାମନ୍ତରାୟ ଚମକି ଗଲା। ଦୋହଲି ଗଲା ତାର ନାରୀ ସତ୍ତା। ଟହଲି ଗଲା ତାର ମନର ସ୍ଥିରତା, ସଂଯମ।

ଏଇ ପ୍ରଥମ ନୁହେଁ-ବାହାଘର ଆଗରୁ, ବାହାଘର ପରେ ଅନେକ ତାର ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ସଦାନନ୍ଦଙ୍କ ବ୍ୟତୀତ ଆଉ କାହାକୁ ସେ ଧରା ଦେଇ ନାହିଁ। ମନେ ମନେ ସେ ଅନେକ ପୁରୁଷଙ୍କୁ ନେଇ ସମ୍ଭୋଗ ବିଳାସରେ ମାତିଛି। କିନ୍ତୁ ତାର ଏଇ ପାଞ୍ଚ ଫୁଟ ଚାରି ଇଞ୍ଚ ଯୌବନ ପଲ୍ଲବିତ ଦେହକୁ ସେ ଅନ୍ୟ କୌଣସି ପୁରୁଷକୁ ସ୍ପର୍ଶ କରିବାକୁ ଦେଇ ନାହିଁ। ଅନ୍ୟ ଆକାଙ୍କ୍ଷିତ ପୁରୁଷଙ୍କ ସାନ୍ନିଧ୍ୟ ଏଡାଇ ଯିବା ପଛରେ କୌଣସି ନୈତିକତାବୋଧ, ସାମାଜିକ ଭୟ ତାର ନାହିଁ। ଏଇଟା ତାର ନିଜ ରୁଚିର କଥା। ସ୍ୱାମୀଙ୍କ ଭିନ୍ନ ଅନ୍ୟ କୌଣସି ପୁରୁଷ ସହିତ ଶାରୀରିକ ସଂପର୍କ ସ୍ଥାପନ କଥା ଭାବିଲେ ତା ନିଜ ଦେହ ତାକୁ କିପରି ଅପବିତ୍ର, ଅପବିତ୍ର ଲାଗେ, ନିଜ ପାଖରେ ନିଜେ

Digitized by srujanika@gmail.com

ଛୋଟ ହୋଇ ଯାଏ ଶ୍ରୀମୟୀ।

ସଦାନନ୍ଦଙ୍କ ଠାରୁ ଅନୁରୂପ ରୁଚି ସେ ଆଶା କରୁଥିଲା। ସେ ଆଶା ତାର ପୂରଣ ହୋଇ ନାହିଁ। ସଂଗୀତା ଚୌଧୁରୀଙ୍କ ସହ ସଦାନନ୍ଦଙ୍କ ଘନିଷ୍ଠତା ସଂପର୍କରେ ନିଃସନ୍ଦେହ ହୋଇଗଲା ପରେ ତାର ସ୍ୱାମୀଙ୍କ ଦେହ ମଧ୍ୟ ଖୁବ୍ ଅପରିଚ୍ଛନ୍ନ, ଅପବିତ୍ର ବୋଧ ହେଉଛି। ସ୍ୱାମୀଙ୍କର ସେଇ କଳୁଷିତ ଦେହକୁ ସ୍ପର୍ଶ କରିବା କଥା ଭାବିଲେ ତାକୁ ନିଜକୁ ବାରଙ୍ଗନା ଭଳି ମନେ ହେଉଛି। ନିଃଶ୍ୱାସବନ୍ଦ ହୋଇଗଲା ପରି କଷ୍ଟ ଲାଗୁଛି।

ତା ଆରଦିନ ତା ବିଷର୍ଣ୍ଣ ଭାବ ଭଙ୍ଗୀ ଦେଖି ପାର୍ଥ ପଚାରିଲା-ଅପା, ତମର କଣ ହୋଇଛି? ଏମିତି ଶୁଖିଲା ଦେଖା ଯାଉଛ ଯେ!

ଅନ୍ୟଦିନ ଭଳି ଯୋର କରି ମୁହଁରେ ହସ ଫୁଟାଇ ନିଜ ଛାତି ଭିତରର ଉଦ୍‌ଗତ୍ କୋହକୁ ଢାଙ୍କି ରଖି ପାରିଲା ନାହିଁ ଶ୍ରୀମୟୀ।

କୋହ-ଉଦ୍‌ବେଳିତ କଣ୍ଠରେ କହିଲା-ତମେ ଠିକ୍ କହିଥିଲ ପାର୍ଥ। ସଦାନନ୍ଦ ସଂଗୀତା ଚୌଧୁରୀ ସହିତ ଜଡ଼ିତ ହୋଇ ପଡ଼ିଥିବା ଖବର ସତ। ଏକଥା ଜାଣିଲା ପରେ ସୀମନ୍ତରେ ସିନ୍ଦୁର ପିନ୍ଧି ସୁଦ୍ଧା ମତେ କିପରି ନିଜକୁ ବିଧବା, ବିଧବା ଲାଗୁଛି।

ଦ୍ୱାର ବନ୍ଧର ଏପଟକୁ ଗୋଟିଏ ପାଦ ବଢ଼ାଇ ଦେଇ ତାକୁ ସାନ୍ତ୍ୱନା ଦେଇଥିଲା ପାର୍ଥ। ଅନ୍ୟ ପାଦଟି ଭିତର ପଟକୁ ଆଣିବ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ି ଶୂନ୍ୟ ଦୃଷ୍ଟିରେ ତା ମୁହଁକୁ ଅନେଇ ରହିଥିଲା।

ହଠାତ୍ ଶ୍ରୀମୟୀ ଭିତରୁ ପ୍ରତିରୋଧର ପ୍ରାଚୀର ଭାଙ୍ଗି ପଡିଲା। ପାର୍ଥର ହାତ ଉପରେ ନିଜ ହାତ ରଖି ସେ କହିଲା

- ମତେ କେମିତି ନିଛାଟିଆ ନିଛାଟିଆ ଲାଗୁଛି। ଚାରିଆଡ଼ ଶୂନ୍‌ଶାନ୍। ଧୂଳି ଉଡ଼ାଇ ଖଣ୍ଡିଆଭୂତ ଚାରିଆଡ଼ ଅନ୍ଧାର କରି ଦେଇଛି। ମତେ କିଛି ଦେଖା ଯାଉ ନାହିଁ। ମୁଁ କାହାକୁ ଚିହ୍ନି ପାରୁନାହିଁ। ପାର୍ଥ, ମୋର ଏ କଣ ହେଲା?

ଧୀରେ ଧୀରେ ଝାଳେଇ ଯାଇଥିବା ତାର ହାତ ପାପୁଲି ଉପରେ ମୃଦୁଚାପ ଦେଇ ପାର୍ଥ ଗାଢ଼ ସ୍ୱରରେ କହିଲା-

-ତମେ ଭାଙ୍ଗି ପଡ଼ିଲେ ହାରିଯିବ। ନିଜକୁ ହାରି ଯିବାକୁ ଦିଅ ନାହିଁ। ତମେ ଅସୁସ୍ଥ ଜଣା ପଡୁଛ, ଭୁବନେଶ୍ୱରର ପାଣିପାଗ ତମ ଦେହରେ ଯାଉ ନାହିଁ। କିଛି ଦିନ ପାଇଁ ଚେଞ୍ଜରେ ବାହାରି ଯାଅ-

-ଏଇଟା ମାର୍ଚ୍ଚ ମାସ। ଲକ୍ଷ୍ୟ ପୂରଣ ପାଇଁ ଆୟକର ଅଫିସରମାନେ ଅଣ ନିଃଶ୍ୱାସୀ ହୋଇ ଯାଉଛନ୍ତି। ସେ କଣ ମତେ ସାଙ୍ଗରେ ନେଇ ଏ ସମୟରେ ଚେଞ୍ଜରେ ଯିବେ?

ପାର୍ଥ ଢ଼ୋକ ଗିଳିଲା।

Digitized by srujanika@gmail.com

ତାପରେ ଶ୍ରୀମୟୀର ପାଦକୁ ଚାହିଁ କହିଲା-

-ଏଇ ମାସରେ ମୁଁ ହରଦ୍ୱାର ଯାଉଛି, ଗୋଟାଏ କନ୍‌ଫରେନସ୍ ଅଛି। ତମେ ଚାହିଁଲେ ମୁଁ ଆଉ ଗୋଟାଏ ପ୍ଲେନ୍‌ଟିକେଟ କରି ଆଣିବି। ହରଦ୍ୱାର, ଋଷିକେଶ ଖୁବ୍ ଚମତ୍କାର ଯାଗା-

ପାର୍ଥ ସହିତ ସେ ହରଦ୍ୱାର ଯାଇ ମାନସିକ ସ୍ୱାସ୍ଥ୍ୟ ଫେରି ପାଇବ? ଏକାକିନୀ ଯିବ?

ପାର୍ଥର ଉଲଗ୍ନ ଇଚ୍ଛା ଜିଭ ଦାନ୍ତ କାଢ଼ି ତା ଆଡ଼କୁ ଅନାଇ ରହିଛି।

ସେ ହଁ କରି ଦେବ?

ଶ୍ରୀମୟୀ ପାର୍ଥ ହାତ ମୁଠା ଭିତରୁ ନିଜ ହାତ ପାପୁଲିକୁ ବନ୍ଧନ-ମୁକ୍ତ କରି କହିଲା, ମତେ ଭାବିବାକୁ ଗୋଟାଏ ଦିନ ଦିଅ। ମାତ୍ର ଗୋଟାଏ ଦିନ, ଚବିଶ ଘଣ୍ଟା।

ପାର୍ଥ ପାଖରୁ ୟୁନିଭରସିଟି କ୍ୟାମ୍ପସ୍ ଭିତରକୁ ଫେରି ଆସିଲା ପରେ ମଧ୍ୟ ଶ୍ରୀମୟୀ ନିଜ ଭିତରେ ଏକ ନିଷିଦ୍ଧ ସୁଖର ଅବୈଧ ଉତ୍ତେଜନା ଅନୁଭବ କରୁଥିଲା। ତା ମୁଣ୍ଡର ଶିରା ପ୍ରଶିରା ସବୁ ଦପ୍‌ଦପ୍, ଛାତି ଭିତରେ ମୃଦୁ ଭୂକମ୍ପନ। ଏଭଳି ଆନନ୍ଦ, ଏପରି ଉତ୍ତେଜନା ଜୀବନରେ ଆଉ କେବେ ଅନୁଭବ କରି ନଥିଲା ଶ୍ରୀମୟୀ। ସେ ମଧ୍ୟ ଅନେକ ପରିମାଣରେ ନିଜକୁ ଭାରମୁକ୍ତ ମନେ କରୁଥିଲା। ଆଗର ରୋଗ କିଛି ଭଲ ହୋଇ ଯାଇ ଅନ୍ୟ ପ୍ରକାର ଅସୁସ୍ଥତା ତାର ନାରୀ ସତ୍ତାକୁ ବ୍ୟାପୀ ଯାଉଥିଲା।

ସଦାନନ୍ଦ ବେଡ୍‌ରୁମ୍ ଭିତରେ ଟେବୁଲ ଲ୍ୟାମ୍ପ ଜାଳି ଅଫିସର କଣ ଜରୁରୀ ଫାଇଲ ପଢୁଥିଲେ। ଏକାଗ୍ର ଚିତ୍ତରେ।

ତାଙ୍କ ଚେୟାର ପଛ ପଟେ ଯାଇ ଠିଆ ହେଲା ଶ୍ରୀମୟୀ।

ପଚାରିଲା-ଶୁଣୁଛ?

ସଦାନନ୍ଦ ଫାଇଲ ଉପରୁ ମୁହଁ ନଫେରାଇ ପଚାରିଲେ-କଣ?

- ପାର୍ଥ ହରଦ୍ୱାର ଯାଉଛି। ମତେ ଡ଼ାକୁଛି ସାଙ୍ଗରେ ଯିବା ପାଇଁ। ଏମିତି ଯାଗା ପରିବର୍ତ୍ତନ ଲାଗି ବୁଲି ଯିବା କଥା। ଖାସ୍ କିଛି କାମ ନାହିଁ। ତମେ ମୋ ସାଙ୍ଗରେ ଯିବ?

ଏଥର ଫାଇଲରୁ ମୁହଁ ଫେରାଇ ସଦାନନ୍ଦ ସ୍ତ୍ରୀର ମୁହଁକୁ ଅଚିହ୍ନା ଅଚିହ୍ନା ଆଖିରେ ଚାହିଁଲେ, ଅବାକ କଣ୍ଠରେ କହିଲେ

- ଏଇଟା ମାର୍ଚ୍ଚମାସ। କାମ ଛାଡ଼ି ମୋର ଯିବା ଦରକାର କଣ? ପାର୍ଥତ ଯାଉଛି-ଯାଅ ବୁଲିଆସ-

ଆଉ ସମ୍ଭାଳି ପାରିଲା ନାହିଁ ଶ୍ରୀମୟୀ। ସହ୍ୟ ମଧ୍ୟ କରି ପାରିଲା ନାହିଁ। ସ୍ୱାମୀଙ୍କର ଅନ୍ୟନାରୀ ପ୍ରତି ଆସକ୍ତିକୁ ସେ କ୍ଷମା କରି ପାରେ; କିନ୍ତୁ ନିଜ

Digitized by srujanika@gmail.com

ସ୍ତ୍ରୀ ପ୍ରତି ସନ୍ୟାସୀ-ସୁଲଭ ନିର୍ଲିପ୍ତ, ଉଦାସୀନତା ତା ପକ୍ଷରେ ଅସହ୍ୟ।

ସଦାନନ୍ଦଙ୍କ ଗାଲରେ ଏକ ଶକ୍ତ ଚଟକଣା ବସାଇ ଦେଇ ସେ ଚିତ୍କାର କରି ଉଠିଲା-ନିଜ ସ୍ତ୍ରୀକୁ ଅନ୍ୟ ଜଣେ ପୁରୁଷ ସହିତ ପଠାଇବା ଲାଗି ତମକୁ ଲଜ୍ଜା ଲାଗୁ ନାହିଁ? ତମେ ପୁରୁଷ ନୁହେଁ, କାପୁରୁଷ। ଯାଅ, ବାହାରି ଯାଅ ଏ ଘରୁ-

ଘଟଣାଟା ଏପରି ଅପ୍ରତ୍ୟାଶିତ ଭାବରେ ଘଟି ଗଲା ଯେ ସଦାନନ୍ଦ କିଛି ବୁଝିବା ଆଗରୁ ଲକ୍ଷ୍ୟ କଲା ଶ୍ରୀମୟୀ ସୋଫା ଉପରେ କାନ୍ଦି କାନ୍ଦି ଲୋଟି ପଡୁଛି।

Digitized by srujanika@gmail.com

ସୁଧାକରର ସଂସାର

ଦୁଃଖଟା ଏକ ପିନ୍‌କଣ୍ଟାର ମୂନ ଭଳି ସୁଧାକରର ଛାତି ଭିତରେ କେଉଁଠି ଫୋଡ଼ି ହୋଇଯାଏ। ସେ ଖୁବ୍ ଅସତର୍କ ମୁହୂର୍ତ୍ତରେ ଯନ୍ତ୍ରଣାରେ କ୍ଷୀଣ କଣ୍ଠରେ ଆର୍ତ୍ତନାଦ କରି ଉଠେ-ଉଃ

ଗୀତା ପ୍ରଶ୍ନ କରେ-କଣ ହେଲା?

ସୁଧାକର ନିଜକୁ ସମ୍ଭାଳି ନେଇ କହେ-ନା, କିଛି ନୁହେଁ-

ଏଇ ପ୍ରଥମ ନୁହେଁ, ଗତ ଦେଢ଼ ବର୍ଷ ଧରି ସୁଧାକର ନିଜକୁ ଏମିତି ସମ୍ଭାଳି ନେଇଛି ବୋଲି ତାର ସଂସାରର ସୌନ୍ଦର୍ଯ୍ୟ ଅତୁଟ ଅଛି। ସଜ୍ଜିତ ଉଦ୍ୟାନ ଭଳି ବାହାର ଲୋକଙ୍କ ଆଖିକୁ ତାର ଦାମ୍ପତ୍ୟ ଜୀବନର ତୈଳଚିତ୍ର ସୁନ୍ଦର ଦେଖାଯାଉଛି। କେଉଁଠି ହାତର ଝୋଳ କିମ୍ବା ମୁଣ୍ଡର ତେଲ ଚିକିଟା ଦାଗ ଲାଗି ଚିତ୍ର ବିକୃତ ଦେଖା ଯାଉ ନାହିଁ। କିନ୍ତୁ ଏମିତି କେତେଦିନ?

ସୁଧାକର ଶାର୍ଟ ଛାତି ପକେଟରେ ବୋଉର ଚିଠିଟା ସେମିତି ଭଙ୍ଗା ଭଙ୍ଗି ହୋଇ ରହିଛି। ବାବାଙ୍କର ଦେହ ଆଦୌ ଭଲ ରହୁ ନାହିଁ। ଔଷଧ ପାଇଁ ଟଙ୍କା ନାହିଁ, ପଥ୍ୟ ପାଇଁ ପାଥେୟ ନାହିଁ। ଘର ଛାଆଣି ହୋଇ ପାରି ନାହିଁ ବୋଲି ଚାଳରୁ ପାଣି ଗଳୁଛି। ଦୁଇ ମାସ ହେଲା ଡାକବାଲାକୁ ପଚାରି ପଚାରି ସେ ବ୍ୟସ୍ତ ହୋଇ ଗଲାଣି ମନି ଅର୍ଡର ନାହିଁ-

ସୁଧାକର ଚିଠିଟା ଗୀତାକୁ ପଢ଼ିବା ପାଇଁ ଦେବ ବୋଲି ମନସ୍ଥ କରି ଅଫିସରୁ ଫେରୁଥିଲା, କିନ୍ତୁ ଘରେ ଆସି ଦେଖିଲା, ଗୀତା ଆଉ ତାର ପୁରୁଷ ବନ୍ଧୁ ମାନେ ଟି.ଭି. ଖୋଲି କ୍ରିକେଟ୍ ମ୍ୟାଚ୍‌ର ସିଧା ପ୍ରସାରଣ ଦେଖୁଛନ୍ତି-ଆଉ ଗୀତା ଥରକୁ ଥର ଚା ଜଳଖିଆ ନେଇ ଦେଇ ଆସୁଛି-

ଏସବୁ ଦୃଶ୍ୟ ଦେଖିଲେ ସେ ଅଦୃଶ୍ୟ ପିନ୍ କଣ୍ଟା ବାରମ୍ବାର ତାର ଛାତି ଭିତରେ ଫୋଡ଼ି ହୋଇଯାଇ ରକ୍ତ ଝରାଇ ଦିଏ, କିନ୍ତୁ ସେ ରକ୍ତର ରଙ୍ଗ ଅନ୍ୟ କାହାରି ଆଖିକୁ ଦେଖାଯାଏ ନାହିଁ ବା ଅନ୍ୟ କେହି ତାକୁ ଦେଖିବାକୁ ଚାହାନ୍ତି ନାହିଁ।

ଶାର୍ଟ ପ୍ୟାଣ୍ଟ ବଦଳାଇ ଗାଧୁଆ ଘରକୁ ଧୁଆଧୋଇ ହେବାକୁ ଯାଇ ସୁଧାକର

Digitized by srujanika@gmail.com

ଦେଖିଲା କୁଣ୍ଡରେ ପାଣି ନାହିଁ। ହୁଏତ ଚାରିଟାବେଳେ କଳରେ ପାଣି ଆସିଲା ବେଳେ ଗୀତା ଟ୍ୟାପ୍ ଖୋଲିବାକୁ ଭୁଲି ଯାଇଛି ଅଥବା କଳପାଣି ବନ୍ଦ ହୋଇ ଗଲା ପରେ କୁଣ୍ଡ ସଫାକରି ଗୀତା କୁଣ୍ଡରୁ ପାଣି ବାହାର କରି ଦେଇଛି।

କୁଣ୍ଡରେ ପାଣି ନଦେଖି ସୁଧାକର ମୁଣ୍ଡ ଗରମ ହୋଇଗଲା। ସେ ଗାଧୁଆ ଘର ଭିତରେ ଥାଇ ଚିତ୍କାର କରି ଉଠିଲା-ଗୀତା, ଗୀତା-

ଗୀତା ପାଖକୁ ଆସି କହିଲା-ଘରେ ରୀତାର ବନ୍ଧୁମାନେ ବସିଛନ୍ତି- ତମେ ସୋହାଗରେ ଏତେ ପାଟିକରି ଚିତ୍କାର କରୁଛ କାହିଁକି?

-କୁଣ୍ଡରେ ପାଣି ନାହିଁ, ଖରାରେ ଖିଝି ଖିଝି ଆସିଛି। ଟିକିଏ ଧୁଆଧୋଇ ହେବାକୁ-

ଗୀତା ଚାପା କଣ୍ଠରେ କହିଲା - ସେଇଥି ପାଇଁ ତ କହୁଛି, ପାଟିକର ନାହିଁ। ରୀତାର ବନ୍ଧୁ ସଞ୍ଜୟ ଆଜି ଖରାବେଳେ ରାଉରକେଲାରୁ ଆସି ପହଞ୍ଚିଲା। ଏଠାରେ କଣ ତାର ଇଣ୍ଟରଭ୍ୟୁ ଅଛି। ଆଜି ଆମ ଘରେ ସେ ଅତିଥି। ଗାଧୋଇ ନ ଥିଲା। ହୁଏତ ଗାଧୋଇଲା ବେଳେ ପାଣି ବାହାର କରି ଦେଇଛି - କୁଣ୍ଡଭିତରେ ବସି ଗାଧୋଇବା ତାର ଅଭ୍ୟାସ-ରୁହ ମୁଁ ରୋଷେଇ ଘରୁ ଡ୍ରାମେ ପାଣି ଆଣି ଦେଉଛି। ମୁହଁ ହାତ ଧୋଇ ପକାଅ। ସକାଳୁ ଗାଧୋଇ ଯାଇଥିଲ-ସଞ୍ଜରେ ଆଉ ଥରେ ନ ଗାଧୋଇଲେ ଚଳିବ ନାହିଁ?

ଗୀତା ଚାଲିଗଲା ଏବଂ ଏକ ଅଦୃଶ୍ୟ ଅଗ୍ନିରେ ଦଗ୍ଧ ହେବାକୁ ଲାଗିଲା ସୁଧାକର।

ଅସହାୟତାର ଶୀତଳ ଅଗ୍ନି!

ସେ ଅଗ୍ନିରେ ଉତ୍ତାପ ନାହିଁ; କିନ୍ତୁ ଅଛି ଭୀଷଣ ଏକ ଦାହିକା ଶକ୍ତି।

ରୀତା ଆସି ତାର ଦୁଇ କୋଠରୀ ବିଶିଷ୍ଟ ଭଡ଼ାଘରେ ତମ୍ବୁ ପକାଇବା ଦିନୁ ସେ ଏଇ ଶୀତଳ ବହ୍ନିର ଜ୍ୱାଳା ଯନ୍ତ୍ରଣାରେ ଛଟପଟ ହେଉଛି। କିନ୍ତୁ କାହାରିକୁ କିଛି ମୁହଁ ଖୋଲି କହି ପାରୁ ନାହିଁ।

ରୀତା ତାର ସ୍ତ୍ରୀର ସାନ ଭଉଣୀ, ବାପା, ବୋଉ ନାହାନ୍ତି ବୋଲି ସମ୍ବଲପୁରରେ ଭାଇ ଭାଉଜଙ୍କ ପାଖରେ ରେହ୍ଲାରେ ପାଠ ପଢୁଥିଲା। ଚମତ୍କାର ସମ୍ବଲପୁରୀ ଗୀତ ବୋଲିପାରେ। ରେଡ଼ିଓ ଆର୍ଟିଷ୍ଟ ଭାବରେ କିଛି ଖ୍ୟାତି ମଧ ଅର୍ଜନ କରିଥିଲା।

ଏଇ ଖ୍ୟାତି ହିଁ ହେଲା ତାର ଦୁର୍ଗତିର କାରଣ। ଗୀତ ଶୁଣି ଜଣେ କଲେଜ ଅଧାପକ ତାର ପ୍ରେମରେ ପଡ଼ିଥିଲେ। ସମ୍ପର୍କ ଘନିଷ୍ଠ ହେବା ପରେ ଯେତେବେଳେ ବାହାଘର ପ୍ରସ୍ତାବ ଉଠିଲା, ଜଣା ପଡ଼ିଲା, ଭଦ୍ରଲୋକ ବିବାହିତ। ସ୍ତ୍ରୀ ଗ୍ରାମରେ ଥାଆନ୍ତି। ଏକଥା ରୀତାକୁ ଜଣା ନଥିଲା।

ଆଉ ଯେଉଁଦିନ ସବୁ କଥା ସେ ଜାଣିଲା, ଆତ୍ମହତ୍ୟା କରିବା ପ୍ରଚେଷ୍ଟା ବିନା ତାକୁ ଅନ୍ୟ କୌଣସି ରାସ୍ତା ଦେଖାଯାଇ ନଥିଲା।

Digitized by srujanika@gmail.com

ଭାଇ ଭାଉଜ ତାକୁ ଡ଼ାକ୍ତର ଖାନାରେ ଭର୍ତ୍ତି କରିଥିଲେ। ସେ ଆଉ ଗୀତା ଖବର ପାଇ ତାକୁ ଦେଖିବାକୁ ଯାଇଥିଲେ। ରୀତା ବଞ୍ଚିଗଲା ଏବଂ ଭଲ ହୋଇଗଲା ପରେ ସେମାନଙ୍କ ସହିତ ଏ କଟକ ସହରକୁ ଚାଲି ଆସିଥିଲା।

ଆଉ ଫେରିବା କଥା ସେ ମୁହଁରେ ଧରେ ନାହିଁ କି ସାନ ଭଉଣୀକୁ ପାଖକୁ ଫେରସ୍ତ ନେବାକୁ ଭାଇ ଭାଉଜ କୌଣସି ଆଗ୍ରହ ଦେଖାନ୍ତି ନାହାନ୍ତି।

ସମ୍ବଲପୁର ଗଲେ ପୁଣି ସେଇ ଆତ୍ମହତ୍ୟା କରିବା ପ୍ରବୃତ୍ତି ତା ଠାରେ ଦେଖା ଯାଇପାରେ, ତା ଅପେକ୍ଷା ବରଂ ଏଠାରେ ତା ପାଇଁ ଗୋଟିଏ ଭଲ ପାତ୍ର ଦେଖି ଉଠାଇଦେଲେ ଭଲ- ଗୀତାର ଏ ଯୁକ୍ତି ମାନି ନେଇଥିଲା ସୁଧାକର। ବଡ଼ ଶଳା ମଧ ଲେଖିଥିଲେ, ତମେ ପାତ୍ର ଠିକ୍ କରି ରୀତୁକୁ ରାଜି କର-ଯାହା ଖର୍ଚ୍ଚ ହେବ ମୁଁ ବୁଝିବି। ଏଠାରେ ତାର ପ୍ରେମ ଓ ଆତ୍ମହତ୍ୟା ଘଟଣା ଏପରି ଦୂଷିତ ବାୟୁମଣ୍ଡଳ ସୃଷ୍ଟି କରିଛି ଯେ, ସତ୍ ପାତ୍ର ଖୋଜି ପାଇବା କଷ୍ଟ।

ରୀତା ଦେଖିବାକୁ ଗୀତା ଠାରୁ ବେଶ୍ ସୁନ୍ଦର। ରଙ୍ଗ ସଫା; ଇସ୍ପାତ୍ ଛୁରୀ ଭଳି ଶାଣିତ୍ ଦେହ ରେଖା। ଆଖିର ତରଳ ଚାହାଣୀ ସନ୍ୟାସୀକୁ ମଧ ସଂସାରୀ କରି ଦେଇପାରେ। ବି.ଏ. ପାଶ୍ କରି ଏମ.ଏ ପଢୁଥିଲା। ଖ୍ୟାତନାମ୍ନୀ କଣ୍ଠ ଶିଳ୍ପୀ, ରେଡ଼ିଓ ଆର୍ଟିଷ୍ଟ।

ଯୋଗ୍ୟପାତ୍ର ମିଳିବା କିଛି କଷ୍ଟକର ବ୍ୟାପାର ହେବାର କଥା ନୁହେଁ। ସୁଧାକର ଭାବିଥିଲା ମାସେ ଦୁଇମାସ ଭିତରେ ରୀତା ବାହାହୋଇ ଯିବ। ଏ ଦୁଇ ତିନି ମାସ ଯାହା ସୁବିଧା ଅସୁବିଧା ହେବ, ତାକୁ ସେ ସମ୍ଭାଳି ନେଇ ପାରିବ। କିନ୍ତୁ ଦେଢ଼ବର୍ଷ ହୋଇଗଲା-କେଉଁଠି ହେଲେ ପ୍ରସ୍ତାବ ସ୍ଥିର ହୋଇ ପାରିଲା ନାହିଁ, ଦୁଇଟି ପ୍ରସ୍ତାବ ଶେଷ ମୁହୂର୍ତ୍ତରେ ଭାଙ୍ଗିଗଲା।

ଗୀତାର କିନ୍ତୁ ଚେଷ୍ଟାରେ କ୍ଳାନ୍ତି ନାହିଁ। ଏ ସହରରେ କୌଣସି ଉପାର୍ଜନ କ୍ଷମ ଅବିବାହିତ ଯୁବକର ସନ୍ଧାନ 'ପାଇଲେ ସେ ପ୍ରସ୍ତାବ ପକାଇଛି। ରୀତା ସହିତ ପରିଚୟ କରାଇ ଦେଇଛି। ଘରକୁ ଡ଼ାକି ଜଳଖିଆ ଖୁଆଇଛି। ରୀତାର ଗୀତ ଶୁଣାଇଛି। ଫଳରେ ରୀତାର ଅନୁରାଗୀ ପୁରୁଷ ବନ୍ଧୁଙ୍କ ସଂଖ୍ୟା ବଢ଼ିଛି, ତାର ବ୍ୟୟଭାର ବୃଦ୍ଧି ପାଇଛି, କିନ୍ତୁ ବାହାଘର ସ୍ଥିର ହୋଇ ପାରି ନାହିଁ। ଦୁଇ ତିନିଟା ପ୍ରସ୍ତାବ ଝୁଲି କରି ରହିଛି-ଯେମିତି ସଂଜୟ-

ସଂଜୟ ବାହାହେବାକୁ ରାଜି-କିନ୍ତୁ ତାର ଚାକିରୀ ନାହିଁ। ବେକାର ଇଞ୍ଜିନିୟର। ରାଉରକେଲା ଯାଇଥିଲା ଇଣ୍ଟରଭ୍ୟୁ ଦେବା ପାଇଁ। ସେଠାରୁ ସିଧା ଆସି ତାଙ୍କ ବସାଘରେ ଓହ୍ଲାଇଛି। କୁଣ୍ଡରେ ସଞ୍ଚିତ ପାଣି ସବୁ ଖର୍ଚ୍ଚ କରି ସ୍ନାନ କରିଛି।

ସଂଜୟକୁ ଏଭଳି ପ୍ରଶ୍ରୟ ଦେବା ସପକ୍ଷରେ ନୁହେଁ ସୁଧାକର। କିନ୍ତୁ ଗୀତା ତାର ଉପଦେଶ ଶୁଣିବା ପାଇଁ ଅନିଚ୍ଛୁକ।

ସଂଜୟ କେମିକାଲ ଇଂଜିନିୟର, ଆଜି ବେକାର ଅଛି। କାଲି ଚାକିରୀ

Digitized by srujanika@gmail.com

ପାଇଗଲେ ତାକୁ ଜାମାତା କରିବା ପାଇଁ କନ୍ୟାପିତା-ମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇଯିବ। ରୀତାକୁ ସେ ପସନ୍ଦ କରି ବିବାହ ପାଇଁ ରାଜି ହୋଇଛି। କେବଳ ଚାକିରୀ ପାଇଲେ ବାହାଘର ହେବ। ଏଭଳି ଅବସ୍ଥାରେ ସେ ଯଦି ବେଳେ ବେଳେ ଆମ ବସାରେ ରହିବାକୁ ଚାହୁଁଥାଏ; ତାକୁ ମନାକରି ଦେବା ଠିକ୍ ହେବ ? ରୀତା ଯଦି ମୋ ଭଉଣୀ ନ ହୋଇ ତମ ଭଉଣୀ କି ଝିଅ ହୋଇଥାଆନ୍ତା !

ଗୀତାର ଏଇ ଶେଷ ବାକ୍ୟ ସୁଧାକରକୁ ନିରସ୍ତ କରି ଦିଏ। ସେ କିଛି ପ୍ରତିବାଦ କରିପାରେ ନାହିଁ, ଆଜି ମଧ ପାରିଲା ନାହିଁ, ତ୍ୱାକେ ପାଣିରେ ମୁହଁ ହାତ ଧୋଇ ବାଥ୍ରୁମ୍ରୁ ବାହାରି ଆସିଲା।

ବୋଉର ଚିଠି ଏ ପର୍ଯ୍ୟନ୍ତ ପକେଟ ଭିତରେ ରହି ତାକୁ ଅନ୍ୟମନସ୍କ କରି ଦେଉଛି।

ଦୁଇମାସ ହେଲା ସେ ଘରକୁ ଟଙ୍କା ପଠାଇ ପାରୁନି। ତାର ସମସ୍ତ ଆୟ ପ୍ରାୟ ରୀତା ପାଇଁ ଖର୍ଚ୍ଚ ହୋଇ ଯାଇଛି। ଗୋଟିଏ ଶାଢ଼ୀ କିଣିଦେଲେ ଦେଢ଼ ଶହ ଦୁଇ ଶହ ଟଙ୍କା। ଗଲା ମାସରେ ତାର ଜନ୍ମ ଦିନ ଗଲା। ରୀତା ସେଇଥି ପାଇଁ ତାର ବନ୍ଧୁମାନଙ୍କୁ ଡ଼ାକି ଭୋଜି ଦେଲା। ଗୀତାର ବେକର ସୁନାହାର ଛିଡ଼ି ଯାଇଥିଲା। ଛନ୍ଦୁ ଦିନରେ ଖାଲି ବେକ କରିବ ନାହିଁ ବୋଲି ଛିଣ୍ଡା ହାରକୁ ଆଉ କିଛି ସୁନା ମିଶାଇ ଗଢ଼ିବାକୁ ହେଲା। ଚାରିଶହ ଟଙ୍କା ଲାଗିଲା। ଏ ଟଙ୍କା ଅଫିସରୁ ଧାର କରିବାକୁ ପଡ଼ିଲା ସୁଧାକରକୁ।

ବାପାଙ୍କୁ ଆଣି ଏଠାରେ ତାଙ୍କର ସମ୍ପୂର୍ଣ୍ଣ ଚିକିତ୍ସା କରିବା ଲାଗି ତାର ଇଚ୍ଛା। କିନ୍ତୁ ବାପା ଆସିଲେ ରହିବେ କେଉଁଠି ? ଗୋଟିଏ କୋଠରୀରେ ସେ ଦୁହେଁ; ଅନ୍ୟ କୋଠରୀ ରୀତା ଦଖଲ କରି ବସିଛି। ସେ ଥିବା ପର୍ଯ୍ୟନ୍ତ ବାପା କିମ୍ବା ବୋଉକୁ ଆଣିବା ଅସମ୍ଭବ।

ଅଥଚ ଅସୁସ୍ଥ ବାପା !

ସୁଧାକର ନିଜ ଉପରେ ନିଜେ ରାଗି ଦାନ୍ତ ରଗଡ଼ିବାକୁ ଲାଗିଲା। କିନ୍ତୁ ପ୍ରତିବାଦର ଗୋଟିଏ ହେଲେ ଶବ୍ଦ ସୁଦ୍ଧା ତାର କଣ୍ଠରୁ ଉଚ୍ଚାରିତ ହେଲା ନାହିଁ।

ତା ନିଜ ସହିତ ଏ ଲଢ଼େଇ ନିଜ ଭିତରେ ପ୍ରାୟ ଗୋଟିଏ ବର୍ଷ ହେଲା ଚାଲିଛି। ସେ ସ୍ୱଳ୍ପ ବେତନ ଭୋଗୀ ସାମାନ୍ୟ କିରାଣୀ, ତାର ସାଧ ଓ ସାଧ ଭିତରେ ଆକାଶ ପାତାଳ ତଫାତ୍। ନିଜର 'ଏକମାତ୍ର ସୁନ୍ଦରୀ ଶ୍ୟାଳିକା ପାଇଁ ସେ, ପ୍ରତିମାସରେ ତିନି ଚାରିଶହ ଟଙ୍କା ଖର୍ଚ୍ଚ କରୁଛି; ତାକୁ ସୁଖୀ କରିବା ଲାଗି ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ କିଛି ପରିମାଣରେ ବଳି ଦେଉଛି; ଏ କଥା ଭାବିଲେ ତାକୁ ଯେତିକି ଭଲଲାଗେ, ମନରେ ଏକ ତୃପ୍ତି ତୃପ୍ତି ଭାବ ସୃଷ୍ଟି ହୁଏ; ସେ ତାର ସ୍ତ୍ରୀର ସାନ ଭଉଣୀର ଦାୟିତ୍ୱ ଅଯଥା ନିଜ କାନ୍ଧ ଉପରକୁ ଉଠାଇ

Digitized by srujanika@gmail.com

ନେଇ ନିଜ ବାପା, ବୋଉଙ୍କୁ ଅବହେଳା କରୁଛି, ବାପା ଅସୁସ୍ଥ ଥାଇ ଔଷଧ ଓ ପଥ୍ୟ ପାଇଁ ଟଙ୍କା ପାଉ ନାହାଁନ୍ତି, ଛପର ନ ହୋଇ ପାରି ତାଙ୍କ ଘର ଛାତରୁ ବର୍ଷା ପାଣି ଗଳି ଘର ଭିତରେ ଇହଡ଼ି ଭାଙ୍ଗୁଛି, ଏ କଥା ଭାବିଲେ ତା ଦେହ ସାରା କଣ୍ଟା ଫୋଡ଼ି ହୋଇ ଯାଉଛି, ଦାନ୍ତ ରଗଡ଼ି ହୋଇ ଯାଉଛି। ତା ଭିତର ଆତ୍ମଗୋପନ କରିଥିବା ଏକ ସଇତାନ ଜାଗି ଉଠି କିଳି କିଳା ଶବ୍ଦ କରି ତାକୁ ଉତ୍କ୍ଷିପ୍ତ କରି ଦେଉଛି।

ସେ ମନେ ମନେ ଭାବୁଛି ଯେ, ଅନେକ ହୋଇଛି। ଆଉ ନୁହେଁ। ସେ ସଫା ସଫା ରୀତାର ବଡ଼ ଭାଇଙ୍କୁ ଚିଠି ଲେଖି ଦେବ-ସେ ରୀତାକୁ ନିଜପାଖକୁ ନେଇ ଯାଆନ୍ତୁ, ତାଙ୍କର ବୋଝ ସେ ଦେଢ଼ ବର୍ଷ ହେଲା ସମ୍ଭାଳି ସର୍ବସ୍ୱାନ୍ତ ହୋଇ ଯାଉଛି-ଏଇ ପକେଟରେ ବୋଉର ଚିଠି-

ଟା କପଟା ତା ହାତକୁ ବଢ଼ାଇ ଦେଲା ବେଳେ ଗୀତା ପଚାରିଲା-ତମର କଣ ହୋଇଛି? ଏମିତି ବଇ ବଇ କରି ମତେ ଚାହିଁ ରହିଛ କଣ? ଆଜି କଣ ଅଫିସରେ କିଛି ଗଣ୍ଡଗୋଳ ହୋଇଛି? ନା-ଦେହ ଭଲ ନାହିଁ-।

ସୁଧାକର ନିଜ ମୁହଁରେ ଏକ କୃତ୍ରିମ ହସର ଆଲେଖ୍ୟ ଅଙ୍କନ କରି କହିଲା- ନା, ସେ କିଛି ନୁହେଁ। ଦିଅ-ଟା' ଦିଅ-

ବୋଉ ପାଖରୁ ଆସିଥିବା ଚିଠି କଥା ସେ ତାର ସ୍ତ୍ରୀକୁ କହି ପାରିଲା ନାହିଁ। ସବୁ ଦୁଃଖ, ସବୁ ବିଷ ନିଜେ ପିଇ ନୀଳକଣ୍ଠ ହୋଇ ଯିବାପାଇଁ ସେ ଶେଷଥର ପାଇଁ ଚେଷ୍ଟା କରିଗଲା।

ସେ ଦିନ ଅଫିସ ଯିବା ପାଇଁ ସାଇକେଲରେ ଉଠିବା ଆଗରୁ ସେ ଗୀତାକୁ କହିଗଲା-ଆଜି ମୁଁ ଅଫିସରୁ ଫେରୁ ଫେରୁ ରାତି ହେବ। ମୁଁ ଖାଇ ପିଇ ଆସିଥିବି। ମୋ ପାଇଁ ଅପେକ୍ଷା କରିବ ନାହିଁ।

ଗୀତା ଥ'ଥ'ମ'ମ ହୋଇ ପ୍ରଶ୍ନ କରିଥିଲା, ଖାଇବ କେଉଁଠି? ଅଫିସରେ କଣ ଭୋଜି ଅଛି?

ସ୍ତ୍ରୀର ପ୍ରଶ୍ନର ଉତ୍ତର ଦେବାର ଆବଶ୍ୟକତା ଉପଲବ୍ଧି ନ କରି ସୁଧାକର ସାଇକେଲ ଉପରେ ଉଠି ପଡ଼ିଲା।

ଆଜି ତାର ଅନ୍ୟତ୍ର ଯିବାର ଅଛି। ଅଫିସ୍ ନୁହେଁ-ଅଫିସର୍‌ଙ୍କ ଘରକୁ।

ଅଶ୍ୱିନୀବାବୁ ତାର ହାକିମ ହେଲେ ବି ଭିନ୍ନ ପ୍ରକାର ମଣିଷ। ତା ହାତରେ ନିଜର ବ୍ୟକ୍ତିଗତ ଚିଠି ପତ୍ର, ଲେଖା ଲେଖି ଟାଇପ୍ କରି ନିଅନ୍ତି। ଗଳ୍ପ ଲେଖକ ଭାବରେ ତାଙ୍କର ବେଶ୍ ଖ୍ୟାତି ଅଛି। ହାତରେ ଲେଖିବା ପାଇଁ ସମୟ ପାଆନ୍ତି ନାହିଁ ବୋଲି ନିରୋଳାରେ ଥରେ ଥରେ ତାକୁ ଗଳ୍ପର ଶ୍ରୁତଲିଖନ ଡ଼ାକି ଦିଅନ୍ତି। ପରେ ଗୋଟିଏ ଦୁଇଟା ଶବ୍ଦ କିମ୍ବା ବାକ୍ୟ ଏପାଖ ସେପାଖ କରି ତାକୁ ଓଡ଼ିଆରେ ଟାଇପ୍ କରି ଦେବାକୁ କହନ୍ତି। ଏ ଅତିରିକ୍ତ କାମ ପାଇଁ ସେ ଅନେକ ଥର

Digitized by srujanika@gmail.com

ତାକୁ ପାରିଶ୍ରମିକ ଯାଚିଛନ୍ତି-ସୁଧାକର ନେଇନାହିଁ। ଯେତେହେଲେ ଅଫିସର୍ ତ।

କିନ୍ତୁ ବାପାଙ୍କ ଅସୁସ୍ଥତା ସମ୍ପର୍କରେ ବୋଉର ଚିଠି ପାଇଲା ପରେ ସେ ଆଉ ସମ୍ଭାଳି ପାରିଲା ନାହିଁ। ଅଶ୍ୱିନୀବାବୁଙ୍କୁ ସବୁ କଥା ଖୋଲି କହିଥିଲା। କିଛି ଟଙ୍କା ଧାର ଚାହିଁଥିଲା।

ସାର୍ ତା ଦୁଃଖ କାହାଣୀ ଶୁଣି ଗୋଟାଏ ନୂତନ ଗଳ୍ପର ପ୍ଲଟ୍ ଖୋଜି ପାଇ ଥିଲା ଭଳି ମୁଖ ଭଙ୍ଗୀ କରି କହିଥିଲେ-ତମେ କାଲି ଅଫିସ୍ ଆୱାର ପରେ ମୋ ସାଙ୍ଗରେ ବସାକୁ ଚାଲ। ଯାହା କିଛି ବ୍ୟବସ୍ଥା କରିବା। ଆମ ବସାରୁ ଡ଼ିନର୍ ଖାଇ ଫେରିବ-

ଅଫିସରମାନେ ଲେଖକ ହେଲେ ଅନ୍ୟପ୍ରକାର ଦେଖା ଯାଆନ୍ତି। ବନ୍ଧୁ ବନ୍ଧୁ ମନେ ହୁଅନ୍ତି। ଅଶ୍ୱିନୀ ବାବୁଙ୍କୁ ତଥାପି ଧାର ଦେବା କଥା କହିଲା ବେଳେ ସେ ଡ଼ରି ଡ଼ରି କହିଥିଲା। କିନ୍ତୁ ସେଥିପାଇଁ ସାଙ୍ଗେ ସାଙ୍ଗେ ସେ ତାକୁ ନିଜ ଘରେ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରିବେ, ଏକଥା ଆଶା କରି ନଥିଲା ସୁଧାକର।

ସେ ହାକିମଙ୍କ ଗାଡ଼ିରେ ଗଲା ତାଙ୍କ ବସାକୁ। ସାଇକେଲଟା ରଖିଗଲା ଅଫିସରେ। ଅଶ୍ୱିନୀ ବାବୁ ଯଦି ତାକୁ ନିଜ ଗାଡ଼ିରେ ବସାକୁ ଫେରାଇ ଦିଅନ୍ତି; କାଲି ପୁଣି ରିକ୍ସାରେ ଅଫିସକୁ ଆସି ଫେରିଲା ବେଳକୁ ସାଇକେଲ ନେଇଯିବ।

ଅଶ୍ୱିନୀବାବୁ ପତ୍ରିକାରେ ଛପା ହୋଇଥିବା ତାଙ୍କର ଦୁଇଟି ଗଳ୍ପ ପଢ଼ି ଶୁଣାଇଲେ। ଚା' ଆଉ ଜଳଖିଆ ଖାଇବା ମଝିରେ ନିଜ ସ୍ତ୍ରୀ ସହିତ ପରିଚୟ କରାଇ ଦେଲେ- ଆମ ଅଫିସର ସୁଧାକର ବାବୁ। ଭଲ ଓଡ଼ିଆ ଟାଇପ୍ କରନ୍ତି। ତାଙ୍କ ପାଇଁ ଅନେକ ଗଳ୍ପ ମତେ ହାତରେ କପି କରିବାକୁ ପଡ଼େ ନାହିଁ।

ମିସେସ୍ ଅଶ୍ୱିନୀ ମିଶ୍ର ହସିଲେ। ସେ ନମସ୍କାର କଲା।

ଖିଆପିଆ ଶେଷ ହେଲା ବେଳକୁ ରାତି ଏଗାର। ସମୟ କେମିତି ଯେ କୁଆଡ଼େ ଖର୍ଚ୍ଚ ହୋଇଗଲା ନିଜେ ସୁଧାକର ଜାଣି ପାରିଲା ନାହିଁ।

ସେ ଡ୍ରାଇଭର ସହିତ ତାଙ୍କ ଗାଡ଼ିରେ ଫେରିଲା ବେଳେ ତା ହାତକୁ ଗୋଟିଏ ବନ୍ଦ ଲଫାପା ବଢ଼ାଇ ଦେଇ ଅଶ୍ୱିନୀବାବୁ କହିଥିଲେ- ଏ ଟଙ୍କାଟା ମୋର ଆପଣଙ୍କୁ ପ୍ରୀତି ଉପହାର। ଧାର୍ ବୋଲି ଭାବିବେ ନାହିଁ।

ଟଙ୍କାର ସଠିକ ପରିମାଣ ଜାଣି ନଥିଲେ ମଧ୍ୟ ଅଶ୍ୱିନୀବାବୁଙ୍କ ପ୍ରତି ସୁଧାକରର ମନ କୃତଜ୍ଞତାରେ ଆନତ ହୋଇଗଲା।

ସେ ଗାଡ଼ିରୁ ଓହ୍ଲାଇ ବସାକୁ ଗଲା ମାତ୍ରେ ଗୀତା କବାଟ ଖୋଲି ଦେଇ କହିଲା - ଓଃ, ତମେ ? ମୁଁ ଭାବିଲି-

ସୁଧାକର ବିସ୍ମୟରେ ପଚାରିଲା - ଏତେ ରାତିରେ ଆଉ କିଏ ଫେରିଥିବ ବୋଲି ଆଶା କରୁଥିଲ ?

ଗୀତାର ମୁହଁରେ ଉଦ୍‌ବେଗର ଛାୟାପାତ ହେଲା। ସେ କହିଲା-ରୀତା,

Digitized by srujanika@gmail.com

ରୀତା ଫେରିନି, ସନ୍ଧ୍ୟାବେଳେ ରେଡ଼ିଓ ଷ୍ଟେସନ ଯାଇ ସାଙ୍ଗେ ସାଙ୍ଗେ ଫେରି ଆସିବ ବୋଲି କହିଗଲା। ସନ୍ଧ୍ୟା ଗଲା, ରାତି ହେଲା। ଖବର ନେଲି, ସେ ରେଡ଼ିଓ ଷ୍ଟେସନ ମୂଳକୁ ଯାଇ ନାହିଁ- ଏତେ ରାତି ହେଲାଣି- ମୋ ଦେହ ହାତ ଥରୁଛି...

-ସଂଜୟ ସାଙ୍ଗରେ ସିନେମା ଯାଇନି ତ?

-ନା, ସଞ୍ଜୟ ତାକୁ ଖୋଜିବାକୁ ଆସି ଥିଲା। ଫାଷ୍ଟ ଶୋ ନଅଟା-ସାଢ଼େ ନଅଟାରେ ଶେଷ ହୋଇଯାଏ-ସାଢ଼େ ଏଗାରଟା ହେଲାଣି-

ଅଶ୍ୱିନୀ ବାବୁଙ୍କ ଗାଡ଼ି ରାସ୍ତା ମୋଡ଼ ଉପରେ ଅଦୃଶ୍ୟ ହୋଇଗଲାଣି। ତାର ସାଇକେଲଟା ମଧ୍ୟ ଅଫିସରେ ରହି ଯାଇଛି। ଖାଲି ଗୋଡ଼ରେ ଏତେ ରାତିରେ ସେ କେଉଁଠି ଯାଇ ରୀତାର ସନ୍ଧାନ କରିବ?

ରୀତା ତାର ବସା ଛାଡ଼ି ଯାଉ, ଏକଥା ପ୍ରାୟ ବର୍ଷେ ହେଲା ପ୍ରତି ମୁହୂର୍ତ୍ତରେ ଚାହୁଁଥିଲା ସୁଧାକର। ମୁହଁ ଖୋଲି କାହାକୁ ସେ କଥା କହି ପାରୁ ନଥିଲା। କିନ୍ତୁ ରୀତା ତା ବସାରୁ ଏପରି ଭାବରେ ଅଦୃଶ୍ୟ ହୋଇ ଯିବ, ଏକଥା ସେ କଳ୍ପନା କରି ନଥିଲା।

ବର୍ତ୍ତମାନ ସୁଧାକର କଣ କରିବ?

ସେ ବାରଣ୍ଡାର ତଳ ପାହାଚ ଉପରେ ଠିଆ ହୋଇ ନକ୍ଷତ୍ର-ଉଜ୍ଜ୍ୱଳ ଆକାଶକୁ ଅନେଇ ଗୋଟାଏ ସିଗାରେଟରେ ନିଆଁ ଧରାଇଲା।

Digitized by srujanika@gmail.com

ମୋତି ନାନୀ

ମୋତି ନାନୀକୁ ନେଇ ରମେଶ ଆଉ ରତ୍ନା ଭିତରେ ଦ୍ୱିତୀୟ ଥର ଝଗଡ଼ା ହୋଇଗଲା ।

ଆଠ ବର୍ଷତଳେ ସଦ୍ୟ-ବିଧବା ମୋତି ନାନୀ ଆସିଥିଲା ସେମାନଙ୍କ ପାଖରେ ଆଶ୍ରୟ ପାଇଁ ।

ମୋତି ନାନୀ ରମେଶ ଠାରୁ ପ୍ରାୟ ଏଗାର ବର୍ଷ ବଡ଼, ବାପା ବୋଉଙ୍କ ମୃତ୍ୟୁପରେ ସେ ତାକୁ କୋଳେଇ କାଖେଇ ମଣିଷ କରିଥିଲା । ସ୍ୱାମୀକୁ ହରାଇ ନିରପତ୍ୟା ମୋତି ନାନୀ ଦିଅର-ଦେଢ଼ଶୁରଙ୍କ ଦ୍ୱାରା ଅତ୍ୟାଚାରିତ ହେଲାବେଳେ ସେତେବେଳେ ତେଣୁ ଏଇ ସାନ ଭାଇ ରମେଶ ଭିନ୍ନ ଆଉ କାହା କଥା ଅବା ତାର ମନେ ପଡ଼ି ଥାଆନ୍ତା !

ମୋତି ନାନୀର ଶଶୁର ଘର ବଳରାମ ପୁର । ଗାଁରେ ଯାହା ଚାଷ ଜମି ଥିଲା, ତାର ଦିଅର ଦେଢ଼ଶୁର ତାକୁ ନିଜ ନାମରେ କବଲା କରି ନେଇ ଥିଲେ । ମୋତି ନାନୀ ଭାଗରେ ପଡ଼ିଥିଲା ଭୁବନେଶ୍ୱର ପାଖ ଚନ୍ଦ୍ରଶେଖରପୁର ପାଖରେ ଅଧ ଏକର ଟାଙ୍ଗରା ପାହାଡ଼ିଆ ଭୂଇଁ !

ପଞ୍ଚାୟତ ବସି ଜମିବାଡ଼ି ଭାଗବଣ୍ଟା କଲା ବେଳେ ମୋତି ନାନୀ ପତି ଶୋକରେ ଏପରି ମୂହ୍ୟମାନ ହୋଇ ପଡ଼ିଥିଲା ଯେ ପ୍ରତିବାଦ କରିବା ପାଇଁ ତାର କଣ୍ଠରେ ଭାଷା ନ ଥିଲା ।

ବଡ଼ ଭଉଣୀକୁ ସାନ୍ତ୍ୱନା ଦେବା ପାଇଁ ରମେଶ ଯାଇଥିଲା ବଳରାମପୁର ।

ପୈତୃକ ସମ୍ପତ୍ତିରୁ ମୋତି ନାନୀକୁ ବଞ୍ଚିତ କରି ଚନ୍ଦ୍ରଶେଖରପୁରରେ ଦୁବ କଅଁଳୁ ନଥିବା ଟାଙ୍ଗରା ପାହାଡ଼ିଆ ଜମି ଉପରକୁ ଠେଲିଦେଲା ବେଳେ ସେ ପ୍ରତିବାଦ କରିଥିଲା ।

କିନ୍ତୁ ତାହାଥିଲା ନିଷ୍ଫଳ ପ୍ରତିବାଦ ।

ଗ୍ରାମବାସୀ କିମ୍ବା ନାନୀର ଦିଅର ଦେଢ଼ଶୁର କେହି ତାର ପ୍ରତିବାଦରେ କାନ ଦେଇ ନଥିଲେ ।

ବରଂ ତାର ପ୍ରତିବାଦ ପାଇଁ ନାନୀର ଦେଢ଼ଶୁର ଖୁବ୍ ପାଟିତୁଣ୍ଡ କରିଥିଲେ ।

Digitized by srujanika@gmail.com

ମୋତି ନାନୀର ବର ନଟିଆ'ନା କୁଆଡ଼େ କହୁବେଳେ ଚନ୍ଦ୍ରଶେଖରପୁର ମହାଦେବଙ୍କ ପାଖରେ ସମର୍ପିତ ହୋଇଥିଲା । ତେଣୁ ପୈତୃକ ସମ୍ପତ୍ତି ଉପରେ ତାର କୌଣସି ଅଧିକାର ନାହିଁ।

ମୋତି ନାନୀ ନିଜେ ସାନ ଭାଇକୁ କହିଥିଲା --

--ମୋ ଭାଗ୍ୟ ହେଉଛି ଟାଙ୍ଗରା ଭୂଇଁ। ସେଥିରେ ଦୁବ କଅଁଳିବାର ନୁହେଁ। ଚାଷ ଜମି ପାଇଁ ମିଛରେ କଜିଆ କରି ଲାଭ କଣ? ମୋ ଭାଗରେ ଚାଷ ଜମି ପଡ଼ିଲେ ମୁଁ ଚାଷ କରିବି ନା ତୁ କ୍ୟାପିଟାଲ ଛାଡ଼ି ଆସି ଏଠାରୁ ଧାନ ଅମଳ କରିନେବୁ ?

ଯାହାର ଭାଗ, ତାହାର ଯଦି ଓଜର ଆପତ୍ତି ନାହିଁ, ସେ ଅବା ଆଉ କଣ କରି ପାରି ଥାଆନ୍ତା ?

ମୋତି ନାନୀର ବର ନଟିଆ'ନା ଥିଲେ ଚନ୍ଦ୍ରଶେଖରପୁର ମହାଦେବ ମନ୍ଦିରର ପୂଜକ। ସେ ଅଧ ଏକର ଟାଙ୍ଗରା ପାହାଡ଼ିଆ ଜମି ସେତକ ତାଙ୍କୁ ମିଳିଥିଲା ଯଯମାନି ପୂଜକ ସତ୍ୱ ଭାବରେ। ତେଣୁ ସେ ଜମି ତାଙ୍କ ନାମରେ ମାତ୍ର ଶହେ ଏକ ଟଙ୍କା ମୂଲ୍ୟରେ ଗ୍ରାମବାସୀମାନେ କବଲା କରି ଦେଇଥିଲେ। ତା ବୋଲି ପୈତୃକ ସମ୍ପତ୍ତିରୁ ତାଙ୍କର ଭାଗ ବାଏଁ ବାଏଁ ଉଡ଼ିଯିବ, ଏକଥା ରମେଶର ମନ ବୁଝି ନ ଥିଲା। କିନ୍ତୁ ସେଇ କଥା ସେ ମୋତି ନାନୀକୁ ବୁଝାଇ ମଧ ପାରି ନଥିଲା।

ତାକୁ କିଛି ନ ପଚାରି ସେ ଭାଗବଣ୍ଟା କବଲାରେ ଟିପଚିହ୍ନ ଦେଇ ଦେଇଥିଲା।

ଟିପ ଚିହ୍ନ ଦେବା ଆଗରୁ ଦିଅର ବନମାଳି ଆଉ ଦେଢ଼ଶୁର କୁଳମଣି ତାର ଖୁବ୍ ଆଦର ଯତ୍ନ କରୁଥିଲେ। କିନ୍ତୁ ଟିପଚିହ୍ନ ଦେଇସାରି କବଲା ରେଜିଷ୍ଟ୍ରି ହୋଇଗଲା ପରେ ମୋତି ନାନୀର କପାଳ ଫାଟିଲା। ସାନ ଯାଆ, ବଡ଼ ଯାଆଙ୍କ ଠାରୁ ଆରମ୍ଭ କରି ସେମାନଙ୍କ ପିଲାମାନେ ମଧ ତାକୁ ଝିଙ୍ଗାସିବାକୁ ଲାଗିଲେ....କେବଳ ସାନ ଯାଆର ସାନ ପୁଅଟି ଛଡ଼ା !

ସାନ ଯାଆର ସାନ ପୁଅ ଥିଲା କାଲ ଆଉ ଘୁଙ୍ଗୀ। ଅନ୍ୟମାନଙ୍କ ଭଳି ତାକୁ ଗାଳି ଦେବା ପାଇଁ ତାର ପାଟି ଫିଟୁ ନଥିଲା।

ଯେଉଁଦିନ ଦିଅର ଦେଢ଼ଶୁରଙ୍କ ଅଶ୍ରାବ୍ୟ, ଅଶ୍ଳୀଳ ଗାଳି ସହି ନ ପାରି ଶାଶୁଘର ଛାଡ଼ି ସେ ସାନଭାଇ ପାଖକୁ ପଳାଇ ଆସିବାକୁ ବାହାରି ଥିଲା, ସେଦିନ ସାନ ଦିଅରଙ୍କ ସାନପୁଅ ଘୁଙ୍ଗୀ କେବଳ ଆଖି ଛଳ ଛଳ କରି ନ ଯିବା ପାଇଁ ତାକୁ ଠାରିଥିଲା।

ରମେଶ ଜାଣିଥିଲା, ଏମିତି ଦିନେ ନା ଦିନେ ଘଟିବ। ସେଥିପାଇଁ ମୋତି ନାନୀ ଏକ-ବସ୍ତ୍ର ହୋଇ ତା କ୍ୟାପିଟାଲ ବସାରେ ପହଞ୍ଚିବା ପରେ ସେ ତାକୁ ସାନ୍ତ୍ୱନା ଦେଇ ଘର ଭିତରକୁ ହାତ ଧରି ପାଛୋଟି ନେଇ ଥିଲା।

Digitized by srujanika@gmail.com

କିନ୍ତୁ ଦାଉ ସାଧିଥିଲା ତାର ସ୍ତ୍ରୀ ରତ୍ନା।

ବିଧବା ନଣନ୍ଦ ସାରା ଜୀବନ ସେମାନଙ୍କ ଉପରେ ବୋଝ ହୋଇ ରହିବ, ଏକଥା ଭାବିବା ମାତ୍ରେ ନାମ ଅଜଣା କୌଣସି ଏକ ରୋଗରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲା। ଶଯ୍ୟା-ଶାୟିନୀ ହୋଇ ରହିଥିଲା। ଘରର ସବୁ କାମର ଦାୟିତ୍ୱ ନିଜ କାନ୍ଧ ଉପରକୁ ଉଠାଇ ନେଇଥିଲା ମୋତି ନାନୀ, ରୋଷେଇବାସ, ବାସନମଜା, ଲୁଗାକଚା ସହିତ ସାନ ଭାଉଜର ସେବା ଶୁଶ୍ରୂଷା ସବୁ କାମ ସେ କରୁଥିଲା। ଜୋଟଣି ପାରାଭଳି ଖଟୁଥିଲା ଦିନ ରାତ୍ରି।

ତଥାପି ମୋତି ନାନୀର ଉପସ୍ଥିତି ସହ୍ୟ କରି ପାରି ନ ଥିଲା ରତ୍ନା। ଦିନେ ଅଫିସରୁ ଫେରି ରମେଶ ଦେଖିଲା ମଜା ହୋଇଥିବା ବାସନରେ ଟିକିଏ ଅଇଣ୍ଠା ଲାଗିଥିଲା ବୋଲି ମୋତି ନାନୀକୁ ତଣ୍ଟିଆ ଦେଇ ଘରୁ ବିଦା କରି ଦେଇଛି ରତ୍ନା।

ଯେପରି ଆସିଥିଲା ସେହିପରି ଅସହାୟା ଅନାଥିନୀ ଭଳି ଆଖି ଲୁହ କହୁଣିରେ ପୋଛି ମୋତି ନାନୀ ପୁଣି ଫେରି ଯାଇଥିଲା ତାର ଶାଶୁ ଘରକୁ।

ସେଇଦିନ ପ୍ରଥମ ରତ୍ନା ସହିତ ରମେଶର ତୁମୂଳ ଝଗଡ଼ା ହୋଇଥିଲା।

ସେ ମୋତି ନାନୀକୁ ଫେରାଇ ଆଣିବାକୁ ବାହାରିଲା ବେଳେ ରତ୍ନା ପ୍ରତିବାଦ କରିଥିଲା - ତମେ ଯଦି ବିଧବା ଭଉଣୀକୁ ଏ ଘରକୁ ଡ଼ାକି ଆଣ, ତାହାଲେ ମୁଁ ଏ ଘର ଛାଡ଼ି ଚାଲିଯିବି। ସେ ଅଲକ୍ଷଣୀ ଏ ଘରକୁ ଆସିଲା ଦିନୁ ମୋ ଦେହ ଭଲ ରହୁନି। ସେ ତାର ସ୍ୱାମୀକୁ ଖାଇଥିଲା - ମତେ ବି ଖାଇବ।

ରମେଶ ଆଉ ମୋତି ନାନୀକୁ ଫେରାଇ ଆଣିବାକୁ ଯାଇ ନ ଥିଲା। ପିଲାଦିନେ ତାକୁ କୋଳେଇ କାଖେଇ ଯେଉଁ ମୋତି ନାନୀ ମଣିଷ କରିଥିଲା ତାର ସ୍ତ୍ରୀ ଅକାରଣରେ ତାକୁ ଅପମାନ ଦେଇ ଘରୁ ତଡ଼ି ଦେଲା ପରେ ଆଉ ତାକୁ ଫେରାଇ ଆଣିବାକୁ ଯିବାପାଇଁ ତାର ସାହସ ହୋଇ ନ ଥିଲା।

ଏଥି ଭିତରେ ବିତି ଯାଇଥିଲା ବାର ବର୍ଷ।

ସେ କେବଳ ଶୁଣିଥିଲା; ସାନ ଦିଅର ବନମାଳି ପାଖରେ ମୋତି ନାନୀ ଆଶ୍ରା ନେଇଛି। ଦିଅରର ଘୁଙ୍ଗା ପୁଅର ସେବା ଯତ୍ନ କରିବା କାମ ଭିତରେ ସେ ନିଜକୁ ବୁଡ଼ାଇ ରଖିଛି।

ସେ ପ୍ରାୟ ମୋତି ନାନୀ କଥା ଏକ ପ୍ରକାର ଭୁଲି ଯିବାକୁ ବସିଥିବା ବେଳେ ହଠାତ୍ ଅଫିସରେ ଜଣେ ଲୋକ ଆସି ତାକୁ ଚମକାଇ ଦେଲା।

ଲୋକଟି ଆସିଥିଲା ମୋତି ନାନୀର ଠିକଣା ଜାଣିବା ପାଇଁ।

-ତା ସହିତ ଆପଣଙ୍କର କି କାମ ?

ରମେଶର ପ୍ରଶ୍ନ ଶୁଣି ଲୋକଟି ଉତ୍ତର ଦେଇ ଥିଲା-ମୁଁ ମୋତି ଦେବୀଙ୍କ ଚନ୍ଦ୍ରଶେଖର ପୁର ପାଖରେ ଥିବା ଅଧ ଏକର ଜମି କିଣିବାକୁ ଚାହେଁ। ଗୁଣ୍ଡ

Digitized by srujanika@gmail.com

ପ୍ରତି କୋଡ଼ିଏ ହଜାର ଟଙ୍କା ଦେବାକୁ ପ୍ରସ୍ତୁତ। ଆପଣ ତ ତାଙ୍କର ନିଜର ଭାଇ-ମତେ ଆପଣ ଏ ଦିଗରେ ନିଶ୍ଚୟ ସାହାଯ୍ୟ କରି ପାରିବେ।

ଗୁଣ୍ଠ ପିଛା କୋଡ଼ିଏ ହଜାର ଟଙ୍କା? ଅର୍ଥାତ୍ ଅଧ ଏକର ଗାଙ୍ଗରା ପଥୁରିଆ ଜମିର ମୂଲ୍ୟ ପ୍ରାୟ ଅଢ଼େଇ ଲକ୍ଷ ପାଖାପାଖି।

ଚନ୍ଦ୍ରଶେଖରପୁର ପାଖରେ ସରକାରୀ ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ ହେଲା ପରେ ଯେ ଗୁଣ୍ଠେ ଜମିର ଦାମ ସେଠାରେ କୋଡ଼ିଏ ହଜାର ସୀମାକୁ ଛୁଇଁ ପାରିଲାଣି, ଏକଥା ଶୁଣି ତା ଦେହରୁ ଝାଳ ବୋହିଗଲା।

ଘରକୁ ଫେରିବା ପରେ ସେହି ଜମି ପାଇଁ ହିଁ ସ୍ତ୍ରୀ ରତ୍ନା ସହିତ ତାର ଦ୍ୱିତୀୟଥର ଝଟାପଟା କଳହ ହୋଇଗଲା।

-ତମରି ଯୋଗୁଁ ଅଢ଼େଇଲକ୍ଷ ଟଙ୍କାର ସମ୍ପତ୍ତି ଆମ ହାତ ମୁଠାରୁ ଖସିଗଲା। ମୋତି ନାନୀ ଆମ ପାଖରେ ଥିଲେ ସେ ସମ୍ପତ୍ତି ଆମର ହୋଇ ଥାଆନ୍ତା।

ସ୍ୱାମୀଙ୍କ ମୁହଁରୁ ମୋତି ନାନୀଙ୍କ ପଡ଼ିଆ ପଥୁରିଆ ଜମିର ମୂଲ୍ୟ ଅଢ଼େଇଲକ୍ଷ ଟଙ୍କା ହୋଇ ଗଲାଣି ବୋଲି ଶୁଣି ରତ୍ନା ମଧ୍ୟ ମୁଣ୍ଡରେ ହାତ ଦେଇ ବସି ପଡ଼ିଲା।

କିଏ ଜାଣିଥିଲା ଭୁବନେଶ୍ୱର ପାଖ ପଡ଼ିଆ ଜମିର ଦାମ ସୁନାର ମୂଲ୍ୟକୁ ଟପିଯିବ?

ସ୍ୱାମୀ ଅଢ଼େଇ ଲକ୍ଷ ଟଙ୍କାର ସମ୍ପତ୍ତି ହରାଇ ଥିବାର ଦୋଷ ତା ମୁଣ୍ଡରେ ଲଦି ଦେଇ ତା ଆରଦିନ ଅଫିସ ଚାଲିଗଲେ କିନ୍ତୁ ରତ୍ନା ନିଜକୁ ନିଜେ ଆଉ କ୍ଷମା କରି ପାରିଲା ନାହିଁ।

ମୋତି ନାନୀ ପାଖରେ ଥିଲେ କଅଣ ଅବା ଏମିତି ଅଧିକ ଖର୍ଚ୍ଚ ହୋଇ ଥାଆନ୍ତା। ତେଲେଙ୍ଗାଣୀ ବୁଢ଼ୀ ବାସନ ମାଜିବା ଆଉ ଲୁଗା କାଚିବା ପାଇଁ ମାସକୁ ମାସ ଚାହା ଜଳଖିଆ ଖାଇ ଅଶି ଟଙ୍କା 'ଦରମା ନେଉଛି। ମୋତି ନାନୀ ବରଂ ଚାକରାଣୀର କାମ ବ୍ୟତୀତ ରୋଷେଇ କରୁଥିଲେ। ତିନି ତିନିଟା ପିଲାକୁ ସମ୍ଭାଳୁ ଥିଲେ।

ତୁଚ୍ଛାଟାରେ ତାଙ୍କ ସହ ଝଗଡ଼ା କରି ସେ ଅଢ଼େଇ ଲକ୍ଷ ଟଙ୍କାର ସମ୍ପତ୍ତି ହରାଇଲା।

ସ୍ୱାମୀ ସେକ୍ରେଟେରିଏଟର କିରାଣୀ।

ଚାକିରୀ ଥିବା ଯାଏ ଏ ସରକାରୀ କ୍ୱାର୍ଟର ଥିବ। ତା'ପରେ?

ବୁଢ଼ାବୁଢ଼ୀ ଦିନେ ପୁଣି ସେଇ କାଦୁଅ ପଚ ପଚ ପାଣ୍ଡବ ପଦ ଚିହ୍ନ-ବର୍ଜିତ ସାଁପୁର ଗ୍ରାମ!!

ମୋତି ନାନୀର ସମ୍ପତ୍ତି ହାତକୁ ଆସିଥିଲେ ସେମାନେ ଅନ୍ତତଃ ଭୁବନେଶ୍ୱରରେ ଖଣ୍ଡେ ଘର କରି ରହି ପାରି ଥାଆନ୍ତେ।

Digitized by srujanika@gmail.com

ନିଜର ନିର୍ବୋଧତା ପାଇଁ ନିଜ ଉପରେ ରତ୍ନାର ଖୁବ୍ ରାଗ ହେଲା ।

ଡିଅରର ସାନପୁଅ ଘୁଙ୍ଗାକୁ ଜଗି ମୋତି ନାନୀ ବଳରାମପୁରରେ ପଡ଼ି ରହିଛନ୍ତି ।

ତାଙ୍କୁ କଣ କୁହାବୋଲା କରି ଆଉ ଥରେ ପାଖକୁ ଫେରାଇ ଆଣି ହେବ ନାହିଁ ?

ସ୍ତ୍ରୀର ପ୍ରଶ୍ନ ଶୁଣି ରମେଶ ଦୁଇ ଦିନ ଦୁଇ ରାତି ମନେ ମନେ ଯୋଜନା କରିବାକୁ ଲାଗିଲା ।

ତା ପର ରବିବାର ଦିନ ଯାଇ ପହଞ୍ଚିଲା ବଳରାମପୁର ଗ୍ରାମରେ ।

ତାର ଦେଢ଼ଶୁର ଦିଅର ନଥିବା ବେଳେ ମୋତି ନାନୀକୁ ପାଖକୁ ଡ଼ାକି କହିଲା-ତୁ ତ ତୋ ସାନ ଭାଉଜକୁ ଜାଣୁ ନାନୀ ! ତତେ ତଡ଼ି ଦେବାର ପ୍ରତିଫଳ ସେ ପାଇ ସାରିଲାଣି । ତାର ଦେହ ଖରାପ । ପିଲାମାନଙ୍କ ପରୀକ୍ଷା ମୁଣ୍ଡ ଉପରେ । ତୁ ଟିକିଏ ଯାଇ ଘର ନ ସମ୍ଭାଳିଲେ ପିଲାମାନେ ପରୀକ୍ଷା ଦେଇ ପାରିବେ ନାହିଁ । ମୁଁ କେତେ ଦିନ ହାତରେ ରୋଷେଇ କରି ପିଲାଙ୍କୁ ଖୁଆଇ ନିଜେ ଖାଇ ଅଫିସ ଯାଉଥିବି ?

ସାନ ଭାଇର କଥା ଶୁଣି ମୋତି ନାନୀର ମନ ତରଳି ଗଲା । ସାନ ଭାଉଜ ଉପରେ ରାଗ କରି ସେ କଅଣ ସାନ ଭାଇ ଆଉ ତାର ପିଲାମାନଙ୍କ ଉପରେ ପ୍ରତିଶୋଧ ନେଇ ପାରିବ ?

କିନ୍ତୁ ସେ ଅବା ଦିଅରର ସାନପୁଅ ଘୁଙ୍ଗାକୁ ଛାଡ଼ି ଯିବ କେମିତି ?

ସେ ଆସିଲା ଦିନୁ ପିଲାଟା ତାଙ୍କୁ ଆଦରି ପଡ଼ି ରହିଛି । କଥା କହି ପାରେ ନାହିଁ, ଶୁଣି ପାରେ ନାହିଁ ବୋଲି ତାର ବାପ ମାଆ ତାକୁ ଭଲ ପାଆନ୍ତି ନାହିଁ । ତାର ଖାଇବା ପିଇବା ଯତ୍ନ ନିଅନ୍ତି ନାହିଁ । ସେ ମରିଗଲେ ସେମାନେ ବଞ୍ଚିଯିବେ - ଏମିତି ସେମାନଙ୍କର ଆଚରଣ ।

ତାକୁ ସେ କାହା ଜିମା ଛାଡ଼ି ଦେଇ ସାନ ଭାଇର ସଂସାର ସମ୍ଭାଳିବାକୁ ଯିବ ?

ଘୁଙ୍ଗାକୁ ଛାଡ଼ି ଯାଇ ପାରିବ ନାହିଁ ବୋଲି ଶୁଣିଲା ପରେ ରମେଶ କହିଲା- ଠିକ୍ ଅଛି । ସେ ମଧ ଆମ ସହିତ ଚାଲୁ । ମୋର ତିନୋଟି ପିଲା ଅଛନ୍ତି- ଘୁଙ୍ଗାକୁ ମିଶାଇ ଚାରି ହେଲା ବୋଲି ଜାଣିଲି । ତାର କୌଣସି ଅବହେଳା ହେବ ନାହିଁ ।

ଘୁଙ୍ଗାକୁ ଧରି କ୍ୟାପିଟାଲ୍‌ରେ ପହଞ୍ଚିଲା ବେଳକୁ ସଞ୍ଜ ।

ଭାଇ ଭଉଣୀଙ୍କ ସାଥିରେ ଘୁଙ୍ଗାକୁ ଦେଖି ରତ୍ନା ମନେ ମନେ ରାଗରେ ଦାନ୍ତ କାମୁଡ଼ିଲେ ବି ମୁହଁରେ କିଛି କହିଲା ନାହିଁ ।

ଅଢ଼େଇ ଲକ୍ଷ ଟଙ୍କାର ସମ୍ପତ୍ତି କଥା ଭାବି ମନ ନଥିଲେ ବି ମୁହଁରେ

Digitized by srujanika@gmail.com

ସେ ଘୁଙ୍ଗାର ଖୁବ୍ ଆଦର ଯତ୍ନ କଲା।

ତା'ପରେ ରମେଶ ଆଉ ରତ୍ନା କେତେ ଦିନ କେତେ ରାତି ପରସ୍ପର ମୁହଁକୁ ଚାହାଁ ଚାହିଁ ହୁଅନ୍ତି। ମୋତି ନାନୀକୁ ଚନ୍ଦ୍ରଶେଖରପୁର ଜମି କବଲା କରିବା କଥା କିଏ କିପରି ଆଗ କହିବ, ସେ କଥା ଠିକ୍ କରି ନ ପାରିବା ହେତୁ କେହି କାହା ଆଗରେ ସେ ପ୍ରସଙ୍ଗ ଉଠାଇ ପାରନ୍ତି ନାହିଁ।

ଦିନେ ରାତିରେ ରତ୍ନା କହିଲା - ଘୁଙ୍ଗାଟା ତିନି ଜଣଙ୍କ ଭାତ ଏକା ଖାଇ ଦିଏ। ଗାଁରୁ ଯେଉଁ ଚାଉଳ ଆଣିଥିଲି, ସରିବାକୁ ବସିଲାଣି।

ତା ଆରଦିନ ରମେଶ ଚନ୍ଦ୍ରଶେଖରପୁର ଜମି ପ୍ରସଙ୍ଗ ଉଠାଇଲା।

- ମୋତି ନାନୀ! ପିଲାମାନେ ବଡ଼ ହେଉଛନ୍ତି। ଏ ଘର ଆଉ କୁଳାଉ ନାହିଁ। ଘୁଙ୍ଗା ଆଉ ତୋ ପାଇଁ ତ ଗୋଟାଏ ଅଲଗା ଘର ଦରକାର।

ମୋତି ନାନୀ ପଚାରିଲା - କଣ କରିବା ?

-ତୋ ନାମରେ ଚନ୍ଦ୍ରଶେଖରପୁରରେ ଯେଉଁ ଜମିଟା ଅଛି, ସେଇଟା ଯଦି ମତେ କବଲା କରି ଦିଅନ୍ତୁ, ମୁଁ ଲୋନ୍ ନେଇ ଘର କରନ୍ତି। ଜମିଟା ଖାଲି ପଡ଼ିଛି। ଜମି ମୋ ନାମରେ କବଲା ନ କଲେ ସରକାରୀ ଲୋନ୍ ମିଳିବ ନାହିଁ।

ମୋତି ନାନୀ ଢୋକ ଗିଳି ଉତ୍ତର ଦେଲା - ସେ ଜମିଟା ତ ମୋ ସାନ ଦିଅର ଘୁଙ୍ଗା ନାମରେ କବଲା କରି ନେଇଛନ୍ତି। ଘୁଙ୍ଗାକୁ ମୁଁ ପୋଷ୍ୟପୁତ୍ର କରି ନେଇଛି।

ରମେଶକୁ ଚାରିଆଡ଼ ଅନ୍ଧକାର ଦେଖାଗଲା।

ଖବର ଶୁଣି ରତ୍ନା ଖୁବ୍ ତାତି ଉଠିଲା। କହିଲା- କାଲି ସେ ଟୋକାର ଖାଇବା ବନ୍ଦ କରି ଦେଉଛି। କିଲେ ଚାଉଳର ଭାତ ଖାଇ ଯାଉଛି।

ରମେଶ ଏଥର ଆଉ ପ୍ରତିବାଦ କରି ପାରିଲା ନାହିଁ।

ଅଢ଼େଇ ଲକ୍ଷ ଟଙ୍କାର ସମ୍ପତ୍ତି ତା ଆଖିରେ ଗୋଟାଏ ଦୂର ସୁଦୂରର ମରୀଚିକା ଅଥବା ହାତରେ ଧରି ହେଉ ନଥିବା ସୁନାର ହରିଣୀ ଭଳି ଦେଖା ଯାଉଥିଲା।

Digitized by srujanika@gmail.com

ଅନେକ ଚାପା ଦୀର୍ଘଶ୍ୱାସ

ଅଭୟ ଚରଣ କାନ୍ଥ ଘଣ୍ଟାକୁ ଚାହିଁଲେ, ରାତି ଏଗାରଟା ପଇଁଚାଳିଶି।

କୁନ୍ତଳା ନଥାପି ଅପେକ୍ଷା କରି ବସିଛନ୍ତି। ଶୋଇବା ଘରକୁ ଆସି ନାହାନ୍ତି। ଖାଇ ନାହାନ୍ତି ନିଶ୍ଚୟ !

ଅଗତ୍ୟା ବିଛଣାରୁ ଉଠି ଧୀରେ ଧୀରେ ସେ ଡ୍ରଇଂ ରୁମ୍‌କୁ ଗଲେ। ଲକ୍ଷ୍ୟ କଲେ, ଝରକା ବାଟେ ଫାଟକ ଆଡ଼କୁ ଏକ ଲୟରେ ଚାହିଁ ରହିଛନ୍ତି କୁନ୍ତଳା।

ଚିନି ଗୁଣ୍ଡ ଭଳି ଫାଟକ ଉପରେ ଝରିପଡ଼ିଛି କେତେ ମୁଠା ଜ୍ୟୋସ୍ନା। ହେନା ଫୁଲର ବାସ୍ନା ଭାସୁଛି ପବନରେ।

ଅଭୟ ଚରଣଙ୍କ ଛାତିର ପଞ୍ଜରା ଦୋହଲାଇ ଗୋଟାଏ ଲମ୍ବ ଦୀର୍ଘଶ୍ୱାସ ବାହାରି ଆସିଲା।

ସେ ଫେରି ଯିବେ ? ଶୋଇ ଯିବେ ? ପଦ୍ମାଙ୍କ ପାଇଁ ପ୍ରତୀକ୍ଷା କରିବେ ନାହିଁ ?

ସେ କିଛି ସମୟ ଚୁପ୍‌ଚାପ୍ ହୋଇ ଗୋଟିଏ ଯାଗାରେ ଠିଆ ହୋଇ ରହିଲେ। ପଥର ଖୁମ୍ବ ଭଳି। ଥୁଣ୍ଟା ଗଛ ପରି।

ଗାଢ଼ ଦୃଷ୍ଟିରେ ଚାହିଁ ଦେଖିଲେ- ସତୃଷ୍ଣ ଦୃଷ୍ଟିରେ ସେଇ ଫାଟକ ଆଡ଼େ ସେମିତି ଚାହିଁ ରହିଛନ୍ତି କୁନ୍ତଳା ଏକ ଲୟରେ। ଅପଲକ ଆଖିରେ। ଜହ୍ନ ପଡ଼ିଛି। ହେନା ଫୁଲର ବାସ୍ନା ମହକୁଛି। ଏ ସବୁ ସମ୍ଭବତଃ ତାଙ୍କ ଘ୍ରାଣେନ୍ଦ୍ରିୟକୁ ସ୍ପର୍ଶ ସୁଦ୍ଧା କରୁ ନାହିଁ।

ସେ ଧୀରେ ଧୀରେ ଡ୍ରଇଂ ରୁମ୍ ଭିତରେ ପଶି ପଦ୍ମାଙ୍କ ପଛପଟେ ଠିଆ ହେଲେ।

ଧୀର କଣ୍ଠରେ କହିଲେ-ଦୀପୁ ପାଇଁ ଆଉ ଅପେକ୍ଷା କରି ଲାଭ ନାହିଁ, ଖାଇ ନିଅ, ଚାଲ ଶୋଇବ।

ପଲକୁ ମୁହୂର୍ତ୍ତକ ପାଇଁ ମୁହଁ ଫେରାଇ କୁନ୍ତଳା ସ୍ୱାମୀଙ୍କ କଥା ଶୁଣିଲେ। ଅଭିମାନରେ ତାଙ୍କ ନାକ ପୁଡ଼ା ଫୁଲି ଉଠିଲା ଭଳି ଅଭୟ ଚରଣଙ୍କୁ ଦେଖାଗଲା। ତାପରେ ସାଙ୍ଗେ ସାଙ୍ଗେ ସେ ପୁଣି ଦୃଷ୍ଟି ଫେରାଇ ନେଲେ ଫାଟକ ପାଖକୁ।

Digitized by srujanika@gmail.com

ଅଭୟ ଚରଣ ବୁଝି ପାରିଲେ ପୁଅ ନ ଫେରିବା ପର୍ଯ୍ୟନ୍ତ କୁନ୍ତଳା ଖାଇବେ ନାହିଁ କି ଶୋଇବାକୁ ଯିବେ ନାହିଁ। ମାତ୍ର ଗତ ସପ୍ତାହରେ ସେ ଟାଇଫଏଡ଼ରୁ ଉଠିଛନ୍ତି। ଉପବାସ, ରାତ୍ରି ଉଜାଗର ତାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦର କାରଣ ହୋଇପାରେ।

କିନ୍ତୁ ସେ ଅବା କଣ କରି ପାରିବେ?

ଦିନକୁ ଦିନ ଦୀପୁ ଅବାଧ ଏବଂ ଉଚ୍ଛୃଙ୍ଖଳ ହୋଇ ଉଠୁଛି। ଯେଉଁ କାମ କରିବା ପାଇଁ ତାକୁ ବାରଣ କରାଯିବ, ଠିକ୍ ଜିଦ୍ କଲାଭଳି ସେ ସେଇ କାମ କରିବ। ପ୍ରତିବାଦ କଲେ ଘର ଛାଡ଼ି ଚାଲିଯିବ।

ଦୀପୁ ବଡ଼ ହୋଇ ଯାଇଛି। ତାକୁ ଗାଳି ଦେଇ ଶାସନ କରି ହୁଏନା, ମାଡ଼ ଦେବା ତ ଦୂରର କଥା?

ଅଥଚ ଛାତ୍ର ଭାବରେ ସେ କିଛି କମ୍ କୃତିତ୍ୱ ଅର୍ଜନ କରି ନାହିଁ। ବି.ଏସ୍.ସି.ରେ ଫାଷ୍ଟକ୍ଲାସ୍ ଅନର୍ସ। ଡ଼ିଷ୍ଟିଙ୍କସନ୍। ଏମ୍.ଏସ.ସି.ରେ ପ୍ରଥମ ଶ୍ରେଣୀ, ବ୍ୟାଙ୍କ ପରୀକ୍ଷାରେ ଥରେ ପି.ଓ ଚାକିରି ପାଇ ଜଏନ୍ କଲା ନାହିଁ।

ପଚାରିଲେ ସେଇ ଗୋଟିଏ ଉତ୍ତର - କିଛି ଭଲ ଲାଗୁନାହିଁ, ଚାକିରି ମୋ ଦ୍ୱାରା ହେବ ନାହିଁ।

ତାକୁ ସତେଇଶି ପୂରି ଅଠେଇଶି ଚାଲିଲା, ସରକାରୀ ଚାକିରି କରିବାର ବୟସ ଏଇ ବର୍ଷ ଶେଷ ହୋଇଯିବ।

-ଚାକିରି କରିବୁ ନାହିଁ ଆଉ କ'ଣ କରିବୁ?

-ଯାହା ଭଲ ଲାଗିବ- କ'ଣ କରିବି ଠିକ୍ କରି ନାହିଁ।

ଉତ୍ତର ଶୁଣି ଅଭୟ ଚରଣ ମନେ ମନେ ରାଗି ଯାଆନ୍ତି। କିନ୍ତୁ ମୁହଁ ଖୋଲି କିଛି କହି ପାରନ୍ତି ନାହିଁ। ଗୋଟିଏ ବୋଲି ପୁଅ। ଜୋର କରି ନିଜର ଇଚ୍ଛା ଅନିଚ୍ଛା ତା ଉପରେ ଚାପି ଦେବାକୁ ଭୟ ଲାଗେ।

କୁନ୍ତଳା ବାଧା ଦିଅନ୍ତି-ସେ ଯାହା କରୁଛି କରୁ। ତାକୁ କିଛି କୁହ ନାହିଁ। ଆଜି କାଲିକା ପିଲା ମୁଣ୍ଡରେ କେତେବେଳେ କ'ଣ ପଶିବ କିଏ ଜାଣେ?

ଇଂଜିନିୟର ଚାକିରିରୁ ଗତ ବର୍ଷ ଅବସର ନେଇଛନ୍ତି ଅଭୟ ଚରଣ। ସତ୍ ଅସତ୍ ଉପାୟରେ ଯାହା ସଞ୍ଚୟ କରିଛନ୍ତି, ତିନି ପୁରୁଷ ସେଥିରେ ସ୍ୱଚ୍ଛନ୍ଦରେ ଚଳି ଯିବେ। ଦୀପୁର ଚାକିରି କରିବା ଦରକାର ନାହିଁ। କିନ୍ତୁ କିଛିତ ଗୋଟାଏ ତାର କରିବା କଥା! ପାଠଶାଠ ପଢ଼ି ଗୋଟାଏ ପିଲା ସାରା ଜୀବନ କିଛି ନକରି ବୁଲୁଥିବ?

ବ୍ୟବସାୟ ପାଇଁ ଅନେକ ଥର ପ୍ରବର୍ତ୍ତାଇଛନ୍ତି ଅଭୟ ଚରଣ।

ପୁଅର ସେଇ ଗୋଟିଏ ଉତ୍ତର - ମୁଁ ପାରିବି ନାହିଁ।

ଆମେରିକାରେ ଏମ୍.ବି.ଏ ପଢ଼ିବା ପାଇଁ ସେ ତା ଲାଗି ଗୋଟିଏ ଇନ୍‌ଷ୍ଟିଚ୍ୟୁସନ୍‌ରେ ସ୍ଥାନ ସରଂକ୍ଷଣ କରିଥିଲେ। ରାଜି ହୋଇଥିଲା ଦୀପୁ। ପାସପୋର୍ଟ, ଭିସା ସବୁ

Digitized by srujanika@gmail.com

ପ୍ରସ୍ତୁତ ହେଲା ପରେ ହଠାତ୍ ଯିବା ପାଇଁ ମନା କରି ଦେଲା।

ତାର ଏଭଳି ଆଚରଣରେ ଅଭୟ ଚରଣଙ୍କ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ସେ ରାଗିଯାଇ ଚିତ୍କାର କରି ଉଠିଥିଲେ - ତୁ ଗୋଟାଏ ଅପଦାର୍ଥ। ତୋ ଦ୍ୱାରା କିଛି ହେବ ନାହିଁ। ଯଦି ତୋର ଆମେରିକା ନ ଯିବା ପାଇଁ ଇଚ୍ଛା, ତାର ଆୟୋଜନ ପାଇଁ ମତେ ଏତେ ଟଙ୍କା ଖର୍ଚ୍ଚ କରାଇଲୁ କାହିଁକି ?

ଦୀପୁ ତାଙ୍କର କଥା ଶୁଣି ତାଚ୍ଛଲ୍ୟର ହସରେ ସାରା ମୁହଁ ଆଲୋକିତ କରି ଉତ୍ତର ଦେଇଥିଲା -

-ଆପଣଙ୍କ ସେ ପାପ ଟଙ୍କାରେ ଆଉ ଉଚ୍ଚଶିକ୍ଷା ପାଇଁ ଆମେରିକା ଯିବାକୁ ଇଚ୍ଛା ନାହିଁ।

ପାପ ଟଙ୍କା !

ଅଭୟ ଚରଣ ଚୁପ୍ ହୋଇ ଯାଇଥିଲେ। ଲଜ୍ଜା, ଅପମାନରେ ତାଙ୍କର ମୁହଁ କଳା ପଡ଼ିଯାଇଥିଲା।

ସେଇଦିନୁ ସେ ଆଉ ଦୀପୁ ସହିତ ମୁହାଁମୁହିଁ କଥାବାର୍ତ୍ତା କରନ୍ତି ନାହିଁ। ଭୟରେ, ଲଜ୍ଜାରେ !

ଅଭୟ ଚରଣ ଧୀରେ ଧୀରେ ନିଜ ଶୟନ କକ୍ଷକୁ ଫେରିଗଲେ। କୁନ୍ତଳାଙ୍କ ପାଇଁ ଅପେକ୍ଷା ନ କରି ଆଖିବୁଜି ଶୋଇବାକୁ ଚେଷ୍ଟା କଲେ।

ପାରିଲେ ନାହିଁ। ନିଦ ଆସିଲା ନାହିଁ। ନିଜର ଛାୟା ନିଜେ ଦେଖି ସେ ଚମକି ଉଠୁଥିଲେ। ଏକ ଗଭୀର ଅପରାଧ ବୋଧ ତାଙ୍କର ସାରା ଦେହମନକୁ ଆଚ୍ଛନ୍ନ କରି ଆଣୁଥିଲା।

ରାତ୍ରି ଗଭୀରରୁ ଗଭୀରତର ହେଉଛି। ଜହ୍ନ ଢଳି ଗଲାଣି ଆକାଶର କେଉଁ କୋଣରେ। ଚାରିଆଡ଼ ଶୂନଶାନ୍ ହୋଇ ଆସୁଛି। କିନ୍ତୁ ଦୀପୁର ଫାଟକ ଖୋଲିବାର ଶବ୍ଦ ଶୁଣାଯାଉ ନାହିଁ।

ଦୀପୁ ଫେରି ନାହିଁ।

ଆଜି ସକାଳୁ ସକାଳୁ ବାହାରି ଗଲାବେଳେ ସେ ପଚାରିଥିଲେ - କେତେବେଳେ ଫେରିବୁ ?

ଦୀପୁ ମୁହଁ ନଫେରାଇ ଉତ୍ତର ଦେଇଥିଲା -

-ଏ ଘରକୁ ଫେରିବା ପାଇଁ ମୋର ଘୃଣା, ଏ ଘରର ପ୍ରତି ଇଟା ଖଣ୍ଡ, ବିଦେଶୀ ଟାଇଲ୍‌ରେ ରକ୍ତର ଦାଗ ଲାଗିଛି।

କିଛି ଉତ୍ତର ଦେଇ ପାରି ନଥିଲେ କୁନ୍ତଳା, ଉତ୍ତର ଶୁଣିବା ପାଇଁ ଦୀପୁ ମଧ ଅପେକ୍ଷା କରି ନଥିଲା। ଆଜି କାଲି ତାର ସବୁ କଥା ଏମିତି। ବାପାଙ୍କ ଉପରେ ରାଗ। ଘୃଣା।

କିନ୍ତୁ ସେ ସବୁଦିନେ ଏମିତି ନ ଥିଲା।

Digitized by srujanika@gmail.com

ତାର ବି.ଏସ.ସି. ପରୀକ୍ଷା ଚାଲିଥିଲା ବେଳେ ହଠାତ୍ ଭିଜିଲାନ୍ସ ବିଭାଗ ତାଙ୍କ ଘର ଉପରେ ଚଢ଼ାଉ କରିଥିଲା। ଅଚାନକ ଝାନ୍ ତଲାସ୍। ସ୍ୱାମୀ ପ୍ରସ୍ତୁତ ନ ଥିଲେ। ଦୀପୁ ତାର ପଢ଼ାଘରେ ପରୀକ୍ଷା ପାଇଁ ପାଠ ପଢୁଥିଲା। ସେ ରୋଷେଇ ଘରେ ଥିଲେ। ସ୍ୱାମୀ ଧଇଁ ସଇଁ ହୋଇ ଆସି କହିଲେ-ପୋଲିସ୍, ପୋଲିସ୍!

ସ୍ୱାମୀଙ୍କ କାନ୍ଦ କାନ୍ଦ ମୁହଁକୁ ଚାହିଁ ସେ ପଚାରିଥିଲେ - ଏ ଅବେଳାରେ ପୋଲିସ କାହିଁକି ?

-ଭିଜିଲାନ୍ସ ବିଭାଗ ଘର ଖାନତଲାସ କରିବ। ଅଥଚ ଆଗରୁ ମୁଁ ଟିକିଏ ବାସ୍ନା ସୁଦ୍ଧା ବାରିପାରିଲି ନାହିଁ। ହେ ଭଗବାନ!

ତାପରେ ସ୍ୱାମୀଙ୍କର ରକ୍ତଚାପ ବଢ଼ି ଯାଇଥିଲା। ସେଇ ଘଟଣା ପରେ କେମିତି ଭିନ୍ନ ପ୍ରକାର ମଣିଷ ହୋଇ ଗଲା ଦୀପୁ। ହସ ଲିଭିଗଲା ମୁହଁରୁ। ସବୁ ବେଳେ ଚୁପ୍‌ଚାପ୍। ଗମ୍ଭୀର। ଅନ୍ୟମନସ୍କ!

ଚାକିରି କଥା ଉଠିଲେ ତା'ର ସେଇ ଗୋଟିଏ ଉତ୍ତର-ବାପାଙ୍କ ପାପ ଟଙ୍କାରେ ମୁଁ ପାଠ ପଢ଼ିଛି। ସେଇ ପାଠ ବଳରେ ଚାକିରି କରି ଆଉ ପାପଧନ ବଢ଼ାଇବାକୁ ଚାହେଁ ନାହିଁ।

କୁନ୍ତଳା ଅନେକ ଥର ବୁଝାଇଛନ୍ତି-

- ଏକା ତୋର ବାପା ନୁହନ୍ତି, କେତେ ପଲିଟିସିଆନ୍, ବ୍ୟବସାୟୀ, ଅଫିସର, ଠିକାଦାର ଅବୈଧ ଉପାୟରେ ଟଙ୍କା ରୋଜଗାର କରି ବଡ଼ଲୋକ ହୋଇଛନ୍ତି। କିନ୍ତୁ କାହାର ପୁଅ ତୋ ଭଳି ନିଜ ବାପାକୁ ପାପୀ ବୋଲି କହି ନିଜ ଉପରେ ପ୍ରତିଶୋଧ ନେଉଛି!

ଦୀପୁର ମୁହଁ ତାଙ୍କର କଥା ଶୁଣି ଘୃଣାରେ ବିବର୍ଣ୍ଣ ହୋଇଯାଏ। ଶ୍ୱାସ ପ୍ରଶ୍ୱାସର ଗତି ପ୍ରଖର ହୋଇ ଉଠେ।

ସେ ମୁହଁ ଟେକକୁ ଟେକକୁ କରି ଚାପା କଣ୍ଠରେ କହେ-

- ବାପା କେବଳ କଳାଧନର ରାଜା ନୁହନ୍ତି, ଚରିତ୍ର ହୀନ, ଲମ୍ପଟ। ଏ ସହରରେ ତାଙ୍କର ଜଣେ ରକ୍ଷିତା ରମଣୀ ଅଛନ୍ତି.......ତାଙ୍କର ଗୋଟିଏ ଅବୈଧ ସନ୍ତାନ......ଏଭଳି ବାପର ପୁଅ ଆତ୍ମହତ୍ୟା କରିବା କଥା.......ତୋ ମୁହଁକୁ ଚାହିଁ ସେ ପୁଣ୍ୟକାମ ମୁଁ କରିପାରି ନାହିଁ। ଯଦି ଚାକିରି କରିବା ପାଇଁ କି ବାହା ହେବା ଲାଗି ତୁ ମୋ ଉପରେ ଚାପ ଦେଉ, ତାହେଲେ ଶେଷରେ ମତେ ଆତ୍ମହତ୍ୟା କରି ବାପାଙ୍କ ପାପର ପ୍ରାୟଶ୍ଚିତ କରିବାକୁ ହେବ।

କୁନ୍ତଳା ଭୟ ପାଇ ଯାଆନ୍ତି। ପୁଅ କଥାରେ ପ୍ରତିବାଦ କରିପାରନ୍ତି ନାହିଁ। ତାଙ୍କର କାନ୍ଦିବା ପାଇଁ ଇଚ୍ଛା ହୁଏ, କିନ୍ତୁ ସେ କାନ୍ଦି ପାରନ୍ତି ନାହିଁ। ଖାଲି ନିଜକୁ ବେଳେ ବେଳେ ଅପରାଧିନୀ ମନେ ହୁଏ।

Digitized by srujanika@gmail.com

ସ୍ୱାମୀଙ୍କ ଉପୁରି ରୋଜଗାର ପାଇଁ ସେ ଦିନେ ଅହଂକାରରେ ଫାଟିପଡୁଥିଲେ। ଦରମା ଟଙ୍କା କେବଳ ଉପଲକ୍ଷ୍ୟ ମାତ୍ର, ଅସଲ ଲକ୍ଷ୍ୟ ଉପୁରି ରୋଜଗାର - ସ୍ୱାମୀଙ୍କର ଏହି ଜୀବନ ଦର୍ଶନକୁ ସେ ତାଙ୍କର ପୌରୁଷ ବୋଲି ଧରି ନେଇ ମନେ ମନେ ଉଲ୍ଲସିତ ହୋଇଥିଲେ। ପ୍ରଥମେ ପ୍ରଥମେ ଶହ ଶହ, ତାପରେ ହଜାର ହଜାର। ଆନନ୍ଦରେ ତାଙ୍କର ପାଦ ମାଟିରେ ଲାଗୁ ନଥିଲା। ଭିଜିଲାନ୍ସ ଚଢ଼ାଉ ପରେ ସେ ଟିକେ ଦବି ଯାଇଥିଲେ। ତାପରେ ଯେଉଁ କଥାକୁ ସେଇ କଥା।

କଟକ, ବ୍ରହ୍ମପୁର ଆଉ କ୍ୟାପିଟାଲ୍‌ରେ ତାଙ୍କର ତିନୋଟି ଦୁଇ ମହଲା ଘର। ଭଡ଼ା ଲାଗିଛି। ସ୍ୱାମୀ ଗର୍ବରେ କୁହନ୍ତି - ଏ ତିନୋଟି ଘର ମୋର ତିନି ପୁଅ। ଦୀପୁର ରୋଜଗାରକୁ ମୁଁ ଅନେଇ ବସି ନାହିଁ। ମୋର ଖାଲି ଅବଶୋଷ ରହିଗଲା ଯେ ଏତେ ପାଠ ପଢ଼ି ସୁଦ୍ଧା ସେ ମଣିଷ ହେଲା ନାହିଁ।

ପାଠ ପଢ଼ିଲେ ଲୋକ ମଣିଷ ହୁଏ ନାହିଁ। ବଡ଼ ଚାକିରି କଲେ ଯାଇ ତାକୁ ମଣିଷ ଡଳେ ଗଣାଯାଏ। ସ୍ୱାମୀଙ୍କ ଏ ଯୁକ୍ତି ସହିତ ପୁଅ ଏକମତ ହୁଏ ନାହିଁ।

ବାପ ପୁଅଙ୍କର ଏ ଦ୍ୱନ୍ଦ୍ୱ ଭିତରେ ଚାପି ହୋଇ ଅଣ ନିଃଶ୍ୱାସୀ ହୋଇ ଯାଆନ୍ତି କୁନ୍ତଳା। ସବୁ ଥିବା ଭିତରେ କିଛି ନଥିବାର ଏକ ସର୍ବଗ୍ରାସୀ ଦୁଃଖ ତାକୁ କୋରି କୋରି ଖାଏ।

ତୀର୍ଥ ଭ୍ରମଣ, ପୂଜାପାଠ, ଟି.ଭି. ସିରିଆଲ୍ କିମ୍ବା ଭି.ସି.ଆର୍.ରେ ରଙ୍ଗିନ ଚଳଚ୍ଚିତ୍ର ଦେଖା - କିଛି ଭଲ ଲାଗେ ନାହିଁ।

ସେ ସେମିତି ଫାଟକ ଆଡ଼କୁ ଚାହିଁ ରହି ଯାଆନ୍ତି। ଶଙ୍ଖଶୁଭ୍ର ଜ୍ୟୋତ୍ସ୍ନା ଧୀରେ ଧୀରେ ନୀଳ ପଡ଼ି ଆସେ। ହେନା ଫୁଲର ବାସ୍ନା ବାଟ ଭାଙ୍ଗି ଅନ୍ୟ ଆଡ଼େ ଭାସିଯାଏ।

ଦୀପୁ ଫେରେ ନାହିଁ।

ଏତେ ରାତିରେ କେଉଁଠି ଥିବ ଦୀପୁ? କାଠଯୋଡ଼ି ପଥର ବନ୍ଧ ଉପରେ ଶୋଇ ଶୋଇ ଆକାଶକୁ ଚାହୁଁଥିବ? ନୀଳମେଘ ଆଉ ଶ୍ୱେତ ଚନ୍ଦ୍ରର ଲୁଚକାଳି ଖେଳ ଦେଖୁଥିବ? ନା - ବାଲିର ଶେଯରେ ଶୀର୍ଣ୍ଣସ୍ରୋତା ଜଳଧାରାକୁ ଚାହିଁ ଗୋଟାକୁ ଗୋଟା ଲମ୍ବ ନିଃଶ୍ୱାସ ପକାଉଥିବ?

କୁନ୍ତଳାଙ୍କ ଆଖିକୁ ଲୁହ ଆସି ଯାଏ, ନିଦ ଆସେ ନାହିଁ।

ରାତି ଏଗାରଟା ସୁଦ୍ଧା ଔଷଧ ନେଇ ଫେରିଲା ଦୀପୁ।

ସୁମିତା ଔଷଧ ରଖିସାରି କହିଲା - ଅନେକ ରାତି ହେଲାଣି ବାବା! ଘରେ ସେମାନେ ବ୍ୟସ୍ତ ହେଉଥିବେ, ଚାଲି ଯାଅ -

ଦୀପୁ ଘାଜି ହେଲା ନାହିଁ। ମୁରଲୀର ଜ୍ୱର ବଢ଼ୁଛି। ତାକୁ ରାତି ସାରା

Digitized by srujanika@gmail.com

ଜଗିରଖି ଔଷଧ ଦେବାକୁ ହେବ, ସେ ଚାଲିଗଲେ ଚଳିବ କେମିତି ?

ସୁମିତାର ଆଖି ଲୁହରେ ଛଳ ଛଳ ହେଲା । ଦୀପୁ କିଛି ଖାଇ ନାହିଁ। ତାକୁ ଖାଇବାକୁ ଦେଲା ଭଳି ଘରେ ମଧ୍ୟ କିଛି ନାହିଁ, ପିଲାଟା କ'ଣ ରାତି ସାରା ଉପାସ ରହିବ ?

ମୁରଲୀ ମାଆଙ୍କ ମନର କଥା ତାଙ୍କ ମୁହଁର ଭାବ ଭଙ୍ଗୀରୁ ବୁଝି ପାରିଲା ଦୀପୁ ।

କହିଲା - ମୋ ପାଇଁ ଚିନ୍ତା କର ନାହିଁ । ମୁଁ ବଜାରରୁ ରୁଟି ତରକାରୀ ଖାଇ ଆସିଛି ।

ଯେତେ ଯତ୍ନରେ କହିଲେ ବି ସୁମିତାର ବୁଝିବାରେ ବାକି ରହିଲା ନାହିଁ ଯେ ଦୀପୁ ମିଛ କହୁଛି । କିନ୍ତୁ ତା ଭଳି ଏକ ନିଃସହାୟ ନାରୀକୁ ବିବେକ ଦଂଶନରୁ ରକ୍ଷା କରିବା ପାଇଁ ଦୀପୁର ଏ ମିଥ୍ୟା କଥନର ବା କି ଆବଶ୍ୟକତା ଥିଲା !

ସେ ଦୀପୁର ମାଆ ନୁହେ; କିନ୍ତୁ ମୁରଲୀ ଅଭୟ ଚରଣଙ୍କ ପୁଅ- ଏକଥା ଜାଣିଲା ପରେ ସେ ତାକୁ ମାଆ ବୋଲି ଡ଼ାକି ଲଜ୍ଜା ଦିଏ । ତାର ଭଲ ମନ୍ଦ ବୁଝେ । ମୁରଲୀକୁ ଟାଇଫଏଡ଼୍ ହୋଇଛି ବୋଲି ଜାଣିବା ପରେ ସେ ତାର ପାଖେ ପାଖେ ଜଗି ରହିଛି । ଡ଼ାକ୍ତର ଡ଼ାକି ଆଣିଛି । ଔଷଧ, ପଥ୍ୟ କିଣି ଆଣୁଛି ।

ଚେଷ୍ଟା କରି ମଧ୍ୟ ତାକୁ ବାଧା ଦେଇ ପାରିନାହିଁ ନଗେନ୍ଦ୍ର ମହାନ୍ତିଙ୍କ ପତ୍ନୀ ସୁମିତା ।

କଣ୍ଟ୍ରାକ୍ଟର ନଗେନ୍ଦ୍ର ମହାନ୍ତି ତାର ନାମକୁ ମାତ୍ର ସ୍ୱାମୀ । ଅଭୟ ଚରଣଙ୍କ ପାଶବିକ ବୁଭୁକ୍ଷାର ସେ ଅସାହାୟା ଶିକାର ।

ପ୍ରଥମେ ଅଭୟ ଚରଣଙ୍କ ଦୃଷ୍ଟି ପଡ଼ିଥିଲା ଏ ସହରରେ ଥିବା ତାର ବିଧବା ମାଆଙ୍କ ପାଞ୍ଚଗୁଣ୍ଠ ଭିଟା ଜମି 'ଉପରେ । ସେହି ଜମି ଉପରେ ସେ ପ୍ରାସାଦ ତୋଳିବାକୁ ଚାହୁଁଥିଲେ । ସେଥିପାଇଁ କଣ୍ଟ୍ରାକ୍ଟର ନଗେନ୍ଦ୍ର ମହାନ୍ତିଙ୍କ ସହିତ ତାର ବିବାହ ପ୍ରସ୍ତାବ ରଖି ଥିଲେ ତାର ମାଆ ପାଖରେ । ମାଆ ଉତ୍ତର ଦେଇଥିଲା - ନଗେନ୍ଦ୍ର ମହାନ୍ତି ଏତେବଡ଼ କଣ୍ଟ୍ରାକ୍ଟର । ସେମାନେ ଅନେକ ଯୌତୁକ ଦାବୀ କରିବେ । ମୁଁ ଏତେ ଟଙ୍କା ପାଇବି କେଉଁଠୁ ?

ଅଭୟ ଚରଣ ବାଟ ବତାଇ ଦେଇଥିଲେ । ଘର ଭିଟା ବିକ୍ରୀକରି ଝିଅକୁ ବିବାହ ଦେଇ ଦିଅ, ଝିଅ ସୁଖରେ ରହୁ । ତମେ ଅବା ଆଉ କେତେ ବର୍ଷ ବଞ୍ଚିବ ? ତମ କଥା କ'ଣ ତମ ଝିଅ ଜ୍ୱାଇଁ ବୁଝିବେ ନାହିଁ ?

ମାଆର ବୟସ ହୋଇ ଯାଇଥିଲା । ଦେହ ଭଲ ରହୁ ନଥିଲା । ତାର ବିବାହ ପାଇଁ ସେ ଖୁବ୍ ଚିନ୍ତାରେ ଥିଲା । ଅଭୟ ଚରଣଙ୍କ ଲୋଭନୀୟ ପ୍ରସ୍ତାବ ସେଥିପାଇଁ ପ୍ରତ୍ୟାଖ୍ୟାନ କରିବା ତା ପକ୍ଷରେ ସହଜ ନଥିଲା ।

Digitized by srujanika@gmail.com

ତାର ବାହାଘର ହୋଇଗଲା । ଅଭୟ ଚରଣ ତାଙ୍କର ଘର ବିକି ଦେଇ ନୂଆ ଘର ତିଆରି କଲେ । କିନ୍ତୁ ବାହାଘର ପରେ ଅଷ୍ଟାଦଶୀ ସୁମିତା ବୁଝି ପାରିଲା ସେ ଠକି ଯାଇଛି । ନଗେନ୍ଦ୍ର ମହାନ୍ତି ତାକୁ ବାହାହେଲା ବେଳେ ଅବିବାହିତ ନ ଥିଲେ । ଅନୁଗୁଳରେ ତାଙ୍କର ସ୍ତ୍ରୀ, ପିଲାମାନେ ଥିଲେ ।

ତା'ପରେ ସେହି ଦୁଃଖରେ ମା'ର ମୃତ୍ୟୁ ।

ଯେଉଁ ଭଡ଼ାଘରେ ସେ ବିବାହ ପରେ ସ୍ୱାମୀଙ୍କ ସହିତ ରହୁଥିଲେ, ସେ ଘରକୁ ଆଉ ସ୍ୱାମୀ ଆସିଲେ ନାହିଁ । ନଗେନ୍ଦ୍ର ମହାନ୍ତିଙ୍କ ବଦଳରେ ଅଭୟ ଚରଣ ହିଁ ହେଲେ ତାର ଆଶ୍ରୟ ଦାତା । ସେ ହେଲା ତାଙ୍କ କାମନା ଲାଳସାର ନୈବେଦ୍ୟ ।

ମୁରଲୀ ଆସିଲା ତାର କୋଳକୁ ।

ସଂସାରରେ ସମସ୍ତେ ଜାଣିଲେ ସେ ନଗେନ୍ଦ୍ର ମହାନ୍ତିଙ୍କ ପୁଅ । କିନ୍ତୁ ନିଜ ବିବେକ ପାଖରେ ନିଜେ ସେ ବନ୍ଧା ପଡ଼ିଗଲା ।

ଅଭୟ ଚରଣଙ୍କ ପାଖରେ ସେ ଅନେକ କନ୍ଦା କଟା କରିଥିଲା । ଆତ୍ମହତ୍ୟା ଧମକ ଦେଇଥିଲା । ଶେଷରେ ସେ ଯେଉଁ ଭଡ଼ା ଘରେ ରହୁଥିଲା, ସେ ଘରକୁ କିଣି ସୁମିତା ନାମରେ ରେଜିଷ୍ଟ୍ରି କରି ଦେଇ ଦାୟିତ୍ୱ ମୁକ୍ତ ହୋଇଥିଲେ ଅଭୟ ଚରଣ ।

ସେଇ ଘରର ଗୋଟିଏ ଅଂଶ ଦୋକାନ ପାଇଁ ଭଡ଼ା ଲଗାଇ ବାକି ଗୋଟିଏ ବଖରାକରେ ନିଜ ପୁଅକୁ ନେଇ ସେ ରହୁଥିଲା । ଦୋକାନ ଘର ଭଡ଼ା ଟଙ୍କାରେ କୌଣସି ମତେ ଗୁଜୁରାଣ ମେଣ୍ଟି ଯାଉଥିଲା । ମଝିରେ ମଝିରେ ଅଭୟ ଚରଣ ତା ପାଖକୁ ଆସୁଥିଲେ କିଛି କିଛି ଅର୍ଥ ସାହାଯ୍ୟ ଦେଉଥିଲେ । କିନ୍ତୁ ମୁରଲୀ ବଡ଼ ହୋଇଗଲା ପରେ ଧରାପଡ଼ି ଯିବାର ଭୟରେ ଯିବା ଆସିବାରେ ହଠାତ୍ ତାଙ୍କର ଯବନିକା ପଡ଼ି ଯାଇଥିଲା ।

ଅଭୟ ଚରଣଙ୍କ ସହ ସମ୍ପର୍କର ସୂତ୍ର ଛିନ୍ନ ହୋଇ ଯାଉଥିବା ବେଳେ ହଠାତ୍ ଦିନେ ଦୀପୁ ଆସି ନିଜର ପରିଚୟ ଦେଇ ପ୍ରଶ୍ନ କରିଥିଲା-

-ମାଆ ! ମୁରଲୀ ମୋ ବାପାଙ୍କ ପୁଅ ?

ଚମକି ପଡ଼ିଥିଲା ସୁମିତା । ଲଜ୍ଜା ଓ ଅପମାନରେ ତାର ସର୍ବାଙ୍ଗ ବରଡ଼ାପତ୍ର ଭଳି ଥରିବାକୁ ଲାଗିଥିଲା । ପ୍ରକୃତ ସତ୍ୟକୁ ଗୋପନ କରିବା ପାଇଁ ଯେତେ ଚେଷ୍ଟା କଲେ ମଧ ଶେଷ ପର୍ଯ୍ୟନ୍ତ ପାରି ନଥିଲା ସୁମିତା । ତାର ଦୁଇ ଆଖିରୁ କେବଳ ଧାର ଧାର ଲୁହ ଛୁଟି ଆସିଥିଲା ।

ତା ଆଖିରୁ ଲୁହ ପୋଛି ଦେଇ ଦୀପୁ କହିଥିଲା- ବାପା ତମକୁ ଅସ୍ୱୀକାର କରିଥିଲେ ବି ମୁଁ ତୁମକୁ କେବେ ଅସମ୍ମାନ କରିବି ନାହିଁ ମାଆ । ମୁରଲୀ ଭଳି ମୁଁ ମଧ ତୁମର ପୁଅ । ମୁରଲୀକୁ ମୁଁ ପାଠ ପଢ଼ାଇବି । ମଣିଷ କରିବି । ବାପାଙ୍କ ପାପର ପ୍ରାୟଶ୍ଚିତ କରିବି ।

Digitized by srujanika@gmail.com

ନା, ଦୀପୁ କଥାରେ କୌଣସି ଛଳନା ନଥିଲା କି କୃତ୍ରିମତା ନ ଥିଲା। ସେ ମୁରଲୀର ନାମ ସ୍କୁଲରେ ଲେଖାଇ ଦେଇଛି। ତାର ବହିପତ୍ର କିଣି ଦେଇଛି। ତାକୁ ପାଠ ବୁଝାଇ ଦେଇଛି। ସେ ଗାଇଡ଼ାଏଡ଼ରେ ପଢ଼ିଛି ବୋଲି ଘରକୁ ନ ଯାଇ ଅଖିଆ ଅପିଆ ଜଗି ବସିଛି।

ଅଭୟ ଚରଣଙ୍କ ସହ ତାର ସମ୍ପର୍କ ଇତିହାସ କେଉଁଠୁ ଜାଣିଲା ଦୀପୁ ?

ଠିକ୍ ଜାଣେ ନାହିଁ ସୁମିତା। ଦୀପୁକୁ ପଚାରିବା ପାଇ ସେ ସାହସ କରି ନାହିଁ। ଲଜ୍ଜାରେ, ଭୟରେ।

କିନ୍ତୁ ଦୀପୁ ପାଇଁ ସେ ଲମ୍ପଟ ଅଭୟ ଚରଣଙ୍କୁ ମନେ ମନେ କ୍ଷମା କରିଦେଇଛି। ତାର ଶଠ ସ୍ୱାମୀ ଯେ କେତେ ଲକ୍ଷ ଟଙ୍କାର ଠିକାଦାରୀ ପାଇବା ପାଇଁ ଜୋର୍ କରି ତାକୁ ଇଂଜିନିୟର ଅଭୟ ଚରଣଙ୍କ ପାଖରେ ଲାଞ୍ଚ ଦେଇଥିଲା, ତା ଉପରେ ମଧ୍ୟ ଆଜି ଆଉ ଆଗଭଳି ତାଙ୍କର କୌଣସି ରାଗ ନାହିଁ।

ଦୀପୁର ସ୍ନେହ, ଭକ୍ତି, ସହାନୁଭୂତି ତା ମନରୁ ସବୁ ବିଷ ହରଣ କରି ନେଇଛି !

ଭୋଅରୁ ଭୋଅରୁ ଫାଟକ ଖୋଲା ହେବାର ଶବ୍ଦ ଶୁଣି ଆଲସିସିୟାନ୍ ଟାଇଗର୍ ଭୁକିବାକୁ ଲାଗିଲା।

ଅଭୟ ଚରଣ ଦେଖିଲେ, ଦୀପୁ ଆସୁଛି। କିନ୍ତୁ ଗତ ରାତ୍ରିରେ ସେ କେଉଁଠି ଥିଲା, ସେ କଥା ପଚାରିବାକୁ ତାଙ୍କର ସାହସ ହେଲା ନାହିଁ। ସେ ପ୍ରଶ୍ନଟାକୁ ଢୋକି ନେଇ ଅନ୍ୟ ଆଡ଼କୁ ମୁହଁ ବୁଲାଇ ଠିଆ ହେଲେ।

କୁନ୍ତଳା ପୋର୍ଟିକୋ ପାଖକୁ ଆସି ଉଦ୍‌ବିଗ୍ନ ଭାବରେ ପ୍ରଶ୍ନ କଲେ-

-କୁଆଡ଼େ ଥିଲୁ ? ତୋ ମୁହଁ ଶୁଖିଲା ଦେଖା ଯାଉଛି ଯେ !

-ମନ୍ଦିରରେ ଥିଲି, ମୁରଲୀ-ମନ୍ଦିର, ଭଜନ, କୀର୍ତ୍ତନ ହେଉଥିଲା, ରାତି ପାହିଗଲା।

ବାପା ମୁରଲୀ-ମନ୍ଦିର ନାମ ଶୁଣି ଚମକି ଉଠିଲେ କି ନାହିଁ ସେକଥା ଲକ୍ଷ୍ୟ କରିବା ପାଇଁ ଇଚ୍ଛା ନ କରି ସେ ନିଜ ଶୋଇବା ଘର ଭିତରକୁ ପଶିଗଲା।

ଭିତର ପଟୁ ସଶବ୍ଦରେ ଦରଜା ବନ୍ଦ ହେବାର ଶବ୍ଦ କେବଳ ଶୁଣିଲେ କୁନ୍ତଳା।

Digitized by srujanika@gmail.com

ବନବାସ

ଟ୍ରେନ ଛାଡିବାର ଠିକ ଅବ୍ୟବହିତ ପୂର୍ବରୁ ସୋମନାଥଙ୍କ ସାନବୋହୂ ଆରତିର ହାତ ଧରି ପକାଇ କହିଲା- ମାଉସି! ବାବାଙ୍କର ହାଇବ୍ଲଡ୍‌ପ୍ରେସାର! ବ୍ଲଡରେ ସୁଗାରର ମାତ୍ରା ମଧ୍ୟ ଅଧିକ। ଚିନିଜାତୀୟ ଖାଦ୍ୟ ନ ଖାଇବା ପାଇଁ ଡାକ୍ତର କହିଛନ୍ତି । ଇନ୍‌ସୁଲିନର୍ ଖାଇବା ଆଗରୁ 'ସେ ଔଷଧ ଖାଇବା କଥା.....ବାବା ତ ଆମ୍ଭୋଳା ମଣିଷ। ଆପଣ ଟିକିଏ ଆଖି ରଖିଥିବେ....

ଟ୍ରେନ ଛାଡିଦେଲା।

ଷ୍ଟେସନକୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ସୋମନାଥଙ୍କ ସାନପୁଅ ବୋହୂ, କ୍ୟାପଟେନ ପଟ୍ଟନାୟକଙ୍କ ଝିଅ ଜ୍ୱାଇଁ, ନାତି ନାତୁଣୀ ଆସିଥିଲେ।

ଆରତିର କେହି ନାହାନ୍ତି। ଅଧ୍ୟାପିକା ଚାକିରୀରୁ ଅବସର ନେଲା ପରେ ସେ ଏକାକିନୀ। ସାନ ଭାଇ ଭଉଣୀଙ୍କୁ ମଣିଷ କରିବ ବୋଲି ସେ ସାରାଜୀବନ ଅବିବାହିତା ରହିଲା, ଅଥଚ ତା'ର ଏ ତ୍ୟାଗର ମୂଲ୍ୟ କେହି ଦେଲେ ନାହିଁ। ଦୁଇ ଅବସରପ୍ରାପ୍ତ କଲେଜ ଜୀବନର ବନ୍ଧୁଙ୍କ ସହ ସେ ତୀର୍ଥଯାତ୍ରାରେ ଯାଉଛି ବୋଲି ଜାଣି ସୁଦ୍ଧା ଏ ସହରରେ ଥାଇ କେହି ଷ୍ଟେସନକୁ ଆସି ନ ଥିଲେ।

ଆରତି ମଧ ଆଶା କରି ନ ଥିଲା। କମ୍ପାର୍ଟମେଣ୍ଟର ଗୋଟିଏ କୋଣରେ ବସି ସେ ଲାଇନ୍‌ମାନ୍‌ର ସବୁଜ ସଙ୍କେତ ଦେଖୁଥିଲା। ହଠାତ୍ ସୋମନାଥଙ୍କ ସାନବୋହୂ ଆସି ତା' ମୁଣ୍ଡରେ ଗୋଟାଏ ଦାୟିତ୍ୱର ବୋଝ ଲଦି ଦେଇ ଗଲା।

ନୀଳାଚଳ ଏକ୍‌ସପ୍ରେସ୍ ତା'ର ଦୌଡ଼ିବାର ଗତି ବଢ଼ାଇଲା ପରେ ସୋମନାଥଙ୍କୁ ଲକ୍ଷ୍ୟ କରି ଆରତି କହିଲା....ତମର ହାଇ ବ୍ଲଡ୍‌ପ୍ରେସର, ବ୍ଲଡ୍ ସୁଗାର୍.....କାହିଁ ଏତେଥର ପେନ୍‌ସନ୍ ନେବା ପାଇଁ ଟ୍ରେଜେରିକୁ ଆସିଲାବେଳେ ଦେଖାହୁଏ.....ଥରେ ହେଲେ କହି ନାହିଁ ତ!

ସୋମନାଥ କଥାଟାକୁ ହସି ଉଡ଼ାଇ ଦେଇ କହିଲେ-

-ହାଇବ୍ଲଡ୍‌ପ୍ରେସର ଏମିତି କ'ଣ ରୋଗ ଯେ ସେ କଥା ଜଣେ ସଂସାର-ବୈରାଗୀ ନାରୀକୁ ଉପରେ ପଡ଼ି କହି ଥାଆନ୍ତି? ଆଜି ନୁହେଁ....କଲେଜରେ ପଢ଼ିଲା ବେଳଠାରୁ ହିଁ ମୁଁ ରକ୍ତଚାପ ଭୋଗ କରୁଛି। କୌଣସି ସୁନ୍ଦରୀ ଝିଅକୁ ଦେଖିଲେ ହଠାତ୍

Digitized by srujanika@gmail.com

ମୋ ରକ୍ତଚାପ ବଢ଼ିଯାଏ......।

ସୋମନାଥଙ୍କ କଥା ଶୁଣି କ୍ୟାପଟେନ ପଟ୍ଟନାୟକ ହୋ ହୋ ହୋଇ ହସି ଉଠିଲେ, ଅନର୍ଗଳ ହସ।

ହସ ବନ୍ଦ ହୋଇଯିବା ପରେ ସେ କହିଲେ- ରକ୍ଷା ହୋଇଛି ସୁନ୍ଦରୀ ଝିଅଙ୍କୁ ଦେଖିଲେ ତମର ରକ୍ତଚାପ ବଢ଼ିଯାଏ.....ଆରତି ସୁନ୍ଦରୀ ହେଲେ ବି ଆଉ ଝିଅ ହୋଇ ନାହିଁ। ଭଦ୍ରମହିଳା ହୋଇ ଯାଇଛି। ସେ ପାଖରେ ବସିଥିଲେ ବି ତମର ରକ୍ତଚାପ ବଢ଼ିବାର ସମ୍ଭାବନା ନାହିଁ।

ଗତବର୍ଷ ମାତ୍ର ଅଧ୍ୟାପିକା ଚାକିରୀରୁ ଅବସର ନେଇଛି ଆରତି। ଅଣଷଠି ବର୍ଷ ବୟସ। ଯୌବନ ଅନେକଦିନୁ ତା'ର ରଙ୍ଗ ହରାଇ ବିବର୍ଣ୍ଣ ହୋଇ ଯାଇଛି। ତଥାପି ସୋମନାଥଙ୍କ ଫାଜିଲ୍ ମନ୍ତବ୍ୟ ଆଉ କ୍ୟାପ୍‌ଟେନଙ୍କ ଟିପ୍‌ପଣୀ ଶୁଣି ସେ ଅଠର-ଉଣେଇଶି ସଦ୍ୟ-ଯୌବନା ଯୁବତୀ ଭଳି ଅପ୍ରତିଭ ଆଉ ରୋମାଞ୍ଚିତ ହୋଇ ଉଠିଲା।

ହଠାତ୍ ତା'ର ମନେ ପଡ଼ିଗଲା ଏଇ ସୋମନାଥ ଦିନେ ତା' ପାଖରେ ବିବାହ ପ୍ରସ୍ତାବ ରଖିଥିଲେ। ସେ ଏମ୍.ଏ ପାଶ୍ କରି ଅଧ୍ୟାପିକା ଚାକିରୀରେ ଯୋଗ ଦେଇଥାଏ ମାତ୍ର। ରଘୁର ସେତେବେଳେ କ୍ଲାସ ଇଲେଭନ୍। ମାନି ମାଟ୍ରିକ୍ ପାଶ୍ କରି ଘରେ ବସିଥାଏ। କୁନିର କ୍ଲାସ୍ ଏଇଟ୍। ପିତୃମାତୃହୀନା ଏଇ ସାନ ସାନ ତିନି ଭାଇ ଭଉଣୀଙ୍କୁ ଛାଡ଼ି ସେ ବାହାହେଇ ଯିବା ପ୍ରଶ୍ନ ହିଁ ନଥିଲା।

ସେ ମନା କରି ଦେଇଥିଲା।

ସୋମନାଥ ଏଥିପାଇଁ ତାକୁ ଭୁଲ ବୁଝିଥିଲେ କି ନାହିଁ ସେ ଜାଣେନା, କିନ୍ତୁ ତାଙ୍କ ସହିତ ବିବାହ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିଥିବା ଯୋଗୁଁ ତା'ର ତିଳେ ହେଲେ ଅବଶୋଷ ନଥିଲା।

ବାପା ଯାଇଥିଲେ।

ମାଆଙ୍କୁ ମୃତ୍ୟୁ ଶଯ୍ୟାରେ ସେ କଥା ଦେଇଥିଲା ରଘୁ, ମାନି ଆଉ କୁନିଙ୍କୁ ମଣିଷ କରିବା ଦାୟିତ୍ୱ ସେ ନେବ। ସେଥିପାଇଁ ଯାହା ତ୍ୟାଗ କରିବା ଦରକାର କରିବ।

ମାନି ଭଲରେ ବାହା ହୋଇ ଯାଇଥିଲା। କୁନି ପାଇଁ ତାକୁ ଚିନ୍ତାରେ ପଡ଼ିବାକୁ ହୋଇଥିଲା। ସୋମନାଥ ସେତେବେଳେ ବାଲେଶ୍ୱରର ଏ.ଡି.ଏମ୍। ତା'ର ପୋଷ୍ଟିଂ ସେତେବେଳେ ବାରିପଦାରେ। କଟକରୁ ବାରିପଦା ଯିବା ରାସ୍ତାରେ ସୋମନାଥଙ୍କ ସହ ଦେଖାହୁଏ। ସେଇ ସୂତ୍ରରେ ତାଙ୍କର ସ୍ତ୍ରୀ ଅରୁଣିମାଙ୍କ ସହିତ କିଛିଟା ଆତ୍ମୀୟତା। କୁନିକୁ ପାର ଉଦ୍ଧାର କରିବାରେ ଅରୁଣିମାଙ୍କ ଆନ୍ତରିକତା ଓ ସହୃଦୟତା କଥା ସେ ଭୁଲି ପାରିବ ନାହିଁ।

ମୃଦୁ ହସି ସେ ସୋମନାଥଙ୍କୁ ପଚାରିଲା-

Digitized by srujanika@gmail.com

-ଯେ କୌଣସି ସୁନ୍ଦରୀ ଝିଅକୁ ଦେଖିଲେ ତମର ଯେ ରକ୍ତଚାପ ବଢ଼ିଯାଏ, ଏ କଥା ଅରୁଣିମା ଜାଣେ ?

-ପତ୍ନୀମାନେ ସ୍ୱାମୀର ଦେହ କଥା ଜାଣନ୍ତି, ମନ କଥା ସେମାନଙ୍କୁ ଜଣାଇଲେ ଭୂମିକମ୍ପ ହୋଇଯାଏ। ଘର ସଂସାର ଭାଙ୍ଗିଯାଏ। ଆମର ଯେ କାଠିକୁଟାର ସଂସାର ଭାଙ୍ଗି ଯାଇନାହିଁ, ଏଥିରୁ ତମର କ'ଣ ମନେ ହେଉଛି ?

ଆରତି ନିରୁତ୍ତର ରହିଲା।

ସେ ସଂସାର କରିନାହିଁ। ଭାଇ ଚାକିରୀ ଆଉ ଦୁଇ ଭଉଣୀ ବାହା ହୋଇ ଯିବାପରେ ମଧ୍ୟ ବାହା ହେବା ପାଇଁ ଆହୁରି ତିନି ଚାରୋଟି ଭଲ ପ୍ରସ୍ତାବ ଆସିଥିଲା। ସେତେବେଳକୁ ସେ ପଇଁତିରିଶ- ଚାଳିଶି ବର୍ଷ ବୟସ ମଧ୍ୟରେ ଘିର-ଅଚଞ୍ଚଳ। ବାହା ହେବା ପାଇଁ ସେ ନିଜେ ନିଜକୁ ଆଉ ରାଜି କରାଇ ପାରି ନଥିଲା। କାରଣ ତା'ର କିପରି ସନ୍ଦେହ ହୋଇଥିଲା ବିବାହ-ପ୍ରାର୍ଥୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଆଖି ତା'ର ଅର୍ଥ ରୋଜଗାର କ୍ଷମତା ଉପରେ, ତା' ପ୍ରତି ନୁହେଁ।

ବାହା ହେଲା ପରେ ଛୋଟ ଘରେ ସ୍ଥାନ ଅଣ୍ଟିବ ନାହିଁ ବୋଲି ପ୍ରଥମେ ରଘୁ ତା' ପାଖରୁ ଅଲଗା ହୋଇ ଘରଭଡ଼ା ନେଇଥିଲା। ତା'ଅପେକ୍ଷା ତା'ର ଶାଶୁ, ଶଶୁର ଆଉ ଶଳା, ଶାଳୀଙ୍କ ପ୍ରତି ଆକର୍ଷଣ ଅଧିକ। ସେମାନଙ୍କୁ ନେଇ ତା'ର ସଂସାର।

ତା'ର ସେ ସଂସାରରେ ଅନଧିକାର ପ୍ରବେଶ କେବେ ଚାହିଁନାହିଁ ଆରତି। ସାନ ଦୁଇ ଭଉଣୀ କେବଳ ଟଙ୍କା ଦରକାର ହେଲେ ତା'ପାଖକୁ ଆସନ୍ତି। ଅପା ! ତୁ ଯେଉଁ ଗହଣା ଗଢ଼ି ଦେଇଥିଲୁ ଭାଙ୍ଗିଗଲାଣି। ଗଢ଼ି ଦେ'। ଅପା ! ତୁ ଏତେଟା କୃପଣ ହେବା ଉଚିତ ନୁହେଁ-ସାନ ଝିଅ ତତେ ଗୋଟାଏ କଲର୍ ଟି.ଭି. ପାଇଁ ଏତେଥର କହିଲାଣି। କାହିଁ; ତୋ ହୃଦୟ ତରଳିଲା ନାହିଁ ତ !

ଅଥଚ ଦୁଇ ସାନ ଭଉଣୀଙ୍କ ଅବସ୍ଥା କିଛି ଖରାପ ନୁହେଁ। ବଡ଼ର ସ୍ୱାମୀ ଓଭରସିଅର୍। ଦରମା ଅପେକ୍ଷା ଉପୁରି ଅଧିକ ବୋଲି ଅନେକ ଥର ମାନି ତା ଆଗରେ ଗର୍ବ କରି କହିଛି। ଜୁନିର ବର ସପ୍ଲାଇ ଇନ୍‌ସପେକ୍ଟର। ଭାଙ୍ଗି ଯାଇଥିବା ଗହଣା ଗଢ଼ିବା ପାଇଁ ଆଉ କଲର ଟି.ଭି. କିଣିବା ପାଇଁ ସେମାନଙ୍କ ପାଖରେ ଟଙ୍କା ନାହିଁ ?

ନିଜ ସାନ ଭାଇ ଭଉଣୀଙ୍କ ଲୋଭ, ସ୍ୱାର୍ଥପରତା ଦେଖି ସଂସାର ପ୍ରତି ତା'ର ମନ ବିକ୍ଷୁବ୍ଧ ହୋଇ ଯାଇଛି। ନିଜେ ବାହା ନ ହୋଇ ବଞ୍ଚି ଯାଇଛି ବୋଲି କେବେ କେବେ ନିଜକୁ ସାନ୍ତ୍ୱନା ଦେଉଛି। କିନ୍ତୁ ଚାକିରୀରୁ ଅବସର ନେଲା ପରେ କିପରି ଏକ ଅସହାୟ ଶୂନ୍ୟତା ତା' ମନକୁ ଗ୍ରାସ କରି ଯାଉଛି।

ସେଥିପାଇଁ କ୍ୟାପଟେନ ଆଉ ସୋମନାଥ ତୀର୍ଥ ଭ୍ରମଣରେ ଯାଉଛନ୍ତି ବୋଲି ଶୁଣି ସେ ନିଜ ମନ ଭୁଲାଇବା ପାଇଁ ଆପେ ଆପେ ବାହାରି ଆସିଛି।

Digitized by srujanika@gmail.com

ତା'ର ଠାକୁର ଦର୍ଶନରେ ଯେ ଖୁବ୍ ଗୋଟାଏ ବିଶ୍ୱାସ ଅଛି ସେ କଥା ନୁହେଁ; କିନ୍ତୁ ଅଜଣା ଘଟଣାକୁ ଜାଣିବା, ଅଦେଖା ଦୃଶ୍ୟ ଦେଖିବାର ଲୋଭ ତା'ର ଅସ୍ଥିମଜ୍ଜାଗତ।

ପ୍ରଥମେ କ୍ୟାପଟେନ ଆପତ୍ତି କରୁଥିଲେ-ଦୁଇଜଣ ପୁରୁଷ ତୀର୍ଥଯାତ୍ରୀଙ୍କ ସହ ଜଣେ ଫିମେଲ ଟୁରିଷ୍ଟ୍। ତାହା ହେଲେ ତୀର୍ଥଯାତ୍ରାର ନିଷ୍ଠା ନଷ୍ଟ-

ସୋମନାଥ ବାଧା ଦେଇ କହିଥିଲେ- ଆଃ, ଆରତି ଚାଲୁନା ! ତୋ ସ୍ତ୍ରୀ ସ୍ୱର୍ଗରେ, ମୋ ସ୍ତ୍ରୀ ବଡ଼ପୁଅ ପାଖରେ ଆମେରିକାରେ। ତୀର୍ଥ ସସ୍ତ୍ରୀକ ଯିବା କଥା। ସ୍ତ୍ରୀ ନ ଥିଲେ ମଧ୍ୟ ଜଣେ ସ୍ତ୍ରୀଲୋକ ସାଙ୍ଗରେ ଥାଉ।

କ୍ୟାପ୍ଟେନ୍ ରିଟାୟାର୍ଡ଼ ଆଇ.ଏ.ଏସ୍., ସୋମନାଥ ଛୋଟରାୟର ପିଠିରେ ଗୋଟାଏ ଘୁଷି ମାରି କହିଥିଲେ- ବୁଢ଼ା ହେଲା ପରେ ବି ତୋର ଲୋଭ ଯାଇନାହିଁ। ଚିତାରେ ଚଢ଼ିବା ଆଗରୁ ମନରୁ ଆରତି ପାଇଁ ତୋର ଲୋଭ ଲିଭିବ ନାହିଁ ଦେଖୁଛି।

କ୍ୟାପଟେନ୍ ପାଖରେ ହଠାତ୍ ଉଲଗ୍ନ ହୋଇ ଯାଇଥିବା ଭଳି ଲଜ୍ଜାରେ ଅପ୍ରତିଭ ହୋଇ ପଡ଼ିଥିଲେ ସୋମନାଥ।

ସେ କ୍ୟାପଟେନ୍ କାନ ପାଖରେ ଚାପା କଣ୍ଠରେ କହିଥିଲେ- ଯାହା ହେଲେ ବି ସେ ଦିନେ ଆମ ଆସରର ରାଣୀ ମହୁମାଛି ଥିଲା, ଭାଇ ଭଉଣୀଙ୍କୁ ସଂସାରରେ ପ୍ରତିଷ୍ଠିତ କରିବା ପାଇଁ ଦୀପର ସଳିତା ଭଳି ନିଜେ ଜଳି ନିଃଶେଷିତ ହୋଇଗଲା। ବାହାଚୋରା ହୋଇ କାହାରି ଜୀବନ ସଙ୍ଗିନୀ ହୋଇ ପାରିଲା ନାହିଁ; ଯଦି ଏଇ କେଇଦିନ ଆମର ଯାତ୍ରା ସଙ୍ଗିନୀ ହେବାକୁ ଚାହୁଁଥାଏ, ତାକୁ ମନା କରିବା ଅନ୍ୟାୟ ହେବ ନାହିଁ ?

କ୍ୟାପଟେନ ପଟ୍ଟନାୟକ ଭିନ୍ନ ଧାତୁରେ ଗଢ଼ା ମଣିଷ। ଜୀବନର ଅର୍ଦ୍ଧାଂଶ ମିଲିଟାରୀ ଶୃଙ୍ଖଳା ଭିତରେ କଟିଛି। ନିଜ ସ୍ତ୍ରୀ ଭିନ୍ନ ଅନ୍ୟ ନାରୀ ସଂସର୍ଗ ସେ ଏଡ଼ାଇ ଯାଆନ୍ତି। ଛାତ୍ର ଜୀବନର କୌଣସି ସହପାଠିନୀକୁ ନେଇ ତୀର୍ଥଯାତ୍ରା କରିବା କଥା ଭାବିଲେ ତାଙ୍କୁ ଟିକିଏ ସଂକୋଚ ଲାଗୁଥିଲା। କିନ୍ତୁ ସୋମନାଥଙ୍କ ଯୁକ୍ତି ଶୁଣିଲା ପରେ ସେ ନାହିଁ କରିପାରିଲେ ନାହିଁ।

ଆରତିକୁ ସାଙ୍ଗରେ ଆଣିବା ପାଇଁ ତାଙ୍କର ଆଉ ଗୋଟିଏ କାରଣରୁ ଆପତ୍ତି ଥିଲା। ଡ୍ରିଙ୍କ୍ ନ କଲେ ସେ ରହି ପାରନ୍ତି ନାହିଁ। ଆରତି ତାଙ୍କ ମଦ୍ୟପାନକୁ କିପରି ଭାବରେ ଗ୍ରହଣ କରିବ ସେ ବିଷୟରେ ସେ ନିଃସନ୍ଦେହ ନ ଥିଲେ।

ସୋମନାଥ ତାଙ୍କୁ ସାନ୍ତ୍ୱନା ଦେଉଥିଲେ-ଜଣେ ମିଲିଟାରୀ ଅଫିସର୍ ମଦ୍ୟପାନ ନ କରି ଜଳପାନ କରୁଥିବେ, ଏ କଥା ଆରତି ଆଶା କରିବା ଅନ୍ୟାୟ। ଖାଲି ମଦ୍ୟପାନ କରି ମାତାଲ ନ ହେଲେ ହେଲା।

ଟ୍ରେନ୍ ଧୀରେ ଧୀରେ ଗତି ବଢ଼ାଇ ଅଣନିଃଶ୍ୱାସୀ ହୋଇ ଛୁଟି ଚାଲିଥିଲା।

Digitized by srujanika@gmail.com

ସୋମନାଥ ଆଉ ଆରତି ସାମ୍ନାସାମ୍ନି ଝରକା ପାଖରେ ବସିଥିଲେ। ଆରତି ଗୋଟାଏ ଗାଢ଼ ନୀଳରଙ୍ଗର ସମ୍ବଲପୁରୀ ଶାଢ଼ୀ ପିନ୍ଧିଥିଲା। ଚଷମା ଫାଙ୍କରେ ସେ ରାସ୍ତାର ଦୃଶ୍ୟ ଦେଖୁଥିଲା ଏବଂ ତା ଗୋଡ଼ ସହିତ ସୋମନାଥଙ୍କ ପାଦ ବାଜିଗଲେ ବିବ୍ରତ କରି ଦେଇ ଈଷତ୍ ହସି ଦେଉଥିଲା।

ଉପର ବର୍ଥରେ ଗୋଡ଼ହାତ ଲମ୍ବାଇ ଶୋଇ ଶୋଇ କଅଣ ଗୋଟାଏ ମାଗାଜିନ୍ ପଢୁଥିଲେ କ୍ୟାପଟେନ ପଟ୍ଟନାୟକ।

ସୋମନାଥବାବୁ ପଚାରିଲେ- ତମେ ତ ତୀର୍ଥ ଭ୍ରମଣରେ ଆସିଲ। ତମ କୁକୁର ଆଉ ଠେକୁଆ ?

-ସେ ଦୁହେଁ ତ ଏଇ ପ୍ରଥମ ମତେ ଛାଡ଼ି ଚାକରାଣୀ ପାଖରେ ଏକୁଟିଆ ରହିବେ। ଆସିଲାବେଳେ ଲକି ଖୁବ୍ ଭୁକୁଥିଲା। ଭୁକିବା ନୁହେଁ ତ ଯେମିତି ତା'ର ସେଇଟା କାନ୍ଦଣା ସ୍ୱର। ରକି କିଛି ବୁଝେନାହିଁ। କେବଳ ଆସିଲାବେଳେ ମୋ ଦେହରେ ଘଷି ହେଉଥିଲା। ରକି ପାଇଁ ଭାବନା ନାହିଁ-ଦୁଶ୍ଚିନ୍ତା ଲକି ପାଇଁ-

ଆରତିର କଣ୍ଠସ୍ୱର ବିନ୍ଦୁ ବିନ୍ଦୁ ବେଦନାରେ ଭିଜି କରୁଣ ଶୁଣାଗଲା।

ଏଇ ଲକି, ରକି-କୁକୁର ଠେକୁଆଙ୍କୁ ନେଇ କଟେ ଆରତିର ନିଃସଙ୍ଗ, ନିର୍ଜନ ଦିନ।

ସୋମନାଥ ଯୁକ୍ତି କରନ୍ତି- ଇଚ୍ଛାକଲେ ତମେ ତ ଭାଇ କିମ୍ବା ଭଉଣୀମାନଙ୍କ ପାଖରେ ରହି ପାରନ୍ତ !

ଆରତି କୈଫିୟତ ଦିଏ- ଏକୁଟିଆ ରହି ରହି ଆରେଇ ଗଲାଣି। କାହା ପାଖରେ ରହିବାକୁ ଭଲ ଲାଗେନାହିଁ। ସାନ ଭାଇ ଜିଦ୍ ଧରିଥିଲା- ଅପା ! ଚାକିରୀ ତ ସରିଲା। ଏଣିକି ମୋ ପାଖକୁ ଚାଲିଆ। ଯାଇଥିଲି ଦୁଇମାସ, ଭଲ ଲାଗିଲା ନାହିଁ। ସାଂସାରିକ ଜୀବନର ସୁଖ ଅପେକ୍ଷା ଦାମ୍ପତ୍ୟ ଜୀବନର କ୍ଷୁଦ୍ରତା, ସଂକୀର୍ଣ୍ଣତା ବେଶୀ ବେଶୀ ଆଖିରେ ପଡ଼ିଲା। ଛୋଟ ଛୋଟ କଥା ନେଇ ସ୍ୱାମୀ ସ୍ତ୍ରୀଙ୍କ ଭିତରେ କଳହ, ପାଟିତୁଣ୍ଡ। ଅଣନିଃଶ୍ୱାସୀ ହୋଇ ପଳାଇ ଆସିଲି। ମୋର ଏଇ ଲକି, ରକି ଆଉ ଚାକରାଣୀ ବେଶ୍ ଭଲ। ତମେ ସବୁ ଏଇ କ୍ଷୁଦ୍ରତା, ସଂକୀର୍ଣ୍ଣତା, ଲୋଭ, ଈର୍ଷା ସହିତ ସାଲିସ କରି କିପରି ଯେ ଚଳ ମୁଁ ବୁଝିପାରେ ନାହିଁ-

କ୍ୟାପଟେନ ମନ୍ତବ୍ୟ କରନ୍ତି--ସମାଜରେ ରହିବାକୁ ହେଲେ ନିଜର ରୁଚି ଆଉ ସ୍ୱାର୍ଥ ସହିତ ସାଲିସ କରିବାକୁ ହୁଏ। ତମେ ଅବିବାହିତା ରହି ଏକପ୍ରକାର ଅସାମାଜିକ ହୋଇଯାଇଛ-

କ୍ୟାପଟେନଙ୍କ ମନ୍ତବ୍ୟ ଅନେକ ପରିମାଣରେ ନିଷ୍ଠୁର ଶୁଣାଯାଏ ସୋମନାଥଙ୍କୁ। କିନ୍ତୁ ଆରତି ଠାରେ କୌଣସି ପ୍ରତିକ୍ରିୟାର ବିସ୍ଫୋରଣ ଦେଖାଯାଏ ନାହିଁ। ସମ୍ଭବତଃ ସେ ମାନିଯାଏ; ସମ୍ପର୍କହୀନତା ଯୋଗୁଁ ସେ ନିଜ ରୁଚି ସହିତ ସାଲିସ କରି

Digitized by srujanika@gmail.com

ଶିଖିବାକୁ। ଏ ବୟସରେ ତାକୁ ଆଉ ସାମାଜିକ ହେବା ପାଇଁ ଉପଦେଶ ଦେଇ ଲାଭ ନାହିଁ।

ଖଡ଼ଗପୁର ପାଖରେ ଗାଡ଼ି ଠିଆ ହେବାମାତ୍ରେ ସୋମନାଥ ଝରକା ବାଟେ ମୁହଁ ଗଳାଇ ତିନି କପ୍ ଚା'ର ବରାଦ ଦେବାକୁ ଯାଉଥିଲେ। ବାଧାଦେଲା ଆରତି।

-ତମକୁ ଚା'ରେ ଚିନି ଖାଇବାକୁ ମନା। ଷ୍ଟେସନରେ ଚା' ଆଗରୁ ତିଆରି ହୋଇ ରହିଥାଏ। ସେ ଚା' ତମେ ଖାଇ ପାରିବ ନାହିଁ।

ସୋମନାଥଙ୍କ ଚା' ପିଇବାର ଇଚ୍ଛା ଅପୂର୍ଣ୍ଣ ରହିଗଲା। ଉପର ବର୍ଥରୁ କ୍ୟାପଟେନ ପଟ୍ଟନାୟକ ଆରତିର ଉପରେ ପଡ଼ି ଉପଦେଶ ଦେବା ଦେଖି ହସିଦେଲେ। ସୋମନାଥ ଆପତ୍ତି କରି ପାରିଲେ ନାହିଁ। ସାନବୋହୂ ତାଙ୍କ ଆଖି ସାମ୍ନାରେ ଆରତି ଉପରେ ତାଙ୍କର ସ୍ୱାସ୍ଥ୍ୟରକ୍ଷା ଦାୟିତ୍ୱ ଦେଇଗଲା ବେଳେ ସେ ପ୍ରତିବାଦ କରି ନଥିଲେ। ବର୍ତ୍ତମାନ ଅବା ତା'ର ବାରଣ ଅମାନ୍ୟ କରିବେ କିପରି? କିନ୍ତୁ ଚା'ରେ କଣ୍ଠନଳୀ ଓଦା ହୋଇ ନ ଥିଲେ ମଧ୍ୟ ଆରତିର ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ଦେଖି ଏକ ମୃଦୁ ଆବେଗରେ ତାଙ୍କ ମନ ଭିଜି ଯାଇଥିଲା। ସେ ତ ଦିନେ ଏହାହିଁ ଚାହିଥିଲେ।

ଖଡ଼ଗପୁରରୁ ହିଁ ରିଜର୍ଭେସନ୍ ନ ଥିବା କିଛି ଗ୍ରାମ୍ୟ ସ୍ତ୍ରୀଲୋକ ତାଙ୍କ କମ୍ପାର୍ଟମେଣ୍ଟରେ ଉଠି ପଡ଼ିଥିଲେ। ସେମାନେ ଆଗ ଷ୍ଟେସନରେ ଓହ୍ଲାଇଯିବେ ବୋଲି କେହି ସେମାନଙ୍କର ଅନଧିକାର ପ୍ରବେଶ ସମ୍ପର୍କରେ ଆପତ୍ତି କରି ନ ଥିଲେ। କିନ୍ତୁ ସେମାନଙ୍କ ଭିତରୁ ଜଣଙ୍କର ପାଞ୍ଚ ଛଅ ବର୍ଷର ପୁଅ ରାଗ ବୁଟଭଜା ଖାଇ ପାଣି ପାଣି ବୋଲି ଯେତେବେଳେ ଚିତ୍କାର କଲା ଆଉ ଆରତି କ୍ୟାପଟେନଙ୍କ ୱାଟର ବଟଲ ଆଣି ସେ ଛୁଆକୁ ପାଣି ଦେବାକୁ ବାହାରିଲା, ସେତେବେଳେ ଗୋଟିଏ ଅଘଟଣ ଘଟିଗଲା।

କ୍ୟାପଟେନ ପଟ୍ଟନାୟକ ଆରତି ହାତରୁ ନିଜର ପାଣିବୋତଲ ଛଡ଼ାଇ ନେଇ କହିଲେ- ଦେଖ ମାଡ଼ାମ! ତମର ଯାହା ମାଷ୍ଟ୍ରାଣୀପଣିଆ ଦେଖାଇବା କଥା, ସୋମନାଥ ଉପରେ ଦେଖାଅ, ମୋ ଜିନିଷରେ ହାତ ଦିଅନାହିଁ।

ସ୍ତବ୍ଧ ହୋଇଗଲା ଆରତି। କ୍ୟାପଟେନଙ୍କ ଏ ଆଚରଣ କେବଳ ନିଷ୍ଠୁର ନୁହେଁ, ଅନେକ ପରିମାଣରେ ଅଭଦ୍ର ଅଭଦ୍ର ମନେ ହୋଇଥିଲା। ତା'ର ଆଖିକୁ ଲୁହ ଆସି ଯାଇଥିଲା। ଇଚ୍ଛା ହେଉଥିଲା, ସେ ଏହିଠାରୁ ଓହ୍ଲାଇ ଫେରିଯିବ। ଏମାନଙ୍କ ସହିତ ଆଉ ଗୋଟିଏ ହେଲେ ମୁହୂର୍ତ୍ତ ରହିବ ନାହିଁ। କିନ୍ତୁ ସୋମନାଥଙ୍କ ମୁହଁରେ ଏଭଳି କିଛି ନ କରିବା, ନ ଭାବିବା ପାଇଁ ଏକ ଅନୁନୟର ମୁଦ୍ରା ଫୁଟି ଉଠିଥିଲା ଯେ ସେ ନିଜକୁ କୌଣସିମତେ ସମ୍ଭାଳି ନେଲା।

କ୍ୟାପଟେନ କିନ୍ତୁ ନିର୍ବିକାର। ପାଣି ବୋତଲକୁ ନିଜ ମୁଣ୍ଡ ପାଖରେ ଗୋଟିଏ କୋଣରେ ସଯତ୍ନରେ ରଖି ସେ ଚିତ୍ ହୋଇ ଶୋଇ ମାଗାଜିନ୍ ପଢ଼ିବାରେ

Digitized by srujanika@gmail.com

ମନୋନିବେଶ କରିଦେଲେ ।

ଆଗ ଷ୍ଟେସନରେ ସେ ଗ୍ରାମ୍ୟ ସ୍ତ୍ରୀ ଲୋକମାନେ ଓହ୍ଲାଇଗଲେ । କମ୍ପାର୍ଟମେଣ୍ଟ ନିର୍ଜନ ହୋଇ ଆସିଲା । ସନ୍ଧ୍ୟା ହୋଇ ଆସୁଥିଲା । ଇଲେକ୍ଟ୍ରି ଆଲୁଅରେ ଚମତ୍କାର ଦେଖା ଯାଉଥିଲା ଆରତିର ସ୍ୱଚ୍ଛାଲୋକିତ ମୁହଁ । ରାଗରେ, ଅଭିମାନରେ ଅଳ୍ପ ସମୟ ଆଗରୁ ଯେଉଁ ମୁହଁର ରେଖାସବୁ କଠିନ ଦେଖା ଯାଉଥିଲା, ମୃଦୁ ବିଜୁଳି ଆଲୁଅରେ ସେଇ ମୁହଁ ସୋମନାଥଙ୍କୁ ଖୁବ୍ କୋମଳ, ଲାବଣ୍ୟମୟ ଦେଖାଗଲା ।

ଉପର ବର୍ଥରୁ ଓହ୍ଲାଇ କ୍ୟାପଟେନ ବାଥରୁମ ବାହାରିଗଲେ ।

ଆରତି କହିଲା- କ୍ୟାପଟେନ ମତେ ସାଙ୍ଗରେ ଆଣିବାକୁ ଚାହୁଁ ନ ଥିଲେ । ଯୋର୍ କରି ଆସିବାଟା ମୋ ପକ୍ଷରେ ଠିକ୍ ହୋଇ ନାହିଁ । ମୁଁ ବନାରସରୁ ଫେରି ଆସିବି । ତମେ ଦୁହେଁ ବଦ୍ରିନାଥ ଯାଅ ।

-ତମେ ଅଯଥାରେ ରାଗ କରୁଛ । କ୍ୟାପଟେନର କିଛି ଦୋଷ ନାହିଁ । ତା ପାଣି ବୋତଲରୁ ସେ ମତେ ମଧ ପାଣି ପିଇବାକୁ ଦିଏ ନାହିଁ ।

-କିନ୍ତୁ ସେ କଥା ତ ସେ ମତେ ଭଦ୍ର ଭାବରେ କହିପାରି ଥାଆନ୍ତେ !

-ତାହେଲେ ମଧ ତମେ ତା'ର ବାରଣ ନ ମାନି ସେ କାନ୍ଦୁରା ପିଲାକୁ ପାଣି ଦେଇ ଥାଆନ୍ତ ।

-ରାଗରେ ପାଟି ଜଳୁଥିବା ପିଲାକୁ ପାଣିମୁନ୍ଦାଏ ଦେଇଥିଲେ ଏମିତି କ'ଣ ତାଙ୍କର କ୍ଷତି ହୋଇ ଯାଉଥିଲା ?

ଏଥର ହସ ଚାପି ନ ପାରି ସୋମନାଥ କହିଲେ-

-କ୍ୟାପଟେନ ପାଣି ବୋତଲରେ ପାଣି ନାହିଁ । ବିଦେଶୀ ମଦ ।

ସେ ଉପର ବର୍ଥରୁ କ୍ୟାପଟେନଙ୍କ ୱାଟର୍ ବଟଲ୍ ଆଣି ଠିପି ଖୋଲିଦେବା ମାତ୍ରେ ଆଲକହଲର ଉତ୍କଟ ବାସ୍ନାରେ ଆରତିର ଘ୍ରାଣେନ୍ଦ୍ରିୟ ଉଚକିତ ହୋଇ ଉଠିଲା । ସେ କ୍ଷୀଣ କଣ୍ଠରେ ଚିତ୍କାର କରି ଉଠିଲା- ଏ ମାଆ ! ପାଣି ବୋତଲରେ ମଦ !

-ହଁ, ରାତିରେ ସେଥିରୁ ଢୋକେ ଢୋକେ ନ ପିଇଲେ କ୍ୟାପଟେନଙ୍କୁ ନିଦ ହୁଏ ନାହିଁ । ମିଲିଟାରୀ ଚାକିରୀକାଳର ପୁରୁଣା ଅଭ୍ୟାସ । ତମ ଭୟରେ ମଦ ବୋତଲ ନ ଆଣି ପାଣି ବୋତଲ ଆଣିଛି ।

ଆରତି ମୁହଁରୁ ସବୁ ରାଗ, ସବୁ ଅଭିମାନ ମୁହୂର୍ତ୍ତକ ମଧ୍ୟରେ ଧୋଇ ହୋଇଗଲା । ବହୁ ପୁରୁଣା ଦିନର ମିଲିଟାରୀ ବନ୍ଧୁକୁ ମନେ ମନେ ସେ କ୍ଷମା କରିଦେଇ ହସି ଉଠିଲା ।

ଭୋଅରୁ ଭୋଅରୁ ବନାରସ ।

ପ୍ରଥମେ କାଶୀବିଶ୍ୱନାଥ ମନ୍ଦିର ଦର୍ଶନ, ସନ୍ଧ୍ୟାରେ ଗଙ୍ଗାରେ ନୌକାବିହାର । ମୁଣ୍ଡରେ ଓଢ଼ଣା, ବେକରେ ଶାଢ଼ୀକାନି ଗୁଡ଼ାଇ ଆରତି ବିଶ୍ୱନାଥଙ୍କ ପାଦରେ

Digitized by srujanika@gmail.com

ଆଭୂମ ପ୍ରଣତି ଜଣାଇ ଉଠିଲାବେଳେ ସୋମନାଥ ତାକୁ ଚାପା କଣ୍ଠରେ ପଚାରିଲେ- ବିଶ୍ୱନାଥଜୀଙ୍କ ପାଖରେ କାହାର ତମେ ଶୁଭ ମାନସିକ କଲ ସତ କୁହ ? ସାନଭାଇର ନା ମାନୀ, କୁନିର !

ଲଜ୍ଜାକୁଣ୍ଠିତ କଣ୍ଠରେ ନିମ୍ନ ସ୍ୱରରେ ଆରତି ଉତ୍ତର ଦେଇଥିଲା- ସତ କହିବି ? ନା- ଥାଉ- ଆଉ କେବେ-

କହିଦେଲେ କଥାର ଓଜନ କମିଯିବ ବୋଲି ସତେ ଯେମିତି ଶେଷ ମୁହୂର୍ତ୍ତରେ କଥାଟା ଢ଼ୋକିନେଲା ଆରତି ! ସୋମନାଥ ଆଉ ଜାଣିବା ପାଇଁ ଜିଦ୍ କଲେ ନାହିଁ। ଏକ ରହସ୍ୟମୟ ହସର ଆଲୋଡ଼ନ କେବଳ ତାଙ୍କ ଆଖିକୋଣରେ ଯେପରି ଉଦ୍ଭାସିତ ହୋଇ ଉଠିଲା !

ଆକାଶରେ ଜହ୍ନ ଥିଲା। ଗଙ୍ଗାରେ ଜଳତରଙ୍ଗ। ଏମାନଙ୍କ ନୌକା ଏକପ୍ରକାର ନାଚି ନାଚି ପାଣିର ସିଆରା କାଟି ଭାସି ଯାଉଥିଲା। ହଠାତ୍ ମଝି ନଈରେ ଗୋଟାଏ ଗୀତର ସୁର୍ ଧରିଲା ଆରତି। ତା'ପରେ ସେଇ ସ୍ୱରରେ ଶବ୍ଦ ସଂଯୋଜିତ ହେଲା। ଆରତି ଯେ ଚମତ୍କାର ଭଜନ ବୋଲିପାରେ ସେ କଥା ସୋମନାଥ କିମ୍ବା ବ୍ୟାପଟେନ କାହାକୁ ଜଣା ନଥିଲା। ଅଣ୍ଟାରେ ଶାଢ଼ୀ କାନି ଗୁଡ଼ାଇ ମଙ୍ଗରେ ବସି ଜଗନ୍ନାଥ ଭଜନ ବୋଲିଲାବେଳେ ମନ୍ତ୍ରମୁଗ୍ଧ ଭଳି ସୋମନାଥ ଆଉ ବ୍ୟାପଟେନ ବସି ରହିଥିଲେ।

ହୋଟେଲକୁ ଫେରିବା ବାଟରେ ବ୍ୟାପଟେନ ପଟ୍ଟନାୟକ ଆରତିକୁ ପ୍ରଶଂସା କରି କହିଲେ- ତମକୁ ସାଙ୍ଗରେ ଆଣି ନ ଥିଲେ ଏ ତୀର୍ଥ ଭ୍ରମଣ ବ୍ୟର୍ଥ ହୋଇ ଯାଇଥାଆନ୍ତା। ତମେ ଏତେ ସୁନ୍ଦର ଗୀତ ବୋଲିପାର ବୋଲି ଜଣା ନ ଥିଲା। ବୟସ ହୋଇ ଯାଇଥିଲେ ବି କଣ୍ଠସ୍ୱରରେ ସେଇ କଲେଜ ଜୀବନର କୋମଳତା-

ଆରତି ଆଉ ସୋମନାଥ ସମସ୍ୱରରେ ହସି ଉଠିଥିଲେ ବ୍ୟାପଟେନଙ୍କ କଥା ଶୁଣି।

ବନାରସରୁ ଦିଲ୍ଲୀ। ତା'ପରେ ହରଦ୍ୱାର- ଋଷିକେଶ। ଆରତି ଡିବ୍ୟଜୀବନ ସଂଘର ସଭ୍ୟ। ସେ ଶିବାନନ୍ଦ ଆଶ୍ରମ କର୍ତ୍ତୃପକ୍ଷଙ୍କୁ ଆଗରୁ ଚିଠି ଲେଖିଥିଲା। ଆଶ୍ରମର ଅତିଥି ଭବନରେ ସେଥିପାଇଁ ସ୍ଥାନ ମିଳିବାରେ କିଛି ଅସୁବିଧା ହେଲା ନାହିଁ।

ଯାତ୍ରାର ଶେଷପାଦ ବଦ୍ରିନାଥ।

ବସ୍‌ରେ ଯିବାପାଇଁ ତିନିଟା ଟିକେଟ କିଣିସାରି ସୋମନାଥ ଦେଖିଲେ ସର୍ଦ୍ଦିଜ୍ୱର ଓ କାଶରେ ଶଯ୍ୟାଶାୟୀ ହୋଇ ରହିଛି ଆରତି।

ପ୍ରତିଦିନ ସକାଳୁ ମୁଣ୍ଡ ଧୋଇ ଗଙ୍ଗା ସ୍ନାନ କରିବାର ଫଳ।

ତା ଆରଦିନ ସକାଳୁ ସେ ତିନିଜଣଙ୍କର ବସ୍‌ରେ ବଦ୍ରିନାଥ ଯିବା କଥା।

Digitized by srujanika@gmail.com

କିନ୍ତୁ ଏଭଳି ଅସୁସ୍ଥ ଦେହରେ ଆରତି କ'ଣ ପାହାଡ଼ ଚଢ଼ି ବସ୍‌ରେ ଯାଇ ପାରିବ ?

ସୋମନାଥ ଆଉ କ୍ୟାପଟେନ୍‌ଙ୍କ ମୁହଁ ବିଷଣ୍ଣତାରେ ଅନ୍ଧକାରଛନ୍ନ ହୋଇଗଲା।

ଆରତି ପରାମର୍ଶ ଦେଲା- ତମେ ଦୁହେଁ ବଦ୍ରିନାଥ ଯାଅ। ମୁଁ ଏଠାରେ ବିଶ୍ରାମ ନେଉଛି। ଏ ଅସୁସ୍ଥ ଦେହରେ ଦଶହଜାର ଫୁଟ ଉଚ୍ଚ ପାହାଡ଼ ଉପରକୁ ବସ୍‌ରେ ଗଲେ ଦେହ ଯଦି ବେଶୀ ଖରାପ ହେଲା ତମେ ବଡ଼ ବିପଦରେ ପଡ଼ିଯିବ।

ଆଶ୍ରମର ସାଧକ, ସନ୍ୟାସୀମାନେ ମଧ୍ୟ ସାହସ ଦେଲେ।

ସୋମନାଥଙ୍କୁ କହିଲେ- ମାଡ଼ାମଙ୍କ ପାଇଁ ଚିନ୍ତା କରନ୍ତୁ ନାହିଁ। ଆମେ ପାଖେ ପାଖେ ଅଛୁ। କିଛି ଅସୁବିଧା ହେବ ନାଇଁ-

ସୋମନାଥ ନିଜେ କିଛି ନିଷ୍ପତ୍ତି କରି ନ ପାରି କ୍ୟାପଟେନ୍‌ଙ୍କ ଆଡ଼କୁ ଅନାଇଲେ।

-ଏତେବାଟ ଆସି ଫେରିଗଲେ ଜୀବନରେ ହୁଏତ ଆଉ କେବେ ବଦ୍ରିବିଶାଳଙ୍କ ଦର୍ଶନ କରି ହେବ ନାଇଁ। ଆରତିର ତ ସାମାନ୍ୟ ସର୍ଦ୍ଦିଜ୍ୱର!

କ୍ୟାପଟେନ୍‌ଙ୍କ ମନ୍ତବ୍ୟ ଶୁଣି ସୋମନାଥ ଆଉ ଆପତ୍ତି କରି ପାରିଲେ ନାହିଁ। ଚାରି ପାଞ୍ଚଦିନର କଥା। ସେମାନେ ବଦ୍ରିନାଥ ଧାମରୁ ଫେରି ଆସିଲା ବେଳକୁ ଆରତି ନିଶ୍ଚୟ ଭଲ ହୋଇ ଯାଇଥିବ। ସାଙ୍ଗହୋଇ ସେମାନେ ପୁଣି ନିଜ ନିଜ ଘରକୁ ଫେରିଯିବେ। ଆରତିକୁ ଆଶ୍ରମର ତତ୍ତ୍ୱାବଧାନରେ ଛାଡ଼ି ଦେଇ ସେ ଦୁହିଁଙ୍କର ସକାଳୁ ବସ୍‌ରେ ଯିବା କଥା ସ୍ଥିର ହୋଇଗଲା।

ଜାଗୁଲୁ ଜାଗୁଲୁ ଅନ୍ଧାରରେ ସେ ଦୁହେଁ ଆଶ୍ରମ ଅତିଥି ଭବନ ଛାଡ଼ି ବସ୍‌ଷ୍ଟାଣ୍ଡ ଆଡ଼କୁ ବାହାରି ଗଲେ। ଆଗରେ କ୍ୟାପଟେନ ଟର୍ଚ୍ଚ ଜାଳି ଜାଳି ବାଟ କଢ଼ାଇ ନେଉ ଥାଆନ୍ତି। ପଛେ ପଛେ ସୋମନାଥ। କିନ୍ତୁ ବସ୍‌ଷ୍ଟାଣ୍ଡରେ ପହଞ୍ଚି ସାରିଲା ପରେ ସୋମନାଥ ହଠାତ୍ ନିଜର ନିଷ୍ପତ୍ତି ବଦଳାଇ ଦେଲେ। ସେ ଯିବେ ନାହିଁ। ଏକା ଯାଆନ୍ତୁ କ୍ୟାପଟେନ।

କ୍ୟାପଟେନ ସିଗାରେଟ ଧୂଆଁ କଳେ ବାହାରକୁ ଛାଡ଼ି ଅବାକ କଣ୍ଠରେ କହିଲେ- ଆଶ୍ଚର୍ଯ୍ୟ! ନିଜର ପ୍ରିୟତମା ପତ୍ନୀ, ପ୍ରାଣାଧିକ ସହୋଦରମାନଙ୍କୁ ଛାଡ଼ି ଯୁଧିଷ୍ଠିର ଏକା ସ୍ୱର୍ଗକୁ ଗଲେ, ଅଥଚ ଜଣେ ଅନାତ୍ମୀୟା ରୋଗିଣୀକୁ ଛାଡ଼ି ତମେ ବଦ୍ରିବିଶାଳଙ୍କ ଦର୍ଶନରେ ଯିବ ନାହିଁ! ମୁଁ ତମର ଲଜିକ୍ କିଛି ବୁଝେନା-

ସୋମନାଥ ମ୍ଳାନ ହସି ଉତ୍ତର ଦେଲେ- ଆମର ସମସ୍ତଙ୍କର ବୟସ ହୋଇ ଯାଇଛି। ଆରତିର ବି। ଯଦି ତା'ର ଦେହ ବେଶୀ ଖରାପ ହୋଇଯାଏ! ତମେ ଯାଅ- ଆଇ ଉଇସ୍ ୟୁ-

ବସ୍ ଛାଡ଼ିଦେଲା। କ୍ୟାପଟେନ୍‌ଙ୍କୁ ବସ୍‌ରେ ଉଠାଇ ଦେଇ ସୋମନାଥ ନିଜେ

Digitized by srujanika@gmail.com

ଫେରି ଆସିଲେ ଆଶ୍ରମ ଅତିଥି ଭବନକୁ।

ତାଙ୍କୁ ଫେରି ଆସିବା ଦେଖି ଆରତିର ଗହଳ ଭ୍ରୂପଲ୍ଲବ କୁଞ୍ଚିତ ହୋଇଗଲା। ସେ ଚକିତ କଣ୍ଠରେ ପଚାରିଲା- ତମେ ଗଲ ନାହିଁ?

-ନା, ତମକୁ ଏକାକିନୀ ଛାଡ଼ି ଯିବା ପାଇଁ ଇଚ୍ଛା ହେଲା ନାହିଁ। ତମ ଦେହ ବେଶୀ ଖରାପ ହୋଇପାରେ। ଅଜଣା ଜାଗା, ଅଚିହ୍ନା ପାଣିପାଗ। ଏ ବୟସରେ ଯେ କୌଣସି ସମୟରେ ଯାହା କିଛି ଘଟି ଯାଇପାରେ। ଜଣେ କେହି ପାଖରେ ନ ଥିଲେ ଭାରି ଭୟ ଲାଗେ।

ସୋମନାଥଙ୍କ କଥା ଶୁଣି ଆରତି ଶୋଇବା ବିଛଣାରୁ ଉଠି ବସି ପଡ଼ିଲା। ମୁହଁରେ ସେ ଦୁହିଁଙ୍କୁ ବଦ୍ରିନାଥ ଯିବାକୁ କହି ଦେଇଥିଲେ ବି ତାକୁ କେମିତି ନିଛାଟିଆ ଲାଗୁଥିଲା। ସର୍ଦ୍ଦିଜ୍ୱରର ଓଜନ ବଢ଼ି ଗୋଟାଏ ପ୍ରକାଣ୍ଡ ପଥରଖଣ୍ଡ ଭଳି ତା'ଛାତି ଉପରେ ଚାପି ବସିଥିଲା। କିନ୍ତୁ ସୋମନାଥ ତା' ପାଇଁ ବଦ୍ରିନାଥ ଯିବା ପ୍ରସ୍ତାବ ବାତିଲ କରି ଫେରି ଆସିବେ, ଏ କଥା ତ କେବେ ସେ ଭାବି ନ ଥିଲା। ସେ ତାଙ୍କର କିଏ? ଯେଉଁ ସାନ ଭାଇ ଭଉଣୀଙ୍କ ପାଇଁ ନିଜକୁ ଚନ୍ଦନ କାଠ ଭଳି ଘୋରି ଘୋରି ନିଃଶେଷିତ କରି ଦେଇଛି, ସେମାନେ କେବେ ତା' ଦେହମୁଣ୍ଡ କଥା ଭାବନ୍ତି ନାହିଁ। ଅଥଚ ସୋମନାଥ!

ସେମନାଥ ତା'ର ମୁଣ୍ଡ ଆଉଁସି ଦେଇ କହିଲେ - କ'ଣ ଏତେ ଭାବୁଛ? ଏ କଥା ସତ ଆମେ ସମସ୍ତେ ଏକା ଏକା। ଆସିଥିଲେ ଏକା, ଯିବା ମଧ୍ୟ ଏକା। କିନ୍ତୁ ଯେତିକି ଦିନ ପାଖାପାଖି ଅଛେ, ପରସ୍ପରର ସୁଖ ଦୁଃଖରେ ଭାଗୀଦାର ହେବା ନାହିଁ?

ନିଜକୁ ଆଉ ସମ୍ଭାଳି ପାରିଲା ନାହିଁ ଆରତି। ତା'ର ମନେ ହେଲା ଏତେଦିନ ସେ ଅନ୍ୟମାନଙ୍କ ପାଖରୁ ନିଜକୁ ଲୁଚାଇ ଲୁଚାଇ ସେ ଅଜ୍ଞାତବାସରେ ଥିଲା। ଆଜି ସୋମନାଥଙ୍କ ପାଖରେ ସେ ଧରା ପଡ଼ିଯାଇଛି। ଶେଷ ହୋଇ ଯାଇଛି ତା'ର ଅଜ୍ଞାତବାସର ଦିନ, କିନ୍ତୁ ଜୀବନର ଏଇ ଧୂସର ଅପରାହ୍ନରେ ଜଣଙ୍କର ଏତେ ସ୍ନେହ, ଏତେ ସମବେଦନା ସେ କେଉଁଠି ସାଇତି ରଖିବ?

ଆରତି ଆଖିକୁ ଲୁହ ଆସିଗଲା। ଛୋଟ ପିଲାଙ୍କ ଭଳି ସେ ଝରଝର ହୋଇ କାନ୍ଦି ପକାଇଲା। ସୋମନାଥ ତା' ଆଖିରୁ ଲୁହ ପୋଛି ଦେଲାବେଳେ ସେ ବାଧା ଦେଲା ନାହିଁ, ବାଧା ଦେଇ ପାରିଲା ନାହିଁ।

ତା'ର ଛାତିରୁ ଦୁଃଖର ଭାର କମି ଯାଇଥିଲା। ଦେହରୁ ଜ୍ୱରରୁ ଉତ୍ତାପ ମଧ୍ୟ!

Digitized by srujanika@gmail.com

ରାସପୂର୍ଣ୍ଣମୀର ରାତି

ସଭା ଶେଷରେ ମଞ୍ଚ ଉପରୁ ଓହ୍ଲାଇ ଗାଡ଼ି ପାଖକୁ ଯିବା ପାଇଁ ପାଦ ବଢ଼ାଇବା ମାତ୍ରେ ସେଇ ସୁଦର୍ଶନା ରମଣୀ ହଠାତ୍ ତାଙ୍କ ଆଡ଼କୁ ଜଣେ ସଂତ୍ରାସବାଦୀ ଭଳି ଯେପରି ମାଡ଼ି ଆସିଲା ସେଥିରେ ସେ ମନେ ମନେ ଭୀଷଣ ଭୟ ପାଇଗଲେ। କାରଣ ଆଜି ସେ ନିଃସଙ୍ଗ, କେହି ଦେହରକ୍ଷୀ ନାହାନ୍ତି। ତେଜସ୍ୱିନୀ ମହିଳା ତାଙ୍କ ଆଡ଼କୁ ଚମକି ଆସି କହିଲା - ମତେ ଚିହ୍ନି ପାରୁଛନ୍ତି ? ସେ ଦିନ ଥିଲା ରାସ ପୂର୍ଣ୍ଣମୀର ରାତି - ଆକାଶରେ ଜହ୍ନ ଥିଲା - ଡାକ ବଙ୍ଗଳାରେ -

ଏଥର ସେ ଖୁବ୍ ନର୍ଭସ୍ ହୋଇଗଲେ। ଏ ଅପରିଚିତା ସୁନ୍ଦରୀ ତାଙ୍କୁ ଜୀବନରେ ନମାରି ତାଙ୍କର ଚରିତ୍ର ସଂହାର କରିବାକୁ ନିଶ୍ଚୟ ଆସିଛି। ଜଣେ ରାଜନୀତିଜ୍ଞ ପାଇଁ ତାର ଚରିତ୍ରର ମୃତ୍ୟୁ ଅର୍ଥ ତାର ରାଜନୈତିକ ଜୀବନର ଅପମୃତ୍ୟୁ !

ସେ ଲକ୍ଷ୍ୟ କଲେ ତାଙ୍କୁ ସଭାକୁ ପ୍ରଧାନ ଅତିଥି ଭାବରେ ଆମନ୍ତ୍ରଣ କରି ଆଣିଥିବା ଲୋକେ କୌତୁହଳୀ ଦୃଷ୍ଟିରେ ଥରେ ତାଙ୍କୁ ଏବଂ ଆଉଥରେ ସେଇ ଅପରିଚିତା ରମଣୀକୁ ଅନେଇ ହସାହସି ହେଉଛନ୍ତି। ରାସ ପୂର୍ଣ୍ଣମୀର ରାତି ? ନିର୍ଜନ ଡାକବଙ୍ଗଳା ? ଏ ସବୁ କଥା ଶୁଣିଲା ପରେ ସେମାନେ ହୁଏତ ସେ ସ୍ତ୍ରୀ ଲୋକ ସହିତ ତାଙ୍କର କୌଣସି ପାପ ପ୍ରଣୟ କଥା ସନ୍ଦେହ କରୁଥିବେ। ଅଥଚ ଏ ନାରୀକୁ ଏହା ଆଗରୁ ସେ ଆଉ କେବେ ଦେଖିଥିବା କଥା ମଧ ତାଙ୍କର ସ୍ମରଣ ହେଉ ନାହିଁ।

ସେ ଟିକିଏ ମନକୁ ଦୃଢ଼ କରି କହିଲେ -

- ରାସ୍ତାରୁ ଘୁଞ୍ଚ। ତମେ କିଏ ? ମତେ ତୁମେ ଚିହ୍ନିଛ ?

ଭଦ୍ର ମହିଳା ଏଥର ମୁହଁରେ ହାତ ଚାପି ହସି ଉଠିଲା। ଶ୍ଳେଷାତ୍ମକ କଣ୍ଠରେ ତାଙ୍କ ଆଡ଼କୁ ଚାହିଁ କହିଲା, ଆପଣଙ୍କ ବାପ ମାଆ ଆପଣଙ୍କୁ ଜାମପାଳ ବଦଳରେ କାଳ ପୁରୁଷ ନାମ ଦେଇଥିଲେ ଆପଣଙ୍କ ନାମ ସହିତ କାମର ଠିକ୍ ମେଳ ଖାଇଥାଆନ୍ତା -

ମନ୍ତ୍ରୀ ଥିଲାବେଳେ ଲୋକେ ତାଙ୍କୁ ଜାମପାଳ ବଦଳରେ କାମ - ପାଗଳ

Digitized by srujanika@gmail.com

ବାବୁ ବୋଲି ଡ଼ାକୁଥିଲେ। ଆଉ ଗତ ନିର୍ବାଚନରେ ହାରି ମନ୍ତ୍ରୀତ୍ୱ ହରାଇଲା ପରେ କେଉଁଠିକାର ଏ ସ୍ତ୍ରୀ ଲୋକ ତାଙ୍କୁ କହୁଛି କାଳପୁରୁଷ ?

କାମପାଳ ବାବୁ ଏଥର ସତକୁ ସତ ଖୁବ୍ ରାଗି ଗଲେ। କହିଲେ - ଦେଖ ମାଆ ! ମୁଁ ତମକୁ ଚିହ୍ନିନାହିଁ କି ଜାଣି ନାହିଁ। ମତେ ଅପମାନିତ କରିବାକୁ ତମକୁ ଏଠାକୁ କିଏ ସବୁ ପଠାଇଛନ୍ତି ମତେ ଜଣା ନାହିଁ -

ଭୂତପୂର୍ବ ମନ୍ତ୍ରୀ କାମପାଳ ମିଶ୍ରଙ୍କୁ କେହି ଅପଦସ୍ଥ କରିବାକୁ ଅଭିନୟ କରିବା ପାଇଁ ଏ ଭଦ୍ର ମହିଳାଙ୍କୁ ପଠାଇଛନ୍ତି; ଏକଥା ଶୁଣିବା ମାତ୍ରେ ସଭାର ଉଦ୍ୟୋକ୍ତାମାନେ ତାଙ୍କୁ ପାଗଳୀ ବୋଲି ଅପବାଦ ଦେଇ ଦୂରକୁ ଟାଣି ନେଇଗଲେ।

ଓଟାରି ହୋଇ ଚାଲିଗଲା ବେଳେ ସେ ସ୍ତ୍ରୀ ଲୋକଟି ଖୁବ୍ ବଡ଼ ପାଟିରେ ଚିତ୍କାର କରୁ ଥାଏ - ମୁଁ ଆପଣଙ୍କୁ ଚିହ୍ନି ନାହିଁ ? ସେଇ ରାସ ପୂର୍ଣ୍ଣମୀର ରାତି - ଡ଼ାକବଙ୍ଗଳା-- ଆକାଶରେ ଜହ୍ନ ଥିଲା - ସେଇ ଜହ୍ନ ସାକ୍ଷୀ।

ଗାଡ଼ିରେ ବସି ସର୍କିଟ ହାଉସ୍‌କୁ ଫେରି ଆସିଲେ କାମପାଳ ବାବୁ। କିନ୍ତୁ ସେଇ ଭଦ୍ର ମହିଳାଙ୍କ ଅଦ୍ଭୁତ ଆଚରଣ ଏବଂ ଶେଷ କଥା ଗୁଡ଼ିକ ତାଙ୍କ ଚେତନାକୁ ଏପରି ଚମକାଇ ଦେଇଥିଲା ଯେ ଏକ ବିରାଟ ଜନ ସଭାରେ ହଜାର ହଜାର ଲୋକଙ୍କୁ ଭାଷଣ ଦେଇ ମନ୍ତ୍ର ମୁଗ୍ଧ କରି ରଖି ପାରି ଥିବାର ଅହଂକାର କୁଆଡ଼େ ଜଳ ହୋଇ ଏଣେତେଣେ ବହିଗଲା। ଏକ ସର୍ବଗ୍ରାସୀ ଗ୍ଲାନି, ଭୟ ତାଙ୍କ ମନକୁ ଆବୋରି ବସିଲା।

କିଏ ଏହି ନାରୀ ?

କେଉଁ ରାସ ପୂର୍ଣ୍ଣମୀର ରାତି ଆଉ କେଉଁ ଡ଼ାକ - ବଙ୍ଗଳା କଥା ସେ ତାଙ୍କୁ ମନେ ପକାଇ ଦେଇଥିଲା !

ତିନି ବର୍ଷ ତଳେ ସେ ମନ୍ତ୍ରୀ ଥିଲେ। ଆଜି ସେ ଜଣେ ଏମ୍.ଏଲ୍.ଏ. ସୁଦ୍ଧା ନୁହନ୍ତି। ତଥାପି ତାଙ୍କର ଭାଷଣ ଶୁଣିବା ପାଇଁ ହଜାର ହଜାର ଲୋକ ଆସୁଛନ୍ତି, ସଭାରେ ଧୀର ସ୍ଥିର ଭାବରେ ତାଙ୍କର ବକ୍ତବ୍ୟ ମନଧ୍ୟାନ ଦେଇ ଶୁଣୁଛନ୍ତି - ତାର କାରଣ ସେ ପାଞ୍ଚବର୍ଷ ମନ୍ତ୍ରୀ ଥିବାବେଳେ ଜାତ ସାରରେ କୌଣସି ନିନ୍ଦନୀୟ ଅପକର୍ମ କରି ନାହାନ୍ତି। ଏତେ ଦିନ ମନ୍ତ୍ରୀ ଥାଇ ମଧ କଳା ଟଙ୍କା ଜମାଇ ରଖି ପାରି ନଥିଲେ ବୋଲିତ ଗତ ନିର୍ବାଚନରେ ଅର୍ଥାଭାବ ଯୋଗୁଁ ତାଙ୍କୁ ହାରିବାକୁ ପଡ଼ିଲା !

ତା ପୂର୍ବଥର ପାର୍ଟିର ଯେଉଁ କର୍ମୀମାନେ ନିଜ ହାତରୁ ଖର୍ଚ୍ଚ କରି ତାଙ୍କୁ ଜିତାଇବା ପାଇଁ ଜୀବନ ପଣ କରି ଲାଗିଥିଲେ ଗତ ଥର ସେମାନେ ଟଙ୍କା, ପେଟ୍ରୋଲ ଭର୍ତ୍ତି ଗାଡ଼ି ଆଉ ମଦ ବୋତଲ ନ ଧରିଲେ ପ୍ରଚାରରେ ବାହାରିବେ ନାହିଁ ବୋଲି ଅଡ଼ି ବସିଥିଲେ। ମନ୍ତ୍ରୀ ଥିଲାବେଳେ ସେ କାହାକୁ ଲାଇସେନ୍ସ, ପରମିଟ୍ କିମ୍ବା ଚାକିରି, ଠିକାଦାରୀ କରାଇ ଦେଇ ନଥିଲେ। ତେଣୁ ମନ୍ତ୍ରୀଙ୍କୁ

Digitized by srujanika@gmail.com

ଜିତାଇବା ପାଇଁ ସେମାନେ ଘରୁ ଖାଇ ଘୋଡ଼ା ଆଗରେ ଡେଇଁ ଥାଆନ୍ତେ କାହିଁକି ?

କାମପାଳ ବାବୁ କୌଣସି ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ନଥିଲେ। ତ୍ୟାଗର ଆଦର୍ଶ ଦ୍ୱାରା ପାର୍ଟିର କର୍ମୀମାନଙ୍କୁ ଉଦ୍‌ବୁଦ୍ଧ କରିବା ଭଳି ତ୍ୟାଗପୂତ ଜୀବନ ତାଙ୍କର ନଥିଲା। ପ୍ରଥମ ଶ୍ରେଣୀରେ ରସାୟନ ବିଦ୍ୟାରେ ଏମ୍.ଏସ୍.ସି. ପାଶ୍ କରିଥିବା ଯୁବକ। ଗୋଟିଏ ଘରୋଇ କଲେଜର ବିଜ୍ଞାନ ଅଧ୍ୟାପକ ଥିଲେ। ପାର୍ଟିର ରାଜନୈତିକ ଆଦର୍ଶ ଦ୍ୱାରା ଅନୁପ୍ରାଣୀତ ହୋଇ ଚାକିରୀ ଛାଡ଼ି ରାଜନୀତିର ଗୋଳିଆ ପାଣିରେ ଗୋଡ଼ ବୁଡ଼ାଇ ଥିଲେ। ଭାଗ୍ୟ ଯୋଗରୁ ନିର୍ବାଚନ ଜିଣିଲା ପରେ ମନ୍ତ୍ରୀ ହୋଇଥିଲେ।

ମନ୍ତ୍ରୀ ଥିବାବେଳେ ସେ ଏପରି କାର୍ଯ୍ୟବ୍ୟସ୍ତ ରହୁଥିଲେ ଯେ, ଲୋକେ ତାଙ୍କୁ କାମପାଳ ମଦଳରେ କାମ ପାଗଳ ମନ୍ତ୍ରୀ ବୋଲି ପରିହାସ କରୁଥିଲେ। କୌଣସି ଫାଇଲ ନ ପଢ଼ି କାହାରି କଥାରେ ଭୁଲି ସେ କିଛି ନିଷ୍ପତ୍ତି ନେଉ ନଥିଲେ। ସବୁବେଳେ ଲୋକମାନେ ତାଙ୍କୁ ଘେରି ରହୁଥିଲେ। କେତେବେଳେ ସକାଳ ଯାଇ ସଂଧ୍ୟା ହୋଇ ଯାଉଥିଲା; ରାତି ଶେଷ ହୋଇ ସକାଳର ଆଲୁଅ ଚାରିଆଡ଼େ ବିଛି ହୋଇପଡୁ ଥିଲା, ସେ ଜାଣି ପାରୁ ନଥିଲେ। ତେଣୁ ରାସ ପୂର୍ଣ୍ଣମୀ ରାତିରେ କେଉଁ ଡ଼ାକ ବଙ୍ଗଳାରେ ଏ ଭଦ୍ର ମହିଳା ତାଙ୍କୁ କାମଦେବ ଅବସ୍ଥାରେ ଦେଖିଥିଲା; ତା ଠିକ୍ ସ୍ମରଣ କରି ପାରୁ ନଥଲେ।

କିଏ ସେଇ ରହସ୍ୟମୟୀ ନାରୀ ? କଣ ପାଇଁ ସେ ତାର ସଭାକୁ ଆସି ତାଙ୍କୁ ଅନ୍ୟମାନଙ୍କ ଆଗରେ ଅପଦସ୍ତ, ଅପମାନିତ କରିଗଲା ସେ ବୁଝି ପାରୁ ନଥିଲେ। ତାଙ୍କୁ ଚାରିଆଡ଼ ଧୂଆଁଳିଆ ଦେଖା ଯାଉଥିଲା। ସେ ନିଜ ତଣ୍ଟିରେ ଗୋଟାଏ ମାଛ କଣ୍ଟା ଅଟକି ରହିଥିଲା ଭଳି ଅସ୍ୱସ୍ତିବୋଧ କରୁଥିଲେ।

ଏହି ସମୟରେ ତାଙ୍କ କୋଠାରୀରେ ପ୍ରବେଶ କଲା ତାଙ୍କର ରାଜନୈତିକ ସହଚର ଶ୍ୟାମ ସୁନ୍ଦର। ସେ ମନ୍ତ୍ରୀ ଥିଲାବେଳେ ସେ ଥିଲା ତାଙ୍କର ରାଜନୈତିକ ସହକାରୀ।

ତାକୁ ଦେଖି ସେ ପଚାରିଲେ - ଆଚ୍ଛା ! ସେ ଯେଉଁ ଭଦ୍ରମହିଳା ସଭା ଶେଷରେ ନାଟକ କରୁଥିଲା, ସେ କିଏ ? ତମେ ତାକୁ ଚିହ୍ନ ?

ଶ୍ୟାମ ସୁନ୍ଦର ଗଳା ଧକ୍କା ଖାଇଲା ପରି ପ୍ରଶ୍ନଟା ଶୁଣି ପ୍ରଥମେ ଘାବରେଇ ଗଲା। ଢ଼ୋକ ଗିଳିଲା। ତା ପରେ ଚାପା କଣ୍ଠରେ କହିଲା - ସାର୍ ! ସେ ସୁଧାକରର ସ୍ତ୍ରୀ - ମେଘମାଳା !

ସୁଧାକରର ନାମଟା ଶୁଣି କାମପାଳ ବାବୁ ମଧ ଚମକି ଉଠିଲେ। ସେ ମେଘମାଳାକୁ ଜାଣନ୍ତି ନାହିଁ।। କିନ୍ତୁ ସୁଧାକର ତ ଦିନେ ତାଙ୍କର ସହପାଠୀ ଥିଲା। ଦିନ ଖୁନ୍ ହୋଇ ଯାଇଥିଲା - ସେ ଦିନ ଆକାଶରେ ଜହ୍ନ ଥିଲା - କିନ୍ତୁ ତିଥିଟା ରାସ ପୂର୍ଣ୍ଣମୀର ରାତି କି ନୁହେଁ - ତାହା ଠିକ୍ ତାଙ୍କର ମନେ

Digitized by srujanika@gmail.com

ପଢୁ ନଥିଲା ।

ବି.ଏସ୍.ସି. ପଢୁଥିବା ବେଳେ ସୁଧାକର ରାଜନୀତି ନେଇ ଖୁବ୍ ମାତିଥିଲା । ଫାଇନାଲ ପରୀକ୍ଷା ଦେଇଥିଲା ବୋଲି ତାଙ୍କର ମନେ ପଡୁ ନାହିଁ । ସମ୍ଭବତଃ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ ବି ହଠାତ୍ ତାକୁ ପୋଲିସ୍ ଗିରଫ୍ କରିନେବା ଫଳରେ ପରୀକ୍ଷା ଦେବା ସେତେବେଳେ ତା ପକ୍ଷରେ ସମ୍ଭବ ହୋଇ ନଥିଲା ।

ସେ ଦିନ କାମପାଳ ରାଜନୀତିର ଅ, ଆ, କ, ଖ, କିଛି ଜାଣି ନଥିଲେ । ବିଜ୍ଞାନ ଛାତ୍ରମାନଙ୍କ ପାଖରେ ରାଜନୀତି କରିବା ପାଇଁ ବହୁଳ ସମୟ ନଥାଏ । ସୁଧାକର ଯେ କିପରି ଏଥିପାଇଁ ସମୟ ପାଉଥିଲା ତାହା ତାଙ୍କୁ ଜଣା ନଥିଲା । ତାଙ୍କର ଧାରଣା ଥିଲା ସୁଧାକର ଜଣେ ସୌଖୀନ୍ ବିପ୍ଳବୀ । କିନ୍ତୁ ତାଙ୍କ ଅଞ୍ଚଳରେ ଚାଷୀମାନଙ୍କୁ ମତାଇ ଫସଲ କାଟିନେବା ଠାରୁ ଆରମ୍ଭ କରି ବଡ଼ ବଡ଼ ଜମି ମାଲିକମାନଙ୍କ ଉପରେ ଚାଷୀମାନଙ୍କ ଆକ୍ରମଣ ପଛରେ ସୁଧାକରର ଅଦୃଶ୍ୟ ହାତ କାମ କରୁଥିବା ସନ୍ଦେହରେ ପୋଲିସ ତାକୁ ଗିରଫ କରି ନେଲା ପରେ ତାର ଉଗ୍ରପନ୍ଥୀ ରାଜନୀତିର ସ୍ୱରୂପ ଧୀରେ ଧୀରେ ପ୍ରକାଶିତ ହୋଇ ଯାଉଥିଲା ।

ପୋଲିସ୍ ରେକର୍ଡ଼ରେ ସେ ନାକ୍ସଲାଇଟ ଭାବରେ ଚିହ୍ନିତ ହୋଇ ରହିଥିଲା, ଯଦିଓ ନାକ୍ସାଲବାଡ଼ି ଆନ୍ଦୋଳନରେ ନେତୃତ୍ୱ ନେଇଥିବା ବାମପନ୍ଥୀ କମ୍ୟୁନିଷ୍ଟମାନଙ୍କ ସହ ତା ବିପ୍ଳବୀ ସଂଗଠନର କୌଣସି ଯୋଗସୂତ୍ର ଥିବା କଥା କେହି କେବେ ପ୍ରମାଣ କରି ପାରି ନଥିଲେ ।

କାମପାଳ ବାବୁ ଶ୍ରୀଧରପୁର ସାଇନ୍ସ କଲେଜରେ ଅଧ୍ୟାପକ ଥିବାବେଳେ ହିଁ ସେହି ଅଞ୍ଚଳରେ ଚାରିଜଣ ବଡ଼ ଜମି ମାଲିକ ଖୁନ୍ ହୋଇଥିଲେ । ଏଇ ହତ୍ୟାକାଣ୍ଡ ସହିତ ସୁଧାକର ସଂପୃକ୍ତ ବୋଲି ଅଭିଯୋଗ ହୋଇଥିଲା । ତା ନାମରେ ସ୍ଥାନୀୟ ପୋଲିସ୍ ଗିରଫ ପରୱାନା ଜାରି କରିଥିଲା । ଅଣ୍ଡରଗ୍ରାଉଣ୍ଡକୁ ଚାଲି ଯାଇଥିଲା ସୁଧାକର । ପୋଲିସ୍ ତାର କୌଣସି ପତ୍ତା ପାଇ ନଥିଲା ।

ସେଇ ଖୁନ୍ ହୋଇଥିବା ଚାରିଜଣଯାକ ଜମି ମାଲିକ ଥିଲେ ତାଙ୍କ ପାର୍ଟିର ସମର୍ଥକ । ସେ ମନ୍ତ୍ରୀ ହେଲା ପରେ ସୁଧାକରକୁ ଧରି ଫାଶୀ ଖୁଣ୍ଟରେ ଝୁଲାଇବା ପାଇଁ ତାଙ୍କ ଉପରେ ଖୁବ୍ ଚାପ ପ୍ରୟୋଗ କରା ଯାଇଥିଲା ।

ସେ ଦିନ ବଡ଼ ଦ୍ୱନ୍ଦ୍ୱରେ ପଡ଼ି ଯାଇଥିଲେ କାମପାଳ ବାବୁ । ଯାହା ହେଲେବି ସୁଧାକର ତାଙ୍କର ସହପାଠୀ ଥିଲା । ସେ ଘରୋଇ ବିଭାଗ ମନ୍ତ୍ରୀ ଭାବରେ ତାକୁ ଧରି ଫାଶୀ ଖୁଣ୍ଟରେ ଝୁଲାଇବେ, ଏ କଥା ଭାବିଲା ବେଳକୁ ତାଙ୍କର ତଣ୍ଟି ଶୁଖି ଅଠା ଅଠା ହୋଇ ଯାଉଥିଲା ।

ଦିନେ ପୋଲିସ୍ ଆଇ.ଜି. ଆସି ତାଙ୍କୁ କହିଲେ -

- ସାର୍ । ସୁଧାକର ମାନସିଂହଙ୍କର ସଂଧାନ ମିଳିଛି । ସେ ଯେଉଁଠି ଆତ୍ମଗୋପନ

Digitized by srujanika@gmail.com

କରି ରହିଛନ୍ତି, ଆମେ ତାର ସଠିକ ଖବର ସଂଗ୍ରହ କରିଛୁ। ଆପଣ ଆଦେଶ ଦେଲେ ଆମେ ସେ ରହୁଥିବା ଘର ଉପରେ ଚଢ଼ାଉ କରି ତାଙ୍କୁ ଗିରଫ କରି ଆଣିବୁ।

କାମପାଳ ଜାଣିଥିଲେ, ଗିରଫ କଲା ପରେ ସୁଧାକର ନାମରେ ମିଥ୍ୟା ସାକ୍ଷୀ ପ୍ରଥମେ ଯୋଗାଡ଼ କରି ବିଚାରପତିଙ୍କ ହାତରୁ ତାର ମୃତ୍ୟୁଦଣ୍ଡାଦେଶ ଲେଖାଇ ଆଣିବାକୁ ପଡ଼ିବ। ଧରା ପଡ଼ି ନଥିବା କଥା ଭିନ୍ନ, ଥରେ ଧରାହେଲା ପରେ ତାକୁ ଶାସ୍ତି ନ ଦେଇ ପାରିଲେ ତାଙ୍କର ନିଜର ମନ୍ତ୍ରୀତ୍ୱ ରକ୍ଷା କରିବା ଅସମ୍ଭବ ହୋଇ ଉଠିବ।

ସେ ଆଇ.ଜି.ଙ୍କୁ କହିଥିଲେ - ତାଙ୍କ ରହିବା ଘର ଉପରେ ଚଢ଼ାଉ କରିବା ଅପେକ୍ଷା, ତା ପାଖକୁ ବାର୍ତ୍ତା ପଠାଇ ଦିଅ ମୋ ସହିତ ସେ ଦେଖା କରିବ। ମୁଁ ନଭେମ୍ବର ମାସ ୧୧ ତାରିଖରେ ଶ୍ରୀଧରପୁର ଯାଉଛି। ଏକାକୀ ତାକୁ ଭେଟିବା ପାଇଁ ଅପେକ୍ଷା କରିଥିବି। କୌଣସି ଅସ୍ତ୍ର, ଶସ୍ତ୍ର ନନେଇ ସେଠାରେ ସେ ମତେ ଦେଖା କରିବ। ଯଦି ସେଦିନ ସେ ମତେ ସାକ୍ଷାତ ନ କରେ; ପୋଲିସ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବ।

ଆଇ.ଜି. କିପରି ତାକୁ ଖବର ପଠାଇ ଥିଲେ ସେ ଜାଣନ୍ତି ନାହିଁ। କିନ୍ତୁ ସୁଧାକରକୁ ଖବର ଦିଆ ଯାଇଥିଲା ଏବଂ ସେ ଆସିବା ପାଇଁ ରାଜି ହୋଇଥିଲା - ଏ ସମ୍ବାଦ ଆଇ.ଜି. ନିଜେ ତାଙ୍କୁ ଦେଇଥିଲେ।

ସେ ସ୍ତ୍ରୀ ଲୋକ ଠିକ୍ କହୁଥିଲା। ସେ ଦିନ ଆକାଶରେ ଜହ୍ନଥିଲା। ଡ଼ାକ ବଙ୍ଗଳାରେ ସେ ଅନ୍ୟ କାହାରିକୁ ରହିବାକୁ ଦେଇ ନଥିଲେ। ସେ ଅଧୀର ଆଗ୍ରହରେ ନିଜର ଆତ୍ମଗୋପନ କାରୀ ସହପାଠୀକୁ ଭେଟିବା ପାଇଁ ଅପେକ୍ଷା କରି ବସିଥିଲେ। ସେ ଯଦି ଆଗେ ଆତ୍ମସମର୍ପଣ କରି ସନ୍ତ୍ରାସବାଦୀ କାର୍ଯ୍ୟରୁ ବିରତ ରହିବ ବୋଲି ପ୍ରତିଶ୍ରୁତି ଦିଏ, ତାହା ହେଲେ ପୋଲିସ୍ ନାମକୁ ମାତ୍ର କଚେରୀରେ ମକଦ୍ଦମା ଛିଡ଼ିବ-ସାକ୍ଷୀ ପ୍ରମାଣ ଠିକ୍ ଭାବରେ ଦିଆଯିବ ନାହିଁ-ସେ ଖଲାସ ହୋଇ ପୁଣି ସ୍ୱାଭାବିକ ଜୀବନ ଯାପନ କରିବ-ଏଇ କଥା କହିବା ପାଇଁ ହିଁ ସେ ତାକୁ ଡ଼କାଇ ପଠାଇଥିଲେ। ଆଉ ଯଦି ସେ ତାଙ୍କ କଥା ନମାନେ-ତା ହେଲେ ଆଇନ ତା ବାଟରେ ଯିବ-ସେଥିରେ ସେ ବାଧା ଦେବେ ନାହିଁ। ନିଜ ବିବେକ ପାଖରେ ମଧ ସେ ଆଉ ଅପରାଧୀ ହୋଇ ରହି ଯିବେ ନାହିଁ।

ରାତ୍ରି ଗଭୀରରୁ ଗଭୀରତର ହେଉଥିଲା। କାଚଗୁଣ୍ଡ ଭଳି ରେଣୁ ରେଣୁ ଜ୍ୟୋତ୍ସ୍ନାରେ ଭାସି ଯାଉଥିଲା ଚତୁର୍ଦ୍ଦିଗ। କିନ୍ତୁ ସୁଧାକର ଆସୁ ନଥିଲା। କଥା ଦେଇ କଥା ରକ୍ଷି ପାରୁ ନ ଥିବା ଲୋକଟା ପାଇଁ ମନେ ମନେ ଖୁବ୍ କ୍ରୋଧ ଅନୁଭବ କରୁଥିଲେ କାମପାଳ।

ଏତିକି ବେଳେ ଠିକ୍ ଏକ ବିକଳ ଆର୍ତ୍ତନାଦ ରାତ୍ରିର ନିର୍ଜ୍ଜନତାକୁ ଦୀର୍ଣ୍ଣ

Digitized by srujanika@gmail.com

ବିଦୀର୍ଣ୍ଣ କରି ଶୁଣା ଯାଉଥିଲା। ପରେ ସେ ଜାଣିଥିଲେ-ସେ ଆର୍ତ୍ତନାଦ ଥିଲା ସୁଧାକରର ଶେଷ ଚିତ୍କାର, ସେ ତାଙ୍କ ପାଖକୁ ଛଦ୍ମ ବେଶରେ ସାଇକେଲରେ ଆସୁଥିବା ବେଳେ ଡ଼ାକ ବଙ୍ଗଳା ସାମ୍ନା ରାସ୍ତାରେ କେହି ତାକୁ ଛୁରୀମାରି ହତ୍ୟା କରିଥିଲା।

ଏସବୁ ପ୍ରାୟ ସାତବର୍ଷ ତଳର କଥା।

ସେଇ ଘଟଣା ପରେ ତାଙ୍କ ହାତରୁ ଘରୋଇ ବିଭାଗ କାଢ଼ି ନିଆଯାଇଥିଲା। ଆସିବା ବାଟରେ କିଏ ତାକୁ ହତ୍ୟା କରିଥିଲା-ତାର ସଠିକ୍ ସନ୍ଧାନ କିଛି ମିଳି ନଥିଲା।କିନ୍ତୁ ସୁଧାକର ହତ୍ୟାର ପ୍ରତିଶୋଧ ନେବା ପାଇଁ ତା ବିପ୍ଳବୀ ସଂଗଠନର ଉଗ୍ରପନ୍ଥୀମାନେ ଶ୍ରୀଧରପୁର ଅଞ୍ଚଳର ଆଉ ଦୁଇଜଣ ଭୂମି ମାଲିକଙ୍କୁ ଖୁନ୍ କରିଥିଲେ; ଯେଉଁମାନେ ଥିଲେ ତାଙ୍କ ପାର୍ଟିର ଅନ୍ନଦାତା! ନିର୍ବାଚନ ଲଢ଼ିବା ପାଇଁ ସେଇ ଦୁଇଜଣ କେବଳ ଆର୍ଥିକ ସାହାଯ୍ୟ ନୁହେଁ, ମାଂସ ପେଶିର ସହାୟତା ମଧ ଯୋଗାଇ ଆସୁଥିଲେ।

ସୁଧାକରର ମୃତ୍ୟୁ ଅବଧାରିତ ଥିଲା। ସେ ଫାଶୀ ଖୁଣ୍ଟରେ ଝୁଲି ମଲା କି ଅଦୃଶ୍ୟ ଆତତାୟୀର ଛୁରୀର ଆଘାତରେ ନିହତ ହେଲା-ତାହା ତାଙ୍କ ପାଇଁ ଥିଲା ତାତ୍-ପର୍ଯ୍ୟହୀନ, ସେ ତାକୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ-ଏହାହିଁ ଥିଲା ତାଙ୍କର ବିବେକ ପାଖରେ ନିଜର ଶେଷ ଜମାନବନ୍ଦୀ।

କିନ୍ତୁ ହଠାତ୍ ଆଜି ସେଇ ରମଣୀ, ଯାହାକୁ ଶ୍ୟାମ ସୁନ୍ଦର କହୁଛି ସୁଧାକରର ସ୍ତ୍ରୀ ତାଙ୍କୁ କାଳପୁରୁଷ ବୋଲି ନାଁ ଦେଇ ପରିହାସ କରୁଛି କାହିଁକି?

ରାତ୍ରି ଭୋଜନ ପରେ କାମପାଳ ବାବୁ ଶ୍ୟାମ ସୁନ୍ଦରକୁ ପାଖକୁ ଡ଼ାକି ପଚାରିଲେ-ସୁଧାକରର ସ୍ତ୍ରୀ ମତେ କାଳ ପୁରୁଷ ବୋଲି କାହିଁକି କହୁଥିଲା?

ଶ୍ୟାମ ସୁନ୍ଦର ଚାରି ଆଡ଼କୁ ସତର୍କ ଦୃଷ୍ଟିରେ ଚାହିଁ କହିଲା-ମେଘମାଳାର ଧାରଣା ସୁଧାକରକୁ ଆତତାୟୀ ହାତରେ ହତ୍ୟା କରିବା ପାଇଁ ଆପଣ ତାକୁ ସାଙ୍ଗରେ ଅସ୍ତ୍ର ଶସ୍ତ୍ର ନନେଇ ସେ ରାସପୂର୍ଣ୍ଣମୀ ରାତ୍ରିରେ ଏକୁଟିଆ ଆସିବା ପାଇ ଖବର ପଠାଇ ଥିଲେ। କାରଣ ଭୂମିମାଲିକମାନେ ଥିଲେ ଆମ ପାର୍ଟିର ସମର୍ଥକ ଏବଂ ମନ୍ତ୍ରୀ ଭାବରେ ଆପଣ ଥିଲେ ସେମାନଙ୍କ ନ୍ୟସ୍ତ ସ୍ୱାର୍ଥର ପ୍ରହରୀ। କୋର୍ଟ କଚେରୀରେ ସୁଧାକର ବିରୁଦ୍ଧରେ ନରହତ୍ୟା ଅପରାଧ ପ୍ରମାଣିତ କରିବା ସମ୍ଭବ ହୋଇ ନଥାନ୍ତା ବୋଲି ଆପଣ ତାକୁ ବନ୍ଧୁତ୍ୱର ବାହାନା ଦେଖାଇ ଡ଼ାକବଙ୍ଗଳାକୁ ଡ଼କାଇ ବାଟରେ ହତ୍ୟା କରିଥିଲେ।ବିନା ଆଗ୍ନେୟାସ୍ତ୍ର ହସ୍ତରେ ଆସିବା ପାଇଁ ତାର ସ୍ତ୍ରୀ ତାକୁ ବାରଣ କରିଥିଲା। ରାସ ପୂର୍ଣ୍ଣମୀ ରାତିର ତୋଫା ଜହ୍ନ ଆଲୁଅରେ ଯେତେ ଚାଦର ଘୋଡ଼ି ହୋଇ, ମୁଣ୍ଡରେ ମଙ୍କି କ୍ୟାପ୍ ଲଗାଇ ଗଲେ ମଧ ଚିହ୍ନା ପଡ଼ି ଯିବାର ଭୟ ମଧ ଥିଲା। କିନ୍ତୁ ଆପଣଙ୍କ ଉପରେ ଅଗାଧ ଆସ୍ଥା ରଖି ସୁଧାକର ନିଜ ବୁଦ୍ଧିମତୀ ପତ୍ନୀର ଉପଦେଶ ଉପେକ୍ଷା କରି ଭୂମି ମାଲିକମାନଙ୍କ

Digitized by srujanika@gmail.com

ପୋଷା ଗୁଣ୍ଡାମାନଙ୍କ ହାତରେ ଖୁନ୍ ହୋଇଗଲା। ସୁଧାକର ଯେ ସେଦିନ ରାତିରେ ଆପଣଙ୍କୁ ଦେଖା କରିବା ପାଇଁ ଗୋପନରେ ଆସିବ ସେକଥା ମୃତ ଭୂମି ମାଲିକମାନଙ୍କ ପୁତ୍ର-ପୁତୁରାମାନଙ୍କୁ ଜଣାଥିଲା।

କାମପାଳ ଚକିତ କଣ୍ଠରେ ପଚାରିଲେ-

-ଆଉ,ଜି ସାହେବଙ୍କ ଛଡ଼ା ଏକଥା ଅନ୍ୟ କେହି ଜାଣିବେ କିପରି? ଅସମ୍ଭବ-

ଶ୍ୟାମ ସୁନ୍ଦର ଆଉ·ଥରେ ଚାରି ଆଡ଼କୁ ଚାହିଁ ଖୁବ୍ ଗୋଟାଏ ଗୋପନୀୟ କଥା କହୁଥିବା ଭଳି ମୁଖ ଭଙ୍ଗୀ କଲା। ତା ପରେ ନିମ୍ନ କଣ୍ଠରେ କହିଲା-

-ଆଉ,ଜି, ସାହେବ୍ ନିଜେ ଜଣେ ବଡ଼ ଜମିମାଲିକ। ନିଜର କର୍ତ୍ତବ୍ୟବୋଧ ଅପେକ୍ଷା ଶ୍ରେଣୀ ସ୍ୱାର୍ଥ ତାଙ୍କ ପକ୍ଷରେ ବଡ଼ ମନେ ହେବା ସ୍ୱାଭାବିକ ଥିଲା।

ଶ୍ୟାମ ସୁନ୍ଦରର କଥା ଶୁଣି କାମପାଳ ବାବୁଙ୍କ ମୁହଁ ବିବର୍ଣ୍ଣ ହୋଇଗଲା।

ସେ ସ୍ୱଗତୋକ୍ତି କଲା ଭଳି କହିଲେ-

-ଆଉ କେହି ଜାଣନ୍ତୁ କି ନଜାଣନ୍ତୁ, ତମେ ଜାଣ ଶ୍ୟାମ ସୁନ୍ଦର! ମୁଁ ସୁଧାକରକୁ ବଞ୍ଚାଇବାକୁ ହିଁ ଚାହୁଁଥିଲି। ତା ପ୍ରତି ଥିବା ମୋର ବନ୍ଧୁତ୍ୱରେ କୌଣସି ଖାଦ ମିଶି ନ ଥିଲା-

ଶ୍ୟାମ ସୁନ୍ଦର କକ୍ଷତ୍ୟାଗ କରି ଚାଲିଯିବା ଆଗରୁ ତାଙ୍କୁ ସାନ୍ତ୍ୱନା ଦେଇଗଲା -ମନ୍ତ୍ରୀ ନୁହନ୍ତି, ପୋଲିସ୍‌ମାନେହିଁ ବଡ ବଡ ଭୂମି ମାଲିକ, ପୁଞ୍ଜିପତିମାନଙ୍କ ସ୍ୱାର୍ଥର ପୋଷା ପ୍ରହରୀ - ଏ କଥା ଆଜି ନହେଲେ ମଧ କାଲି ବୁଝିବ ମେଘମାଳା। ଆପଣ ସେଥିପାଇଁ ଅକାରଣରେ କିଛି ଭାବନ୍ତୁ ନାହିଁ। ଶୋଇ ଯାଆନ୍ତୁ। ରାତି ଅନେକ ହେଲାଣି।

କାମପାଳ ଶୋଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ତାଙ୍କୁ ନିଦ ହେଉ ନଥିଲା। ତାଙ୍କର ମନେ ହେଉଥିଲା ସୁଧାକରର ବିଧବା ପତ୍ନୀର ଅଭିଯୋଗରେ କୌଣସି ଅଯୌକ୍ତିକତା ନାହିଁ। ରାସ ପୂର୍ଣ୍ଣମୀ ରାତିରେ ସବୁ ଛଦ୍ମବେଶ ଧରା ପଡ଼ିଯାଏ। ସବୁ ପତିବ୍ରତା ଦୋଚାରୁଣୀ ହୋଇ ଯାଆନ୍ତି। ସବୁ ପୁରୁଷ ମାଂସାଶୀ ଲମ୍ପଟ-!!

ମେଘମାଳା ତାଙ୍କୁ ଠିକ୍ ଚିହ୍ନି ପାରିଛି, ସେ କାମପାଳ ନୁହନ୍ତି, କାଳ ପୁରୁଷ ମିଶ୍ର?

Digitized by srujanika@gmail.com

ମଧ୍ୟବର୍ତ୍ତୀ ଶୂନ୍ୟତା

.ଦୁଇ କବି ଓ ଜଣେ ପାଠିକା, ନା-ଦୁଇ ପୁରୁଷ ଜଣେ ପ୍ରେମିକା !

ଶେଷ ସମ୍ଭାବନା କଥାଟା ଭାବିବା ମାତ୍ରେ ଜୟନ୍ତୀର ଜିଭ କାମୁଡ଼ି ହୋଇଗଲା । ଅପ୍ରତିଭତାରେ !

ଅଥଚ ସେ ତିନିଜଣଙ୍କ ମଧ୍ୟରେ ସମ୍ପର୍କଟା ଯେ ସେହିପରି ଗତ କେତେବର୍ଷ ଧରି ଧୀରେ ଧୀରେ ଆପଣା ଛାଏଁ ଗଢ଼ି ଉଠୁଥିଲା, ସେଥିରେ ତା'ର କୌଣସି ସନ୍ଦେହ ନ ଥିଲା ।

ରଞ୍ଜନ ଓଡ଼ିଶାର ଲୋକପ୍ରିୟ ରୋମାଣ୍ଟିକ୍ କବି । ଜୟନ୍ତୀ ଭଳି ସେହି ବୟସର ଅନେକ ପୁଅ ଝିଅଙ୍କ ମୁହଁରେ ରଞ୍ଜନର କବିତା ସବୁ କେଉଁ ଅସତର୍କ ବିହ୍ୱଳିତ ମୁହୂର୍ତ୍ତରେ ସ୍ୱତଃ ଉଚ୍ଚାରିତ ହୋଇ ଯାଉଥିଲା । ତା'ର କବିତା ଥିଲା ସେମାନଙ୍କର ସ୍ୱପ୍ନର ସାମଗ୍ରୀ....ବଞ୍ଚିବାର ସ୍ଲୋଗାନ୍ ଭଳି । ଜୟନ୍ତୀ ଯେ ମନେ ମନେ ରଞ୍ଜନକୁ ବାହାହେବା କଥା ଭାବିବା ମାତ୍ରେ ପରମ ତୃପ୍ତିରେ ତା'ର ଦୁଇ ଆଖିପତା ବୁଜି ହୋଇ ଆସୁଥିଲା, ତା'ର କାରଣ ତା' କବିତା ଅସମ୍ଭବ ଲୋକପ୍ରିୟତା ନୁହେଁ; ତା'ର ନିରହଙ୍କାରୀ ବ୍ୟକ୍ତିତ୍ୱ ଥିଲା ତା' ପାଇଁ ପ୍ରଧାନ ଆକର୍ଷଣ ।

ଆଲୋକ ଆଚାର୍ଯ୍ୟ ଭିନ୍ନ ମାପର କାବ୍ୟ-ପୁରୁଷ । ସେ ଥିଲା ବୌଦ୍ଧିକତାର କବି, ସେଥିପାଇଁ ଅନେକ ପରିମାଣରେ ଦୁର୍ବୋଧ୍ୟ । ଏହି ଦୁର୍ବୋଧ୍ୟତା ହିଁ ଥିଲା ତାର ଅସଲ ପୌରୁଷ । ସାହିତ୍ୟର ଟୀକାକାରମାନେ ତା'ର କବିତାକୁ ବୁଝିପାରୁ ନଥିଲେ ବୋଲି ନିଜର ଅଜ୍ଞତା ଧରା ପଡ଼ିଯିବା ଭୟରେ ତାକୁ ଟେକାଟେକି କରି ପ୍ରବନ୍ଧ ଲେଖି ପତ୍ର ପତ୍ରିକାରେ ପ୍ରକାଶ କରୁ ଥିଲେ ଏବଂ ଏହି ଉଚ୍ଚ ପ୍ରଶଂସା ତା'ର ପ୍ରାପ୍ୟ ବୋଲି ଧରିନେଇ ଆଲୋକ ତା'ର ଅତି ଅନ୍ତରଙ୍ଗ ବନ୍ଧୁ ରଞ୍ଜନଙ୍କୁ ମଧ୍ୟ ଆଘାତ କରିବାକୁ ପଛାଉ ନ ଥିଲା ।

ତାକୁ ଥରେ ନୁହେଁ; ଅନେକ ଥର ଆଲୋକ କହିଛି- ରଞ୍ଜନ ଆମର ଭଲ ବନ୍ଧୁ, କିନ୍ତୁ ଭଲ କବି ନୁହେଁ । ଖୁବ୍ ବେଶୀ ହେଲେ ସେ ଜଣେ ପଦ୍ୟକାର । ଯେଉଁ କବିତା କେବଳ ପାଠକର ହୃଦ୍-ସ୍ପନ୍ଦନର ଗତି ପ୍ରଖର କରିବା ଭିତରେ ଶେଷ ହୋଇଯାଏ, ସେ କବିତା କେବେ ଆଧୁନିକ ହୋଇ ପାରେ ନାହିଁ । ଆଧୁନିକ

Digitized by srujanika@gmail.com

କବିତା ସାର୍ଥକତା ବୌଦ୍ଧିକ ଆଲୋଡ଼ନ ସୃଷ୍ଟି କରିବାରେ। ସେଥିପାଇଁ ମୁଁ ରଂଜନକୁ ବନ୍ଧୁ ଭାବରେ ଆଦର କରେ, କିନ୍ତୁ ଜଣେ ବଡ଼ କବି ଭାବରେ ମାନ୍ୟ କରେ ନାହିଁ।

ରଞ୍ଜନର ଆଲୋକ ବିରୁଦ୍ଧରେ କୌଣସି ଅଭିଯୋଗ ନ ଥିଲା। ଆଲୋକଙ୍କର କବିତା ସମ୍ପର୍କରେ ମନ୍ତବ୍ୟ ଦେବାକୁ କହିଲେ ସେ ସଂକ୍ଷେପରେ ଉତ୍ତର ଦିଏ-ଯାହା ମୁଁ ବୁଝି ପାରେନାହିଁ, ତା' ଭଲ କି ମନ୍ଦ ମୁଁ ଜାଣିବି କିପରି ?

ସରଳତା ଆଉ ଦୁର୍ବୋଧତା-ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି। ଏ ଦୁଇଟା ନେଇ ହିଁ ମଣିଷର ଜୀବନ। ଗୋଟିକୁ ବାଦ୍ ଦେଇ ଅନ୍ୟଟିର ତାତ୍ପର୍ଯ୍ୟ ବୁଝି ହୁଏନାହିଁ। ଏ ଦୁଇ କବି ବନ୍ଧୁଙ୍କୁ ନେଇ ଖୁବ୍ ସୁଖରେ କଟିଥିଲା ଜୟନ୍ତୀର ଜୀବନ। ତିନିହେଁ ସାଙ୍ଗ ହୋଇ ସିନେମା ଯାଉଥିଲେ। ପ୍ରଦର୍ଶନୀ ମଝିରେ ଫୁଚ୍‌କା କିଣି ଖାଉଥିଲେ। ଆଲୋକ ସିଗାରେଟ ଓଠରେ ଚାପି ଧରିଲା ପରେ ଜୟନ୍ତୀ ଡିଆସିଲି ଜାଳି ସେଥିରେ ଅଗ୍ନିସଂଯୋଗ କରି ଦେଉଥିଲା ଏବଂ ରଞ୍ଜନ ସେ ଅର୍ଦ୍ଧଦଗ୍ଧ ସିଗାରେଟ୍ ଆଲୋକ ଓଠରୁ କାଢ଼ି ନେଇ ସ୍ୱଚ୍ଛନ୍ଦରେ ନିଜେ ଶୋଷି ଶୋଷି ଧୂମ ଉଦ୍‌ଗୀରଣ କରୁଥିଲା।

ରଞ୍ଜନର ବାପା ଥିଲେ ଜଣେ କଲେଜ ଅଧ୍ୟାପକ। ବାପାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ସେ ମଧ୍ୟ ଗୋଟିକ ପରେ ଗୋଟିଏ ଇଣ୍ଟରଭ୍ୟୁ ଦେଇଯାଉଥିଲା। ଆଲୋକର ଲକ୍ଷ୍ୟ ରଖିଥିଲା ଅନେକ ଉପରେ-ସେ ଆଇ.ଏ.ଏସ୍ ହେବା ପାଇଁ ଚାହୁଁଥିଲା ଏବଂ ସେଥିପାଇଁ ରୀତିମତ ରାତି ଅନିଦ୍ରା ହୋଇ ମନଯୋଗ ଦେଇ ପଢ଼ାପଢ଼ି କରୁଥିଲା। ତା'ର ଦୃଢ଼ ମତ ଥିଲା ଯେ ବଡ଼ କବି ହେବାକୁ ହେଲେ ବଡ଼ ଚାକିରୀଟିଏ ମଧ୍ୟ କରିବା ଦରକାର। ଆଉ ସବୁ ଚାକିରୀ ମଧ୍ୟରେ ଆଲୋକ ଆଚାର୍ଯ୍ୟ ପାଇଁ ଆଇ.ଏ.ଏସ୍ ଚାକିରୀ ଥିଲା ରାଜା।

ଆଲୋକ ଆଇ.ଏ.ଏସ୍ ହେବାକୁ ଚାହୁଁ ଥିବା କଥା ଶୁଣି ରଞ୍ଜନର ଭ୍ରୂକୁଞ୍ଚନ ହୋଇ ଯାଉଥିଲା।

ସେ ପ୍ରଶ୍ନ କରୁଥିଲା-ଆଇ.ଏ.ଏସ୍ ଅଫିସରମାନଙ୍କର ଜୀବନ ଖୁବ୍ ଜଞ୍ଜାଳମୟ। ସେଥିରେ କବିତା ଲେଖିବା ପାଇଁ ସେ ସମୟ ପାଇବ କେଉଁଠୁ ? ତା'ଅପେକ୍ଷା ଅଧ୍ୟାପକ ଚାକିରୀ କବିତା ଲେଖିବା ପାଇଁ ଖୁବ୍ ଅନୁକୂଳ। ଅନେକ ସମୟ ମିଳିବ। ଛାତ୍ରଛାତ୍ରୀମାନଙ୍କ ଉଷ୍ମ ସାନିଧ୍ୟ କବିତା ଲେଖିବା ଲାଗି ପ୍ରେରଣା ଯୋଗାଇବ।

ରଞ୍ଜନର ଯୁକ୍ତିକୁ କୁଣ୍ଢୁକୁଣ୍ଢା କରି ଫୁଙ୍କାରରେ ଦୂରକୁ ଫିଙ୍ଗି ଦେଉଥିଲା ଆଲୋକ।

କହୁଥିଲା-ଆଇ.ଏ.ଏସ୍ ହେଲାପରେ ମତେ ଆଉ ଆଙ୍ଗୁଠି ଟିପି ଦରଜ କରି ଲେଖିବାକୁ ପଡ଼ିବ ନାହିଁ। ମୁଁ ଜଣେ ସୁନ୍ଦରୀ ଶ୍ୟାମାଙ୍ଗୀ ତନ୍ୱୀକୁ ଷ୍ଟେନୋ କରି ରଖିବି। ଷ୍ଟେନୋକୁ କବିତାର ଡ଼ିକ୍ଟେସନ ଦେଇଦେବି। ସେ ସୁନ୍ଦରୀ ତରୁଣୀ

Digitized by srujanika@gmail.com

ମୋର ଶ୍ରୁତଲିଖନ ନେଇ କବିତା ଟାଇପ୍ କରିଦେବ। ଆଜିକାଲି ଓଡ଼ିଆ ଟାଇପ୍ ମେସିନ୍ ବାହାରିଥିବା କଥା ତତେ ବୋଧହୁଏ ଜଣାନାହିଁ।

ନିଜର ପ୍ରିୟବନ୍ଧୁର କଥା ଶୁଣି ଈଷତ୍ ଅପ୍ରତିଭ ବୋଧ କରିଥିଲା ରଞ୍ଜନ। ଡ଼ିଟେକ୍‌ସନ୍ ଦେଇ ଭଲ କବିତା ଲେଖାଯାଏ, ଏ କଥା ତା'ର ବିଶ୍ୱାସଯୋଗ୍ୟ ମନେ ହୋଇ ନ ଥିଲା। ତା'ର ନିଜର କବିତା ଲେଖିବା ଧରଣ ଅଲଗା। ନିଜେ କଲମ ନ ଧରିଲେ ସେ ନିଜ ଭାବନାକୁ ନିଜେ ଧରି ପାରେ ନାହିଁ। ଅନ୍ୟ ଜଣକୁ କବିତା ଡ଼ାକି ଦେବା କଥା ଭାବିଲେ ତା'ର ସବୁ ଭାବନା କଳ୍ପନାର ଅନ୍ତରାଳକୁ ଚାଲିଯାଏ। ଗୋଟିଏ ହେଲେ ଶବ୍ଦବ୍ରହ୍ମ ଜିଭ ଡେଇଁ ପଦାକୁ ଆସେ ନାହିଁ।

ତା'ର ନିଃଶବ୍ଦ ନୀରବତା ଲକ୍ଷ୍ୟ କରି ଆଲୋକ ମନ୍ତବ୍ୟ କରେ-ଉଦ୍ଭିନ୍ନ-ଯୌବନା କିଶୋର କିଶୋରୀମାନଙ୍କ କଲରୋଳର ଉଷ୍ଣତା ଅପେକ୍ଷା ଶାସନ କ୍ଷମତାର ଉତ୍ତାପ କବିତା ରଚନା ପାଇଁ ଅଧିକ ପ୍ରେରଣା ଦିଏ। ଅବଶ୍ୟ ପଦ୍ୟ ରଚନା ପାଇଁ ମାଷ୍ଟ୍ରେ ଚାକିରୀ ଭଲ।

ଆଲୋକ ଆଚାର୍ଯ୍ୟର କଥାର ଶାଣିତ ଧାରରେ ରଞ୍ଜନ ରାୟର ଛାତିର କଲିଜା ରକ୍ତାକ୍ତ ହୋଇଯିବାର କଥା। କିନ୍ତୁ ରଞ୍ଜନ ସେଭଳି କିଛି ଜ୍ୱାଳା ଯନ୍ତ୍ରଣା ଅନୁଭବ କରେ ନାହିଁ।

ସେ ମଲା ହସର ଫିକା ଆଲୁଅରେ ଓଠ ଉଦ୍ଭାସିତ କରି କହେ-କବିତା ଯେବେ କବି ହୃଦୟର ଉତ୍ତାପକୁ ପାଠକ ହୃଦୟକୁ ସଞ୍ଚାରିତ କରି ନ ପାରେ-ଛନ୍ଦରେ ହେଉ କି ଛନ୍ଦହୀନତାରେ ହେଉ- ସେ କବିତାର ଜନ୍ମ ଅଭିଶପ୍ତ।

ଆଲୋକ ତାକୁ ଚିଡ଼ାଇବା ପାଇଁ କହେ- ଭାବ ସଂପ୍ରସାରଣ ପାଇଁ ପଦ୍ୟ ଅପେକ୍ଷା ଗଦ୍ୟ ରଚନା ବରଂ ଶ୍ରେୟସ୍କର। ବରଂ ସ୍କୁଲ୍ କଲେଜର ଶିକ୍ଷକମାନେ କବିତା ନ ଲେଖି ପ୍ରବନ୍ଧ ଲେଖିବି ଉଚିତ୍।

ନିଜର ଦୁଇ ପ୍ରିୟବନ୍ଧୁଙ୍କ ଏଭଳି ସୃଷ୍ଟିଛଡ଼ା ତର୍କ ବିତର୍କରେ ଜୟନ୍ତୀ ଖୁବ୍ ଅସ୍ୱସ୍ତି ଅନୁଭବ କରେ। ସେ ମଝିରେ ବାଧା ଦେଇ କହେ- କବିତା ହେଉ କି ପ୍ରବନ୍ଧ-ତା' ହୃଦୟସ୍ପର୍ଶୀ ହେବା ଉଚିତ। ହୃଦୟସିଡ଼ିର ପାହାଚ ଚଢ଼ି ହିଁ ଭାବ ଓ ଭାବନା ମସ୍ତିଷ୍କ ଆରୋହଣ କରେ ଏବଂ ଏଭଳି ସାହିତ୍ୟ ରଚନା ପାଇଁ ଆଇ.ଏ.ଏସ୍ କିମ୍ବା ଅଧ୍ୟାପକ ହେବା ଜରୁରୀ ନୁହେଁ। ସଚି ରାଉତରାୟ କିମ୍ବା ସୁରେନ୍ଦ୍ର ମହାନ୍ତିଙ୍କ ଭିତରୁ ଜଣେ ହେଲେ କେହି ଅଧ୍ୟାପକ କିମ୍ବା ଆଇ.ଏ.ଏସ୍ ନ ଥିଲେ। କ'ଣ ? ମୁଁ ମିଛ କହୁଛି ?

ଓଡ଼ିଆ ସାହିତ୍ୟର ସେହି ଦୁଇ ଦିଗପାଳ ସାହିତ୍ୟିକଙ୍କ ପାଖରେ ରଞ୍ଜନ ଆଉ ଆଲୋକ- ଦୁହେଁଯାକ ନତଜାନୁ ହୋଇ ଯାଆନ୍ତି। ସେମାନଙ୍କ କଣ୍ଠରୁ ଶବ୍ଦ ସ୍ଫୁରିତ ହୁଏନାହିଁ।

Digitized by srujanika@gmail.com

ଜୟନ୍ତୀ ଓଠରେ ବିଦ୍ୟୁଲ୍ଲତା ଭଳି ଧାରେ ହସ ଚମକି ଉଠେ।

ହସିଲେ ଶହେଗୁଣ ବଢ଼ିଯାଏ ତା'ର ମୁହଁର ଲାବଣ୍ୟ। ଦୁଇ ବନ୍ଧୁ ତା'ର ସେଇ ହାସ୍ୟ ଉଲ୍ଲସିତ ଅପରୂପ ମୁହଁର କୋମଳ ଲାବଣ୍ୟ ତରଙ୍ଗାୟିତ ଦେହର ସୌନ୍ଦର୍ଯ୍ୟକୁ କାଙ୍ଗାଳଙ୍କ ଭଳି ଚାହିଁ ରହି ନିଜ ଛାତି ଭିତରର ଦ୍ରୁତ ହୃତସ୍ପନ୍ଦନର ଶବ୍ଦ ଶୁଣିବାକୁ ପାଆନ୍ତି।

ଜୟନ୍ତୀ ମନେ ମନେ ରଞ୍ଜନକୁ ବାହା ହେବ ବୋଲି ସ୍ଥିର କରି ସାରିଲା ପରେ ମଧ୍ୟ ସେକଥା ସେ ସେ ଦୁଇଜଣଙ୍କୁ ମୁହଁ ଖୋଲି କହିପାରି ନ ଥିଲା। ତାକୁ ପାଇବା ପାଇଁ ଦୁଇ ବନ୍ଧୁଙ୍କ ମଧ୍ୟରେ ଦ୍ୱନ୍ଦଯୁଦ୍ଧ ଲାଗିଯାଉ, ଏ କଥା ଭାବିଲା ମାତ୍ରେ ତାକୁ ଏ ସବୁଜ ପୃଥିବୀ ଧୂସର ଦେଖା ଯାଉଥିଲା। କାରଣ ସେ ଜାଣିଥିଲା ସେ ଦୁଇଜଣଙ୍କୁ ସେ ଯେପରି ପ୍ରାଣ ଭରି ଭଲପାଏ, ସେ ଦୁଇଜଣ ମଧ୍ୟ ତାକୁ ସମାନ ଭାବରେ ଭଲ ପାଆନ୍ତି। ସେ ଦୁଇଜଣଙ୍କ ଭଲ ପାଇବାରେ ମଧ୍ୟ କୌଣସି ଭେଜାଲ ମିଶିଥିବା କଥା ସେ କେବେ ସଂଦେହ କରି ପାରୁ ନ ଥିଲା। ତେଣୁ ତାକୁ କେନ୍ଦ୍ର କରି ସେ ଦୁଇ ବନ୍ଧୁଙ୍କ ମଧ୍ୟରେ ମତାନ୍ତର ବା ମନାନ୍ତର ହେଉ ଏ କଥା ଭାବିବା ମାତ୍ରେ ତା'ର ଛାତି ଭିତରୁ ରକ୍ତକ୍ଷରଣ ହେଉଥିଲା।

କିନ୍ତୁ ସେଥିପାଇଁ ଜୟନ୍ତୀ ଭଳି ମଧ୍ୟବିତ୍ତ ପରିବାରର ଜଣେ ସାମାନ୍ୟ ସୁନ୍ଦରୀ ଅବା କ'ଣ କରି ପାରନ୍ତା! ଆଉ ଭଲପାଇବା ସହ ବାହାଘରର ଅବା କି ଉତ୍ତର ସମ୍ପର୍କ ଥାଇପାରେ! ଭଲ ନ ପାଇ ମଧ୍ୟ ଜଣକୁ ବାହା ହୋଇ ପୁତ୍ର କନ୍ୟାର ଜନନୀ ହୋଇ ହୁଏ; ଭଲ ପାଇ ମଧ୍ୟ ବଧୂ ନ ହୋଇ ଜଣକର ବନ୍ଧୁ ହୋଇ ରହି ହୁଏ ନାହିଁ?

ବନ୍ଧୁ ଭାବରେ ଆଲୋକ ଆଚାର୍ଯ୍ୟ ଅତୁଳନୀୟ। କିନ୍ତୁ ସେ ଏତେ ଉଚ୍ଚାଭିଳାଷୀ ଯେ ତାକୁ ସ୍ୱାମୀ ଭାବରେ ଚିନ୍ତା କଲେ ତା'ର ରାହା ଲେଉଟେ ନାହିଁ। ରଞ୍ଜନ କିନ୍ତୁ ଠିକ୍ ହଜବ୍ୟାଣ୍ଡ୍ ମାଟେରିଆଲ୍। ଦାୟିତ୍ୱଶୀଳ ମଣିଷ। ସରଳ ବ୍ୟକ୍ତିତ୍ୱ। ସହଜବୋଧ ଠିକ୍ ତା'ର କବିତା ଭଳି! ଆଲୋକ ଭଳି ତା'ର ବ୍ୟକ୍ତିତ୍ୱ ଦୁର୍ବୋଧତାରେ ଜଟିଳ ନୁହେଁ।

ଅନେକ ଥର ରଞ୍ଜନ ତା' ପାଖରେ ବିବାହ ପ୍ରସ୍ତାବ ଉଠାଇଛି। ଆଲୋକ ଆହତ ହେବ ବୋଲି କୌଣସି ସିଧା ସଳଖ ଉତ୍ତର ଦେଇ ପାରିନାହିଁ ଜୟନ୍ତୀ। କିନ୍ତୁ ଆଲୋକ ତା'ପାଖରେ କୌଣସି ଦିନ ବିବାହ ପ୍ରସଙ୍ଗ ଉତ୍ଥାପନ ସୁଦ୍ଧା କରି ନାହିଁ। ସମ୍ଭବତଃ ସେ ଆଶା କରି ବସିଛି ସେ ନିଜେ ତା' ପାଦତଳେ ଆଣ୍ଠୁମାଡ଼ି ବସି ଦିନେ ତାକୁ ଦୟାକରି ବାହା ହେବା ପାଇଁ ପ୍ରାର୍ଥନା କରିବ।

କିନ୍ତୁ ଦିନେ ରଞ୍ଜନକୁ କହିବା ଆଗରୁ ତା'ର ନିଷ୍ପତ୍ତି କଥା ପ୍ରଥମେ ଆଲୋକକୁ ହିଁ କହିବାକୁ ପଡ଼ିଲା ଜୟନ୍ତୀକୁ।

Digitized by srujanika@gmail.com

ସେଦିନ ଛବିଘର ଅନ୍ଧକାର ଥିଲା। ସବୁଥର ଭଳି ତିନିଟା ଟିକେଟ କିଣା ହୋଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ମାଆଙ୍କ ଅସୁସ୍ଥତା ଯୋଗୁଁ ରଞ୍ଜନ ଆସି ପାରି ନ ଥିଲା। ପରିଚୟ ହେଲା ପରଠାରୁ ସେଇ ପ୍ରଥମ ତିନିଜଣଙ୍କ ବଦଳରେ ସେମାନେ ଦୁଇଜଣ ହିଁ ସିନେମା ହଲ୍‌ରେ ବସି ଛବି ଦେଖୁଥିଲେ। ମଝି ସିଟ୍‌ଟା ଖାଲି ପଡ଼ିଥିଲା।

ଇଣ୍ଟରଭାଲ୍ ପରେ ହିଁ ସେ ମଧ୍ୟବର୍ତ୍ତୀ ଶୂନ୍ୟତାକୁ ପୂରଣ କରି ଦେଇ ଜୟନ୍ତୀ ପାଖ ସିଟ୍‌ରେ ଆସି ବସି ପଡ଼ିଲା ଆଲୋକ। ଇଂଲିସ୍ ଫିଲ୍ମ। ମଝିରେ କେତୋଟି ଦୃଶ୍ୟରେ ନାୟକ ନାୟିକାଙ୍କର ଘନିଷ୍ଠ ଶାରୀରିକ ସମ୍ପର୍କର ଦୃଶ୍ୟ ଥିଲା। ଖୁବ୍ ଇଣ୍ଟିମେଟ୍ ରିଲେସନ୍। ଏହି ଦୃଶ୍ୟ ଦେଖୁଥିବା ବେଳେ ଜୟନ୍ତୀ ଅନୁଭବ କଲା ତା'ର କାନ୍ଧ ଉପରେ ଥିବା ଆଲୋକର ହାତ ଏକ ଆଦିମ ସରୀସୃପ ଭଳି ତା' ବେକ ମୂଳକୁ ଓହ୍ଲାଇ ଆସୁଛି। ବାଧା ନ ଦେଲେ ତା' ବ୍ଲାଉଜ୍ ଉପର ବୋତାମ ଖୋଲି ଯାଇପାରେ।

ନିର୍ଲଜ ପ୍ରଲୋଭନ ଭଳି ତଳକୁ ତଳକୁ ଧୀରେ ଧୀରେ ଓହ୍ଲାଇ ଆସୁଥିବା ଆଲୋକ ଆଚାର୍ଯ୍ୟର ହାତକୁ ନିଜ ହାତ ମୁଠାରେ ଚାପି ଧରି ଜୟନ୍ତୀ ନିଚ୍ଚ ସ୍ୱରରେ ଅଥଚ ପ୍ରାଞ୍ଜଳ ଭାଷାରେ ପ୍ରତିବାଦ କଲା- ଆଲୋକ! ମୁଁ ରଞ୍ଜନକୁ ବିବାହ କରିବାକୁ ସିଦ୍ଧାନ୍ତ କରି ସାରିଛି। ମୋ ସ୍ୱାମୀ ଭିନ୍ନ ଆଉ କେହି ମୋ କୁମାରୀ ଦେହର ନିର୍ଜନତା ଭଙ୍ଗ କରୁ-ଏକଥା ମୁଁ ଚାହେଁ ନାହିଁ।

ସେଇ ପଦେ ମାତ୍ର କଥା।

ଶୁଣିବା ମାତ୍ରେ ଆଲୋକର ହାତ ପାପୁଲିର ଉଷ୍ଣତା ହଠାତ୍ ହ୍ରାସ ପାଇ ବରଫ ଭଳି ଥଣ୍ଡା ହୋଇଗଲା। ଜ୍ୱର ଓହ୍ଲାଇ ଗଲେ ଦେହ ଯେପରି ଝାଳରେ ଗାଧୋଇ ପଡ଼େ, ସେଇପରି ଝାଳରେ ବୁଡ଼ି ଓଦା ହୋଇଗଲା ତା'ର ହାତ ପାପୁଲି।

ସେ ନିଜ ହାତ ଫେରସ୍ତ ନେଇ, ବେକ ସିଧାକରି ପୁଣି ଛବି ଦେଖାରେ ମନ ଦେଲା।

ଆଲୋକର ଏଭଳି ବ୍ୟବହାରରେ ଖୁବ୍ ବିବ୍ରତ ଓ ଅପମାନିତ ବୋଧ କରିଥିଲା ଜୟନ୍ତୀ। ଏପରି କେବେ ଘଟି ନ ଥିଲା। ସେମାନଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ ଥିଲେ ମଧ୍ୟ କୌଣସି ଦିନ କେହି ଶାରୀରିକ ସମ୍ପର୍କ କଥା ଭାବି ନାହାନ୍ତି। ରଞ୍ଜନ କିମ୍ବା ଆଲୋକ- କେହି ପରିହାସରେ ସୁଦ୍ଧା ତା' ଓଠରେ ଓଠ ଛୁଆଁଇବା କଥା କହି ନାହାନ୍ତି- ବ୍ଲାଉଜ୍ ବୋତାମ ଖୋଲିବା ଭଳି ଅସଭ୍ୟତା ତ ଦୂରର କଥା।

ରଞ୍ଜନ ଖୁବ୍ ଲାଜକୁଳା। ପ୍ରେମ, ଭଲ ପାଇବା ନେଇ ଅନେକ ରୋମାଣ୍ଟିକ୍ କବିତା ଲେଖିକରି ଖ୍ୟାତି ଅର୍ଜନ କରିଥିଲେ ବି ବନ୍ଧୁ ମେଳରେ କୌଣସି ଝିଅର

Digitized by srujanika@gmail.com

ସ୍ନାୟୁ ଉତ୍ତେଜକ ପ୍ରେମ କାହାଣୀ ଅଥବା ଦେହ ବର୍ଣ୍ଣନା ଶୁଣିଲେ ତା'ର କର୍ଣ୍ଣମୂଳ ଲୋହିତ ହୋଇଯାଏ। ଲଜ୍ଜାରେ, ଅସ୍ୱସ୍ତିରେ! ଆଲୋକର କବିତାରେ ନାରୀର ନିଷିଦ୍ଧ ଅଙ୍ଗର ନାମୋଲ୍ଲେଖ ଥାଏ କିନ୍ତୁ ସେ ସବୁ ଶବ୍ଦ ଏପରି ଅସଂଲଗ୍ନ, କବିତାର ମୂଳ ଥିମ୍‌ଠାରୁ ଏପରି ସମ୍ପର୍କହୀନ ଯେ ତାହା ସ୍ନାୟୁ ଉପରେ ଚାପ ପ୍ରୟୋଗ କରିବାକୁ ଅକ୍ଷମ ହୁଏ। ରଞ୍ଜନ କହେ, ଏସବୁ କ୍ଲିନିକାଲ୍ ୱର୍ଡସ୍! ଏସବୁ ଶବ୍ଦ ଯୌନ-ଆବେଗ-ରହିତ!

କବିତାରେ ବ୍ୟବହୃତ ନିରାମିଷ ଯୌନ-ପ୍ରତୀକାତ୍ମକ ଶବ୍ଦ ବ୍ୟବହାର କଲା ଭଳି ଆଲୋକର ଆଚରଣରେ ମଧ୍ୟ ଏ କେତେ ବର୍ଷ ଧରି ସେ ଯୌନ ନିସ୍ପୃହତା ଲକ୍ଷ୍ୟ କରି ଆସିଛି। ଆଜି ସେଥିପାଇଁ ସେ ମଝିରେ ଖାଲି ପଡ଼ିଥିବା ସିଟରେ ବସିପଡ଼ି ତା' କାନ୍ଧରେ ହାତ ରଖିଲା ବେଳେ ସେ କୌଣସି ଅପରାଧପ୍ରବଣତା ଲକ୍ଷ୍ୟ କରି ନ ଥିଲା। ହଠାତ୍ ତା'ର ସେଇ ନିରୀହ, ଶୁଭ୍ର, ସୁନ୍ଦର ହାତ ଆଙ୍ଗୁଠି ଗୁଡ଼ାକ ଲୋଭରେ ହିଂସ୍ର ହୋଇ ଉଠିଲା କାହିଁକି?

ଅବଶ୍ୟ ଏଇ ପ୍ରଥମ ସେମାନେ ତିନିଜଣଙ୍କ ବଦଳରେ ଦୁଇଜଣ ପାଖାପାଖି ବସିଲେ। ତୃତୀୟ ଜଣକର ଅନୁପସ୍ଥିତିରେ ଦ୍ୱିତୀୟ ଜଣକ ମଧ୍ୟରେ ନିଦ୍ରିତ ପାପଇଚ୍ଛା ହୁଏତ ଚେଇଁ ଉଠିଲା। ରଞ୍ଜନ ଉପସ୍ଥିତ ଥିଲେ ସମ୍ଭବତଃ ଆଲୋକର ପବିତ୍ର ଆଙ୍ଗୁଠି ଏପରି ହିଂସ୍ର ଆତତାୟୀ ଭଳି କର୍ଦ୍ଦମାକ୍ତ ହୋଇ ଉଠି ନ ଥାନ୍ତା!

ସେଇ ମୁହୂର୍ତ୍ତରେ ରଞ୍ଜନର ଉପସ୍ଥିତି ସେ ଅଧିକରୁ ଅଧିକ ଅନୁଭବ କରିବାକୁ ଲାଗିଲା। ଆଉ ଇଂରେଜି ଫିଲ୍ମରେ ମନ ଲାଗିଲା ନାହିଁ। କିପରି ଅବଶିଷ୍ଟ ସମୟ ଶୀଘ୍ର ଶୀଘ୍ର ଅତୀତ ହୋଇଯିବ ସେଇ ଚିନ୍ତାରେ ତା'ର ଦୁଇ ଆଖିପତା ବୁଜି ହୋଇ ଆସିଲା, କ୍ଳାନ୍ତିରେ, ବିରକ୍ତିରେ।

ଫେରିବା ବାଟରେ ସ୍କୁଟର ପଛସିଟ୍‌ରେ ଉଠିବା ଆଗରୁ ଜୟନ୍ତୀ ପଚାରିଲା-ରଞ୍ଜନକୁ ବାହା ହେବା ପାଇଁ ସ୍ଥିର କରି ଥିବାରୁ ତମର ମନ କଷ୍ଟ ହୋଇ ନାହିଁତ ଆଲୋକ!

ଆଲୋକର ମଳିନ ମୁହଁରେ ମୁଠାଏ ହସ ବିଞ୍ଚି ହୋଇ ପଡ଼ିଲା। ସେ ହସି ଦେଇ କହିଲା-ନା, ନା, ଏଥିରେ ମୁଁ ଖୁବ୍ ଖୁସି। ଆମ ଦୁଇଜଣଙ୍କ ବ୍ୟତୀତ ଆଉ କୌଣସି ତୃତୀୟ ବ୍ୟକ୍ତିକୁ ବାହା ହୋଇଥିଲେ ଆମର ସଂଘ ଭାଙ୍ଗି ଯାଇଥାଆନ୍ତା। ତମକୁ ଆଉ ଆଖିରେ ପକାଇବାକୁ ମିଳି ନ ଥାନ୍ତା। ଆଉ ସ୍ୱାମୀ ଭାବରେ ରଞ୍ଜନ ଯେ ମୋ ଅପେକ୍ଷା ଅଧିକ ଉପଯୁକ୍ତ ସେ ବିଷୟରେ ମୋର କୌଣସି ସନ୍ଦେହ ନାହିଁ।

ଏହାପରେ ମଧ୍ୟ ସେ ତିନିଜଣଙ୍କ ମଧ୍ୟରେ ଗାଢ଼ ବନ୍ଧୁତ୍ୱ ବଜାୟ ରହିଥିଲା। କବିତା ପାଠୋତ୍ସବରେ ଜୟନ୍ତୀ ସେ ଦୁଇବନ୍ଧୁଙ୍କ କବିତା ସମାନ ଆବେଗ ଓ ଆନନ୍ଦରେ ଆବୃତ୍ତି କରୁଥିବା ବେଳେ ରଞ୍ଜନ ଆଉ ଆଲୋକ ଶ୍ରୋତୃମଣ୍ଡଳିରୁ

Digitized by srujanika@gmail.com

ସମାନ ଉତ୍ସାହରେ କରତାଳି ଦେଇ ତାକୁ ଉତ୍ସାହିତ କରୁଥିଲେ।

କିନ୍ତୁ ଯେଉଁଦିନ ଆଲୋକ ଆଚାର୍ଯ୍ୟର କାବ୍ୟଗ୍ରନ୍ଥ "ଜଣ୍ଡକିତ ଅନ୍ଧକାର" ସାହିତ୍ୟ ଏକାଡେ଼ମୀ ପୁରସ୍କାର ଲାଭ କରିଛି ବୋଲି ରେଡ଼ିଓ ଏବଂ ଦୂରଦର୍ଶନରେ ପ୍ରଚାରିତ ହେଲା, ତା' ଆରଦିନ ଜୟନ୍ତୀ ଲକ୍ଷ୍ୟ କଲା ତା'ର ଦୁଇ କବି ବନ୍ଧୁଙ୍କ ମଧ୍ୟରେ ବିଭେଦର ଏକ ଐତିହାସିକ ପ୍ରାଚୀର ଠିଆ ହୋଇ ଯାଇଛି। ରଞ୍ଜନର ମୁହଁ ରାଗ ଓ ଅସନ୍ତୋଷରେ କଳା ଦେଖା ଯାଉଛି।

-ଆଲୋକ ଏକାଡେ଼ମୀ ପୁରସ୍କାର ପାଇବା ତ ଆମ ସମସ୍ତଙ୍କ ପାଇଁ ଆନନ୍ଦ ଆଉ ଗର୍ବର ବିଷୟ। ତମେ ମୁହଁ ଭାରି କରି ବସିଛ କାହିଁକି? ତା'ର ଶତ୍ରୁମାନେ ମଧ୍ୟ ଫୁଲତୋଡ଼ା ନେଇ ତାକୁ ଅଭିନନ୍ଦନ ଜଣାଇ ଆସିଲେଣି-ଅଥଚ ତମେ-

ଜୟନ୍ତୀର ମନ୍ତବ୍ୟ ଶୁଣି ରଞ୍ଜନର ପୁଞ୍ଜିଭୂତ ସନ୍ତୋଷ ହଠାତ୍ ବିସ୍ଫୋରିତ ହୋଇଗଲା।

ସେ ଏକ ପ୍ରକାର ଚିତ୍କାର କରି ଉଠିଲା-

-ତା' ବହି ପୁରସ୍କାର ପାଇଲା ବୋଲି ମୋର କୌଣସି କ୍ଷୋଭ ନାହିଁ, କିନ୍ତୁ ମୋ କବିତା ବହି "ବିବର୍ଣ୍ଣ ବସନ୍ତ"କୁ ପାଇନାଇ ରାଉଣ୍ଡରେ ମୋ କବିତାର ମୌଳିକତା ସମ୍ପର୍କରେ ସେ ଯେପରି ମିଥ୍ୟା ପ୍ରଚାର ଓ କୁତ୍ସା ରଟନା କରିଛି, ତା'ର ପ୍ରମାଣ ପାଇଲା ପରେ ତାକୁ ବନ୍ଧୁ ବୋଲି ଭାବିବାକୁ ଲଜ୍ଜା ଲାଗୁଛି। ସତ୍ୟତା ଓ ବନ୍ଧୁତ୍ୱ ଅପେକ୍ଷା ତୁଚ୍ଛ ଏକାଡେ଼ମୀ ପୁରସ୍କାର ଯାହା ପାଖରେ ବଡ଼ ମନେହୁଏ, ସେ ଆଉ ଯାହା କିଛି ହେଉ କି ନ ହେଉ ନିଶ୍ଚୟ ଜଣେ କବି ନୁହେଁ।

ଜୟନ୍ତୀ ସ୍ତବ୍ଧ ହୋଇ ଯାଇଥିଲା ଆଲୋକ ସମ୍ପର୍କରେ ରଞ୍ଜନର ଅଭିଯୋଗ ଶୁଣି।

ରଞ୍ଜନର "ବିବର୍ଣ୍ଣ ବସନ୍ତ"ର କବିତା ଗୁଡ଼ିକ ଯେ ମୌଳିକ ନୁହେଁ; ଏଗାର ବର୍ଷ ତଳେ ଅଧୁନା ଲୁପ୍ତ କୌଣସି ଏକ ହିନ୍ଦୀ ମାସିକ ପତ୍ରିକାରେ ପ୍ରକାଶିତ କବିତାରୁ ତାହା ଚୋରୀ କରାଯାଇଛି, ଏକଥା ପ୍ରମାଣ କରିବା ପାଇଁ ଆଲୋକ ଅନେକ ନିମ୍ନ ସ୍ତରକୁ ଓହ୍ଲାଇ ଯାଇଛି। ତା'ର ଚାରେଟି କବିତା ହିନ୍ଦିରେ ଅନୁବାଦ କରି ତାକୁ ଜାମସେଦପୁରର ଏକ ହିନ୍ଦି ପ୍ରେସ୍‌ରେ ଛାପି, ତା'ର ଜେରକ୍ସ କପି ସାହିତ୍ୟ ଏକାଡେ଼ମୀକୁ ପଠାଇଛି। ପ୍ରେରିତ କବିତା ଚାରୋଟି ଅନେକ ଦିନୁ ବନ୍ଦ ହୋଇ ଯାଇଥିବା, ସେହି ହିନ୍ଦୀ ମାସିକ ପତ୍ରିକାରେ ପ୍ରକୃତରେ ପ୍ରକାଶ ପାଇଥିଲା କି ନାହିଁ ତା'ର ସତ୍ୟତା ଆବିଷ୍କାର କରିବା ଯେହେତୁ ସହଜ ବ୍ୟାପାର ନୁହେଁ, ରଞ୍ଜନ ରାୟ କବିତ୍ୱର ସତୀତ୍ୱକୁ କଳଙ୍କିତ କରିବା ପାଇଁ ଆଲୋକ ଆଚାର୍ଯ୍ୟର ସେହି ଜାଲସାଜିର କାରୁକାର୍ଯ୍ୟ ଏକାଡେ଼ମୀ କର୍ତ୍ତୃପକ୍ଷଙ୍କ ଆଖିରେ ସନ୍ଦେହର ଅନ୍ଧମୁତୁବି

Digitized by srujanika@gmail.com

ପିନ୍ଧାଇ ଦେଇଛି। ଶେଷ ପର୍ଯ୍ୟାୟରେ ବାତିଲ ହୋଇ ଯାଇଛି 'ବିବର୍ଣ୍ଣ ବସନ୍ତ'ର ବିଚାର !

ରଞ୍ଜନ ଆଲୋକ ସମ୍ପର୍କରେ ମିଥ୍ୟା ଅଭିଯୋଗ କରୁଛି ବୋଲି ଜୟନ୍ତୀ ଯେପରି ବିଶ୍ୱାସ କରି ପାରୁ ନ ଥିଲା; ଆଲୋକ ନିଜେ ପୁରସ୍କାର ପାଇବା ଲାଗି ଏପରି ଅପକର୍ମ କରିପାରେ ବୋଲି ସେ ଭାବିପାରୁ ନ ଥିଲା ! କାରଣ ଜଣେ ଉପରକୁ ଉଠିବା ପାଇଁ ଚାହିଁଲେ ଅନ୍ୟଜଣକୁ ତଳକୁ ଦାବିବା ଯେ ଏକାନ୍ତ ଜରୁରୀ ଏ କଥା ଜୟନ୍ତୀକୁ ଜଣା ନ ଥିଲା।

ଅବଶ୍ୟ ଏ କଥା ସତ୍ୟ ଯେ ରଞ୍ଜନ ପାଖରେ ତାକୁ ଭଲ ପାଇବାର ଦ୍ୱନ୍ଦ୍ୱ ଯୁଦ୍ଧରେ ହରାଇଲା ପରେ କିଛି ଗୋଟାଏ ପାଇବା ପାଇଁ ଆଲୋକ ଭିତରେ ଏକ ପ୍ରଚଣ୍ଡ ବ୍ୟାକୁଳତା ସେ ଲକ୍ଷ୍ୟ କରିଥିଲା। କିନ୍ତୁ ଏକାଡ଼େମୀ ପୁରସ୍କାର ଭଳି ଏଇ ଅଳୀକ ପାର୍ଥିବ ପୁରସ୍କାର ପାଇଁ ସେ ଯେ ସେମାନଙ୍କର ସ୍ୱର୍ଗୀୟ ବନ୍ଧୁତ୍ୱକୁ ହରାଇବା ପାଇଁ ଏତେ ତଳକୁ ଓହ୍ଲାଇ ଯିବ ଏ କଥା ତଥାପି ତାକୁ ବିଶ୍ୱାସ କରିବା ପାଇଁ କଷ୍ଟ ଲାଗୁଥିଲା।

ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ଅତୁଟ ଥିଲା ଯେ ପର୍ଯ୍ୟନ୍ତ ତା'ର ଦୁଇ କବି ବନ୍ଧୁ ଦାରିଦ୍ର୍ୟର ସୀମାରେଖା ତଳେ ସମତଳ ମାଟି ଉପରେ ଠିଆ ହୋଇ ଊର୍ଦ୍ଧ୍ୱ ଆକାଶକୁ ଚାହିଁ ରହି ଥିଲେ। ଜଣେ ଚେଷ୍ଟା ଚରିତ୍ର କରି ଉପରକୁ ଉଠିଗଲା ପରେ ଦୁହିଁଙ୍କ ମଧ୍ୟରେ ବ୍ୟବଧାନର ଦୂରତ୍ୱ ବଢ଼ିଗଲା। ସେହି ମଧ୍ୟବର୍ତ୍ତୀ ଶୂନ୍ୟତା ମଧ୍ୟରେ ଅସହାୟା ଭାବରେ ଠିଆ ହୋଇ ରହିଥିଲା ଜୟନ୍ତୀ ବିଶ୍ୱାଳ, ଏକ ଭଗ୍ନ ପାଷାଣ ପ୍ରତିମା ଭଳି !

ଦିନେ ଆଲୋକ ଆଚାର୍ଯ୍ୟର କବିତା ତାକୁ ଦୁର୍ବୋଧ ମନେ ହୋଇଥିଲା, ଆଜି ରଞ୍ଜନ ରାୟର ଅଭିଯୋଗ, ବକ୍ତବ୍ୟ ମଧ୍ୟ ତା'ର ବୋଧଗମ୍ୟ ହେଉ ନ ଥିଲା !

Digitized by srujanika@gmail.com

ସତ୍ୟ ନ ହେଲେ ବି ଗଳ୍ପ ନୁହେଁ

ଏବେ ଆଶ୍ୱୀନ ଆସିଲେ ପବନରେ କାଶତଣ୍ଡୀ ଫୁଲର ବାସ୍ନା ଆସେ ନାହିଁ, ଆକାଶରେ ହାଲକା ମେଘର ଭେଳା ଭାସେ ନାହିଁ, ପୂଜା ସଂଖ୍ୟା ପତ୍ରପତ୍ରିକାରେ ଗଳ୍ପ ଲେଖାର ଚାପ ବଢ଼େ। ହାତ ଆଙ୍ଗୁଳିର ଫାଙ୍କ ଦେଇ ସମୟର ଗଙ୍ଗଶିଉଳି ଫୁଲ କୁଆଡ଼େ କେମିତି ଯେ ଝରି ଯାଏ, ବୁଝିହୁଏ ନାହିଁ। ଲେଖା ଟେବୁଲ୍‌ରୁ ଆଖି ଉଠାଇ ମୁଣ୍ଡ ଟେକିଲା ବେଳକୁ ପୂଜା ଉତ୍ସବର ବାଜଣା ଶୁଣାଯାଏ।

ହଠାତ୍ ଗାଁ' କଥା ମନେ ପଡ଼ିଯାଏ। ବାଲ୍ୟ କୈଶୋରର ସ୍ମୃତି, ଲେଖନ ବସା, ଖଣ୍ଡା ପୂଜା, ନାଚ ଥିଏଟର, ସାଙ୍ଗସାଥି- ଏସବୁ ଶୋଭାଯାତ୍ରା କରି ମନର ବିବର୍ଣ୍ଣ ରାଜପଥରେ ଚାଲି ଯାଆନ୍ତି। ସ୍ମରଣ ହୁଏ - ଗ୍ରାମକୁ ଯିବାକୁ ହେବ। ଆତ୍ମୀୟ ସ୍ୱଜନଙ୍କ ପାଇଁ ନୂଆ ଲୁଗା, ଘର ପାଇଁ ପୂଜା ଖର୍ଚ୍ଚ ଦେଇ ଆସିବାକୁ ପଡ଼ିବ।

ସେଥିପାଇଁ ପ୍ରତିବର୍ଷ ପୂଜା ପୂର୍ବରୁ ମୁଁ ଥରେ ଗ୍ରାମକୁ ଯାଏ। ଗତ ବର୍ଷ ବାପା ଚାଲି ଯାଇଥିଲେ, ଏବର୍ଷ ବୋଉ। ମୁଁ ଘରର ଅଭିଭାବକ। ଏଥର ତେଣୁ ଆଗରୁ ଗ୍ରାମକୁ ଯିବାପାଇଁ ମନ ସ୍ଥିର କରି ନେଇଥିଲି। ପୂଜା ସଂଖ୍ୟା ଲେଖା ବାକି ରଖି ଗ୍ରାମକୁ ଯିବା ଏଇ ମୋର ପ୍ରଥମ। ପୂଜା ବେଳେ ବସ୍‌ରେ ଭିଡ଼ ବଢ଼େ। ଭିଡ଼ରୁ ରକ୍ଷା ପାଇବା ପାଇଁ ଆଗରୁ ଯିବା ଥିଲା ମୋର ହିସାବୀ ପରିକଳ୍ପନା।

କଟକରୁ ଜଗତସିଂହପୁର ବସ୍‌ରେ ଉଠିଲା ବେଳେ ଭିଡ଼ ନଥିଲା। ଏବେ ରାସ୍ତା ମଝିରେ ଭିଡ଼। ଆମ ବେଳେ ଜଗତସିଂହପୁର ଅଞ୍ଚଳରେ କଲେଜ ନଥିଲା। କଲେଜରେ ପଢ଼ିବାପାଇଁ ଆମକୁ କଟକ ଆସିବାକୁ ପଡୁଥିଲା। ଏବେ କଟକ ଜଗତସିଂହପୁର ମଧ୍ୟରେ ତିନି ଚାରୋଟି କଲେଜ। ଏଇ ସବୁ କଲେଜ ଯାତ୍ରୀ ଛାତ୍ରଛାତ୍ରୀମାନେ ବସ୍‌ରେ ଭିଡ଼ କରନ୍ତି।

ମନେ ଅଛି, ହାଇସ୍କୁଲରେ ପଢ଼ିବାକୁ ଆମେ ସାଙ୍ଗ ସାଥି ହୋଇ ତିନିଚାରି ମାଇଲ ରାସ୍ତା ଗହୀର ବିଲ ମଧ୍ୟଦେଇ ପ୍ରତିଦିନ ଯିବା ଆସିବା କରୁଥିଲୁ। ଶୀତଦିନେ ସକାଳୁଆ ସ୍କୁଲକୁ ଗଲାବେଳେ କାକରରେ ଗୋଡ଼ ପାଦ କୋହୁ ମାରିଯାଏ ବୋଲି

Digitized by srujanika@gmail.com

ସପେଇ ପାଖରେ ଶୁଖିଲା ବିଆ ବୁଦାରେ ନିଆଁ ଲଗାଇ ଗୋଡ଼ ହାତ ସେକି ନେଇ ପୁଣି ସେଇ କୋଇଲିଖିଆ କଣ୍ଟାକଣ୍ଟକିତ ଅଣଓସାରିଆ ହିଡ଼ ରାସ୍ତାରେ ଏକ ପ୍ରକାର ଦଉଡ଼ି ଦଉଡ଼ି ସ୍କୁଲ ଯାଉଥିଲୁ। ଏବେ ଅବସ୍ଥା ବଦଳିଛି। ଅଧକିଲୋମିଟରେ ପିଚୁଢ଼ଳା ରାସ୍ତାରେ ମଧ କଲେଜ ଛାତ୍ରଛାତ୍ରୀମାନେ ଚାଲିକରି ଯିବା ପାଇଁ ପ୍ରସ୍ତୁତ ନୁହନ୍ତି। ସେଥିପାଇଁ ଷ୍ଟପେଜ୍ ନଥିଲେବି ସେମାନେ ରାସ୍ତା ଅବରୋଧ କରି ବସ୍ ଅଟକାନ୍ତି। କଣ୍ଡକ୍ଟର ବାରଣ ନମାନି ବସ୍ ଭିତରେ 'ଠେଁସା ଠେଁସି ହୋଇ ଭର୍ତ୍ତି ହୁଅନ୍ତି।

କନ୍ଦରପୁରଠାରେହିଁ ଭିଡ଼ ଆରମ୍ଭ ହୋଇଗଲା। ପୂର୍ଣ୍ଣଗର୍ଭା ବସ୍ ଭିତରେ ପାଦ ରଖିବାକୁ ଆଉ ସ୍ଥାନ ନମିଳିବାରୁ ଦୁଇଜଣ ଛାତ୍ରଛାତ୍ରୀ ଦ୍ୱାର ପାଖ ରେଲିଂ ଧରି ଗୋଟିଏ ପାଦ ବସ୍ ଦ୍ୱାର ମୁହଁ ଅନ୍ୟ ପାଦଟି ବାହାରକୁ ରଖି ଝୁଲି ଝୁଲି ଗଲାବେଳେ କଣ୍ଡକ୍ଟର ବାରଣ କରୁଥିଲା କିନ୍ତୁ ସେ ପୁଅ ଝିଅ ଦୁହିଁଙ୍କ ମିଳିତ ପ୍ରତିବାଦ ସ୍ୱର ଶୁଣାଗଲା-ଆମକୁ କଣ ଭାବିଛ? ଆମେ ଏବର୍ଷ ଇଲେକ୍ସନ୍‌ରେ ଭୋଟ ଦେବୁ। ଆମେ କଣ ଛୁଆ ହୋଇଛୁ ଯେ ଝୁଲି ଝୁଲି ଗଲେ ପଡ଼ିଯିବୁ?

କଣ୍ଡକ୍ଟର ବିଚରା ଚୁପ୍ ହୋଇ ଯାଇଥିଲା। ପାଠ ପଢୁଥିଲେବି ସେମାନେ ଆଉ ପିଲା ହୋଇ ନାହାନ୍ତି।ଭୋଟର ହୋଇ ଯାଇଛନ୍ତି - ଏକଥା କହିଲା ବେଳେ ସେମାନଙ୍କ ମୁହଁରେ ଏଭଳି ଏକ ଅହଂକାରର ଦୀପ୍ତି ଝଲସିତ ହୋଇ ଉଠୁଥିଲା ଯେ ଲକ୍ଷ୍ୟ କରି ମୁଁ ମଧ ଚମକି ଗଲି।

ଏମାନେ କେବଳ ବସ୍‌ର ଝୁଲନ୍ତ ଯାତ୍ରୀ ନୁହନ୍ତି; ଭବିଷ୍ୟତ ଭାରତବର୍ଷର ନେତା ଆଉ ନେତ୍ରୀ। ଗୋଟିଏ ହାତରେ ଖାତା ବହି, ଅନ୍ୟ ହାତରେ ଡୋର୍ ରେଲିଂ ଧରି ଧରି ଝୁଲି ଝୁଲି ଗଲାବେଳେ ସେ ପୁଅ ଝିଅ ଦୁହିଁଙ୍କ ମୁହଁରେ ଥିଲା କୌଣସି ଲୋକପ୍ରିୟ ହିନ୍ଦି ଫିଲ୍ମ ସଙ୍ଗୀତର ସ୍ୱର - ଲଲୁ-ଲଲୁ-ଲଲୁ-

ବିରିଡ଼ି ପାଖରେ ଯେଉଁ ଯାତ୍ରୀମାନେ ଉଠିଲେ ସେମାନେ ଛାତ୍ରଛାତ୍ରୀ ନୁହନ୍ତି; ସ୍ଥାନୀୟ ଲୋକ। ଅନେକ ମହିଳା ଓ ଜଣେ ସବୁଜ ସାଲୱାର୍ ପଞ୍ଜାବୀ ପିନ୍ଧିଥିବା କିଶୋରୀ ଏବଂ ଜଣେ ଅନ୍ଧ।

ଅନ୍ଧଜଣକ ଜଗନ୍ନାଥ ଜଣାଣ ବୋଲି ପଇସାପାଇଁ ହାତ ବଢ଼ାଇଲା ବେଳେ ମୋ ସାମ୍ନାରେ ଠିଆ ହୋଇ ଥିବା ମଧ-ବୟସ୍କା ମୋ କାନ୍ଧ ପାଖରେ ମଝି ରେଲିଂକୁ ଧରି ଠିଆ ହୋଇଥିବା ସବୁଜ ସାଲୱାର ପଞ୍ଜାବୀ ପିନ୍ଧିଥିବା କିଶୋରୀକୁ ଲକ୍ଷ୍ୟକରି ପଚାରିଲା-ହାସିନା! ଦଶ୍ ପଇସି ହାଏ।

ହାସିନା ସେଇ ଭିଡ଼ ଭିତରେ ପର୍ସ୍ ଖୋଲି ଗୋଟିଏ ଦଶ ପଇସି ନୁହେଁ; ପଚିଶ ପଇସି କାଢ଼ି ଅନ୍ଧ ଭିକାରୀକୁ ଦେଇଦେଲା। ସେମାନଙ୍କ ହିନ୍ଦି-ଉର୍ଦ୍ଦୁ ଓଡ଼ିଆ ମିଶା ଭାଷାରୁ ମୁଁ ବୁଝିପାରୁଥିଲି ସେମାନେ କୌଣସି ସ୍ଥାନୀୟ ମୁସଲମାନ ପରିବାରର କନ୍ୟା, ବଧୂ। ଅନ୍ୟ ହିନ୍ଦୁ ସହଯାତ୍ରୀମାନେ ଅନ୍ଧ ଭିକାରୀର ଜଗନ୍ନାଥ ଜଣାଣ

Digitized by srujanika@gmail.com

ଚୁପ୍‌ଚାପ ଉପଭୋଗ କରୁଥିବା ବେଳେ ଜଣେ ମୁସଲମାନ ମହିଳା ତାକୁ ପଚିଶି ପଇସା ଦେଉଥିବା ଦେଖି ଅନେକଙ୍କ ବିବେକକୁ ବୋଧହୁଏ ବିରୁଡ଼ି ଦଂଶନ କଲା। ତାପରେ ଆଉ ତିନି ଚାରି ଜଣ ପାଞ୍ଚ ପଇସି, ଦଶ ପଇସି ଭିକାରୀ ହାତକୁ ବଢ଼ାଇ ଦେଲେ।

ଠିକ୍ ଏହି ସମୟରେ କିଶୋରୀ ହାସିନା ମୋ ମୁହଁକୁ ବଲ ବଲ କରି କିଛି ସମୟ ଚାହିଁ ରହି ସେ ମଧ୍ୟ ବୟସ୍କା ମହିଳାଙ୍କ କାନ୍ଧ ହଲାଇ ଦେଇ କହିଲା-

ଦେଖ୍‌ଚିସ୍! ଓ ବାବୁ ଟି.ଭି,ମେ ଆୟେ ଥେ।

ଏ ଖୁନ୍ଦା ଖୁନ୍ଦି ବସ୍ ଭିତରେ, ଟି.ଭି. ଷ୍ଟାର?

ଆଗପଛ ଚାରିଆଡୁ ଅନେକ କୌତୁହଳୀ ଆଖି ହଠାତ୍ ଆସି ମୋ ଉପରେ ସ୍ଥିର ହୋଇଗଲା। ସେ ମୁସଲମାନ ମହିଳା ଥରେ ମୋ ଉପରେ ବିହଙ୍ଗଦୃଷ୍ଟି ଘୂରାଇ ନେଇ ସେ କିଶୋରୀକୁ ଧମକ ଦେଲା ଭଳି କହିଲା- ହାସିନା! ବକ୍ ବକ୍ ବନ୍ଦ କରୋ। ଓ ବାବୁ ଟି.ଭି.ମେ କବ୍ ଆୟେ ଥେ? ଝୁଟାବାତ୍।

ଯେଉଁମାନେ ବସ୍ ଭିତରେ ଜଣେ ଟି.ଭି. ଷ୍ଟାରକୁ ଦେଖିବା ଲୋଭରେ ଛଟପଟ ହେଉଥିଲେ ସେମାନଙ୍କ ମୁହଁରେ ନୈରାଶ୍ୟର ଛାୟାପାତ ହେଲା।

ହାସିନା କିନ୍ତୁ ସହଜରେ ପରାଜୟ ସ୍ୱୀକାର କଲା ଭଳି ଝିଅ ନଥିଲା।

ସେ ସିଧା ମୋ ମୁହଁକୁ ଚାହିଁ ମୋତେ ପଚାରିଲା-

-ଆପ୍ ବୋଲିୟେ, ଟି.ଭି.ମେ ଆପ୍ ଆୟେ ଥେ ଔର୍ ନେହିଁ?

ମୁଁ ବଡ଼ ବିପଦରେ ପଡ଼ିଗଲି। ମୋର ମନେହେଲା ମୁଁ ଯଦି କହିଦିଏ ଯେ ଦୂରଦର୍ଶନରେ ଛୋଟ ପରଦାରେ ବାହାରିଲାଭଳି ସାମାନ୍ୟ ବ୍ୟକ୍ତି ମୁଁ ନୁହେଁ; ତାହା ହେଲେ ସେ କିଶୋରୀ ଝିଅଟି ବସ୍‌ଭର୍ତ୍ତି ଲୋକଙ୍କ ପାଖରେ ଅପଦସ୍ଥ ହୋଇଯିବ। ହୁଏତ ମିଥ୍ୟାବାଦିନୀର ଅପରାଧରେ କାନ୍ଦି ପକାଇବ। ମୋ ମନରେ ମାୟା ହେଲା। ମୁଁ ତାକୁ ଉତ୍ସାହିତ କରିବା ପାଇଁ କହିଲି - ହଁ-ହଁ ଟି.ଭି.ରେ ମୁଁ ମୁଙ୍ଗେରିଲାଲ୍ ରୋଲ୍ କରିଥିଲି।

ଗୋଟାଏ ପ୍ରବଳ ହସର ଝଡ଼ ବହିଗଲା ବସ୍ ଭିତରେ। ଭୁରୁଙ୍ଗାମୁହାଁ କଣ୍ଡକ୍ଟର ମଧ୍ୟ ହସି ପକାଇଲା। କିନ୍ତୁ ହାସିନାର ମୁହଁ ସେତେବେଳେ ରାଗ ଓ ଅପମାନରେ ଲାଲ ପଡ଼ି ଆସୁଥିଲା। ଅପମାନରେ ସେ ବସ୍ ରେଲିଂ ଦେହରେ ମୁଣ୍ଡ ପିଟି ଦେବ କିମ୍ବା ରାଗରେ ମୋ ତଣ୍ଟି ଚିପି ଧରିବ - ଏମିତି ଥିଲା ତାର ମୁହଁର ଥମଥମ ଭାବ।

ଦୁଃଖ ଓ ଅପରାଧବୋଧରେ ମୁଁ ମଧ୍ୟ ସେତେବେଳକୁ ଗୋଟି ସୁଦ୍ଧା ଜଳୁଥିଲି। କଣ ଦରକାର ଥିଲା ଲୋକଙ୍କୁ ହସାଇବାପାଇଁ ସେ ଅପରିଚିତା କିଶୋରୀକୁ ମୋର ଲଜ୍ଜାରେ ପକାଇବା। ନିଜକୁ ମୁଙ୍ଗେରିଲାଲ ଭୂମିକାରେ ଠିଆ କରାଇ ତାକୁ ଅପଦସ୍ଥ

Digitized by srujanika@gmail.com

କରିବା ! କଥାଟାତ କହି ସାରିଛି, ବର୍ତ୍ତମାନ ଆଉ କଣ କରାଯାଇ ପାରେ ?

ମୁଁ ତାକୁ ସାନ୍ତ୍ୱନା ଦେବାପାଇଁ କହିଲି -

- ତମେ ଭୁଲ ଦେଖିଛ । ଆଜି କାଲି ଟି.ଭି.ରେ ଯାବତୀୟ ଲୋକ ବାହାରୁଛନ୍ତି । ମୁଁ କେବେ କୌଣସି ରୋଲ କରି ନାହିଁ । ମୁଁ ନେତା ନୁହେଁ କି ଅଭିନେତା ନୁହେଁ । ମୁଁ କଣ ଜଣେ ନେତା କି ଅଭିନେତା ଭଳି ଦେଖା ଯାଉଛି ?

ଆଗ ଷ୍ଟପେଜରେ ସାମ୍ନା ଲେଡ଼ିଜ୍ ସିଟ୍ ଖାଲି ହୋଇଗଲା । ସେ ମଧ୍ୟ-ବୟସ୍କା ମହିଳା ସେ ଝିଅଟିର ହାତ ଧରି ଟାଣିଲେ - ଆୟ, ବୈଠ୍ ଯା -

ହାସିନା କିନ୍ତୁ ରେଂଲିକୁ ଧରି ସେମିତି ଠିଆହୋଇ ରହିଲା । ମୁଁ ବୁଝି ପାରିଲି, ତାର ରାଗ କମିନାହିଁ । ସିଟ୍‌ରେ ବସିଗଲେ କାଳେ ଲୋକେ ଭାବିବେ ଯେ ସେ ଯାହା କହୁଥିଲା ତା ଠିକ୍ ନୁହେଁ ବୋଲି ସେ ନିଜେ ସ୍ୱୀକାର କରି ଯାଉଛି; ଏଇ ଭଳି ଏକ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ସେ ନିଜକୁ ଶାସ୍ତି ଦେବାପାଇଁ ଆଗ ଭଳି ଠିଆ ହୋଇ ରହିଲା ।

ଆଜିକାଲି କିଶୋର କିଶୋରୀମାନଙ୍କର ମନସ୍ତତ୍ତ୍ୱ ବୁଝିବା କଷ୍ଟ । ସେମାନଙ୍କ ଭାବନାର କୌଣସି ସରଳ ପରିଭାଷା ନାହିଁ । ସେମାନେ ସହଜରେ ପରାଜୟ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି । ଗୁରୁଜନମାନଙ୍କ ଉପଦେଶ ପ୍ରତି ସେମାନଙ୍କର ଚରମ ଅନାସ୍ଥା ! ବୟସ ତୁଳନାରେ ସେମାନେ ଅଧିକ ବୟସ୍କ !

ମୁଁ ଆଉ ଘଟଣାକୁ ବଢ଼ିବାକୁ ନଦେଇ ସେଦିନର ସଦ୍ୟକିଣା ଖବର କାଗଜ ଉପରେ ଆଖି ବୁଲାଇବାକୁ ଲାଗିଲି । ବସ୍‌ରେ କେତେଲୋକ ଚଢ଼ିଲେ କେତେ ଲୋକ ଓହ୍ଲାଇଗଲେ ମୋର ଆଉ ତେଣକି ଧ୍ୟାନ ନଥିଲା ।

ମୋର ଗାନ୍ଧିଛକ ପାଖରେ ଓହ୍ଲାଇ ଯିବା କଥା । ବାଟ ପ୍ରାୟ ସରି ଆସୁଥିଲା । ଖୁବ୍ ବେଶୀ ହେଲେ ଆଉ ଦୁଇ ତିନିଟା ଷ୍ଟପେଜ୍ । ତାପରେ ସିଧା ରିକ୍ସା ଧରି ଗାଁ ରାସ୍ତା ।

ମୋ ପାଖ ସିଟ୍‌ରେ ବସିଥିବା ଅପରିଚିତ ସହ-ଯାତ୍ରୀ ଜଣକ ଡ଼ାହାଣ ପାଖ ଧାନ କିଆରୀକୁ ଦେଖାଇ କହିଲେ - ଦେଖୁଛନ୍ତି ! ଏବର୍ଷ ଫସଲର କଅଣ ଅବସ୍ଥା ?

ମୁଁ ଅନ୍ୟମନସ୍କ ଭାବରେ ଉତ୍ତର ଦେଲି - ଗଛତ ଭଲ ବଢ଼ିଛି । ଖରାପ କଣ ?

- ଗଛ ବଢ଼ିଲେ କଣ ହେବ, ଲଗାତାର୍ ବର୍ଷା ଯୋଗୁଁ ଆଜହୁଁ ପୋକ ଲାଗି ଗଲେଣି । ଏସବୁ କିଆରୀରେ ୟୁରିଆ ସାର ଛିଞ୍ଚା ହୋଇଛି । ତାପରେ ପୁଣି ପୋକମରା ଔଷଧ ସ୍ପ୍ରେ କରିବାକୁ ହେବ । ଘୋଡ଼ା ଛ ଟଙ୍କାକୁ ଦାନା ନ ଟଙ୍କା । ପୋକମରା ଔଷଧରେ ପୁଣି ଆଜିକାଲି ସବୁ ପୋକ ମରୁ ନାହାନ୍ତି । କଳିଯୁଗ ଶେଷ ହୋଇ ଆସୁଛି ବୋଲି ଜାଣନ୍ତୁ । ଔଷଧର ମାରିବା ଶକ୍ତି ଅପେକ୍ଷା

Digitized by srujanika@gmail.com

ପୋକମାନଙ୍କର ଜୀଇଁବା ଶକ୍ତି ବେଶୀ। ଚାଷୀ ଏବେ କରେ କଣ ?

ଶେଷ ବାକ୍ୟ ସ୍ୱଗତୋକ୍ତି କଲା ଭଳି କହି ସେ ଉଦାସ ଦୃଷ୍ଟିରେ ପୋକ ଲଗା ଧାନ କିଆରୀ ଆଡ଼କୁ ଚାହିଁ ରହିଲେ।

ମୋ ଠାରୁ ହୁଏତ ତାଙ୍କ ଚାହାଣୀ ଥିଲା ଅଲଗା। ମୁଁ କେବଳ ଆଖି ପାଇବା ଯାଏ ଦେଖୁଥିଲି ପବନରେ ଦୋହଲୁ ଥିବା ଧାନ କିଆରୀର ଢେଉ ଢେଉକା ସବୁଜିମା। ସେଇ ସବୁଜ ଗଛରୁ କେଉଁଠୁ ପୋକମାନେ ରସ ଶୋଷି ନେଉଛନ୍ତି; ତାହା ବୁଝିବାର ଅଭିଜ୍ଞତା ମୋ ଆଖିରେ ନଥିଲା।

ଗାଁ ସହିତ ମୋର ଏକ ପ୍ରକାର ନାଡ଼ିର ସଂପର୍କ ଛିଡ଼ି ଯାଇଛି। ମୋ ପିଲାଦିନେ ରାସାୟନିକ ସାରଛିଞ୍ଚା ହେଉ ନଥିଲା କି ପୋକମରା ଔଷଧ ସ୍ପ୍ରେ ହେଉ ନଥିଲା।

ଅଶିଣ ମାସରେ ନଈ ନାଳ ପୋଖରୀରୁ ମାଛ ଉଠି ଆସି ବିଲରେ ଜାଆଁଳ ଦେଉଥିଲେ। ଗାଁର ଅଧେ ଲୋକ ବିଲର ପାଣି ମାହାରା ପାଖରେ ଅନ୍ଧୁଲି ବସାଇ ମାଛ ଧରୁଥିଲେ। ଧାନ କଟାବେଳେ ଦୁହାଁଳିମାନେ ପାଟ, ସପେଇରୁ ପାଣି ବୋହି ମାଛ ଧରି ଆଣୁଥିଲେ। ମାଛ ସବୁ ଶୁଖୁଆ ହେଉଥିଲା। ସେ ପିତାଶୁଖୁଆ ଥିଲା ଗରିବ ଲୋକଙ୍କ ଆଉ ଚାରିମାସର ତରକାରୀ ! ଆଜିକାଲି ଏ ସବୁ ଦୁର୍ଲ୍ଲଭ। ପୋକମରା ଔଷଧ ଯୋଗୁଁ ଧାନ ଗଛରୁ ପୋକ ମରନ୍ତୁ କି ନ ମରନ୍ତୁ, ମାଛ ଆଉ ବିଲରେ ରହି ପାରୁ ନାହାନ୍ତି। ଅନ୍ଧୁଲି ଉଠି ଗଲାଣି, ବିଲର ମାଛ ସ୍ୱପ୍ନ।

ତରିକୁନ୍ଦ ଷ୍ଟପେଜ୍‌ରେ ବସ୍ ଅଟକିଲା।

ସେଠାରୁ ଯେଉଁ କେତେଜଣ ନୂତନ ଯାତ୍ରୀ ବସ୍‌ରେ ଉଠିଲେ ସେମାନଙ୍କ ମଧ୍ୟରୁ ଜଣେ ମୋ ନାମ ଧରି ଡାକିଲା--

-ଆରେ ଅପୂର୍ବ; ତମେ କୁଆଡେ ? ଆମେତ ଆଜି କାଲି କେବଳ ତମକୁ ଟି.ଭି.ରେ ଦେଖୁଛୁ !

ଟି.ଭି. !

ବାସୁ ମୁହଁରୁ ଟି.ଭି. କଥା ଶୁଣି ମୁଁ ଚମକି ଉଠିଲି।

ସେ ଥିଲା ଜଗତସିଂହପୁର ହାଇସ୍କୁଲରେ ମୋର ସହପାଠୀ। ମାଟ୍ରିକ୍ ପରେ ପଢା ଛାଡ଼ି ଦେଇ କଣ ବ୍ୟବସାୟ କରୁଥିଲା, ପ୍ରାୟ କୋଡ଼ିଏ ବର୍ଷପରେ ଦେଖା। ମୁଁ ପ୍ରଥମେ ଚିହ୍ନି ପାରି ନଥିଲି। ସେ 'ମତେ ନିଜ ପରିଚୟ ଦେଇ କହିଲା - ଟି.ଭି. ରେ ତମର ଇଣ୍ଟରଭ୍ୟୁ ହେଉଥିଲା। ମୁଁ ମୋର ସ୍ତ୍ରୀକୁ କହିଲି, ଶୁଣ ଏ ମୋର ସାଙ୍ଗ ଥିଲା - ଏକା କ୍ଲାସ୍‌ରେ ପଢୁଥିଲୁ। ଆଉ ମୋ ସ୍ତ୍ରୀ ମୁହଁ ମୋଡ଼ି ଦେଇ କ'ଣ କହିଲା ଜାଣ ? କହିଲା -"ଗୁଳି ମାରିବାକୁ ଆଉ ଲୋକ ମିଳିଲେ ନାହିଁ ?" ତମେ ଭାଇ କେତେ ବଡ଼ ଲେଖକ - ଆମେ ଯେ ଦିନେ

Digitized by srujanika@gmail.com

ତମ ସାଙ୍ଗ ଥିଲୁ - ସେ କଥା ଆମ ନିଜ ସ୍ତ୍ରୀ ମଧ୍ୟ ବିଶ୍ୱାସ କରିବାକୁ ରାଜି ନୁହେଁ - ଏହାକୁହିଁ କୁହାଯାଏ ଭାଗ୍ୟ।

ବାସୁ ହସି ପକାଇଲା।

ତାପରେ ପକେଟରୁ ଗୋଟିଏ ରୁପାର ପାନଡ଼ବା କାଢ଼ି ମୋ ଆଡ଼କୁ ବଢ଼ାଇ ଦେଇ କହିଲା- ନିଅ; କେତକୀ ଖଇର ଆଉ ରତ୍ନାକର୍ଦ୍ଧା ପାନ--

ସେତେବେଳକୁ ହାସିନା ମୁହଁରେ ହସ ଫୁଟି ଉଠୁଥିଲା।

ସେ ସେହି ମଧ୍ୟବୟସ୍କା ଭଦ୍ର ମହିଳାକୁ ହଲାଇ ଦେଇ କହିଲା- ଶୁଣୁଛିସ୍ ?

ଅନେକ ଦିନ ତଳେ ମୋର ଏକ ସକ୍ଷାତ୍କାର ଦୂରଦର୍ଶନରେ ପ୍ରସାରିତ ହୋଇଥିଲା। ପରେ ହୁଏତ ପୁନଃ ପ୍ରସାରିତ ହୋଇଛି। ସେ କଥା ମୁଁ ନିଜେ ଭୁଲି ଯାଇଥିଲି। ବାସୁର କଥା ଓ ହାସିନାର ହସ ଦେଖି ସେ ସାକ୍ଷାତ୍କାର କଥା ମୋର ସ୍ମରଣ ହୋଇଗଲା।

ସେତେବେଳକୁ ଆଉ ଅନେକ କୌତୂହଳୀ ଆଖି ମୋ ଉପରକୁ ଘୂରି ଆସୁଛି। ଦୂରଦର୍ଶନର ଦୟାରୁ ମୋ ଭଳି ସାମାନ୍ୟ ଲେଖକ ମଧ୍ୟ ହାସିନା ଆଉ ବାସୁଭଳି ଲୋକଙ୍କ ଆଖିରେ ତାରକା ଚିହ୍ନିତ ହୋଇ ଯାଇଛି।

ଏକ ଅଜ୍ଞାତ ସଂକୋଚ ଆଉ ଅପ୍ରତିଭଭାବ ଧୀରେ ଧୀରେ ମତେ ଗ୍ରାସ କରି ଯାଉଥିଲା। ଏ କଥାଟା ସେ ଝିଅଟି ମତେ ପ୍ରଶ୍ନ କଲାବେଳେ ମୋର ମନେ ପଡ଼ିଗଲା ନାହିଁ କାହିଁକି ?

ଜଣେ ଲେଖକ ସବୁବେଳେ ପାଠକର ଦୃଷ୍ଟିର ଅନ୍ତରାଳରେ ରହିବାକୁ ଚାହେଁ। ଏ ପରିକି କେହି ନିକଟ ଆତ୍ମୀୟ ତାର ଲେଖା ପଢୁଛନ୍ତି ବୋଲି ଜାଣିଲେ ସେ ଖୁବ୍ ଅସ୍ୱସ୍ତିବୋଧ କରେ। ଟି.ଭି. ଷ୍ଟୁଡ଼ିଓର କ୍ୟାମେରା ସାମ୍ନାରେ ଜଣଙ୍କର ପ୍ରଶ୍ନର ଉତ୍ତର ଦେଲା ବେଳେ ଯେ ଅଗଣିତ ଲୋକଙ୍କ ଆଖି ତାକୁ ଦେଖୁଛନ୍ତି; ଏକଥା ସେ ଭୁଲିଯାଏ। ପାଠକ କିମ୍ବା ଦର୍ଶକର ସାମ୍ନା-ସାମ୍ନି ହୋଇଗଲେ ପାପ କରି ଧରାପଡ଼ିଗଲା ଭଳି ମୁଁ ସବୁବେଳେ ନିଜକୁ ଅପରାଧୀ ଅପରାଧୀ ମନେକରେ।

ଗାନ୍ଧି ଛକରେ ଓହ୍ଲାଇ ରିକ୍ସା ଧରିବା ପର୍ଯ୍ୟନ୍ତ ହାସିନାର ଦୃଷ୍ଟିର କାଠଅଡ଼ାରେ ଠିଆ ହୋଇଥିବା ଭଳି ମୁଁ ଅନୁଭବ କରୁଥିଲି ଆଉ ତା ମୁହଁକୁ ଚାହିଁ ପାରି ନଥିଲି।

Digitized by srujanika@gmail.com

ଦୁଇ ସଙ୍ଗାତ

ଗୋଟିଏ ସ୍କୁଲରେ ଗୋଟିଏ ଶ୍ରେଣୀରେ ଏକାଠି ପାଠ ପଢୁଥିବା ବେଳେ ସେଇ ଦୁଇ ସଙ୍ଗାତଙ୍କ ମଧ୍ୟରେ ଦିନକୁ ଯେତେଥର ଦେଖା ହେଉ ନଥିଲା, ସ୍କୁଲ ଛାଡ଼ି ନିଜନିଜ ଧନ୍ଦାରେ ଲାଗି ଗଲାପରେ ଶିବ ଆଉ ଶଙ୍କର ଭିତରେ ସେତେ ଅଧିକ ଦେଖା ସାକ୍ଷାତ ହେବାକୁ ଲାଗିଲା।

ସାଇକେଲରେ ଶିବ ଆଲୁମିନିୟମ କେନ୍‌ରେ ଦୁଧ ନେଇ ଗ୍ରାହକ ବାବୁଙ୍କ ଘରେ ଦେବାକୁ ଗଲାବେଳେ ପ୍ରାୟ ରାସ୍ତାରେ ସଙ୍ଗାତ ଶଙ୍କର ସହିତ ଦେଖା ହେଉଥିଲା।

ସେ ହାଟପାଖ ଚା' ଦୋକାନରେ ବସି ଆଡ୍ଡା ମାରୁଥିବ ନହେଲେ ତାର ଆଉ ତିନି ଚାରିଜଣ ଅଧା ପାଠୁଆ ବନ୍ଧୁଙ୍କ ସାଙ୍ଗରେ ବସି ତାସ୍ ଖେଳୁଥିବ।

ତାକୁ ଦେଖିବା ମାତ୍ରେ ଡ଼ାକ ପକାଇବ-

-ଆରେ ସଙ୍ଗାତ! ଆମକୁ ହାପ୍ କିଲୋ ଦେଇ ଯାଆ। ଦୁଧ ବଦଳରେ ଆମକୁ ନଟଭାଇ ଆଠକପ୍ ଚା' ଦେଇଦେବ। କଣ କହୁଚୁ ନଟିଆ'ଇ? ଚା' ଦୋକାନୀ ନଟ ସ୍ବାଇଁ ହଁ ଭରିଦିଏ। ଶିବ ବେହେରା ଦୁଧ ଖାଣ୍ଟି। ଅଧକିଲୋ ଖାଣ୍ଟିକ୍ଷୀର ବଦଳରେ ଶଙ୍କର ଆଉ ତାର ସାଙ୍ଗମାନଙ୍କୁ ଆଠ କପ୍ କାହିଁକି ବାରକପ୍ ସେସିଆଲ୍ ଚା' ସେ ଦେଇପାରେ।

ଶିବୁ ଅଡ଼ୁଳରେ ପଡ଼ିଯାଏ। ସଙ୍ଗାତକୁ ସେ ମୁଣ୍ଡ ହଲାଇ ମନା କରେ। କହେ--

-ଏସବୁ ନାଗୁଆ ଗରାଖଙ୍କ ପାଇଁ ନେଉଛି। ମାପିକରି ଆଣିଛି। ତମକୁ ହାପ୍ କିଲୋ ଦେଇଗଲେ ସେମାନଙ୍କୁ କ୍ଷୀର ଆଣି ଦେବି କେଉଁଠୁ?

ଶିବୁର କଥା ଶୁଣି ଶଙ୍କରର ସାଙ୍ଗମାନେ ଫେଁ ଫେଁ ହସି ଉଠନ୍ତି। ଶିବୁ ତାର ବିଡ଼ିଟଣା କଳା ଓଠ ନଚାଇ ମନ୍ତବ୍ୟ କରେ--

-ଆରେ, ଆମକୁ ହାପ୍ କିଲୋ ଦୁଧ ଦେଲେ ତୋର ଗରାଖଙ୍କ ପାଇଁ କମିଯିବ କାହିଁକି? କେନାଲ୍‌ରେ ଏତେ ପାଣି, ହାପ୍ କିଲୋ ଦୁଧ ବଦଳରେ ଏକ କିଲୋ ପାଣି ମିଶାଇ ଦେଲେ ଗ୍ରାହକେଶ୍ବରଙ୍କ ପିତୃଦେବମାନେ ମଧ୍ୟ ଜାଣି

Digitized by srujanika@gmail.com

ପାରିବେ ନାହିଁ। ତୋର ଆଉ ହାପ୍ କିଲୋ ବଳକା ରହିଯିବ।

ନଟସ୍ୱାଇଁ ଶିବକୁ ଉତ୍ସାହିତ କରିକହେ- ବାବୁ ତତେ ମାଗଣାରେ ଅଧ କିଲୋ କ୍ଷୀର ବଦଳରେ ଗୋଟାଏ କିଲୋ ଲାଭ କରିବାର ବୁଦ୍ଧି ବତେଇ ସାରିଲେଣି। ଏଥର ଓହ୍ଲା ସାଇକେଲରୁ-

ଶିବୁ କିନ୍ତୁ ସାଇକେଲରୁ ଓହ୍ଲାଏ ନାହିଁ। ପାଣି ନମିଶାଇ ଥିଲେ ବି ବାବୁଆଣୀମାନେ କ୍ଷୀର ନେଲାବେଳେ ପାଣି ମିଶାଉଥିବାର ଅପରାଧରେ ଗାଳି ବର୍ଷଣ କରନ୍ତି। ପାଣି ମିଶାଇଥିବା ଯୋଗୁଁ ଦୁଧରେ ସର ପଡୁ ନାହିଁ-ଲହୁଣୀ କମିଯାଉଛି ବୋଲି ଅଭିଯୋଗ କରନ୍ତି। ଦୁଧନେବା ବନ୍ଦ କରି ଦେବା ପାଇଁ ଧମକ ଦିଅନ୍ତି। ଆଉ ସତକୁ ସତ ସେ ଚାରି କିଲୋ ଦୁଧରେ ଯଦି ଗୋଟାଏ କିଲୋ ନାଳ ପାଣି ମିଶାଇ ଦିଏ, ଆଉ ତାର ଗରାଖ ରହିବେ ?

ଏଇତ ତାର ବ୍ୟବସାୟ ! ଜୀବିକା !

ଅବଶ୍ୟ ଏକଥା ତାକୁ ଜଣାଅଛି, ' ସବୁଗଉଡ଼ କ୍ଷୀରରେ ଉଣା ଅଧିକେ ପାଣି ମିଶାନ୍ତି ବୋଲି ସବୁ ଗ୍ରାହକମାନଙ୍କର ବଦ୍ଧମୂଳ ଧାରଣା। ସେଦିନ ତ ମହାନ୍ତିବାବୁ ତାକୁ ମୁହେଁ ମୁହେଁ କହିଲେ-ଜାଣୁଛୁ ଶିବୁ! ମାଛ ନଥାଇ ପୋଖରୀ ଥାଇପାରେ, କିନ୍ତୁ କ୍ଷୀରରେ ପାଣି ନ ମିଶାଉଥିବା ଗଉଡ଼ ଏ ଖଣ୍ଡ ମଣ୍ଡଳରେ ନାହାନ୍ତି। ତୁ ଯେତେ ଗୋରୁମୁଣ୍ଡ ଛୁଇଁ କହିଲେ ବି ମୁଁ ମାନିବି ନାହିଁ। ଯଗୁଆ ଗଉଡ଼ କ୍ଷୀର ଖାଇ ଖାଇ ବାଳ ପାଚିଗଲା। ଆମର ଯେତେବେଳେ ଘରେ ଗାଈଥିଲା; ତାର ଦୁଧ ପିଇଲା ବେଳେ ନିଶ ଦୁଧ ସରରେ ଘିଅରେ ଚିକ୍କଣ ହୋଇ ଯାଉଥିଲା- ସାବୁନରେ ମୁହଁ ନ ଧୋଇଲେ ଓଠରୁ ଚିକ୍କଣ ଛାଡୁନଥିଲା। ଆଉ ତୋ କ୍ଷୀର ! ଛ୍ୟା-ଛ୍ୟା କେବଳ ଅଭ୍ୟାସ ମେଣ୍ଟାଇବା ପାଇଁ ରାତିରେ ଶୋଇଲା ବେଳେ କ୍ଷୀରପାନ ନାମରେ ଜଳପାନ କରିବା କଥା !

ଶିବୁ ସବୁ ଶୁଣେ। କିଛି ପ୍ରତିବାଦ କରେ ନାହିଁ। ସେ ନିଜ ପାଖରେ ନିଜେ ସତ୍ ହୋଇ ରହିଲେ ହେଲା। ଯେତେ ନିନ୍ଦା କଲେବି ତାର ଜଣେ ନାଗୁଆ ଗରାଖ ତାକୁ ଛାଡ଼ି ଆନ୍ୟଠାରୁ କ୍ଷୀର ନିଅନ୍ତି ନାହିଁ। ଏଇ କଣ ତାର ସତ୍ୟତାର ପରିଚୟ ପତ୍ର ନୁହେଁ।

ସେ ହାଟ ପାଖ କେନାଲ ପୋଲ ପାଖରୁ ବଜାର ଆଡ଼କୁ ଲମ୍ବି ଯାଇଥିବା ନାଲି ସଡ଼କ ଉପରେ ତାର ସାଇକେଲ ଗଡ଼ାଇ ନିଏ।

ହରିପୁର ହାଟ ପାଳି ଦିନକୁ ଛାଡ଼ି ଦେଲେ ନଟ ସ୍ୱାଇଁର ଚା' ଦୋକାନ ଏକ ପ୍ରକାର ଫାଙ୍କା ପଡ଼ିଥାଏ। ରାସ୍ତାରେ ଯାଆ ଆସ କରୁଥିବା ଜାଁ ଭାଁ ଯାତ୍ରୀଙ୍କ ବ୍ୟତୀତ ଏ ବାବୁ ସାହିର ପିଲାମାନେ ଯାହା ତା ଦୋକାନରେ ଭିଡ କରନ୍ତି। ଦୋକାନ ସାମ୍ନାରେ ପଡ଼ିଥିବା ଦଉଡ଼ିଆ ଖଟ ଉପରେ ତାସ୍ ଖେଳର ଆସର ଜମି ଉଠେ। ମଝିରେ ମଝିରେ ଚା' ବିସ୍କୁଟର ବରାଦ ଆସେ। କିନ୍ତୁ

Digitized by srujanika@gmail.com

ସବୁ କପର ପଇସା ମିଳେ ନାହିଁ। ବାବୁମାନେ ତାଙ୍କୁ ଚାନ୍ଦା ଖାତାରେ ଲେଖାଇ ଦେଇ ଉଠି ଯାଆନ୍ତି।

ସେଦିନ ବିସ୍କୁଟ ପଇସା ମଧ୍ୟ ନଦେଇ ଶଙ୍କରାନନ୍ଦ ଉଠି ଯାଉଥିଲା। ନଟ ଦାମ୍ ମାଗିବା ମାତ୍ରେ ଉତ୍ତର ଆସିଲା-ଆଉ ମାସ ଗୋଟାଏ ସମ୍ଭାଳି ଯାଆ ନଟ! ଆର ମାସରେ ମୋର ଭାଟି ଖୋଲୁଚି। ପାଏ ଜମି ବିକି ଦେଶୀ ମଦର ଲାଇସେନ୍ସ ନେଲି। ଆରମାସରେ ମାଲ୍ ବିକ୍ରି ଆରମ୍ଭ ହେବ। ଅବକାରୀ ମନ୍ତ୍ରୀ ଉଦ୍‌ଘାଟନ କରିବେ-ତାପରେ ବାକି ପଇସା କଡ଼ାଗଣ୍ଡା ହିସାବ କରି ଶୁଝିଦେବି-

ନଟ ସ୍ୱାଇଁର ଆଖି ଡ଼ୋଳା ତାଳୁ ଉପରକୁ ଟାଣି ହୋଇଯାଏ। ସେ ବିସ୍ମୟରେ ପ୍ରଶ୍ନ କରେ-ଶେଷକୁ ମଦ ଭାଟି ଖୋଲିଲ ବାବୁ! ସରକାର ଏଠାରେ ଭାଟି ଖୋଲିବାକୁ ଲାଇସେନସ୍ ଦେଲା ?

ଶଙ୍କରାନନ୍ଦ ତାର ବିସ୍ମୟର କାରଣ ବୁଝି ନ ପାରି ପଚାରିଲା-ଏଥିରେ ସରକାରର ଦୋଷ କଣ ହେଲା? ଏମିତି ଚମକି ପଡୁଛୁ କାହିଁକି? ହରିପୁର ଲୋକେ ଖାଲି ତୋ ଦୋକାନ ଚା ଆଉ ସଙ୍ଗାତ ଘର ଖାଣ୍ଟି ଦୁଧ ପିଉ ଥାଆନ୍ତେ; ଦେଶୀ ମାଲ୍ ଚାଖନ୍ତେ ନାହିଁ? ସବୁ ବିଜିନେସ୍ ଭିତରେ ରାଜା ବିଜିନେସ୍ ହେଲା ମଦ। ମଦହିଁ ଦେଶରେ ରାଜତ୍ୱ କରେ- ଦେଖ ମୁଁ ମଧ-

-ହରିପୁରର ରାଜା ହୋଇଯିବେ ବାବୁ ଶଙ୍କରାନନ୍ଦ। ହିପ୍ ହିପ୍ ହୁରରେ-

ଟା ପାଟିରୁ କଥା ଛଡ଼େଇ ନେଇ ଶଙ୍କରାର ସାଙ୍ଗମାନେ ସ୍ଲୋଗାନ୍ ଦେବା ଆରମ୍ଭ କରିଦେଲେ।

ସତକୁ ସତ ତା ଆର ମାସରେ ଶଙ୍କରାନନ୍ଦର ମଦଭାଟି ଉଦ୍‌ଘାଟିତ ହୋଇଗଲା। ହାଟପାଳି ଦିନ ନଟ ସ୍ୱାଇଁର ଚା ଦୋକାନ ଅପେକ୍ଷା ଶଙ୍କରର ମଦ ଭାଟିରେ ବେଶୀ ଗହଳି ଚହଳି ଆରମ୍ଭ ହୋଇ ଗଲା। ଖୁବ୍ ଜମି ଉଠିଲା ଶଙ୍କରର ରାଜା ବ୍ୟବସାୟ! ଶିବୁ ତାର ସାଇକେଲ ପେଲି ଗରାଖମାନଙ୍କୁ କ୍ଷୀର ଦେବାକୁ ଗଲାବେଳେ ନିତି ସଙ୍ଗାତ ସହିତ ଦେଖାହୁଏ। ଭାଟି ସାମ୍ନାରେ ଅଫିସ୍‌ରେ ବସି ଟଙ୍କା ଗଣିବାରେ ବ୍ୟସ୍ତ ଥାଏ ଶଙ୍କର। ଆଖି ଉଠାଇ ସଙ୍ଗାତକୁ ଚାହିଁବା ପାଇଁ ତାର ବେଳ ନଥାଏ। ତାର ଗ୍ରାହକମାନେ ଆଗ ଟଙ୍କା ଦେଇ ପଛରେ ମାଲ୍ ପିଅନ୍ତି। ଶିବ ସାଇଯାକ ଆଗତୁରା କ୍ଷୀର ଦେଇ ମଧ ପଇସା ପାଇବାକୁ ବାବୁମାନଙ୍କ ପଛରେ ଗୋଡ଼ାଇ ଥାଏ... ତଥାପି ପୂରାଟଙ୍କା ପାଏ ନାହିଁ। ବାକି ଗଡ଼ି ବଢ଼ି ବଢ଼ି ଚାଲିଥାଏ।

ଶଙ୍କରର ଭାଟି ଖୋଲିବାର ଚାରିମାସ ମଧରେ ଶିବ ବେହେରାର କ୍ଷୀର ବ୍ୟବସାୟ ଏକ ଗୁରୁତର ସଙ୍କଟରେ ସମ୍ମୁଖୀନ ହେଲା। ମହାନ୍ତି ବାବୁଙ୍କ ସ୍ତ୍ରୀ ପ୍ରଥମେ ତାଙ୍କୁ କ୍ଷୀର ବନ୍ଦ କରି ଦେବାକୁ ନୋଟିସ ଦେଲେ।

ସେ ପଚାରିଥିଲା-କାହିଁ କି ମାଆ! ମୁଁ ତ ଦୁଧରେ ଟୋପାଏ ହେଲେ

Digitized by srujanika@gmail.com

ପାଣି ମିଶାଉ ନାହିଁ। ଠାକୁରାଣୀଙ୍କ ରାଣ ଖାଇ କହୁଛି-।

ମିସେସ୍ ମହାନ୍ତି ମନ୍ତବ୍ୟ କରିଥିଲେ - ନା,ନା, ସେଥିପାଇଁ ନୁହେଁ, ବାବୁ ରାତିରେ ଆଉ କ୍ଷୀର ପିଉ ନାହାନ୍ତି। ସଞ୍ଜ ବେଳକୁ ବାହାରି ଯାଉଛନ୍ତି ନୂଆ ଭାଟିକୁ, ଫେରିଲା ବେଳକୁ ନିଶାରେ ଢଳ ଢଳ। କ୍ଷୀର ଦେଲେ ଫୋପାଡ଼ି ଦେଉଛନ୍ତି। ତେ ଖାଣ୍ଟି କ୍ଷୀର ରଖିବି କାହା ପାଇଁ?

ମିସେସ୍ ମହାନ୍ତିଙ୍କ ପରେ ଶାମବାବୁ, ଯଦୁ ବାବୁ, ମାନ ବାବୁ-ସମସ୍ତେ କ୍ଷୀର ନେବାପାଇଁ ଜଣଙ୍କ ପରେ ଜଣେ ବାରଣ କରି ଦେଲେ। ମିସେସ୍ ମହାନ୍ତିଙ୍କ ଭଳି ସେମାନେ କ୍ଷୀର ବନ୍ଦ କରିବାର କାରଣ ମୁହଁ ଖୋଲି ନ କହି ଥିଲେ ବି ସେ କଥା ବୁଝିବାରେ ତାର କିଛି ଅସୁବିଧା ହୋଇ ନଥିଲା।

ସେମାନେ ସମସ୍ତେ ସଙ୍ଗାତର ଭାଟି ଆଡ଼କୁ ମୁହାଁଉ ଥିବା ମାଧେ ହେବ ଲକ୍ଷ୍ୟ କରିଥିଲା ଶିବ। କ୍ଷୀର ବନ୍ଦ କରିଦେଲା ପରେ ସେମାନଙ୍କ ଠାରୁ ବାକି ଟଙ୍କା ଆଦାୟ କରିବା ମଧ୍ୟ ସମ୍ଭବ ନଥିଲା।

ସେ ଦିନ ମନ ଦୁଃଖରେ ବଜାରରୁ ଫେରି ସେ ନଟର ଚା' ଦୋକାନ ଆଗରେ ସାଇକେଲ ଡ଼େରି ଦେଲା।

ଚା' ଦୋକାନରେ ଭିଡ଼ ନଥିଲା।

ନଟ ତାକୁ ସାଇକେଲରୁ ଓହ୍ଲାଇବା ଦେଖି ପଚାରିଲା-ଚା' ଦେବି? ଚାଲୁ ଚା' ନା ସେସାଲ ଚା'!

ଆଲୁମିନିୟମ କ୍ୟାନ୍‌ରେ କ୍ଷୀର ଭର୍ତ୍ତି ହୋଇଥିଲା। ସମସ୍ତେ ଫେରାଇ ଦେଇ ଥିଲେ। ଏତେ କ୍ଷୀର ଫେରସ୍ତ ନେଇ କଣ କରିବ ସେଇ ଚିନ୍ତାରେ ଶିବୁର ମୁହଁ ମେଘାକ୍ରାନ୍ତ ଦେଖା ଯାଉଥିଲା।

ସେ ଖୁବ୍ ନିମ୍ନ କଣ୍ଠରେ ଉତ୍ତର ଦେଲା-

- ନା, ଭାଇ, ଚା' ଖାଇବାକୁ ଆସି ନାହିଁ। କ୍ଷୀର ବିକ୍ରି ନହୋଇ ଫେରସ୍ତ ଆସିଛି। ଖାଣ୍ଟି କ୍ଷୀର। ଦୁଇ କିଲୋ ବଳିଛି। ରଖିବ?

ଚା' ବିକିବା ନୁହେଁ, କ୍ଷୀର କିଣିବା କଥା ଶୁଣି ନଟ ସ୍ୱାଇଁ ଢୋକ ଗିଳିଲା।

କହିଲା-ଦେଖୁଛୁ ତ ଦୋକାନରେ କାଉ ଉଡ଼ୁଛି। କାରବାର ନାହିଁ। ଦୁଇ କିଲୋ ଖାଣ୍ଟି କ୍ଷୀର ନେଇ କଣ କ୍ଷୀର ପାଏସ୍ କରିବି? ଆଉ ଏତେ ଦାମ୍ ଦେଇ ଖାଣ୍ଟି କ୍ଷୀର କିଣି ଚା' ତିଆରି କଲେ ଲାଭ ରହିବ? ଆମର ଏ ଶସ୍ତା ଗୁଣ୍ଡ ଦୁଧ ଭଲ। ଗମରା ଦୁଧ ଗୁଣ୍ଡର ଚା' ବାସ୍ନା ହୁଏ ବୋଲି ଅଦାରସ ନହେଲେ ଅଲେଇଚ ଦାନା ଚା'ରେ ଶିଝାଇ ଦିଏ। ଗରାଖ ଈଶ୍ୱରମାନେ ଅମୃତ ଭଳି ପିଇ ଯାଆନ୍ତି। ଖାଣ୍ଟି କ୍ଷୀରର ଚା' ପାଇଁ ହରିପୁର ହାଟରେ ଗରାଖ କାହାନ୍ତି?

ଚାରିଆଡ଼େ ଶସ୍ତା ଜିନିଷର କାଟତି, ଭେଜାଲ ମଦ, ଗମରା ଦୁଧ ଗୁଣ୍ଡ

Digitized by srujanika@gmail.com

ଟା'ର ଜୟ ଜୟ କାର! କିଏ ବୁଝୁଛି ଖାଣ୍ଟି କ୍ଷୀରର ମହାତ୍ମ୍ୟ!

ସେଦିନ ସଂଜବେଳେ ଘରକୁ ଫେରି ଶିବୁ ଦେଖିଲା ବଉଳା, କାଳୀ, ମଇନା ଆଉ ସେମାନଙ୍କ କଅଁଳକିଆ ଛୁଆ ବାଛୁରୀ ତା ଆଡ଼କୁ ସତୃଷ୍ଣ ଦୃଷ୍ଟିରେ ଅନେଇ ରହିଛି। ଗାଈ ବାଛୁରୀମାନଙ୍କୁ ସେ ନିଜ ହାତରେ ଦାନା ଖୁଆଏ। ଘାସ କାଟି ଆଣିଦିଏ। ପେଜ, ତୋରାଣୀ, ବତୁରା ବୋଡି ମୁହାଁଇଁ ଦିଏ। କିନ୍ତୁ ଏଇ କେଇଦିନ ହେଲା ଦାନା କିଣିବାକୁ ଟଙ୍କା ନାହିଁ। ଛଣ, କୁଟା ସରି ଯାଇଛି। ବାରିରେ ଘାସ ନାହିଁ। ଏତେ ଗୁଡ଼ାଏ ଗାଈ ବାଛୁରୀଙ୍କୁ ସେ ଖାଇବାକୁ ଦେବ କଣ? ସେଥିରେ ପୁଣି ଗେହ୍ଲେଇ ଗାଈ, ଫଳ ଯାଇଛି। ଆଉ ମାସ କେତେଟା ପରେ ଛୁଆଦେବ। ତାକୁ ଭଲକରି ଖାଇବାକୁ ଦେବାକୁ ପଡ଼ିବ। ଦାନା ନ ଖାଇଲେ ପହ୍ନାରେ କ୍ଷୀର ଆସିବ କୁଆଡୁ?

ଗୁହାଳ ସଫା କରି ତାର ସ୍ତ୍ରୀ ପଦୀ ତାକୁ ଥକ୍କାମାରି ଠିଆ ହୋଇଥିବା ଦେଖି ସେ କହିଲା - ଏତେ ଭାବୁଛ କଣ? କ୍ଷୀରର ଗରାଖତ କମି ଗଲେ। ଚାରି ଚାରିଟା ଗାଈ ଗୁହାଳରେ ବାନ୍ଧି ଲାଭ କଣ? ମୁ କହୁଛି-ଦୁଇଟା ଗାଈ ବାଛୁରୀ ଛଡ଼ାଇ ଦିଅ! ଗୋମାତାଙ୍କୁ ଉପାସ ରଖିବା ପାପ-

ସ୍ତ୍ରୀର କଥା ଶୁଣି ତଥାପି ସେମିତି ପଥର ଖଣ୍ଡ ଭଳି ଠିଆ ହୋଇ ରହିଲା ଶିବ ବେହେରା। ଗାଈ ବିକ୍ରି କରିଦେବା କଥା ଯେ ସେ ଆଗରୁ ନ ଭାବିଛି, ସେକଥା ନୁହେଁ। କିନ୍ତୁ କାହାକୁ ବିକିବ, କାହାକୁ ରଖିବ ସେଇ ହେଉଛି ତାର ସମସ୍ୟା।

କାଳୀ, ଗେହ୍ଲେଇ, ବଉଳା, ମଇନା-ସମସ୍ତଙ୍କୁ ସେ ପ୍ରାଣଭରି ଭଲପାଏ। ଭୋକରେ ହମ୍ବା ରଡ଼ି ପକାଇଲେ ତା ଛାତିରୁ ଅତଡ଼ା ଖସିପଡ଼େ। ହାତରେ ଘାସ କି ନଡ଼ା ଖୁଆଉଥିବା ବେଳେ ସେମାନଙ୍କ ଆଖିର ପରିତୃପ୍ତିର ଭାବ ଦେଖିଲେ ତାର ପେଟପୂରି ଯାଏ। ସେମାନଙ୍କୁ ଚରେଇ ବୁଲେଇ ଖୁଆଇବ ବୋଲି ଅଷ୍ଟମ ଶ୍ରେଣୀରୁ ସେ ପାଠ ଛାଡ଼ି ଦେଇଥିଲା। ଆଜି ଅଭାବରେ ପଡ଼ି ସେମାନଙ୍କୁ ବିକ୍ରି କରିଦେବ?

ନା, କଦାପି ନୁହେଁ।

ଖାଣ୍ଟି କ୍ଷୀରର ଚାହିଦା କେବେହେଲେ କମେ ନାହିଁ। ଆଜି ଯଦୁବାବୁ, ଶ୍ୟାମବାବୁ, ମାନୁବାବୁ, ମହାନ୍ତିବାବୁ ମଦଭାଟି ଆଡ଼େ ମୁହାଁଇଛନ୍ତି ବୋଲି ଅମୃତ ସେମାନଙ୍କୁ ପିତା ଲାଗୁଛି, କାଲି ହୁଏତ ଗୋପାଳ, ମଧୁ, ହରି ବାବୁ ନିଜର ସାନପୁଅ, ଝିଅ ରୋଗୀଣା ସ୍ତ୍ରୀ କି ମାଆ ପାଇଁ କ୍ଷୀର ଖୋଜି ଆସିବେ। ଗାଈ ବିକି ଦେଇଥିଲେ ସେମାନଙ୍କୁ ଦେବା ପାଇଁ ସେ କ୍ଷୀର ପାଇବ କେଉଁଠୁ?

ଗାଈ ବିକ୍ରି କରି ନଦେବାର ଅନେକ କାଳ୍ପନିକ ଯୁକ୍ତି ମନରେ ଠୁଳ କରି ଶିବୁ ଛାତିକୁ ଦମ୍ଭକରେ। ନିଜର ଖାଇବା ପାଇଁ ଧାନ, ଚାଉଳ ଯାହା ରଖିଥିଲା,

Digitized by srujanika@gmail.com

ତାକୁ ଗାଈ ବାଛୁରୀଙ୍କୁ ଖୁଆଇ ଦିଏ।

ରାତିରେ ତାକୁ ତାର ସ୍ତ୍ରୀ ପଦ୍ମୀ କହେ-ଦେଖ, ଆଜି କାଲି ଗାଈଙ୍କ ଦାନା, ନଡ଼ା କୁଟାର ଯାହା ଦାମ୍ ହେଲାଣି; ସେଥିରେ ସବୁକ୍ଷୀର ବିକ୍ରି ହୋଇ ଯାଉଥିବା ବେଳେ ମଧ୍ୟ ହାତରେ ଗୋଟିଏ ପଇସା ରହୁ ନଥିଲା। ଆଉ ଆଜିତ କ୍ଷୀରର ଗରାଖ ବି ଗଲେ। ନିଜ ମୁହଁର ଦାନା ସେମାନଙ୍କ ମୁହଁରେ ଦେଲେ ଆଉ ପନ୍ଦର ଦିନପରେ ଆମେ କଣ ଖାଇ ବଞ୍ଚିବା? ମୋର ଛୋଟ କଥା ମାନ-ଏ ଗାଈ ବାଛୁରୀଙ୍କୁ ଛଡ଼ାଇ ଦେଇ ସେଇ ଟଙ୍କାରେ ଆଉ କିଛି ବ୍ୟବସାୟରେ ହାତ ଦିଅ। ଛୁଆମାନେ ବଡ଼ ହେଉଛନ୍ତି ସେମାନଙ୍କ ଖାଇବା, ପିନ୍ଧିବା, ପଢ଼ା ଖର୍ଚ୍ଚ-!

କର ନେଉଟାଇ ଶିବ ନିଜ ସ୍ତ୍ରୀକୁ ପଚାରିଲା-କି ବେବସା କଥା କହୁଛୁ?

-ସେ କଥା ମତେ କି ଜଣା! ତମ ସଙ୍ଗାତ ଏମିତି ଦୋକାନ ଖୋଲିଛନ୍ତି ସେ ଗରାଖ ଉପରେ ପଡ଼ି ସେଠାକୁ ଛୁଟିଛନ୍ତି। ଟଙ୍କା ଗଣିବାକୁ ତାଙ୍କୁ କୁଆଡ଼େ ବେଳ ମିଳୁ ନାହିଁ। ଆଉ ତମେ ଏ କ୍ଷୀର କେନ୍ ଧରି ଖରା ବର୍ଷାରେ ଘରଘର ବୁଲି ବାକିରେ କି ବ୍ୟବସାୟ କରୁଛ?

ସ୍ତ୍ରୀର କଥା ପୁଣି ଶିବୁର ଓଠରେ ଚୁଲିରେ ଉତୁରି ପଡୁଥିବା କ୍ଷୀର ଭଳି ଅନ୍ଧକାରରେ ଟିକିଏ ହସ ଉଛୁଳି ପଡ଼ିଲା। ହରିପୁର ବଜାରର କ୍ଷୀରପିଆ ବାବୁମାନେ ସଙ୍ଗାତ ଭାଟିରୁ ମଦ ପିଇ ମାତାଲ ହେଉଛନ୍ତି। ପଦ୍ମୀ ନ ପିଇ ବି ନିଶାଗ୍ରସ୍ତ ଭଳି ମନେ ହେଉଛି। ବିନା ଖଟଣିରେ ବେଶୀମୁନାଫା କମାଇବାର ନିଶା ତା ମନକୁ ଗ୍ରାସ କରି ଯାଇଛି।

ସେ ସ୍ତ୍ରୀ କଥାରେ କାନ ନ ଦେଇ ତା ଆଡ଼କୁ ପିଠି କରି ଶୋଇଗଲା।

ମାଟ୍ରିକ୍ ଫେଲ୍ ଶଙ୍କରନନ୍ଦ ପାଏ ଜମି ବିକି ହରିପୁର ହାଟ ପାଖରେ ମଦଭାଟି ଖୋଲି ଥିଲା। ମାସ କେତେଟା ମଧ୍ୟରେ ମୁନାଫା ପଇସାରେ ସେ କେବଳ ପାଏ ଜମି ଜାଗାରେ ଦୁଇମାଣ ଅସଲ ଜମି କିଣିନାହିଁ। ତା ସହିତ ଛପର ଚାଳ ଘରକୁ ମଧ୍ୟ ପକ୍କା ଘରରେ ପରିଣତ କରି ସାରିଥିଲା।

ସଂଜ ହେଲେ ହରିପୁରର ହାଟୁଆ ବାଟୁଆ, ବାବୁ ଭାୟା ମାନେ ଜଣକ ପରେ ଜଣେ ଗଡ଼ି ଆସନ୍ତି। ଭାଟି ପଛରେ ସେ ଯେଉଁ ଲମ୍ବା ଚାଳିଆ ତିଆରି କରି ଦେଇଛି, ସେଠାରେ ଲୁଚି ଛପି ବସି ମଦ୍ୟପାନ କରନ୍ତି।

ସାମ୍ନାରେ ଗୋଟିଏ ଟାଇଲି ଛପର ଘରେ ବସି ସେ ଟଙ୍କା ରଖେ। ଗଣିବାକୁ ସମୟ ହୁଏ ନାହିଁ।

ସେଦିନ ମଧ୍ୟ ସେ ଗରାଖଙ୍କ ଠାରୁ ଟଙ୍କା ରଖୁଥିବା ବେଳେ ଦେଖିଲା ସଙ୍ଗାତ ଆଉ ତାର ସ୍ତ୍ରୀ ଗାଈ ବାଛୁରୀ ଧରି ତା ଭାଟି ଆଡ଼କୁ ଆସୁଛନ୍ତି।

କେନାଲ କୂଳ ମଶାଣିକୁ ସଙ୍ଗାତ ଦିନେ ଏନେ ଗାଈ ଚରାଇବାକୁ ନିଏ;

Digitized by srujanika@gmail.com

କିନ୍ତୁ କେବେ ସେମାନଙ୍କ ପଘା ଧରି ଭାଟି ଆଡ଼େ ଆସେ ନାହିଁ। ହଠାତ୍ ସାରା ପରିବାରକୁ ଧରି ତା ଆଡ଼କୁ ମୁହାଁଇଛି କାହିଁକି ?

- କଥା କଣ ? ହଠାତ୍ ଯାଡ଼େ କୁଆଡ଼େ ସଙ୍ଗାତ ?

ଶଙ୍କରର କଥା ଶୁଣି ଲୁହ ଛଳ ଛଳ ଆଖିରେ ଶିବୁ କହିଲା, ମୁଁ ଆଉ ଏମାନଙ୍କୁ ସମ୍ଭାଳି ପାରୁ ନାହିଁ ସଙ୍ଗାତ ! ସେମାନଙ୍କ ମୁହଁକୁ ଦାନା କି କୁଣ୍ଡା ପେଟ ଦେଇପାରୁ ନାହିଁ। ତୁ ଏମାନଙ୍କୁ ରଖ୍-ଯାହା ଜରସମନ ହେବ ବୋଲି ଭାବୁଛୁ ଦେ-ତୋର ତ ଅନେକ ଟଙ୍କା-

ଶିବୁର କଥା ଶୁଣି ଚମକି ଗଲା ଶଙ୍କର। ମାଳି କି ଛେଳି ଆତୁଆ। ତାର ଗାଈ କଣ ହେବ ? ତାର ମଦଭାଟି କଣ ଗୁହାଳ ହୋଇଛି ?

ସେ ମନା କରି ଦେବାକୁ ଯାଉଛି; ହଠାତ୍ ମଦର ଗନ୍ଧରେ ନିଶାଗ୍ରସ୍ତ ମାତାଲ ଭଳି ବଉଳା ଆଉ କାଳି ଗାଈ ଦୁଇଟା ଶିବୁ ହାତରୁ ପଘା ଛଡ଼ାଇ ମଦ ଭାଟି ଆଡ଼କୁ ଶିଙ୍ଗ ଉଞ୍ଚାଇ ଦୌଡ଼ିବାକୁ ଲାଗିଲେ। ପଛେ ପଛେ ମଇନା, ଗେହ୍ଲେଇ ଆଉ ଅନ୍ୟ ବାଛୁରୀମାନେ।

ଚାରିଆଡ଼େ ହୋ ହଲ୍ଲା ପଡ଼ିଗଲା। ମଦ ମାଠିଆ ସବୁ ଭାଙ୍ଗି ତୁଟି ଯିବା ମାତ୍ରେ ମଦର ବାସ୍ନା ଯେମିତି ଚାରିଆଡ଼େ ଯେତେ ଉଡ଼ି ହୋଇ ଗଲା, ଶିବୁର ଗାଈ ବାଛୁରୀମାନେ ସେତିକି ଯୋରରେ କୁଦାକୁଦି ଆରମ୍ଭ କରି ଦେଲେ। ଚାଳ ଘରେ ବସି ମଦ୍ୟପାନ କରୁଥିବା ବାବୁମାନେ ଅତର୍ଛିଆ ହୋଇ ଏଣେ ତେଣେ ଦୌଡ଼ିବାକୁ ଲାଗିଲେ।

ଟଙ୍କା ବାକ୍ସ ଥିବା ଟେବୁଲଟା ଗଡି ପଡ଼ିବା ଫଳରେ କାଗଜ ନୋଟ୍ ପବନରେ ଏଣେ ତେଣେ ଉଡିବାକୁ ଲାଗିଲେ।

ପବନରେ ଦୂରରୁ ଦୂରକୁ ଉଡ଼ି ଯାଉଥିବା କାଗଜ ନୋଟ୍ ଧରିବା ପାଇଁ ତା ପଛେ ପଛେ ଏଣେ ତେଣେ ପାଗଳଙ୍କ ଭଳି ଦଉଡୁ ଥାଏ ଶଙ୍କର। ତା ପାଟିରୁ କେବଳ ଗୋଟିଏ ଶବ୍ଦ ଶୁଣା ଯାଉଥାଏ--

-ସଙ୍ଗାତ !ମୋ ଟଙ୍କା-ମୋ ଟଙ୍କା-

ଟଙ୍କା ପବନରେ ଉଡୁଛି। ମଦର ବାସ୍ନା ବି ଭାସୁଛି ପବନରେ। ମଦୁଆ ବାବୁମାନେ ମାରଣା ଗାଈ ଡ଼ରରେ ଜୀବନ ବିକଳରେ ପଡ଼ିଆ ସାରା ଦଉଡ଼ା ଦଉଡ଼ି କରୁଛନ୍ତି। ପଛେ ପଛେ କାଳି, ଗେହ୍ଲେଇ, ମଇନା, ବଉଳା ଓ ସେମାନଙ୍କ ବାଛୁରୀମାନେ।

କେବଳ ତଟସ୍ଥ କିଂକର୍ତ୍ତବ୍ୟ ବିମୂଢ ହୋଇ ଠିଆ ହୋଇ ରହି ଥିଲେ ଶିବୁ ଏବଂ ତାର ସ୍ତ୍ରୀ ପଦୀ; ଝଡ଼ ଭିତରେ ଦୁଇଟି ନିଷ୍ଫଳ ବତୀ ଖୁଣ୍ଟ ଭଳି !!

Digitized by srujanika@gmail.com

ବିପନ୍ନ ବିବେକର ବର୍ଣ୍ଣମାଳା

ଖବରକାଗଜ, ଟେଲିଭିଜନ, ରେଡ଼ିଓ - ଖୋଲିଦେଲା ମାତ୍ରେ ମୃତ୍ୟୁ ସମ୍ବାଦ। ଆତଙ୍କବାଦୀଙ୍କ ଆକ୍ରମଣ। ଟ୍ରେନ୍ ଦୁର୍ଘଟଣା, ବସ୍ ଆକ୍ସିଡେଣ୍ଟ। ଯୁଦ୍ଧ। ଚାରିଆଡ଼େ ମୃତ୍ୟୁ, ମୃତ୍ୟୁ। ଶୋକର ତାଣ୍ଡବ ନୃତ୍ୟ। ଏଇ ସବୁ ଦେଖି ଶୁଣି ପ୍ରଭାକରର ସ୍ନାୟୁମଣ୍ଡଳ ଡାବଦା ହୋଇ ଯାଇଛି। ଯେମିତି ଭିଜା ବାରୁଦ! ସେଥିପାଇଁ ବଟମାଷ୍ଟ୍ରଙ୍କ ମୃତ୍ୟୁ ସମ୍ବାଦ ଶୁଣି ପ୍ରଭାକରର ମନ ଭିତରେ କୌଣସି ଗଭୀର ଶୋକାନୁଭୂତି ହେଲା ନାହିଁ।

ତାଙ୍କର ବୟସ ମଧ୍ୟ ହୋଇ ଯାଇଥିଲା। କିଛି ଦିନ ହେଲା ଅସୁସ୍ଥ ଥିଲେ। ସେ ଜାଣି ଯାଇଥିଲେ ଯେ, ଆଉ ବେଶି ଦିନ ନୁହେଁ। ସମୟ ହୋଇଗଲା।

ତାକୁ ଦେଖି ସେଦିନ ତାଙ୍କର ରୋଗ - ପାଣ୍ଡୁର ମୁହଁରେ ତଥାପି ଏକ ହସର ଆଲୋଡ଼ନ ଖେଳି ଯାଇଥିଲା।

ତାଙ୍କ ପାଦ ଛୁଇଁ ପ୍ରଣାମ କଲାବେଳେ ସେ ତା ମୁଣ୍ଡକୁ ଆଉଁସି ଦେ ପଚାରିଥିଲେ - କେମିତି ଅଛ ପ୍ରଭାକର ? ଭଲ ? ଛବି ଅଙ୍କା ଚାଲିଛି ?

ଲଜାରେ ମୁଣ୍ଡ ତଳକୁ କରି ପ୍ରଭାକର ଉତ୍ତର ଦେଇଥିଲା - ହଁ ସାର୍! ଛବି ଅଙ୍କା ତ ଆଜିକାଲି ଆଉ ମୋର ନିଶା ହୋଇ ନାହିଁ - ପେଶା ହୋଇ ଯାଇଛି। ଛବି ନ ଆଙ୍କିଲେ ପେଟ ଅପୋଷା ରହିବ -

ବଟମାଷ୍ଟ୍ରେ କ୍ଷୀଣ କଣ୍ଠରେ କହିଥିଲେ -

- ପେଟ ପୋଷିବା ପାଇଁ ଅନେକ ଲୋକଙ୍କୁ କିଛି ସାଧନା କରିବାକୁ ହୁଏ। ତମ ଭଳି କ୍ୱଚିତ୍ ମଣିଷକୁ - ଈଶ୍ୱର ରୂପ ସୃଷ୍ଟି ମଧ୍ୟରେ ବଞ୍ଚି ରହିବାର ପାଥେୟ ଯୋଗାଇ ଦିଅନ୍ତି - ଖୁବ୍ ଉନ୍ନତି କର ବାବା! ଶିଳ୍ପୀ - ପ୍ରତିଭାକୁ ଅବହେଳା କର ନାହିଁ -

ମାଷ୍ଟ୍ରଙ୍କ ପ୍ରଶଂସାରେ ସେ ଅପ୍ରତିଭ ହୋଇ ପଡ଼ିଥିଲା। ପ୍ରସଙ୍ଗ ପରିବର୍ତ୍ତନ କରିବା ପାଇଁ ପଚାରିଥିଲା -

- କେମିତି ଅଛନ୍ତି ସାର୍!

ବଟମାଷ୍ଟ୍ରେ ମୃଦୁ ହସି, ଊର୍ଦ୍ଧ୍ୱ ଆକାଶକୁ ଚାହିଁ ଉତ୍ତର ଦେଇଥିଲେ - ସ୍ଥୂଳ

Digitized by srujanika@gmail.com

ଛୁଟି ଘଣ୍ଟା ଧ୍ୱନି ଶୁଣି ପାରୁଛି। ଏଥର ଘରକୁ ଫେରି ଯିବାକୁ ହେବ। ଘରକୁ ଫେରିବାର ଆନନ୍ଦରେ ଏ ରୋଗ, ଦୁଃଖ ଯନ୍ତ୍ରଣା ଆଉ କିଛି ବାଧୁ ନାହିଁ -

କଥା କହିଲା ବେଳେ ମାଷ୍ଟ୍ରଙ୍କ ମୁହଁରେ ଏକ ଅଲୌକିକ ଆନନ୍ଦର ଜ୍ୟୋତି ଫୁଟି ଦିଶୁଥିଲା, ଯେଉ ଦ୍ୟୁତିର ଔଜଲ୍ୟକୁ ଉପମା, ଉପମେୟ ଦେଇ ଅନ୍ୟକୁ ବୁଝାଇ ହୁଏନା। ମାଷ୍ଟ୍ରେ କେମିତି ଅଲଗା ଦେଖା ଯାଉଥିଲେ ସେ ମୁହୂର୍ତ୍ତରେ। ଚିହ୍ନି ହେଉ ନ ଥିଲେ, ଘରକୁ ଫେରିବାର ବ୍ୟାକୁଳତା ତାଙ୍କ ମୁହଁର ଛବିକୁ ଅଦଳ ବଦଳ କରି ଦେଇଥିଲା। ଏକ ଶାନ୍ତ, ସମାହିତ ଭାବ; ଦିବ୍ୟ ଦୃଷ୍ଟି ତାଙ୍କର ସାରା ମୁହଁକୁ ଏକ ସ୍ୱର୍ଗୀୟ ଦୀପ୍ତିରେ ଉଦ୍ଭାସିତ କରି ଦେଇଥିଲା।

ଏ ଧୂଳିମାଟିର ପୃଥିବୀ ସହିତ ଯେପରି ସକଳ ସମ୍ପର୍କ ଛିନ୍ନ କରି ସାରିଛନ୍ତି; ଅପେକ୍ଷା କରିଛନ୍ତି ସ୍ୱର୍ଗରୁ ଓହ୍ଲାଇ ଆସିବ ଏକ ପୁଷ୍ପକ ରଥ, ସେଇ ରଥ ଆରୋହଣ କରି ସେ ଊର୍ଦ୍ଧ୍ୱ ଗଗନର ସୁନୀଳ ଶୂନ୍ୟତା ମଧ୍ୟରେ ଅଦୃଶ୍ୟ ହୋଇଯିବେ - ଏମିତି ଥିଲା ତାଙ୍କର ମୁହଁର ଭଙ୍ଗୀ।

ପ୍ରଭାକର ତାଙ୍କୁ ଅଚିହ୍ନା ଆଖିରେ ଅନେଇ କହିଥିଲା - ସାର୍! ମୁଁ ଆପଣଙ୍କର ଗୋଟାଏ ପ୍ରୋଟ୍ରେଟ୍ ଆଙ୍କିବାକୁ ଚାହେଁ। କୁହନ୍ତୁ - କେବେ ଆସିବି -

ବଟମାଷ୍ଟ୍ରେ ତା କଥା ଶୁଣି ଅନ୍ୟ ଜଗତରୁ ଫେରି ଆସିଥିଲେ ଏଇ ରୋଗ ଜୀର୍ଣ୍ଣ ମଳିନ ପୃଥିବୀକୁ।

- ପ୍ରୋଟ୍ରେଟ୍!

ନାସାଗ୍ରରେ ଝାଳ ବିନ୍ଦୁ ଭଳି ହସର ତରଳ ବିନ୍ଦୁଟିଏ ତାଙ୍କ ଓଠକୁ ଓଦା କରି ଦେଇଥିଲା।

- ଥାଉ। ଆଉ କିଛି ସୁନ୍ଦର, ଆଉ କିଛି ସ୍ମରଣୀୟ ଛବି ଅଙ୍କାରେ ଶକ୍ତି ଖର୍ଚ୍ଚ କର। ଈଶ୍ୱରଙ୍କ ପୃଥିବୀରେ ଏ ବୁଢ଼ା ଛଡ଼ା ଆହୁରି ଅନେକ ସୁନ୍ଦର ଛବି ଅଛି -

ତା'ପରେ କଥା ଅଧା ରଖି ସେ ତା ମୁହଁକୁ ଚାହିଁଥିଲେ। ମୁହଁର ରେଖାରୁ ମନର ଭାଷା ପଢ଼ି ପାରିବାର ଅଦ୍ଭୁତ କ୍ଷମତା ତାଙ୍କର ଥିଲା। ପ୍ରୋଟ୍ରେଟ୍ ଆଙ୍କିବାକୁ ମନା କରିବାରୁ ତାର ମନ ଯେ ବ୍ୟଥାରେ ବିଦୀର୍ଣ୍ଣ ହୋଇ ଯାଇଛି; ସେ କଥା ବୁଝିଗଲା ପରେ ସେ କହିଥିଲେ -

- ଠିକ୍ ଅଛି। ମୁଁ ଟିକିଏ ସୁସ୍ଥ ହୋଇଯାଏ, ଖବର ଦେବି। ତମେ ଆସି ମୋ ଛବି ଆଙ୍କି ଦେଇଯିବ -

ସେଇ ଥିଲା ପ୍ରଭାକର ସହିତ ବଟମାଷ୍ଟ୍ରଙ୍କର ଶେଷ ଦେଖା। ଶେଷ କଥାବାର୍ତ୍ତା।

ତା'ପରେ ତାଙ୍କର ଏ ମୃତ୍ୟୁ ସମ୍ବାଦ।

ପ୍ରଭାକରର ଇଚ୍ଛା ଅପୂର୍ଣ୍ଣ ରହିଗଲା। ପ୍ରୋଟ୍ରେଟ୍ ଅଙ୍କା ହେଲା ନାହିଁ, ବଟମାଷ୍ଟ୍ରେ ତାକୁ ଫାଙ୍କିଦେଇ ଚାଲିଗଲେ।

Digitized by srujanika@gmail.com

ଠିକ୍ ଶୋକ ନୁହେଁ; ଏକ ପ୍ରକାର ମର୍ମଦାହୀ ବିଷଣ୍ଣତାରେ ପ୍ରଭାକରର ମନ ଅନେକ ସମୟ ଧରି ଆଚ୍ଛନ୍ନ ହୋଇ ରହିଲା ।

ସେ ଥିଲେ ତାର ହେଡମାଷ୍ଟର । ଦୀର୍ଘ ଚାରିବର୍ଷ କାଳ ସେ ତାଙ୍କର ଛାତ୍ର ଥିଲା । ତାଙ୍କର ଜୀବନଦର୍ଶନ ଅନ୍ୟ ଶିକ୍ଷକ - ଅଧ୍ୟାପକଙ୍କ ଠାରୁ ତାଙ୍କୁ ଅଲଗା ଭାବରେ ପ୍ରଭାକର ମନରେ ଦେବତାର ଆସନରେ ପ୍ରତିଷ୍ଠା କରିଥିଲା !

ତା'ର ମନେ ଅଛି, କଲିକତା ଆର୍ଟ କଲେଜରୁ ଚିତ୍ରକଳାରେ ଡିଗ୍ରୀ ନେଇ ଫେରିଲା ପରେ ସେ ତାର ଜୀବିକା ନିର୍ବାଚନ ନେଇ ଦ୍ୱନ୍ଦରେ ପଡ଼ିଥିଲା । ସରକାରୀ ଚାକିରୀ କରିବ କି କୌଣସି ଘରୋଇ ବିଜ୍ଞାପନ ସଂସ୍ଥାରେ ଆର୍ଟ ଡାଇରେକ୍ଟର ଭାବରେ ଯୋଗଦେବ; ଏହି ପ୍ରଶ୍ନ ନେଇ ସେଦିନ ତା ମନରେ ତୁମୂଳ ବିର୍ତକ ଚାଲିଥିଲା । କୌଣସି ସିଦ୍ଧାନ୍ତରେ ସେ ପହଞ୍ଚିପାରୁ ନ ଥିଲା । ଦରମା ଦୃଷ୍ଟିରୁ ସରକାରୀ ଅପେକ୍ଷା ବିଜ୍ଞାପନ ପ୍ରସାରଣ ସଂସ୍ଥାର ବେତନ ଓ ଭତ୍ତା ଅଧିକ ଆର୍କଷଣୀୟ ମନେ ହୋଇଥିଲେ ମଧ୍ୟ, ସରକାରୀ ଚାକିରୀର ନିରାପତ୍ତା ଘରୋଇ ବିଜ୍ଞାପନ ପ୍ରସାରଣ ନ ଥିଲା ।

ଏଇଭଳି ଏକ ମାନସିକ ଦ୍ୱିଧା ମଧ୍ୟରେ ଗତି କରୁଥିବା ବେଳେ ହଠାତ୍ ବଟମାଷ୍ଟ୍ରଙ୍କ ସହ ଦେଖା । ସେ ଶିକ୍ଷକ ଚାକିରୀରୁ ଅବସର ନେଇ ସାରିଥିଲେ । ଆଖିର ଦୃଷ୍ଟିଶକ୍ତି ମଧ୍ୟ କମି ଆସିଥିଲା ! କିନ୍ତୁ ଦେଖିବା ମାତ୍ରେ ଚିହ୍ନିପାରି ସେ ଯେପରି ପରମାତ୍ମୀୟଭାବରେ ତାକୁ ଡାକି କୁଶଳ ଜିଜ୍ଞାସା କରିଥିଲେ; ସେଥିରେ ବିସ୍ମିତ ହୋଇ ଯାଇଥିଲା ପ୍ରଭାକର ।

କଥା ପ୍ରସଂଗରେ ତା' ପାଖକୁ ଆସିଥିବା ଦୁଇଟି ଚାକିରୀର ନିଯୁକ୍ତି ପତ୍ର କଥା କହି ସେ ସଂପର୍କରେ ତାଙ୍କର ମତାମତ ଚାହିଁଥିଲା । ବଟମାଷ୍ଟ୍ରେ ହୋ' ହୋ' ହୋଇ ପ୍ରାଣଖୋଲା ହସ ହସିଥିଲେ ।

ତା'ପରେ ତା' ପିଠିରେ ସ୍ନେହରେ ହାତ ବୁଲାଇ ଦେଇ କହିଥିଲେ - ପ୍ରଭାକର ! ଚାକିରୀ କରିବାକୁ ତମେ ସଂସାରକୁ ଆସି ନାହଁ । ଜୀବିକା ତମର ଜୀବନ ନୁହେଁ । ପେଟ ପୋଷିବା ପାଇଁ ଜୀବିକା - ତା ପାଇଁ ଏତେ ବ୍ୟସ୍ତ ହେଉଛ କାହିଁକି ? ଯେ କୌଣସି ଜାଗାରେ ତମେ କାର୍ଯ୍ୟ କରିପାର - କିନ୍ତୁ ସବୁବେଳେ ମନେରଖ ତମେ ହେଉଛ ଶିଳ୍ପୀ...କଳା ସୃଷ୍ଟି ତମର ଧର୍ମ...ପେଟ ପୋଷିବା ପାଇଁ ଯେପରି ତମେ କଳାର ଧର୍ମ ନଷ୍ଟ ନ କର ।

ପ୍ରଭାକରର ଦ୍ୱିଧାଗ୍ରସ୍ତ ବିବେକ ତଥାପି ସଂଶୟମୁକ୍ତ ହୋଇ ନ ଥିଲା ।

ସେ ପଚାରିଥିଲା - ସାର୍ ! ଜୀବନରେ କେଉଁ କାମ ଠିକ୍ କରୁଛି କି ଭୁଲ୍ କରୁଛି, ସେ କଥା ଜାଣିବି କିପରି ?

ତା'ପରେ ବଟମାଷ୍ଟ୍ରଙ୍କ ମୁହଁରୁ ବାହାରି ଆସିଥିଲା ତାଙ୍କର ଜୀବନ - ଦର୍ଶନର ସ୍ମରଣୀୟ ଉକ୍ତି -

Digitized by srujanika@gmail.com

-ଜନ୍ମ ପରେ ଯଦି କୌଣସି କଥା ଧ୍ରୁବ, ତାହା ହେଲା ମୃତ୍ୟୁ। ଜୀବନର ଯବନିକା ପତନ ପରେ ପରଲୋକରେ ପହଞ୍ଚିଲା ପରେ ଈଶ୍ୱର ଯେତେବେଳେ ପଚାରିବେ - ତମକୁ ମଣିଷ ଜୀବନ ଦେଇ ସଂସାରକୁ ପଠାଇଥିଲି, ତମ ଜୀବନ କାଳ ଭିତରେ ତମେ ସେଠାରେ କି ମହତ୍ କାମ କରି ଆସିଛ ? -ତାର ସଦୁତ୍ତର ଦେଲା ଭଳି କାର୍ଯ୍ୟ ହିଁ ତମର କର୍ତ୍ତବ୍ୟ। ଈଶ୍ୱର ତମକୁ ସଂସାରକୁ ପଠାଇଛନ୍ତି - ସବୁକାମ ପାଇଁ ତମକୁ ତାଙ୍କ ପାଖରେ କୈଫିୟତ୍ ଦେବାକୁ ପଡ଼ିବ। ଈଶ୍ୱରଙ୍କ ସେଇ ଗୋଟିଏ ପ୍ରଶ୍ନ ସ୍ମରଣ ରଖି କାମ କଲେ ମନରୁ ସବୁ ଦ୍ୱିଧାଭାବ ଦୂର ହୋଇଯିବ।

ଏଇ ଗୋଟିଏ ଶିକ୍ଷା ତାକୁ ଅନେକ ଅଧୋପତନରୁ ରକ୍ଷା କରିଛି। ଖସଡ଼ା ବାଟରେ ଗୋଡ଼ ଖସିଗଲାବେଳେ ସେଇ ଶିକ୍ଷା ତାକୁ ଟାଣି ଧରି ଅଟକାଇ ଦେଇଛି।

ସେ ତା' ଭିତରେ ନିଦ୍ରିତ ବିବେକକୁ ଚିହାଁଇ ଦେଇଥିଲେ। ତାର ଲୋଭ, ଲାଳସା ଆଉ ଅନ୍ୟର କ୍ଷତି କରିବାର କ୍ଷମତା ଉପରେ ଅଙ୍କୁଶ ଲଗାଇ ଦେଇଥିଲେ। ସ୍କୁଲ - ଜୀବନରୁ ଆରମ୍ଭ କରି କଲେଜ - ଜୀବନ ପର୍ଯ୍ୟନ୍ତ ଯେତେ ଶିକ୍ଷକ - ଅଧ୍ୟାପକଙ୍କ ପାଖରେ ସେ ପାଠ ପଢ଼ିଛି - ସେ ସମସ୍ତଙ୍କ ଭିତରେ ସେ ଥିଲେ ଅନନ୍ୟ...ଏକ ଉଜ୍ଜ୍ୱଳ ବ୍ୟତିକ୍ରମ !

ପ୍ରଭାକର ତାଙ୍କର ପ୍ରୋଟ୍ରେଟ୍ ଆଙ୍କି ପାରିଲା ନାହିଁ କିନ୍ତୁ ତା ମନ ଭିତରେ ଗ୍ରାନାଇଟ ପଥରରେ ତାଙ୍କର ଗୋଟାଏ ଉଜ୍ଜ୍ୱଳ ଭାବମୂର୍ତ୍ତି ଗଢ଼ି ହୋଇ ଗଲା। ସେ ମନେ ମନେ ସ୍ୱଗତୋକ୍ତି କରିଉଠିଲା - ଏ ପୃଥିବୀରୁ ଜଣେ ଆଦର୍ଶବାଦୀ, ନିର୍ଭୀକ ସକ୍ରେଟିସ୍ ଚାଲିଗଲେ। ଅନ୍ତତଃ ତା ପାଇଁ ସାର୍‌ଙ୍କ ଶୂନ୍ୟ ସ୍ଥାନ ଆଉ କେହି ପୂରଣ କରି ପାରିବେ ନାହିଁ!

ଏଇ ଏଗାର ବର୍ଷ ଭିତରେ ନାନା ଘାଟରେ ପାଣି ପିଇଛି ପ୍ରଭାକର। ଜୀବନରେ ଜୀଇଁ ରହିବାର ଅର୍ଥ ବୁଝିବା ପାଇଁ ଅନେକ ଥର ଜୀବିକା ବଦଳାଇବାକୁ ପଡ଼ିଛି। ଜ୍ଞାତସାରରେ କରୁଥିବା ପାପ ପ୍ରକ୍ଷାଳନ କରିବା ପାଇଁ ଅନେକ ତୀର୍ଥ ଜଳରେ ସ୍ନାନ କରିଛି। ସୁଖର ବୃକ୍ଷରୁ ସେଇ ନିଷିଦ୍ଧ ପାଚିଲା ଫଳ ତୋଳିବା ପାଇଁ ହାତ ବଢ଼ାଇଲା ବେଳେ ପାପର ଭୟରେ ଆଖି ବୁଜିଦେଇଛି, ଆଖି ବୁଜିଦେବା ମାତ୍ରେ ତାକୁ ଦିଶିଯାଇଛି ଈଶ୍ୱର ତାକୁ ସ୍ୱର୍ଗର ବାରଣ୍ଡାରେ କାନ ଧରି ପଚାରୁଛନ୍ତି -ତତେ ଦୁର୍ଲ୍ଲଭ ମଣିଷ ଜୀବନ ଦେଇ ପୃଥିବୀକୁ ପଠାଇଥିଲି। କହ - ସେଠାରେ କି ମହତ୍‌କାମ କରି ଆସିଛୁ? ଯଦି ମହତ୍ତର କିଛି କାମ କରିଛୁ ବୋଲି ମୋର ହୃଦ୍‌ବୋଧ ହେବ ତେବେ ଏଇ ବାରଣ୍ଡା ଡେଇଁ ଭିତରକୁ ଯିବାକୁ ଦେବି। ତା ନ ହେଲେ ନର୍କକୁ ଯିବୁ ପ୍ରଭାକର।

Digitized by srujanika@gmail.com

ଈଶ୍ୱରଙ୍କ କଥା ଶୁଣି ପାଚିଲା ଫଳ ତୋଳିବା ପାଇଁ ତାର ଲମ୍ୱ ହାତ ଧୀରେ ଧୀରେ ଫେରସ୍ତ ଆସି ପକେଟରେ ଭର୍ତ୍ତି ହୋଇଯାଉଛି ଆଉ ସେ କାନ୍ଦୁଣୁ ମାନ୍ଦୁଣୁ ହୋଇ ସେଠାରୁ ଦୌଡ଼ି ଦୂରକୁ ପଳାଇ ଯାଉଛି !

ଥରେ ଏମିତି ଘଟିଥିଲା ବମ୍ୱେରେ। ସେତେବେଳକୁ ସେ ଗୋଟିଏ ଓଡ଼ିଆ ଫିଲ୍ମର ଆର୍ଟ ଡିରେକ୍ଟର ହୋଇ ବମ୍ୱେ ଯାଇଥିଲା। ସେଇଠି ଦେଖା ହୋଇ ଯାଇଥିଲା ଶାନ୍ତିନିକେତନ କଳାଭବନର ଛାତ୍ରୀ ସୁବର୍ଣ୍ଣା ସହିତ।

ସୁବର୍ଣ୍ଣା ଥିଲା ନନ୍ଦଲାଲ୍ ବୋଷଙ୍କ ଚିତ୍ରକଳାର ଅନ୍ଧ ଅନୁରାଗିଣୀ। ସେଥିପାଇଁ କଲିକତା ଆର୍ଟ କଲେଜରେ କମର୍ସିଆଲ୍ ଆର୍ଟକୁ ଛି' କରିଦେଇ କଳାଭବନର ଛାତ୍ରୀ ହୋଇ ଯାଇଥିଲା।

ଆର୍ଟ କଲେଜରେ ଛାତ୍ରୀ ଥିଲା ବେଳେ ସୁବର୍ଣ୍ଣା ସହିତ ତାର କିଛି ପରିମାଣରେ ଘନିଷ୍ଠତା ହୋଇଥିଲା। ସେଥିପାଇଁ କଲେଜ ଛୁଟି ହେଲେ ସେ ନ ଫେରି ଚାଲି ଯାଉଥିଲା ଶାନ୍ତିନିକେତନ।

ସୁବର୍ଣ୍ଣା ଥିଲା ତାର ସବୁ ସହପାଠିନୀମାନଙ୍କ ମଧ୍ୟରେ ଲାବଣ୍ୟମୟୀ ନାରୀ। ସୁନ୍ଦରୀ ହୁଏତ ଆକ୍ଷରିକ ଅର୍ଥରେ ତାକୁ କୁହାଯାଇ ପାରିବ ନାହିଁ - କିନ୍ତୁ ତା ଦେହ ଶ୍ୟାମଳ ଲାବଣ୍ୟ ତାର ଶିଳ୍ପୀ ହୃଦୟକୁ ଏକ ଜ୍ୱଳନ୍ତ ଆଗ୍ନେୟ ଗିରିରେ ପରିଣତ କରି ଦେଇଥିଲା।

ସେମାନଙ୍କ ଭିତରେ ଗଢ଼ି ଉଠିଥିବା ଗାଢ଼ ବନ୍ଧୁତ୍ୱକୁ ଠିକ୍ ପ୍ରେମ ନୁହେଁ, ଏକ ପ୍ରକାର ଆତ୍ମୀୟତା କୁହା ଯାଇପାରେ। ସେଇ ଆତ୍ମୀୟତା ଆଉ କିଛି ଦିନ ସ୍ଥାୟୀ ହୋଇଥିଲେ ହୁଏତ ପ୍ରେମ ହୋଇ ଯାଇଥାଆନ୍ତା, କିନ୍ତୁ ତା ଆଗରୁ ହଠାତ୍ ଗୋଟିଏ ମଲ୍‌ଟି ନ୍ୟାସନାଲ କମ୍ପାନୀର ଏକଜିକ୍ୟୁଟିଭ୍‌କୁ ବାହା ହୋଇପଡ଼ି କଳାଭବନ ଛାଡି ଦେଇଥିଲା ସୁବର୍ଣ୍ଣା।

ତା'ପରେ ସେ ତା ନିକଟରୁ ହଜି ଯାଇଥିଲା। ଆଉ କେବେ ସେ ତାକୁ ଖୋଜି ପାଇବ ଏକଥା ସେ ଆଶା କରି ନ ଥିଲା। ପ୍ରଥମେ ପ୍ରଥମେ ହଜି ଯାଇଥିବା ଜିନିଷକୁ ଭାବିହେଲା ଭଳି ସେ ସୁବର୍ଣ୍ଣାକୁ ମନେ ମନେ ଖୋଜିଥିଲା - କିନ୍ତୁ ବର୍ଷେ ଦୁଇ ବର୍ଷ ପରେ ତା ମନରୁ ଧୀରେ ଧୀରେ ତାର ଛବି ଲିଭି ନିଶ୍ଚିହ୍ନ ହୋଇ ଯାଇଥିଲା।

ହଠାତ୍ କୋଲାବାର ଗୋଟାଏ ସପିଙ୍ଗ୍ ସେଣ୍ଟରରେ ତା ସହିତ ଦେଖା ହୋଇଗଲା।

ସେଦିନ ବମ୍ୱେରେ ଦିନସାରା ବର୍ଷା ହେଉଥିଲା ଏବଂ ନିଜ ମୁଣ୍ଡକୁ ବର୍ଷା ଜଳର, ଅତ୍ୟାଚାରରୁ ସୁରକ୍ଷିତ କରିବା ପାଇଁ ସେ ସେହି ଶାଢ଼ୀ ଦୋକାନକୁ ଉଠି ଯାଇଥିଲା।

ଦୁଇ ହାତରେ ଦୁଇଟା ଶାଢ଼ୀର ପ୍ୟାକେଟ ଧରି ରାଜହଂସୀ ଭଳି ଧୀର

Digitized by srujanika@gmail.com

ପଦକ୍ଷେପରେ ପାର୍କିଂ ସ୍ପେସ୍‌ରେ ଠିଆ ହୋଇଥିବା ତାର ଧଳା ଫିଏଟ୍ ଗାଡ଼ି ଆଗକୁ ଗୋଡ଼ ବଢ଼ାଇବା ଆଗରୁ ତାକୁ ଦେଖି ଯେ କ୍ଷୀଣ କଣ୍ଠରେ ଚିତ୍କାର କରି ଉଠିଥିଲା, ପ୍ରଭାକର ସେ !

ସେଦିନ ତାକୁ ଜୋର୍ କରି ଗାଡ଼ିରେ ବସାଇ ସୁବର୍ଣ୍ଣା ନେଇ ଯାଇଥିଲା ତାର ତିନି - କୋଠରୀର ଫ୍ଲାଟ୍‌କୁ ।

ଚର୍ଚ୍ଚ ଗେଟ୍ ପାଖରେ ତାର ସୁସଜ୍ଜିତ ଫ୍ଲାଟ୍‌ରେ ପ୍ରବେଶ କଲା ପରେ ତାର ଆଖି ଖୋଜିଥିଲା ସୁବର୍ଣ୍ଣାର ସ୍ୱାମୀ ଆଉ ଛୋଟ ଛୋଟ ଛୁଆମାନଙ୍କୁ ।

ହତାଶ ହୋଇଥିଲା । ତାର ସ୍ୱାମୀ ଛଅ ମାସ ପାଇଁ କଂପାନୀ କାମରେ ଆମେରିକା ଯାଇଥିଲେ । ବିବାହିତ ଜୀବନର ଛଅ ସାତ ବର୍ଷ ମଧ୍ୟରେ ତା କୋଳକୁ କୌଣସି ସନ୍ତାନ ଆସି ନ ଥିଲେ କିମ୍ବା ସେମାନେ ଆସିବାକୁ ଦେଇ ନ ଥିଲେ । ଫ୍ଲାଟରେ ସେ ଆଉ ତା'ର ଗୋଟିଏ ଦକ୍ଷିଣ ଭାରତୀୟ ଚାକରାଣୀ ରହୁଥିଲେ ।

ପ୍ରଭାକରର ଛାତି ଭିତରେ ଅନେକ ଦିନର ପୁଞ୍ଜିଭୂତ ଉଷ୍ମ ଦୀର୍ଘଶ୍ୱାସ ଶିଳ୍ପୀର ହାତଅଙ୍କା ଛବି ଭଳି ସୁସଜ୍ଜିତ ସେଇ ତିନି - କୋଠରୀର ଫ୍ଲାଟ୍ ଭିତରେ ଧୀରେ ଧୀରେ ମିଳେଇ ଯାଇଥିଲା ।

- ତମେ ମତେ ଦେଖି ଏଡ଼ାଇ ଯିବାକୁ ଚାହୁଁଥିଲ । ନାଁ ?

- ନା, ତମକୁ ମୁଁ ମୋଟେ ଦେଖି ନ ଥିଲି । ଆକାଶକୁ ଚାହିଁଥିଲି - କେତେବେଳେ ବର୍ଷା କମିବ ।

ନିଜ ହାତରେ ଯତ୍ନରେ ତିଆରି କରି କଫି କପ୍‌ଟା ତା' ହାତକୁ ବଢ଼ାଇ ଦେଲାବେଳେ ଏକ ରହସ୍ୟମୟ ହସରେ ନିଜ ମୁହଁକୁ ଉଦ୍ଭାସିତ କରି ସୁବର୍ଣ୍ଣା ତାକୁ ଚାବୁକ ମାରିଥିଲା - ସବୁ ପୂର୍ବତନ ପ୍ରେମିକମାନେ ଏଇଭଳି ମିଛ କହନ୍ତି । ନା ?

- ମୁଁ ମିଛ କହୁ ନ ଥିଲି କିମ୍ବା କୌଣସି ଦିନ ମୁଁ ତମର ପ୍ରେମିକ ନ ଥିଲି । କହିପାର - ମୁଁ ଥିଲି ତମର ଏକଦା ଶିଳ୍ପୀବନ୍ଧୁ ! - ପ୍ରଭାକର ପ୍ରତିବାଦ କରିଥିଲା ।

କୁଣ୍ଠା ଝରିଲା ଭଳି ସରୁ ସରୁ ତୀକ୍ଷ୍ଣ ବର୍ଷାଧାରା ସେ ପର୍ଯ୍ୟନ୍ତ ଚର୍ଚ୍ଚ ଗେଟ୍‌ର ଆକାଶକୁ ତଥାପି ଧୂଆଁଳିଆ କରି ରଖିଥିଲା ।

ହୋଟେଲକୁ ଫେରିବାର ଦୁଶ୍ଚିନ୍ତାରେ ପ୍ରଭାକର ନିଜ ଭିତରେ ଏକ ପ୍ରକାର ଅସ୍ଥିରତା ଅନୁଭବ କରୁଥିଲା । ଚଳଚ୍ଚିତ୍ରର ଡାଇରେକ୍ଟର ତାକୁ ଅପେକ୍ଷା କରି ବସିଥିବେ । ଅନେକ କାମ ବାକି, ସେ ଫେରିବ କିପରି ?

ସୁବର୍ଣ୍ଣା ନିଜେ ହିଁ କାର୍ ଡ୍ରାଇଭ୍ କରି ଆସିଲା । ତା'ର ଡ୍ରାଇଭର ନାହିଁ । ସେଥିପାଇଁ ହୋଟେଲରେ ପହଞ୍ଚାଇ ଦେବା ଲାଗି ଅନୁରୋଧ କରବାକୁ ତା'ର ସଂକୋଚ ହୋଇଥିଲା । କିନ୍ତୁ ସେ ଚାହିଁଲେ ଟେଲିଫୋନ କରି ପାଖ ଟ୍ୟାକ୍ସି

Digitized by srujanika@gmail.com

ଷ୍ଟାଣ୍ଡରୁ ତା ପାଇଁ ଗୋଟାଏ ଟ୍ୟାକ୍ସି ଡାକି ଦେଇପାରେ।

କିନ୍ତୁ ସେ ଫେରିବା ପ୍ରସ୍ତାବ ରଖିବା ଆଗରୁ କଲିଂ ବେଲ ବାଜିଉଠିଲା।

ସୁବର୍ଣ୍ଣା ଉଠିଯାଇ ନିଜେ ଦରଜା ଖୋଲିଦେଲା ଏବଂ ହିନ୍ଦୀ ଚଳଚ୍ଚିତ୍ରର ପାର୍ଶ୍ୱନାୟକ ଭଳି ଦୁଇଜଣ ମଧ୍ୟବୟସ୍କ ଯୋତା ମଚମଚ କରି ଡ୍ରଇଂ ରୁମ୍‌କୁ ପଶି ଆସିଲେ।

ସୁବର୍ଣ୍ଣା ପରିଚୟ କରାଇଦେଲା - ଏ ହେଲେ ମିଷ୍ଟର ମାଲହୋତ୍ରା। ଶିଳ୍ପପ୍ରେମୀ ବିଜିନେସ୍‌ମ୍ୟାନ୍। ନା, କୌଣସି ପଣ୍ୟଦ୍ରବ୍ୟର କାରବାର କରନ୍ତି ନାହିଁ। ଏଭଳି ବ୍ୟବସାୟ କରୁଥିବା ଲୋକଙ୍କୁ ଆର୍ଥିକ ଋଣ ଯୋଗାଇ ଦିଅନ୍ତି। ଠିକ୍ କହୁଛି ନା ମିଷ୍ଟର ମାଲହୋତ୍ରା ?

ମାଲହୋତ୍ରା କାନ୍ଧ ଝୁଙ୍କାଇ ମୃଦୁ ହସିଲେ। କିଛି ମନ୍ତବ୍ୟ କରି ନ ଥିଲେ।

- ଆଉ ଏ ହେଉଛନ୍ତି ଡକ୍ଟର ଚନ୍ଦ୍ରଶେଖର। କେମିକାଲ ଇଂଜିନିୟର, ଗୋଟିଏ ଫର୍ମାସିଷ୍ଟ ପ୍ରତିଷ୍ଠାନର ଦୁଇ ନମ୍ବର କର୍ତ୍ତା। ଦୁଇଜଣଯାକ ମୋର ସ୍ୱାମୀଙ୍କର ଅନ୍ତରଙ୍ଗ ବନ୍ଧୁ। ତାଙ୍କର ଅନୁପସ୍ଥିତିରେ କାଳେ ମୁଁ କୌଣସି ଅବୈଧ ବ୍ୟାପାରରେ ଲିପ୍ତ ହୋଇ ପଡ଼ିବି - ସେଥିପାଇଁ ଆମେରିକା ଯିବା ଆଗରୁ ଏ ଦୁଇ ବନ୍ଧୁଙ୍କୁ ସେ ଜଗୁଆଳ ରଖି ଯାଇଛନ୍ତି -

ନିଜର ରସିକତାରେ ନିଜେ ହିଁ ହସି ଉଠିଲା ସୁବର୍ଣ୍ଣା। ପ୍ରଭାକର ଓ ଅନ୍ୟ ଦୁଇଜଣ ତା ସହିତ ମିଳିତ ଭାବରେ ପରେ ହସରେ ଯୋଗ ଦେଲେ।

- କିନ୍ତୁ ଏ ମହାଶୟଙ୍କୁ ଆମେ ତ ଚିହ୍ନି ପାରିଲୁ ନାହିଁ ? -ମାଲହୋତ୍ରା ତା' ଆଡ଼କୁ ଅନିସନ୍ଧିତ୍ସୁ ଦୃଷ୍ଟିରେ ଚାହିଁ ରହିଲା।

- ଆପଣ ଦୁଇଜଣ ହେଲେ ମୋର ସ୍ୱାମୀ ଶ୍ୟାମଙ୍କର ବନ୍ଧୁ। ଆଉ ଏ ହେଲେ ମୋର ଶିକ୍ଷାବନ୍ଧୁ ପ୍ରଭାକର। ମତେ ଦେଖି ମୁହଁ ବୁଲାଇ ଚାଲି ଯିବାକୁ ବସିଥିଲେ। ମୁଁ ମନ୍ତ୍ର ବଳରେ ସମ୍ମୋହିତ କରି ଧରି ଆଣିଛି।

ତା'ପରେ କରମର୍ଦ୍ଦନ କରିବା ପାଇଁ ମିଷ୍ଟର ମାଲହୋତ୍ରା ଆଉ ଡକ୍ଟର ଚନ୍ଦ୍ରଶେଖରଙ୍କ ଦୁଇଟା ହାତ ତା ଆଡ଼କୁ ଲମ୍ବି ଆସିଥିଲା। ସେ ଚାରିଜଣଙ୍କୁ ନେଇ ସେଇଦିନୁ ଗଢ଼ି ଉଠିଥିଲା ଏକ ନୂତନ ନାଟକ - ଚୁପ୍! ଏଠାରେ ପାର୍ଟି ଚାଲିଛି!

ସନ୍ଧ୍ୟା ହେଲେ ସୁବର୍ଣ୍ଣାର କାର୍ ପହଞ୍ଚୁଥିଲା ପ୍ରଭାକରର ହୋଟେଲ ସାମ୍ନାରେ, ତାକୁ ଧରି ନିଆ ଯାଉଥିଲା ତା'ର ଚର୍ଚ୍ଚଗେଟ୍ ଫ୍ଲାଟ୍‌କୁ, ସେଠାରେ ଜମି ଉଠୁଥିବା ଚାରିଜଣିଆ କକ୍‌ଟେଲ ପାର୍ଟି।

Digitized by srujanika@gmail.com

ପ୍ରଭାକର କୌଣସି ଦିନ ମଦ୍ୟପ ନ ଥିଲା। କିନ୍ତୁ ମଦ୍ୟପାୟୀମାନଙ୍କ ପାର୍ଟିରେ ସ୍ୱଚ୍ଛନ୍ଦରେ ସେ ଭାଗ ନେଇ ପାରୁଥିଲା। ଗୋଟାଏ - ଖୁବ୍ ବେଶି ହେଲେ ଦୁଇ ପେଗ୍ - ବାସ୍। ଏଇ ଥିଲା ତା'ର ମଦ୍ୟପାନର ମାତ୍ରା।

ସେଥିପାଇଁ ମିଷ୍ଟର ମାଲହୋତ୍ରା ପରିହାସ କରୁଥିଲେ - ଆପଣ କେମିତିଆ ଶିଳ୍ପୀ କୁହନ୍ତୁ ତ! ମାଛ ହୋଇ ନଈରେ ରହିବେ - ଆଉ ପାଟିକୁ ପାଣି ନେବେ ନାହିଁ ? ନା - ମିସେସ୍ ରାୟଙ୍କ ପାଖରେ ଲଜ୍ଜା କରୁଛନ୍ତି ?

ତା'ପରେ ସୁବର୍ଣ୍ଣାକୁ ଲକ୍ଷ୍ୟ କରି କହୁଥିଲେ -

- ଆପଣ ଟିକିଏ ତେଣିକି ମୁହଁ ବୁଲାନ୍ତୁ - ମୁଁ ଆର୍ଟିଷ୍ଟଙ୍କ ଗ୍ଲାସରେ ଆଉ କିଛି ସୁସ୍ୱାଦୁ ପାନୀୟ ଢାଳିଦିଏ।

ସୁବର୍ଣ୍ଣା ମଧ୍ୟ ବନ୍ଲେଇ ବନ୍ଲେଇ ପିଇବା ପାଇଁ ଉତ୍ସାହିତ କରୁଥିଲା। କହୁଥିଲା - ତମେ ସେହି ଏଗାର ବର୍ଷ ତଳର ପ୍ରଭାକର ହୋଇ ରହି ଯାଇଛ - ପାନୀୟର ମାତ୍ରା ମଧ୍ୟ ବଢ଼ାଇ ନାହିଁ। ଆଉ ଦେଖ - ମୁଁ ଶାନ୍ତିନିକେତନର ଝିଅ - ବମ୍ବେର ଜୀବନଧାରା ସହିତ କିପରି ସହଜରେ ମିଶି ଯାଇପାରିଛି!

ମାଲହୋତ୍ରାଙ୍କ ବୟସ ନିଶ୍ଚୟ ପଚାଶର ସୀମାରେଖା ଡେଇଁ ଯାଇଛି। କିନ୍ତୁ ଦେଖିଲେ ଯେ କେହି କହିବ ତିରିଶ - ପଇଁତିରିଶରୁ ବେଶି ନୁହଁ। ମୁଣ୍ଡର ପାଚିଲା ବାଳକୁ ରଙ୍ଗ ଦେଇ କଳା ମଚମଚ କରି ରଖିଛନ୍ତି। ହୁଏତ ପ୍ଲାଷ୍ଟିକ୍ ସର୍ଜରି ଦ୍ୱାରା ସେ ରଖାଙ୍କିତ ମୁହଁରେ ଧରି ରଖିଛନ୍ତି ତାରୁଣ୍ୟର ଲାବଣ୍ୟ।

କଥଣ ପାଇଁ ?

ଡକ୍ଟର୍ ଚନ୍ଦ୍ରଶେଖର ତିନି ପେଗ ପରେ ଆଉ ନିଜକୁ ନୟନ୍ତ୍ରଣ ମଧ୍ୟରେ ରଖି ପାରନ୍ତି ନାହିଁ। ଅଶ୍ରାବ୍ୟ ଅଶ୍ଳୀଳ ଶବ୍ଦ ସବୁ ତାଙ୍କ ଜିଭ ଅଗରୁ ଛିଟିକି ପଡ଼ି ସାରା କୋଠରୀର ବାତାବରଣକୁ ଦୂଷିତ କରିଦିଏ।

ହୁଏତ ଏଇଭଳି ଏକ ଅନ୍ତରଙ୍ଗ ‑ ଘରୋଇ ପରିବେଶ ଭିତରେ ବିଦେଶୀ ପାନୀୟର ନିଶାକୁ ଆହୁରି ଗାଢ଼ କରିବା ପାଇଁ ଏସବୁ ନିଷିଦ୍ଧ ଶବ୍ଦମାଳାର ନିର୍ଦ୍ଦିଷ୍ଟ ଉପଯୋଗିତା ଥାଇପାରେ। କିନ୍ତୁ ପ୍ରଭାକରର ଉପସ୍ଥିତିରେ ସୁବର୍ଣ୍ଣା ଏଇ ଶବ୍ଦସବୁ ସହ୍ୟ କରିପାରେ ନାହିଁ।

ଅନ୍ତତଃ ପ୍ରଥମ ଦିନ ସେ ଏଥିରେ ଘୋର ଆପତ୍ତି କରିଥିଲା।

- ପ୍ଲିଜ୍! ଏସବୁ ଶବ୍ଦ ମୋ ବନ୍ଧୁଙ୍କ ଆଗରେ ବ୍ୟବହାର କରିବେ ନାହିଁ ଡକ୍ଟର!

କିନ୍ତୁ ଡକ୍ଟର ଚନ୍ଦ୍ରଶେଖର ଅନୁରୋଧ ରକ୍ଷା କରିବା ପାଇଁ ରାଜି ହୋଇ ନ ଥିଲେ, ବରଂ ସ୍ପଷ୍ଟ କହି ଦେଇଥିଲେ - ମୁଁ ଶଳା ମାପିଚୁପି କଥା କହି ଜାଣେ ନାହିଁ। ମୋ ଜିଭ ଉପରକୁ ମୋର ଲଗାମ ପାଏ ନାହିଁ। ଆପଣଙ୍କୁ ନିଶ୍ଚରି ନେବାକୁ ପଡ଼ିବ ମିସେସ ରାୟ ଟାଭ୍ ଇଟ୍ ଅର୍ ଲିଭ୍ ଇଟ୍। ଆପଣ

Digitized by srujanika@gmail.com

ଯଦି ଚାହାନ୍ତି, ମୁଁ ଆଉ ଆସିବି ନାହିଁ -

ପ୍ରଭାକର ଖୁବ୍ ଅସ୍ୱସ୍ତିବୋଧ କରିଥିଲା। ସେ ଏଇ ଆଡ୍ଡାରେ ଅନୁପ୍ରବେଶ କରିବା ଆଗରୁ ନିଶ୍ଚୟ ଡକ୍ଟର ଶେଖର ଏଇ ଅଶ୍ଳୀଳ ଶବ୍ଦ ନିୟମିତ ବ୍ୟବହାର କରି ଆସରକୁ ଜମାଇ ରଖୁଥିଲେ। ମିଷ୍ଟର ମାଲହୋତ୍ରା, ସୁବର୍ଣ୍ଣା ଆଉ ତାର ସ୍ୱାମୀ ନିଃସନ୍ଦେହରେ ସେ ଶବ୍ଦମାନଙ୍କୁ ବେଶ ଉପଭୋଗ କରୁଥିଲେ। ସେ ସେମାନଙ୍କ ସହିତ ଯୋଗ ଦେବା ପରେ ସେସବୁ ଶବ୍ଦ ବ୍ୟବହାର କରିବାକୁ ବାରଣ କରୁଛି ସୁବର୍ଣ୍ଣା, ଆଉ ତା'ର ପ୍ରତିବାଦରେ ଡକ୍ଟର ଆଡ୍ଡା ଛାଡ଼ି ଦେବାକୁ ଧମକ ଦେଉଛନ୍ତି ?

ଅଶ୍ଳୀଳ ଶବ୍ଦକୁ ନେଇ ଆରମ୍ଭ ହୋଇଥିବା ସଂଘର୍ଷକୁ ବେଶି ଦୂର ଯିବା ପାଇଁ ଦେଇ ନ ଥିଲେ ମିଷ୍ଟର ମାଲହୋତ୍ରା। ପକ୍କା ବ୍ୟବସାୟୀ ଭଳି ପ୍ରସ୍ତାବ କରିଥିଲେ - ଡକ୍ଟର ଯେତେ ଇଚ୍ଛା ସେତେ ସ୍ଲାଂ ବ୍ୟବହାର କରିପାରନ୍ତି; କିନ୍ତୁ ସେଭଳି ସ୍ନାୟୁ ଉତ୍ତେଜକ ପ୍ରତ୍ୟେକ ଶବ୍ଦ ପାଇଁ ତାଙ୍କୁ ପାଞ୍ଚ ଟଙ୍କା ଜୋରିମାନା ଦେବାକୁ ପଡ଼ିବ -

- ଏବଂ ତାହା ମଧ୍ୟ କ୍ୟାଶ୍ ଆକାରରେ। ବାକିରେ କୌଣସି ସ୍ଲାଂ ଚଳିବ ନାହିଁ। - ମୃଦୁ ହସି ସୁବର୍ଣ୍ଣା ମାଲହୋତ୍ରାଙ୍କ ପ୍ରସ୍ତାବ ଦେହରେ ଆଉ ଗୋଟିଏ ଧାରା ଯୋଡି ଦେଇଥିଲା।

ରାଜି ହୋଇ ଯାଇଥିଲେ ଡକ୍ଟର ଶେଖର ଏବଂ ସେଦିନ ରାତିରେ ଗୋଟିଏ ଶହେ ଟଙ୍କିଆ ଓ ଦୁଇଟି ଦଶ ଟଙ୍କିଆ ନୋଟ ଜୋରିମାନା ଆକାରରେ ତାଙ୍କୁ ସୁବର୍ଣ୍ଣାର ତହବିଲରେ ଜମା କରିବାକୁ ପଡ଼ିଥିଲା।

ଖେଳଟା ଧୀରେ ଧୀରେ ରୋମାଞ୍ଚକର ହୋଇ ଉଠୁଥିଲା। ଜୋରିମାନା ଟଙ୍କାର ପରିମାଣ ପ୍ରତିଦିନ ବଢ଼ିବାରେ ଲାଗିଥିଲା।

ହଠାତ୍ ଦିନେ ଦେଖାଗଲା ପାର୍ଟିରେ ଡକ୍ଟର ଶେଖର ଅନୁପସ୍ଥିତ। ସନ୍ଧ୍ୟା ଯାଇ ରାତ୍ରି ହେଲା। ମଦ୍ୟପାନର ପ୍ରଥମ ରାଉଣ୍ଡ ଅତୀତ ହୋଇଗଲା। ତଥାପି ତାଙ୍କର ଦେଖା ନ ଥିଲା।

ସୁବର୍ଣ୍ଣା କହିଲା - ଆଶ୍ଚର୍ଯ୍ୟ! ଶେଖର କେବେ ପାର୍ଟି ମିସ୍ କରିବା ଲୋକ ନୁହେଁ। ଦେହ ନିଶ୍ଚୟ ଅସୁସ୍ଥ।

କିନ୍ତୁ ଶାରୀରିକ ଅସୁସ୍ଥତା ସମ୍ପର୍କରେ କୌଣସି ଖବର ସଂଗ୍ରହ କରିବା ସେଦିନ ରାତିରେ ସମ୍ଭବ ହୋଇ ନଥିଲା। କାରଣ ତାଙ୍କ ଘରେ ଟେଲିଫୋନ ଅଚଳ ଅବସ୍ଥାରେ ଥିଲା।

ଦିନେ - ଦୁଇ ଦିନ - ତିନି ଦିନ ଅତୀତ ହୋଇଗଲା ତଥାପି ସୁବର୍ଣ୍ଣାର ଫ୍ଲାଟ୍‌ରେ ଡକ୍ଟର ଚନ୍ଦ୍ରଶେଖରଙ୍କ ଦର୍ଶନ ମିଳିଲା ନାହିଁ।

ପ୍ରଭାକର ନିଜକୁ ଏଥିପାଇଁ ମନେ ମନେ ଅପରାଧୀ ମନେ କରୁଥିଲା। ଦିନେ ରାତିରେ ଆଡ୍ଡାରୁ ବେଳାବେଳି କାମ ଥିବା ବାହାନାରେ ଛୁଟି ନେଇ

Digitized by srujanika@gmail.com

ସେ ପହଞ୍ଚିଲା ଡକ୍ଟର ଶେଖରଙ୍କ ବସାରେ।

ଡକ୍ଟର ସାହେବ ନିଜର ଏକ ନିର୍ଜନ କୋଠରୀରେ ଏକୁଟିଆ ବସି ପେସେନ୍ସ ଖେଳୁଥିଲେ, ତାଙ୍କୁ ଦେଖିବା ମାତ୍ରେ ତାସ୍ ଫୋପାଡ଼ିଦେଇ କହିଲେ - .

- ଆସନ୍ତୁ ପ୍ରଭାକରବାବୁ! ହଠାତ୍ କେମିତି -

ପ୍ରଭାକର ଧଳା ଲୁଙ୍ଗି ଆଉ ଖଦଡ଼ ପଞ୍ଜାବୀ ପିନ୍ଧିଥିବା କେମିକାଲ ଇଂଜିନିୟରଙ୍କୁ ଘରୋଇ ପରିବେଶରେ ଦେଖି ପ୍ରଥମେ ଚିହ୍ନି ପାରି ନ ଥିଲା। ଭାବିଥିଲା ହୁଏତ ସେ ତାଙ୍କର ବଡ଼ଭାଇ ହେବେ। କିନ୍ତୁ କଣ୍ଠସ୍ୱର ଶୁଣି ତା'ର ସନ୍ଦେହ ଦୂର ହୋଇଗଲା।

- ଏକା ଏକା ପେସନ୍ସ ଖେଳୁଛନ୍ତି ଯେ! ମିସେସ ରାୟଙ୍କ ଫ୍ଲାଟ୍‌କୁ ଯାଉ ନାହାଚି କାହିଁକି ?

ଡକ୍ଟର ଶେଖର ଫ୍ରିଜ୍ ଭିତରୁ ସ୍କଚ ବୋତଲ କାଢ଼ିଲେ। ଗ୍ଲାସ ବାହାର କଲେ। ତା'ପରେ କହିଲେ -

- କ୍ୱାର୍ଟରରେ କେହି ନାହାନ୍ତି। ସ୍ତ୍ରୀ ଓ ପିଲାମାନେ ଯାଇଛନ୍ତି ପୁନେ। ଶଶୁରଙ୍କ ଦେହ ଖରାପ। ଏକା ଏକା ବସିଥିଲି। ଆପଣ ଆସିଲେ - ଭଲ ହେଲା। ନିଅନ୍ତୁ -

ପ୍ରଭାକରର ମନେ ହେଲା ସୁବର୍ଣ୍ଣାର ଫ୍ଲାଟ୍ ପ୍ରସଂଗ ଜାଣି ଜାଣି ଏଡ଼ାଇ ଯିବାକୁ ଚାହୁଁଛନ୍ତି ଡକ୍ଟର ଶେଖର। ହୁଏତ ମନର କେଉଁ ଅଦେଖା ଜାଗାରେ ଆଘାତ ଲାଗିଛି।

ସେ ଚିୟର୍ସ କରି ଗ୍ଲାସ ଉଠାଇ ନେଲା।

- ମିସେସ ରାୟଙ୍କ ଫ୍ଲାଟରେ ସାନ୍ଧ୍ୟ ଆସର ଖୁବ୍ ମହଂଗା ପଡ଼ିଗଲା ପ୍ରଭାକର ବାବୁ! ଆପଣଙ୍କ ବାନ୍ଧବୀ ବୋଲି କିଛି ମନେ କରିବେ ନାହିଁ -

ଲାଇବତୀ ଅଞ୍ଚଳର ନିଷିଦ୍ଧ ପଲ୍ଲୀକୁ ଗଲେ ଦୈନିକ ଖର୍ଚ୍ଚ ଯାହା ପଡ଼ନ୍ତା, ଅଶ୍ଳୀଳ ଶବ୍ଦର ଜୋରିମାନା ଖର୍ଚ୍ଚ ତା ଠାରୁ ବଳି ପଡ଼ିଲା। ଆଉ ମୁଁ ଜାଣେ - ଏଥିରେ ମିସେସ୍ ରାୟଙ୍କର କୌଣସି ଦୋଷ ନାହିଁ - ଏସବୁ ସେଇ ମାଲହୋତ୍ରା ବୁଢ଼ାର କାରସାଦି - ସେ ମତେ ସେଠାରୁ ତଡ଼ିବାକୁ ଚାହୁଁଥିଲା - ଲୋକଟା ଖୁବ ଲୋଭୀ ଆଉ ଧୂର୍ତ୍ତ - ମୋର ଉପସ୍ଥିତି ସେ ସହ୍ୟ କରିପାରୁ ନ ଥିଲା - ଆପଣ ମିସେସ ରାୟଙ୍କୁ ସାବଧାନ କରିଦେବେ - ସେ ଆପଣଙ୍କୁ ଖୁବ୍ ଖାତିର କରନ୍ତି -

ସ୍ୱଗତୋକ୍ତି କଲାଭଳି ନିଜ ମନ ଭିତରେ ଆବର୍ଜନା ପରି ଜମି ଯାଇଥିବା ଭାବନାକୁ ଖଲାସ କରିଦେଇ ଗ୍ଲାସରେ ମନୋନିବେଶ କଲେ ଡକ୍ଟର ଶେଖର।

ପ୍ରଭାକର ଚିନ୍ତାରେ ପଡ଼ିଗଲା।

ମାଲହୋତ୍ରା ତାଙ୍କୁ ସେଠାରୁ ତଡ଼ିବାର ଅର୍ଥ କ'ଣ? ସୁବର୍ଣ୍ଣାର ସାନ୍ନିଧ ପାଇଁ କ'ଣ ଦୁହିଙ୍କ ଭିତରେ ଶୀତଳ ସ୍ନାୟୁଯୁଦ୍ଧ ଲାଗି ଯାଇଥିଲା? ଆଉ ସୁବର୍ଣ୍ଣାର ସ୍ୱାମୀ କିଭଳି ଲୋକ? ନିଜ ଅନୁପସ୍ଥିତିରେ ଏପରି ଦୁଇଜଣ ଲୋଭୀ ପୁରୁଷଙ୍କୁ

Digitized by srujanika@gmail.com

ନିଜ ଘରେ ଆଡ୍ଡା ମାରିବାକୁ ସୁବିଧା କରି ଦେଇ ଯାଉଛି!

ସୁବର୍ଣ୍ଣା ପାଇଁ ନିଜ ଭିତରେ ତାର ନୂଆ ପ୍ରକାର ଉଦ୍‌ବେଗ ସୃଷ୍ଟି ହୋଇଗଲା।

ରାତ୍ରି କ୍ରମଶଃ ଗଭୀର ହେଉଥିଲା।

ଆଉ ଅଧିକ ବିଳମ୍ବ କଲେ ତା ହୋଟେଲର ଦରୱାନ ହୁଏତ ମେନ୍ ଗେଟ୍‌ରେ ତାଲା ପକାଇ ଶୋଇ ଯାଇପାରେ।

ଡକ୍ଟର ଶେଖରଙ୍କ ପାଇଁ ରାତ୍ରି ସେତେବେଳେ ଯୁବତୀ ମାତ୍ର! ସେ ଗୋଟିକେ ପରେ ଗୋଟିଏ ପେଗ୍ ନିଃଶେଷ କରି ଚାଲି ଥାଆନ୍ତି। ଆଖି ବୁଜି ହୋଇ ଆସୁଥାଏ। କିନ୍ତୁ ସୁବର୍ଣ୍ଣାର ଫ୍ଲାଟରେ ଦୁଇଟା ପେଗ୍ ନେଲା ପରେ ନିଜ ଉପରୁ ନିୟନ୍ତ୍ରଣ ହରାଇ ସେ ସେଠାରେ ଅଶ୍ଳୀଳ ସଂଳାପରେ ପରିବେଶକୁ ଯେପରି ଦୂଷିତ କରିଦିଅନ୍ତି, ସେଭଳି ଗୋଟିଏ ହେଲେ ଶବ୍ଦ ସୁଦ୍ଧା ସେ ଉଚ୍ଚାରଣ କରୁ ନ ଥାନ୍ତି।

କୌତୂହଳୀ ପ୍ରଭାକର ପ୍ରଶ୍ନ କରିଥିଲା -

- ଆପଣତ ଏଠାରେ ଆକଣ୍ଠ ପିଇଲା ପରେ ମଧ୍ୟ ଗୋଟିଏ ଅଶାଳୀନ ଶବ୍ଦ ତୁଣ୍ଡରେ ଧରି ନାହାନ୍ତି, କିନ୍ତୁ ମିସେସ ରାୟଙ୍କ ଫ୍ଲାଟରେ -

ବୁଜି ହୋଇ ଆସୁଥିବା ଆଖିକୁ ଖୋଲିବା ପାଇଁ ଚେଷ୍ଟା କରି ଡକ୍ଟର ଶେଖର ଝନେଇ ଉତ୍ତର ଦେଇଥିଲେ - ଅନ୍ୟ ଘରେ ଅନ୍ୟର ସୁନ୍ଦରୀ ସ୍ତ୍ରୀ ଆଗରେ ଅଶ୍ଳୀଳ ଶବ୍ଦ ଉଚ୍ଚାରଣ କଲେ ଯେତିକି ମଜା; ନିଜ ଘରେ ସେ ସବୁ ଶବ୍ଦ ମୁହଁରେ ଧରିବାକୁ ମୋର ସେତିକି ଲଜ୍ଜା...ୟୁ ଅଣ୍ଡରଷ୍ଟାଣ୍ଡ!

ହି ଅଣ୍ଡରଷ୍ଟୁଡ୍!

ତା'ପରେ ଆଉ ବସିବାର କିଛି ମାନେ ହୁଏନା।

ପ୍ରଭାକର ଧୀରେ ଧୀରେ ସୁବର୍ଣ୍ଣାର ମାୟାରେ ଛନ୍ଦି ହୋଇ ପଡୁଥିଲା। ଯେଉଁ ଓଡ଼ିଆ ଫିଲ୍ମର କାମରେ ସେ ବମ୍ବେ ଆସିଥିଲା; ସେ କାମ ଶେଷ ହୋଇ ଯାଇଥିଲା। ତାର ଓଡିଶା ଫେରି ଯିବାର କଥା- ସେ ବିଦାୟ ନେବା ପାଇଁ ଯାଇଥିଲା ଚର୍ଚ୍ଚଗେଟ ଫ୍ଲାଟକୁ।

ସୁବର୍ଣ୍ଣା ତାକୁ ଛାଡ଼ିଲା ନାହିଁ।

କହିଲା - ମିଷ୍ଟର ମାଲହୋତ୍ରାଙ୍କୁ ମୁଁ ତମ କଥା କହିଛି। ସେ ଏଠାରେ ବଡ଼ ବଡ଼ ହିନ୍ଦୀ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଟଙ୍କା ଋଣ ଦିଅନ୍ତି। ସେ ତମ ପାଇଁ କହିଲେ, ଯେକୌଣସି ଚିତ୍ର ପ୍ରଯୋଜକ ତମକୁ ଆର୍ଟ ଡାଇରେକ୍ଟର କରି ନେଇ ପାରନ୍ତି।

Digitized by srujanika@gmail.com

ପ୍ରସ୍ତାବଟା ଶୁଣି ଭୋଭରେ ପଡ଼ି ଯାଇଥିଲା ପ୍ରଭାକର। ହିନ୍ଦୀ ଚଳଚ୍ଚିତ୍ରର ଆର୍ଟ ଡିରେକ୍ଟର ହେବା ଅର୍ଥ ଅନେକ ଟଙ୍କା, ଅନେକ ସୁଖ୍ୟାତି। କିନ୍ତୁ ସେଥିପାଇଁ ତାକୁ ମିଷ୍ଟର ମାଲହୋତ୍ରାଙ୍କ ସୁପାରିଶ ଉପରେ ନିର୍ଭର କରିବାକୁ ହେବ, ବମ୍ବେରେ ଅଟକି ରହିବାକୁ ପଡ଼ିବ, ଏକଥା ଭାବି ସେ ଖୁବ୍ ଅସ୍ୱସ୍ତିବୋଧ କରିଥିଲା।

ତା'ର ମୁହଁର ରେଖାରୁ ମନର କଥା ବୁଝିପାରି ସୁବର୍ଣ୍ଣା ମନ୍ତବ୍ୟ କରିଥିଲା-''ଯଦି ବଡ଼ ହେବାକୁ ଚାହଁ ବମ୍ବେ ଆସ, ପେଟ ପୋଷିବାକୁ ଇଚ୍ଛା ଥିଲେ କଲିକତା ଯାଅ''-ଏଇଟା ହେଲା ମୋ ସ୍ୱାମୀଙ୍କର ଉପଦେଶାମୃତ। ଅନ୍ତତଃ ଶ୍ୟାମଳ ଆମେରିକାରୁ ଫେରି ଆସିବା ପର୍ଯ୍ୟନ୍ତ ତମେ ଏଠାରେ ଥାଅ, ଯଦି ମାଲହୋତ୍ରା କିଛି କରି ନପାରେ ସେ ନିଶ୍ଚୟ କିଛି ତମ ପାଇଁ କରିପାରିଲେ ଖୁସି ହେବେ। ତମ କଥା ଅନେକ ଥର ମୁଁ ତାକୁ କହିଛି।

ତା ବିଷୟରେ କଣ କହିଛି ସୁବର୍ଣ୍ଣା ? ସେ ତାର ପ୍ରେମିକ ଥିଲା ? ତାକୁ ପାଇବା ପାଇଁ ମହାଦେବଙ୍କ ମୁଣ୍ଡରେ ବେଲପତ୍ର ଚଢ଼ାଉଥିଲା ? ତାକୁ ନ ପାଇ ଦାଢ଼ି ଛାଡି, ମଦ ପିଇ ଦେବଦାସ ହୋଇ ଯାଇଥିଲା ?

ସୁବର୍ଣ୍ଣା ପକ୍ଷରେ ସବୁ ସମ୍ଭବ।

ହସି ପକାଇଲା ପ୍ରଭାକର।

ସୁବର୍ଣ୍ଣା ଧମକ ଦେଇଥିଲା-ହସୁଛ କଣ ? ବୟସ ହେଲା, ବାହା ହେଲ ନାହିଁ କିମ୍ବା ମଣିଷ ହେଲ ନାହିଁ। ଓଡିଆ ଫିଲ୍ମର ଯେଉଁ ବଜେଟ, ସେଥିରେ କଳା-ନିର୍ଦ୍ଦେଶକ ହୋଇ କେହି ଜୀବନରେ ବଡ଼ ହୋଇପାରେ ? ଓଡ଼ିଶା ଫେରି ଯାଇ କଣ କରିବ ? ଆଙ୍ଗୁଠି ଚୁଚୁମିବ ?

ସୁବର୍ଣ୍ଣା ଉପଦେଶକୁ ଉପେକ୍ଷା କରି ପାରି ନ ଥିଲା ପ୍ରଭାକର। ଅଠାକାଠିରେ ପଡ଼ିଥିବା ଚଢ଼େଇଟି ଭଳି ଅଟକି ରହିଥିଲା ବମ୍ବେରେ।

-ମତେ ବଡ଼ ମଣିଷ କରିବାରେ ତମର ଏତେ ଝୁଙ୍କ କାହିଁକି ? କଣ ତମର ଏଥିରେ ଲାଭ ?

ସୁବର୍ଣ୍ଣା ଦ୍ୱିଧାହୀନ କଣ୍ଠରେ ଉତ୍ତର ଦେଇଥିଲା-ଏ ଅଣଓଡ଼ିଆ ଲୋକଙ୍କ ଭିତରେ ମାପିଚୁପି କଥା କହି; ଜଗି ରଖି ଚଳି ଚଳି ମୁଁ ଅଣନିଶ୍ୱାସୀ ହୋଇ ଗଲିଣି। ତମକୁ ଅନ୍ତତଃ କିଛିଦିନ ମୋ ନିଜ ସୁଖ ପାଇଁ ବ୍ୟବହାର କରିବାକୁ ଚାହେଁ। ଆଉ ତା କ୍ଷତିପୂରଣ ସ୍ୱରୂପ ତମକୁ ଯଦି ଉପରକୁ ଉଠିବାରେ ସାହାଯ୍ୟ କରିପାରେ ସେଇଟା ମୋର ଉପୁରି ଲାଭ।

ପ୍ରଭାକର କହିଲା-ବାସ୍, ଏତିକି। ନା ଆଉ କିଛି ଷଡଯନ୍ତ୍ର ଅଛି ?

-ଅଛି। ତମେ ମୋର ଗୋଟିଏ ପ୍ରୋଟ୍ରେଟ୍ ଆଙ୍କ ଦେବ। ତମର ଶିଳ୍ପୀ ଦୃଷ୍ଟିରେ ମୁଁ କେମିତି ଦେଖା ଯାଉଛି, ସେକଥା ଛବି ଦେଖି ବୁଝିବାକୁ ଚାହେଁ।

ଏଇଟା ଯେପରି ଅନୁରୋଧ ନୁହେଁ, ଅନୁନୟ-ସେଇଭଳି ଶୁଣା ଯାଉଥିଲା

Digitized by srujanika@gmail.com

ପ୍ରଭାକରର କାନଭା ପ୍ରୋଟ୍ରେଟ୍ ଆଙ୍କିବାର ପ୍ରସ୍ତାବ କରି ତା ଭିତରେ ନିଦ୍ରିତ ଶିଳ୍ପୀସତ୍ତାକୁ ସୁବର୍ଣ୍ଣା ଯେପରି ଚିମୁଟି ଚିମୁଟି ଉଠାଇବାକୁ ଚେଷ୍ଟା କରୁଥିଲା!!!

ପ୍ରଭାକରର ଓଠ କୋଣରେ ଛୋଟ ଚିରୁଡ଼ାଏ ମଳିନ ହସର ଦ୍ୟୁତି ଝଲସି ଉଠିଥିଲା ।

ସେ ଖୁବ୍ ନିମ୍ନ କଣ୍ଠରେ କହିଥିଲା-

-ତମେ ଜାଣ, ମୋନାଲିସାର ଛବି ଆଙ୍କିବାକୁ ଲିଓନାରଦୋ ଦ୍ୟ ଭିନ୍‌ଚିଙ୍କ ଭଳି ଏତେବଡ଼ ଶିଳ୍ପୀଙ୍କୁ ଚାରିବର୍ଷ ସମୟ ଲାଗିଥିଲା । ତଥାପି ମୋନାଲିସାଙ୍କ ସ୍ୱାମୀ ଗିଅକୋନ୍‌ଡ଼ାଙ୍କ ଆଖିରେ ସେ ଛବିଟା ମନେ ହୋଇଥିଲା ଅସଂପୂର୍ଣ୍ଣ । ତମ ଛବି ଆଙ୍କିବା ପାଇଁ ମତେ ହୁଏତ ତା ଠାରୁ ବେଶି ବର୍ଷ ଲାଗି ଯାଇପାରେ । ସେ ଛବି ତମର ସ୍ୱାମୀଙ୍କୁ ଅସଂପୂର୍ଣ୍ଣ ମନେ ହୋଇପାରେ-

-ଛବିଟା ତମେ ମୋ ପାଇଁ ଆଙ୍କିବ । ମୋ ସ୍ୱାମୀଙ୍କ ପାଇଁ ନୁହେଁ । ମୋ ସ୍ୱାମୀଙ୍କୁ ଖୁସି କରିବା ପାଇଁ ତମର ଏତେ ଚିନ୍ତା କାହିଁକି? ଆଉ ଛବି ଶେଷ କରିବାକୁ ମୁଁ ଅନନ୍ତ କାଳ ପର୍ଯ୍ୟନ୍ତ ଅପେକ୍ଷା କରିପାରେ ।

ସୁବର୍ଣ୍ଣା ଯୁକ୍ତିରେ ପୂର୍ଣ୍ଣଛେଦ ଟାଣି ଦେଇଥିଲା ।

କେତେ ଟଙ୍କା ଥିଲେ ସୁଖ ନାମକ ସେ ଶୁକ ପକ୍ଷୀକୁ କିଣା ଯାଇପାରେ? ସୁଖ କ'ଣ ମନ ଇଚ୍ଛା ବଜାରରୁ ଉପ୍‌ସିତ ପଦାର୍ଥ କିଣିବାରେ ଥାଏ? ଦାମିକା ବିଦେଶୀ ମଦ୍ୟ ପାନରେ ଥାଏ କ'ଣ ଶାନ୍ତି?

ଏ ସବୁ ପ୍ରଶ୍ନ ଥିଲା ସୁବର୍ଣ୍ଣାର । ଏହାକୁ ହିଁ ସୁଖ ଭାବି ସେ ଦିନେ ଶ୍ୟାମଳକୁ ବିବାହ କରି ବମ୍ବେ ଚାଲି ଆସିଥିଲା । ସୁଖ ନାମକ ସେଇ ମରୀଚିକା ପଛେ ଧାଇଁ ଧାଇଁ ସେ କ୍ଳାନ୍ତ ହୋଇଗଲା- କିନ୍ତୁ ଯାହା ଚାହିଁଥିଲା ତା' ପାଇଲା ନାହିଁ କାହିଁକି?

ପ୍ରୋଟ୍ରେଟ୍ ଆଙ୍କିବାର ଫାଙ୍କରେ ସୁବର୍ଣ୍ଣା ମୁହଁରେ ଏଇ ବ୍ୟାକୁଳ ଜିଜ୍ଞାସା ଯେତେ ଥର ଉଚ୍ଚାରିତ ହୋଇଛି, ସେତେ ଥର ରଙ୍ଗ ଛାଟି ହୋଇ ଯାଇଛି କାନଭାସ୍ ଉପରେ, ଅସଷ୍ଟ ହୋଇ ଯାଇଛି ସୁବର୍ଣ୍ଣାର ଛବି ।

ତୂଳିକୁ ଦୂରକୁ ଫିଙ୍ଗିଦେଇ ପ୍ରଭାକର ବିଷଣ୍ଣ ଦୃଷ୍ଟିରେ ସୁବର୍ଣ୍ଣାକୁ ଚାହି କହିଛି-ନା, ଏ ଛବି ମୁଁ କୌଣସି ଦିନ ଆଙ୍କି ଶେଷ କରି ପାରିବି ନାହିଁ । ଆଙ୍କିବା ପାଇଁ ତମକୁ ଯେତେ ନିରୀକ୍ଷଣ କରି ଚାହୁଁଛି, ତମେ ସେତେ ଅଚିହ୍ନା ଅଚିହ୍ନା ମନେ ହେଉଛ । ତମ ସହିତ କେବେ ମୋର ଦେଖା ହୋଇଥିଲା ସୁବର୍ଣ୍ଣା! ଶାନ୍ତିନିକେତନର ଛାୟା-ନିବିଡ଼ ଆମ୍ରକୁଞ୍ଜରେ ଅଥବା ଦୀଘାର ବାଲୁକା ବେଳାରେ....କିଛି ମନେ

Digitized by srujanika@gmail.com

ନାହିଁ। ସୁବର୍ଣ୍ଣା ଦୁଃଖିନୀ ନୁହେଁ; ତାର କୌଣସି ଅଭାବ ନାହିଁ। ଶ୍ୟାମଳ ଭଳି ସୁଦର୍ଶନ ସମର୍ଥ ସ୍ୱାମୀ। ଡକ୍ଟର ଶେଖର, ମାଲହୋତ୍ରାଙ୍କ ଭଳି ଓ ରୂପର ଅନ୍ଧସ୍ତାବକ, ଗାଡ଼ି, ଘର, ବ୍ୟାଙ୍କ-ବାଲାନ୍ସ, ଜୀବନକୁ ଉପଭୋଗ କରିବା ପାଇଁ ଅବାଧ ସ୍ୱାଧୀନତା-ଏସବୁ ତାର ଶାଢ଼ୀ କାନିର ଚାବିନେନ୍ଥା ଭଳି ଝୁଲୁଛି। ସୁଖର ଅରଣ୍ୟରେ ସେ କେବଳ ବାଟ ହଜାଇ ବସିଛି। ସେ କଅଣ ଚାହେଁ; ସେ ଠିକ୍ ତାହା ଜାଣିପାରୁ ନାହିଁ। ସେଥିପାଇଁ ସୁଖ ନାମକ ଶୁକପକ୍ଷୀ ପିଞ୍ଜରାବଦ୍ଧ ନ ହୋଇ ଦୂରରୁ ଦୂରକୁ ଉଡ଼ି ଯାଉଛି।

ଯେଉଁଦିନ ପ୍ରୋଟ୍ରେଟ୍‌ରେ ତାର ଭ୍ରୂଲତା ଆଙ୍କିସାରି ପ୍ରଭାକର ତା' ମୁହଁକୁ ଚାହିଁ ହସିଥିଲା, ସୁବର୍ଣ୍ଣା ତାକୁ ଚମକେଇ ଦେଇ ପ୍ରଶ୍ନ କରିଥିଲା-

-ଆଚ୍ଛା, ତମେ ଆଜିଯାଏ କାହିଁକି ବାହା ହୋଇ ନାହଁ? ମୋ ପାଇଁ-ନା ଅନ୍ୟ କୌଣସି ନାରୀ ଲାଗି ଅପେକ୍ଷା କରିଛ?

ତାକୁ ବାକ୍ୟ ଶେଷ କରିବାକୁ ନଦେଇ ପ୍ରଭାକର ଓଲଟା ପ୍ରଶ୍ନ କରିଥିଲା-

-ବାହାଘରର ଏତେ ବର୍ଷ ପରେ ତମର ସନ୍ତାନ ସନ୍ତତି ହୋଇ ନାହାନ୍ତି କାହିଁକି? ଶରୀରର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବା ଭୟରେ ନା-

ତା'ପରେ ଦୁହେଁ ହସି ଉଠିଥିଲେ। ଏଡ଼ାଇ ଯାଇଥିଲେ ପରସ୍ପରର ପ୍ରଶ୍ନ। ରୂକ୍ଷ, ନିଷ୍ଠୁର ବାସ୍ତବତାର ସାମ୍ନା କରିବା ପାଇଁ ସେମାନଙ୍କର ସାହସ ନ ଥିଲା ଅଥବା ଜାଣି ଶୁଣି ଦୁହିଁଙ୍କ ମନରେ ନିଜ ନିଜ ସମ୍ପର୍କରେ ସେମାନେ କିଛି କିଛି କୌତୂହଳ ଜୀଏଇଁ ରଖିବାକୁ ଚାହୁଁଥିଲେ।

ହୁଏତ ପ୍ରଭାକର ଅନେକ ଦାମ୍ପତ୍ୟ ଜୀବନର ଚିତ୍ରନାଟ୍ୟ ଦେଖି ଦେଖି ସେଭଳି ଏକ ଜୀବନ ପାଇଁ ଆକର୍ଷଣ ହରାଇ ବସିଥିଲା ଅଥବା ସୁବର୍ଣ୍ଣା ସନ୍ତାନର ଜନନୀ ହେବା ପାଇଁ ନିଜ ଭିତରେ ଯେଉଁ ଆତ୍ମବିଶ୍ୱାସ ଦରକାର-ନିଜ ଭିତରେ ଖୋଜି ପାଇ ନ ଥିଲା।

ଆଉ ଦିନେ ଅସଂପୂର୍ଣ୍ଣ ପ୍ରୋଟ୍ରେଟ୍‌କୁ ସଂପୂର୍ଣ୍ଣ କରିବା ପାଇଁ ଆସି ପ୍ରଭାକର ଦେଖିଲା, ସୁବର୍ଣ୍ଣାର ଦ୍ୱାର ଖୋଲା ଅଛି; କିନ୍ତୁ ଭିତରେ ଆଲୁଅ ଜଳୁ ନାହିଁ।

ସେ ସୁବର୍ଣ୍ଣାର ନାମ ଧରି ଡାକିଲା!

ସୁବର୍ଣ୍ଣା କହିଲା-ଭିତରକୁ ଆସ।

-ଆଲୁଅ ଜାଳି ନାହିଁ ଯେ! ଘରଭର୍ତ୍ତି ଅନ୍ଧକାର।

-ଆଲୋକରେ ସବୁ ଦେଖାଯାଏ। ଅନ୍ଧକାରରେ କ'ଣ ଦେଖାଯାଏ କି ନାହିଁ, ତାହା ଦେଖିବା ପାଇଁ ଅପେକ୍ଷା କରିଛି। ଭୟ କର ନାହିଁ-ଭିତରକୁ ଆସ।

ରହସ୍ୟମୟ ଅନ୍ଧକାର ଭିତରକୁ ଠେଲି ହୋଇଗଲା ପ୍ରଭାକର। ପ୍ରତିଦିନ ଯେଉଁ ଚେୟାର ଉପରେ ବସେ, ସେ ଚେୟାର ଉପରେ ଅନ୍ଧକାରରେ ବସିପଡ଼ି ନିଃଶ୍ୱାସ ନେଲା।

Digitized by srujanika@gmail.com

-ଆଜି ଶ୍ୟାମଳର ଚିଠି ପାଇଛି। ସେ ଆସନ୍ତା ୨୮ ତାରିଖରେ ଫେରି ଆସୁଛି।

ଖୁସିରେ ସଶବ୍ଦରେ ହସିଲା ପ୍ରଭାକର।

କହିଲା-ଭଲ ହେଲା। ସ୍ୱାମୀଜୀଙ୍କ ଦର୍ଶନ କରି ମୁଁ ଓଡ଼ିଶା ଫେରିଯିବି।

କିଛି ଉତ୍ତର ଦେଲା ନାହିଁ ସୁବର୍ଣ୍ଣା।

ପ୍ରଭାକର କହିଲା-ସୁଇଚ ଟିପି ଆଲୁଅ ଜାଳିବି ?

-ଆଲୁଅ ଜଳିବ, ଗୋଟିଏ ସର୍ତ୍ତରେ। ମୋର ଗୋଟିଏ କଥା ରଖିବ ?

-କ'ଣ ?

-ଶ୍ୟାମଳ ଏଠାରେ ପହଞ୍ଚିବା ଆଗରୁ ତମେ ମତେ ନେଇ ମହାବଳି ପୁରମ୍ ଚାଲି ଯାଇ ପାରିବ ?

କୋଠରୀ ଭିତରର ଅନ୍ଧକାର ଟହଲିଗଲା ଭଳି ପ୍ରଭାକରର ମନେ ହେଲା।

-ତମେ କ'ଣ ଚାହଁ ମୁଁ ବୁଝି ପାରୁନି।

-ଶ୍ୟାମଳ ସହି ଏକତ୍ର ରହିବାରେ ମୋର ଆଉ କୌଣସି ଆକର୍ଷଣ ନାହିଁ। ସେ ଫେରୁ ଆସୁଛି ବୋଲି ମୋ ଭିତରେ କୌଣସି ଉତ୍ସାହ କିମ୍ବା ଉତ୍ତେଜନା ନାହିଁ। ତମ ସହିତ ଚାଲି ଯାଇଛି ବୋଲି ଜାଣିଲେ ସେ ଖୁବ୍ ଦୁଃଖିତ କିମ୍ବା ଅପମାନିତ ବୋଧ କରିବ ନାହିଁ।

-ତମ ଦୁଇଜଣ ଭିତରେ କଣ କିଛି ଝଗଡ଼ା କିମ୍ବା ସନ୍ଦେହ, ଅବିଶ୍ୱାସ-

-କିଛି ନାହିଁ। ବମ୍ବେରେ ବାସ କରୁଥିବା ଲକ୍ଷ ଲକ୍ଷ ଦମ୍ପତିଙ୍କ ଭଳି ଆମର ଆକର୍ଷଣହୀନ ସୁଖୀ ଦାମ୍ପତ୍ୟ ଜୀବନ, କିଛି ଝଗଡ଼ା ନାହିଁ। ମତଭେଦ ନାହିଁ, ସେ ଅନ୍ୟ ନାରୀ ପ୍ରତି ଆସକ୍ତ ନୁହେଁ କିମ୍ବା ମୋର କୌଣସି ଆପେଯାର ନାହିଁ, କିନ୍ତୁ ତାର ମୋ ଠାରୁ ଅଧିକ କିଛି ପାଇବାର ନାହିଁ; ମତେ କିଛି ଅଧିକ ଦେବାର ନାହିଁ।

-ମୋ ସହିତ ଚାଲିଗଲେ ତମେ ଅଧିକ କଣ ପାଇବ ?

-ତା ମଧ ଠିକ୍ ଜାଣେ ନାହିଁ, କିନ୍ତୁ ଅର୍ଥପୂର୍ଣ୍ଣ ଭାବରେ ବଞ୍ଚିବାକୁ ହେଲେ ମତେ କିଛି ରିସ୍କ ନେବାକୁ ହେବ। ମୁଁ ଯଦି ତମକୁ ସୁଖୀ କରି ନ ପାରେ, ତମେ ମତେ ଫେରାଇଦେବ। ମୁଁ ପୁଣି ଚର୍ଚ୍ଚଗେଟ୍‌ରେ ଏ ଫ୍ଲାଟ୍‌କୁ ଫେରି ଆସିବି। ଆଉ ମୁଁ ଜାଣେ, ଶ୍ୟାମଳ ଖୁବ୍ ଉଦାର ହୃଦୟର ଲୋକ। ସେ ମତେ ତଡ଼ି ଦେବ ନାହିଁ-

-ସୁବର୍ଣ୍ଣା, ଜୀବନଟା ଗୋଟାଏ ଖେଳଘର ନୁହେଁ। ଏସବୁ ଝୁଙ୍କି-

-ମତେ ଉପଦେଶ ଦିଅନା। ହଁ, କି ନାହିଁ କୁହ।

ସୁବର୍ଣ୍ଣାର କଣ୍ଠସ୍ୱରରେ ଏକ ଆଶ୍ଚର୍ଯ୍ୟ ଦୃଢ଼ତା। ଭୟ ପାଇଗଲା ପ୍ରଭାକର।

ତାର ଭୟ ହେଲା, ସେ ନାହିଁ କରିଦେଲେ ସେ ହୁଏତ ତାକୁ ଖୁନ୍

Digitized by srujanika@gmail.com

କରିଦେବ କିମ୍ବା ନିଜେ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇଦେବ। ସ୍ୱାମୀକୁ ଛାଡ଼ି ପଳାଇଯିବା ପାଇଁ ସେ ମନେ ମନେ ସଂକଳ୍ପ କରି ବସି ରହିଛି।

ଧୀରେ ଧୀରେ ଉଠି ସୁଇଚ୍ ଟିପିବା ପାଇଁ ହାତ ବଢ଼ାଇଲା ବେଳେ ତାର ଆଙ୍ଗୁଠି ସବୁ ଥରୁଥିଲା। ଆଗ୍ରହ ଆଉ ଉତ୍ତେଜନାରେ। ଆମ୍ବ ବଉଳର ବାସ୍ନା ଭାସି ଆସୁଥିଲା ସୁବର୍ଣ୍ଣାର ଦେହରୁ, ତାର ଛାତି ଭିତରେ ଛୋଟ ମାପର ଏକ ଭୂକମ୍ପନ ଅନୁଭୂତ ହେଉଥିଲା।

ସୁଇଚ୍ ଟିପିଦେବା ମାତ୍ରେ ସୁବର୍ଣ୍ଣା ମୁହଁରେ ବିଛୁ ହୋଇ ପଡ଼ିଲା ଆଞ୍ଜୁଳା ଆଞ୍ଜୁଳା ସୁନେଲି ଆଲୋକ।

କେଉଁ ରୂପକଥାର ରାଜକନ୍ୟା ଭଳି ବଡ଼ କୋମଳ ଆଉ କାରୁକାର୍ଯ୍ୟମୟ ଦେଖା ଯାଉଥିଲା ତାର ମୁହଁ, ଦେହ ଓ ଅବଶିଷ୍ଟ ଯୌବନ।

ସେଦିନ ସନ୍ଧ୍ୟାବେଳେ ମାଡ୍ରାସ ପର୍ଯ୍ୟନ୍ତ ଦୁଇଟା ପ୍ଳେନ୍ ଟିକେଟ ଆଉ ମହାବଳିପୁରମ୍ ସିଲଭର ସାଣ୍ଡ୍ ହୋଟେଲରେ ଶୀତତାପ ନିୟନ୍ତ୍ରିତ କଟେଜ୍‌ର ରିଜର୍ଭେସନ ରସିଦ୍ ଆଣି ଦେଇ ଯାଇଥିଲା ସୁବର୍ଣ୍ଣା।

କହିଯାଇଥିଲା-ସକାଳୁ ପ୍ରସ୍ତୁତ ହୋଇ ରହିଥିବ। ସକାଳ ୯ଟାରେ ଫ୍ଲାଇଟ୍। ମୁଁ ମୋ ଚାକରାଣୀକୁ ଫ୍ଲାଟ୍‌ରେ ଚାବି ଆଉ ଶ୍ୟାମଳଙ୍କୁ ଗୋଟାଏ ଚିଠି ଲେଖିଦେଇ ସିଧା ହୋଟେଲକୁ ଆସିବି। ଏଠାରୁ ସାନ୍ତାକ୍ରୁଜ୍ ଏରୋଡ୍ରମ-।

ରାତିରେ ପ୍ରଭାକରକୁ ନିଦ ହୋଇ ନଥିଲା। ଜିନିଷ ପତ୍ର ପ୍ୟାକ୍ କଲାବେଳେ, ପ୍ଳେନ୍ ଟିକେଟ ଦୁଇଟା ସଯତ୍ନରେ ଆଟାଚି ଭିତରେ ରଖିଲା ସମୟରେ ସେ ଆନନ୍ଦ ଓ ଉତ୍ତେଜନାରେ ଗୋଟିସୁଦ୍ଧା ଥରୁଥିଲା।

ସକାଳୁ ପ୍ଳେନରେ ମାଡ୍ରାସ୍। ତାପରେ ଟାକ୍ସିରେ ମହାବଳିପୁରମ୍। ହୋଟେଲର ବନ୍ଦ କୋଠରୀରେ ଅନେକ ଦିନୁ ଏକ ଅଧାଦେଖା ସ୍ୱପ୍ନକୁ ଜୀବନ୍ତ କରି ଶୋଇବାର ବାସ୍ତବତା..।

ପାହାନ୍ତା ପହରକୁ ବୋଧହୁଏ ତାର ଆଖିପତା ଲାଗି ଯାଇଥିଲା।

ହଠାତ୍ ସେ ବୁଢ଼ା ଭଗବାନ ତା କାନ ଧରି ପଚାରିଲେ - ତତେ ମୁଁ ମଣିଷ ଜନ୍ମ ଦେଇ ପୃଥିବୀକୁ ପଠାଇଥିଲି। ସେଠାରେ ତୁ କି ମହତ୍ କାମ କରି ଆସିଛୁ ?

- ଶ୍ୟାମଳ ରାୟର ସ୍ତ୍ରୀକୁ ନେଇ ମହାବଳିପୁରମ ଶୀତତାପ ନିୟନ୍ତ୍ରିତ ହୋଟେଲ ରୁମରେ ସୁଖରେ ମାତିଥିଲି ସାର୍ !

ଭଗବାନ ହଠାତ୍ ବଟମାସ୍ତ୍ରେ ହୋଇଗଲେ। ତାଙ୍କ ହାତରେ ସେ ନନ୍ଦନନ୍ଦା

Digitized by srujanika@gmail.com

ବେଟଗ ଶାଣିତ ଛୁରୀର ଫଳକ ଭଳି ଝଲସି ଉଠିଲା।

ସେ ଭୟରେ ଚିତ୍‌ ଚିରେଇ ଉଠି ବସିପଡ଼ିଲା।

ସୁବର୍ଣ୍ଣା ତରତର ହୋଇ ରୁମ୍‌ ଭିତରକୁ ପଶି ଆସୁଥିଲା।

ତାକୁ ବିଛଣା ଉପରେ ବସିଥିବାର ଦେଖି ପଚାରିଲା-ଆଠଟା ବାଜିଲାଣି। ତମେ ପ୍ରସ୍ତୁତ ହୋଇ ନାହଁ?

ପ୍ରଭାକର ଲଜାରେ ମୁଣ୍ଡ ତଳକୁ କରି ବାଥ୍‌ରୁମ୍ ଚାଲିଗଲା।

ମୁହଁ ହାତ ଧୋଇ ଆସି କହିଲା-

-ତରତର ହେବାର କଣ ଅଛି? ଆଜି ଅଠେଇଶି ତାରିଖ। ଦିନ ଦୁଇଟାବେଳେ ଶ୍ୟାମଳ ବାବୁଙ୍କ ପ୍ଲେନ୍ ଲାଣ୍ଡ୍ କରିବ। ସାଙ୍ଗ ହୋଇ ଯିବା- ଏରୋଡ୍ରମ।

ଦିନର ଆଲୋକରେ ସୁବର୍ଣ୍ଣା ଅନ୍ଧକାର ଦେଖିଲା। ତାର ମନେ ହେଲା - କୌଣସି ପୁରୁଷ ଅରିଜିନାଲ୍ ନୁହନ୍ତି-ଜଣେ ଅନ୍ୟ ଜଣଙ୍କର ଡୁପ୍ଲିକେଟ୍!

Digitized by srujanika@gmail.com